# ସାମାଜିକ ବିଜ୍ଞାନ

MHIQ96

## ଭାଗ-୧

# ଇତିହାସ ଓ ରାଜନୀତି ବିଜ୍ଞାନ

## ଅଷ୍ଟମ ଶ୍ରେଣୀ

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ,
ଓଡ଼ିଶା, ଭୁବନେଶ୍ୱର

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ,
ଭୁବନେଶ୍ୱର

# ଇତିହାସ ଓ ରାଜନୀତି ବିଜ୍ଞାନ

## ଅଷ୍ଟମ ଶ୍ରେଣୀ

**ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶାଙ୍କ ଦ୍ୱାରା ଅଷ୍ଟମ ଶ୍ରେଣୀ ନିମନ୍ତେ ଅନୁମୋଦିତ**


**ପ୍ରଥମ ସଂସ୍କରଣର ପ୍ରସ୍ତୁତି (୨୦୧୧)**

**ମାଧ୍ୟମିକ ଶିକ୍ଷା ପରିଷଦ, କଟକ, ଓଡ଼ିଶା**



**ଲେଖକ ଓ ସମୀକ୍ଷକ ମଣ୍ଡଳୀ :**

ପ୍ରଫେସର ଡ. ଅଶୋକ ନାଥ ପରିଡ଼ା (ସମୀକ୍ଷକ)

ମେଜର ଡ. ବ୍ରଜେନ୍ଦ୍ର ନାରାୟଣ ପଟ୍ଟନାୟକ (ସ୍ୱତନ୍ତ୍ର ସମୀକ୍ଷକ)

ପ୍ରଫେସର ବୈଷ୍ଣବ ଚରଣ ଦାସ (ସହ-ସମୀକ୍ଷକ)

ଡ. ଭଗବାନ କର

ଶ୍ରୀ ପ୍ରଫୁଲ୍ଲ କୁମାର ଜେନା

ଶ୍ରୀ ଦୈତାରୀ ସାହୁ

**ସମୀକ୍ଷକ ମଣ୍ଡଳୀ :**

**ଇତିହାସ :** ଡ. କାର୍ତ୍ତିକ ଚନ୍ଦ୍ର ରାଉତ

ଶ୍ରୀ ସତ୍ୟଜିତ ମହାପାତ୍ର

**ରାଜନୀତି ବିଜ୍ଞାନ :** ପ୍ରଫେସର ବୈଷ୍ଣବ ଚରଣ ଦାସ

ଶ୍ରୀମତୀ କାନନ ଲକ୍ଷ୍ମୀ ପଟ୍ଟନାୟକ

**ସଂଯୋଜନା**

ଡ. ତିଳୋତ୍ତମା ସେନାପତି, **ଡ. ସବିତା ସାହୁ**



ପ୍ରକାଶକ :

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

**ମୁଦ୍ରଣ ବର୍ଷ : ୨୦୧୬, ୨୦୧୯**

**ପ୍ରସ୍ତୁତି :**

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

ଓ

ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର

**ମୁଦ୍ରଣ :** ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଓଡ଼ିଶା, ଭୁବନେଶ୍ୱର

# ମୁଖବନ୍ଧ

# ପ୍ରଥମ ସଂସ୍କରଣ

ମନୁଷ୍ୟ ଏକ ସାମାଜିକ ପ୍ରାଣୀ । ସମାଜରେ ତାର ଜନ୍ମ, ବିକାଶ ଓ ବିଲୟ । ସେହି ସମାଜ ବିଷୟରେ ବିଶେଷ ଜ୍ଞାନକୁ **"ସାମାଜିକ ବିଜ୍ଞାନ"** କୁହାଯାଏ । ଅଷ୍ଟମ ଶ୍ରେଣୀ ନିମନ୍ତେ ଉଦ୍ଦିଷ୍ଟ ଏହି **"ସାମାଜିକ ବିଜ୍ଞାନ"** ଇତିହାସ ଓ ରାଜନୀତି ବିଜ୍ଞାନ ଏବଂ ଭୂଗୋଳର ଏକ ସଂଯୁକ୍ତ ପାଠ୍ୟପୁସ୍ତକ । ଏହା ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ନୂଆଦିଲ୍ଲୀ ତଥା ଆମ ରାଜ୍ୟ **SCF-2007** ନମୁନା ପାଠ୍ୟ ଖସଡ଼ା ଉପରେ ଆଧାରିତ ।

**"ଇତିହାସ"** ଶିକ୍ଷାର ମୌଳିକ ଉଦ୍ଦେଶ୍ୟ ହେଲା ଶିକ୍ଷାର୍ଥୀଙ୍କୁ ତା'ର ଆଞ୍ଚଳିକ ସ୍ଥିତିରୁ ଆରମ୍ଭ କରି ପୃଥିବୀ ପର୍ଯ୍ୟନ୍ତ ଅତୀତରୁ ବର୍ତ୍ତମାନ ପର୍ଯ୍ୟନ୍ତ ସଂସ୍କୃତି, ସଭ୍ୟତା, ପରମ୍ପରା, ଶାସନ ଆଦି ପ୍ରତ୍ୟେକ କ୍ଷେତ୍ରର କ୍ରମବିକାଶ ଉପରେ ଧାରଣା ଦେବା । ସେହିପରି ଭାବରେ **"ରାଜନୀତି ବିଜ୍ଞାନ"**ରେ ଶିକ୍ଷାର୍ଥୀ ତା'ର ନିଜ ସମାଜ, ସ୍ଥିତି, ଶାସନ, ଶୃଙ୍ଖଳା, ନ୍ୟାୟ, କର୍ତ୍ତବ୍ୟ ଓ ଅଧିକାର ବିଷୟରେ ଜାଣେ । ଏ ସମସ୍ତ ଉଦ୍ଦେଶ୍ୟକୁ ଦୃଷ୍ଟିରେ ରଖି ଏହି ପାଠ୍ୟପୁସ୍ତକଟି ପୂର୍ବାପେକ୍ଷା ଏକ ଅଭିନବ ରୂପରେ ରୂପାୟିତ ହୋଇଛି। ଏଥିରେ ପ୍ରଥମ କରି **'ତୁମ ପାଇଁ କାମ'** ଓ **'ଜାଣିବା କଥା'**ର ପ୍ରଚଳନର ପ୍ରୟାସ କରାଯାଇଛି । ଜଣେ **ଶିକ୍ଷାର୍ଥୀ** ମନଯୋଗ ଦେଇ ପାଠ୍ୟପୁସ୍ତକଟିର ସମସ୍ତ ବିଭାଗ ଅଧ୍ୟୟନ କଲେ ନିଶ୍ଚୟ **ସାମାଜିକ ବିଜ୍ଞାନ** ବିଶେଷତଃ ଇତିହାସ ଓ ରାଜନୀତି ବିଜ୍ଞାନର ବାସ୍ତବ ମୂଲ୍ୟବୋଧ ଉପଲବ୍ଧ କରିବ ବୋଲି ଆଶା ଓ ବିଶ୍ୱାସ ।

ପୁସ୍ତକଟିର ପାଣ୍ଡୁଲିପି ରାଜ୍ୟର କୋଣାନୁକୋଣରୁ ଆମନ୍ତ୍ରିତ ଅଭିଜ୍ଞ ବିଷୟ ଶିକ୍ଷକ-ଶିକ୍ଷିକାଙ୍କ ଉଦ୍ଦେଶ୍ୟରେ ଆୟୋଜିତ ଏକ କର୍ମଶାଳାରେ **ନିରୀକ୍ଷିତ, ଆଲୋଚିତ ଓ ସମୀକ୍ଷିତ** ହୋଇ ସେମାନଙ୍କର **ବିଜ୍ଞ ପ୍ରସ୍ତାବ** ଯଥା ସମ୍ଭବ ଗ୍ରହଣ କରାଯାଇଛି । ପରିଶେଷରେ ଏହି **ଶ୍ରମ ସାପେକ୍ଷ** ସଂପାଦନାରେ ସଂପୃକ୍ତ ଶିକ୍ଷକ-ଶିକ୍ଷିକା, କର୍ମଚାରୀ, ଅଧିକାରୀ, ଲେଖକ ମଣ୍ଡଳୀ, ସମୀକ୍ଷକ, ସଂଯୋଜକ ଓ ମୁଦ୍ରାକରଙ୍କୁ ପରିଷଦ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରୁଛି । ତ୍ରୁଟି ରହିତ ସମ୍ପାଦନା ପାଇଁ ଅଦମ୍ୟ ଉଦ୍ୟମ କରାଯାଇଥିଲେ ମଧ୍ୟ ତ୍ରୁଟି-ବିଚ୍ୟୁତିର ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରେ ନାହିଁ । ଆଶା ଓ ବିଶ୍ୱାସ, **ଅନିଚ୍ଛାକୃତ ତ୍ରୁଟି-ବିଚ୍ୟୁତି** କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆଣିବାରେ ସହଯୋଗ କଲେ ତାହା ପରବର୍ତ୍ତୀ ସଂସ୍କରଣରେ ସଂଶୋଧିତ ହେବ ।

**ସଭାପତି, ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା**

# ମୁଖବନ୍ଧ
## ପରିବର୍ତ୍ତିତ ସଂସ୍କରଣ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା  ସରକାରଙ୍କର ନିର୍ଦ୍ଦେଶରେ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ମୂଳ ସାମାଜିକ ବିଜ୍ଞାନ ପୁସ୍ତକର ଏକ ନୂତନ ପରିବର୍ତ୍ତିତ ସଂସ୍କରଣ ପ୍ରସ୍ତୁତ କରିଛନ୍ତି । ଆବଶ୍ୟକ ସ୍ଥଳେ ପ୍ରଦତ୍ତ ଭାଷାଗତ, ତଥ୍ୟଗତ ଓ ପ୍ରଶ୍ନଗତ ବିଷୟରେ ସ୍ୱଳ୍ପ ପରିବର୍ତ୍ତନ କରାଯାଇଅଛି । ପୁସ୍ତକଟିକୁ ଅଧିକ ସମୟ ଉପଯୋଗୀ କରିବାପାଇଁ ସମୀକ୍ଷକ ମଣ୍ଡଳୀ ଚେଷ୍ଟା କରିଅଛନ୍ତି । ସ୍ୱଳ୍ପ ସମୟ ମଧ୍ୟରେ ଏହି ପରିବର୍ତ୍ତିତ ସଂସ୍କରଣଟି ପ୍ରସ୍ତୁତ କରାଯାଇଅଛି ।

ତ୍ରୁଟିରହିତ ସମୀକ୍ଷା ନିମନ୍ତେ ଓ ପୁସ୍ତକଟିକୁ ଶିକ୍ଷାର୍ଥୀମାନଙ୍କର ଆବଶ୍ୟକତା ଅନୁଯାୟୀ ଅଧିକ ଆକର୍ଷଣୀୟ କରିବାକୁ ଚେଷ୍ଟା କରାଯାଇଅଛି । ପାଠ୍ୟପୁସ୍ତକଟିର ପରିବର୍ତ୍ତିତ ସଂସ୍କରଣ ଅଧିକ ଉପଯୋଗୀ ହେଲେ ସମୀକ୍ଷକ ମଣ୍ଡଳୀ ଓ ସଂଯୋଜକଙ୍କର ଶ୍ରମ ସାର୍ଥକ ହେବ ।

**ସମୀକ୍ଷକ ମଣ୍ଡଳୀ**

# ଭାରତର ସମ୍ବିଧାନ

**ପ୍ରାକ୍ କଥନ :**

ଆମ୍ଭେ ଭାରତବାସୀ ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମ ନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରୂପେ ଗଠନ କରିବା ପାଇଁ ଦୃଢ଼ ସଂକଳ୍ପ ନେଇ ଓ ଏହାର ନାଗରିକଙ୍କୁ

- ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ ;
- ଚିନ୍ତା, ଅଭିବ୍ୟକ୍ତି, ପ୍ରତ୍ୟୟ, ଧର୍ମୀୟ ବିଶ୍ୱାସ ଏବଂ ଉପାସନାର ସ୍ୱତନ୍ତ୍ରତା ;
- ସ୍ଥିତି ଓ ସୁବିଧା ସୁଯୋଗର ସମାନତାର ସୁରକ୍ଷା ପ୍ରଦାନ କରିବାକୁ ତଥା
- ବ୍ୟକ୍ତି ମର୍ଯ୍ୟାଦା ଏବଂ ରାଷ୍ଟ୍ରର ଐକ୍ୟ ଓ ସଂହତି ନିଶ୍ଚିତ କରି ସେମାନଙ୍କ ମଧ୍ୟରେ ଭ୍ରାତୃଭାବ ଉତ୍ସାହିତ କରିବାକୁ

ଏହି ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ ଆମର ସଂବିଧାନ ପ୍ରଣୟନ ସଭାରେ ଏତଦ୍ୱାରା ଏହି ସଂବିଧାନକୁ ଗ୍ରହଣ ଓ ପ୍ରଣୟନ କରୁଅଛୁ ଏବଂ ଆମ ନିଜକୁ ଅର୍ପଣ କରୁଅଛୁ।

## ଚତୁର୍ଥ ଅଧ୍ୟାୟ (କ)

## ୫୧ (କ) ଧାରା : ମୌଳିକ କର୍ତ୍ତବ୍ୟ

**ଭାରତର ପ୍ରତ୍ୟେକ ନାଗରିକର ନିମ୍ନଲିଖିତ କର୍ତ୍ତବ୍ୟ**

(କ) ସମ୍ବିଧାନ ମାନି ଚଳିବା ଏବଂ ଏହାର ଆଦର୍ଶ ଓ ଅନୁଷ୍ଠାନମାନଙ୍କୁ ଏବଂ ଜାତୀୟ ପତାକା ଓ ଜାତୀୟ ସଙ୍ଗୀତକୁ ସମ୍ମାନ ପ୍ରଦର୍ଶନ କରିବା;

(ଖ) ଯେଉଁ ସବୁ ମହନୀୟ ଆଦର୍ଶ ଆମ ଜାତୀୟ ସ୍ୱାଧୀନତା ସଂଗ୍ରାମକୁ ଅନୁପ୍ରାଣିତ କରିଥିଲା, ତାହାକୁ ସ୍ମରଣ ଓ ଅନୁସରଣ କରିବା;

(ଗ) ଭାରତର ସାର୍ବଭୌମ, ଏକତା ଓ ସଂହତିର ସୁରକ୍ଷା କରିବା;

(ଘ) ଦେଶର ପ୍ରତିରକ୍ଷା କରିବା ଓ ଆବଶ୍ୟକ ସ୍ଥଳେ ଜାତୀୟ ସେବା ପ୍ରଦାନ କରିବା;

(ଙ) ଧର୍ମଗତ, ଭାଷାଗତ ଏବଂ ଆଞ୍ଚଳିକ କିମ୍ବା ଗୋଷ୍ଠୀଗତ ଭିନ୍ନତାକୁ ଅତିକ୍ରମ କରି ଭାରତର ଜନସାଧାରଣଙ୍କ ମଧ୍ୟରେ ଐକ୍ୟ ଓ ଭ୍ରାତୃଭାବ ପ୍ରତିଷ୍ଠା କରିବା ଏବଂ ନାରୀଜାତିର ମର୍ଯ୍ୟାଦାହାନୀସୂଚକ ବ୍ୟବହାର ପରିତ୍ୟାଗ କରିବା;

(ଚ) ଆମର ସଂସ୍କୃତିର ମୂଲ୍ୟବାନ ଐତିହ୍ୟକୁ ସମ୍ମାନ ପ୍ରଦର୍ଶନ ଓ ସଂରକ୍ଷଣ କରିବା;

(ଛ) ଅରଣ୍ୟ, ହ୍ରଦ, ନଦୀ, ବନ୍ୟପ୍ରାଣୀ ସମେତ ପ୍ରାକୃତିକ ପରିବେଶର ସୁରକ୍ଷା ଓ ଉନ୍ନତି କରିବା ଏବଂ ଜୀବଜଗତ ପ୍ରତି ଅନୁକମ୍ପା ପ୍ରଦର୍ଶନ କରିବା;

(ଜ) ବୈଜ୍ଞାନିକ ମନୋଭାବ, ମାନବବାଦ ଏବଂ ଅନୁସନ୍ଧିତ୍ସା ଓ ସଂସ୍କାର ମନୋଭାବ ପୋଷଣ କିରବା;

(ଝ) ସର୍ବସାଧାରଣ ସମ୍ପତ୍ତିର ସୁରକ୍ଷା କରିବା ଓ ହିଂସା ତ୍ୟାଗ କରିବା;

(ଞ) ବ୍ୟକ୍ତିଗତ ଓ ସମଷ୍ଟିଗତ କାର୍ଯ୍ୟାବଳୀର ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷ ସାଧନ କରିବା, ଯାହା ଦ୍ୱାରା ଆମ ଦେଶ ପ୍ରଚେଷ୍ଟା ଓ କୃତିତ୍ୱର ଉଚ୍ଚତର ସୋପାନକୁ ଅବିରତ ଉନ୍ନତି କରିପାରିବ;

(ଟ) ମାତା ବା ପିତା ବା ଅଭିଭାବକ, ତାଙ୍କର ଛଅ ବର୍ଷରୁ ଚଉଦ ବର୍ଷ ବୟସ ମଧ୍ୟରେ ଥିବା ସନ୍ତାନ ବା ପାଳିତଙ୍କୁ ଶିକ୍ଷାଲାଭର ସୁଯୋଗ ଯୋଗାଇ ଦେବା।

# ଭାରତୀୟ ସ୍ଥଳ ସେନା

## ଜୀବନ ଓ ଜୀବିକା ଗଢ଼ିବାରେ ସହଯୋଗୀ

| କ୍ରମିକ ସଂଖ୍ୟା | ପାଠ୍ୟକ୍ରମ | ପାଠ୍ୟକ୍ରମ ନିମନ୍ତେ ଖାଲିଥିବା ସ୍ଥାନ | ଯୋଗ୍ୟତା ମାନଦଣ୍ଡ | | ବୈବାହିକ ସ୍ଥିତି | ଅଗ୍ରଣୀ ସମ୍ବାଦପତ୍ରରେ ବିଜ୍ଞାପନ ଦିଆଯାଏ | ଚାକିରୀ ଚୟନ ପରିଷଦ (ଏସ୍.ଏମ୍.ବି.) ବସିବାର ଆନୁମାନିକ ତାରିଖ | ପ୍ରଶିକ୍ଷଣ ଏକାଡେମୀର ନାମ | ପ୍ରଶିକ୍ଷଣର ସମୟସୀମା |
|---|---|---|---|---|---|---|---|---|---|
| | | | ବୟସସୀମା | ଯେଗ୍ୟତା | | | | | |
| ୧. | ଏନ୍.ଡି.ଏ ଜାତୀୟ ପ୍ରତିରକ୍ଷା ଏକାଡେମୀ | ୩୦୦ ସ୍ଥଳସେନା ୧୯୫ ବାୟୁସେନା ୬୬ ନୌସେନା ୩୯ (ପ୍ରତ୍ୟେକ ବର୍ଷ ଜାନୁୟାରୀ ଏବଂ ଜୁଲାଇ ମାସ) | ୧୬ବର୍ଷ ୬ ମାସରୁ ୧୯ ବର୍ଷ | ୧୦+୨ ଶିକ୍ଷା ବ୍ୟବସ୍ଥାରେ ଦ୍ୱାଦଶ ଶ୍ରେଣୀ କିମ୍ବା ସମତୁଲ୍ୟ କେବଳ ସ୍ଥଳସେବା ନିମନ୍ତେ ଏବଂ ପଦାର୍ଥ ବିଜ୍ଞାନ ଓ ଗଣିତ ବିଷୟ ସହିତ କେବଳ ବାୟୁ ଓ ନୌସେନା ନିମନ୍ତେ | ଅବିବାହିତ | କେନ୍ଦ୍ରୀୟ ଲୋକସେବା ଆୟୋଗଙ୍କ ଦ୍ୱାରା ମାର୍ଚ୍ଚ ଓ ଅକ୍ଟୋବର ମାସରେ ବିଜ୍ଞାପନ ଦିଆଯାଏ | ସେପ୍ଟେମ୍ବର ରୁ ଅକ୍ଟୋବର ମାସ ଜାନୁୟାରୀରୁ ଏପ୍ରିଲ୍ ମାସ | ଜାତୀୟ ପ୍ରତିରକ୍ଷା ଏକାଡେମୀ (ଏନ୍.ଡି.ଏ.) ଖଡ଼ଗ ଭାଁସଲା, ପୁନା | ଜାତୀୟ ପ୍ରତିରକ୍ଷା ଏକାଡେମୀ (ଏନ୍.ଡି.ଏ.)ରେ ୩ବର୍ଷ ଓ ରାଷ୍ଟ୍ରୀୟ ମିଲିଟାରୀ ଏକାଡେମୀ (ଆଇ.ଏମ୍.ଏ)ରେ ୧ ବର୍ଷ |
| ୨. | ୧୦+୨ ସ୍ତରରେ ବୈଷୟିକ ପ୍ରବେଶ ଯୋଜନା | ୮୫ (ପ୍ରତ୍ୟେକ ବର୍ଷ ଜାନୁୟାରୀ ଏବଂ ଜୁଲାଇ ମାସ) | ୧୬ ବର୍ଷ ୬ ମାସରୁ ୧୯ ବର୍ଷ ୬ ମାସ | ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ଗଣିତ ବିଷୟ ରଖି ୧୦+୨ ପାଶ୍ (ହାରାହାରି ୭୦%ରୁ ଅଧିକା ନମ୍ବର ରଖିଥିବା ପ୍ରାର୍ଥୀ ଆବେଦନ କରିବେ) | ଅବିବାହିତ | ଏପ୍ରିଲ୍ ଓ ସେପ୍ଟେମ୍ବର ମାସ | ଅଗଷ୍ଟରୁ ଅକ୍ଟୋବର ଏବଂ ଫେବୃୟାରୀରୁ ଏପ୍ରିଲ୍ ମାସ | ରାଷ୍ଟ୍ରୀୟ ମିଲିଟାରୀ ଏକାଡେମୀ ଡେରାଡୁନ୍ | ୫ବର୍ଷ (ରାଷ୍ଟ୍ରୀୟ ମିଲିଟାରୀ ଏକାଡେମୀରେ ୧ବର୍ଷ ଏବଂ ଇଞ୍ଜିନିୟରିଂ ସ୍ନାତକରେ ୪ ବର୍ଷ, ୪ବର୍ଷ ପରେ ସ୍ଥାୟୀ କମିଶନ୍) |
| ୩. | ଆଇ.ଏମ୍.ଏ. (ଡି.ଇ) ରାଷ୍ଟ୍ରୀୟ ମିଲିଟାରୀ ଏକାଡେମୀ (ଶିକ୍ଷାଦାନ) | ୨୫୦ (ପ୍ରତ୍ୟେକ ବର୍ଷ ଜାନୁୟାରୀ ଏବଂ ଜୁଲାଇ ମାସ) | ୧୯ ବର୍ଷରୁ ୨୪ ବର୍ଷ | ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ସ୍ନାତକ ପାଶ୍ | ଅବିବାହିତ | ମାର୍ଚ୍ଚ/ଏପ୍ରିଲ୍ ଓ ସେପ୍ଟେମ୍ବର / ଅକ୍ଟୋବର ମାସ | ସେପ୍ଟେମ୍ବର / ଅକ୍ଟୋବର ଏବଂ ମାର୍ଚ୍ଚ / ଏପ୍ରିଲ୍ ମାସ | ରାଷ୍ଟ୍ରୀୟ ମିଲିଟାରୀ ଏକାଡେମୀ, ଡେରାଡୁନ୍ | ୧ ବର୍ଷ ୬ମାସ |
| ୪. | ଏସ୍.ଏସ୍.ସି (ଏନ୍.ଟି) ସ୍ୱଳ୍ପ ମିଆଦି ସେବା ମିଶନ୍ (ଅଣବୈଷୟିକ ପୁରୁଷ) | ୧୭୫ (ପ୍ରତ୍ୟେକ ବର୍ଷ ଏପ୍ରିଲ୍ ଏବଂ ଅକ୍ଟୋବର) | ୧୯ ବର୍ଷରୁ ୨୫ ବର୍ଷ | ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ସ୍ନାତକ ପାଶ୍ | ଅବିବାହିତ/ ବିବାହିତ | ମାର୍ଚ୍ଚ / ଏପ୍ରିଲ୍ ଓ ସେପ୍ଟେମ୍ବର / ଅକ୍ଟୋବର ମାସ | ଅକ୍ଟୋବର / ନଭେମ୍ବର ଏବଂ ଜୁଲାଇ / ଅଗଷ୍ଟ | (ଓ.ଟି.ଏ., ଚେନ୍ନାଇ) ଅଧିକାରୀ ପ୍ରଶିକ୍ଷଣ ଏକାଡେମୀ, ଚେନ୍ନାଇ | ୪୯ ସପ୍ତାହ |

| | | | | | | | | | |
|---|---|---|---|---|---|---|---|---|---|
| ୫. | ଏସ୍.ଏସ୍.ସି. (ଏନ୍.ଟି.) ସ୍ୱଳ୍ପ ମିଆଦି ସେବା କମିଶନ୍ (ଅଣବୈଷୟିକ (ମହିଳା) (ବିଶେଷଜ୍ଞ ଅଣ ବୈଷୟିକ ସମେତ କେ.ଏ.ଜି. ପ୍ରବେଶ ନିମନ୍ତେ) | ପ୍ରତ୍ୟେକ ବର୍ଷ ଏପ୍ରିଲ୍ ଓ ଅକ୍ଟୋବର ମାସରେ ଯେତୋଟି ସ୍ଥାନ ପାଇଁ ବିଜ୍ଞାପନ ପ୍ରକାଶ ପାଇବ | ସ୍ନାତକ ଉପାଧି ନିମନ୍ତେ ୧୯ ରୁ ୨୫ ବର୍ଷ ଓ ସ୍ନାତକୋତ୍ତର / ବିଶେଷଜ୍ଞ / କେ.ଏ.ଜି. ନିମନ୍ତେ ୨୧ ରୁ ୨୭ ବର୍ଷ | ସ୍ୱୀକୃତି ପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ଡିପ୍ଲୋମା ସମେତ ସ୍ନାତକ/ ସ୍ନାତକୋତ୍ତର/ ଆଇନ ସ୍ନାତକ ପାଶ୍ | ଅବିବାହିତ | ଏପ୍ରିଲ୍ ଓ ଅକ୍ଟୋବର ମାସ | ନଭେମ୍ବରରୁ ଜାନୁୟାରୀ ଏବଂ ମେ' ଜୁଲାଇ | ଅଧିକାରୀ ପ୍ରଶିକ୍ଷଣ ଏକାଡେମୀ (ଓ.ଟି.ଏ) ଚେନ୍ନାଇ | ୪୯ ସପ୍ତାହ |
| ୬. | ଏନ୍.ସି.ସି. (ସମଗ୍ର ଶିକ୍ଷାର୍ଥୀ ବାହିନୀ) (ସ୍ୱତନ୍ତ୍ର) ପୁରୁଷଙ୍କ ପ୍ରବେଶ ନିମନ୍ତେ | ୫୦ ପ୍ରତ୍ୟେକ ବର୍ଷ ଏପ୍ରିଲ୍ ଓ ଅକ୍ଟୋବର ମାସ | ୧୯ରୁ ୨୫ବର୍ଷ | ସ୍ନାତକ ଉପାଧିରେ ହାରାହାରି ୫୦% ନମ୍ବର ରଖି ପାଶ୍ କରିଥିବେ ସମର ଶିକ୍ଷାର୍ଥୀ ବାହିନୀ (ସ୍ଥଳ ବାହିନୀରେ) ୨ ବର୍ଷର ସେବା ସମେତ 'ସି' ସାର୍ଟିଫିକେଟ୍ ପରୀକ୍ଷାରେ 'ବି' ଶ୍ରେଣୀ ପ୍ରାପ୍ତ ହୋଇଥିବେ | ଅବିବାହିତ | ବିଜ୍ଞାପନ ଭାବେ ପ୍ରକାଶ ପାଇବ | ଜାନୁୟାରୀ ଓ ଅଗଷ୍ଟ କେବଳ ମହିଳାଙ୍କ ନିମନ୍ତେ, ନଭେମ୍ବରରୁ ଜାନୁୟାରୀ ଏବଂ ମେ' ରୁ ଜୁଲାଇ ପୁରୁଷଙ୍କ ନିମନ୍ତେ | ଅଧିକାରୀ ପ୍ରଶିକ୍ଷଣ ଏକାଡେମୀ, ଚେନ୍ନାଇ | ୪୯ ସପ୍ତାହ |
| | ଏନ୍.ସି.ସି. (ସମର ଶିକ୍ଷାର୍ଥୀ ବାହିନୀ) (ସ୍ୱତନ୍ତ୍ର) ମହିଳାଙ୍କ ପ୍ରବେଶ ନିମନ୍ତେ | ଯେତୋଟି ସ୍ଥାନ ନିମନ୍ତେ ବିଜ୍ଞାପନ ପ୍ରକାଶ ହେବ | | | | | | | |
| ୭. | କେ. ଏଜି. (ବିଚାରକ ମହା ଅଧିବକ୍ତା) (ପୁରୁଷ) | ଯେତୋଟି ସ୍ଥାନ ନିମନ୍ତେ ଏପ୍ରିଲ୍ / ଅକ୍ଟୋବର ମାସରେ ବିଜ୍ଞାପନ ପ୍ରକାଶ ହେବ | ୨୧ ରୁ ୨୭ବର୍ଷ | ସ୍ନାତକ ସମେତ ହାରାହାରି ୫୫% ନମ୍ବର ରଖି ଆଇନରେ ସ୍ନାତକ/ ସ୍ନାତକୋତ୍ତର, ଭାରତ ବର୍ଷରେ ଯେକୌଣସି ରାଜ୍ୟର ବାର୍ କାଉନ୍‌ସିଲରେ ନିଜ ନାମ ପଞ୍ଜୀକୃତ କରିଥିବେ | ଅବିବାହିତ / ବିବାହିତ | ମେ' | ଜାନୁୟାରୀ ଓ ଅଗଷ୍ଟ | ଅଧିକାରୀ ପ୍ରଶିକ୍ଷଣ ଏକାଡେମୀ, ଚେନ୍ନାଇ | ୪୯ ସପ୍ତାହ |
| ୮. | ଇଉ.ଇ.ଏସ୍. (ଅନୁ ଇଂଜିନିୟରିଂ ସେବା) | ୬୦ ପ୍ରତ୍ୟେକ ବର୍ଷ ଜୁଲାଇ ମାସ | ଶେଷ ବର୍ଷ ନିମନ୍ତେ ୧୯ରୁ୨୫ ବର୍ଷ ପ୍ରାକ୍ ଶେଷ ବର୍ଷ ନିମନ୍ତେ ୧୮ରୁ୨୪ ବର୍ଷ | ଇଂଜିନିୟରିଂ ଡିଗ୍ରୀ ପାଠକ୍ରମର ଶେଷ ବର୍ଷ ବା ପ୍ରାକ୍ ଶେଷ ବର୍ଷ ଛାତ୍ର ହୋଇଥିବେ | ଅବିବାହିତ | ଏପ୍ରିଲ୍ ଓ ଅକ୍ଟୋବର | ଶେଷ ବର୍ଷ ନିମନ୍ତେ ଜାନୁୟାରୀରୁ ମାର୍ଚ୍ଚ ପ୍ରାକ୍ ଶେଷ ବର୍ଷ ନିମନ୍ତେ ଅଗଷ୍ଟରୁ ଅକ୍ଟୋବର ମାସ | ରାଷ୍ଟ୍ରୀୟ ମିଳିଟାରୀ ଏକାଡେମୀ | ଏକ ବର୍ଷ |

| | | | | | | | | | |
|---|---|---|---|---|---|---|---|---|---|
| ୯. | ଟି.କି.ସି. (ଇଂଜିନିୟରିଂ) ତାଲିମ ପ୍ରାପ୍ତ ସ୍ନାତକ ବାହିନୀ (ଇଂଜିନିୟରିଂ) | ପ୍ରତ୍ୟେକ ବର୍ଷ ଜାନୁୟାରୀ ଓ ଜୁଲାଇ ମାସରେ ଯେତୋଟି ସ୍ଥାନ ନିମନ୍ତେ ବିଜ୍ଞାପନ ପ୍ରକାଶ ପାଇବ | ୨୦ରୁ ୨୭ବର୍ଷ | ଇଂଜିନିୟରିଂ ସ୍ରୋତର ପ୍ରକାଶିତ ହୋଇଥିବା ବିଷୟରେ ବି.ଇ./ ବି.ଟେକ୍ (ଇଂଜିନିୟରିଂ/ ବୈଷୟିକ ସ୍ନାତକ) | ଅବିବାହିତ/ ବିବାହିତ | ପୁରୁଷଙ୍କ ନିମନ୍ତେ ଏପ୍ରିଲ୍ ଏବଂ ଅକ୍ଟୋବର ଓ ମହିଳାଙ୍କ ନିମନ୍ତେ ଜୁନ୍-ଜୁଲାଇ, ଡିସେମ୍ବର-ଜାନୁୟାରୀ | ମାର୍ଚ୍ଚ/ଏପ୍ରିଲ୍ ଓ ସେପ୍ଟେମ୍ବର/ ଅକ୍ଟୋବର | ରାଷ୍ଟ୍ରୀୟ ମିଲିଟାରୀ ଏକାଡେମୀ | ଏକ ବର୍ଷ |
| ୧୦. | ଟି.କି.ସି. (ଶିକ୍ଷା) ଏ.ଇ.ସି. ତାଲିମପ୍ରାପ୍ତ ସ୍ନାତକ ବାହିନୀ (ଶିକ୍ଷା) ସ୍ଥଳସେନା ଶିକ୍ଷା ବାହିନୀ | ପ୍ରତ୍ୟେକ ବର୍ଷ ଜାନୁୟାରୀ ଓ ଜୁଲାଇ ମାସରେ ଯେତୋଟି ସ୍ଥାନ ନିମନ୍ତେ ବିଜ୍ଞାପନ ପ୍ରକାଶ ପାଇବ | ୨୩ରୁ ୨୭ବର୍ଷ | ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ବିଜ୍ଞାପିତ ହୋଇଥିବା ବିଷୟରେ କଳା/ ବିଜ୍ଞାନରେ ସ୍ନାତକୋତ୍ତର ପାଶ୍ | ଅବିବାହିତ | ମାର୍ଚ୍ଚ ଓ ଅଗଷ୍ଟ | ମାର୍ଚ୍ଚ/ଏପ୍ରିଲ୍ ଓ ସେପ୍ଟେମ୍ବର/ ଅକ୍ଟୋବର | ରାଷ୍ଟ୍ରୀୟ ମିଲିଟାରୀ ଏକାଡେମୀ | ଏକ ବର୍ଷ |
| ୧୧. | ଏସ୍.ଏସ୍.ସି (ଟି)/ସ୍ୱଳ୍ପ ମିଆଦି ସେବା କମିଶନ୍ (ବୈଷୟିକ) (ପୁରୁଷ) | ୫୦ ପ୍ରତ୍ୟେକ ବର୍ଷ ଏପ୍ରିଲ୍ ଓ ଅକ୍ଟୋବର | ୨୦ରୁ ୨୭ବର୍ଷ | ବିଜ୍ଞାପିତ ହୋଇଥିବା ବିଷୟରେ ଇଞ୍ଜିନିୟରିଂ ଉପାଧି | ଅବିବାହିତ / ବିବାହିତ | ଏପ୍ରିଲ୍ ଓ ଜୁଲାଇ | ଡିସେମ୍ବର-ଜାନୁୟାରୀ ଓ ଜୁନ୍-ଜୁଲାଇ | ଅଧିକାରୀ ପ୍ରଶିକ୍ଷଣ ଏକାଡେମୀ | ୪୯ ସପ୍ତାହ |
| ୧୨. | ଏସ୍.ଏସ୍.ସି. (ଟି)/ସ୍ୱଳ୍ପ ମିଆଦି ସେବା (ବୈଷୟିକ) (ମହିଳା) | ପ୍ରତ୍ୟେକ ବର୍ଷ ଏପ୍ରିଲ୍ ଓ ଅକ୍ଟୋବର ମାସରେ ଯେତୋଟି ସ୍ଥାନ ପାଇଁ ବିଜ୍ଞାପନ ପ୍ରକାଶ ପାଇବ | ୨୦ରୁ ୨୭ବର୍ଷ | ବିଜ୍ଞାପିତ ହୋଇଥିବା ବିଷୟରେ ଇଂଜିନିୟରିଂ ଉପାଧି | ଅବିବାହିତ | ଜାନୁୟାରୀ ଓ ଜୁଲାଇ | ଏପ୍ରିଲ୍ ପାଠ୍ୟକ୍ରମ ପାଇଁ ନଭେମ୍ବରରୁ ଜାନୁୟାରୀ ଓ ଅକ୍ଟୋବର ପାଠ୍ୟକ୍ରମ ପାଇଁ ମଇରୁ ଜୁଲାଇ | ଅଧିକାରୀ ପ୍ରଶିକ୍ଷଣ ଏକାଡେମୀ | ୪୯ ସପ୍ତାହ |

# ଜୀବନ ଓ ଜୀବିକା ଗଢ଼ିବାରେ ସହଯୋଗୀ

| କ୍ରମିକ ସଂଖ୍ୟା | ବର୍ଷ | ଶିକ୍ଷାଗତ ଯୋଗ୍ୟତା | ବୟସ |
|---|---|---|---|
| ୧ | ୨ | ୩ | ୪ |
| ୧. | ସୈନିକ (ସାଧାରଣ କର୍ତ୍ତବ୍ୟ) (ସ୍ଥଳ ସେନାରେ ସମସ୍ତ ବିଭାଗ ନିମନ୍ତେ) | ପ୍ରତ୍ୟେକ ବିଷୟରେ ୩୨% ପ୍ରତିଶତ ଏବଂ ହାରାହାରି ୪୫% ପ୍ରତିଶତ ନମ୍ବର ରଖି ଏସ୍.ଏସ୍. ଏଲ୍.ସି / ମାଟ୍ରିକ ପାଶ୍ ଏବଂ ତଦୂର୍ଦ୍ଧ । | ୧୭ବର୍ଷ ୬ ମାସ ରୁ ୨୧ବର୍ଷ |
| ୨. | ସୈନିକ (ବୈଷୟିକ) (ବୈଷୟିକ ସ୍ଥଳସେନା, ଗୋଲନ୍ଦାଜସେନା) | ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଗଣିତ ଓ ଇଂରାଜୀ ବିଷୟ ରଖି ୧୦+୨ / ଇଣ୍ଟରମିଡିଏଟ୍ ବିଜ୍ଞାନ ଶ୍ରେଣୀ ପାଶ୍ | ୧୭ବର୍ଷ ୬ ମାସ ରୁ ୨୩ବର୍ଷ |
| ୩. | ସୈନିକ କିରାଣୀ / ବୈଷୟିକ ଭଣ୍ଡାର ରକ୍ଷକ (ସ୍ଥଳ ସେନାର ସମସ୍ତ ବିଭାଗ) | ପ୍ରତ୍ୟେକ ବିଷୟରେ ଅନ୍ୟୁନ ୪୦% ପ୍ରତିଶତ ଏବଂ ହାରାହାରି ୫୦% ପ୍ରତିଶତ ନମ୍ବର ରଖି (କଳା, ବାଣିଜ୍ୟ, ବିଜ୍ଞାନ) ଯେ କୌଣସି ସ୍ରୋତର ୧୦+୨ /ଇଣ୍ଟର ମିଡିଏଟ୍ ପରୀକ୍ଷା ପାଶ୍ । ଉକ୍ତ ଯୋଗ୍ୟତା ନିମନ୍ତେ କୌଣସି ନିର୍ଦ୍ଧାରଣ ହେବନାହିଁ । | ୧୭ବର୍ଷ ୬ ମାସ ରୁ ୨୩ବର୍ଷ |
| ୪. | ସୈନିକ, ସେବାକର୍ମ ସହାୟକ (ସ୍ଥଳ ସେନା ଚିକିତ୍ସା ବାହିନୀ) | ପ୍ରତ୍ୟେକ ବିଷୟରେ ଅନ୍ୟୁନ ୪୦% ପ୍ରତିଶତ ଏବଂ ହାରାହାରି ଅନ୍ୟୁନ ୫୦% ପ୍ରତିଶତ ନମ୍ବର ରଖି ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବବିଜ୍ଞାନ ଓ ଇଂରାଜୀ ବିଷୟରେ ୧୦+୨ /ଇଣ୍ଟର ମିଡିଏଟ୍ ପରୀକ୍ଷା ପାଶ୍ । | ୧୭ବର୍ଷ ୬ ମାସ ରୁ ୨୩ବର୍ଷ |
| ୫. | ସୈନିକ କାରିଗର (ସ୍ଥଳ ସେନାର ପ୍ରତ୍ୟେକ ବିଭାଗ) | ଅଣ ମାଟ୍ରିକ୍ୟୁଲେସନ୍ | ୧୭ବର୍ଷ ୬ ମାସ ରୁ ୨୩ବର୍ଷ |
| ୬. | ସୈନିକ (ସାଧାରଣ କର୍ତ୍ତବ୍ୟ) (ସ୍ଥଳସେନାର ପ୍ରତ୍ୟେକ ବିଭାଗ) | ଅଣ ମାଟ୍ରିକ୍ୟୁଲେସନ୍ | ୧୭ବର୍ଷ ୬ ମାସ ରୁ ୨୩ବର୍ଷ |
| ୭. | ସର୍ଭେୟର ଅଟୋ କାର୍ଟିଓଗ୍ରାଫର (ସ୍ୱୟଂ ହ୍ରସ୍ୱ ସନ୍ଦ ଲିଖନ ସର୍ବେକ୍ଷକ) (ଇଞ୍ଜିନିୟରସ୍) | ମାଟ୍ରିକ ଏବଂ ଦ୍ୱାଦଶ (୧୦+୨) ଶ୍ରେଣୀରେ ଗଣିତ ଓ ବିଜ୍ଞାନ ରଖିଥିବା ସହ ସ୍ନାତକ କଳା / ବିଜ୍ଞାନରେ ଗଣିତ ରଖି ପାଶ୍ | ୨୦ବର୍ଷ ରୁ ୨୫ ବର୍ଷ |
| ୮. | କେ.ସି. ଓ (ଧାର୍ମିକ ଶିକ୍ଷକ) / କନିଷ୍ଠ କମିଶନର୍ ଅଧିକାରୀ (ଧାର୍ମିକ ଶିକ୍ଷକ) (ସ୍ଥଳ ସେନାର ସମସ୍ତ ବିଭାଗ) | ଯେ କୌଣସି ସ୍ରୋତରେ ସ୍ନାତକ ସହିତ ନିଜ ଧର୍ମ ସମ୍ପ୍ରଦାୟ ଉପରେ ଯୋଗ୍ୟତା | ୨୭ବର୍ଷ ରୁ ୩୪ ବର୍ଷ |
| ୯. | କେ.ସି. ଓ (କାଟରିଙ୍ଗ) କନିଷ୍ଠ କମିଶନଡ ଅଧିକାରୀ (ଖାଦ୍ୟ ସରବରାହ) (ସ୍ଥଳ ସେନା ସେବା ବାହିନୀ) | ୧୦+୨, ଯେକୌଣସି ସ୍ୱୀକୃତିପ୍ରାପ୍ତ ବିଶ୍ୱ ବିଦ୍ୟାଳୟରୁ ରାନ୍ଧଣାକଳା, ହୋଟେଲ୍ ପରିଚାଳନା ଏବଂ ଖାଦ୍ୟ ସରବରାହ ବାବଦରେ ବୈଷୟକଜ୍ଞାନ ଥିବା ଏକ ବର୍ଷ କିମ୍ବା ତଦୂର୍ଦ୍ଧ ସମୟସୀମାର ପ୍ରମାଣିତ ପାଠ୍ୟକ୍ରମ/ ଡିପ୍ଲୋମା । ଏଆଇସିଟିଇ (ସର୍ବ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ)ର ସ୍ୱୀକୃତି ବାଧ୍ୟତା ମୂଳକ ନୁହେଁ । | ୨୧ବର୍ଷ ରୁ ୨୭ ବର୍ଷ |
| ୧୦. | ହାବିଲ୍ଦାର ଶିକ୍ଷକ | ଜି.ପି.ଏକ୍ସ (ସାଧାରଣ ପଦବୀ-ଏକ୍ସ) - କଳା / ବିଜ୍ଞାନରେ ସ୍ନାତକୋତ୍ତର କିମ୍ବା ଶିକ୍ଷକ ତାଲିମ୍ ପାଠ୍ୟସହ କଳା/ବିଜ୍ଞାନରେ ସ୍ନାତକ ଜି.ପି.- ୱାଇ'' (ସାଧାରଣ ପଦବୀ - ୱାଇ'') ଶିକ୍ଷକ ତାଲିମ୍ ପାଠ୍ୟକ୍ରମ ବ୍ୟତୀତ କଳା/ବିଜ୍ଞାନରେ ସ୍ନାତକ | (ସର୍ବ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ) ୨୦ -୨୫ ବର୍ଷ |

ଟିପ୍ପଣୀ-ଶିକ୍ଷାଦାନ କରିବା ପାଇଁ ସୈନିକ (ସାଧାରଣ କର୍ତ୍ତବ୍ୟ)ରେ ଭରି ହେବା ନିମନ୍ତେ ସରକାରଙ୍କ ଦ୍ୱାରା ଚୟନ କରାଯାଇଥିବା କେତେକ ରାଜ୍ୟ/ ଧର୍ମ/ଜାତି ଓ ସମ୍ପ୍ରଦାୟଙ୍କ ନିମନ୍ତେ କେବଳ ପ୍ରଯୁଜ୍ୟ ।

ସର୍ବଶେଷ ବିରଣ ନିକଟତମ ସ୍ଥଳସେନା ନିଯୁକ୍ତି କାର୍ଯ୍ୟାଳୟ/ଆଞ୍ଚଳିକ ନିଯୁକ୍ତି କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହି ତଥ୍ୟ କେବଳ ସମ୍ୟକ ସୂଚନା ନିମନ୍ତେ ଏବଂ ଏହା ପରିବର୍ତ୍ତନ ସାପେକ୍ଷ) ସର୍ବଶେଷ ବିବରଣ ପାଇଁ ନିଯୁକ୍ତି କରୁଥିବା କର୍ମଚାରୀଙ୍କ ସହ ଯୋଗାଯୋଗ କରନ୍ତୁ । www.joindianaing.nic.in-e.mail : recruitingdirecolorade@vsnl.net ଦେଖନ୍ତୁ ।

# ସୂଚୀପତ୍ର

## ଇତିହାସ


| ଅଧ୍ୟାୟ | ପ୍ରସଙ୍ଗ | ପୃଷ୍ଠା |
|---|---|---|
| ପ୍ରଥମ | **ଭାରତରେ କମ୍ପାନୀ ଶାସନ ପ୍ରତିଷ୍ଠା** | ୧-୧୩ |
| | ◆ ବ୍ରିଟିଶ ଶାସନ ପ୍ରତିଷ୍ଠା ପୂର୍ବରୁ ଭାରତର ରାଜନୈତିକ ଅବସ୍ଥା | |
| | ◆ ବାଣିଜ୍ୟବାଦ ଓ ବ୍ୟବସାୟିକ ସଂଘର୍ଷ | |
| | ◆ ଭାରତୀୟ ଶାସକମାନଙ୍କ ସହିତ ସାମ୍ରାଜ୍ୟ ବିସ୍ତାର ପାଇଁ ସଂଘର୍ଷ | |
| | ◆ ଶାସନ ବ୍ୟବସ୍ଥା | |
| ଦ୍ୱିତୀୟ | **ଭାରତରେ ଇଂରେଜ ଶାସନର ପ୍ରଭାବ** | ୧୪-୨୨ |
| | ◆ **ଶିକ୍ଷା :** ନୂତନ ଶିକ୍ଷା ବ୍ୟବସ୍ଥା (ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ବୈଷୟିକ ଶିକ୍ଷା) ଦେଶୀୟ ବ୍ୟବସ୍ଥାର ପରିବର୍ତ୍ତନ, ଜାତୀୟ ଶିକ୍ଷାର ବିକାଶ | |
| | ◆ **ନାରୀ ଏବଂ ସଂସ୍କାର :** ସତୀପ୍ରଥା, ବିଧବା ବିବାହ, ବାଲ୍ୟ ବିବାହ ଓ ସଂସ୍କାର | |
| | ◆ **ଭାରତୀୟ ନବଜାଗରଣ :** ସାମାଜିକ ଧାର୍ମିକ ସଂସ୍କାର ଆନ୍ଦୋଳନ | |
| ତୃତୀୟ | **ଇଂରେଜ ଶାସନକୁ ପ୍ରତିରୋଧ** | ୨୩-୩୫ |
| | ◆ ଜୟୀ ରାଜଗୁରୁ | |
| | ◆ ଓଡ଼ିଶାରେ ପାଇକ ବିଦ୍ରୋହ (୧୮୧୭) ଓ ବକ୍ସି ଜଗବନ୍ଧୁଙ୍କ ଭୂମିକା | |

◆ ଓଡ଼ିଶାରେ ଆଦିବାସୀ ବିଦ୍ରୋହ -

କନ୍ଧ, ଭୂୟାଁ, କୋହ୍ଲ ଓ ସାନ୍ତାଳ

◆ ୧୮୫୭ର ବିଦ୍ରୋହ - କାରଣ ଓ ଫଳାଫଳ ଏବଂ

ଓଡ଼ିଶାର ଭୂମିକା - ବୀର ସୁରେନ୍ଦ୍ର ସାଏ

| | | |
|---|---|---|
| ଚତୁର୍ଥ | **ବ୍ରିଟିଶ ଆର୍ଥିକନୀତି ଓ ଭାରତରେ ଏହାର ପ୍ରଭାବ** | **୩୬-୪୦** |
| | ◆ କୃଷି ଓ ଶିଳ୍ପ ଉପରେ ପ୍ରଭାବ | |
| | ◆ କୁଟୀର ଶିଳ୍ପର ଅବନ୍ନତି | |
| | ◆ ବିଂଶ ଶତାବ୍ଦୀରେ ଭାରତରେ ଆଧୁନିକ ଶିଳ୍ପର ବିକାଶ | |
| ପଞ୍ଚମ | **ଭାରତରେ ଜାତୀୟତାବାଦୀ ଆନ୍ଦୋଳନ** | **୪୧-୪୮** |
| | ◆ ଭାରତରେ ଜାତୀୟତାବାଦ ବିକାଶର କାରଣ | |
| | ◆ ଭାରତୀୟ ଜାତୀୟ କଂଗ୍ରେସ | |
| | ◆ ବଙ୍ଗ ବିଭାଜନ; ସ୍ୱଦେଶୀ ଆନ୍ଦୋଳନ | |
| ଷଷ୍ଠ | **ଆମେରିକା ଓ ଇଉରୋପରେ ଜାତୀୟତାବାଦୀ ଆନ୍ଦୋଳନ ଓ ବିପ୍ଳବ** | **୪୯-୬୦** |
| | ◆ ଆମେରିକାର ସ୍ୱାଧୀନତା ସଂଗ୍ରାମ | |
| | ◆ ଫରାସୀ ରାଷ୍ଟ୍ର ବିପ୍ଳବ (୧୭୮୯) | |
| | ◆ ଜର୍ମାନୀ ଏକତ୍ରୀକରଣ ଓ ଇଟାଲୀ ଏକତ୍ରୀକରଣ | |


## ରାଜନୀତି ବିଜ୍ଞାନ

| ଅଧ୍ୟାୟ | ପ୍ରସଙ୍ଗ | ପୃଷ୍ଠା |
|---|---|---|
| ପ୍ରଥମ | **କେନ୍ଦ୍ର ସରକାର** | **୬୨-୮୫** |
| | କାର୍ଯ୍ୟପାଳିକା, ବ୍ୟବସ୍ଥାପିକା ଓ ନ୍ୟାୟପାଳିକା - | |
| | ରାଷ୍ଟ୍ରପତି, ଉପ-ରାଷ୍ଟ୍ରପତି, ମନ୍ତ୍ରିପରିଷଦ ଓ ପ୍ରଧାନମନ୍ତ୍ରୀ, | |
| | ଲୋକସଭା, ରାଜ୍ୟସଭା, ସର୍ବୋଚ୍ଚ ନ୍ୟାୟାଳୟ | |

| | | |
|---|---|---|
| ଦ୍ୱିତୀୟ | **ରାଜ୍ୟ ସରକାର** | ୮୬-୧୦୩ |
| | ◆ କାର୍ଯ୍ୟପାଳିକା, ବ୍ୟବସ୍ଥାପିକା ଓ ନ୍ୟାୟପାଳିକା - ରାଜ୍ୟପାଳ, ମନ୍ତ୍ରିପରିଷଦ ଓ ମୁଖ୍ୟମନ୍ତ୍ରୀ, ବିଧାନସଭା ଓ ବିଧାନ ପରିଷଦ, ଉଚ୍ଚ ନ୍ୟାୟାଳୟ ଓ ଅଧସ୍ତନ ନ୍ୟାୟାଳୟ | |
| | ◆ କେନ୍ଦ୍ର-ରାଜ୍ୟ ସମ୍ପର୍କ : ବ୍ୟବସ୍ଥାପିକା, ପ୍ରଶାସନିକ ଓ ଆର୍ଥିକ ସମ୍ପର୍କ | |
| ତୃତୀୟ | **ଜିଲ୍ଲା ପ୍ରଶାସନ** | ୧୦୪-୧୦୯ |
| | ଜିଲ୍ଲାପାଳଙ୍କ ଭୂମିକା, ଜିଲ୍ଲା ଗ୍ରାମୀଣ ଉନ୍ନୟନ ସଂସ୍ଥାର ଭୂମିକା | |
| ଚତୁର୍ଥ | **ଭାରତରେ ରାଜନୈତିକ ଦଳ ଓ ଚାପଦାୟୀ ଗୋଷ୍ଠୀ** | ୧୧୦-୧୧୬ |
| | ଜାତୀୟ ଓ ଆଞ୍ଚଳିକ ରାଜନୈତିକ ଦଳ | |
| | ଚାପଦାୟୀ ଗୋଷ୍ଠୀ : ଅର୍ଥ ଓ ପ୍ରକାର ଭେଦ | |

◆

# ଇତିହାସ

## ପ୍ରଥମ ଅଧ୍ୟାୟ

# ଭାରତରେ କମ୍ପାନୀ ଶାସନ ପ୍ରତିଷ୍ଠା

MHSLAT

**ବ୍ରିଟିଶ ଶାସନ ପ୍ରତିଷ୍ଠା ପୂର୍ବରୁ ଭାରତର ରାଜନୈତିକ ଅବସ୍ଥା :**

ଭାରତବର୍ଷର ରାଜନୈତିକ ଇତିହାସରେ ପରିବର୍ତ୍ତନ ଏକ ଗତାନୁଗତିକ ପ୍ରକ୍ରିୟା । ମଧ୍ୟଯୁଗୀୟ ରାଜନୈତିକ ଦୃଶ୍ୟପଟରେ ମୋଗଲ ସାମ୍ରାଜ୍ୟ ପ୍ରତିଷ୍ଠାତା ଭାବରେ ବାବରଙ୍କର ଆବିର୍ଭାବ ହୋଇଥିଲା । ଏହି ମୋଗଲ ସାମ୍ରାଜ୍ୟ ଔରଙ୍ଗଜେବଙ୍କ ମୃତ୍ୟୁ ପରେ ମଧ ପ୍ରାୟ ଦୀର୍ଘ ଦେଢ଼ଶହ ବର୍ଷ ପର୍ଯ୍ୟନ୍ତ ତିଷ୍ଠି ରହିଥିଲା । ରାଜନୈତିକ ବିପର୍ଯ୍ୟୟ ମଧ୍ୟରେ ପ୍ରତିଷ୍ଠିତ ବିଶାଳ ସାମ୍ରାଜ୍ୟ ଖଣ୍ଡ ବିଖଣ୍ଡିତ ହୋଇଗଲା । ଅଷ୍ଟାଦଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ମୋଗଲ ସାମ୍ରାଜ୍ୟର ପତନ ଓ ବିଭାଜନ ଏବଂ ଦ୍ୱିତୀୟାର୍ଦ୍ଧରେ ପାଶ୍ଚାତ୍ୟ ଶକ୍ତିମାନଙ୍କ ଉତ୍‌ଥାନ ହେଲା । ଏଥି ସହିତ ଭାରତରେ ଆଧୁନିକ ଯୁଗର ଆରମ୍ଭ ହେଲା ।

ମୋଗଲ ସମ୍ରାଟ ଔରଙ୍ଗଜେବଙ୍କ ସମୟରେ ମରହଟ୍ଟା, ଶିଖ୍ ଓ ଜାଠମାନେ ବିଦ୍ରୋହ କରିଥିଲେ । ବିଦ୍ରୋହ ଦମନ ଓ ଶାନ୍ତି ସ୍ଥାପନରେ ଅସଫଳ ହୋଇ ଔରଙ୍ଗଜେବ ଶେଷ ନିଃଶ୍ୱାସ ତ୍ୟାଗକଲେ । ତାଙ୍କର ଉତ୍ତରାଧିକାରୀମାନେ ଅତ୍ୟନ୍ତ ଦୁର୍ବଳ ଓ ଅଯୋଗ୍ୟ ଥିଲେ । ସେମାନେ ଅମୀରମାନଙ୍କ ସହାୟତାରେ ଶାସନ ପରିଚାଳନା କରୁଥିଲେ । ସେମାନଙ୍କ ଦୁର୍ବଳତାର ସୁଯୋଗ ନେଇ ଅମୀର ବା ସମ୍ଭ୍ରାନ୍ତମାନେ ନିଜନିଜର ସ୍ୱାର୍ଥ ସାଧନପାଇଁ ଲାଗିପଡ଼ିଲେ । ଏହି ଅମୀରମାନେ ଦୁରାନୀ, ଇରାନୀ ଓ ହିନ୍ଦୁସ୍ତାନୀ ପ୍ରଭୃତି ଦଳରେ ବିଭକ୍ତ ହୋଇ ମୋଗଲ ଦରବାରକୁ ଦୁର୍ବଳ କରି ରାଜନୈତିକ ଫାଇଦା ହାସଲ କଲେ । ଫଳରେ କେନ୍ଦ୍ରୀୟ ଶାସନ ଦୁର୍ବଳ ହେଲା। ପ୍ରାଦେଶିକ ଶାସନକର୍ତ୍ତାମାନେ ସ୍ୱାଧୀନ ରାଜ୍ୟ ଗଠନ କରିବାକୁ ଆଗଭର ହେଲେ ।

ଦାକ୍ଷିଣାତ୍ୟ ସୁବା ନିଜାମ-ଉଲ-ମୁଲ୍‌କଙ୍କ ଚେଷ୍ଟାରେ ସ୍ୱାଧୀନତା ଲାଭ କରିଥିଲା । ସେ ମୋଗଲ ସୈନ୍ୟବାହିନୀର ଉଚ୍ଚପଦବୀରେ ରହି "କୁଲି ଖାଁ" ଉପାଧି ପାଇଥିଲେ । ମୋଗଲ ଶାସକଙ୍କଦ୍ୱାରା ସେ ଦାକ୍ଷିଣାତ୍ୟର ଗଭର୍ଣ୍ଣର ରୂପେ ନିଯୁକ୍ତି ପାଇଥିଲେ । ପରେ ଦାକ୍ଷିଣାତ୍ୟରେ ନିଜର କର୍ତ୍ତୃତ୍ୱ ବିସ୍ତାର କଲେ । ତାଙ୍କ ଆଚରଣରେ ଅସନ୍ତୁଷ୍ଟ ହୋଇ ମୋଗଲ ସମ୍ରାଟ ହାଇଦ୍ରାବାଦର ଶାସକ ମୁବାରିଜ ଖାଁଙ୍କୁ ଦାକ୍ଷିଣାତ୍ୟ ପଠାଇଲେ । ନିଜାମ-ଉଲ୍-ମୁଲ୍‌କ୍ ମୁବାରିଜ ଖାଁଙ୍କୁ ହତ୍ୟାକରି "ଅସଫ୍ ଜାହ" ଉପାଧି ଗ୍ରହଣ କରି ସ୍ୱାଧୀନ ଭାବରେ ଦାକ୍ଷିଣାତ୍ୟରେ ଶାସନ କଲେ । ତାଙ୍କ ମୃତ୍ୟୁପରେ ଇଉରୋପୀୟ କମ୍ପାନୀଗୁଡ଼ିକ ଏହି ସୁବାରେ ରାଜନୀତିରେ ହସ୍ତକ୍ଷେପ କରିଥିଲେ।

ଅଯୋଧ୍ୟାର ସୁବା ଅଯୋଧ୍ୟା, ବନାରସ (ବାରଣାସୀ), ଆଲ୍ଲାହାବାଦ ଓ କାନପୁରକୁ ନେଇ ଗଠିତ ହୋଇଥିଲା । ସାଦତ୍ ଖାଁ ଏହାର ସୁବାଦାର ଥିଲେ । ତାଙ୍କପରେ ସଫଦରଜଙ୍ଗ ଅଯୋଧ୍ୟାର ଶାସକ ହେଲେ । ପରବର୍ତ୍ତୀ ସମୟରେ ସେ ଦିଲ୍ଲୀର ୱାଜିର (ପ୍ରଧାନମନ୍ତ୍ରୀ) ହୋଇଥିଲେ । ତାଙ୍କପରେ ତାଙ୍କ ପୁତ୍ର ସୁଜାଉଦ୍ଦୌଲା ଅଯୋଧ୍ୟାର ନବାବ ହେଲେ । ଏକ ଶକ୍ତିଶାଳୀ ସୈନ୍ୟବାହିନୀ ଗଠନ କରି ଉତ୍ତର ଭାରତ ରାଜନୀତିରେ ସେ ପ୍ରଭାବ ବିସ୍ତାର କରିଥିଲେ ।

**ତୁମେ ଜାଣିଛ କି ?**

ମୋଗଲ ସମ୍ରାଟମାନେ ଶାସନ କ୍ଷେତ୍ରରେ କେତେକ ପଦବୀ ସୃଷ୍ଟି କରିଥିଲେ । ୱାଜିର ପଦବୀଧାରୀ ବ୍ୟକ୍ତି ପ୍ରଧାନମନ୍ତ୍ରୀ ରୂପେ କାର୍ଯ୍ୟ କରୁଥିଲେ । ଅର୍ଥ ଓ ରାଜସ୍ୱ ବିଭାଗ ତାଙ୍କ ହସ୍ତରେ ଥିଲା । ସମ୍ରାଟଙ୍କ ଅନୁପସ୍ଥିତିରେ ସେ ଶାସନ କାର୍ଯ୍ୟ ପରିଚାଳନା କରୁଥିଲେ । ଅନ୍ୟ ମନ୍ତ୍ରୀମାନଙ୍କୁ ନିଯୁକ୍ତ ଓ ବରଖାସ୍ତ କରିପାରୁଥିଲେ।

ମୋଗଲ ସମ୍ରାଟମାନେ ପ୍ରାଦେଶିକ ଶାସନ ଦାୟିତ୍ୱ ସାଧାରଣତଃ ଦୁଇ ପ୍ରକାର କର୍ମଚାରୀଙ୍କ ଉପରେ ନ୍ୟସ୍ତ କରୁଥିଲେ । ସେମାନେ ଥିଲେ ସୁବାଦାର ଓ ଦେୱାନ । ସୁବାଦାରମାନେ ନିରାପତ୍ତା, ପୋଲିସ ଓ ଫୌଜଦାରୀ ମକଦ୍ଦମା ତଦାରଖ କରୁଥିଲେ । ଦେୱାନମାନେ ରାଜସ୍ୱ ଓ ତତ୍ ସମ୍ପର୍କୀୟ ମକଦ୍ଦମା ପରିଚାଳନା କରୁଥିଲେ ।

ଦିଲ୍ଲୀର ଉତ୍ତରରେ ଲାହୋର ଓ ମୁଲତାନ ମୋଗଲ ଶାସନାଧିନ ଥିଲା। ମୋଗଲ ସାମ୍ରାଜ୍ୟର ଆଭ୍ୟନ୍ତରୀଣ ବିଶୃଙ୍ଖଳାର ସୁଯୋଗ ନେଇ ପାରସ୍ୟର ରାଜା ନାଦିର ଶାହ ୧୭୩୯ ଖ୍ରୀଷ୍ଟାବ୍ଦରେ ଭାରତ ଆକ୍ରମଣ କଲେ । ସେ ଲାହୋର ଅଧିକାର କରି ଦିଲ୍ଲୀ ଅଭିମୁଖେ ଅଗ୍ରସର ହେଲେ । ପାନିପଥଠାରୁ କିଛି ଦୂରରେ କର୍ଣ୍ଣାଲ ଠାରେ ମୋଗଲ ସେନା ତାଙ୍କୁ ପ୍ରତିରୋଧ

କଲେ । ନାଦିରଶାହ ମୋଗଲ ସେନାଙ୍କୁ ପରାସ୍ତକରି ପରାଜିତ ମୋଗଲ ସମ୍ରାଟ ମହମ୍ମଦ ଶାହଙ୍କୁ ନେଇ ଦିଲ୍ଲୀ ନଗରୀରେ ପ୍ରବେଶ କଲେ । ବହୁଦିନ ଦିଲ୍ଲୀ ଅଧିକାର କରି ସେଠାରେ ଲୁଣ୍ଠନ ଓ ନରହତ୍ୟା ଚଳାଇଲେ । ଦିଲ୍ଲୀ ନଗରୀ ଏକ ଶ୍ମଶାନରେ ପରିଣତ ହୋଇଗଲା । ଅବଶେଷରେ ଦିଲ୍ଲୀକୁ ଲୁଣ୍ଠନକରି ଶାହାଜାହାନଙ୍କ ନିର୍ମିତ ମୟୂରସିଂହାସନ ଏବଂ କୋହିନୂର ହୀରା, ହସ୍ତୀ ଓ ଅଶ୍ୱଗୁଡ଼ିକୁ ସଙ୍ଗରେ ନେଇ ପାରସ୍ୟ ଫେରିଗଲେ ।


(ନାଦିର ଶାହ)

**ତୁମେ ଜାଣିଛ କି ?**

ଶାହାଜାହାନ ମୟୂର ସିଂହାସନ ନିର୍ମାଣ କରିଥିଲେ । ହୀରା, ନୀଳା, ମୋତି, ମାଣିକ୍ୟ ଖଚିତ ଏହି ସିଂହାସନଟି ଏକ ଲକ୍ଷ କୋଟିଟଙ୍କା ଖର୍ଚ୍ଚରେ ସାତବର୍ଷ ସମୟରେ ନିର୍ମିତ ହୋଇଥିଲା ।

ରାଜପୁତମାନେ ଆକବରଙ୍କ ସମୟରେ ମୋଗଲ ସମ୍ରାଟମାନଙ୍କୁ ଦୃଢ଼ ସମର୍ଥନ ଦେଇ ଆସୁଥିଲେ। କିନ୍ତୁ ଆଉରଙ୍ଗଜେବଙ୍କ ସଂକୀର୍ଣ୍ଣ ଓ ଧର୍ମବିଦ୍ୱେଷନୀତି ପାଇଁ ରାଜପୁତମାନେ ମୋଗଲମାନଙ୍କର ଶତ୍ରୁ ହୋଇଗଲେ । ଔରଙ୍ଗଜେବଙ୍କ ମୃତ୍ୟୁପରେ ରାଜପୁତମାନେ ମେୱାର (ଉଦୟପୁର), ମାରୱାର (ଯୋଧପୁର) ଓ ଅମ୍ବର (ଜୟପୁର) ନାମକ ସ୍ୱାଧୀନ ରାଜ୍ୟ ଗଠନ କଲେ । ମାରୱାରର ରାଜା ଅଜିତ ସିଂହ ଗୁଜରାଟ ଓ ଆଜମିରର ଶାସନକର୍ତ୍ତା ହେଲେ । ସେ ମଧ୍ୟ ଆଗ୍ରାର ଶାସନ ଦାୟିତ୍ୱ ଗ୍ରହଣ କରିଥିଲେ । ସେ ଦିଲ୍ଲୀ, ଜୟପୁର, ବନାରସ, ମଥୁରା ଓ ଉଜ୍ଜୟିନୀରେ ଜ୍ୟୋତିର୍ବିଜ୍ଞାନ ପର୍ଯ୍ୟବେକ୍ଷଣାଗାର ପ୍ରତିଷ୍ଠା କରିଥିଲେ । ରାଜପୁତମାନେ ମରହଟ୍ଟା ଓ ଜାଠମାନଙ୍କ ସହିତ ସମ୍ପର୍କ ରଖିବାରୁ ଏମାନଙ୍କର ଉତ୍ଥାନ ସମ୍ଭବ ହେଲାନାହିଁ ।

**ତୁମପାଇଁ କାମ :**

ନାଦିରଶାହ କେଉଁ ପଥ ଦେଇ ଦିଲ୍ଲୀ ନଗରୀରେ ପ୍ରବେଶ କଲେ ତାହା ଏକ ରେଖାଙ୍କିତ ମାନଚିତ୍ରରେ ଦେଖାଅ ।

ଗୁରୁଗୋବିନ୍ଦ ସିଂହ ଶିଖମାନଙ୍କୁ ସଙ୍ଗଠିତ କରି ଏକ ଲଢୁଆଗୋଷ୍ଠୀ ଗଠନ କରିଥିଲେ । ତାଙ୍କପରେ ବାନ୍ଦା ବାହାଦୁର ଶିଖ୍‌ମାନଙ୍କ ନେତୃତ୍ୱ ନେଇ ଲାହୋର ଅଧିକାର କରିଥିଲେ । ଶିଖ୍‌ମାନେ ଝେଲମ୍‌ଠାରୁ ସତଲେଜ୍ ନଦୀ ପର୍ଯ୍ୟନ୍ତ ବ୍ୟାପିଥିବା ଭୂଖଣ୍ଡକୁ ନିଜର ଅଧୀନକୁ ଆଣିଥିଲେ, କିନ୍ତୁ କୌଣସି ରାଜ୍ୟ ଗଠନ କରିବାକୁ ସକ୍ଷମ ହୋଇ ନ ଥିଲେ । ଶିଖ୍‌ମାନେ ବାରଗୋଟି ସଂଘରେ ସଂଗଠିତ ହୋଇଥିଲେ । ପ୍ରତ୍ୟେକ ସଂଘକୁ "ମିସ୍‌ଲ" କୁହାଯାଉଥିଲା । ଆଫଗାନୀ ରାଜା ଅହମ୍ମଦଶାହ ଅବ୍‌ଦଲ୍ଲୀ ଏହି ମିସଲ୍‌ଗୁଡ଼ିକୁ ଧ୍ୱଂସ କରିବାକୁ ଚେଷ୍ଟାକରି ବିଫଳ ହୋଇ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗକୁ ମହାରାଜା ରଣଜିତ୍ ସିଂହ ଏହି ମିସଲ୍‌ଗୁଡ଼ିକୁ ଏକତ୍ରିତ କରି ଏକ ଶକ୍ତିଶାଳୀ ରାଜ୍ୟ ଗଠନ କରିଥିଲେ ।

**ତୁମେ ଜାଣିଛ କି ?**

ଶିଖ୍ ସର୍ଦ୍ଦାରମାନେ ଝେଲମ୍‌ଠାରୁ ସତଲେଜ୍ ନଦୀ ପର୍ଯ୍ୟନ୍ତ ବ୍ୟାପିଥିବା ଭୂଖଣ୍ଡକୁ ନିଜର ଅଧିକାରକୁ ଆଣିଥିଲେ ମଧ୍ୟ କୌଣସି ରାଜ୍ୟ ଗଠନ କରି ପାରିନଥିଲେ, କିନ୍ତୁ ଶିଖ୍‌ମାନେ ବାରଗୋଟି ସଂଘରେ ସଂଗଠିତ ହୋଇଥିଲେ । ପ୍ରତ୍ୟେକ ସଂଘକୁ "ମିସ୍‌ଲ" କୁହାଯାଉଥିଲା ।

ଔରଙ୍ଗଜେବଙ୍କ ସମୟରେ ଶିବାଜୀ ମରହଟ୍ଟା ଶକ୍ତିକୁ ଏକତ୍ରିତ କରି ମରହଟ୍ଟା ରାଜ୍ୟ ଗଠନ କରିଥିଲେ । ତାଙ୍କ ପରେ ତାଙ୍କ ପୁତ୍ର ଶମ୍ଭୁଜୀଙ୍କୁ ମୋଗଲମାନେ ହତ୍ୟାକଲେ ଓ ତାଙ୍କ ପୁତ୍ର ଶାହୁଜୀଙ୍କୁ ବନ୍ଦୀ କରି ରଖିଥିଲେ । ଔରଙ୍ଗଜେବଙ୍କ ପରେ ମରହଟ୍ଟାମାନେ ଶକ୍ତିଶାଳୀ ହୋଇ ଶାହୁଜୀଙ୍କୁ କାରାଗାରରୁ ମୁକ୍ତକଲେ ଏବଂ ଶିବାଜୀଙ୍କ ଦ୍ୱିତୀୟ ପୁତ୍ର ରାଜାରାମଙ୍କୁ ରାଜା କରାଇଲେ । ରାଜାରାମ ଓ ଶାହୁଜୀଙ୍କ ମଧ୍ୟରେ ସିଂହାସନ ପାଇଁ ଗୃହଯୁଦ୍ଧ ହେଲା । ପେଶୱା ବାଲାଜୀ ବିଶ୍ୱନାଥଙ୍କ ସାହାଯ୍ୟରେ ଶାହୁଜୀ ସିଂହାସନ ଅଧିକାର କଲେ । ରାଜାରାମଙ୍କ ମୃତ୍ୟୁପରେ ତାଙ୍କ ବିଧବା ପତ୍ନୀ ତାରାବାଈ ନିଜର ନାବାଳକ ପୁତ୍ର ତୃତୀୟ ଶିବାଜୀଙ୍କୁ କୋହ୍ଲାପୁର ସିଂହାସନରେ ବସାଇ ରାଜପ୍ରତିନିଧି ରୂପେ ଶାସନ ଚଳାଇଲେ । ତାଙ୍କ ନେତୃତ୍ୱରେ ମରହଟ୍ଟାବାହିନୀ ସାହସ ଓ ଉତ୍ସାହ ସହ ମୋଗଲବାହିନୀ ବିରୁଦ୍ଧରେ ଯୁଦ୍ଧ କରିଥିଲେ ।

ମରହଟ୍ଟା ରାଜ୍ୟ ଅଧିକାର ପାଇଁ ତାରାବାଈ ଓ ଶାହୁଜୀଙ୍କ ମଧ୍ୟରେ ଗୃହଯୁଦ୍ଧ ଲାଗିଥିଲା । ଶାହୁଜୀ ତାଙ୍କ ବିଶ୍ୱସ୍ତ ପେଶୱା (ପ୍ରଧାନମନ୍ତ୍ରୀ) ବାଲାଜୀ ବିଶ୍ୱନାଥଙ୍କ ସହାୟତାରେ ସିଂହାସନ ଅଧିକାର କଲେ । ଶାହୁଜୀଙ୍କୁ ନାମକୁ ମାତ୍ର ରାଜା କରାଇ

ବାଲାଜୀ ନିଜେ ଶାସନ ଚଳାଇଲେ । ସେହିଦିନ ଠାରୁ ପେଶୱା ପଦ ପୁରୁଷାନୁକ୍ରମିକ ହେଲା । ବାଲାଜୀଙ୍କ ପରେ ପ୍ରଥମ ବାଜିରାଓ ମରହଟ୍ଟା ମାନଙ୍କର ଶାସକ ହେଲେ । ତାଙ୍କ ପରେ ମରହଟ୍ଟା ଶକ୍ତି ଦୁର୍ବଳ ହୋଇପଡ଼ିଲା । ଆଫଗାନର ରାଜା ଅହମ୍ମଦଶାହ ଅବଦଲୀ ମରହଟ୍ଟା ରାଜ୍ୟ ଆକ୍ରମଣ କଲେ । ଶେଷରେ ୧୭୬୧ ଖ୍ରୀଷ୍ଟାବ୍ଦରେ ତୃତୀୟ ପାନିପଥ ଯୁଦ୍ଧରେ ମରହଟ୍ଟାମାନେ ପରାସ୍ତ ହେଲେ । ଫଳରେ ମରହଟ୍ଟା ସାମ୍ରାଜ୍ୟ ଗଠନ ଆଶା କ୍ଷୀଣ ହୋଇଗଲା ।

**ତୁମେ ଜାଣିଛ କି ?**

ମରହଟ୍ଟା ଶାସକ ତାଙ୍କ ରାଜ୍ୟ ଶାସନ ପାଇଁ ନିଯୁକ୍ତ କରୁଥିବା ପ୍ରଧାନମନ୍ତ୍ରୀଙ୍କୁ ପେଶୱା ପଦବୀ ଦିଆଯାଉଥିଲା । ଶାସନକାର୍ଯ୍ୟ ଓ ଜନହିତକର କାର୍ଯ୍ୟ ତାଙ୍କର ଦାୟିତ୍ୱ ଥିଲା । ପ୍ରଜାମାନଙ୍କ ପ୍ରତି ଯେକୌଣସି ନିର୍ଦ୍ଦେଶ ତାଙ୍କ ଦସ୍ତଖତରେ କରାଯାଉଥିଲା ।

**ବାଣିଜ୍ୟବାଦ ଓ ବ୍ୟାବସାୟିକ ସଂଘର୍ଷ–** ପ୍ରାଚୀନଯୁଗରୁ ଭାରତ ସହିତ ୟୁରୋପୀୟ ଦେଶମାନଙ୍କର ବାଣିଜ୍ୟ କାରବାର ସ୍ଥଳପଥ ଓ ଜଳପଥ ମାଧ୍ୟମରେ ଚାଲିଥିଲା । ଆରବୀୟ ବଣିକମାନେ ଭାରତରୁ ଜିନିଷ କିଣିନେଇ ରୋମ୍‌ର ବଣିକମାନଙ୍କୁ ବିକ୍ରି କରୁଥିଲେ । ରୋମୀୟ ବଣିକମାନେ ଚଢ଼ା ଦରରେ ପଶ୍ଚିମ ଇଉରୋପରେ ସେଗୁଡ଼ିକୁ ବିକ୍ରି କରୁଥିଲେ । କନଷ୍ଟାଣ୍ଟିନୋପଲ୍ ଦେଇ ୟୁରୋପ ସହିତ ବାଣିଜ୍ୟ କାରବାର ଚାଲୁଥିଲା । ୧୪୫୩ ଖ୍ରୀଷ୍ଟାବ୍ଦରେ ତୁର୍କୀମାନେ କନଷ୍ଟାଣ୍ଟିନୋପଲ୍ ଅଧିକାର କଲାପରେ ଭାରତ ଓ ୟୁରୋପ ମଧ୍ୟରେ ବାଣିଜ୍ୟ କାରବାର ବାଧାପ୍ରାପ୍ତ ହେଲା । ତେଣୁ ସେମାନେ ଭାରତ ସହିତ ସିଧା ସଳଖ ବାଣିଜ୍ୟ କରିବା ପାଇଁ ଚେଷ୍ଟା ଚଳାଇଲେ । ପର୍ତ୍ତୁଗୀଜମାନେ ପ୍ରଥମେ ଭାରତକୁ ଆସି ୟୁରୋପୀୟମାନଙ୍କ ଉଦ୍ଦେଶ୍ୟ ସଫଳ କରିଥିଲେ ।

**ତୁମେ ଜାଣିଛ କି ?**

କନଷ୍ଟାଣ୍ଟିନୋପଲ୍ (ଆଧୁନିକ ଇସ୍ତାନବୁଲ) ତୁର୍କୀ ରାଜ୍ୟର ପ୍ରାଚୀନ ଶିକ୍ଷା, ସଂସ୍କୃତି ଓ ବାଣିଜ୍ୟସ୍ଥଳୀ ଥିଲା । ମୁସଲମାନ୍‌ମାନଙ୍କଦ୍ୱାରା ପ୍ରତିଷ୍ଠିତ ଅଟୋମାନ ସାମ୍ରାଜ୍ୟର ସୁଲତାନ ଦ୍ୱିତୀୟ ମହମ୍ମଦ ୧୪୫୩ ଖ୍ରୀ.ଅ.ରେ କନଷ୍ଟାଣ୍ଟିନୋପଲ୍ ଅଧିକାର କରିଥିଲେ । ୟୁରୋପରେ ନବଜାଗରଣ ସୃଷ୍ଟି ପାଇଁ କନଷ୍ଟାଣ୍ଟିନୋପଲ୍‌ର ପତନ ବିଶେଷଭାବେ ସହାୟକ ହୋଇଥିଲା ।

**ପର୍ତ୍ତୁଗୀଜ–** ୧୪୯୮ ଖ୍ରୀଷ୍ଟାବ୍ଦରେ ଭାସ୍କୋଡାଗାମା ଉତ୍ତମାଶା ଅନ୍ତରୀପ ପାର ହୋଇ ଭାରତର ପଶ୍ଚିମ ଉପକୂଳସ୍ଥ କାଲିକଟ୍ (କୋଝିକୋଡ଼)ଠାରେ ପହଞ୍ଚିଥିଲେ । ଜାମୋରିନ୍ ଉପାଧିଧାରୀ ଜଣେ ହିନ୍ଦୁ ରାଜା ଏହି ଅଞ୍ଚଳର ଶାସକ ଥିଲେ । ଭାସ୍କୋଡାଗାମା ଜାମୋରିନ୍‌ଙ୍କ ଦରବାରରେ ପହଞ୍ଚି ପର୍ତ୍ତୁଗୀଜମାନଙ୍କୁ ବାଣିଜ୍ୟ କରିବାକୁ ଅନୁମତି ଦେବାପାଇଁ ଅନୁରୋଧ କରିଥିଲେ। ରାଜା ତାଙ୍କ ଅନୁରୋଧ ରକ୍ଷାକରି


(ଭାସ୍କୋଡାଗାମା)

ପର୍ତ୍ତୁଗୀଜମାନଙ୍କୁ ବାଣିଜ୍ୟ କରିବା ପାଇଁ ଅନୁମତି ଦେଇଥିଲେ । ଫଳରେ ପର୍ତ୍ତୁଗୀଜମାନେ ଭାରତରେ ବାଣିଜ୍ୟ କୋଠି ପ୍ରତିଷ୍ଠା କରିଥିଲେ । ଭାରତର ଗୋଆ, ଡାମନ, ଡିଉ, ସାଲସେଟ୍ ବେସିନ, ବମ୍ବେ (ମୁମ୍ବାଇ) ଏବଂ ବଙ୍ଗ ଦେଶର ହୁଗୁଳି ପ୍ରଭୃତି ସ୍ଥାନରେ ବାଣିଜ୍ୟ କୋଠି ନିର୍ମାଣ କରି ଭାରତରେ ପର୍ତ୍ତୁଗୀଜ୍ ଉପନିବେଶ ସ୍ଥାପନ କରିଥିଲେ । ଭାରତରେ ପର୍ତ୍ତୁଗୀଜ ଅଧିକୃତ ଅଞ୍ଚଳର ଗଭର୍ଣ୍ଣର ଭାବେ ଆଲବୁକର୍କ ନିଯୁକ୍ତ ହୋଇଥିଲେ । ସେ ଏକ ବିରାଟ ନୌଶକ୍ତି ଗଠନ କରି ପର୍ତ୍ତୁଗୀଜମାନଙ୍କ ପ୍ରତିପତ୍ତି ବୃଦ୍ଧି କରିଥିଲେ ।

ସପ୍ତଦଶ ଶତାବ୍ଦୀର ପ୍ରଥମ ଭାଗରେ ପର୍ତ୍ତୁଗୀଜମାନେ ଜଳଦସ୍ୟୁ ବୃତ୍ତି କରି ଏବଂ ଅନ୍ୟ ଦେଶର ବାଣିଜ୍ୟତରୀକୁ ଲୁଣ୍ଠନ କରି ନିଜର ବ୍ୟବସାୟର ପ୍ରସାର କରିଚାଲିଲେ । ଭାରତୀୟମାନଙ୍କୁ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କରାଇ ଖ୍ରୀଷ୍ଟଧର୍ମର ପ୍ରସାର କରାଇଲେ । ଫଳରେ ମୋଗଲ ସମ୍ରାଟମାନେ ସେମାନଙ୍କୁ ବାଧା ଦେଇଥିଲେ । ଶେଷରେ ଇଂରେଜ ଓ ଡଚ୍ ବା ଓଲନ୍ଦାଜ୍‌ମାନଙ୍କ ସହିତ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହୋଇ ସେମାନଙ୍କ ବାଣିଜ୍ୟ କୋଠି ହରାଇଥିଲେ । ୧୯୬୧ ମସିହା ପର୍ଯ୍ୟନ୍ତ ଗୋଆ, ଡାମନ, ଡିଉ ସେମାନଙ୍କର ଅଧିକାରରେ ଥିଲା । ସେହିବର୍ଷ ସ୍ୱାଧୀନଭାରତ ସରକାର ଏହି ଅଞ୍ଚଳଗୁଡ଼ିକ ଅଧିକାର କରିବାରୁ ପର୍ତ୍ତୁଗୀଜମାନଙ୍କ ଉପନିବେଶ ଭାରତରୁ ଲୋପପାଇଲା ।

**ତୁମେ ଜାଣିଛ କି ?**

ଉପନିବେଶ ସ୍ଥାପନ କହିଲେ ଅନ୍ୟ ଦେଶରେ ବସତି ସ୍ଥାପନ କରିବା ଓ ବାଣିଜ୍ୟ ପ୍ରସାର ପାଇଁ ବାଣିଜ୍ୟ କୋଠି ନିର୍ମାଣ କରିବା ସହ ସାମ୍ରାଜ୍ୟ ବୃଦ୍ଧି କରିବାକୁ ବୁଝାଏ ।

**ଓଲନ୍ଦାଜ–** ଷୋଡ଼ଶ ଶତାବ୍ଦୀର ଶେଷଭାଗରେ ହଲାଣ୍ଡ (ବର୍ତ୍ତମାନର ନେଦରଲାଣ୍ଡ)ର ଅଧିବାସୀ ଡଚ୍ ବା ଓଲନ୍ଦାଜ୍‌ମାନେ ଭାରତ ସହିତ ବାଣିଜ୍ୟ କରିବାକୁ ପ୍ରୟାସ କରି ନୌଯାତ୍ରା ଆରମ୍ଭ କରିଥିଲେ । ୧୬୦୨ ଖ୍ରୀଷ୍ଟାବ୍ଦରେ ସେମାନେ ଡଚ୍ ଇଷ୍ଟଇଣ୍ଡିଆ କମ୍ପାନୀ ଗଠନ କରିଥିଲେ । ଭାରତରେ ପ୍ରବେଶ କରିବା ପରେ ସେମାନେ ପର୍ତ୍ତୁଗୀଜମାନଙ୍କ ସହିତ ତୀବ୍ର ପ୍ରତିଯୋଗିତାର ସମ୍ମୁଖୀନ ହୋଇଥିଲେ । ସେମାନେ ପର୍ତ୍ତୁଗୀଜମାନଙ୍କ ସହ ସଂଘର୍ଷ କରି ସେମାନଙ୍କର ଅନେକ ବାଣିଜ୍ୟ କୋଠିକୁ ଦଖଲ କଲେ । ଗୁଜରାଟ, କରମଣ୍ଡଳ ଉପକୂଳ, ବଙ୍ଗଦେଶ, ବାଲେଶ୍ୱର, କୋଚିନ୍ ଆଦି ସ୍ଥାନରେ ସେମାନେ ବାଣିଜ୍ୟ କୋଠି ସ୍ଥାପନ କଲେ । ଭାରତରେ ଏକଚାଟିଆ ବ୍ୟବସାୟ କରି ସାମ୍ରାଜ୍ୟ ବିସ୍ତାର କରିବା ପାଇଁ ଚେଷ୍ଟା କଲାବେଳେ ଇଂରେଜମାନଙ୍କ ସହିତ ସେମାନଙ୍କର ସଂଘର୍ଷ ହୋଇଥିଲା । ଶେଷରେ ଇଂରେଜମାନଙ୍କଠାରୁ ପରାସ୍ତ ହୋଇ ଭାରତରୁ ବିଦାୟନେଇ ଇଣ୍ଡୋନେସିଆର ଜାଭା ଓ ସୁମାତ୍ରା ଅଞ୍ଚଳକୁ ବାଣିଜ୍ୟ କରିବାକୁ ପଳାଇ ଗଲେ ।

**ଦିନାମାର–** ଡେନମାର୍କର ଅଧିବାସୀ ଡେନ୍‌ସ୍‌ଙ୍କୁ ଓଡ଼ିଆରେ ଦିନାମାର କୁହାଯାଏ । ସେମାନେ ଗୋଟିଏ ବାଣିଜ୍ୟିକ କମ୍ପାନୀ ଗଠନ କରି ଭାରତରେ ବାଣିଜ୍ୟ କରିବାକୁ ଆସିଥିଲେ । ସେମାନେ ବଙ୍ଗଦେଶର ଶ୍ରୀରାମପୁରଠାରେ ବାଣିଜ୍ୟ କୋଠି ପ୍ରତିଷ୍ଠା କରିଥିଲେ । ପରେ ଇଂରେଜମାନଙ୍କୁ ସେମାନଙ୍କ ବାଣିଜ୍ୟ କୋଠି ବିକ୍ରୟ କରି ଭାରତରୁ ବିଦାୟ ନେଇଥିଲେ ।

**ବ୍ରିଟିଶ୍ ଇଷ୍ଟଇଣ୍ଡିଆ କମ୍ପାନୀ –** ଇଂଲଣ୍ଡର ରାଣୀ ପ୍ରଥମ ଏଲିଜାବେଥ୍‌ଙ୍କ ରାଜତ୍ୱ କାଳର ଶେଷଭାଗକୁ ଇଂଲଣ୍ଡର ଦଳେ ବଣିକ ଓ ନାବିକ ପ୍ରାଚ୍ୟଦେଶ ସହିତ ବାଣିଜ୍ୟ କରିବାପାଇଁ ରାଣୀଙ୍କର ଅନୁମତି ଭିକ୍ଷା କରିଥିଲେ । ୧୬୦୦ ଖ୍ରୀଷ୍ଟାବ୍ଦରେ ରାଣୀ ସେମାନଙ୍କ ପ୍ରାର୍ଥନା ମଞ୍ଜୁର କରି ପ୍ରାଚ୍ୟଦେଶ ସହିତ ବାଣିଜ୍ୟ କରିବାକୁ ଏକ ସନନ୍ଦ ପ୍ରଦାନ କରିଥିଲେ । ରାଣୀଙ୍କ ସନନ୍ଦ ପାଇଥିବା କମ୍ପାନୀ – ବ୍ରିଟିଶ ଇଷ୍ଟଇଣ୍ଡିଆ କମ୍ପାନୀ ନାମରେ ନାମିତ ହୋଇଥିଲା । ୧୬୦୯ ଖ୍ରୀଷ୍ଟାବ୍ଦରେ ଇଂଲଣ୍ଡର ରାଜା ପ୍ରଥମ ଜେମ୍‌ସ କମ୍ପାନୀର କ୍ୟାପଟେନ ହକିନସ୍‌ଙ୍କୁ ଜାହାଙ୍ଗୀରଙ୍କ ଦରବାରକୁ ପଠାଇଥିଲେ । ହକିନସ୍‌ଙ୍କ ଅନୁରୋଧ କ୍ରମେ ଜାହାଙ୍ଗୀର ଇଂରେଜମାନଙ୍କୁ ସୁରଟଠାରେ ଏକ ସ୍ଥାୟୀ ବସତି ସ୍ଥାପନ କରିବାପାଇଁ ଆଦେଶ ପତ୍ର ଦେଇଥିଲେ । ଏହାର ଅଳ୍ପଦିନ ପରେ ୧୬୧୫ ଖ୍ରୀଷ୍ଟାବ୍ଦରେ ଇଂଲଣ୍ଡର ରାଜଦୂତ ସାର ଟମାସ୍‌ରୋ ଜାହାଙ୍ଗୀରଙ୍କ ଦରବାରକୁ ଆସି ଜାହାଙ୍ଗୀରଙ୍କ ସହ ଘନିଷ୍ଠ ସମ୍ପର୍କ ସ୍ଥାପନ କରିଥିଲେ ଏବଂ ନାନା ପ୍ରକାର ବାଣିଜ୍ୟ ସୁବିଧା ପାଇଁ କୋଠି ନିର୍ମାଣର ଅଧିକାର ହାସଲ କରିଥିଲେ । ଫଳରେ ଇଂରେଜ କମ୍ପାନୀ ଭାରତର ପୂର୍ବ ଓ ପଶ୍ଚିମ ଉପକୂଳ ତଥା ଦେଶର ଦୂରବର୍ତ୍ତୀ ସ୍ଥାନ ମାନଙ୍କରେ ବାଣିଜ୍ୟ କୋଠି ନିର୍ମାଣ କରିଥିଲେ । ସେଗୁଡ଼ିକ ମଧ୍ୟରେ ମସଲିପଟ୍ଟମ୍, ମହାନଦୀ ମୁହାଣସ୍ଥିତ ହରିପୁର, ବାଲେଶ୍ୱର, ହୁଗୁଳୀ, ପାଟଣା ଓ କାଶିମବଜାର ପ୍ରଭୃତି ଉଲ୍ଲେଖ ଯୋଗ୍ୟ । ମାନ୍ଦ୍ରାଜ (ଚେନ୍ନାଇ), ବମ୍ବେ (ମୁମ୍ବାଇ) ଓ କଲିକତା (କୋଲକାତା) ଇଂରେଜମାନଙ୍କର



(ସପ୍ତଦଶ ଶତାବ୍ଦୀର ଶେଷ ଭାଗରେ ଭାରତରେ ବୈଦେଶିକ ଉପନିବେଶ)


ପ୍ରଧାନ ବାଣିଜ୍ୟ କେନ୍ଦ୍ର ଥିଲା । ୧୬୩୯ ଖ୍ରୀଷ୍ଟାବ୍ଦରେ ଇଂରେଜମାନେ ମାନ୍ଦ୍ରାଜଠାରେ **ଫୋର୍ଟସେଣ୍ଟଜର୍ଜ** ନିର୍ମାଣ

କରିଥିଲେ । ଏହା ବର୍ତ୍ତମାନ ତାମିଲନାଡୁର ଚେନ୍ନାଇଠାରେ ଅବସ୍ଥିତ । ସେହିପରି ପର୍ତ୍ତୁଗୀଜମାନଙ୍କ ଅଧିନରେ ଥିବା ବମ୍ବେକୁ ପର୍ତ୍ତୁଗୀଜର ରାଜା ଇଂଲଣ୍ଡର ରାଜା ଦ୍ୱିତୀୟ ଚାଲର୍ସଙ୍କୁ ଯୌତୁକସୂତ୍ରରେ ଦେଇଥିଲେ । ଦ୍ୱିତୀୟ ଚାଲର୍ସ ବମ୍ବେକୁ ଇଷ୍ଟଇଣ୍ଡିଆ କମ୍ପାନୀକୁ ହସ୍ତାନ୍ତର କରିବାରୁ ଇଷ୍ଟଇଣ୍ଡିଆ କମ୍ପାନୀର ଏଠାରେ ବାଣିଜ୍ୟ କୋଠି ୧୬୬୮ରେ ଗଢ଼ିଉଠିଥିଲା । ୧୬୯୦ରେ ଇଷ୍ଟଇଣ୍ଡିଆ କମ୍ପାନୀ ବଙ୍ଗରେ ହୁଗୁଳୀ ନଦୀ କୂଳରେ "ଫୋର୍ଟ ଉଇଲିୟମ ଦୁର୍ଗ" ନିର୍ମାଣ କଲେ । ମୋଗଲ ସମ୍ରାଟମାନଙ୍କୁ ପ୍ରଭାବିତ କରି ଏବଂ ଇଂରେଜ କର୍ମଚାରୀଙ୍କୁ ଲାଞ୍ଚ ଦେଇ ସୂତାନଟି, କଲିକତା ଓ ଗୋବିନ୍ଦପୁର ଗ୍ରାମର ଜମିଦାରୀ ପାଇଲେ ।

**ତୁମପାଇଁ କାମ :**

ଇଉରୋପ ମାନଚିତ୍ରରେ ଇଂଲଣ୍ଡ, ହଲାଣ୍ଡ, ଫ୍ରାନ୍ସ, ପର୍ତ୍ତୁଗାଲ ଓ ଡେନମାର୍କ ଦେଶଗୁଡ଼ିକୁ ଏବଂ ସେମାନଙ୍କ ରାଜଧାନୀଗୁଡ଼ିକୁ ଚିହ୍ନିତ କର ।

**ଫରାସୀ ଇଷ୍ଟ ଇଣ୍ଡିଆ କମ୍ପାନୀ–** ଫ୍ରାନ୍ସର ସମ୍ରାଟ ଚତୁର୍ଦ୍ଦଶଲୁଇଙ୍କ ମନ୍ତ୍ରୀ କୋଲବର୍ଟଙ୍କ ପୃଷ୍ଠପୋଷକତାରେ ୧୬୬୪ ଖ୍ରୀଷ୍ଟାବ୍ଦରେ ଫରାସୀ ଇଷ୍ଟଇଣ୍ଡିଆ କମ୍ପାନୀ ଗଠିତ ହୋଇଥିଲା । ମୋଗଲ ସମ୍ରାଟ ଔରଙ୍ଗଜେବଙ୍କ ଅନୁମତି ପାଇ ଫରାସୀ ଇଷ୍ଟଇଣ୍ଡିଆ କମ୍ପାନୀ ସୁରତଠାରେ ବାଣିଜ୍ୟ କୋଠି ନିର୍ମାଣ କଲେ । ପରେ କମ୍ପାନୀ ମସିଲିପଟ୍ଟମ୍, ପଣ୍ଡିଚେରୀ (ପୁଦୁଚେରି) ଓ ବଙ୍ଗଳାର ଚନ୍ଦନନଗରଠାରେ ବାଣିଜ୍ୟକୋଠି ନିର୍ମାଣ କଲେ । ଫ୍ରାଙ୍କୋଏମାର୍ଟିନ ନାମକ ଫରାସୀ ବ୍ୟକ୍ତି ବିଜାପୁର ରାଜାଙ୍କଠାରୁ ପଣ୍ଡିଚେରୀ (ପୁଦୁଚେରି) ହାସଲ କରି ସେଠାରେ ୟୁରୋପୀୟ ସୈନ୍ୟ ଏବଂ ପାଞ୍ଚଶହ ଭାରତୀୟମାନଙ୍କୁ ପାଶ୍ଚାତ୍ୟ ଯୁଦ୍ଧରୀତିରେ ଶିକ୍ଷାଦେଲେ ।



(ଡ୍ୟୁପ୍ଳେ)

ପଣ୍ଡିଚେରୀ (ପୁଦୁଚେରି) ଫରାସୀମାନଙ୍କ ସାମରିକ ଶିବିରରୂପେ ବ୍ୟବହୃତ ହେଲା । ପରେ ଫ୍ରାନ୍ସର ବିଚକ୍ଷଣ ରାଜନୀତିଜ୍ଞ ଡ୍ୟୁପ୍ଳେ ଚନ୍ଦନନଗରର ଶାସନକର୍ତ୍ତା ରୂପେ ନିଯୁକ୍ତ ହେଲେ । ସେ ଅନୁଭବ କଲେ ଯେ ଇଂରେଜମାନଙ୍କୁ ପ୍ରତିହତ କରି ପାରିଲେ ଭାରତରେ ସାମ୍ରାଜ୍ୟ ଗଠନ କରିବା ସମ୍ଭବ ହେବ । ଫଳରେ ଇଂରେଜ ଓ ଫରାସୀମାନଙ୍କ ମଧ୍ୟରେ ରାଜନୈତିକ ସଂଘର୍ଷ ଆରମ୍ଭ ହୋଇଥିଲା ।

**ବଣିକ ଗୋଷ୍ଠୀ ସଂଘର୍ଷ –** ଭାରତରେ ବାଣିଜ୍ୟ କରିବା ଓ ରାଜ୍ୟ ବିସ୍ତାର କରିବା ପାଇଁ ଇଂରେଜ ଓ ଫରାସୀମାନଙ୍କ ମଧ୍ୟରେ ସଂଘର୍ଷର ସୂତ୍ରପାତ ହୋଇଥିଲା । ଏହି ସଂଘର୍ଷ କର୍ଣ୍ଣାଟକ ରାଜ୍ୟରୁ ଆରମ୍ଭ ହୋଇଥିଲା । ତାମିଲନାଡୁ ରାଜ୍ୟରେ ଇଂରେଜମାନଙ୍କ ବାଣିଜ୍ୟ ଦୁର୍ଗ ମାନ୍ଦ୍ରାଜ (ଚେନ୍ନାଇ) ଓ ଫରାସୀମାନଙ୍କ ଦୁର୍ଗ ପଣ୍ଡିଚେରୀ (ପୁଦୁଚେରି)ରେ ଅବସ୍ଥିତ ଥିଲା । ଦାକ୍ଷିଣାତ୍ୟରେ ନିଜର ପ୍ରଭାବ ବିସ୍ତାର କରିବାପାଇଁ ଉଭୟ ଚେଷ୍ଟିତ ହେଲେ ଓ ଯୁଦ୍ଧ କ୍ଷେତ୍ରରେ ଅବତୀର୍ଣ୍ଣ ହେଲେ ।

**ପ୍ରଥମ କର୍ଣ୍ଣାଟସମର (୧୭୪୦-୧୭୪୮)–** ଅଷ୍ଟ୍ରିଆର ଉତ୍ତରାଧିକାର ସଂକ୍ରାନ୍ତ ଯୁଦ୍ଧ ଇଉରୋପରେ ସଂଗଠିତ ହୋଇଥିଲା । ଉକ୍ତ ଯୁଦ୍ଧରେ ଇଂରେଜ ଓ ଫରାସୀ ଦୁଇ ବିପରୀତ ପକ୍ଷ ଭାବେ ଯୁଦ୍ଧରେ ଅବତୀର୍ଣ୍ଣ ହୋଇଥିଲେ । ତାହାର ପ୍ରଭାବ ଭାରତରେ ପ୍ରତିଫଳିତ ହୋଇଥିଲା ।

ଇଂରେଜମାନେ ପ୍ରଥମେ ଫରାସୀମାନଙ୍କ ଦୁର୍ଗ ପଣ୍ଡିଚେରୀ (ପୁଦୁଚେରି) ଆକ୍ରମଣ କଲେ । ଫରାସୀ ସେନାବାହିନୀକୁ ଡ୍ୟୁପ୍ଳେ ପରିଚାଳନା କରି ଇଂରେଜମାନଙ୍କୁ ହଟାଇ ଦେଇ ଇଂରେଜମାନଙ୍କ ଦୁର୍ଗ ମାନ୍ଦ୍ରାଜ (ଚେନ୍ନାଇ) ଅଧିକାର କଲେ । ଠିକ୍ ଏହି ସମୟରେ ୟୁରୋପରେ ଇଂରେଜ ଓ ଫରାସୀମାନଙ୍କ ମଧ୍ୟରେ ଶାନ୍ତିଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ଭାରତରେ ଫରାସୀ ଓ ଇଂରେଜମାନଙ୍କ ଯୁଦ୍ଧ ବନ୍ଦହେଲା । ଡ୍ୟୁପ୍ଳେ ବାଧହୋଇ ଇଂରେଜମାନଙ୍କର ମାନ୍ଦ୍ରାଜ (ଚେନ୍ନାଇ) ଫେରାଇ ଦେଲେ ।

**ଦ୍ୱିତୀୟ କର୍ଣ୍ଣାଟସମର (୧୭୫୦-୧୭୫୪)–** ଶାନ୍ତିଚୁକ୍ତି ଅନୁଯାୟୀ ଭାରତରେ ଇଂରେଜ ଓ ଫରାସୀମାନଙ୍କ ମଧ୍ୟରେ ଶତ୍ରୁତାର ଅବସାନ ହୋଇଥିଲେ ସୁଦ୍ଧା ହାଇଦ୍ରାବାଦ ଓ କର୍ଣ୍ଣାଟକର ନବାବ ପଦପାଇଁ ସେମାନେ ପୁଣି ସଂଘର୍ଷରେ ଅବତୀର୍ଣ୍ଣ ହୋଇଥିଲେ । କର୍ଣ୍ଣାଟକର ନବାବ ପଦପାଇଁ ଇଂରେଜମାନେ ଅନୱାରଙ୍କୁ ସମର୍ଥନ କରୁଥିବା ବେଳେ ଫରାସୀମାନେ ଚନ୍ଦାସାହେବଙ୍କୁ ସମର୍ଥନ କରୁଥିଲେ । ଫଳରେ ଯୁଦ୍ଧ ଆରମ୍ଭ ହେଲା । ଯୁଦ୍ଧରେ ଅନୱାରଉଦ୍ଦିନ ପରାସ୍ତ ଓ ନିହତ ହେଲେ । ଚନ୍ଦାସାହେବ କର୍ଣ୍ଣାଟକର ନବାବ ହେଲେ । ଏଣେ ହାଇଦ୍ରାବାଦର ସିଂହାସନ ପାଇଁ ନିଜାମଙ୍କ ପୁତ୍ର

ନାସିରଜଙ୍ଗ ଓ ନାତି ମୁଜାଫରଜଙ୍ଗ ମଧ୍ୟରେ କନ୍ଦଳ ଲାଗିଥିଲା । ଇଂରେଜମାନେ ନାସିରଜଙ୍ଗଙ୍କୁ ଓ ଫରାସୀମାନେ ମୁଜାଫରଜଙ୍ଗଙ୍କୁ ସମର୍ଥନ କରି ଯୁଦ୍ଧରେ ଅବତୀର୍ଣ୍ଣ ହେଲେ । ଫରାସୀ ଗଭର୍ଣ୍ଣର ଡ୍ୟୁପ୍ଳେଙ୍କ ଷଡ଼ଯନ୍ତ୍ରରେ ନାସିରଜଙ୍ଗ ପରାସ୍ତ ଓ ନିହତ ହେଲେ । ମୁଜାଫରଜଙ୍ଗ ହାଇଦ୍ରାବାଦର ନିଜାମ ହେଲେ । ଫଳରେ ଭାରତରେ ଫରାସୀ ଶକ୍ତି ବୃଦ୍ଧିପାଇଲା । ଇଂରେଜମାନଙ୍କ ଶକ୍ତି ଲୋପ ପାଇଲା । ଏହି ସମୟରେ ଇଂରେଜର ଚତୁର ବିଚକ୍ଷଣ ଯୁବକ କ୍ଲାଇବ୍ ଇଂରେଜ ସେନାବାହିନୀର ପରିଚାଳନା ଦାୟିତ୍ୱ ବହନ କଲେ । କ୍ଲାଇବ୍‌ଙ୍କ ପରିଚାଳନାରେ ଇଂରେଜ ସେନାବାହିନୀ କର୍ଣ୍ଣାଟକର ରାଜଧାନୀ ଆର୍କଟ ଅଧିକାର କଲେ ।



(କ୍ଲାଇବ୍)

ଅନୱାରଉଦ୍ଦିନଙ୍କ ପୁତ୍ର ମହମ୍ମଦ ଅଲ୍ଲୀଙ୍କୁ କର୍ଣ୍ଣାଟକର ନବାବ କରାଇଲେ । କ୍ଲାଇବ୍‌ଙ୍କ ନେତୃତ୍ୱରେ ଇଂରେଜମାନଙ୍କ ପ୍ରଭାବ ବୃଦ୍ଧି ହେଲା । ଏହି ସମୟରେ ଫ୍ରାନ୍ସର ସରକାର ଡ୍ୟୁପ୍ଳେଙ୍କୁ ଫ୍ରାନ୍ସକୁ ଫେରାଇ ନେଲେ । ଡ୍ୟୁପ୍ଳେ ଭାରତରୁ ବିଦାୟ ନେଲାପରେ ଫରାସୀମାନଙ୍କ କ୍ଷମତା ଲୋପପାଇଲା ।

**ତୃତୀୟ କର୍ଣ୍ଣାଟ ସମର – (୧୭୫୮)–** ୧୭୫୬ ଖ୍ରୀଷ୍ଟାବ୍ଦରେ ଇଉରୋପରେ ଇଂଲଣ୍ଡ ଓ ଫ୍ରାନ୍ସ ମଧ୍ୟରେ ସପ୍ତବର୍ଷୀୟ ଯୁଦ୍ଧ ଲାଗିଲା । ଏହାର ପ୍ରତିକ୍ରିୟା ଭାରତରେ ପ୍ରତିଫଳିତ ହେଲା । ଇଂରେଜ ସେନାଧକ୍ଷ କ୍ଲାଇବ୍ ୧୭୫୭ ଖ୍ରୀଷ୍ଟାବ୍ଦରେ ଫରାସୀ ବାଣିଜ୍ୟ କୋଠି ଚନ୍ଦନନଗର ଅଧିକାର କଲେ । ଫରାସୀ ସରକାର ଯୁଦ୍ଧ ଚଳାଇବା ପାଇଁ କାଉଣ୍ଟ ଡି ଲାଲୀଙ୍କୁ ଭାରତକୁ ପଠାଇଲେ । କାଉଣ୍ଟ ଡି ଲାଲୀ ୧୭୫୮ ଖ୍ରୀଷ୍ଟାବ୍ଦରେ ସେଣ୍ଟ ଡେଭିଡ ଦୁର୍ଗ ଅଧିକାର କଲେ । ୧୭୬୦ ଖ୍ରୀଷ୍ଟାବ୍ଦରେ ଇଂରେଜ ସେନାପତି ଆୟାର କୁଟ ୱାଣ୍ଡିୱାସ ଯୁଦ୍ଧରେ ଡି ଲାଲୀଙ୍କୁ ପରାସ୍ତ କଲେ । ପଣ୍ଡିଚେରୀ ଓ ମାହେ ଇଂରେଜମାନଙ୍କ ଦ୍ୱାରା ଅଧିକୃତ ହେଲା । ଦାକ୍ଷିଣାତ୍ୟରେ ଇଂରେଜମାନଙ୍କ କ୍ଷମତା ବିସ୍ତାର ହେଲା । ୧୭୬୩ ଖ୍ରୀଷ୍ଟାବ୍ଦରେ ୟୁରୋପରେ ସପ୍ତବର୍ଷ ଯୁଦ୍ଧର ସମାପ୍ତି ଘଟିବାରୁ ଫରାସୀମାନେ ସନ୍ଧି ସର୍ତ୍ତ ଅନୁଯାୟୀ ସେମାନଙ୍କ ଉପନିବେଶ ସବୁ ଫେରିପାଇଲେ । ଏହି କର୍ଣ୍ଣାଟ ସମର ପରେ ଇଂରେଜମାନେ ଅଧିକ ଶକ୍ତିଶାଳୀ ହୋଇ ବଙ୍ଗଦେଶରେ କ୍ଷମତା ବିସ୍ତାର ପାଇଁ ପ୍ରୟାସ କଲେ ।

**ଭାରତୀୟ ଶାସକ ମାନଙ୍କ ସହିତ ସାମ୍ରାଜ୍ୟ ବିସ୍ତାର ପାଇଁ ସଂଘର୍ଷ :** ଆଲିବର୍ଦ୍ଦି ଖାଁ ୧୭୪୦ ଖ୍ରୀଷ୍ଟାବ୍ଦରେ ନିଜକୁ ବଙ୍ଗଳାର ନବାବ ବୋଲି ଘୋଷଣା କଲେ । ୧୭୪୦ ଖ୍ରୀଷ୍ଟାବ୍ଦରୁ ୧୭୫୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ସେ ବଙ୍ଗ, ବିହାର ଓ ଓଡ଼ିଶାର ଶାସନ କର୍ତ୍ତା ହୋଇଥିଲେ । ସେ ୟୁରୋପୀୟ ବଣିକମାନଙ୍କୁ ନିଜ ଆୟତ୍ତରେ ରଖି ପାରିଥିଲେ । ନିଜ ରାଜ୍ୟରେ ଶାନ୍ତି ଶୃଙ୍ଖଳା ପ୍ରତିଷ୍ଠା ପାଇଁ ଉଦ୍ୟମ କରି ୧୭୫୬ ଅପ୍ରେଲ ମାସ ୯ ତାରିଖରେ ପରଲୋକ ଗମନ କରିଥିଲେ । ତାଙ୍କ ମୃତ୍ୟୁପରେ ତାଙ୍କ ନାତି ସିରାଜଉଦ୍ଦୌଲା ବଙ୍ଗର ନବାବ ହେଲେ । ନବାବ ହେଲାପରେ ତାଙ୍କ ସମ୍ପର୍କୀୟମାନେ ଶତ୍ରୁତା କଲେ । ସିରାଜ ନିଜର ବୁଦ୍ଧି ପ୍ରୟୋଗ କରି ସେମାନଙ୍କୁ ପରାସ୍ତ ଓ କରଗତ କଲେ । କିନ୍ତୁ ଇଂରେଜମାନଙ୍କ ଔଦ୍ଧତ୍ୟ ତାଙ୍କୁ ଅସହ୍ୟ କଲା । ଇଂରେଜମାନେ ତାଙ୍କ ବିନା ଅନୁମତିରେ କଲିକତାରେ ଦୁର୍ଗ ନିର୍ମାଣ ଓ ସମ୍ପ୍ରସାରଣ କରିବା କାର୍ଯ୍ୟ କରିଚାଲିଲେ ।



(ସିରାଜଉଦ୍ଦୌଲା)

ବାଣିଜ୍ୟ ସୁବିଧାକୁ ଅପବ୍ୟବହାର କଲେ । ସିରାଜ ଏହି ଦୁର୍ଗ ନିର୍ମାଣ ନ କରିବାକୁ ଆଦେଶ ଦେଲେ । ଇଂରେଜମାନେ ତାଙ୍କ ଆଦେଶକୁ ଅମାନ୍ୟ କରିବାରୁ ସିରାଜ ୧୭୫୭ ଖ୍ରୀଷ୍ଟାବ୍ଦରେ କଲିକତା (କୋଲକାତା) ଆକ୍ରମଣ କଲେ । ସିରାଜଙ୍କ ଆକ୍ରମଣ ଭୟରେ ଇଂରେଜ ଗଭର୍ଣ୍ଣର ଡ୍ରେକ୍ ଓ ଡ୍ରେକ୍ ଙ୍କ ଅନୁଗାମୀମାନେ ନଦୀ ପାରହୋଇ ପଳାଇଲେ। ଡ୍ରେକ୍ ଓ ଡ୍ରେକ୍ ଙ୍କ ସ୍ଥାନରେ ହଲ୍‌ୱେଲ ନୂତନ ଗଭର୍ଣ୍ଣର ହୋଇ କଲିକତା (କୋଲକାତା)ରେ ଅବସ୍ଥାନ କରୁଥିଲେ । ସିରାଜ୍ ହଲ୍‌ୱେଲ ଓ ଆଉ କେତେଜଣଙ୍କୁ ବନ୍ଦୀ କରି ଆଣି ଏକ କୋଠରୀରେ ଆବଦ୍ଧ କରି ରଖିଲେ । ବନ୍ଦୀମାନେ କୋଠରୀରେ ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଲେ । ଏହା ଅନ୍ଧକୂପ ହତ୍ୟା ନାମରେ ନାମିତ ।

**ତୁମେ ଜାଣିଛ କି ?**

ସିରାଜଉଦ୍ଦୌଲା ୨୫ ଜୁନ୍ ୧୭୫୬ରେ ଫୋର୍ଟ ଉଇଲିୟମ୍‌ଦୁର୍ଗ ମଧ୍ୟରେ ୧୮ ଫୁଟ ଲମ୍ବ ଓ ୧୪ ଫୁଟ ୧୦ ଇଞ୍ଚ ପ୍ରସ୍ଥ ବିଶିଷ୍ଟ ଏକ ଅନ୍ଧକାର କୋଠରୀ ମଧ୍ୟରେ ୧୪୬ ଜଣ ଇଂରେଜମାନଙ୍କୁ ବନ୍ଦୀକରି ରଖିଥିଲେ । ପ୍ରଚଣ୍ଡ ଉତ୍ତାପ ଓ ତୃଷ୍ଣାରେ ଶ୍ୱାସରୁଦ୍ଧ ହୋଇ ୧୨୩ ଜଣ ପ୍ରାଣତ୍ୟାଗ କରିଥିଲେ । ତାହାକୁ ଇଂରେଜମାନେ "ଅନ୍ଧ କୂପ ହତ୍ୟା" ନାମରେ ନାମିତ କରିଥିଲେ ।

ସିରାଜଙ୍କ କଲିକତା ଅଧିକାର ଖବର ପାଇ କ୍ଲାଇଭ ଏବଂ ଇଂରେଜ ସେନାପତି ୱାଟ୍‌ସନ ମାନ୍ଦ୍ରାଜରୁ କଲିକତା (କୋଲକାତା) ଆସିଲେ । କଲିକତା (କୋଲକାତା)ରେ ପହଞ୍ଚି କ୍ଲାଇଭ୍ ଚନ୍ଦନନଗର ଅଧିକାର କଲେ ଏବଂ ସିରାଜ୍‌ଙ୍କ ସହିତ ସନ୍ଧି କରିଥିଲେ । ଏହି ସନ୍ଧି ଫଳରେ ଇଂରେଜମାନେ କଲିକତାରେ ଦୁର୍ଗ ନିର୍ମାଣ କରିବାକୁ ଅନୁମତି ପାଇଥିଲେ ।

ସିରାଜଉଦ୍ଦୌଲାଙ୍କ ସେନାପତି ମୀର୍‌ଜାଫର୍ ଓ ରାୟଦୁର୍ଲଭ ସିରାଜ୍‌ଙ୍କୁ ସିଂହାସନରୁ ହଟାଇ ଦେବାପାଇଁ ଷଡ଼ଯନ୍ତ୍ର କଲେ । ଏହି ଷଡ଼ଯନ୍ତ୍ରରେ କ୍ଲାଇଭ୍ ସାମିଲ ହେଲେ । କ୍ଲାଇଭ୍ ସିରାଜ୍‌ଙ୍କୁ ହଟାଇ ମିର୍‌ଜାଫର୍‌ଙ୍କୁ ନବାବ କରାଇବାର ପ୍ରତିଶ୍ରୁତି ଦେଲେ ।

**ପଲାସୀ ଯୁଦ୍ଧ–** ଇଂରେଜ ଓ ସିରାଜଉଦ୍ଦୌଲାଙ୍କ ମଧ୍ୟରେ ହୋଇଥିବା ସନ୍ଧିକୁ ସିରାଜ୍ ଅବମାନନା କରିଥିବା ଅଭିଯୋଗ କରି କ୍ଲାଇଭ୍ ନବାବଙ୍କ ବିରୁଦ୍ଧରେ ସୈନ୍ୟ ଚାଳନା କରିଥିଲେ । ଭାଗିରଥୀ ନଦୀ କୂଳରେ ପଲାସୀ ନାମକ ସ୍ଥାନରେ ୧୭୫୭ ଜୁନ ୨୩ ତାରିଖ ଦିନ ସିରାଜ୍ ଓ କ୍ଲାଇଭ୍‌ଙ୍କ ମଧ୍ୟରେ ଯୁଦ୍ଧ ଆରମ୍ଭ ହେଲା । ଯୁଦ୍ଧ କ୍ଷେତ୍ରରେ ମୀର୍‌ଜାଫର୍ ଓ ରାୟଦୁର୍ଲଭ ବିଶ୍ୱାସଘାତକତା କଲେ । ସେମାନେ ଯୁଦ୍ଧ ନ କରି ନୀରବ ଦ୍ରଷ୍ଟାର ଅଭିନୟ କଲେ । ସିରାଜ୍ ଏହି ଯୁଦ୍ଧରେ ପରାସ୍ତ ହେଲେ । ଇଂରେଜମାନେ ସିରାଜ୍‌ଙ୍କୁ ମୁର୍ଶିଦାବାଦଠାରେ ବନ୍ଦୀ କରି ରଖିଥିଲେ । ମୀର୍‌ଜାଫର୍‌ଙ୍କ ପୁତ୍ର ମିରନ୍ ବନ୍ଦୀଶାଳରେ ସିରାଜ୍‌ଙ୍କୁ ହତ୍ୟାକଲେ । ଏହି ଯୁଦ୍ଧ ପଲାସୀଠାରେ ହୋଇଥିବାରୁ ଏହାକୁ ପଲାସୀ ଯୁଦ୍ଧ କୁହାଗଲା । ଏହି ଯୁଦ୍ଧପରେ ଇଂରେଜମାନେ ମୀର୍‌ଜାଫର୍‌ଙ୍କୁ ବଙ୍ଗରେ ନବାବ କରାଇଲେ ।

**ମୀର୍‌ଜାଫର୍ –** ମୀର୍‌ଜାଫର୍ ନବାବ ହେଲାପରେ କ୍ଲାଇଭ୍ ଓ ଅନ୍ୟାନ୍ୟ ଇଂରେଜ କର୍ମଚାରୀମାନଙ୍କୁ ପ୍ରଚୁର ଅର୍ଥ ପ୍ରଦାନ କରିଥିଲେ । ଇଂରେଜମାନଙ୍କୁ ଚବିଶ ପ୍ରଗଣା ଅଞ୍ଚଳକୁ ଜମିଦାରୀ ରୂପେ ଦେଇଥିଲେ । କମ୍ପାନୀର କର୍ମଚାରୀମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ବାରମ୍ବାର ଅର୍ଥ ଦେବାକୁ ପଡୁଥିବାରୁ ତାଙ୍କର ଆର୍ଥିକ ଅବସ୍ଥା ଶୋଚନୀୟ ହୋଇ ପଡ଼ିଲା । ଏପରିକି ସୈନ୍ୟମାନଙ୍କୁ ଦରମା ଦେବାପାଇଁ ଅସମର୍ଥ ହେଲେ । ଏହି ସମୟରେ କ୍ଲାଇଭ୍ ଇଂଲଣ୍ଡକୁ ଫେରିଗଲେ । ଇଂରେଜ କର୍ମଚାରୀମାନେ ଅଧିକ ବିଶୃଙ୍ଖଳିତ ହୋଇ ଅଧିକ ଅର୍ଥ ଲୋଭରେ ମୀର୍‌ଜାଫର୍‌ଙ୍କୁ ସିଂହାସନରୁ ବିତାଡ଼ିତ କରି ତାଙ୍କ ଜାମାତା ମୀର୍‌କାଶିମ୍‌ଙ୍କୁ ସିଂହାସନରେ ବସାଇଲେ ।



**(ମିରଜାଫର)**

**ମୀର୍‌କାଶିମ୍–** ମୀର୍‌କାଶିମ୍ ନବାବ ହେଲାପରେ ସ୍ୱାଧୀନଭାବେ ଶାସନ କରିବା ପାଇଁ ସ୍ଥିର କରିଥିଲେ । ଇଂରେଜମାନଙ୍କଠାରୁ ଦୂରରେ ରହି ଶାସନ କରିବା ପାଇଁ ସେ ନିଜ ରାଜଧାନୀ ମୁର୍ଶିଦାବାଦ୍‌ଠାରୁ ମୁଙ୍ଗେର୍‌କୁ ଉଠାଇ ନେଇଥିଲେ । ଶାସନ କ୍ଷେତ୍ରରେ କେତେକ କର୍ମଚାରୀମାନଙ୍କୁ ଅପସାରଣ କରିଥିଲେ । କେବଳ ଭାରତୀୟ ବଣିକମାନେ ବାଣିଜ୍ୟ କର ଦେଉଥିଲେ, କିନ୍ତୁ କମ୍ପାନୀର ବଣିକମାନଙ୍କ ପାଇଁ ବାଣିଜ୍ୟ କର ଛାଡ଼ କରାଯାଇଥିଲା । ମୀର୍‌କାଶିମ୍ ଭାରତୀୟ ବଣିକମାନଙ୍କ ଉପରୁ ବାଣିଜ୍ୟ କର ଛାଡ଼କରିଦେଲେ । ଫଳରେ ଇଂରେଜ ବାଣିଜ୍ୟ କାରବାରରେ ବାଧା ସୃଷ୍ଟିହେଲା । ତେଣୁ ଇଂରେଜମାନେ ମୀର୍‌କାଶୀମ୍‌ଙ୍କୁ ନବାବ ପଦରୁ ଅପସାରଣ କରିବା ପାଇଁ ତାଙ୍କ ସହିତ ଯୁଦ୍ଧ କଲେ । ମୀର୍‌କାଶିମ୍ ପରାସ୍ତ ହୋଇ ଅଯୋଧ୍ୟାର ନବାବଙ୍କ ଆଶ୍ରିତ ହୋଇ ରହିଲେ ।

ଅଯୋଧ୍ୟାର ନବାବ ସୁଜାଉଦ୍ଦୌଲା ମୀର୍‌କାଶିମ୍‌ଙ୍କୁ ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେଲେ । ମୋଗଲ ସମ୍ରାଟ ଶାହାଆଲାମ୍ ମଧ୍ୟ ମିର୍‌କାଶିମ୍‌ଙ୍କୁ ସାହାଯ୍ୟ ଦେବାକୁ ଆଗେଇ ଆସିଲେ । ଏଣୁ ମୋଗଲ ସମ୍ରାଟ ଶାହାଆଲାମ୍, ଅଯୋଧ୍ୟା ନବାବ ସୁଜାଉଦ୍ଦୌଲା ଓ ମୀର୍‌କାଶିମ୍ ମିଳିତ ହୋଇ ଇଂରେଜ ବିରୁଦ୍ଧରେ ଯୁଦ୍ଧପାଇଁ ପ୍ରସ୍ତୁତ ହେଲେ ।

**ବକ୍ସାର୍ ଯୁଦ୍ଧ–** ୧୭୬୪ ଖ୍ରୀଷ୍ଟାବ୍ଦରେ ଇଂରେଜମାନଙ୍କ ବିରୋଧରେ ବଙ୍ଗରନବାବ ମୀର୍‌କାଶିମ୍, ଅଯୋଧ୍ୟାର ନବାବ ସୁଜାଉଦ୍ଦୌଲା ଓ ମୋଗଲ ସମ୍ରାଟ ଶାହାଆଲାମ୍ ମିଳିତ ହୋଇ ବକ୍ସାର ନାମକ ସ୍ଥାନରେ ଇଂରେଜ ବିରୁଦ୍ଧରେ ଯୁଦ୍ଧକଲେ । ଏହାକୁ ବକ୍ସାର୍ ଯୁଦ୍ଧ କୁହାଗଲା । ଏହି ଯୁଦ୍ଧରେ ଇଂରେଜମାନେ ବିଜୟୀ ହେଲେ । ସୁଜାଉଦ୍ଦୌଲା ଇଂରେଜମାନଙ୍କଠାରେ ଆତ୍ମ ସମର୍ପଣ କଲେ । ଇଂରେଜମାନେ ତାଙ୍କୁ ସସମ୍ମାନେ ଅଯୋଧ୍ୟାର ନବାବ କରାଇଲେ । ଭାରତୀୟ ଶାସକମାନଙ୍କର ମିଳିତ ତ୍ରିଶକ୍ତି ଇଷ୍ଟଇଣ୍ଡିଆ କମ୍ପାନୀର ସାମରିକ ଶକ୍ତିଦ୍ୱାରା ପରାଜିତ ହେବା ଫଳରେ ଭାରତରେ କମ୍ପାନୀ ଶାସନ ସୁଦୃଢ଼ ହେଲା ।


ଇଷ୍ଟଇଣ୍ଡିଆ କମ୍ପାନୀର ଶାସନକାର୍ଯ୍ୟରେ ବିଶୃଙ୍ଖଳା ଦେଖାଦେଲା । କମ୍ପାନୀକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବାପାଇଁ କ୍ଲାଇବ୍‌କୁ ପୁନର୍ବାର ବଙ୍ଗର ଗଭର୍ଣ୍ଣର ଭାବେ ନିଯୁକ୍ତି ଦିଆଗଲା । ୧୭୬୫ ଖ୍ରୀଷ୍ଟାବ୍ଦରେ କ୍ଲାଇବ୍ ବଙ୍ଗର ଗଭର୍ଣ୍ଣର ଭାର ଗ୍ରହଣ କଲେ । ପ୍ରଥମେ ସେ ବାହ୍ୟ ଓ ଆଭ୍ୟନ୍ତରୀଣ ସମସ୍ୟାଗୁଡ଼ିକର ସମ୍ମୁଖୀନ ହେଲେ । କ୍ଲାଇବ୍ ପ୍ରଥମେ କାଉନ୍‌ସିଲ୍‌ର ସଦସ୍ୟମାନଙ୍କ ଏଜେନ୍‌ସି ପ୍ରଥା ରଦ୍ଦକଲେ । କାଉନ୍‌ସିଲ୍‌ର ସଦସ୍ୟମାନେ କିମ୍ବା କର୍ମଚାରୀମାନେ କୌଣସି ଉପହାର କିମ୍ବା ସୁବିଧା ଗ୍ରହଣ କରିପାରିବେ ନାହିଁ ବୋଲି ଆଇନ କଲେ । କର୍ମଚାରୀମାନଙ୍କ ଅବୈଧ ବାଣିଜ୍ୟ ବ୍ୟବସାୟକୁ ବନ୍ଦକରି ଦେଇଥିଲେ । ସାମରିକ କର୍ମଚାରୀମାନେ ପାଉଥିବା ଭତ୍ତା ପ୍ରଥାର ପରିବର୍ତ୍ତନ କରାଗଲା ।

ବକ୍ସାର୍ ଯୁଦ୍ଧପରେ କ୍ଲାଇବ୍ ସୁଜାଉଦ୍ଦୌଲାଙ୍କ ସହିତ ୧୭୬୫ ଖ୍ରୀଷ୍ଟାବ୍ଦରେ ଏକ ଚୁକ୍ତି ସ୍ୱାକ୍ଷର କରିଥିଲେ । ଏହି ଚୁକ୍ତି ଅନୁଯାୟୀ ଅଯୋଧ୍ୟାର ନବାବ କୋରା ଓ ଆଲ୍ଲାହାବାଦ ଇଷ୍ଟ ଇଣ୍ଡିଆ କମ୍ପାନୀକୁ ହସ୍ତାନ୍ତର କଲେ । ଯୁଦ୍ଧର କ୍ଷତି ପୂରଣ ବାବଦ ନବାବ ଇଂରେଜମାନଙ୍କୁ ପଚାଶ ଲକ୍ଷ ଟଙ୍କା ଦେବାକୁ ରାଜି ହେଲେ । ନିଜର ନିରାପତ୍ତାର ଦାୟିତ୍ୱ ପାଇଁ ନବାବଙ୍କୁ ନିଜ ଖର୍ଚ୍ଚରେ ଇଂରେଜ ସୈନ୍ୟମାନଙ୍କୁ ନିଜ ରାଜ୍ୟରେ ରଖିବାକୁ ପଡ଼ିଲା । ଏହାଫଳରେ ଅଯୋଧ୍ୟାରେ ଇଂରେଜମାନଙ୍କ ପ୍ରାଧାନ୍ୟ ପ୍ରତିଷ୍ଠିତ ହେଲା । କ୍ଲାଇବ ଚୁକ୍ତି ଅନୁଯାୟୀ ମୋଗଲ ସମ୍ରାଟ ଶାହାଆଲାମ୍‌ଙ୍କ ଠାରୁ ବଙ୍ଗ, ବିହାର ଏବଂ ଓଡ଼ିଶାର ଦେଓ୍ୱାନୀ ଲାଭ କଲେ । ଏହାଦ୍ୱାରା ଏହି ଅଞ୍ଚଳର ରାଜସ୍ୱ ଆଦାୟ ଭାର କମ୍ପାନୀ ନିଜ ହାତକୁ ନେଲା ।

**ଦ୍ୱୈତଶାସନ–** ବକ୍ସାର ଯୁଦ୍ଧପରେ ଇଂରେଜମାନେ ବଙ୍ଗର ପ୍ରକୃତ ଶାସକ ହେଲେ । କ୍ଲାଇବ୍ ବଙ୍ଗର ଶାସନ ବ୍ୟବସ୍ଥାକୁ ଦୁଇ ଭାଗରେ ବିଭକ୍ତ କରାଇଦେଲେ । ବଙ୍ଗର ନବାବଙ୍କ ହାତରେ ଶାସନ ଓ ବିଚାର ବିଭାଗ ରହିଲା । କମ୍ପାନୀ ହାତରେ ସାମରିକ ଓ ରାଜସ୍ୱ ଆଦାୟ ଦାୟିତ୍ୱ ରଖାଗଲା । ଏହାକୁ ଦ୍ୱୈତଶାସନ କୁହାଯାଏ । କିନ୍ତୁ ଏହି ଦ୍ୱୈତଶାସନ ବ୍ୟବସ୍ଥାଦ୍ୱାରା ଶାସନଗତ ବିଶୃଙ୍ଖଳା ଦେଖାଗଲା । ପ୍ରଜାମାନଙ୍କର ଦୁଃଖ ଦୁର୍ଦ୍ଦଶା ବଢ଼ିଗଲା । ଏହା ସହିତ ବଙ୍ଗରେ ଦୁର୍ଭିକ୍ଷ ପଡ଼ିଲା । ଏଥିରେ ବହୁ ଲୋକଙ୍କର ମୃତ୍ୟୁ ହେଲା । ୧୭୭୧ ଖ୍ରୀଷ୍ଟାବ୍ଦରେ ଦ୍ୱୈତଶାସନ ବ୍ୟବସ୍ଥାକୁ ପ୍ରତ୍ୟାହାର କରାଯାଇଥିଲା ।

ପଲାସୀଯୁଦ୍ଧ ଓ ବକ୍ସାରଯୁଦ୍ଧ ପରେ ଭାରତରେ ଇଂରେଜ ମାନଙ୍କର କ୍ଷମତା ବୃଦ୍ଧି ପାଇଲା । ସେମାନେ ଭାରତର ଅନ୍ୟ ଅଞ୍ଚଳରେ କ୍ଷମତା ବିସ୍ତାର କରିବା ପାଇଁ ଚେଷ୍ଟା କଲେ । ଦାକ୍ଷିଣାତ୍ୟରେ ନିଜର କ୍ଷମତା ବୃଦ୍ଧି ପାଇଁ ପ୍ରୟାସ କଲେ ।

**ପ୍ରଥମ ମହୀଶୂର ସମର –** ଦାକ୍ଷିଣାତ୍ୟରେ ମହୀଶୂର ଏକ ସ୍ୱାଧୀନ ରାଜ୍ୟଥିଲା । ୧୭୬୧ ଖ୍ରୀଷ୍ଟାବ୍ଦରେ ହାଇଦର ଅଲ୍ଲୀ ଏହାର ଶାସକଥିଲେ । ସେ ତାଙ୍କ ପଡ଼ୋଶୀ ରାଜ୍ୟଗୁଡ଼ିକୁ ଅଧିକାର କରିବାକୁ ଚେଷ୍ଟାକଲେ । ଫଳରେ ମରହଟ୍ଟା ଓ ହାଇଦ୍ରାବାଦର ନିଜାମ, ଇଂରେଜମାନଙ୍କ ସହିତ ମିଶି ହାଇଦର୍ ଅଲ୍ଲୀଙ୍କ ବିରୁଦ୍ଧରେ ୧୭୬୭ ଖ୍ରୀଷ୍ଟାବ୍ଦରେ ଯୁଦ୍ଧ ଘୋଷଣା କଲେ । ଏହି ଯୁଦ୍ଧରେ ହାଇଦର୍ ଅଲ୍ଲୀ ମିଳିତ ବାହିନୀକୁ ପରାସ୍ତ କଲେ । ଫଳରେ ୧୭୬୯ ଖ୍ରୀଷ୍ଟାବ୍ଦରେ ଇଂରେଜ ବାଧ୍ୟହୋଇ ହାଇଦର୍ ଅଲ୍ଲୀଙ୍କ ସହ ସନ୍ଧି କଲେ । ଏହି ସନ୍ଧି ସର୍ତ୍ତ ଅନୁଯାୟୀ ଉଭୟ ଉଭୟଙ୍କୁ ଯୁଦ୍ଧ ସମୟରେ ସାହାଯ୍ୟ କରିବାର ବ୍ୟବସ୍ଥା ରହିଲା ।



(ହାଇଦର୍ ଅଲ୍ଲୀ)

**ଦ୍ୱିତୀୟ ମହୀଶୂର ସମର –** ସନ୍ଧି ସର୍ତ୍ତ ଅନୁଯାୟୀ ଇଂରେଜମାନେ ହାଇଦର୍ ଅଲ୍ଲୀଙ୍କୁ ସାହାଯ୍ୟ କଲେ ନାହିଁ । କିନ୍ତୁ ହାଇଦର୍ ଅଲ୍ଲୀ କର୍ଣ୍ଣାଟକ ଆକ୍ରମଣ କରିବା ସମୟରେ ଇଂଲଣ୍ଡର କର୍ଣ୍ଣେଲ୍ ବେରିଂ ଇଂରେଜ ସୈନ୍ୟ ନେଇ ହାଇଦରଙ୍କୁ ପ୍ରତିରୋଧ କଲେ;

ହାଇଦରଙ୍କ ପୁତ୍ର ଟିପୁ ସୁଲତାନ କର୍ଣ୍ଣେଲ୍ ବେରିଂଙ୍କୁ ପରାସ୍ତ କରି ଆର୍କଟ ଅଧିକାର କଲେ । ଇଂରେଜମାନେ ହାଇଦର୍‌ଙ୍କ ରାଜ୍ୟରେ ଅବସ୍ଥିତ ମାହେ ନାମକ ଫରାସୀ ବାଣିଜ୍ୟ କୋଠିକୁ ଦଖଲ କରିବାରୁ ହାଇଦର୍ ଅଲ୍ଲୀ ଓ ଇଂରେଜମାନଙ୍କ ମଧ୍ୟରେ ଯୁଦ୍ଧ ହେଲା । ଯୁଦ୍ଧ ଚାଲିଥିବା ସମୟରେ ୧୭୮୨ ଖ୍ରୀଷ୍ଟାବ୍ଦରେ ହାଇଦର୍ ଅଲ୍ଲୀ ପ୍ରାଣତ୍ୟାଗ କଲେ । ମାତ୍ର ତାଙ୍କ ସୁଯୋଗ୍ୟ ପୁତ୍ର ଟିପୁ ସୁଲତାନ ଇଂରେଜ ବିରୁଦ୍ଧରେ ଯୁଦ୍ଧ ଚାଲୁରଖିଲେ । ଟିପୁ ଇଂରେଜ ସୈନ୍ୟବାହିନୀର ବ୍ରିଗେଡ଼ିୟର ମାଥ୍ୟୁସ ଓ ତାଙ୍କ ସୈନ୍ୟମାନଙ୍କୁ ବନ୍ଦୀ କଲେ । ଇଂରେଜ ଓ ଟିପୁଙ୍କ ମଧ୍ୟରେ ଏକ ଶାନ୍ତି ଚୁକ୍ତି ହେଲା । ଏହି ଚୁକ୍ତି ଅନୁସାରେ ଉଭୟ ପକ୍ଷ ଯୁଦ୍ଧ ସମୟରେ ହରାଇଥିବା ରାଜ୍ୟ ଫେରିପାଇଲେ ।



(ଟିପୁ ସୁଲତାନ୍)

**ତୃତୀୟ ମହୀଶୂର ଯୁଦ୍ଧ –** ଟିପୁସୁଲତାନଙ୍କ ଶକ୍ତି ଓ କ୍ଷମତା ଦେଖି ନିଜାମ୍ ଓ ମରହଟ୍ଟାମାନେ ଭୟକରି ଇଂରେଜ ସହିତ ମେଣ୍ଟକଲେ । ୧୭୯୦ ଖ୍ରୀଷ୍ଟାବ୍ଦରେ ଟିପୁ ଇଂରେଜଙ୍କ ମିତ୍ର ରାଜ୍ୟ ତ୍ରିବାଙ୍କୁଡ଼ ଆକ୍ରମଣ କରିବାରୁ ଇଂରେଜମାନେ ଟିପୁଙ୍କ ବିରୁଦ୍ଧରେ ଯୁଦ୍ଧକଲେ । କର୍ଣ୍ଣୱାଲିସ ଏକ ସୈନ୍ୟବାହିନୀ ନେଇ ଟିପୁଙ୍କ ରାଜଧାନୀ ଶ୍ରୀରଙ୍ଗା ପଟ୍ଟନମ୍ ଅଧିକାର କଲେ । ଟିପୁ ବାଧ୍ୟହୋଇ ଇଂରେଜମାନଙ୍କ ସହିତ ସନ୍ଧି କଲେ । ଏହାକୁ ଶ୍ରୀରଙ୍ଗା ପଟ୍ଟନମ୍ ସନ୍ଧି କୁହାଗଲା । ଏହି ସନ୍ଧିର ସର୍ତ୍ତ ଅନୁଯାୟୀ ଟିପୁ ନିଜ ରାଜ୍ୟର ଅର୍ଦ୍ଧେକ ଅଂଶ ଇଂରେଜ, ମରହଟ୍ଟା ଓ ନିଜାମଙ୍କୁ ଛାଡ଼ିଦେଲେ ।

**ଚତୁର୍ଥ ମହୀଶୂର ଯୁଦ୍ଧ–** ଟିପୁ ନିଜ ପରାଜୟର ପ୍ରତିଶୋଧ ନେବାପାଇଁ ନିଜର ସୈନ୍ୟବାହିନୀକୁ ଫରାସୀ ମାନଙ୍କଦ୍ୱାରା ତାଲିମ ଦେଇ ଅଧିକ ଶକ୍ତିଶାଳୀ କରାଇଥିଲେ । ୧୭୯୯ ଖ୍ରୀଷ୍ଟାବ୍ଦରେ ଇଂରେଜ ଗଭର୍ଣ୍ଣର ୱେଲେସ୍‌ଲି ମରହଟ୍ଟା ଓ ନିଜାମଙ୍କ ସହିତ ମିଶି ପୁନରାୟ ଟିପୁଙ୍କ ରାଜ୍ୟକୁ ଆକ୍ରମଣ କଲେ । ଟିପୁ ସାହସର ସହିତ ଲଢ଼େଇ କଲେ । ୧୭୯୯ ଖ୍ରୀଷ୍ଟାବ୍ଦରେ ଟିପୁ ଯୁଦ୍ଧରେ ନିହତ ହେଲେ ।

**ତୁମେ ଜାଣିଛ କି ?**

ଟିପୁ ସୁଲତାନ୍ ଜଣେ ସ୍ୱାଧୀନଚେତା ବୀରପୁରୁଷ, ସୁଶାସକ ଏବଂ ପ୍ରବୀଣ ରାଜନୀତିଜ୍ଞ ଥିଲେ । ତାଙ୍କର ଅସାଧାରଣ ବୀରତ୍ୱ ଓ ସାହସିକତା ପାଇଁ ସେ "ମହୀଶୂରର ବାଘ" ନାମରେ ପରିଚିତ ।

ପରେ ମହୀଶୂର ରାଜ୍ୟ ତିନିଭାଗରେ ବିଭକ୍ତ ହେଲା । ଦକ୍ଷିଣ-ପଶ୍ଚିମ ଜିଲ୍ଲାଗୁଡ଼ିକ ଇଂରେଜମାନଙ୍କର ଅଧିକାର ହେଲା । ଉତ୍ତର-ପୂର୍ବର କେତେକ ଜିଲ୍ଲା ନିଜାମଙ୍କ ରାଜ୍ୟରେ ମିଶିଲା । ମରହଟ୍ଟାମାନେ ମହୀଶୂର ରାଜ୍ୟର ଉତ୍ତର-ପଶ୍ଚିମ ଅଂଶରୁ କିଛି ପାଇଥିଲେ । ଏହାପରେ ଇଂରେଜମାନେ ଭାରତର ଅନ୍ୟାନ୍ୟ ଅଞ୍ଚଳଗୁଡ଼ିକ ଜୟକରି ସାମ୍ରାଜ୍ୟ ବୃଦ୍ଧି କରିବାକୁ ଉଦ୍ୟମ କଲେ ।

ଇଂରେଜମାନେ ମରହଟ୍ଟା ଶକ୍ତିକୁ ଲକ୍ଷ୍ୟ ରଖି ମରହଟ୍ଟାମାନଙ୍କ ଅନ୍ତର୍ବିବାଦର ସୁଯୋଗ ନେଲେ । ମରହଟ୍ଟାମାନେ ଗାଇକୱାଡ଼, ଭୋଁସଲା, ସିନ୍ଧିଆ ଓ ହୋଲକାର୍ ବଂଶ ଧରି ପରସ୍ପର ମଧ୍ୟରେ କଳହରେ ଲିପ୍ତଥିଲେ । ଇଂରେଜମାନେ ଏହି ସୁଯୋଗରେ ମରହଟ୍ଟାମାନଙ୍କ ସହ ଯୁଦ୍ଧ କରି ମରହଟ୍ଟା ଶକ୍ତିକୁ ଧ୍ୱଂସକଲେ ।

**ସାମନ୍ତ ସନ୍ଧି ପ୍ରଥା–** ଭାରତୀୟ ରାଜ୍ୟଗୁଡ଼ିକ ଉପରେ ଇଂରେଜମାନଙ୍କ ପ୍ରଭାବ ବିସ୍ତାର କରିବା ନିମନ୍ତେ ୱେଲେସ୍‌ଲି ଏକ ପ୍ରଥା ପ୍ରଚଳନ କଲେ । ତାହାକୁ ସାମନ୍ତ ସନ୍ଧି ବା ଅଧୀନତାମୂଳକ ମିତ୍ରତା କୁହାଯାଏ । ଏହି ସନ୍ଧିର ସର୍ତ୍ତ ଅନୁଯାୟୀ; ଯେଉଁ ଦେଶୀୟ ରାଜ୍ୟଗୁଡ଼ିକର ରାଜା ଏହାକୁ ଗ୍ରହଣ କରିବେ ସେମାନେ ଇଂରେଜମାନଙ୍କ ମିତ୍ରହୋଇ ଅଧୀନତା ସ୍ୱୀକାର କରିବେ; ସେମାନେ ଇଂରେଜମାନଙ୍କ ଅନୁମତି ନନେଇ କୌଣସି ଦେଶୀୟ କିମ୍ବା ବିଦେଶୀ ଶକ୍ତି ସହିତ ସମ୍ପର୍କ ରଖି ପାରିବେ ନାହିଁ; ସାମନ୍ତ ସନ୍ଧି ଗ୍ରହଣ କରିଥିବା ରାଜ୍ୟ ନିଜ ଖର୍ଚ୍ଚରେ ଦଳେ ଇଂରେଜ ସୈନ୍ୟଙ୍କୁ ନିଜ ରାଜ୍ୟରେ ରଖିବେ; ସୈନ୍ୟମାନଙ୍କ ଖର୍ଚ୍ଚ ଦେବାକୁ ଅସମର୍ଥ ହେଲେ, ସେହି ଖର୍ଚ୍ଚ ବାବଦକୁ ନିଜ ରାଜ୍ୟରୁ ଏକ ଅଂଶ ଇଂରେଜମାନଙ୍କୁ ଦେବେ ।

**ତୁମପାଇଁ କାମ :**

ଟିପୁ ସୁଲତାନଙ୍କ ବୀରତ୍ୱ ଓ ସାହସ ସମ୍ପର୍କରେ ଅଧିକ ବହି ପଢ଼ି ତଥ୍ୟ ସଂଗ୍ରହ କର ।

ପ୍ରଥମେ ହାଇଦ୍ରାବାଦର ନିଜାମ୍ ଏହି ସନ୍ଧି ଗ୍ରହଣ କଲେ । ପରେ ଅଯୋଧ୍ୟାର ନବାବ ସାମନ୍ତସନ୍ଧି ଗ୍ରହଣ କରି ନିଜ ରାଜ୍ୟର ଏକ ଅଂଶ ଇଂରେଜମାନଙ୍କୁ ଦେଇଥିଲେ । ସେହିପରି ଭୋଁସଲା ଓ ସିନ୍ଧିଆ ଏହି ସନ୍ଧି ଗ୍ରହଣ କରି ନିଜ ରାଜ୍ୟରୁ ଖଣ୍ଡେ ଖଣ୍ଡେ ଅଂଶ ଇଂରେଜମାନଙ୍କୁ ଦେଇଥିଲେ । ତାଞ୍ଜୋର, ସୁରଟ, ରାଜପୁତାନା ଅଞ୍ଚଳର ଯୋଧପୁର, ଜୟପୁର ଓ ଉଦୟପୁର

ଅଞ୍ଚଳ ପ୍ରଭୃତି ରାଜ୍ୟର ଶାସକମାନେ ସାମନ୍ତସନ୍ଧି ଗ୍ରହଣ କରିଥିଲେ । ଫଳରେ ସେମାନେ ନିଜର ସ୍ୱାଧୀନତା ହରାଇଥିଲେ ।

**ରାଜ୍ୟସ୍ୱତ୍ୱଲୋପନୀତି–** ଭାରତର ଗଭର୍ଣ୍ଣର ଜେନେରାଲ ଲର୍ଡ଼ ଡେଲହାଉସୀ ଜଣେ ସାମ୍ରାଜ୍ୟବାଦୀ ଶାସକଥିଲେ । ଭାରତରେ ଇଂରେଜମାନଙ୍କ ସାମ୍ରାଜ୍ୟ ବିସ୍ତାର କରିବା ପାଇଁ ଏକ ନୂତନ ପନ୍ଥା ପ୍ରୟୋଗ କଲେ । ତାହା ରାଜ୍ୟସ୍ୱତ୍ୱଲୋପନୀତି ନାମରେ ନାମିତ । କୌଣସି ଦେଶୀୟ ରାଜ୍ୟର ରାଜା ଅପୁତ୍ରିକ ଥିଲେ ପୋଷ୍ୟପୁତ୍ର ଗ୍ରହଣ କରୁଥିଲେ । ରାଜାଙ୍କ ମୃତ୍ୟୁପରେ ପୋଷ୍ୟପୁତ୍ର ତାଙ୍କର ଉତ୍ତରାଧିକାରୀ ରୂପେ ରାଜା ହେଉଥିଲେ । କିନ୍ତୁ ଏହି ନୀତି ଅନୁସାରେ କୌଣସି ଅପୁତ୍ରିକ ରାଜା ପୋଷ୍ୟପୁତ୍ର ଗ୍ରହଣ କରି ପାରିବେ ନାହିଁ ବୋଲି ବ୍ୟବସ୍ଥା ରହିଲା । ତାଙ୍କ ମୃତ୍ୟୁପରେ ତାଙ୍କ ରାଜ୍ୟ ଇଂରେଜ ସାମ୍ରାଜ୍ୟଭୁକ୍ତ ହେବାର ବ୍ୟବସ୍ଥା ରହିଲା। ଏହି ନୀତି ଅନୁସାରେ ସତାରା, ଝାନ୍ସୀ, ନାଗପୁର, ସମ୍ବଲପୁର, ଜୈତପୁର ପ୍ରଭୃତି ଦେଶୀୟ ରାଜ୍ୟ ଗୁଡ଼ିକ ଇଂରେଜ ସାମ୍ରାଜ୍ୟଭୁକ୍ତ ହୋଇଥିଲା ।

**ଶାସନ ବ୍ୟବସ୍ଥା :**

**ନିୟାମକ ଆଇନ୍ –** (୧୭୭୩) ଇଂରେଜ ଇଷ୍ଟ ଇଣ୍ଡିଆ କମ୍ପାନୀ ବାଣିଜ୍ୟ କରିବା ସଙ୍ଗେ ସଙ୍ଗେ ଭାରତରେ ରାଜ୍ୟ ବିସ୍ତାର କଲେ ଏବଂ ମନଇଚ୍ଛା ଶାସନ ଚଳାଇଲେ । ଏହାକୁ ବ୍ରିଟିଶ ପାର୍ଲାମେଣ୍ଟ ସହ୍ୟକରିପାରିଲା ନାହିଁ । ୧୭୭୩ ଖ୍ରୀଷ୍ଟାବ୍ଦରେ ଇଂଲଣ୍ଡର ପ୍ରଧାନମନ୍ତ୍ରୀ ଲର୍ଡ ନର୍ଥ ଭାରତର କମ୍ପାନୀ ଶାସନକୁ ନିୟନ୍ତ୍ରଣ କରିବା ପାଇଁ ଏକ ଆଇନ ପାର୍ଲାମେଣ୍ଟରେ ଗୃହୀତ କରାଇନେଲେ । ତାହାକୁ ରେଗୁଲେଟିଂ ଆକ୍ଟ ବା ନିୟାମକ ଆଇନ୍ କୁହାଯାଏ । ଏଥିରେ ଉଲ୍ଲେଖଥିଲା ଯେ ବଙ୍ଗର ଗଭର୍ଣ୍ଣର ଇଂରେଜ ଶାସିତ ସମସ୍ତ ଅଞ୍ଚଳର ଗଭର୍ଣ୍ଣର ଜେନେରାଲ ବା ବଡ଼ଲାଟ ହେବେ; ବମ୍ବେ ଓ ମାନ୍ଦ୍ରାଜର ଗଭର୍ଣ୍ଣର ତାଙ୍କ ଅଧୀନରେ ରହି କାର୍ଯ୍ୟ କରିବେ; ବଡ଼ଲାଟଙ୍କୁ ଶାସନ କ୍ଷେତ୍ରରେ ସାହାଯ୍ୟ କରିବା ପାଇଁ ଚାରିଜଣ ସଭ୍ୟଙ୍କୁ ନେଇ ଗୋଟିଏ ଶାସନ ପରିଷଦ ବା କାଉନସିଲ ଗଠିତ ହେବ ଏବଂ ପ୍ରତ୍ୟେକ ସଭ୍ୟ ପାଞ୍ଚବର୍ଷ ପାଇଁ ନିଯୁକ୍ତି ପାଇବେ । ଏହି ଆଇନ୍ ଅନୁଯାୟୀ ଇଂରେଜ କର୍ମଚାରୀଙ୍କ ଦୋଷତ୍ରୁଟିର ବିଚାର କରିବା ପାଇଁ କଲିକତା (କୋଲକାତା) ଠାରେ ଏକ ସୁପ୍ରିମ୍‌କୋର୍ଟ ସ୍ଥାପନ କରାଗଲା ଏବଂ ଭାରତ ଶାସନର ସମସ୍ତ ଖବର ବିଲାତ ପାର୍ଲାମେଣ୍ଟକୁ ଜଣାଇବା ପାଇଁ କମ୍ପାନୀକୁ ବାଧ କରାଗଲା ।

**ତୁମେ ଜାଣିଛ କି ?**

| ପୁରାତନ | ପରିବର୍ତ୍ତିତ ନାମ |
|---|---|
| ପୁନା | ପୁଣେ |
| ତ୍ରିଭେନ୍ଦ୍ରମ୍ | ଥିରୁଅନନ୍ତପୁରମ୍ |
| କୋଚିନ୍ | କୋଚି |
| ବାଙ୍ଗାଲୋର | ବେଙ୍ଗାଲୁରୁ |

**ପିଟ୍‌ଙ୍କ ଭାରତ ଶାସନ ଆଇନ (୧୭୮୪)-** ନିୟାମକ ଆଇନ୍‌ରେ କେତେକ ଦୋଷତ୍ରୁଟି ରହିଯାଇଥିଲା । ତାର ସୁଯୋଗରେ ୱାରେନ୍ ହେଷ୍ଟିଂସ୍ ଭାରତରେ ମନଇଚ୍ଛା ଶାସନ ଚଳାଇଲେ । ନାନା ଅନ୍ୟାୟ କାର୍ଯ୍ୟ କରିଚାଲିଲେ । ସେହି ତ୍ରୁଟିକୁ ସୁଧାରିବା ପାଇଁ ବିଲାତ ପାର୍ଲାମେଣ୍ଟରେ ପ୍ରଧାନମନ୍ତ୍ରୀ ଉଇଲିୟମ ପିଟ୍ ସାହେବ ଏକ ଆଇନ କଲେ । ତାହା ପିଟ୍‌ଙ୍କ ଭାରତ ଶାସନ ଆଇନ୍ ନାମରେ ନାମିତ । ଏହି ଆଇନ ଅନୁଯାୟୀ ବିଲାତରେ ବୋର୍ଡ଼ ଅଫ୍ କଣ୍ଟ୍ରୋଲ୍ ବା ନିୟନ୍ତ୍ରଣ ପରିଷଦ ଗଠନ କରାଗଲା । ବିଲାତର ମନ୍ତ୍ରୀ ପରିଷଦରୁ ଜଣକୁ ତାହାର ସଭାପତି ରୂପେ ନିଯୁକ୍ତ କରାଗଲା । ଏହି ବୋର୍ଡ଼ ଅଫ୍ କଣ୍ଟ୍ରୋଲ୍ ହାତରେ ଭାରତ ଶାସନର ସର୍ବୋଚ୍ଚ କ୍ଷମତା ରହିଲା । ଗଭର୍ଣ୍ଣର ଜେନେରାଲଙ୍କ କ୍ଷମତା ବଢ଼ାଇ ଦିଆଗଲା । ଶାସନକାର୍ଯ୍ୟରେ ତାଙ୍କୁ ପରାମର୍ଶ ଦେବାକୁ ଏକ ସଭା ରହିଲା । ଏହି ସଭାରେ ତିନିଜଣ ସଭ୍ୟ ରହିଲେ । ବମ୍ବେ, ମାନ୍ଦ୍ରାଜର ଗଭର୍ଣ୍ଣରଙ୍କ ଉପରେ ଗଭର୍ଣ୍ଣର ଜେନେରାଲ୍‌ଙ୍କର ପୂର୍ଣ୍ଣ ନିୟନ୍ତ୍ରଣ ରହିଲା । ସୁପ୍ରିମକୋର୍ଟର କ୍ଷମତା ପରିସର ସ୍ପଷ୍ଟ କରାଗଲା । ଏହି ଆଇନଦ୍ୱାରା ଇଂରେଜ ସରକାର ଇଷ୍ଟଇଣ୍ଡିଆ କମ୍ପାନୀକୁ ନିୟନ୍ତ୍ରଣ କରିପାରିଥିଲେ ।

ଏହିପରି ଭାବରେ ଗୋଟିଏ ଶତାବ୍ଦୀ ମଧ୍ୟରେ ଇଷ୍ଟଇଣ୍ଡିଆ କମ୍ପାନୀ ଗୋଟିଏ ବାଣିଜ୍ୟିକ ସଂସ୍ଥାରୁ ଭାରତରେ ଶାସକ ହୋଇ ପାରିଥିଲେ ।

**ତୁମପାଇଁ କାମ :**

ବର୍ତ୍ତମାନର ପଶ୍ଚିମବଙ୍ଗ, ତାମିଲନାଡୁ, କର୍ଣ୍ଣାଟକ, ମହାରାଷ୍ଟ୍ର ଓ ମଧ୍ୟ ପ୍ରଦେଶ ବ୍ରିଟିଶ୍ ଶାସନ କାଳରେ କେଉଁ ନାମରେ ପରିଚିତ ଥିଲେ, ତାହା ସଂଗ୍ରହ କର ।

**ଆମେ କ'ଣ ଶିଖିଲେ ?**

- ମୋଗଲ ସାମ୍ରାଜ୍ୟ ପତନ ଫଳରେ ପାଶ୍ଚାତ୍ୟ ଶକ୍ତିମାନଙ୍କର ଉତ୍‌ଥାନ
- ନାଦିରଶାହଙ୍କ ଭାରତ ଆକ୍ରମଣ ଏବଂ ଲୁଣ୍ଠନ
- ତୃତୀୟ ପାନିପଥ ଯୁଦ୍ଧରେ ମରହଟ୍ଟାମାନଙ୍କ ପରାସ୍ତ ଏବଂ ସାମ୍ରାଜ୍ୟ ଗଠନ ଆଶା କ୍ଷୀଣ
- ଭାରତରେ କମ୍ପାନୀ ଶାସନର ଭିତ୍ତି ସ୍ଥାପନ
- ଭାସ୍କୋଡ଼ାଗାମାଙ୍କ ଜଳପଥ ଆବିଷ୍କାର ଫଳରେ ନୌବାଣିଜ୍ୟ ସୁଗମ
- କ୍ରମେ ପର୍ତ୍ତୁଗୀଜ, ଓଲନ୍ଦାଜ୍, ଦିନାମାର, ଇଂରେଜ ଓ ଫରାସୀମାନଙ୍କର ଭାରତରେ ଉପନିବେଶ ସ୍ଥାପନ
- ଫରାସୀର ଫ୍ରାଙ୍କୋ ଏ ମାର୍ଟିନ୍ ଏବଂ ଡ୍ୟୁପ୍ଲେଙ୍କର ଯଥାକ୍ରମେ ପଣ୍ଡିଚେରୀ ଓ ଚନ୍ଦନନଗର ଅଧିକାର
- ସିରାଜଉଦ୍ଦୌଲାଙ୍କ ବୁଦ୍ଧି ପ୍ରୟୋଗ ଓ ଅନ୍ଧକୂପ ହତ୍ୟା
- ସେନାପତି ମିରଜାଫର୍ ଏବଂ ରାୟ ଦୁର୍ଲଭଙ୍କ ସିରାଜଉଦ୍ଦୌଲାଙ୍କ ପ୍ରତି ବିଶ୍ୱାସଘାତକତା
- ଟିପୁ ସୁଲତାନଙ୍କ ଅସାଧାରଣ ବୀରତ୍ୱ ଏବଂ ସାହସିକତା

## ପ୍ରଶ୍ନାବଳୀ

**୧ । ପ୍ରତ୍ୟେକ ଉତ୍ତର ପ୍ରାୟ ୭୫ଟି ଶବ୍ଦରେ ଲେଖ ।**

(କ) ନାଦିରଶାହ କେବେ ଓ କେଉଁ ପରିସ୍ଥିତିରେ ଭାରତ ଆକ୍ରମଣ କରିଥିଲେ ? ସେ ଭାରତ ଆକ୍ରମଣ କରି କେଉଁ ପରିସ୍ଥିତି ସୃଷ୍ଟି କରିଥିଲେ ? ସେ ଭାରତରୁ ନିଜ ଦେଶକୁ କ'ଣ ନେଇ ଯାଇଥିଲେ ?

(ଖ) ପର୍ତ୍ତୁଗୀଜମାନଙ୍କ ଭାରତ ଆଗମନ ଓ ବାଣିଜ୍ୟ କୋଠି ସ୍ଥାପନ ଉପରେ ଧାରଣା ଦିଅ ।

(ଗ) ଫରାସୀ ଇଷ୍ଟ ଇଣ୍ଡିଆ କମ୍ପାନୀ ଭାରତରେ କିପରି ସ୍ଥିତି ସୁଦୃଢ଼ କରି ପାରିଥିଲା ?

(ଘ) ଦ୍ୱିତୀୟ କର୍ଣ୍ଣାଟକ ସମର ଉପରେ ବିବରଣୀ ପ୍ରଦାନ କର ।

(ଙ) ମୀରକାଶିମ୍ କିପରି ବଙ୍ଗର ନବାବ ହେଲେ ଓ କେଉଁ କାରଣ ଯୋଗୁ ଇଂରେଜମାନେ ତାଙ୍କୁ ନବାବ ପଦରୁ ଅପସାରଣ କରିବାକୁ ଚାହିଁଥିଲେ ?

(ଚ) ସାମନ୍ତ ସନ୍ଧି କିଏ କେଉଁ ଉଦ୍ଦେଶ୍ୟରେ ପ୍ରଣୟନ କରିଥିଲେ ? ଏହାର ସର୍ତ୍ତଗୁଡ଼ିକ କ'ଣଥିଲା ଓ କେଉଁମାନେ ଏହି ସନ୍ଧି ଗ୍ରହଣ କରିଥିଲେ ?

(ଛ) ରାଜ୍ୟସ୍ୱତ୍ୱଲୋପନୀତି କିଏ ପ୍ରଣୟନ କରିଥିଲେ ? ଏହି ନୀତିରେ କି ବ୍ୟବସ୍ଥା ଥିଲା ଓ କେଉଁ ରାଜ୍ୟଗୁଡ଼ିକ ଏଥିରେ କ୍ଷତିଗ୍ରସ୍ତ ହୋଇଥିଲେ ?

(ଜ) "ପିଟ୍‌ଙ୍କ ଭାରତ ଶାସନ ଆଇନ" ସମ୍ପର୍କରେ ଧାରଣା ଦିଅ ।

୨ । ପ୍ରତ୍ୟେକ ଉତ୍ତର ପ୍ରାୟ୨୦ ଗୋଟି ଶବ୍ଦରେ ଲେଖ ।

(କ) ଅମୀରମାନେ କେଉଁ କେଉଁ ଦଳରେ ବିଭକ୍ତ ହୋଇଥିଲେ ? ସେମାନେ କେଉଁ ଫାଇଦା ହାସଲ କରୁଥିଲେ ?

(ଖ) ଯୋଧପୁରର ରାଜା ଅଜିତ୍ ସିଂହ କେଉଁ କେଉଁ ରାଜ୍ୟର ଶାସନ କର୍ତ୍ତା ହେଲେ ? ସେ କେଉଁ ଅଞ୍ଚଳର ଶାସନ ଦାୟିତ୍ୱ ଗ୍ରହଣ କରିଥିଲେ ?

(ଗ) କେଉଁ ସ୍ଥାନଗୁଡ଼ିକରେ ପର୍ତ୍ତୁଗୀଜ୍‌ମାନଙ୍କ ବାଣିଜ୍ୟ କୋଠି ଥିଲା ? କେଉଁଗୁଡ଼ିକ ୧୯୬୧ ପର୍ଯ୍ୟନ୍ତ ସେମାନଙ୍କ ଅଧିକାରରେ ରହିଥିଲା ?

(ଘ) ଇଂରେଜ ଓ ଫରାସୀମାନେ କେଉଁ ସ୍ଥାନ ମାନଙ୍କରେ ବାଣିଜ୍ୟ ଦୁର୍ଗ ନିର୍ମାଣ କରିଥିଲେ ?

(ଙ) ଆଲିବର୍ଦ୍ଦି ଖାଁ କେବେ ପ୍ରାଣତ୍ୟାଗ କରିଥିଲେ ? ତାଙ୍କ ପରେ କିଏ ବଙ୍ଗର ଶାସକ ହୋଇଥିଲେ ?

(ଚ) ପଲାସୀ ଯୁଦ୍ଧରେ କିଏ ପରାଜିତ ହୋଇଥିଲେ ଓ ତାଙ୍କୁ କେଉଁ ସ୍ଥାନରେ ବନ୍ଦୀକରି ରଖାଯାଇଥିଲା ?

(ଛ) କେଉଁ ଆଇନ ବଳରେ ଇଂଲଣ୍ଡର ପାର୍ଲାମେଣ୍ଟ ଇଷ୍ଟଇଣ୍ଡିଆ କମ୍ପାନୀକୁ ନିୟନ୍ତ୍ରଣ କରି ପାରିଥିଲା ? ଏହା କେଉଁ ଆଇନର ଦୋଷତ୍ରୁଟିକୁ ସୁଧାରିବା ପାଇଁ କରାଯାଇଥିଲା ?

(ଜ) ଟିପୁ ସୁଲତାନ କେଉଁ ଯୁଦ୍ଧରେ ନିହତ ହୋଇଥିଲେ ? ତାଙ୍କ ପରେ ମହୀଶୂର ରାଜ୍ୟର ପରିଣତି କ'ଣ ହୋଇଥିଲା ?

୩ । ଶୂନ୍ୟସ୍ଥାନ ପୂରଣ କର –

(କ) ନିଜାମ୍ ଉଲ୍ ମୁଲ୍କ୍ ——— ର ଗଭର୍ଣ୍ଣର ରୂପେ ନିଯୁକ୍ତି ପାଇଥିଲେ ।

(ଖ) ମୟୂର ସିଂହାସନ ——— ନିର୍ମାଣ କରିଥିଲେ ।

(ଗ) ଶାହୁଜୀଙ୍କୁ ——— ବନ୍ଦୀ କରି ରଖିଥିଲେ ।

(ଘ) ୧୬୧୫ ଖ୍ରୀ.ଅ.ରେ ——— ଇଂଲଣ୍ଡର ରାଜଦୂତ ଭାବେ ଭାରତକୁ ଆସିଥିଲେ ।

(ଙ) ପଣ୍ଡିଚେରୀରେ ସାମରିକ ଶିବିର ——— ମାନେ ପ୍ରତିଷ୍ଠା କରିଥିଲେ ।

(ଚ) ଇଂରେଜ ସେନାଧ୍ୟକ୍ଷ ——— ଫରାସୀ ବାଣିଜ୍ୟ କୋଠି ଚନ୍ଦନନଗର ଅଧିକାର କରିଥିଲେ ।

(ଛ) "ଅନ୍ଧକୂପହତ୍ୟା" ——— ଙ୍କ ଦ୍ୱାରା ହୋଇଥିଲା ।

(ଜ) ବକ୍ସାର ଯୁଦ୍ଧପରେ ସୁଜାଉଦ୍ଦୌଲା ଇଷ୍ଟଇଣ୍ଡିଆ କମ୍ପାନୀକୁ ——— ଓ ——— ହସ୍ତାନ୍ତର କରିଥିଲେ ।

(ଝ) ହାଇଦର ଅଲ୍ଲୀ ——— ଖ୍ରୀ.ଅ.ରେ ମହୀଶୂର ଶାସକ ହେଲେ ।

(ଞ) ୱେଲ୍‌ସଲି ——— ପ୍ରଥା ପ୍ରଚଳନ କରିଥିଲେ ।

୪ । ରେଖାଙ୍କିତ ଶବ୍ଦଗୁଡ଼ିକୁ ପରିବର୍ତ୍ତନ ନକରି ଭ୍ରମ ସଂଶୋଧନ କର ।

(କ) <u>ଟିପୁ ସୁଲତାନ</u> କର୍ଣ୍ଣେଲ ବେରିଂଙ୍କୁ ପରାସ୍ତ କରି ଶ୍ରୀରଙ୍ଗାପଟ୍ଟନମ୍ ଅଧିକାର କରିଥିଲେ ।

(ଖ) <u>ନିୟାମକ ଆଇନ୍</u> ଭାରତ ପାର୍ଲାମେଣ୍ଟରେ ଗୃହୀତ ହୋଇଥିଲା ।

(ଗ) <u>ନାଦିର ଶାହଙ୍କୁ ମୋଗଲ ସେନା</u> ଲାହୋର ଠାରେ ପ୍ରତିରୋଧ କରିଥିଲେ ।

(ଘ) <u>ଫୋର୍ଟ ସେଣ୍ଟଜର୍ଜ</u> କଲିକତାରେ ଅବସ୍ଥିତ ।

(ଙ) <u>ୱାଜିର ପଦବୀ</u> ମୋଗଲ ଶାସନ କାଳରେ ରାଜସ୍ୱ ଆଦାୟକାରୀଙ୍କୁ ବୁଝାଉଥିଲା ।

୫ । କ' ସ୍ତମ୍ଭର ଶବ୍ଦ ସହିତ ଖ' ସ୍ତମ୍ଭର ଶବ୍ଦ ମିଳନ କର ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
| --- | --- |
| ତାରାବାଈ | ପାରସ୍ୟର ଶାସକ |
| ଏଲିଜାବେଥ୍ | ସେନାପତି |
| ଡୁ୍ୟପ୍ଲେ | କୋହ୍ଲାପୁରର ଶାସିକା |
| ନାଦିରଶାହ | ଇଂଲଣ୍ଡର ଶାସିକା |

୬ । ନିମ୍ନ ସମ୍ଭାବ୍ୟ ଉତ୍ତରଗୁଡ଼ିକ ମଧ୍ୟରୁ ଠିକ୍ ଉତ୍ତର ବାଛି ଲେଖ ।

(କ) "କୁଲି ଖାଁ" ଉପାଧି କିଏ ପାଇଥିଲେ ?

(i) ନାଦିରଶାହ (ii) ନିଜାମ-ଉଲ୍ ମୁଲକ

(iii) ସାଦତ୍ ଖାଁ (iv) ଚେଙ୍ଗିଜ୍ ଖାଁ

(ଖ) ଶିଖମାନେ କେତୋଟି ସଂଘରେ ସଂଗଠିତ ହୋଇଥିଲେ ।

(i) ୧୧ (ii) ୧୨ (iii) ୧୩ (iv) ୧୪

(ଗ) ପ୍ରଥକ କର୍ଣ୍ଣାଟ ସମରର ସମୟ ସୀମା କେତେ ?

(i) ୧୭୪୦-୧୭୪୮

(ii) ୧୭୫୦-୧୭୫୪

(iii) ୧୭୫୮-୧୭୬୦

(iv) ୧୭୫୭-୧୭୬୦

(ଘ) "ମହୀଶୂରର ବାଘ" ନାମରେ କିଏ ପରିଚିତ ?

(i) ରବର୍ଟ କ୍ଲାଇବ୍ (ii) ହାଇଦର ଅଲ୍ଲୀ

(iii) ଟିପୁ ସୁଲତାନ୍ (iv) କର୍ଣ୍ଣୱାଲିସ୍

୭ । ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବା ସଂଖ୍ୟା ବାଛି ଶୂନ୍ୟସ୍ଥାନ ପୂରଣ କର ।

(କ) ଭାରତକୁ ——— ଆବିଷ୍କାର କରିଥିଲେ ।

(ଭାସ୍କୋଡ଼ାଗାମା, ଆଲବୁକାର୍କ, କଲମ୍ବସ୍, କ୍ୟାପଟେନ କୁକ୍)

(ଖ) ପଲାସୀ ଯୁଦ୍ଧରେ ——— ର ବିଶ୍ୱାସଘାତକତା ପାଇଁ ସିରାଜ୍‌ଉଦ୍ଦୌଲା ହାରିଲେ ।

(ମୀରକାଶିମ୍, ମିରଜାଫର, ସୁଜାଉଦ୍ଦୌଲା, ଶାହାଆଲାମ୍)

(ଗ) ଟିପୁ ସୁଲତାନ ——— ମସିହାରେ ଯୁଦ୍ଧରେ ନିହତ ହେଲେ ।

(୧୭୯୦, ୧୭୬୧, ୧୭୯୯, ୧୮୦୦)

●

MI2HCG

## ଦ୍ୱିତୀୟ ଅଧ୍ୟାୟ

# ଭାରତରେ ଇଂରେଜ ଶାସନର ପ୍ରଭାବ

୧୭୫୭ ମସିହାରେ ବଙ୍ଗର ନବାବ ସିରାଜଉଦ୍ଦୌଲ୍ଲା ପଲାସୀଠାରେ ଇଂରେଜ ଇଷ୍ଟଇଣ୍ଡିଆ କଂପାନୀ ଦ୍ୱାରା ଯୁଦ୍ଧରେ ପରାଜିତ ହେଲେ । ଏହା ପଲାସୀ ଯୁଦ୍ଧ ନାମରେ ପରିଚିତ । ଯୁଦ୍ଧ ଜିଣି ପ୍ରଥମେ ଇଂରେଜମାନେ ବଙ୍ଗରେ ଶାସନ ଆରମ୍ଭ କଲେ, ଯାହା ଧୀରେ ଧୀରେ ସମଗ୍ର ଦେଶକୁ ବିସ୍ତାରିତ ହେଲା । ପ୍ରଥମରୁ ଇଷ୍ଟଇଣ୍ଡିଆ କଂପାନୀ ବାଣିଜ୍ୟ କାରବାର ପାଇଁ ଭାରତକୁ ଆସିଥିଲା । ମାତ୍ର ଦେଶର ରାଜନୈତିକ ଦୁର୍ବଳତାର ସୁଯୋଗ ନେଇ ପରେ ଶାସନ କରିବାକୁ ଲାଗିଲା । ପଲାସୀ ଯୁଦ୍ଧର ଶହେ ବର୍ଷ ପରେ ଅର୍ଥାତ୍ ୧୮୫୭ରେ ବିଦ୍ରୋହ ଆରମ୍ଭ ହେଲା ବେଳକୁ ସମଗ୍ର ଭାରତ ଇଂରେଜ ଶାସନାଧୀନ ହୋଇସାରିଥିଲା ।

ଇଂରେଜ ପୂର୍ବବର୍ତ୍ତୀ ଶାସନ ଯଥା ତୁର୍କି ଓ ମୋଗଲ ଶାସନଠାରୁ ଇଂରେଜ ଶାସନ ସଂପୂର୍ଣ୍ଣ ଭିନ୍ନ ଥିଲା । ଇଂଲଣ୍ଡ ପାଇଁ ଭାରତରୁ ଅଧିକରୁ ଅଧିକ ଧନ ସମ୍ପତ୍ତି ନେବା ଇଂରେଜ ଶାସକମାନଙ୍କର ପ୍ରଧାନ ଉଦ୍ଦେଶ୍ୟ ଥିଲା । ସେତେବେଳେ ଇଂଲଣ୍ଡରେ ଶିଳ୍ପ ବିପ୍ଳବ ଆରମ୍ଭ ହୋଇଥିଲା । ନୂଆ ନୂଆ କଳକାରଖାନା ବସାଇବା ଲାଗି ଆବଶ୍ୟକ ହେଉଥିବା କଞ୍ଚାମାଲ ଭାରତରୁ ସଂଗୃହୀତ ହେବାକୁ ଲାଗିଲା । ପୁଣି କଳକାରଖାନାରୁ ଉତ୍ପାଦିତ ସାମଗ୍ରୀର ବିକ୍ରି ପାଇଁ ଭାରତରେ କ୍ଷେତ୍ର ପ୍ରସ୍ତୁତ ହେଲା । ଆବଶ୍ୟକ କଞ୍ଚାମାଲ ଓ ଖାଦ୍ୟଶସ୍ୟ ମଧ୍ୟ ବହୁଳ ପରିମାଣରେ ଭାରତରୁ ରପ୍ତାନୀ ହେଲା । ଇଂରେଜମାନେ ଦେଶର ଶାସନ ଡୋରି ଧରିଥିଲେ ବୋଲି ଭାରତରୁ ଏଭଳି ଧନ ସମ୍ପତ୍ତି ବୋହିନେବା ସହଜରେ ସମ୍ଭବ ହୋଇପାରିଲା । ତୁର୍କି ଓ ମୋଗଲମାନେ ନିଜର ବାସସ୍ଥଳୀ ମନେକରି ଭାରତରେ ଶାସନ କରୁଥିଲେ। ମାତ୍ର ଇଂରେଜ ଶାସନରେ ଭାରତ ହେଲା ଏକ ଉପନିବେଶ । ଇଂଲଣ୍ଡର ସ୍ୱାର୍ଥ ରକ୍ଷା ଲାଗି ଭାରତର ଶିକ୍ଷା, ସଂସ୍କୃତି ଓ ଆର୍ଥିକ ବ୍ୟବସ୍ଥାରେ ପରିବର୍ତ୍ତନ କରାଗଲା । ଇଂରେଜ ସରକାର ଜାଣିଥିଲେ ଯେ ସମାଜର ସବୁ କ୍ଷେତ୍ରରେ ଏକ ଆମୂଳଚୂଳ ପରିବର୍ତ୍ତନ ନ ହେଲେ ଇଂରେଜମାନଙ୍କ ପାଇଁ ଭାରତ ଶାସନ କରିବା ଲାଭପ୍ରଦ ହେବ ନାହିଁ।

**ତୁମେ ଜାଣିଛ କି ?**

ଶିଳ୍ପକ୍ଷେତ୍ରରେ ଏକ ଯୁଗାନ୍ତକାରୀ ଆମୂଳଚୂଳ ପରିବର୍ତ୍ତନକୁ ଶିଳ୍ପ ବିପ୍ଳବ କୁହାଯାଏ । ଅଷ୍ଟାଦଶ ଶତାବ୍ଦୀରେ ଶିଳ୍ପ କ୍ଷେତ୍ରରେ କେତେକ ଉଦ୍ଭାବନ ଓ ଆବିଷ୍କାର ଫଳରେ ମାନବ ଜାତିର ଜୀବନଧାରଣ ଅବସ୍ଥାର ସମ୍ପୂର୍ଣ୍ଣ ପରିବର୍ତ୍ତନ ଘଟିଲା । ଶିଳ୍ପବିପ୍ଳବ ପୂର୍ବରୁ ଲୋକମାନେ ନିଜ ନିଜ ହାତରେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ତିଆରି କରୁଥିଲେ । ୧୭୬୪ରେ ଜେମ୍ସ୍ ହାରଗ୍ରିଭସ୍‌ଙ୍କର ସ୍ପିନିଂଜେନି, ୧୭୭୯ରେ ସାମୁଏଲ କ୍ରମ୍ପଟନ୍‌ଙ୍କର ସ୍ପିନିଂ ମ୍ୟୁଲ, ୧୭୮୫ରେ ଏଡ୍‌ମଣ୍ଡ କାର୍ଟରାଇଟ୍‌ଙ୍କର ପାୱାର ଲୁମ, ୧୭୮୫ରେ ନିଉକମେନଙ୍କ ଷ୍ଟିମ୍ ଇଞ୍ଜିନ୍ ଓ ଜେମ୍ସ୍ ୱାଟ୍‌ଙ୍କର ବାଷ୍ପୀୟ ଶକ୍ତି ପ୍ରଭୃତି ଏକ ନୂତନ ଯନ୍ତ୍ର ଯୁଗ ସୃଷ୍ଟିକଲା ।

**ଶିକ୍ଷା :**

**ଇଂରେଜ ଶାସନ ପୂର୍ବରୁ ଭାରତରେ ପ୍ରଚଳିତ ଶିକ୍ଷା :** ମଦ୍ରାସା ଓ ମକତବ ମୁସଲମାନଙ୍କ ପାଇଁ ଏବଂ ଚାଟଶାଳୀ, ମଠ ଓ ଟୋଲ ହିନ୍ଦୁମାନଙ୍କ ପାଇଁ ପ୍ରମୁଖ ପାରମ୍ପରିକ ଶିକ୍ଷା କେନ୍ଦ୍ର ଥିଲା । ମଦ୍ରାସା ଓ ମକତବରେ ବିଶେଷକରି ଆରବୀୟ ଓ ପାର୍ସୀ ଭାଷା ଶିକ୍ଷା ଏବଂ ମଠ ଓ ଟୋଲ୍‌ରେ ସଂସ୍କୃତ ଶିକ୍ଷା ପ୍ରଦାନ କରାଯାଉଥିଲା । ଚାଟଶାଳୀରେ ଓଡ଼ିଆ ଶିକ୍ଷା ଦିଆଯାଉଥିଲା । ଧର୍ମ ଶାସ୍ତ୍ର ବ୍ୟତୀତ ଗଣିତ ଓ ତର୍କଶାସ୍ତ୍ର ଥିଲା ଏହାର ପ୍ରଧାନ ବିଷୟ ।

**ତୁମପାଇଁ କାମ :**

ତୁମ ଅଞ୍ଚଳରେ ସ୍ଥାପିତ ହୋଇଥିବା ଯେ କୌଣସି ଶିଳ୍ପ ଦ୍ୱାରା କି କି ପ୍ରକାର ପାରିପାର୍ଶ୍ୱିକ ପରିବର୍ତ୍ତନ ଘଟୁଛି, ତାହା ପର୍ଯ୍ୟବେକ୍ଷଣ କର ।

**ନୂତନ ଶିକ୍ଷା ବ୍ୟବସ୍ଥା :**

ଶିକ୍ଷା କ୍ଷେତ୍ରରେ ଇଂରେଜ ଶାସନର ଗଭୀର ପ୍ରଭାବ ଦେଖିବାକୁ ମିଳିଥିଲା । ସେତେବେଳେ ଦେଶରେ ପାରମ୍ପରିକ ଭଙ୍ଗୀରେ ଶିକ୍ଷା ଦିଆଯାଉଥିଲା । ଚାଟଶାଳୀ, ମଦ୍ରାସା, ମକତବ, ମଠ ଓ ଟୋଲ୍ ଆଦି ଗାଁ ଗାଁରେ ସ୍ଥାପିତ ହୋଇଥିଲା । ତହିଁରେ ବିଶେଷ କରି ଅକ୍ଷର ଶିକ୍ଷା, ଗଣିତ, ସାହିତ୍ୟ ଓ

ଦର୍ଶନ ଆଦି ପଢ଼ାଯାଉଥିଲା । ଇଂରେଜ ଶାସନ ଆରମ୍ଭ ହେଲା ପରେ ପ୍ରାୟ ଅର୍ଦ୍ଧ ଶତାବ୍ଦୀ ଧରି ସରକାର ପାରମ୍ପରିକ ଶିକ୍ଷା ବଦଳରେ ଆଧୁନିକ ଶିକ୍ଷା ଦେବାକୁ କୌଣସି ଯତ୍ନ କରିନଥିଲେ । ଇଷ୍ଟ ଇଣ୍ଡିଆ କମ୍ପାନୀ ଭଳି ଏକ ଲାଭକାରୀ ବାଣିଜ୍ୟ ସଂସ୍ଥା ହାତରେ ସରକାରର ନିୟନ୍ତ୍ରଣ ଥିଲା । ଆଧୁନିକ ଶିକ୍ଷାର ପ୍ରସାର ହେଲେ କମ୍ପାନୀକୁ କୌଣସି ଲାଭ ହେବ ବୋଲି ସରକାର ମନେ କରୁନଥିଲେ । ଅନ୍ୟ ପକ୍ଷରେ, ଦେଶର ପ୍ରଚଳିତ ସାମାଜିକ ନୀତିନିୟମଗୁଡ଼ିକୁ ଜାଣିବା ସରକାରୀ କର୍ତ୍ତୃପକ୍ଷଙ୍କ ପକ୍ଷେ ଅତି ଆବଶ୍ୟକ ଥିଲା । ନଚେତ୍ ଆବଶ୍ୟକ ସ୍ଥଳେ ଶାସନ ପରିଚାଳନା କରିବା କଠିନ ହୋଇଥାନ୍ତା । ଏହି କାରଣରୁ ଆରମ୍ଭରେ ଶିକ୍ଷାର ପ୍ରସାର ପାଇଁ ଦେଶର ପାରମ୍ପରିକ ଦେଶୀୟ ଶିକ୍ଷାକୁ ଅଳ୍ପ ବହୁତେ ସାହାଯ୍ୟ ଦିଆଗଲା । ଉଦାହରଣ ସ୍ୱରୂପ, ବଡ଼ଲାଟ୍ ୱାରେନ୍ ହେଷ୍ଟିଙ୍ଗସ୍ ୧୭୮୧ ମସିହାରେ କଲିକତାରେ ଏକ ମଦ୍ରାସା ସ୍ଥାପନ କଲେ । ଏହାର ଦଶବର୍ଷ ପରେ ଜନାଥନ ଡନ୍‌କାନ୍ ବନାରସରେ ହିନ୍ଦୁ ଆଇନ ଓ ଦର୍ଶନ ଶିକ୍ଷା ନିମନ୍ତେ ଏକ ସଂସ୍କୃତ କଲେଜ ସ୍ଥାପନ କଲେ ।

ଇଂଲଣ୍ଡରେ ଆଧୁନିକ ଶିକ୍ଷାର ପ୍ରଭୂତ ପ୍ରସାର ଚାଲିଥିବା ବେଳେ ଭାରତରେ ପାରମ୍ପରିକ ଶିକ୍ଷାକୁ ସହଯୋଗ କରୁଥିବାରୁ ସରକାରଙ୍କୁ ଖ୍ରୀଷ୍ଟିଆନ୍ ମିସ୍‌ନାରୀମାନେ ଘୋର ବିରୋଧ କଲେ । ଦେଶରେ ସଂସ୍କୃତ କଲେଜ ଓ ମଦ୍ରାସା ଶିକ୍ଷାର ପ୍ରଚଳନ ହେଲେ ଭାରତର ଲୋକମାନେ ପାଶ୍ଚାତ୍ୟ ସଂସ୍କୃତି ପ୍ରତି ଆକୃଷ୍ଟ ହେବେ ନାହିଁ ବୋଲି ଖ୍ରୀଷ୍ଟିଆନ୍ ମିସ୍‌ନାରୀମାନେ ମନେ କଲେ । ସେମାନେ ଦାବି କଲେ ଯେ ସରକାର ଆଧୁନିକ ଶିକ୍ଷା ପ୍ରଚଳନ କରନ୍ତୁ ଯଦ୍ୱାରା ଶିକ୍ଷିତ ବର୍ଗ ପାଶ୍ଚାତ୍ୟର ଧର୍ମ, ସଂସ୍କୃତି ତଥା ଆଚରଣକୁ ଆପଣେଇବାକୁ ଆଗ୍ରହୀ ହେବେ ।

୧୮୧୩ ମସିହାରେ ଇଂଲଣ୍ଡରେ "ଚାର୍ଟର ଆଇନ" ପ୍ରଣୀତ ହେଲା । ଶିଳ୍ପ ବିପ୍ଳବର ଆବଶ୍ୟକତାକୁ ପୂରଣ କରିବା ଲାଗି ଭାରତ ଭଳି ଏକ ବିଶାଳ ଉପନିବେଶରେ ଶିକ୍ଷା, ସଂସ୍କୃତି ଆଦିରେ ପରିବର୍ତ୍ତନ ଆଣିବା ଆବଶ୍ୟକ ହେଲା । ଚାର୍ଟର୍ ଆଇନ ଅନୁଯାୟୀ ପ୍ରଥମ କରି କଂପାନୀ ସରକାର ଆଧୁନିକ ବିଜ୍ଞାନ ଶିକ୍ଷାର ପ୍ରସାର ଉଦ୍ଦେଶ୍ୟରେ ଏକ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ନିଷ୍ପତ୍ତି ନେଲେ । ଏହି ଟଙ୍କା ସମଗ୍ର ଭାରତରେ ଆଧୁନିକ ଶିକ୍ଷାର ପ୍ରସାର ପାଇଁ ସମୁଦ୍ରକୁ ଶଂଖେ ସଦୃଶ ଥିଲା । ମାତ୍ର ଦୀର୍ଘ ଦଶ ବର୍ଷ ମଧ୍ୟରେ ସେହି ଅଳ୍ପ ଟଙ୍କାକୁ ମଧ୍ୟ ଖର୍ଚ୍ଚ କରାଗଲା ନାହିଁ ।

## ଚାର୍ଟର ଆଇନ୍ :

ଇଷ୍ଟଇଣ୍ଡିଆ କମ୍ପାନୀକୁ ନିଜ କର୍ତ୍ତୃତ୍ୱାଧୀନ କରିବା ଉଦ୍ଦେଶ୍ୟରେ ବ୍ରିଟିଶ ପାର୍ଲାମେଣ୍ଟରେ ବିଭିନ୍ନ ସମୟରେ ଗୃହୀତ ଆଇନଗୁଡ଼ିକ ମଧ୍ୟରୁ ଏହା ଅନ୍ୟତମ । ପ୍ରଥମ ଚାର୍ଟର ଆଇନ ୧୭୯୩ରେ ଗୃହୀତ ହୋଇଥିଲା । ତା'ପରେ ପ୍ରତି କୋଡ଼ିଏ ବର୍ଷ ବ୍ୟବଧାନରେ ୧୮୧୩, ୧୮୩୩ ଏବଂ କଂପାନୀ ବିଲୟ ହେବା ପୂର୍ବରୁ ଶେଷଥର ପାଇଁ ୧୮୫୩ ମସିହାରେ ଏହି ଆଇନ ପ୍ରଣୀତ ହୋଇଥିଲା । ୧୮୧୩ରେ ପ୍ରଣୀତ ଚାର୍ଟର ଆଇନ୍ ଅନୁଯାୟୀ ଖ୍ରୀଷ୍ଟିଆନ୍ ମିସନାରୀମାନଙ୍କୁ ଭାରତରେ ଧର୍ମ ଓ ସଂସ୍କୃତି ପ୍ରଚାର ପାଇଁ କମ୍ପାନୀକୁ ଅନୁମତି ଦେବାକୁ ପଡ଼ିଲା ।

## ପାଶ୍ଚାତ୍ୟ ଶିକ୍ଷାର ଆରମ୍ଭ :

ଊନବିଂଶ ଶତାବ୍ଦୀର ତୃତୀୟ ଚତୁର୍ଥ ଦଶକ ବେଳକୁ ଭାରତରେ କେଉଁ ପ୍ରକାର ଶିକ୍ଷା ନୀତି ପ୍ରଚଳନ ହେବ, ତାକୁ ନେଇ ଇଂଲଣ୍ଡରେ ବୁଦ୍ଧିଜୀବୀ ମହଲରେ ଘୋର ତର୍କ ବିତର୍କ ଆରମ୍ଭ ହେଲା । ଗୋଟିଏ ଗୋଷ୍ଠୀ ଯୁକ୍ତି କଲେ ଯେ ଭାରତରେ ଆଧୁନିକ ପାଶ୍ଚାତ୍ୟ ଶିକ୍ଷାର ପ୍ରସାର କରାଯାଉ । ଏହାଦ୍ୱାରା ଆଧୁନିକ ବିଜ୍ଞାନ ଓ ସମାଜ ଶାସ୍ତ୍ର ସମ୍ବନ୍ଧୀୟ ଜ୍ଞାନ ଆହରଣ ସହଜ ହେବ । ଏହି ଶିକ୍ଷା ପାଇଁ ଭାରତୀୟମାନେ ଇଂରେଜ ସଂସ୍କୃତି ପ୍ରତି ସହଜରେ ଆକୃଷ୍ଟ ହେବେ । ଫଳରେ ଆଧୁନିକ ଶିକ୍ଷିତ ଗୋଷ୍ଠୀର ସହାୟତାରେ ଭାରତରେ ଇଂରେଜ ସାମ୍ରାଜ୍ୟ ସୁଦୃଢ଼ ହେବ । ଅନ୍ୟ ପକ୍ଷରେ ଦ୍ୱିତୀୟ ଗୋଷ୍ଠୀର ବୁଦ୍ଧିଜୀବୀ ଯୁକ୍ତି କଲେ ଯେ ଭାରତରେ ପାରମ୍ପରିକ ଦେଶୀୟ ଶିକ୍ଷା ଅବ୍ୟାହତ ରହୁ । ଆଧୁନିକ ଶିକ୍ଷାର ସଂସ୍ପର୍ଶରେ ଭାରତୀୟମାନେ ଆସିଲେ ସେମାନେ ସ୍ୱାଧୀନତା ଓ ଗଣତନ୍ତ୍ରର ଚିନ୍ତାଧାରାରେ ଅନୁପ୍ରାଣୀତ ହେବେ ଏବଂ ଇଂରେଜ ସରକାରର ବିରୁଦ୍ଧାଚରଣ କରିବେ । ଦ୍ୱିତୀୟତଃ ଆଧୁନିକ ଶିକ୍ଷା ନାଁରେ ଲୋକମାନଙ୍କର ପରମ୍ପରାରେ ଯଦି ସରକାର ହସ୍ତକ୍ଷେପ କରନ୍ତି, ତାହା ସେମାନେ ସହ୍ୟ କରିପାରିବେ ନାହିଁ । ମୋଟ କଥା ହେଲା ଯେ ଉଭୟ ବୁଦ୍ଧିଜୀବୀ ଗୋଷ୍ଠୀ ଇଂରେଜ ସାମ୍ରାଜ୍ୟର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଯୁକ୍ତି ବାଢିଲେ । ପୁଣି ଶିକ୍ଷାରେ ମାତୃଭାଷାର ମହତ୍ତ୍ୱ କଥାକୁ କେହି ଗୁରୁତ୍ୱ ଦେଲେ ନାହିଁ । ଆଧୁନିକ ଶିକ୍ଷା ପାଇଁ ଇଂରାଜୀ ବଦଳରେ ମାତୃଭାଷା ମାଧ୍ୟମ ହେଲେ ଶିକ୍ଷା ଗ୍ରହଣ ଯେ ସହଜ ହେବ – ଏହା ସେମାନେ ବୁଝିପାରିଲେ ନାହିଁ ।

## ଲର୍ଡ଼ ମାକଲେଙ୍କ ନୀତି :

୧୮୩୫ ମସିହାରେ କମ୍ପାନୀର କାର୍ଯ୍ୟକାରୀ ପରିଷଦର ଆଇନ ସଭ୍ୟ ଲର୍ଡ଼ ମାକଲେ ଇଂରାଜୀ ମାଧ୍ୟମରେ ଭାରତରେ ଆଧୁନିକ ପାଶ୍ଚାତ୍ୟ ଶିକ୍ଷାର ପ୍ରଚଳନ ହେବ ବୋଲି ସରକାରଙ୍କର ନିଷ୍ପତ୍ତି ଶୁଣାଇଲେ । ତାଙ୍କର ଯୁକ୍ତି ଥିଲା ଯେ ଭାରତର ପ୍ରାଚୀନ ଶିକ୍ଷା ଯଥେଷ୍ଟ ନୁହେଁ । ପୁଣି ଦେଶର ଲୋକମାନଙ୍କୁ ସମୂହ ଭାବରେ ଆଧୁନିକ ଶିକ୍ଷା ଦେବାକୁ ସରକାର ଏତେ ମାତ୍ରାରେ ଅର୍ଥ ଖର୍ଚ୍ଚକରିବା ପାଇଁ ପ୍ରସ୍ତୁତ ନଥିଲେ । ତେଣୁ ଅଳ୍ପ କେତେକଙ୍କୁ ଇଂରାଜୀ ମାଧ୍ୟମରେ ଆଧୁନିକ ପାଶ୍ଚାତ୍ୟ ଶିକ୍ଷା ପ୍ରଦାନ କଲେ ସେମାନଙ୍କ ମାଧ୍ୟମରେ ଶିକ୍ଷା ଓ ଜ୍ଞାନର ଆଲୋକ ଅନ୍ୟମାନଙ୍କ ପାଖରେ ମଧ୍ୟ ପହଞ୍ଚିବ । ତା' ଛଡା କିଛି ଲୋକ ଶିକ୍ଷିତ ହେଲେ କିରାଣୀ ଓ ନିମ୍ନଶ୍ରେଣୀର କାମ ଲାଗି ସହଜରେ ଲୋକ ମିଳିଯିବେ । ଇଂଲଣ୍ଡରୁ କିରାଣୀ ଆଣି ଭାରତରେ ଶାସନ ପରିଚାଳନା କରିବା ଖୁବ୍ ବ୍ୟୟବହୁଳ ହେବ ବୋଲି ମାକଲେ ଭଲଭାବେ ଜାଣିଥିଲେ । ମାତୃଭାଷା ମାଧ୍ୟମରେ ଆଧୁନିକ ଓ ପାଶ୍ଚାତ୍ୟ ଶିକ୍ଷା ପ୍ରଦାନ କଲେ ଓ ଇଂରାଜୀକୁ ଦ୍ୱିତୀୟ ଭାଷା ରୂପେ ଅଧ୍ୟୟନ କଲେ ଭାରତରେ ଉପନିବେଶବାଦୀ ସ୍ୱାର୍ଥର ହାନି ହେବ ବୋଲି ଇଂରେଜ ସରକାରଙ୍କୁ ଜଣାଥିଲା । ତେଣୁ, ମାତୃଭାଷାରେ ଶିକ୍ଷା ପ୍ରତି ଯଥେଷ୍ଟ ଧ୍ୟାନ ଦିଆଗଲା ନାହିଁ ।



(ଲର୍ଡ଼ ମାକଲେ)

ମାକଲେଙ୍କଦ୍ୱାରା ପ୍ରଣୀତ ଶିକ୍ଷା ନୀତିକୁ ଇଂରେଜ ସରକାର ଶେଷ ପର୍ଯ୍ୟନ୍ତ ପାଳନ କଲେ । ଏହାକୁ ଭାରତର ଆଧୁନିକ ଶିକ୍ଷିତ ବୁଦ୍ଧିଜୀବୀମାନେ ବିରୋଧକଲେ । ଅନେକ ଇଂରେଜ ବୁଦ୍ଧିଜୀବୀ ମଧ୍ୟ ସରକାରଙ୍କ ଏହି ନୀତିକୁ ସମର୍ଥନ କଲେ ନାହିଁ । ସେମାନଙ୍କ ମତରେ ଭାରତର ସବୁ ଲୋକଙ୍କୁ ଶିକ୍ଷିତ କରିବା ଲାଗି ସରକାର ଦାୟିତ୍ୱ ନେବା କଥା । ସ୍ୱୟଂ ଉପନିବେଶବାଦୀ ଇଂରେଜ ସରକାର ମଧ୍ୟ ନିଜ ନୀତିକୁ ଯୁକ୍ତିଯୁକ୍ତ ବୋଲି ଦାବି କରି ପାରୁ ନ ଥିଲେ । ଫଳରେ ୧୮୫୪ ମସିହାରେ ଉଡ୍‌ସ୍ ଡେସ୍‌ପାଚ୍ ନାମରେ ଶିକ୍ଷା ସମ୍ବନ୍ଧୀୟ ଏକ ଦସ୍ତାବିଜ ସରକାର ପ୍ରସ୍ତୁତ କଲେ । ଏହାର ପ୍ରଣେତା ଥିଲେ କମ୍ପାନୀ ନିୟନ୍ତ୍ରଣ ବୋର୍ଡର ସଭାପତି ଚାର୍ଲସ୍ ଉଡ୍ । ଏହି ଦସ୍ତାବିଜ ଅନୁସାରେ ସରକାର ଏଣିକି ଗଣଶିକ୍ଷାକୁ ମହତ୍ତ୍ୱ ଦେବେ ବୋଲି ଆଶ୍ୱାସନା ଦେଲେ । କେବଳ ଉପର ସ୍ତରରେ **ଅଳ୍ପ କିଛି ଲୋକଙ୍କୁ ଶିକ୍ଷା ଦେଇ ସେମାନେ ସାମାଜିକ ଶିକ୍ଷାର ଭାର ନେବେ ବୋଲି କହି ସରକାର ନିଜ ଦାୟିତ୍ୱରୁ ମୁକ୍ତ ହୋଇଗଲେ ।** ଫଳ ସ୍ୱରୂପ, ଏଣିକି ପ୍ରତ୍ୟେକ ପ୍ରଦେଶରେ ସ୍ୱତନ୍ତ୍ର ଶିକ୍ଷା ବିଭାଗ ଗଠିତ ହେଲା ଓ ୧୮୫୭ରେ କଲିକତା, ବମ୍ବେ ଓ ମାଡ୍ରାସଠାରେ ତିନୋଟି ବିଶ୍ୱବିଦ୍ୟାଳୟ ସ୍ଥାପିତ ହେଲା । ବଙ୍ଗଳାରେ ଲିଖିତ ପ୍ରସିଦ୍ଧ 'ଆନନ୍ଦମଠ' ଉପନ୍ୟାସର ଲେଖକ ବଙ୍କିମ ଚନ୍ଦ୍ର ଚାଟାର୍ଜୀ ଥିଲେ ପ୍ରଥମ ଭାରତୀୟ ଯିଏ ୧୮୬୮ରେ ବିଶ୍ୱବିଦ୍ୟାଳୟ ଉପାଧି ଲାଭ କରିଥିଲେ । ଦେଶରେ ଅନେକ ପ୍ରାଥମିକ ବିଦ୍ୟାଳୟ ମଧ୍ୟ ଏହାପରେ ସ୍ଥାପିତ ହୋଇଥିଲା । ଓଡ଼ିଶାରେ ୧୮୬୮ ମସିହାରେ ପ୍ରଥମେ କଟକରେ ଏକ କଲେଜ ଆରମ୍ଭ ହୋଇଥିଲା । ସେଠାରେ କଲେଜ ଶିକ୍ଷାର ପ୍ରଥମ ଦୁଇ ବର୍ଷ ମାତ୍ର ପଢ଼ିବା ଲାଗି ବ୍ୟବସ୍ଥା ଥିଲା । ସେଠାରୁ ଉତ୍ତୀର୍ଣ୍ଣ ହେଲେ ଛାତ୍ରମାନେ ବି.ଏ. ଡିଗ୍ରୀ ପାଇବା ଲାଗି କଲିକତା ପ୍ରେସିଡେନ୍ସି କଲେଜରେ ନାମ ଲେଖାଉଥିଲେ । ପରବର୍ତ୍ତୀ ସମୟରେ କଟକର ଏହି କଲେଜକୁ ସ୍ୱନାମଧନ୍ୟ ଇଂରେଜ ପ୍ରଶାସକ ଟି.ଇ ରେଭେନ୍‌ସାଙ୍କ ନାମରେ ନାମିତ କରାଯାଇ ଏହାକୁ ରେଭେନ୍‌ସା କଲେଜ କୁହାଗଲା ।

## ଉଡ୍‌ସ୍ ଡେସ୍‌ପାଚ୍ :

ଏହା କଂପାନୀ ନିୟନ୍ତ୍ରଣ ବୋର୍ଡ଼ର ସଭାପତି ଚାର୍ଲସ୍ ଉଡ୍‌ଙ୍କ ଅଧକ୍ଷତାରେ ପ୍ରସ୍ତୁତ ଶିକ୍ଷା ସମ୍ବନ୍ଧୀୟ ଏକ ତଦନ୍ତ ରିପୋର୍ଟ । ବ୍ରିଟିଶ୍ ପାର୍ଲାମେଣ୍ଟର ନିର୍ଦ୍ଦେଶରେ ଏହି ତଦନ୍ତ ୧୮୫୩ ମସିହାରେ ଆରମ୍ଭ ହୋଇଥିଲା ଏବଂ ୧୮୫୪ ମସିହାରେ ରିପୋର୍ଟ ଦାଖଲ ହେଲା । ପୂର୍ବରୁ ଘରୋଇ ପ୍ରୟାସରେ ଚାଲିଥିବା ଶିକ୍ଷା ବ୍ୟବସ୍ଥାକୁ ଏହି ରିପୋର୍ଟରେ ସରକାରୀ ନିୟନ୍ତ୍ରଣକୁ ଆଣିବାକୁ ପ୍ରସ୍ତାବ ରହିଥିଲା । ଉଡ୍‌ସ୍ ଡ଼େସ୍‌ପାଚ୍ ପରେ ଭାରତରେ ଅଧିକରୁ ଅଧିକ ଶିକ୍ଷାନୁଷ୍ଠାନ ସ୍ଥାପନ କରିବାକୁ ସରକାର ଅନୁମତି ଦେଲେ । ୧୮୫୭ ମସିହାରେ ବିଶ୍ୱବିଦ୍ୟାଳୟ ସ୍ଥାପନ କରାଗଲା । ଏହାପରେ ହାଇସ୍କୁଲ ପ୍ରତିଷ୍ଠା ଓ ଭାରତୀୟ ଭାଷା ଶିକ୍ଷା ମଧ୍ୟ ବିଧିବଦ୍ଧଭାବେ ଅଳ୍ପକିଛି ପ୍ରୋତ୍ସାହନ ପାଇଲା ।

## ପାରମ୍ପରିକ ଶିକ୍ଷାର ଅଧଃପତନ :

ଆଧୁନିକ ପାଶ୍ଚାତ୍ୟ ଶିକ୍ଷା ବ୍ୟବସ୍ଥା ଲାଗୁ ହେବା ପରେ ଚାଟଶାଳୀ, ମକ୍‌ତବ, ମଦ୍ରାସା, ଟୋଲ୍ ଆଦି ପାରମ୍ପରିକ ଦେଶୀୟ ଶିକ୍ଷା କେନ୍ଦ୍ରଗୁଡ଼ିକୁ ଅବହେଳା କରାଗଲା । ଏହି

ଶିକ୍ଷା ସଂସ୍ଥାନଗୁଡ଼ିକୁ ରାଜା ଓ ଜମିଦାରମାନେ ସହଯୋଗ କରୁଥିଲେ । ମାତ୍ର ସେମାନଙ୍କ ଭଳି ଇଂରେଜ ସରକାର କୌଣସି ସହଯୋଗ କଲେ ନାହିଁ । ସରକାର ସେଗୁଡ଼ିକୁ ଆଧୁନିକ ବିଜ୍ଞାନ ଓ ସାହିତ୍ୟ ଆଦି ଶିକ୍ଷାପାଇଁ ବ୍ୟବହାର ମଧ୍ୟ କଲେ ନାହିଁ । ପୁଣି ୧୮୪୪ ମସିହାରେ ନିୟମ ଜାରି ହେଲା ଯେ ସରକାରୀ ଚାକିରୀ ପାଇବା ଲାଗି ଇଂରାଜୀ ଜ୍ଞାନ ଜରୁରୀ, ଅର୍ଥାତ୍ ପାରମ୍ପରିକ ଶିକ୍ଷା ସଂସ୍ଥାନରୁ ପାସ୍ କରିଥିବା ଶିକ୍ଷାର୍ଥୀ ସରକାରୀ ଚାକିରୀ ପାଇଁ ଅଯୋଗ୍ୟ ବିବେଚିତ ହେଲେ । କ୍ରମଶଃ ଏହି ଶିକ୍ଷା ସଂସ୍ଥାନଗୁଡ଼ିକ ଲୋପ ପାଇଗଲା ।

ଆଧୁନିକ ଶିକ୍ଷାର ପ୍ରସାର ଲାଗି ଖ୍ରୀଷ୍ଟିଆନ ମିସନାରୀମାନେ ଅନେକ ସ୍କୁଲ-କଲେଜ ସ୍ଥାପନ କରିଥିଲେ । ଦେଶର ଶିକ୍ଷିତ ବୁଦ୍ଧିଜୀବୀବର୍ଗ ମଧ୍ୟ ବୁଝିଥିଲେ ଯେ ଆଧୁନିକ ଶିକ୍ଷାର ପ୍ରସାର ହେଲେ ସମାଜରୁ କୁସଂସ୍କାର ଦୂର ହେବ ଏବଂ ରାଷ୍ଟ୍ରର ବିକାଶ ହେବ । ଅପର ପକ୍ଷରେ ଅଧିକ ସଂଖ୍ୟାରେ ସ୍କୁଲ କଲେଜ ସ୍ଥାପନକରି ଉଚ୍ଚଶିକ୍ଷିତଙ୍କ ସଂଖ୍ୟା ବୃଦ୍ଧି କରିବାକୁ ସରକାର ଚାହୁଁନଥିଲେ । କେବଳ କିରାଣୀ ବର୍ଗ ତିଆରି କରି ଶାସନକୁ ସହଜ ଓ ସୁଗମକରିବା ସେମାନଙ୍କର ଲକ୍ଷ୍ୟଥିଲା । ପାଶ୍ଚାତ୍ୟ ଶିକ୍ଷା ପାଇ ଶିକ୍ଷିତ ଲୋକ ବିଦେଶୀ ସଂସ୍କୃତି ଓ ବିଦେଶୀ ଦ୍ରବ୍ୟକୁ ଆଦର କରିବେ । ଫଳରେ ଭାରତରେ ବିଦେଶୀ ଦ୍ରବ୍ୟର ଚାହିଦା ବୃଦ୍ଧିପାଇବ । ଏହା ବ୍ୟତୀତ ଶିକ୍ଷା ମାଧ୍ୟମରେ ଇଂରାଜୀର ମହନୀୟତା ପ୍ରଚାର କରିବା ମଧ୍ୟ ସହଜ ହେବ ବୋଲି ସରକାର ମନେକରୁଥିଲେ ।

ନୂଆ ଶିକ୍ଷା ବ୍ୟବସ୍ଥା ପ୍ରଚଳନ ହେଲାପରେ ସ୍ୱଳ୍ପ ଖର୍ଚ୍ଚରେ ଚାଲୁଥିବା ପାରମ୍ପରିକ ଦେଶୀୟ ଶିକ୍ଷାନୁଷ୍ଠାନଗୁଡ଼ିକ ଲୋପ ପାଇଗଲା । ଅନ୍ୟ ପକ୍ଷରେ, ବିନା ସରକାରୀ ସହାୟତାରେ ଖର୍ଚ୍ଚବହୁଳ ନୂଆ ସ୍କୁଲ କଲେଜ ସ୍ଥାପନ ସମ୍ଭବପର ନଥିଲା । ସରକାର ଶିକ୍ଷାର ପ୍ରସାର ପାଇଁ ଆବଶ୍ୟକ ମାତ୍ରାରେ ଖର୍ଚ୍ଚ କରିବାକୁ ଆଗଭର ହେଲେ ନାହିଁ । ୧୮୮୬ ମସିହାରେ ମୋଟ ଆୟ ୪୭ କୋଟି ଟଙ୍କାରୁ ସରକାର ମାତ୍ର ଏକ କୋଟି ଟଙ୍କା ଶିକ୍ଷା ପାଇଁ ଖର୍ଚ୍ଚ କରିଥିଲେ ।

### ନାରୀ ଶିକ୍ଷା ପ୍ରତି ଅବହେଳା :

ନୂଆ ଶିକ୍ଷା ବ୍ୟବସ୍ଥାରେ ନାରୀ ଶିକ୍ଷା ପ୍ରତି ବିଶେଷ ଧ୍ୟାନ ଦିଆଗଲା ନାହିଁ । ନାରୀ ଶିକ୍ଷିତ ହେଲେ ବି ଘର କୋଣରେ ରହିବ ଏବଂ ଅଫିସ୍‌ରେ କିରାଣୀ ଚାକିରୀ କରିବ ନାହିଁ - ଏହି ଆଶଙ୍କାରେ ସରକାର ନାରୀ ଶିକ୍ଷାକୁ ଅବହେଳା କଲେ । ଫଳତଃ ୧୯୨୧ ମସିହା ବେଳକୁ ଦେଶର ମାତ୍ର ୨୨ ପ୍ରତିଶତ ମହିଳା ଶିକ୍ଷା ଲାଭ କରିଥିଲେ । ଓଡ଼ିଶାରେ ପ୍ରଥମ କରି ନାରୀ ଶିକ୍ଷାପାଇଁ ୧୮୭୩ ମସିହାରେ କଟକଠାରେ ରେଭେନ୍ସା ହିନ୍ଦୁ ବାଳିକା ବିଦ୍ୟାଳୟ ଆରମ୍ଭ ହୋଇଥିଲା ।

### ବୈଷୟିକ ଶିକ୍ଷା :

ଇଂରେଜ ସରକାର ବିଜ୍ଞାନ ଓ ବୈଷୟିକ ଶିକ୍ଷା ପ୍ରତି ମଧ୍ୟ ଯଥେଷ୍ଟ ଧ୍ୟାନ ଦେଇ ନ ଥିଲେ । ୧୮୯୯ରେ ପ୍ରଥମ କରି ବମ୍ବେ ବିଶ୍ୱବିଦ୍ୟାଳୟରେ ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ଦିଆଗଲା । ସେତେବେଳେ ସ୍କୁଲ ପରି କଲେଜରେ ମଧ୍ୟ ଜଣେ ବିଜ୍ଞାନ ଅଧ୍ୟାପକଙ୍କୁ ପଦାର୍ଥ ବିଜ୍ଞାନ, ରସାୟନ ବିଦ୍ୟା, ଜୀବ ବିଜ୍ଞାନ ଆଦି ବିଜ୍ଞାନର ସବୁ ବିଷୟ ପଢ଼ାଇବାକୁ ପଡୁଥିଲା । ୧୮୭୫ ମସିହା ବେଳକୁ ସମଗ୍ର ଦେଶରେ କେବଳ ବମ୍ବେ, ମାନ୍ଦ୍ରାଜ ଓ କଲିକତାରେ ତିନୋଟି ମେଡ଼ିକାଲ କଲେଜ ରହିଥିଲା । ଓଡ଼ିଶାରେ ପ୍ରଥମ କରି ୧୮୭୬ରେ କଟକରେ ଏକ ମେଡ଼ିକାଲ ସ୍କୁଲ ଆରମ୍ଭ ହୋଇଥିଲା ।

ଇଂରେଜ ଶାସନରେ ବୈଷୟିକ ଶିକ୍ଷା ବିଶେଷ ପ୍ରଗତି କରି ନଥିଲା । ପ୍ରଥମେ ସରକାର ଉତ୍ତର ପ୍ରଦେଶର ରୁର୍କିଠାରେ ଏକ ଇଂଜିନିୟରିଂ କଲେଜ ସ୍ଥାପନ କରିଥିଲେ । ମାତ୍ର ତହିଁରେ କେବଳ ୟୁରୋପୀୟ ଛାତ୍ରଙ୍କ ପାଇଁ ପ୍ରବେଶାଧିକାର ରହିଥିଲା । ୧୯୩୦ ମସିହାରେ ସମଗ୍ର ଦେଶରେ ମାତ୍ର ୧୦ଟି ଇଂଜିନିୟରିଂ କଲେଜ ଥିଲା । କିନ୍ତୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଇଂଜିନିୟରିଂ ଶିକ୍ଷାର ଆବଶ୍ୟକତାକୁ ଅନୁଭବକରି ସରକାର ଅନେକ ଇଂଜିନିୟରିଂ କଲେଜ ଖୋଲିବାକୁ ବାଧ୍ୟ ହୋଇଥିଲେ । ଓଡ଼ିଶାରେ ପ୍ରଥମକରି ୧୮୮୪ ମସିହାରେ ବାଲେଶ୍ୱର ନିକଟରେ ଏକ ଶିଳ୍ପ ତାଲିମ୍ ସ୍କୁଲ ଓ କଟକରେ ଏକ ସର୍ଭେ ସ୍କୁଲ ସ୍ଥାପିତ ହୋଇଥିଲା । ସର୍ଭେ ସ୍କୁଲଟି ପରେ ଇଂଜିନିୟରିଂ ସ୍କୁଲରେ ପରିଣତ ହେଲା । ବର୍ତ୍ତମାନ ଏହା ଭୁବନାନନ୍ଦ ଓଡ଼ିଶା ସ୍କୁଲ୍ ଅଫ୍ ଇଞ୍ଜିନିୟରିଂ ନାମରେ ପରିଚିତ ।

**ଦେଶୀୟ ବ୍ୟବସ୍ଥାର ପରିବର୍ତ୍ତନ ଓ ଜାତୀୟ ଶିକ୍ଷାର ବିକାଶ :** ମୋଟକଥା ହେଲା ଯେ ଦେଶର ସାମାଜିକ ସ୍ତରରେ ଏକ ଔପନିବେଶିକ ପରିବର୍ତ୍ତନ ଆଣିବାକୁ ସରକାର ନୂଆ ଶିକ୍ଷା ବ୍ୟବସ୍ଥା ଲାଗୁ କଲେ । ଏହାର ପ୍ରଧାନ ଉଦ୍ଦେଶ୍ୟ ଥିଲା ଇଂରେଜ ଉପନିବେଶବାଦର ସ୍ୱାର୍ଥ ରକ୍ଷା । ଏଥିପାଇଁ ପାରମ୍ପରିକ ଦେଶୀୟ ଶିକ୍ଷାର ପତନ ହେଲା । ସରକାର ଶିକ୍ଷାପାଇଁ ଆବଶ୍ୟକ ଖର୍ଚ୍ଚ କରୁ ନଥିବାରୁ ନିରକ୍ଷରତା ମଧ୍ୟ ବୃଦ୍ଧି ପାଇଲା । ନାରୀ ଶିକ୍ଷା ଓ ବୈଷୟିକ ଶିକ୍ଷାକୁ ମଧ୍ୟ ପ୍ରାଥମିକତା ଦିଆଗଲା ନାହିଁ । ମାତୃଭାଷା ମାଧ୍ୟମରେ ଆଧୁନିକ ଶିକ୍ଷା ଦିଆନଯିବାରୁ ପ୍ରକୃତ ଜ୍ଞାନର ବିକାଶ

ହେଲାନାହିଁ । ଏତେସବୁ ତ୍ରୁଟିବିଚ୍ୟୁତି ସତ୍ତ୍ୱେ ନୂଆ ଶିକ୍ଷା ଯୋଗୁଁ ଦେଶର ଅନେକ ମଙ୍ଗଳ ହେଲା । ଶିକ୍ଷିତ ଲୋକଙ୍କ ମଧ୍ୟରୁ ଅନେକ ବୁଦ୍ଧିଜୀବୀ ଏକ ନିର୍ଦ୍ଦିଷ୍ଟ ବର୍ଗ ଭାବରେ ଜନ ଚେତନାର ପ୍ରତିନିଧିତ୍ୱ କଲେ ଏବଂ ଜାତୀୟତା ଆନ୍ଦୋଳନକୁ ନେତୃତ୍ୱ ଦେଲେ । ପାଶ୍ଚାତ୍ୟ ଓ ଆଧୁନିକ ବିଚାର ସମ୍ପନ୍ନ ହୋଇ ସେମାନେ ଦେଶର ସ୍ୱାଭିମାନ ପାଇଁ ସ୍ୱର ଉତ୍ତୋଳନ କଲେ । ଇଂରେଜ ଶାସନର ଏକ ଉଚିତ୍ ବିକଳ୍ପ ରୂପେ ଏହି ବୁଦ୍ଧିଜୀବୀ ବର୍ଗ ଜନ ସମର୍ଥନ ଲାଭ କଲା । ଫଳରେ ଇଂରେଜ ଶାସନ ପରେ ଦେଶ ପୁରୁଣାକାଳିଆ ସାମନ୍ତବାଦୀ ଶକ୍ତି ହାତକୁ ନ ଯାଇ ଏହି ଜାତୀୟତାବାଦୀ ବୁଦ୍ଧିଜୀବୀ ବର୍ଗର ନେତୃତ୍ୱ ଲାଭ କଲା । ପରବର୍ତ୍ତୀ ସମୟରେ ଦେଶର ବିକାଶ ଓ ଉନ୍ନତି ପାଇଁ ଏହି ନୂଆ ଶିକ୍ଷା ବ୍ୟବସ୍ଥା ଭିତ୍ତି ସଦୃଶ କାର୍ଯ୍ୟ କଲା । ଇଂରେଜ ସରକାର ଔପନିବେଶିକ ସ୍ୱାର୍ଥ ପାଇଁ ଶିକ୍ଷା ବ୍ୟବସ୍ଥା ଆରମ୍ଭ କରିଥିଲେ । ମାତ୍ର ଏହାର ଅନେକ ସୁପରିଣାମ ମଧ୍ୟ ଭାରତରେ ଦେଖାଗଲା । ନୂଆ ସ୍କୁଲ, କଲେଜମାନ ଦେଶର ବିକାଶ ଲାଗି ପରବର୍ତ୍ତୀ ସମୟରେ ମାର୍ଗ ପ୍ରସ୍ତୁତ କଲେ ।

**ନାରୀ ଏବଂ ସଂସ୍କାର :**

**ତୁମପାଇଁ କାମ :**
ପାରମ୍ପରିକ ଶିକ୍ଷା ସ୍ଥାନରେ ପାଶ୍ଚାତ୍ୟ ଶିକ୍ଷାର ପ୍ରଚଳନ ସପକ୍ଷରେ ଓ ବିପକ୍ଷରେ ଏକ ତର୍କ ସଭାର ଆୟୋଜନ କର ।

ଅନେକ ଦିନରୁ ଭାରତର ସାମାଜିକ ଜୀବନରେ ଜାତିପ୍ରଥା, ବାଲ୍ୟ ବିବାହ, ସତୀଦାହପ୍ରଥା ତଥା ନରବଳି ଆଦି ନାନା କୁସଂସ୍କାର ପ୍ରଚଳିତ ଥିଲା । ଇଂରେଜମାନେ ନିଜ ଦେଶରେ ଏଭଳି ପ୍ରଥା ଦେଖି ନଥିଲେ । ଦେଶର ଅବନତି ପାଇଁ ସେମାନେ ଏହି ପ୍ରଥାଗୁଡ଼ିକୁ ଦାୟୀ କଲେ, କାରଣ ତା' ପଛରେ କୌଣସି ବିଜ୍ଞାନସମ୍ମତ ଯୁକ୍ତି ନଥିଲା । ମାତ୍ର ଶାସନର ପ୍ରାରମ୍ଭିକ କାଳରେ ବିରୋଧ ହେବା ଭୟରେ ସରକାର ତହିଁରେ ହସ୍ତକ୍ଷେପ କଲେ ନାହିଁ । ପରବର୍ତ୍ତୀ କାଳରେ ଇଂଲଣ୍ଡରେ ଶିଳ୍ପ ବିପ୍ଳବ ହେଲା । ଭାରତ ଭଳି ଏକ ବିଶାଳ ଉପନିବେଶକୁ ପାଶ୍ଚାତ୍ୟ ସଂସ୍କୃତିର ଅନୁଗାମୀ କରିବା ନିମନ୍ତେ ସାମାଜିକ ପରମ୍ପରାରେ ହସ୍ତକ୍ଷେପ କରିବାର ଆବଶ୍ୟକତା ପଡ଼ିଲା । ତେଣୁ ଯେଉଁ ସାମାଜିକ ପ୍ରଥାଗୁଡ଼ିକରେ ହସ୍ତକ୍ଷେପ କଲେ ଇଂରେଜ ସ୍ୱାର୍ଥ ସାଧିତ ହେବ କେବଳ ସେହି ପ୍ରଥାରେ ସରକାର ହସ୍ତକ୍ଷେପ କଲେ । ଜାତିପ୍ରଥା ଭଳି କୁସଂସ୍କାରକୁ ବିଶେଷ ଧ୍ୟାନ ଦିଆଗଲା ନାହିଁ, କାରଣ ଲୋକଙ୍କ ଭିତରେ ଭେଦଭାବ ସୃଷ୍ଟି କରିବାରେ ଏହା ସହାୟକ ହେଉଥିଲା ଏବଂ ଭେଦଭାବ ଯୋଗୁଁ ଲୋକମାନେ ଇଂରେଜ ବିରୁଦ୍ଧରେ ଏକାଠି ହୋଇ ପାରୁନଥିଲେ; ଅର୍ଥାତ୍ ଜାତିପ୍ରଥା ରହିଲେ ଔପନିବେଶିକ ସ୍ୱାର୍ଥ ସାଧିତ ହେବାର ସମ୍ଭାବନା ରହିଥିଲା ।

ବିଶେଷକରି ଉତ୍ତର ଭାରତ ଏବଂ ବଙ୍ଗ ପ୍ରଦେଶର କୁଳୀନ ଓ ଉଚ୍ଚବର୍ଗରେ ସତୀପ୍ରଥା ନାମରେ ଏକ କୁସଂସ୍କାର ପ୍ରଚଳିତ ଥିଲା । ଏହି ପ୍ରଥା ଅନୁଯାୟୀ ମୃତ ପତିର ଚିତାରେ ପତ୍ନୀକୁ ଆତ୍ମଦାହ କରିବାକୁ ପଡୁଥିଲା । ଏଭଳି ଦାହ ହେଉଥିବା ପତ୍ନୀକୁ ସତୀ ଆଖ୍ୟା ମିଳୁଥିଲା । ୧୮୧୫ ରୁ ୧୮୧୮ ମସିହା ମଧ୍ୟରେ କେବଳ ବଙ୍ଗପ୍ରଦେଶର ୮୦୦ ମହିଳା ସତୀପ୍ରଥାର ଶିକାର ହୋଇଥିଲେ । ସମାଜର ରକ୍ଷଣଶୀଳ ଗୋଷ୍ଠୀ ଏହାକୁ ଏତେ ସମର୍ଥନ କରୁଥିଲେ ଯେ ମୋଗଲ ସମ୍ରାଟ ଆକବର ଓ ଆଉରଙ୍ଗଜେବ୍ ଏବଂ ମରାଠା ପେଶୱା ତଥା ଜୟପୁର ରାଜା ଜୟସିଂହ ମଧ୍ୟ ଏହାକୁ ଉଚ୍ଛେଦ କରିବାକୁ ପ୍ରୟାସ କରି ବିଫଳ ହୋଇଥିଲେ ।

ଊନବିଂଶ ଶତାବ୍ଦୀରେ ଇଂରେଜମାନେ ଏହି ଅମାନବୀୟ ପ୍ରଥାକୁ ଉଚ୍ଛେଦ କରିବା ପାଇଁ ଦୃଢ଼ ପରିକର ହେଲେ । ୧୮୨୯ ମସିହାରେ ବଡ଼ଲାଟ ୱିଲିୟମ୍ ବେଣ୍ଟିଙ୍କ୍ ସତୀପ୍ରଥାକୁ ଆଇନ ଦୃଷ୍ଟିରୁ ଅପରାଧ ବୋଲି ଘୋଷଣା କଲେ । ସରକାରୀ ନିର୍ଦ୍ଦେଶ ବିରୁଦ୍ଧରେ ସତୀପ୍ରଥାର ସମର୍ଥକମାନେ ଅନେକ ପ୍ରତିବାଦ କଲେ ସୁଦ୍ଧା ସେ ମୁଣ୍ଡ ନୁଆଁଇଲେ ନାହିଁ ।


**(ଉଇଲିୟମ୍ ବେଣ୍ଟିଙ୍କ୍)**

କନ୍ୟା ହତ୍ୟା ଥିଲା ଅନ୍ୟ ଏକ ଅମାନବୀୟ କୁସଂସ୍କାର । ବିଶେଷ କରି ରାଜପୁତ ବଂଶରେ ତଥା ଆହୁରି କେତେକ ଜାତିରେ କନ୍ୟା ସନ୍ତାନକୁ ସହଜରେ ଗ୍ରହଣ କରାଯାଉନଥିଲା । ଯୁଦ୍ଧରେ ପୁରୁଷମାନେ ବହୁସଂଖ୍ୟାରେ ନିହତ ହେଉଥିବାରୁ କନ୍ୟାର ବିବାହକୁ ଏକ ସମସ୍ୟା ବୋଲି ମନେକରାଯାଉଥିଲା । ପୁଣି ଯୌତୁକ ମଧ୍ୟ କନ୍ୟାର ବିବାହ ପାଇଁ ଏକ ବାଧକ ଥିଲା । କୃଷିପାଇଁ ଆବଶ୍ୟକ କଠିନ ପରିଶ୍ରମ କରିବାକୁ ମଧ୍ୟ କନ୍ୟା ସନ୍ତାନଟି ଉପଯୋଗୀ ନୁହେଁ ବୋଲି ମନେକରାଯାଉଥିଲା । ଏହି କାରଣରୁ କନ୍ୟାକୁ ଶିଶୁ ଅବସ୍ଥାରେ

ହିଁ ହତ୍ୟା କରିବା ଏକ ପ୍ରଥାରେ ପରିଣତ ହୋଇଥିଲା । କନ୍ୟା ହତ୍ୟା ବିରୁଦ୍ଧରେ ପ୍ରଥମେ ୧୭୯୫ରେ ଏବଂ ପରେ ୧୮୦୪ ମସିହାରେ ସରକାର ନିଷେଧାଜ୍ଞା ଜାରି କରିଥିଲେ । ବେଣ୍ଟିଙ୍କ୍ ଓ ହାର୍ଡିଞ୍ଜଙ୍କ ସମୟରେ ତାକୁ କଡାକଡ଼ି ଭାବେ ଲାଗୁ କରାଗଲା । ଏହା ବ୍ୟତୀତ କେତେକ ଆଦିବାସୀ ଅଞ୍ଚଳରେ ପ୍ରଚଳିତ ଥିବା ନରବଳି ପ୍ରଥାକୁ ସରକାର ବନ୍ଦ କରିଥିଲେ । ୧୮୫୬ ମସିହାରେ ଏକ ଆଇନ ବଳରେ ବିଧବା ବିବାହ ଆଇନ ସମ୍ମତ ବୋଲି ଆଦେଶ ଜାରି ହେଲା ।

ବାଲ୍ୟ ବିବାହ ପ୍ରଥା ଉଚ୍ଛେଦ ଦିଗରେ ପଦକ୍ଷେପ ସ୍ୱରୂପ ୧୮୭୨ ରେ ଦେଶୀୟ ବିବାହ ଆଇନ ଓ ୧୮୯୧ରେ ''ସମ୍ମତି ପ୍ରକାଶ ବୟସ ଆଇନ'' ପ୍ରଣୀତ ହୋଇଥିଲା । ପରେ ୧୯୩୦ ସାରଦା ଆଇନରେ ପୁରୁଷମାନଙ୍କ ପାଇଁ ସର୍ବନିମ୍ନ ବିବାହ ବୟସ ୨୧ ଓ ମହିଳାମାନଙ୍କ ପାଇଁ ୧୮ ବର୍ଷ ଧାର୍ଯ୍ୟ କରାଗଲା ।

ଇଂରେଜମାନଙ୍କର ସାମାଜିକ କୁସଂସ୍କାରଗୁଡ଼ିକୁ ଉଚ୍ଛେଦ କରିବା ପଛରେ ମଧ୍ୟ କେତେକାଂଶରେ ଔପନିବେଶିକ ସ୍ୱାର୍ଥ ଜଡ଼ିତ ଥିଲା । ପ୍ରଥମତଃ ଜାତିପ୍ରଥା ଭଳି କୁସଂସ୍କାରକୁ ଧ୍ୟାନ ଦିଆଗଲା ନାହିଁ, କାରଣ ତଦ୍ୱାରା ସରକାରର ସ୍ୱାର୍ଥ ସାଧିତ ହେବ ନାହିଁ । ଦ୍ୱିତୀୟତଃ ସମାଜ ସଂସ୍କାର ଦ୍ୱାରା ଭାରତକୁ ପାଶ୍ଚାତ୍ୟର ଅନୁଗାମୀ କରିବା ସହଜ ହେବ । ତୃତୀୟରେ ଭାରତର ଶିକ୍ଷିତ ବୁଦ୍ଧିଜୀବୀ ବର୍ଗ ଓ ଖ୍ରୀଷ୍ଟିଆନ ଧର୍ମଯାଜକମାନେ ମଧ୍ୟ ସରକାରଙ୍କୁ ସମର୍ଥନ ଜଣାଇବେ । ରାଜା ରାମମୋହନ ରାୟ ଓ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ଆଦି ବିଚାରବନ୍ତ ବ୍ୟକ୍ତିତ୍ୱ ଏହି କୁସଂସ୍କାରଗୁଡ଼ିକ ଉଚ୍ଛେଦ କରିବାପାଇଁ ସମାଜ ସଂସ୍କାର ଆନ୍ଦୋଳନ ଆରମ୍ଭ କରିଥିଲେ । ସରକାରଙ୍କର ପଦକ୍ଷେପ ଯୋଗୁଁ ସେମାନେ ସରକାରଙ୍କୁ ଅକୁଣ୍ଠ ସହଯୋଗ ପ୍ରଦାନ କଲେ । ସେମାନଙ୍କ ସହଯୋଗ ବିନା ଯେ ସରକାରଙ୍କୁ ସଂସ୍କାର କ୍ଷେତ୍ରରେ ବିଶେଷ ସଫଳତା ମିଳି ନ ଥାନ୍ତା – ଏହା ନିଃସନ୍ଦେହରେ କୁହାଯାଇପାରେ । ବିଶେଷ କରି ବାଲ୍ୟ ବିଧବା ଭଳି ସାମାଜିକ କୁସଂସ୍କାରକୁ ଦମନ କରିବା ପାଇଁ ସରକାରୀ ନିୟମକାନୁନ ପ୍ରଣୀତ ହେଲା ସତ, ମାତ୍ର ସମାଜ ସଂସ୍କାରକମାନଙ୍କର ଆନ୍ଦୋଳନ ସେ ଦିଗରେ ଅଧିକ ସଚେତନତା ସୃଷ୍ଟିକଲା ।

**ଭାରତୀୟ ନବଜାଗରଣ - ସାମାଜିକ-ଧାର୍ମିକ ସଂସ୍କାର ଆନ୍ଦୋଳନ :**

ନୂଆ ଶିକ୍ଷା ବ୍ୟବସ୍ଥା ପ୍ରଚଳନ ହେଲା ଉତ୍ତାରୁ ଊନବିଂଶ ଶତାବ୍ଦୀରେ ଦେଶରେ ଏକ ଆଧୁନିକ ଶିକ୍ଷିତ ବୁଦ୍ଧିଜୀବୀ ବର୍ଗର ଅଭ୍ୟୁଦୟ ହେଲା । ଏହି ବର୍ଗର ସଂଖ୍ୟା ବେଶି ନ ଥିଲା । କିନ୍ତୁ ପାଶ୍ଚାତ୍ୟ ଓ ଆଧୁନିକ ବିଚାରଯୁକ୍ତ ହୋଇ ଏହି ବର୍ଗ ଦେଶର ସାମାଜିକ ଓ ସାମୂହିକ ଉନ୍ନତି କଥା ଚିନ୍ତା କଲେ ଏବଂ ଦେଶର ଅଧଃପତନ ପାଇଁ ସାମାଜିକ କୁସଂସ୍କାରଗୁଡ଼ିକୁ ଅନ୍ୟତମ କାରଣ ବୋଲି ବିବେଚନା କଲେ । ଦେଶକୁ ଏକ ଆଧୁନିକ ଓ ଉନ୍ନତ ରାଷ୍ଟ୍ରଭାବେ ଗଢ଼ିବାକୁ ହେଲେ ଶିକ୍ଷାର ପ୍ରସାର ସହିତ କୁସଂସ୍କାର ଦୂର କରିବାକୁ ଏହି ବୁଦ୍ଧିଜୀବୀମାନେ ସଂସ୍କାରକର ଭୂମିକା ନେଇ ଜନଚେତନା ସୃଷ୍ଟିକଲେ ଏବଂ କୁସଂସ୍କାରଗୁଡ଼ିକୁ ଉଚ୍ଛେଦ କରିବାରେ ଇଂରେଜ ସରକାରଙ୍କୁ ସହଯୋଗ କଲେ ।

**ରାଜା ରାମମୋହନ ରାୟ ଓ ବ୍ରାହ୍ମ ସମାଜ :**



**(ରାଜା ରାମମୋହନ ରାୟ)**

ଊନବିଂଶ ଶତାବ୍ଦୀରେ ଆରମ୍ଭ ହୋଇଥିବା ସମାଜ ସଂସ୍କାର ଆନ୍ଦୋଳନର ପୁରୋଧା ଥିଲେ ରାଜା ରାମମୋହନ ରାୟ । ସେ ଜାଣିଥିଲେ ଯେ ଧର୍ମରେ କୁସଂସ୍କାରଗୁଡ଼ିକର ଅନୁପ୍ରବେଶ ଭାରତୀୟ ସମାଜର ଦୁର୍ଗତି ପାଇଁ ଦାୟୀ । ତେଣୁ ସମାଜରେ ସଂସ୍କାର ଆଣିବା ନିମିତ୍ତ ସେ କଲିକତା (କୋଲକାତା)ରେ ୧୮୨୮ ମସିହାରେ ବ୍ରାହ୍ମସଭା ସ୍ଥାପନ କରିଥିଲେ । ଏହା ୧୮୩୦ ମସିହାରେ ବ୍ରାହ୍ମସମାଜ ଭାବେ ନାମିତ ହୋଇଥିଲା । ଏହି ସଂଗଠନ ମୂର୍ତ୍ତିପୂଜା, ସତୀପ୍ରଥା, ବହୁ ବିବାହ ପ୍ରଥା, ଜାତିପ୍ରଥା ତଥା ପର୍ଦ୍ଦାପ୍ରଥାକୁ ବିରୋଧ କରୁଥିଲା । ନାରୀ ଶିକ୍ଷାର ପ୍ରସାର ପାଇଁ ଓ ସତୀପ୍ରଥାର ଉଚ୍ଛେଦ ପାଇଁ ସରକାରଙ୍କୁ ସହଯୋଗ କରୁଥିଲା । କେଶବ ଚନ୍ଦ୍ର ସେନ ଓ ମହର୍ଷି ଦେବେନ୍ଦ୍ର ନାଥ ଠାକୁର ଥିଲେ ବ୍ରାହ୍ମ ସମାଜର ଅନ୍ୟ ଦୁଇ ଜଣ ପ୍ରମୁଖ ସଂସ୍କାରକ । ସଂସ୍କାର ଆନ୍ଦୋଳନକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ ଏହାର ଶାଖା ମାନ୍ଦ୍ରାଜ(ଚେନ୍ନାଇ) ଓ ବମ୍ବେ (ମୁମ୍ବାଇ) ଠାରେ ଗଠିତ ହୋଇଥିଲା ।

ରାଜା ରାମମୋହନ ରାୟ ସଂସ୍କୃତ, ପାର୍ସୀ, ଆରବୀୟ, ହିନ୍ଦୀ, ଇଂରାଜୀ, ଲାଟିନ୍, ଫରାସୀ ଓ ବଙ୍ଗଳା ଭାଷା ଜାଣିଥିଲେ । ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦର୍ଶନର ସମନ୍ୱିତ ଅଧ୍ୟୟନ ବିନା ପ୍ରକୃତ ଜ୍ଞାନ ସଂଭବ ନୁହେଁ ବୋଲି ସେ କହୁଥିଲେ ।

**ସ୍ୱାମୀ ବିବେକାନନ୍ଦ ଓ ରାମକୃଷ୍ଣ ମିଶନ :**



(ରାମକୃଷ୍ଣ ପରମହଂସ)

ନିଜ ଗୁରୁ ରାମକୃଷ୍ଣ ପରମହଂସଙ୍କ ନାମରେ ସ୍ୱାମୀ ବିବେକାନନ୍ଦ ୧୮୯୭ ମସିହାରେ ସମାଜ ସଂସ୍କାର ନିମନ୍ତେ ରାମକୃଷ୍ଣ ମିଶନ ପ୍ରତିଷ୍ଠା କରିଥିଲେ । ବିବେକାନନ୍ଦ ଥିଲେ ଜଣେ ମାନବବାଦୀ । ମାନବ ସେବା ହିଁ ଈଶ୍ୱର ସେବା ବୋଲି ସେ କହୁଥିଲେ । ସମାଜରେ ସମାନତା, ବ୍ୟକ୍ତି ସ୍ୱାଧୀନତା ଓ ମୁକ୍ତ ବିଚାରକୁ ମହତ୍ତ୍ୱ ଦେବାକୁ ହେଲେ ଜାତିପ୍ରଥା, କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ବିରୋଧକରିବାକୁ ହେବ ବୋଲି ସେ ଯୁକ୍ତି କରୁଥିଲେ । ଜନସେବାକୁ ଧର୍ମସଂସ୍କାରର ମୂଳ ଆଧାର ରୂପେ ପ୍ରତିଷ୍ଠା କରିବାକୁ ଯାଇ ରାମକୃଷ୍ଣ ମିଶନ ଅନେକ ସଂଖ୍ୟାରେ ବିଦ୍ୟାଳୟ, ଚିକିତ୍ସାଳୟ, ପାଠାଗାର ତଥା ଅନାଥାଶ୍ରମମାନ ସ୍ଥାପନ କଲେ ।



(ସ୍ୱାମୀ ବିବେକାନନ୍ଦ)

**ମହାଦେବ ଗୋବିନ୍ଦ ରାଣାଡ଼େ ଓ ପ୍ରାର୍ଥନା ସମାଜ :**



(ମହାଦେବ ଗୋବିନ୍ଦ ରାଣାଡ଼େ)

ଧର୍ମ ଓ ସମାଜକୁ କୁସଂସ୍କାରରୁ ମୁକ୍ତ କରିବାର ଚିନ୍ତାଧାରା ବଙ୍ଗଦେଶରୁ ଆରମ୍ଭ ହୋଇ ଦେଶର ଅନ୍ୟାନ୍ୟ ଅଞ୍ଚଳକୁ ପ୍ରସାରିତ ହେଲା । ମହାଦେବ ଗୋବିନ୍ଦ ରାଣାଡ଼େ ବମ୍ବେଠାରେ ୧୮୬୭ ମସିହାରେ ପ୍ରାର୍ଥନା ସମାଜ ପ୍ରତିଷ୍ଠା କଲେ । ରାମକୃଷ୍ଣ ଭଣ୍ଡାରକର୍ ଥିଲେ ତାଙ୍କର ପ୍ରମୁଖ ସହଯୋଗୀ । ପ୍ରାର୍ଥନା ସମାଜ ଜାତିପ୍ରଥା ଓ ଅସ୍ପୃଶ୍ୟତାର ତୀବ୍ର ବିରୋଧ କରୁଥିଲା ଏବଂ ବିଧବା ବିବାହ, ନାରୀ ଶିକ୍ଷା ଓ ହିନ୍ଦୁ-ମୁସଲମାନ୍ ଏକତାର ବଡ ସମର୍ଥକ ଥିଲା । ରାଣାଡ଼େ କହୁଥିଲେ ଯେ ହିନ୍ଦୁ ମୁସଲମାନ୍ ଏକତା ବିନା ଭାରତ ଭଳି ଏକ ବିଶାଳ ରାଷ୍ଟ୍ରର ଉନ୍ନତି ସମ୍ଭବ ନୁହେଁ । ଲୋକହିତକାରୀ ଜ୍ୟୋତିବା ରାଓ ଫୁଲେ ଓ ଗୋପାଳହରି ଦେଶମୁଖ୍ ମହାରାଷ୍ଟ୍ରର ଅନ୍ୟ ଦୁଇଜଣ ପ୍ରମୁଖ ସମାଜ ସଂସ୍କାରକ ଥିଲେ ।

**ତୁମପାଇଁ କାମ :**

ତୁମ ସ୍ଥାନୀୟ ଅଞ୍ଚଳରେ କି କି ପ୍ରକାର କୁସଂସ୍କାର ପରିଲକ୍ଷିତ ହେଉଅଛି ? ସେଗୁଡ଼ିକର ନିରାକରଣ ପାଇଁ ସମ୍ବାଦପତ୍ର ମାଧ୍ୟମରେ ଜନ ସଚେତନତା ସୃଷ୍ଟି କର ।

**ସ୍ୱାମୀ ଦୟାନନ୍ଦ ସରସ୍ୱତୀ (୧୮୨୪-୧୮୮୩) ଓ ଆର୍ଯ୍ୟ ସମାଜ :**



(ସ୍ୱାମୀ ଦୟାନନ୍ଦ ସରସ୍ୱତୀ)

ପଶ୍ଚିମ ଓ ଉତ୍ତର ଭାରତରେ ଦୟାନନ୍ଦ ସରସ୍ୱତୀ ଧର୍ମ ଓ ସମାଜ ସଂସ୍କାର ଆନ୍ଦୋଳନକୁ ବ୍ୟାପକ କରିଥିଲେ । ଏଥିପାଇଁ ସେ ୧୮୭୫ ମସିହାରେ ଆର୍ଯ୍ୟ ସମାଜ ସ୍ଥାପନ କରିଥିଲେ । ଦୟାନନ୍ଦଙ୍କ ମତରେ ବେଦ ହେଲା ସମସ୍ତ ଜ୍ଞାନର ମୂଳ ଉତ୍ସ । ତହିଁରେ କୁସଂସ୍କାର ଓ ଅନ୍ଧବିଶ୍ୱାସର ସ୍ଥାନ ନାହିଁ । ବେଦର ପ୍ରଚାରକ ଭାବରେ ସେ ଜାତି ଭେଦ, ବାଲ୍ୟବିବାହ ଓ ସାମାଜିକ ଭେଦଭାବକୁ ବିରୋଧ କରୁଥିଲେ ଏବଂ ବିଧବା ବିବାହକୁ ଦୃଢ଼ ସମର୍ଥନ କରୁଥିଲେ ।

**ଓଡ଼ିଶାରେ ସମାଜ ସଂସ୍କାର ଆନ୍ଦୋଳନ :**

**ତୁମେ ଜାଣିଛ କି ?**

ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର, କେରଳର ନାରାୟଣଗୁରୁ ଆଦି ଆହୁରି ଅନେକ ସଂସ୍କାରକ ଏହି ସମୟରେ ସମାଜ ସଂସ୍କାର ଆନ୍ଦୋଳନକୁ ତୀବ୍ର କରିଥିଲେ ।



(ଫକୀର ମୋହନ ସେନାପତି)

ଓଡ଼ିଶାରେ ଫକୀର ମୋହନ ସେନାପତି, ମଧୁସୂଦନ ରାଓ ଓ ପ୍ୟାରୀମୋହନ ଆଚାର୍ଯ୍ୟ ଆଦି ନିଜ ରଚନା ମାଧ୍ୟମରେ ବାଲ୍ୟବିବାହର ତୀବ୍ର ବିରୋଧ କରିଥିଲେ ଏବଂ ବିଧବା ବିବାହ, ନାରୀ ଶିକ୍ଷା ଏବଂ ମାତୃଭାଷା ମାଧ୍ୟମରେ ଶିକ୍ଷାର ପ୍ରସାର ପାଇଁ ଯୁକ୍ତି କରିଥିଲେ । ଊନବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧରେ ହରିହର ଦାସଶର୍ମା ନାମକ ଜଣେ ପଣ୍ଡିତ ସଂସ୍କୃତ ସହିତ ଇଂରାଜୀ, ଗ୍ରୀକ୍ ଓ ଲାଟିନ୍ ଆଦି

ଶିକ୍ଷା ପାଇଁ ପୁରୀଠାରେ ଏକ ନୂତନ ଧରଣର ସଂସ୍କୃତ ବିଦ୍ୟାଳୟ ସ୍ଥାପନ କରିଥିଲେ । ସେତେବେଳେ ରକ୍ଷଣଶୀଳ ହିନ୍ଦୁମାନେ କାଗଜ ଓ କଲମ ସାହାଯ୍ୟରେ ଅଧ୍ୟୟନ କଲେ ଜାତିଯିବ ବୋଲି କହୁଥିଲେ । ଏହାର ବିରୋଧରେ ହରିହର ଲୋକମାନଙ୍କୁ କାଗଜ-କଲମ ବ୍ୟବହାର କରିବାକୁ ଉତ୍ସାହିତ କଲେ ।

ସାମାଜିକ-ଧାର୍ମିକ ସଂସ୍କାର ଆନ୍ଦୋଳନର ଏକ ଦୁର୍ବଳତା ଥିଲା ଯେ ଏହା କେବଳ ସମାଜର ମଧ୍ୟମ ଓ ଉଚ୍ଚବର୍ଗ ମଧ୍ୟରେ ସୀମିତ ଥିଲା । ସମାଜର ସାଧାରଣ ବର୍ଗରେ ଏହାର ପ୍ରଭାବ ବିଶେଷ ଭାବେ ଅନୁଭୂତ ହୋଇ ନଥିଲା । ଦ୍ୱିତୀୟତଃ, ଏହି ସାମାଜିକ ଆନ୍ଦୋଳନ ପଛରେ ସଂସ୍କାରକମାନଙ୍କର ଯେଉଁ ଉଦ୍ଦେଶ୍ୟ ଥିଲା ତାହା ଇଂରେଜ ସରକାରଙ୍କ ଉଦ୍ଦେଶ୍ୟଠାରୁ ସମ୍ପୂର୍ଣ୍ଣ ଭିନ୍ନ ଥିଲା । କେତୋଟି ନିର୍ଦ୍ଦିଷ୍ଟ କୁସଂସ୍କାରକୁ ଉଚ୍ଛେଦ କରିବାପାଇଁ ଆଇନ ପ୍ରଣୟନ ବେଳେ ଔପନିବେଶିକ ସ୍ୱାର୍ଥ ସାଧନ ସରକାରଙ୍କ ଉଦ୍ଦେଶ୍ୟଥିଲା । ମାତ୍ର ସଂସ୍କାରକମାନେ ରାଷ୍ଟ୍ରଗଠନ ଓ ରାଷ୍ଟ୍ରର ଉନ୍ନତି ଚାହୁଁଥିଲେ । ଏହି କାରଣରୁ ସେମାନଙ୍କୁ ଆବଶ୍ୟକ ମାତ୍ରାରେ ସରକାରଙ୍କ ପକ୍ଷରୁ ସହଯୋଗ ମିଳୁନଥିଲା । ଉଦାହରଣ ସ୍ୱରୂପ, ସଂସ୍କାରକମାନେ ଚାହୁଁଥିଲେ ମାତୃଭାଷା ମାଧ୍ୟମରେ ଆଧୁନିକ ଶିକ୍ଷା ଓ ନାରୀ ଶିକ୍ଷାର ପ୍ରସାର । ମାତ୍ର ଏଥିପାଇଁ ସରକାରଙ୍କ ସହଯୋଗ ମିଳିନଥିଲା । ଊନବିଂଶ ଶତାବ୍ଦୀର ଏହି ସଂସ୍କାର ଆନ୍ଦୋଳନ ପରବର୍ତ୍ତୀ ସମୟରେ ଲୋକମାନଙ୍କ ମନରୁ ନିଜ ସଂସ୍କୃତି ଓ ସାମାଜିକ ପରମ୍ପରାକୁ ନେଇ ରହିଥିବା ହୀନମନ୍ୟତା ଦୂର କରିବାରେ ତଥା ସ୍ୱାଧୀନତା ସଂଗ୍ରାମକୁ ଦୃଢ଼ କରିବାରେ ସହାୟକ ହୋଇଥିଲା ।

**ଆମେ କ'ଣ ଶିଖିଲେ ?**

- ସତୀଦାହ ପ୍ରଥା ଉଚ୍ଛେଦ
- ବ୍ରାହ୍ମ ସମାଜ, ପ୍ରାର୍ଥନା ସମାଜ ଓ ଆର୍ଯ୍ୟ ସମାଜର ମହତ୍ତ୍ୱ
- ସାମାଜିକ ସଂସ୍କାର ଆନ୍ଦୋଳନର ପ୍ରଭାବ
- ଚାର୍ଟର ଆଇନ ପ୍ରଣୟନ
- ଭାରତର ନୂତନ ଶିକ୍ଷା ବ୍ୟବସ୍ଥା
- ନାରୀ ଶିକ୍ଷାର ମହତ୍ତ୍ୱ

## ପ୍ରଶ୍ନାବଳୀ

୧ । ପ୍ରାୟ ୭୫ଟି ଶବ୍ଦରେ ଉତ୍ତର ଦିଅ ।

(କ) ସାମାଜିକ ସଂସ୍କାର ଆନ୍ଦୋଳନ କାହିଁକି ଆରମ୍ଭ ହୋଇଥିଲା ?

(ଖ) ଓଡ଼ିଶାରେ ସମାଜ ସଂସ୍କାର ଆନ୍ଦୋଳନ ଉପରେ ଏକ ଟିପ୍ପଣୀ ଲେଖ ।

(ଗ) ବିଜ୍ଞାନ ଓ ବୈଷୟିକ ଶିକ୍ଷା ପ୍ରତି ଇଂରେଜମାନଙ୍କ ମନୋଭାବ ସମ୍ପର୍କରେ ଆଲୋଚନା କର ।

(ଘ) ଇଂରେଜ ଶାସନ କାଳରେ ଶିକ୍ଷା ସମ୍ବନ୍ଧରେ ଇଂରେଜମାନଙ୍କ ମଧ୍ୟରେ ହୋଇଥିବା ବିତର୍କର ସୂଚନା ଦିଅ ।

(ଙ) ସ୍ୱାମୀ ବିବେକାନନ୍ଦଙ୍କ ବିଚାରଧାରା ବିଶ୍ଳେଷଣ କର ।

୨ । ନିମ୍ନଲିଖିତ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୨୦ଟି ଶବ୍ଦରେ ଦିଅ ।

(କ) ସତୀପ୍ରଥା କ'ଣ ?

(ଖ) କନ୍ୟା ହତ୍ୟାର ପ୍ରମୁଖ କାରଣ ଦର୍ଶାଅ ।

(ଗ) ବ୍ରାହ୍ମ ସମାଜ ପ୍ରତିଷ୍ଠା ପଛରେ କି ପ୍ରମୁଖ ଉଦ୍ଦେଶ୍ୟ ରହିଥିଲା ?

(ଘ) ପ୍ରାର୍ଥନା ସମାଜ କିଏ ଓ କାହିଁକି ଆରମ୍ଭ କରିଥିଲେ ?

(ଙ) ରାମକୃଷ୍ଣ ମିଶନର ପ୍ରତିଷ୍ଠାତା କିଏ ?

୩ । ଶୂନ୍ୟସ୍ଥାନ ପୂରଣ କର ।

(କ) ଉଡସ୍‌ଡେସ୍‌ପାଚ ______ ମସିହାରେ ଅନୁମୋଦିତ ହୋଇଥିଲା ।

(ଖ) ୧୮୬୮ରେ ଓଡ଼ିଶାର ______ ଠାରେ ପ୍ରଥମ କଲେଜ ସ୍ଥାପିତ ହୋଇଥିଲା ।

(ଗ) କଲିକତାରେ ______ ମସିହାରେ ବିଶ୍ୱବିଦ୍ୟାଳୟ ସ୍ଥାପିତ ହୋଇଥିଲା ।

(ଘ) ଓଡ଼ିଶାରେ ପ୍ରଥମ ମେଡ଼ିକାଲ ସ୍କୁଲ ______ ମସିହାରେ ପ୍ରତିଷ୍ଠିତ ହୋଇଥିଲା ।

(ଙ) ଆର୍ଯ୍ୟ ସମାଜ ______ ମସିହାରେ ସ୍ଥାପିତ ହୋଇଥିଲା ।

**୪ । 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭ ଯୋଗକର ।**

| **'କ' ସ୍ତମ୍ଭ** | **'ଖ' ସ୍ତମ୍ଭ** |
|---|---|
| ବିବେକାନନ୍ଦ | ଅହମ୍ମଦିଆ ଆନ୍ଦୋଳନ |
| ମହାଦେବ ଗୋବିନ୍ଦ ରାଣାଡ଼େ | ଆର୍ଯ୍ୟ ସମାଜ |
| ରାଜା ରାମମୋହନ ରାୟ | ରାମକୃଷ୍ଣ ମିଶନ |
| ଦୟାନନ୍ଦ ସରସ୍ୱତୀ | ବ୍ରାହ୍ମ ସମାଜ |
| ମିର୍ଜା ଗୁଲାମ ଅହମ୍ମଦ | ପ୍ରାର୍ଥନା ସମାଜ |

୫ । ଭାରତୀୟ ନବଜାଗରଣର ଧାର୍ମିକ ଓ ସାମାଜିକ ସଂସ୍କାର ଆନ୍ଦୋଳନରେ ମୁଖ୍ୟ ଭୂମିକା ଯେଉଁମାନେ ଗ୍ରହଣ କରିଥିଲେ, ସେମାନଙ୍କ ଫଟୋ ସଂଗ୍ରହ କରି ଗୋଟିଏ ଆଲ୍‌ବମ୍ ତିଆରି କର ।

•

## ତୃତୀୟ ଅଧ୍ୟାୟ

# ଇଂରେଜ ଶାସନକୁ ପ୍ରତିରୋଧ

**ଜୟୀରାଜଗୁରୁ :**

ଇଂରେଜମାନେ ଭାରତକୁ ବାଣିଜ୍ୟ କରିବା ପାଇଁ ଆସି ଧୀରେ ଧୀରେ ରାଜନୈତିକ ବ୍ୟାପାରରେ ପ୍ରବେଶ କଲେ। ସେମାନେ ଗୋଟିକ ପରେ ଗୋଟିଏ ରାଜ୍ୟ ତାଙ୍କ ସାମ୍ରାଜ୍ୟରେ ଯୋଗକରି ଚାଲିଲେ। ୧୮୦୩ରେ ସେମାନେ ଓଡ଼ିଶା ଅଧିକାର କଲେ । ଏହାର ପ୍ରତିବାଦ ହେଲା । ଖୋର୍ଦ୍ଧାରେ ୧୮୦୪ରେ ବିଦ୍ରୋହ ହେଲା । ଏହି ବିଦ୍ରୋହର ନେତୃତ୍ୱ ନେଇଥିଲେ ଜୟୀ ରାଜଗୁରୁ ।

**ବାଲ୍ୟାବସ୍ଥା :**

ସହିଦ ଜୟୀ ରାଜଗୁରୁ ୧୭୩୯ ଅକ୍ଟୋବର ୨୯ ତାରିଖ ତଥା ପବିତ୍ର କାର୍ତ୍ତିକ ମାସ ଶୁକ୍ଳ ନବମୀ ତିଥିରେ ପୁରୀ ନିକଟସ୍ଥ ବୀର ହରେକୃଷ୍ଣପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତାଙ୍କ ନାମ ଚାନ୍ଦ ରାଜଗୁରୁ ଓ ମାତାଙ୍କ ନାମ ହାରାମଣି । ତାଙ୍କ ପୂର୍ବ ପୁରୁଷମାନେ ଖୋର୍ଦ୍ଧା ରାଜାଙ୍କର ଉପଦେଷ୍ଟା ଓ ଆଧାତ୍ମିକ ଗୁରୁଥିଲେ । ତେଣୁ ପାରମ୍ପରିକ ରୀତିରେ ସେମାନଙ୍କୁ "ରାଜଗୁରୁ" ବୋଲି କୁହାଯାଉଥିଲା ।



(ଜୟୀ ରାଜଗୁରୁ)

ବାଲ୍ୟକାଳରେ ଜୟୀ ରାଜଗୁରୁ ସଂସ୍କୃତରେ ଅଗାଧ ପାଣ୍ଡିତ୍ୟ ଅର୍ଜନ କରିଥିଲେ । ସେ ବେଦ, ପୁରାଣ ଓ ଧର୍ମ ଗ୍ରନ୍ଥ ଆଦି ଅଧ୍ୟୟନ କରି ହଜାର ହଜାର ଶ୍ଳୋକ ରଚନା କରିଥିବାରୁ ପଣ୍ଡିତମାନଙ୍କ ମଧ୍ୟରେ ତାଙ୍କୁ ବିଦ୍ୱାନ ଆଖ୍ୟା ଦିଆଯାଇଥିଲା ।

**ରାଜସଭାରେ ଆବିର୍ଭାବ :**


ଜୟୀ ରାଜଗୁରୁ ରାଜା ଦିବ୍ୟସିଂହ ଦେବଙ୍କ ରାଜସଭାରେ ପ୍ରଥମେ ଜଣେ ପଣ୍ଡିତ ଭାବେ ନିଯୁକ୍ତି ପାଇଥିଲେ । ତାଙ୍କ ପିତା ଚାନ୍ଦ ରାଜଗୁରୁଙ୍କ ମୃତ୍ୟୁପରେ ସେ ମନ୍ତ୍ରୀ ତଥା ରାଜଗୁରୁଭାବେ ଅଧିଷ୍ଠିତ ହେଲେ । ତାଙ୍କ ଜ୍ଞାନ ଗାରିମାରେ ମୁଗ୍ଧହୋଇ ଆଠଗଡ ରାଜା ଧନଞ୍ଜୟ ହରିଚନ୍ଦନ ଜୟଦେବ ତାଙ୍କୁ ତାଙ୍କ ରାଜସଭାକୁ ନେବାକୁ ଚାହିଁଲେ। ମାତ୍ର ସେ ଯାଇ ନ ଥିଲେ । ରାଜା ଦିବ୍ୟସିଂହ ଦେବଙ୍କ ମୃତ୍ୟୁ ପରେ ତାଙ୍କର ନାବାଳକ ପୁତ୍ର ୨ୟ ମୁକୁନ୍ଦଦେବ ରାଜା ହେଲେ । ଜୟୀ ରାଜଗୁରୁ ତାଙ୍କର ଅଭିଭାବକ ଭାବେ କାର୍ଯ୍ୟକଲେ । ସେ ୧୭୯୮ରେ ସମସ୍ତ ପ୍ରକାର ଶାସନ ନିୟନ୍ତ୍ରଣର କ୍ଷମତା ନିଜ ହାତକୁ ନେଲେ । ରାଜା ଦିବ୍ୟସିଂହଙ୍କ ମୃତ୍ୟୁପରେ ଛୋଟ ଛୋଟ ରାଜ୍ୟଗୁଡ଼ିକ ମଧ୍ୟରେ ଅନ୍ତର୍ଯୁଦ୍ଧ ହେଲା । ରାଜ୍ୟରେ ଦୁର୍ଭିକ୍ଷ ପଡ଼ିଲା। ଏଭଳି ଏକ ସଙ୍କଟକାଳୀନ ସମସ୍ୟାବହୁଳ ସମୟରେ ଜୟୀ ରାଜଗୁରୁଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ଥିଲା ।

**ତୁମପାଇଁ କାମ :**

ଜୟୀ ରାଜଗୁରୁଙ୍କ ପରି ଓଡ଼ିଶାର ଅନ୍ୟ ବିପ୍ଳବୀ ମାନଙ୍କର ତାଲିକା ପ୍ରସ୍ତୁତ କର ।

**ପ୍ରଶାସନିକ ତଥା ସାମରିକ ପରିଚାଳନା :**

ଏହି ସମୟରେ ଖୋର୍ଦ୍ଧାରେ ପାଇକମାନେ ଏକତ୍ରିତ ହେଲେ । ଜୟୀ ରାଜଗୁରୁ ପାଇକମାନଙ୍କୁ ଯୁଦ୍ଧବିଦ୍ୟାରେ ଉପଯୁକ୍ତ ତାଲିମ ଦେବାପାଇଁ ବିଭିନ୍ନ ସ୍ଥାନରେ ଆଖଡ଼ାଶାଳା ପ୍ରତିଷ୍ଠା କଲେ । ପାଇକମାନେ ଦେଶପ୍ରେମରେ ଉଦ୍‌ବୁଦ୍ଧ ହେଲେ । ଇଂରେଜମାନେ ଖୋର୍ଦ୍ଧା ଅଧିକାର କରିବାକୁ ଉପାୟ ଖୋଜିଲେ । ଇଂରେଜ ପ୍ରଶାସକ କର୍ଣ୍ଣେଲ ହାର୍‌କୋର୍ଟ ଖୋର୍ଦ୍ଧା ରାଜାଙ୍କୁ କବଳିତ କରିବାକୁ କୁଟନୀତି ଅବଲମ୍ବନ କରି ନାନାପ୍ରକାର ପ୍ରଲୋଭନ ଦେଖାଇଲେ । ଏକ ଲକ୍ଷ ଟଙ୍କା ପୁରସ୍କାର ପାଇବା ସଙ୍ଗେ ସଙ୍ଗେ



(ପାଇକ ଆଖଡ଼ା)

**ତୁମେ ଜାଣିଛ କି ?**

ଯେଉଁଠାରେ ଯୁଦ୍ଧ ନୃତ୍ୟ ଆଦି ଅଭ୍ୟାସ କରାଯାଏ ତାକୁ ଆଖଡ଼ାଶାଳା କୁହାଯାଏ । ଆଖଡ଼ାଶାଳାରେ ପାଇକମାନେ ସମର ଅଭ୍ୟାସ କରନ୍ତି ।

ସେ ହରାଇଥିବା ୪ଟି ମରହଟ୍ଟା କବଳିତ ପ୍ରଗଣା ଯଥା ରାହାଙ୍ଗ, ସରାଇ, ଚବିଶକୁଦ ଓ ଲେମ୍ବାଇ ଫେରି ପାଇବେ ବୋଲି ତାଙ୍କୁ ପ୍ରଲୋଭନ ଦେଖାଗଲା । ରାଜା ମୁକୁନ୍ଦଦେବଙ୍କର ଲୋଭ ହେଲା । ସେ ଇଂରେଜମାନଙ୍କୁ ସାହାଯ୍ୟ କଲେ । ଜୟୀ ରାଜଗୁରୁ ଇଂରେଜମାନଙ୍କୁ ବିଶ୍ୱାସ ନ କରିବାକୁ ପରାମର୍ଶ ଦେଲେ । ରାଜା ମାନିଲେ ନାହିଁ । ଇଂରେଜମାନେ ବିଶ୍ୱାସଘାତକତା କଲେ । ମୁକୁନ୍ଦଦେବ କୌଣସି ପ୍ରଗଣା ପାଇଲେ ନାହିଁ ।

**ପ୍ରତିକ୍ରିୟା ଓ ଯୁଦ୍ଧ :**

ଇଂରେଜମାନଙ୍କ ବିରୋଧରେ ଯୁଦ୍ଧ କରିବାକୁ ଜୟୀ ରାଜଗୁରୁ ମୁକୁନ୍ଦଦେବଙ୍କୁ ପରାମର୍ଶ ଦେଲେ । ରାଜା ମୁକୁନ୍ଦଦେବ ଇଂରେଜମାନଙ୍କର କୌଣସି ଆଦେଶ ମାନିଲେ ନାହିଁ । ସେ ମରହଟ୍ଟାମାନଙ୍କ ସାହାଯ୍ୟନେଇ ଖୋର୍ଦ୍ଧାରୁ ଇଂରେଜମାନଙ୍କୁ ତଡ଼ିବା ପାଇଁ ସ୍ଥିର କଲେ । ପାଇକସେନାଙ୍କ ସାହାଯ୍ୟରେ ୧୮୦୪ ଅକ୍ଟୋବର ମାସରେ ପିପିଲିଠାରେ ଇଂରେଜମାନଙ୍କୁ ଆକ୍ରମଣ କଲେ । କର୍ଣ୍ଣେଲ ହାର୍‌କୋର୍ଟ ମେଜର ଫ୍ଲେଚରଙ୍କୁ ମାନ୍ଦ୍ରାଜରୁ ସୈନ୍ୟମାନଙ୍କର ନେତୃତ୍ୱନେଇ ଆସିବାକୁ ନିର୍ଦ୍ଦେଶ ଦେଲେ । ମେଜର ଫ୍ଲେଚର ବହୁ ସୈନ୍ୟଧରି ଆସି ପହଞ୍ଚିଲେ । ପ୍ରାୟ ୩ ସପ୍ତାହ ପ୍ରବଳ ଯୁଦ୍ଧ ଲାଗିଲା । ପାଇକମାନେ ବୀରତ୍ୱର ସହ ଲଢ଼ିଲେ । ଇଂରେଜମାନଙ୍କର ଅତ୍ୟାଧୁନିକ ରଣକୌଶଳ ଓ ଅସ୍ତ୍ରଶସ୍ତ୍ର ନିକଟରେ ପାଇକସେନା ହାରମାନିଲେ । ୧୮୦୪ ଡିସେମ୍ବର ୪ ତାରିଖ ଦିନ ଖୋର୍ଦ୍ଧା ଇଂରେଜ ଅଧିକୃତ ହେଲା । ଇଂରେଜମାନେ ବରୁଣେଇ ଦୁର୍ଗ ଅଧିକାର କଲେ । ରାଜା ଦ୍ୱିତୀୟ ମୁକୁନ୍ଦଦେବ ଓ ଜୟୀ ରାଜଗୁରୁ ଦୁର୍ଗଛାଡି ପଳାୟନ କଲେ । ଡିସେମ୍ବର ୫ ତାରିଖଦିନ ରାଜାଙ୍କୁ ତଡ଼ିଦିଆଗଲା ବୋଲି ଘୋଷଣା କରାଗଲା । ଜୟୀରାଜଗୁରୁଙ୍କୁ ବହୁ ଚେଷ୍ଟାରେ ଧରାଗଲା । ମୁକୁନ୍ଦଦେବଙ୍କୁ ବାରବାଟୀ ଦୁର୍ଗରେ ବନ୍ଦୀକରି ରଖାଗଲା । ତାପରେ ତାଙ୍କୁ ମୁକ୍ତ କରାଯାଇ ଜଗନ୍ନାଥ ମନ୍ଦିର ଦାୟିତ୍ୱରେ ପୁରୀଠାରେ ରଖାଗଲା ।

**ଜୟୀରାଜଗୁରୁ ଶହୀଦ ହେଲେ :**

ଇଂରେଜମାନେ ବିଚାର କରି ଜୟୀ ରାଜଗୁରୁଙ୍କୁ ଦୋଷୀ ସାବ୍ୟସ୍ତ କଲେ । ଦଣ୍ଡ ସ୍ୱରୂପ ମେଦିନୀପୁରଠାରେ ଏକ ବରଗଛରେ ଦୁଇଡାଳକୁ ଏକାଠିକରି ସେଥିରେ ତାଙ୍କୁ ବାନ୍ଧି ଅତି ନିଷ୍ଠୁରଭାବରେ ଫାଶୀ ଦିଆଗଲା । ଶହୀଦ ବିପ୍ଳବୀ ଜୟୀ ରାଜଗୁରୁଙ୍କର ଦେଶପ୍ରେମ, ଦେଶଭକ୍ତି ଓ ତ୍ୟାଗର ପଟାନ୍ତର ନାହିଁ ।

**ତୁମପାଇଁ କାମ :**

ଶ୍ରେଣୀ ଶିକ୍ଷକଙ୍କ ସହାୟତାରେ ଜୟୀ ରାଜ ଗୁରୁଙ୍କ ନାଟିକା ପ୍ରସ୍ତୁତ କର ।

## ଓଡ଼ିଶାରେ ପାଇକ ବିଦ୍ରୋହ - (୧୮୧୭) ଓ ବକ୍ସି ଜଗବନ୍ଧୁଙ୍କ ଭୂମିକା

ଇଂରେଜମାନେ ୧୮୦୩ରେ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳ ଅଧିକାର କରି ଶାସନ ପ୍ରତିଷ୍ଠା କରିବା ଫଳରେ ଓଡ଼ିଶା ଶାସନ ମରହଟ୍ଟାମାନଙ୍କ ହାତରୁ ଇଂରେଜ ହାତକୁ ଗଲା । ଜୟୀ ରାଜଗୁରୁ ଇଂରେଜମାନଙ୍କୁ ବିରୋଧକରି ଶହୀଦ ହେଲେ । ଏହାପରେ ରାଜନୈତିକ, ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ଅସନ୍ତୋଷ ବୃଦ୍ଧି ପାଇଲା । ଏହାଫଳରେ ଖୋର୍ଦ୍ଧାରେ ପାଇକ ବିଦ୍ରୋହ ସଂଗଠିତ ହେଲା ।

ଓଡ଼ିଶାରେ ମୋଗଲ ଓ ମରହଟ୍ଟାମାନଙ୍କ ଶାସନ କାଳରେ ପଦାତିକ ସୈନ୍ୟବାହିନୀ ଥିଲେ । ସେମାନେ ସାଧାରଣ ସମୟରେ କୃଷିକାର୍ଯ୍ୟ କରୁଥିଲେ ଓ ଯୁଦ୍ଧ ସମୟରେ ସୈନ୍ୟ ଭାବରେ ଯୁଦ୍ଧ କରୁଥିଲେ । ତେଣୁ ସେମାନଙ୍କୁ 'ପାଇକ' କୁହାଯାଉଥିଲା । ନିମ୍ନଲିଖିତ କାରଣଯୋଗୁ ପାଇକମାନେ ଇଂରେଜ ମାନଙ୍କ ବିରୋଧରେ ବିଦ୍ରୋହ କଲେ ।


(ପାଇକ ବିଦ୍ରୋହ)

**ରାଜନୈତିକ କାରଣ :**

ଇଂରେଜ ସରକାର ଖୋର୍ଦ୍ଧା ରାଜା ଓ ତାଙ୍କ ପ୍ରଧାନମନ୍ତ୍ରୀ ଜୟୀ ରାଜଗୁରୁଙ୍କୁ ଫାଶୀଦଣ୍ଡରେ ଦଣ୍ଡିତ କଲେ । ଏଥିରେ ଜନସାଧାରଣ କ୍ଷୁବ୍ଧ ହୋଇଥିଲେ ।

**ସାମାଜିକ ତଥା ଅର୍ଥନୈତିକ କାରଣ :**

ଇଂରେଜ ଶାସକମାନେ ଓଡ଼ିଶାବାସୀଙ୍କ ପ୍ରତି ଅନ୍ୟାୟ କଲେ । ସେଥିରେ ଓଡ଼ିଶାବାସୀ ଅସନ୍ତୁଷ୍ଟ ହେଲେ । ସାଧାରଣ ଲୋକମାନେ ଆର୍ଥିକ ଅନାଟନର ସମ୍ମୁଖୀନ ହେଲେ । କୃଷିକାର୍ଯ୍ୟ ପାଇକମାନଙ୍କର ଜୀବିକା ନିର୍ବାହ ପନ୍ଥା ଥିଲା, କିନ୍ତୁ ଯୁଦ୍ଧ ସମୟରେ ସେମାନେ ଯୁଦ୍ଧ କରୁଥିଲେ ବୋଲି ବିନା କରରେ ଜମି ଉପଭୋଗ କରୁଥିଲେ । ଇଂରେଜମାନେ ଓଡ଼ିଶା ଦଖଲ କରିବାପରେ ସେହି ଜମି ପାଇଁ ସେମାନଙ୍କୁ ଖଜଣା ଦେବାକୁ

ପଡ଼ିଲା । ଖଜଣା ଆଦାୟବେଳେ ସରକାରୀ କର୍ମଚାରୀମାନେ ପାଇକମାନଙ୍କ ପ୍ରତି ଅନ୍ୟାୟ ଅତ୍ୟାଚାର କଲେ । ଖଜଣା ହାର ବଢ଼ାଇ ଦିଆଗଲା । ଫସଲ ହାନି ହେଉଥିବା ସମୟରେ ମଧ୍ୟ ଅଧିକ ରାଜସ୍ୱ ଆଦାୟ କରାଗଲା । ସାଧାରଣ ପ୍ରଜାମାନଙ୍କ ପ୍ରତି ଶାସକ ସମ୍ବେଦନଶୀଳ ହେଲେ ନାହିଁ । ରାଜାଙ୍କ ସମୟରେ କଉଡ଼ି ବିନିମୟର ମାଧ୍ୟମ ରୂପେ ପ୍ରଚଳିତ ଥିଲା । ଇଂରେଜମାନେ ଟଙ୍କା ଆକାରରେ ଖଜଣା ଦେବାକୁ ବାଧ୍ୟ କଲେ । ଟଙ୍କା ଦେଇ ନ ପାରିଲେ ସେମାନଙ୍କୁ ଜମିରୁ ଉଚ୍ଛେଦ କରାଗଲା ।

**ତୁମପାଇଁ କାମ :**

ପାଇକମାନେ ବ୍ୟବହାର କରୁଥିବା ଅସ୍ତ୍ରଶସ୍ତ୍ର, ପୋଷାକ ଏବଂ ଯୁଦ୍ଧକରିବାର ଶୈଳୀ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କର ।

ସରକାରୀ ଆଇନ ଓ ନୀତିନିୟମ ଓଡ଼ିଆ ଭାଷାରେ ଅନୁବାଦ କରାଗଲା ନାହିଁ । ଏହା ବଙ୍ଗଳା ଓ ପାର୍ସୀ ଭାଷାରେ ଅନୁବାଦିତ ହେଲା । ଏହା ଫଳରେ ପ୍ରଜାମାନେ ସରକାରୀ ନୀତିନିୟମ ବୁଝିପାରିଲେ ନାହିଁ । ଏହାର ସୁଯୋଗରେ ପ୍ରଶାସନିକ ଅଫିସର ଓ ପୋଲିସ କର୍ମଚାରୀ ଓଡ଼ିଆମାନଙ୍କ ପ୍ରତି ଅତ୍ୟାଚାର କଲେ ।

ସ୍ୱଜମିଆଦୀ ଭୂରାଜସ୍ୱପ୍ରଥା ପ୍ରଚଳିତ ହେଲା । ଓଡ଼ିଆ ଜମିଦାରମାନେ ଠିକ୍ ସମୟରେ ରାଜସ୍ୱ ପୈଠ କରି ନପାରି ଜମିଦାରୀ ହରାଇଲେ । ବଙ୍ଗର ଧନୀକ ଶ୍ରେଣୀର ଲୋକ ଏହି ଜମିଦାରୀ କିଣିଲେ । ସେମାନେ ସାଧାରଣ ଲୋକଙ୍କଠାରୁ ଅଧିକ ହାରରେ ରାଜସ୍ୱ ଆଦାୟ କଲେ । ଏହାଫଳରେ ଲୋକମାନେ ଅର୍ଥନୈତିକ ଅତ୍ୟାଚାରରେ ଅତିଷ୍ଠ ହୋଇପଡ଼ିଲେ । ସରକାର ଲବଣ ନୀତିରେ ଏକଚାଟିଆ ମନୋଭାବ ପୋଷଣ କଲେ । ପୂର୍ବରୁ ସେମାନେ ମୁକ୍ତଭାବରେ ଲୁଣମାରି ବ୍ୟବହାର କରିପାରୁଥିଲେ । ଇଂରେଜ ଶାସନ କାଳରେ ଲୋକମାନେ ଲୁଣମାରି ବ୍ୟବହାର କରିବାର ଅଧିକାରରୁ ବଞ୍ଚିତ ହେଲେ । ଲୁଣ ଦର ପୂର୍ବାପେକ୍ଷା ୬ ଗୁଣ ଅଧିକ ହୋଇଗଲା । ଲୁଣଭଳି ଏକ ନିତ୍ୟବ୍ୟବହାର୍ଯ୍ୟ ଅତ୍ୟାବଶ୍ୟକ ଦ୍ରବ୍ୟ ଲୋକ କିଣି ପାରିଲେ ନାହିଁ । ସରକାରଙ୍କର ଲବଣ ତଥା ଅନ୍ୟାନ୍ୟ ଅର୍ଥନୀତି ଉପରେ ସାଧାରଣ ଅସନ୍ତୋଷ ବୃଦ୍ଧି ପାଇଲା ।

**ତୁମପାଇଁ କାମ :**

ଏକ ଗ୍ରାମ ସଭା ଡକାଇ ଲବଣ ସମସ୍ୟା ଉପରେ ଆଲୋଚନା କର ।

**ପ୍ରତ୍ୟକ୍ଷ କାରଣ :**

ଇଂରେଜ ସରକାରଙ୍କର ପ୍ରିୟାପ୍ରୀତି ତୋଷଣଭାବ, ଅନ୍ୟାୟ, ଅତ୍ୟାଚାର, ଅମଲାମାନଙ୍କର ଦୁର୍ନୀତି, ବଙ୍ଗଳା ଅଫିସରମାନଙ୍କର ଓଡ଼ିଆମାନଙ୍କ ପ୍ରତି ଦୁର୍ବ୍ୟବହାର ଓ ସର୍ବୋପରି ସର୍ବରାକାରମାନଙ୍କ କୁଟ ଚକ୍ରାନ୍ତରେ ଖୋର୍ଦ୍ଧା ରାଜାଙ୍କ ସେନାପତି ଜଗବନ୍ଧୁଙ୍କୁ ତାଙ୍କର ଜମିଦାରୀରୁ ବଞ୍ଚିତ କରିବା ଯୋଗୁଁ ଖୋର୍ଦ୍ଧାରେ ପାଇକ ବିଦ୍ରୋହ ହୋଇଥିଲା ।

**ତୁମେ ଜାଣିଛ କି ?**

ଖଜଣା ଅସୁଲ କରି ଜମିଦାର ବା ସରକାରଙ୍କ ଠାରେ ଦାଖଲ କରିବା କର୍ମଚାରୀଙ୍କୁ ସର୍ବରାକାର କୁହାଯାଏ ।

**ବକ୍ସି ଜଗବନ୍ଧୁ ଙ୍କ ଭୂମିକା :**



(ବକ୍ସି ଜଗବନ୍ଧୁ)

ବକ୍ସି ଜଗବନ୍ଧୁଙ୍କ ପୁରା ନାଁ ଥିଲା ବକ୍ସି ଜଗବନ୍ଧୁ ବିଦ୍ୟାଧର ଭ୍ରମରବର ରାୟ ମହାପାତ୍ର । 'ବକ୍ସି' ଅର୍ଥ ସେନାପତି । ଇଂରେଜ ସରକାରଙ୍କର ଚକ୍ରାନ୍ତରେ ସେ ରାଜାଙ୍କଠାରୁ ପାଇଥିବା ରୋଡ଼ଙ୍ଗମଣ୍ଡଳର ଜାଗିରୀ ହରାଇଲେ । ତେଣୁ ସେ କ୍ଷୁବ୍ଧ ହେଲେ । ଆଗରୁ ସାଧାରଣ ଜନତା ଓ ପାଇକମାନେ ଅସନ୍ତୁଷ୍ଟ ଥିଲେ । ଏହି ସୁଯୋଗରେ ବକ୍ସି ଜଗବନ୍ଧୁ ଅସନ୍ତୁଷ୍ଟ ପାଇକମାନଙ୍କର ନେତୃତ୍ୱନେଲେ । ଜଗବନ୍ଧୁଙ୍କ ପ୍ରତି ଅନ୍ୟାୟ ହୋଇଛିବୋଲି ବିଦ୍ରୋହୀ ଜନତା ଅନୁଭବ କଲେ । ବକ୍ସିଙ୍କ ନେତୃତ୍ୱରେ ପାଇକମାନେ ସଂଗଠିତ ହେଲେ ।

**ତୁମେ ଜାଣିଛ କି ?**

ସୈନିକ ବା ଅନ୍ୟାନ୍ୟ କୌଣସି କାର୍ଯ୍ୟ କରିବା ପାଇଁ ପୁରସ୍କାର ସ୍ୱରୂପ ନିଷ୍କର ଜମିକୁ ଜାଗିରୀ କୁହାଯାଏ ।

ବିଦ୍ରୋହୀ ପାଇକମାନେ ବାଣପୁରଥାନା ଆକ୍ରମଣ କଲେ । ଅନେକ ପାଇକ ଓ ସାଧାରଣ ଜନତା ବିଦ୍ରୋହରେ ସାମିଲ ହେଲେ । ବିଦ୍ରୋହୀମାନେ ଖଜଣାଖାନା ଲୁଟ୍ କଲେ । ସରକାରୀ କର୍ମଚାରୀମାନେ ସ୍ଥାନଛାଡି ପଳାଇଲେ । ଇଂରେଜ କର୍ମଚାରୀମାନଙ୍କୁ ବଣ ଜଙ୍ଗଲରେ ଲୁଚି ଲୁଚି ରହି ଆକ୍ରମଣ କଲେ । ବିଦ୍ରୋହୀମାନେ ପୁରୀରେ ପହଞ୍ଚି ରାଜା ଦ୍ୱିତୀୟ ମୁକୁନ୍ଦଦେବଙ୍କୁ ଖୋର୍ଦ୍ଧାରାଜା ରୂପେ ଘୋଷଣାକଲେ । ତାଙ୍କୁ

ଖୋର୍ଦ୍ଧା ନେବାପାଇଁ ବ୍ୟବସ୍ଥା ହେବାରୁ ଇଂରେଜ ସରକାର ତାଙ୍କୁ ବାରବାଟୀ ଦୁର୍ଗରେ ବନ୍ଦୀ କରି ରଖିଲେ ।

> **ତୁମପାଇଁ କାମ :**
> ବକ୍ସି ଜଗବନ୍ଧୁଙ୍କ ନାମରେ ନାମିତ ଓଡ଼ିଶାର ଶିକ୍ଷାନୁଷ୍ଠାନଗୁଡ଼ିକର ନାମ ଲେଖ । ଏଗୁଡ଼ିକ କେଉଁଠାରେ ଅବସ୍ଥିତ ଲେଖ ।

ଏହି ବିଦ୍ରୋହ ପୁରୀ ଜିଲ୍ଲାର ବାଣପୁର, ପିପିଲି ଓ ଗୋପ ଅଞ୍ଚଳକୁ ବିସ୍ତାରିତ ହୋଇଥିଲା । କଟକ ଜିଲ୍ଲାର ଝଙ୍କଡ ଓ କୁଜଙ୍ଗ ପର୍ଯ୍ୟନ୍ତ ଏହା ବ୍ୟାପିଥିଲା । ବିଦ୍ରୋହ ଦମନ କରିବାପାଇଁ ଇଂରେଜମାନେ ଆପ୍ରାଣ ଉଦ୍ୟମ କଲେ । ଅନେକ ବିଦ୍ରୋହୀ ଆତ୍ମସମର୍ପଣ କଲେ । ବକ୍ସି ଜଗବନ୍ଧୁ ଆତ୍ମସମର୍ପଣ କଲେ ନାହିଁ । ୧୮୨୩ରେ ତାଙ୍କର ସମ୍ପତ୍ତି ବାଜ୍ୟାପ୍ତ କରି ଦିଆଗଲା । ସେ ଆତ୍ମସମର୍ପଣ କଲେ । ତାଙ୍କୁ ସସମ୍ମାନେ ବୃତ୍ତି ପ୍ରଦାନ କରାଯିବ ବୋଲି ଇଂରେଜ ସରକାର ଘୋଷଣା କଲେ । ତେଣୁ ସେ ଦୀର୍ଘଦିନର ଆତ୍ମଗୋପନ ପରେ ୧୮୨୫ ମେ' ମାସରେ କଟକ ସହରରେ ଇଂରେଜସରକାରଙ୍କ ନିକଟରେ ଆତ୍ମ ସମର୍ପଣ କଲେ । ତାଙ୍କୁ କଟକ ସହରରେ ନଜରବନ୍ଦୀ କରି ରଖାଯାଇଥିଲା । ୧୮୨୯ ଜାନୁଆରୀ ୨୪ ତାରିଖ ଦିନ ସେ ଇହଲୀଳା ସମ୍ବରଣ କଲେ ।

## ଓଡ଼ିଶାରେ ଆଦିବାସୀ ବିଦ୍ରୋହ :

### ଘୁମୁସରରେ କନ୍ଧ ବିଦ୍ରୋହ :

୧୮୩୫ରେ ଇଂରେଜ ସରକାର ଦକ୍ଷିଣ ଓଡ଼ିଶାର ଘୁମୁସର ଅଧିକାର କରି କନ୍ଧମାନଙ୍କ ଉପରେ ପ୍ରଭୁତ୍ୱ ବିସ୍ତାର କଲେ । କନ୍ଧମାନେ ଇଂରେଜମାନଙ୍କୁ ପ୍ରତିରୋଧ କଲେ । ଏହାକୁ 'ଘୁମୁସର ବିଦ୍ରୋହ' କୁହାଯାଏ । ଦୋରା ବିଶୋଇ ଓ ଚକରା ବିଶୋଇ ଏହି ବିଦ୍ରୋହର ନେତୃତ୍ୱ ନେଇଥିଲେ ।

ଘୁମୁସର ରାଜା ଧନଞ୍ଜୟ ଭଞ୍ଜ ଇଂରେଜ ସରକାରଙ୍କୁ ନିର୍ଦ୍ଦିଷ୍ଟ ସମୟରେ ନିର୍ଦ୍ଧାରିତ କର ଦେଇପାରିଲେ ନାହିଁ । ତେଣୁ ୧୮୩୫ରେ ଇଂରେଜ ସରକାର ତାଙ୍କୁ କ୍ଷମତାଚ୍ୟୁତ କଲେ । ଦୋରା ବିଶୋଇ କନ୍ଧମାନଙ୍କର ମୁଖ୍ୟ ନେତାଥିଲେ । ସେ ରାଜା ଧନଞ୍ଜୟଙ୍କର ଏକାନ୍ତ ବିଶ୍ୱସ୍ତ ଅନୁଗାମୀ ଥିଲେ । ସେ କନ୍ଧମାନଙ୍କୁ ଏକାଠି କରି ବିଦ୍ରୋହ ଆରମ୍ଭ କଲେ । କନ୍ଧମାନେ ଇଂରେଜ ସୈନ୍ୟବାହିନୀକୁ ଆକ୍ରମଣ କରି ସେମାନଙ୍କର ବହୁତ କ୍ଷତି କଲେ । କନ୍ଧ ବିଦ୍ରୋହ ଦମନ କରିବାକୁ ମାନ୍ଦ୍ରାଜରୁ ସୈନ୍ୟବାହିନୀ ଆସିଥିଲେ ।

ଦୋରା ବିଶୋଇଙ୍କ ନେତୃତ୍ୱରେ କନ୍ଧମାନେ ଇଂରେଜ ସୈନ୍ୟମାନଙ୍କ ଉପରେ ଆକ୍ରମଣ କଲେ । ୧୩ ଜଣ ସୈନ୍ୟ ଓ ୨ ଜଣ ସେନାପତି ନିହତ ହେଲେ । ଇଂରେଜମାନେ ଯୁଦ୍ଧ ବନ୍ଦ କଲେ । କନ୍ଧମାନଙ୍କୁ ଆଉ କର ଦେବାକୁ ପଡ଼ିବନାହିଁ ବୋଲି ଘୋଷଣା କରାଗଲା । ତଥାପି କନ୍ଧମାନେ ନ ମାନି ବିଦ୍ରୋହ ଚାଲୁ ରଖିଲେ । ଇଂରେଜ ସରକାର ଦୋରା ବିଶୋଇଙ୍କୁ ଧରାଇ ଦେବାପାଇଁ ପାଞ୍ଚ ହଜାର ଟଙ୍କାର ପୁରସ୍କାର ଘୋଷଣା କଲେ । ଦୋରା ବିଶୋଇଙ୍କୁ ଅନୁଗୋଳରେ ଧରାଯାଇ ମାନ୍ଦ୍ରାଜକୁ ପଠାଗଲା । ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା ।

> **ତୁମପାଇଁ କାମ :**
> ଓଡ଼ିଶାରେ ରହୁଥିବା ବିଭିନ୍ନ ସମ୍ପ୍ରଦାୟର ଆଦିବାସୀମାନଙ୍କ ବେଶଭୂଷା, ଚାଲିଚଳନ ଆଦି ବିଷୟରେ ତଥ୍ୟ ସଂଗ୍ରହ କର ।

ଚକରା ବିଶୋଇ ଦୋରା ବିଶୋଇର ପୁତୁରା ଥିଲେ । ଇଂରେଜ ସରକାର କନ୍ଧମାନଙ୍କର ଆର୍ଥିକ ଅବସ୍ଥାପ୍ରତି ଧ୍ୟାନ ଦେଉନଥିଲେ । ୧୮୪୬ରେ କନ୍ଧମାନେ ପୁଣି ବିଦ୍ରୋହ କଲେ । ବଣ ଜଙ୍ଗଲରେ ଲୁଚିରହି **ଚକରା** ଓ ତାଙ୍କ ଅନୁଗାମୀମାନେ ଇଂରେଜ ସୈନ୍ୟମାନଙ୍କ ଉପରେ ଆକ୍ରମଣ କଲେ । ଇଂରେଜ ସୈନ୍ୟମାନେ ତାଙ୍କ ଆକ୍ରମଣକୁ ପ୍ରତିରୋଧ କରିପାରିଲେ ନାହିଁ । ସେତେବେଳର ଗଭର୍ଣ୍ଣର ଜେନେରାଲ **ଡେଲ୍‌ହାଉସୀ** ଚକରା ବିଶୋଇଙ୍କୁ ଧରାଇଦେବା ବିନିମୟରେ ତିନିହଜାର ଟଙ୍କାର ପୁରସ୍କାର ଘୋଷଣା କରିଥିଲେ । ଚକରା ବିଶୋଇ ସୋନପୁର ରାଜାଙ୍କ ଆଶ୍ରୟ ନେଇଥିବାର ଇଂରେଜଶାସକ ଜାଣିବାକୁ ପାଇଲେ । ସେ ଚକରା ବିଶୋଇଙ୍କୁ ସମର୍ପଣ କରିବାକୁ ଆଦେଶଦେଲେ । ବୌଦ ରାଜା ଚକରା ବିଶୋଇଙ୍କୁ ସାହାଯ୍ୟ କରୁଥିବାର ସନ୍ଦେହକରି ତାଙ୍କ ସମ୍ପତ୍ତି ବାଜ୍ୟାପ୍ତ କରିବାକୁ ଚେତାବନୀ ଦେଇଥିଲେ ।

ଚକରା ବିଶୋଇ ଯୁବ କନ୍ଧମାନଙ୍କୁ ନେଇ ବିଦ୍ରୋହ ଚାଲୁରଖିଲେ । ଇଂରେଜଶାସକ ବିଦ୍ରୋହ ଦମନ କରିବାକୁ ପ୍ରତ୍ୟକ୍ଷ ଶାସନ ନିଜ ହାତକୁ ନେଲେ । କନ୍ଧମାଳ ଇଂରେଜ ହାତକୁ ଗଲା । ଚକରା ବିଶୋଇ ଘୁମୁସର ଗଲେ । ଘୁମୁସର ରାଜ ପରିବାର ତାଙ୍କ ରହିବା ଚାହିଁଲେ ନାହିଁ । ଫଳରେ ସେ କଳାହାଣ୍ଡିର ମଦନପୁର ଓ ପରେ ବଲାଙ୍ଗୀରର ପାଟଣାକୁ ଚାଲି ଆସିଲେ । ତାଙ୍କୁ ଧରିବାପାଇଁ ଚାରିଆଡ଼େ ପରୱାନା ପଠାଗଲା, ମାତ୍ର ସବୁ ବିଫଳ ହେଲା । ସେ ଧରାପଡ଼ିଲେ

**ତୁମେ ଜାଣିଛ କି ?**

ସରକାରୀ ନିର୍ଦ୍ଦେଶନାମା ଓ ଆଜ୍ଞାପତ୍ରକୁ ପରୱାନା କୁହାଯାଏ ।

ନାହିଁ । ୧୮୫୬ ସୁଦ୍ଧା ତାଙ୍କ ବିଷୟରେ କିଛି ଖବର ମିଳିଲା ନାହିଁ । ସେ ନିଖୋଜ ରହିଗଲେ । ବହୁ ବାଧାବିଘ୍ନ ମଧ୍ୟରେ ଶକ୍ତିଶାଳୀ ଇଂରେଜ ସରକାରଙ୍କ ବିରୁଦ୍ଧରେ ସେ ମୃତ୍ୟୁ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ବିଦ୍ରୋହ ଚାଲୁ ରଖିଥିଲେ ।

**ତୁମପାଇଁ କାମ :**

ଇଂରେଜ ବିରୋଧୀ ଆନ୍ଦୋଳନରେ ଦୋରା ବିଶୋଇ ଓ ଚକରା ବିଶୋଇଙ୍କର ଭୂମିକା ବିଷୟରେ ଅଧିକ ତଥ୍ୟ ସଂଗ୍ରହ କରିବାକୁ ଚେଷ୍ଟା କର ।

## କେନ୍ଦୁଝର ଭୂୟାଁ ବିଦ୍ରୋହ :

ଓଡ଼ିଶାରେ ଇଂରେଜ ଶାସନ ବିରୁଦ୍ଧରେ ଯେଉଁ ଆଦିବାସୀ ସମ୍ପ୍ରଦାୟର ପ୍ରତିରୋଧ ସଂଗ୍ରାମ ବିଭିନ୍ନ ସ୍ଥାନରେ ଦେଖାଯାଇଥିଲା, ସେଥିରୁ କେନ୍ଦୁଝରର ଭୂୟାଁ ସମ୍ପ୍ରଦାୟର ବିଦ୍ରୋହ ଅନ୍ୟତମ । ୧୮୬୮ରେ ଏହି ବିଦ୍ରୋହର ନେତୃତ୍ୱ ନେଇଥିଲେ ରତ୍ନା ନାୟକ । ତେଣୁ ଏହି ବିଦ୍ରୋହକୁ 'ରତ୍ନାମେଳି' ମଧ୍ୟ କୁହାଯାଏ ।

କେନ୍ଦୁଝର ରାଜାଥିଲେ ଗଦାଧର ଭଞ୍ଜ । ତାଙ୍କପରେ ତାଙ୍କ ପୋଷ୍ୟପୁତ୍ର ବୃନ୍ଦାବନ ଭଞ୍ଜଙ୍କୁ ରାଜଗାଦିର ସୁଯୋଗ ଦିଆଗଲା ନାହିଁ । ସେତେବେଳେ କମିଶନର ଥିଲେ ରେଭେନ୍‌ସା । ସେ ବୃନ୍ଦାବନ ଭଞ୍ଜଙ୍କୁ ଶାସନ ଗାଦିରୁ ବଞ୍ଚିତ କରି ଧନୁର୍ଜୟ ଭଞ୍ଜଙ୍କୁ ଗାଦିସୀନ କରାଇବାରେ ସାହାଯ୍ୟ କଲେ । ଗଦାଧର ଭଞ୍ଜଙ୍କ ରାଣୀ ବିଷ୍ଣୁପ୍ରିୟା ଧନୁର୍ଜୟ ଭଞ୍ଜଙ୍କୁ ଚାହୁଁନଥିଲେ । ଆଦିବାସୀ ଭୂୟାଁ ସମ୍ପ୍ରଦାୟ ମଧ୍ୟ ଧନୁର୍ଜୟ ଭଞ୍ଜଙ୍କୁ ସମର୍ଥନ କରୁନଥିଲେ । ଭୂୟାଁମାନେ କୋହ୍ଲ ଓ ଜୁଆଙ୍ଗ ପ୍ରଭୃତି ଆଦିବାସୀ ସମ୍ପ୍ରଦାୟଙ୍କର ସହାୟତା ଓ ସମର୍ଥନରେ ଇଂରେଜ ସରକାରଙ୍କର ଏତାଦୃଶ ମନୋମୁଖୀ କାର୍ଯ୍ୟକଳାପକୁ ବିରୋଧ କଲେ । ରତ୍ନା ନାୟକ ଏହି ମେଳିର ନେତୃତ୍ୱ ନେଲେ । ରତ୍ନା ନାୟକଙ୍କ ସହିତ ନନ୍ଦ ନାୟକ, ନନ୍ଦ ପ୍ରଧାନ, ବାବୁ ନାୟକ ଓ ପଦୁ ନାୟକ ପ୍ରଭୃତି ଅନେକ ନେତା ଯୋଗ ଦେଲେ । ସେମାନେ ୧୮୬୮ରେ ରାଜା ଧନୁର୍ଜୟଙ୍କ ବିରୁଦ୍ଧରେ ବିଦ୍ରୋହ କଲେ । ସେମାନେ ଖଣ୍ଡା, କୁରାଢ଼ୀ, ଧନୁଶର ଆଦି ଅସ୍ତ୍ରଧରି କେଉଁଝର ଗଡ଼ ଅବରୋଧ କଲେ । ଦେୱାନ ଓ ପୋଲିସବାଲାଙ୍କୁ କରାୟତ କରାଗଲା । ଇଂରେଜ ସରକାର ଅସୁବିଧାରେ ପଡ଼ିବାଭଳି ଅନୁଭବକଲେ । ଇଂରେଜମାନଙ୍କର ସୈନ୍ୟ ଶିବିର ନଷ୍ଟ କରିଦିଆଗଲା । ଅନ୍ୟପକ୍ଷରେ ବଣାଇ, ପାଲଲହଡା, ଢ଼େଙ୍କାନାଳ ଓ ମୟୂରଭଞ୍ଜର ରାଜାମାନେ ଇଂରେଜମାନଙ୍କୁ ସାହାଯ୍ୟ କଲେ । ବିଦ୍ରୋହ ଦମନ କରାଗଲା । ଭୂୟାଁମାନେ ଆତ୍ମ ସମର୍ପଣ କଲେ । ରତ୍ନା ନାୟକ ଓ ନନ୍ଦ ନାୟକଙ୍କୁ ପ୍ରାଣଦଣ୍ଡ ଦିଆଗଲା ।

**ତୁମପାଇଁ କାମ :**

ଭୂୟାଁମାନଙ୍କ ଜୀବନଯାପନ ପ୍ରଣାଳୀ ବିଷୟରେ ତଥ୍ୟ ସଂଗ୍ରହ କର ।

୧୮୯୮ରେ ଭୂୟାଁ ସମ୍ପ୍ରଦାୟର ଧରଣୀଧର ଭୂୟାଁ ଇଂରେଜମାନଙ୍କ ବିରୋଧରେ ଏକ ମେଳିର ନେତୃତ୍ୱ ନେଲେ । ଏହାକୁ 'ଧରଣୀ ମେଳି' ବୋଲି କୁହାଯାଉଥିଲା । ରାଜା ଧନୁର୍ଜୟ ଭଞ୍ଜଙ୍କ ଶାସନରେ ପ୍ରଜାମାନେ ଶୋଷିତ ଓ ନିର୍ଯ୍ୟାତିତ ଅନୁଭବ କରୁଥିଲେ । ପ୍ରଜାମାନଙ୍କୁ ବିଭିନ୍ନ କରଦେବାକୁ ପଡ଼ିଲା । ବେଠି ପ୍ରଥାର ପ୍ରଚଳନ ଥିଲା । ଲୋକମାନଙ୍କର ଅର୍ଥନୈତିକ ଅବସ୍ଥା ଦୁର୍ବିସହ ହୋଇପଡ଼ିଲା । ୧୮୯୧ରେ ବେଠିରେ ଏକ ବନ୍ଧ ନିର୍ମାଣ କରିବାକୁ ରାଜା ଆଦେଶ ଦେଲେ । ପ୍ରଜାମାନେ ଏହାକୁ ବିରୋଧ କରି ଏକାଠି ହେଲେ । ଧରଣୀଧର ଏହାର ନେତୃତ୍ୱନେଲେ । ରାଜକୋଷ ଓ କାରାଗାର ଆକ୍ରମଣ କରାଗଲା । ଧରଣୀଧର କେଉଁଝର ଗଡ ଦଖଲ କରି ପାରିଲେ ନାହିଁ । ଶେଷରେ ସେ ବନ୍ଦୀ ହେଲେ । ଏହିପରିଭାବରେ ଧରଣୀମେଳିର ଯବନିକା ପଡ଼ିଲା । ବିଦ୍ରୋହ ଦମନ କରାଗଲେ ମଧ୍ୟ ଇଂରେଜ ସରକାରଙ୍କର ଆଖି ଖୋଲି ଯାଇଥିଲା ।

**ତୁମେ ଜାଣିଛ କି ?**

ବିନା ବେତନ ବା ପାରିଶ୍ରମିକରେ ବାଧ୍ୟତାମୂଳକ ସେବାକୁ ବେଠି କୁହାଯାଏ ।

## କୋହ୍ଲ ବିଦ୍ରୋହ

ମୟୂରଭଞ୍ଜବାସୀ ଇଂରେଜମାନଙ୍କ ସହ ଭଲ ସମ୍ପର୍କ ରଖିଥିଲେ । ୧୮୧୦ରେ ଇଂରେଜ ଶାସକ ତ୍ରିବିକ୍ରମ ଭଞ୍ଜଙ୍କୁ ମୟୂରଭଞ୍ଜର ରାଜା ରୂପେ ସ୍ୱୀକାର କଲେ । ତାଙ୍କ ମୃତ୍ୟୁପରେ ତାଙ୍କ ପୁତ୍ର ଯଦୁନାଥ ଭଞ୍ଜ ରାଜାଙ୍କ ସ୍ୱୀକୃତି ପାଇଲେ । ମୟୂରଭଞ୍ଜର ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ କୋହ୍ଲ, ସାନ୍ତାଳ

ଓ ଭୂମିଜ ପ୍ରଭୃତି ପ୍ରଧାନ ଥିଲେ । ଘଟଣାକ୍ରମେ କୋହ୍ଲ ସମ୍ପ୍ରଦାୟ ଇଂରେଜ ବିରୋଧୀ ବିଦ୍ରୋହ କରିଥିଲେ ।

କୋହ୍ଲ ଅଧିକୃତ ଜମିକୁ ଦଖଲ କରିବାପାଇଁ ସିଂହଭୂମି ରାଜା ଉଦ୍ୟମ କଲେ । ୧୮୨୦ରେ କୋହ୍ଲମାନେ ସିଂହଭୂମି ରାଜା ଘନଶ୍ୟାମ ସିଂହଙ୍କ ବିରୁଦ୍ଧରେ ବିଦ୍ରୋହ କଲେ । ରାଜା ବିଦ୍ରୋହ ଦମନ କରି ନପାରି ଇଂରେଜ ଶାସକଙ୍କ ସହାୟତା ଲୋଡ଼ିଲେ । ବିଦ୍ରୋହ ଦମନ ହେଲା । ବାମନଘାଟୀ ଜମିଦାର ମୟୂରଭଞ୍ଜ ରାଜାଙ୍କ ନିୟନ୍ତ୍ରଣରୁ ସ୍ୱାଧୀନ ରହିବାକୁ ଚାହିଁଲେ । ଅପର ପକ୍ଷରେ ରାଜା ଜମିଦାରଙ୍କୁ ସମସ୍ତ ପ୍ରକାର କ୍ଷମତା ଓ ଅଧିକାରରୁ ବଞ୍ଚିତ କରିବାକୁ ଚାହିଁଲେ । ଏହି ବିବାଦରେ ଜମିଦାରଙ୍କୁ କୋହ୍ଲମାନେ ସମର୍ଥନ କଲେ ।

୧୮୩୧ ଡିସେମ୍ବର ମାସରେ ଇଂରେଜ କମିଶନର ଷ୍ଟକ୍‌ୱେଲ ରାଜା ଓ ବାମନଘାଟୀ ଜମିଦାରଙ୍କୁ ବିବାଦର ସମାଧାନ କରିବାକୁ ବାଲେଶ୍ୱର ଡକାଇଲେ । ଆଲୋଚନା ବିଫଳ ହେଲା । କୋହ୍ଲମାନେ ପୁଣି ବିଦ୍ରୋହ କଲେ । ଷ୍ଟକ୍‌ୱେଲ୍ ରାଜାଙ୍କୁ ବଳ ପ୍ରୟୋଗ ପୂର୍ବକ ବିଦ୍ରୋହ ଦମନ କରିବାକୁ ନିର୍ଦ୍ଦେଶ ଦେଲେ । ବଙ୍ଗ ସରକାର ଥୋମାସ ଉଇଲକିନ୍‌ସନ୍‌ଙ୍କୁ ବିଦ୍ରୋହର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଲେ । ଉଇଲକିନ୍‌ସନ ବିଦ୍ରୋହ ଦମନ କରିବାକୁ ବଙ୍ଗ ସରକାରଙ୍କୁ ପରାମର୍ଶ ଦେଲେ । ସରକାରଙ୍କ ହସ୍ତକ୍ଷେପ ଫଳରେ ମାଧବ ଦାସ ମହାପାତ୍ର ବାମନଘାଟୀର ଜମିଦାର ହେଲେ । ସରକାରଙ୍କର ଏହି ନୀତିକୁ ଷ୍ଟକ୍‌ୱେଲ୍ ପସନ୍ଦ କଲେ ନାହିଁ । ଫଳରେ ସେ ୧୮୩୨ରେ ନିଜ ପଦବୀରୁ ଇସ୍ତଫା ଦେଲେ ।

**ତୁମପାଇଁ କାମ :**
କୋହ୍ଲମାନଙ୍କ ସାମାଜିକ ଜୀବନ ବିଷୟରେ ଜାଣିବାକୁ ଚେଷ୍ଟାକର ।

କୋହ୍ଲମାନେ ପୁଣି ହତ୍ୟା ଏବଂ ଲୁଣ୍ଠନ କାର୍ଯ୍ୟରେ ମାତି ଉଠିଲେ । ସେମାନେ ବାରମ୍ବାର ବିଦ୍ରୋହରେ ଲିପ୍ତରହି ବହୁତ ଦୁର୍ଦ୍ଦଶା ଭୋଗିଲେ । ଅସନ୍ତୁଷ୍ଟ କୋହ୍ଲମାନେ ଜମିଦାର ମାଧବଦାସ ମହାପାତ୍ରଙ୍କୁ ମାରିଦେବାକୁ ଧମକ ଦେଲେ । ମାଧବଦାସ ନରସିଂହଗଡ଼କୁ ପଳାୟନ କଲେ । ଏହି ସୁଯୋଗରେ ମୟୂରଭଞ୍ଜ ରାଜା ସୈନ୍ୟମାନଙ୍କ ସହାୟତାରେ କୋହ୍ଲମାନଙ୍କୁ ବାମନଘାଟୀରୁ ତଡ଼ି ଏହାକୁ ନିଜ ଅଧୀନକୁ ଆଣିଲେ, ମାତ୍ର କୋହ୍ଲମାନେ ସେମାନଙ୍କର ବିଦ୍ରୋହ ଅବ୍ୟାହତ ରଖିଲେ । ଉଇଲକିନ୍‌ସନ୍ ବଙ୍ଗ ସରକାରଙ୍କୁ ଏଥିରେ ହସ୍ତକ୍ଷେପ କରିବାକୁ ସୁପାରିଶ କଲେ । କଟକ କମିଶନର ହେନେରୀ ରିକେଟ ମଧ୍ୟ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ବଙ୍ଗ ସରକାରଙ୍କୁ ପରାମର୍ଶ ଦେଲେ । ଏହା ଫଳରେ ବିଦ୍ରୋହ ଦମନ କରିବାକୁ ସୈନ୍ୟ ବାହିନୀ ପଠାଗଲା । ବିଦ୍ରୋହୀମାନେ ଆତ୍ମ ସମର୍ପଣ କଲେ । ଏହା ଫଳରେ କୋହ୍ଲ ବିଦ୍ରୋହର ଅବସାନ ଘଟିଲା ।

## ସାନ୍ତାଳ ବିଦ୍ରୋହ

ମୟୂରଭଞ୍ଜ ରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ୧୯୧୨ ମସିହା ଫେବୃୟାରୀ ୨୨ ତାରିଖ ଦିନ ମୃତ୍ୟୁ ବରଣ କଲେ । ତାଙ୍କ ମୃତ୍ୟୁପରେ ଇଂରେଜ ସରକାରଙ୍କ ତରଫରୁ ୩ ଜଣ ପ୍ରଶାସନିକ ଅଧିକାରୀ ମୟୂରଭଞ୍ଜର ଶାସନଭାର ଗ୍ରହଣ କଲେ । ସେମାନେ ବିଦେଶୀ ହୋଇଥିବାରୁ ଶାସନର ସୁପରିଚାଳନା ପାଇଁ ଆଞ୍ଚଳିକ ସର୍ଦ୍ଦାର, ପ୍ରଧାନ ଓ ଅମଲାମାନଙ୍କ ଉପରେ ନିର୍ଭର କଲେ । ଶାସକ ଓ ଶାସିତଙ୍କ ମଧ୍ୟରେ ପ୍ରତ୍ୟକ୍ଷ ସମ୍ପର୍କ ରହିଲା ନାହିଁ । ଲୋକମାନେ ମଧ୍ୟ ନିଜ ରାଜ୍ୟରେ ବିଦେଶୀ ମୁଖ୍ୟଙ୍କୁ ସ୍ୱାଗତ କଲେ ନାହିଁ । ସେମାନେ ବିଦ୍ରୋହ କରିବାପାଇଁ ସୁଯୋଗ ଅପେକ୍ଷାରେ ରହିଲେ । ଏହି ବିଦ୍ରୋହ ସାନ୍ତାଳନେତା କଙ୍କାମାଝି ଓ କାଳିଆ ମହାନ୍ତଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିବାରୁ ଏହାକୁ 'ସାନ୍ତାଳ ବିଦ୍ରୋହ' କୁହାଯାଏ । ନିମ୍ନଲିଖିତ କାରଣଗୁଡ଼ିକ 'ସାନ୍ତାଳ ବିଦ୍ରୋହ' ପାଇଁ ଦାୟୀ ।

### ରାଜସ୍ୱ ଆଦାୟ :

ଭଞ୍ଜ ଶାସନ କାଳରେ ସର୍ଦ୍ଦାର, ପ୍ରଧାନ, ମୁଖିଆ ଓ ଛାଟିଆମାନେ ରାଜସ୍ୱ ଆଦାୟ କରୁଥିଲେ । ସେମାନେ ସଂଗୃହୀତ ରାଜସ୍ୱର କେତେକାଂଶ ନିଜ ପାଇଁ ରଖି ଅବଶିଷ୍ଟାଂଶ ଜମା ଦେଉଥିଲେ । ଶସ୍ୟ ହାନି ହେଲେ ମଧ୍ୟ ରାଜସ୍ୱ ଆଦାୟ ହେଉଥିଲା । ରାଜସ୍ୱ ଦେଇ ନ ପାରିଲେ ଆଦାୟକାରୀମାନେ ଲୋକମାନଙ୍କର ଗୋମହିଷାଦି ପଶୁ ବିକ୍ରି କରିଦେଉଥିଲେ । ସେମାନଙ୍କର ବାସଗୃହରେ ତାଲା ପକାଇ ଦେଉଥିଲେ ।

**ତୁମପାଇଁ କାମ :**
ସାନ୍ତାଳମାନଙ୍କ ଭାଷା ବିଷୟରେ ତଥ୍ୟ ସଂଗ୍ରହ କର ।

### ଅମଲାମାନଙ୍କ ଅବହେଳା :

ରାଜାଙ୍କ ଶାସନ କାଳରେ ଅମଲାମାନେ ବାହାର ଅଞ୍ଚଳର ଲୋକଥିଲେ । ରାଜାଙ୍କପରେ ଇଂରେଜମାନଙ୍କ ଶାସନ କାଳରେ ଏମାନେ ତାଙ୍କର କର୍ତ୍ତବ୍ୟରେ ଅବହେଳା କଲେ ।

ସେମାନେ ଗରିବ ଆଦିବାସୀଙ୍କୁ ଶୋଷଣ କଲେ । ସେଥିପାଇଁ ସାଧାରଣ ଜନତା ଅସନ୍ତୁଷ୍ଟ ହେଲେ ।

### ସମାଜରେ ଶ୍ରେଣୀ ବିଭାଗ :

୧୯୧୭ରେ ସାନ୍ତାଳ ବିଦ୍ରୋହପୂର୍ବରୁ ସମାଜରେ ମୁଖ୍ୟତଃ ଦୁଇଶ୍ରେଣୀର ଲୋକ ଥିଲେ । ସେମାନେହେଲେ 'ଶୋଷକ' ଓ 'ଶୋଷିତ'। ଉଚ୍ଚ ଶ୍ରେଣୀୟ ଧନୀକ ଗୋଷ୍ଠୀ ଥିଲେ ଶୋଷକ। କୃଷକ, ଶିଳ୍ପୀ ଓ ଗରିବ ସାନ୍ତାଳ ଆଦିବାସୀ ଥିଲେ 'ଶୋଷିତ' । ସମାଜରେ ଏହି ବୈଷମ୍ୟ ସେମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କଲା ।

### ପ୍ରତ୍ୟକ୍ଷ କାରଣ :

ପ୍ରଥମ ବିଶ୍ୱଯୁଦ୍ଧ ବେଳେ ଇଂରେଜ ସରକାର ଫ୍ରାନ୍ସରେ କାର୍ଯ୍ୟ କରିବାପାଇଁ ଆଦିବାସୀମାନଙ୍କୁ ପଠାଇବାକୁ ଚେଷ୍ଟାକଲେ । ଏହି ନୀତିକୁ ମୟୂରଭଞ୍ଜ ଯୁବରାଜ ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ ସମର୍ଥନ କଲେ । ଯୁବ ଆଦିବାସୀମାନଙ୍କୁ ଚୟନ କରିବାକୁ ସର୍ଦ୍ଦାରମାନଙ୍କୁ ନିର୍ଦ୍ଦେଶ ଦିଆଗଲା । ଏଥିରେ ଆଦିବାସୀ ଯୁବ ସମ୍ପ୍ରଦାୟ ଉତ୍‌କ୍ଷିପ୍ତ ହେଲେ ।

### ବିଦ୍ରୋହ ପାଇଁ ପ୍ରସ୍ତୁତି :

ଆଦିବାସୀ ସମ୍ପ୍ରଦାୟ ଇଂରେଜ ବିରୋଧୀ ବିଦ୍ରୋହର ପରିକଳ୍ପନା କଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ଛଳରେ ସେମାନେ ଏକାଠି ହେଲେ । ଗ୍ରାମ ମୁଖିଆମାନେ ନେତୃତ୍ୱ ନେଲେ । ଯୁବକମାନେ ଘର ଘର ବୁଲି ବିଦ୍ରୋହର ବୀଜ ବୁଣିଲେ । ସାଧାରଣ ଜନତା ଇଂରେଜ ବିରୋଧରେ ସଂଗଠିତ ହେଲେ । ରେଣୁ ଗାଁର କାଳିଆ ମହାନ୍ତ, ବେତନଟୀର କଙ୍କା ମାଝୀ, ଚିତ୍ରଡ଼ାର ନୟନ ସିଂ ଓ ଭୀମ ମହାନ୍ତ ପ୍ରଭୃତି ନେତୃତ୍ୱ ନେଲେ ।

### ବିଦ୍ରୋହର ଅଗ୍ରଗତି :

୧୯୧୭ ମସିହାରେ ବିଦ୍ରୋହୀମାନେ ଇଂରେଜ ବିରୋଧୀ ଅଭିଯାନ ଆରମ୍ଭ କଲେ । ପ୍ରଥମେ ବେତନଟୀ ହାଟରେ ଇଂରେଜ ଶାସନ ଓ ଜମିଦାରଙ୍କ ଶୋଷଣକୁ ପ୍ରତିବାଦ କରାଗଲା । ଦୋକାନ ବଜାର ଲୁଣ୍ଠନ କରାଗଲା । ବ୍ରିଟିଶ ଅଫିସ ପୋଡ଼ି ଦିଆଗଲା । ବ୍ରିଟିଶ ଅଫିସର ଭୟରେ ପଳାଇଗଲେ । ବିଦ୍ରୋହୀମାନେ ବେତନଟୀ ଆୟତ୍ତ କରି ନେଲେ । ଇଂରେଜ ସରକାର ଭୀତତ୍ରସ୍ତ ହୋଇପଡ଼ିଲେ । ବିଦ୍ରୋହୀମାନେ ରାସ୍ତା ପୋଲ ଭାଙ୍ଗି ଦେଲେ । ଯୋଗାଯୋଗ ବିଚ୍ଛିନ୍ନ ହୋଇଗଲା । ବିଦ୍ରୋହୀମାନେ କଙ୍କା ମାଝୀଙ୍କୁ ରାଜା, କାଳିଆ ମହାନ୍ତଙ୍କୁ ପ୍ରଧାନମନ୍ତ୍ରୀ ଓ ନୟନ ସିଂଙ୍କୁ ସେନାପତିଭାବେ ସର୍ବସମ୍ମତିକ୍ରମେ ନିର୍ବାଚିତ କଲେ । କଙ୍କା-କାଳିଆ ସରକାର ଗଠନ କରାଗଲା ।

### ବିଦ୍ରୋହ ଦମନ :

ଇଂରେଜ ସରକାର ବିଦ୍ରୋହ ଦମନ କରିବାକୁ ମୟୂରଭଞ୍ଜର ରାଜପରିବାରର ଶରଣାପନ୍ନ ହେଲେ । ରାଜା ଓ ଇଂରେଜ ସରକାରଙ୍କ ମିଳିତ ବାହିନୀଙ୍କ ଉପରକୁ ବିଦ୍ରୋହୀମାନେ ତୀର ନିକ୍ଷେପକଲେ । ବିଦ୍ରୋହୀମାନେ ଇଂରେଜ ସେନାଙ୍କର କମାଣ ଆକ୍ରମଣକୁ ପ୍ରତିରୋଧ କରିପାରିଲେ ନାହିଁ । ସାଧାରଣ ଜନତାଙ୍କ ସମେତ ସମସ୍ତ ନେତା ଗିରଫ ହେଲେ । ପ୍ରାୟ ପାଞ୍ଚହଜାର ବିଦ୍ରୋହୀ ବନ୍ଦୀ ହେଲେ । ଏହିପରି ଭାବରେ ବିଦ୍ରୋହର ଯବନିକା ପତନ ହେଲା ।

## ୧୮୫୭ ମସିହାର ମହାନ ବିଦ୍ରୋହ

ଇଂରେଜ ଇଷ୍ଟଇଣ୍ଡିଆ କମ୍ପାନୀ ପ୍ରଥମେ ଦୁଇଟି ବିଷୟରେ ଗୁରୁତ୍ୱ ଦେଉଥିଲେ । ପ୍ରଥମଟି ହେଲା ବାଣିଜ୍ୟ କ୍ଷେତ୍ରରେ ଏକଚାଟିଆ କାରବାର କରିବା ଓ ଦ୍ୱିତୀୟଟି ହେଲା ଭାରତୀୟ ବଣିକମାନଙ୍କର କମ୍ପାନୀ ସହ ପ୍ରତିଯୋଗିତା ନ କରିବା । ଇଂରେଜମାନେ ନିଜ ଦ୍ରବ୍ୟଗୁଡ଼ିକୁ ଅଧିକ ମୂଲ୍ୟରେ ବିକ୍ରି କଲେ । କମ୍ପାନୀ କଲିକତା (ଆଧୁନିକ 'କୋଲକାତା'), ବମ୍ବେ (ଆଧୁନିକ 'ମୁମ୍ବାଇ') ଓ ମାଡ୍ରାସ (ଆଧୁନିକ 'ଚେନ୍ନାଇ') ରେ ବାଣିଜ୍ୟ କୋଠି ନିର୍ମାଣ କରିଥିଲେ। ବାଣିଜ୍ୟକୋଠି ଓ ଦୁର୍ଗଗୁଡ଼ିକୁ ରକ୍ଷାକରିବା ପାଇଁ ଏବଂ ସାମ୍ରାଜ୍ୟର ସୁରକ୍ଷା ଓ ବିସ୍ତାର ପାଇଁ କମ୍ପାନୀ ଏକ ସୈନ୍ୟବାହିନୀ ଗଠନ କଲେ । ଯେଉଁ ଭାରତୀୟମାନେ ଏହି ସୈନ୍ୟ ବାହିନୀରେ ଯୋଗ ଦେଲେ ସେମାନଙ୍କୁ ସିପାହୀ କୁହାଯାଉଥିଲା । ୧୮୫୭ ମସିହାରେ ସେହି ସିପାହୀମାନେ କମ୍ପାନୀ ଶାସନ ବିରୁଦ୍ଧରେ ବିଦ୍ରୋହ କରିଥିଲେ । ଏହି ବିଦ୍ରୋହ ପାଇଁ ନିମ୍ନଲିଖିତ କାରଣଗୁଡ଼ିକ ଦାୟୀ ।

### ରାଜନୈତିକ କାରଣ :

ଇଂରେଜମାନେ ବାଣିଜ୍ୟ କରିବାକୁ ଆସି ଶାସନ ଡୋରି ଧରିବାର ଲକ୍ଷ୍ୟ ପୋଷଣ କଲେ । ଗୋଟିକ ପରେ ଗୋଟିଏ ଦେଶୀୟ ଶାସକଙ୍କୁ ଜୟକରି ସାମ୍ରାଜ୍ୟ ବିସ୍ତାରକରି ଚାଲିଲେ । ଏତଦ୍‌ବ୍ୟତୀତ ୱେଲେସ୍‌ଲିଙ୍କ ସାମନ୍ତ ସନ୍ଧିପ୍ରଥା ଓ ଡ଼େଲହାଉସିଙ୍କ ରାଜ୍ୟସ୍ୱତ୍ୱଲୋପନୀତି ଦ୍ୱାରା ଅନେକ ଦେଶୀୟ ରାଜ୍ୟ ଇଂରେଜ

ସାମ୍ରାଜ୍ୟଭୁକ୍ତ ହୋଇଗଲା । ମୋଗଲ ସମ୍ରାଟ ବାହାଦୁର ଶାହଙ୍କୁ ଲାଲକିଲ୍ଲାରୁ କୁତବକୁ ପଠାଇ ଦିଆଗଲା । ଅଯୋଧ୍ୟାକୁ ଇଂରେଜ ସାମ୍ରାଜ୍ୟରେ ମିଶାଇ ଦିଆଗଲା । ପେଶବା ଦ୍ୱିତୀୟ ବାଜିରାଓଙ୍କ ମୃତ୍ୟୁପରେ ତାଙ୍କ ପୋଷ୍ୟପୁତ୍ର ନାନା ସାହେବଙ୍କ ଭତ୍ତା ବନ୍ଦ କରିଦିଆଗଲା ।

**ସାମାଜିକ କାରଣ :**

ଇଂରେଜ ଶାସନ ପୂର୍ବରୁ ଭାରତୀୟ ସମାଜରେ କେତେଗୁଡ଼ିଏ କୁସଂସ୍କାର ଥିଲା । ଇଂରେଜ ଶାସନ ସମୟରେ ସତୀପ୍ରଥା ଉଚ୍ଛେଦ କରାଯାଇଥିଲା । ବିଧବା ବିବାହର ପ୍ରଚଳନ ହେଲା । ଅନ୍ୟଧର୍ମ ଗ୍ରହଣ କଲେ ପୈତୃକ ସମ୍ପତ୍ତିରୁ ବଞ୍ଚିତ ହେବେ ନାହିଁ ବୋଲି ଆଇନହେଲା । ରେଳଗାଡି ଚଳାଚଳ ଓ ଡାକତାର ବ୍ୟବସ୍ଥା ପ୍ରାଚୀନ ସଂସ୍କୃତି ପ୍ରତି ଏକ ହସ୍ତକ୍ଷେପ ବୋଲି ଭାରତୀୟମାନଙ୍କ ମନରେ ଆଶଙ୍କା ହେଲା । ଏହାଫଳରେ ଭାରତୀୟମାନଙ୍କ ମଧ୍ୟରେ ଇଂରେଜ ବିରୋଧୀ ମନୋଭବ ସୃଷ୍ଟିହେଲା ।

> **ତୁମେ ଜାଣିଛ କି ?**
>
> ସ୍ୱାମୀର ଚିତାଗ୍ନିରେ ସ୍ତ୍ରୀକୁ ଝାସ ଦେବାକୁ ବାଧ କରିବା ସହିତ ସ୍ତ୍ରୀର ସହମରଣ ପ୍ରଥାକୁ ସତୀଦାହ ପ୍ରଥା କୁହାଯାଏ ।

**ଧର୍ମଗତ କାରଣ :**

ଇଂରେଜ ଶାସନକାଳରେ ପାଦ୍ରୀମାନେ ଲୋକମାନଙ୍କ ମଧ୍ୟରେ ଖ୍ରୀଷ୍ଟଧର୍ମ ପ୍ରତି ଆଗ୍ରହ ସୃଷ୍ଟିକଲେ । ଧର୍ମାନ୍ତରହେଲେ ପୈତୃକ ସମ୍ପତ୍ତି ପ୍ରଭାବିତ ନ ହେବା ପାଇଁ ଆଇନ ପ୍ରଣୀତ ହେଲା । ହିନ୍ଦୁମାନେ ସେମାନଙ୍କର ମୌଳିକ ଧର୍ମପ୍ରତି ଏହା ଅବାଞ୍ଛିତ ହସ୍ତକ୍ଷେପ ବୋଲି ଅସନ୍ତୁଷ୍ଟ ହେଲେ ।

**ସାମରିକ କାରଣ :**

ଇଂରେଜ ଶାସନ କାଳରେ ସିପାହୀମାନଙ୍କୁ ନଗଣ୍ୟ ଦୃଷ୍ଟିରେ ଦେଖାଯାଉଥିଲା । ସେମାନଙ୍କ ପ୍ରତି ଉତ୍ତମ ବ୍ୟବହାର ପ୍ରଦର୍ଶନ କରାଯାଉନଥିଲା । ଦୂରସ୍ଥାନକୁ ଯୁଦ୍ଧ କରିବାକୁ ଯିବା ସମୟରେ ସେମାନଙ୍କୁ ଅଧିକ ଆର୍ଥିକ ସୁବିଧା ଦିଆଯାଉନଥିଲା । ସେମାନେ ସ୍ୱଳ୍ପ ବେତନଭୋଗୀ ଥିଲେ । ଭାରତୀୟ ସୈନ୍ୟମାନଙ୍କ ତୁଳନାରେ ଗୋରା ସୈନ୍ୟମାନେ ଅଧିକ ସୁବିଧା ସୁଯୋଗ ପାଉଥିଲେ । ସିପାହୀମାନେ ତାଙ୍କର ବ୍ୟକ୍ତିଗତ ଧର୍ମ ବିଶ୍ୱାସରେ ସରକାର ଅଯଥା ହସ୍ତକ୍ଷେପ କରୁଛନ୍ତି ବୋଲି ଅନୁଭବ କଲେ । ଯେଉଁ ସିପାହୀମାନେ ମଥାରେ ତିଳକ ଲଗାଉଥିଲେ ତାହାକୁ ନିଷିଦ୍ଧ କରାଗଲା । ସ୍ଥାନୀୟ ଟୋପି ବା ପଗଡି ପିନ୍ଧାଉପରେ କଟକଣା କରାଯାଇ ସାମରିକ ଟୋପି ବାଧ୍ୟତାମୂଳକ ହେଲା । ସମୁଦ୍ର ପାର ହେଲେ ଜାତିଯାଏ ବୋଲି ଭାରତୀୟମାନଙ୍କର ଧାରଣା ଥିଲା । ସମୁଦ୍ରପାର ହୋଇ ଦେଶ ବାହାରେ ଯୁଦ୍ଧ କରିବା ପାଇଁ ଯିବାକୁ ଆଇନ ପ୍ରଣୟନ କରି ବାଧ କରାଗଲା । ଏହି ବ୍ୟବସ୍ଥା ସିପାହୀମାନଙ୍କୁ କ୍ଷୁବ୍ଧ କଲା ।

**ଅର୍ଥନୈତିକ କାରଣ :**

ଲର୍ଡ କର୍ଣ୍ଣୱାଲିସ ଚିରସ୍ଥାୟୀ ବନ୍ଦୋବସ୍ତ ପ୍ରଚଳନ କଲେ । ଜମିଦାରମାନେ ମନଇଚ୍ଛା ଭୂରାଜସ୍ୱ ଆଦାୟ କଲେ । ଏହା ଫଳରେ କୃଷକ ଶ୍ରେଣୀ ଦରିଦ୍ର ହେଲେ ଓ ଅସନ୍ତୁଷ୍ଟ ହେଲେ । ଦେଶୀୟ ଶାସକମାନେ ସେମାନଙ୍କର ରାଜ୍ୟ ହରାଇବା ଫଳରେ ସେମାନଙ୍କ ଅଧସ୍ତନ କର୍ମଚାରୀମାନେ ବେକାର ହେଲେ । ଅନେକ ଜମିଦାରଙ୍କଠାରୁ ଜମିଦାରୀ ଛଡ଼ାଇ ନିଆଯାଇଥିଲା । ଡ଼େଲହାଉସୀଙ୍କ ସମୟରେ ପ୍ରାୟ ଅନେକ ଜମି ମାଲିକ ଜମି ହରାଇଲେ । ରାଜସ୍ୱ ଆଦାୟକାରୀ କର୍ମଚାରୀମାନେ କୃଷକମାନଙ୍କୁ ଶୋଷଣ କଲେ । ଭାରତରୁ କପା ଇଂଲଣ୍ଡକୁ ପଠାଯାଉଥିଲା । ସେଠାକାର କାରଖାନାରେ ଲୁଗା ତିଆରି ହୋଇ ଭାରତରେ ବିକ୍ରି ହେଉଥିଲା । ବ୍ରିଟିଶ ଶିଳ୍ପନୀତି ଯୋଗୁ ଦେଶୀୟ କୁଟୀର ଶିଳ୍ପ ଲୋପ ପାଇଲା । ଲୋକମାନେ ବେକାର ହେଲେ । ସେମାନଙ୍କ ମନ ମଧ୍ୟରେ ବିଦ୍ରୋହଭାବ ସୃଷ୍ଟିହେଲା ।

> **ତୁମପାଇଁ କାମ :**
>
> ବେଶୀ କଳକାରଖାନା ହେଲେ କୁଟୀର ଶିଳ୍ପ ଉପରେ କି ପ୍ରଭାବ ପଡ଼ିବ ଶ୍ରେଣୀ ଗୃହରେ ଆଲୋଚନା କର ।

**ପ୍ରତ୍ୟକ୍ଷ କାରଣ :**

୧୮୫୭ ମସିହାରେ ସିପାହୀମାନଙ୍କୁ ଏକପ୍ରକାର ବନ୍ଧୁକ ବ୍ୟବହାର କରିବାକୁ ଦିଆଗଲା । ଏହାକୁ ଏନ୍‌ଫିଲଡ ବନ୍ଧୁକ କୁହାଯାଉଥିଲା । ସେଥିରେ ଯେଉଁ ଗୁଳି ବ୍ୟବହାର କରାଯାଉଥିଲା ସେ ଗୁଳି ଏକପ୍ରକାର ଖୋଳରେ ରହୁଥିଲା । ସେହି ଖୋଳରେ ଗାଈ ଓ ଘୁଷୁରୀ ଚର୍ବିର ଲେପ ଦିଆଯାଇଛି ବୋଲି ପ୍ରଚାରିତ ହୋଇଗଲା । ବନ୍ଧୁକରେ ବ୍ୟବହାର ପୂର୍ବରୁ ସେହି ଖୋଳକୁ ସିପାହୀମାନଙ୍କୁ ଦାନ୍ତରେ ଛିଡ଼ାଇବାକୁ ପଡୁଥିଲା । ଉଭୟ ହିନ୍ଦୁ ଓ ମୁସଲମାନ୍ ସଂପ୍ରଦାୟର

ସିପାହୀମାନେ ସେମାନଙ୍କର ଧର୍ମଉପରେ ଇଂରେଜମାନେ ହସ୍ତକ୍ଷେପ କରୁଛନ୍ତି ବୋଲି ଅନୁଭବ କଲେ । ତେଣୁ ସେମାନେ ଏନ୍‌ଫିଲଡ୍ ବନ୍ଧୁକ ବ୍ୟବହାର କରିବାକୁ ବିରୋଧ କଲେ ।

୧୮୫୭ ମସିହା ମାର୍ଚ୍ଚ ମାସ ୨୯ ତାରିଖ ଦିନ ସିପାହୀ ମଙ୍ଗଳ ପାଣ୍ଡେ ବଙ୍ଗର ବାରାକପୁରଠାରେ ଏନ୍‌ଫିଲଡ୍ ବନ୍ଧୁକ ବ୍ୟବହାର କରିବାକୁ ସ୍ପଷ୍ଟ ମନା କରିଦେଲେ । ଇଂରେଜ ଅଫିସର ତାଙ୍କୁ ବାଧ କରିବାରୁ ସେ ରାଗିଯାଇ ସେହି ବନ୍ଧୁକରେ ଇଂରେଜ ଅଫିସରଙ୍କୁ ହତ୍ୟାକଲେ । ମଙ୍ଗଳ ପାଣ୍ଡେ ହତ୍ୟା ଅପରାଧରେ ଅଭିଯୁକ୍ତହୋଇ ମୃତ୍ୟୁ ଦଣ୍ଡରେ ଦଣ୍ଡିତ ହେଲେ । ସେହି ବର୍ଷ ମେ ମାସ ଦଶ ତାରିଖରେ ମିରଟର ସିପାହୀମାନେ ମଧ୍ୟ ସେହି ବନ୍ଧୁକ ବ୍ୟବହାର କରିବାକୁ ମନାକଲେ । ଏହା ୧୮୫୭ର ଇଂରେଜମାନଙ୍କ ବିରୁଦ୍ଧରେ ବିଦ୍ରୋହର ସ୍ଫୁଲିଙ୍ଗ ରୂପେ କାର୍ଯ୍ୟକଲା ଏବଂ ଅତିଶୀଘ୍ର ବିଦ୍ରୋହର ବହ୍ନି ଦେଶର ବିଭିନ୍ନ ଅଞ୍ଚଳକୁ ବ୍ୟାପିଗଲା ।



(ମଙ୍ଗଳ ପାଣ୍ଡେ)

## ବିଦ୍ରୋହର ଅଗ୍ରଗତି :

ବିଦ୍ରୋହୀମାନେ ଇଂରେଜ କର୍ମଚାରୀଙ୍କୁ ହତ୍ୟା କଲେ । ସେମାନେ ସେମାନଙ୍କର ଘର ପୋଡ଼ି ପକାଇଲେ । ବୃଦ୍ଧ ମୋଗଲ ସମ୍ରାଟ ଦ୍ୱିତୀୟ ବାହାଦୁର ଶାହା ଜାଫରଙ୍କୁ ବିଦ୍ରୋହୀମାନେ ଭାରତର ସମ୍ରାଟବୋଲି ଘୋଷଣା କଲେ । ଏହି ବିଦ୍ରୋହ ମହାରାଷ୍ଟ୍ର, ମଧ୍ୟଭାରତ, ରାଜପୁତନା ଓ ବିହାରକୁ ବ୍ୟାପିଗଲା । ଦିଲ୍ଲୀ, ଲକ୍ଷ୍ନୌ, କାନପୁର, ବରେଲି ଓ ଝାନ୍‌ସୀରେ ଏହି ବିଦ୍ରୋହ ଆହୁରି ବ୍ୟାପକ ରୂପନେଲା । କାନପୁରରେ ନାନାସାହେବ ଓ ତାଙ୍କ ମନ୍ତ୍ରୀ ତାନ୍ତିଆ ତୋପେ ସଂଗ୍ରାମର ନେତୃତ୍ୱ ନେଲେ ।



(ନାନା ସାହେବ)

ଝାନ୍‌ସୀରାଣୀ ଲକ୍ଷ୍ମୀବାଈ ମଧ୍ୟ ବିଦ୍ରୋହର ନେତୃତ୍ୱ ନେଇଥିଲେ । ଓଡ଼ିଶାରେ ସମ୍ବଲପୁରର ବୀର ସୁରେନ୍ଦ୍ରସାଏ ଏହି ବିଦ୍ରୋହରେ ଯୋଗ ଦେଇଥିଲେ ।



(ଝାନ୍‌ସୀରାଣୀ ଲକ୍ଷ୍ମୀବାଈ)

**ତୁମପାଇଁ କାମ :**

(କ) ବିଦ୍ରୋହୀମାନେ ମୋଗଲ ସମ୍ରାଟ ବାହାଦୁର ଶାହାଙ୍କୁ ଭାରତର ସମ୍ରାଟ ବୋଲି କାହିଁକି ଘୋଷଣାକଲେ, ଅନ୍ୟମାନଙ୍କ ସହିତ ଆଲୋଚନା କର ।

(ଖ) ଝାନ୍‌ସୀର ରାଣୀ ଲକ୍ଷ୍ମୀବାଈଙ୍କ ବିଷୟରେ ଅଧିକ ଜାଣିବାକୁ ଚେଷ୍ଟା କର ।

(ଗ) ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିବା ଓଡ଼ିଶାର ନାରୀମାନଙ୍କର ଏକ ତାଲିକା ପ୍ରସ୍ତୁତ କର ।

୧୮୫୭ ମସିହାରେ ସିପାହୀ ବିଦ୍ରୋହବେଳେ ଲର୍ଡ଼ କ୍ୟାନିଂ ଭାରତର ଗଭର୍ଣ୍ଣର ଜେନେରାଲ ଥିଲେ । ବିଦ୍ରୋହ ଦମନ କରିବାକୁ ସେ ଆପ୍ରାଣ ଉଦ୍ୟମ କରିଥିଲେ । ଏଥିପାଇଁ ପଞ୍ଜାବ, ନେପାଳ, ହାଇଦ୍ରାବାଦ ଆଦିର ଶାସକମାନେ ଲର୍ଡ କ୍ୟାନିଂଙ୍କୁ ସାହାଯ୍ୟ କରିବାପାଇଁ ସୈନ୍ୟ ପଠାଇଥିଲେ । ଦିଲ୍ଲୀରେ ବିଦ୍ରୋହ ଦମନ କରାଯାଇ ମୋଗଲ ସମ୍ରାଟ ଦ୍ୱିତୀୟ ବାହାଦୁର ଶାହା ଜାଫରଙ୍କୁ ବନ୍ଦୀ କରାଗଲା । ତାଙ୍କୁ ମିଆଁମାରର ରେଙ୍ଗୁନସ୍ଥିତ ମାଣ୍ଡାଲେ ଜେଲରେ ବନ୍ଦୀ କରି ରଖାଗଲା । ସେ ଥିଲେ ଭାରତର ଶେଷ ମୋଗଲ ସମ୍ରାଟ ।



(ତାନ୍ତିଆ ତୋପେ)

କାନପୁରଠାରେ ନାନାସାହେବ ପରାସ୍ତ ହୋଇ ନେପାଳର ଜଙ୍ଗଲ ଅଞ୍ଚଳକୁ ପଳାୟନ କଲେ । ଯୁଦ୍ଧ କ୍ଷେତ୍ରରେ ରାଣୀ ଲକ୍ଷ୍ମୀବାଈ ପ୍ରାଣ ହରାଇଲେ । ତାନ୍ତିଆ ତୋପେ ପରାସ୍ତହୋଇ ବନ୍ଦୀ ହେଲେ । ଜଗଦୀଶପୁରରେ କନୱାର ସିଂ ନିହତ ହେଲେ । ଏହିପରିଭାବରେ ବିଦ୍ରୋହ ବିଫଳ ହୋଇଥିଲା । ଏହି ମହାନ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି କୁହାଯାଇଥାଏ ।

(ଯୁଦ୍ଧରତ କନୱାର ସିଂ)



**ଫଳାଫଳ :**

ବିଲାତରେ ଇଂରେଜ ସରକାର ଜାଣିପାରିଲେ ଯେ ଭାରତୀୟମାନେ ବିଦ୍ରୋହାଭିମୁଖୀ । ସେମାନେ ଇଷ୍ଟଇଣ୍ଡିଆ ସରକାରଙ୍କର କିଛି ଦୋଷ ଦୁର୍ବଳତା ଥିବାର ଅନୁଭବ କଲେ । ତେଣୁ ୧୮୫୮ ମସିହାରେ କମ୍ପାନୀ ହାତରୁ ବିଲାତ ସରକାରଙ୍କ ହାତକୁ ଶାସନ କ୍ଷମତା ଆଣିବାପାଇଁ ଆଇନ ପ୍ରଣୀତ ହେଲା । ଏହାଫଳରେ ଭାରତର ଶାସନ ଇଷ୍ଟଇଣ୍ଡିଆ କମ୍ପାନୀ ହାତରୁ ବିଲାତ ସରକାରଙ୍କ ହାତକୁ ଗଲା । ବିଲାତ ସରକାରଙ୍କର ଜଣେ ମନ୍ତ୍ରୀ ଭାରତ ଶାସନ ଦାୟିତ୍ୱରେ ରହିଲେ । ଭାରତରେ ନିଯୁକ୍ତ ଗଭର୍ଣ୍ଣର ଜେନେରାଲ ଇଂଲଣ୍ଡ ରାଣୀଙ୍କ ପ୍ରତିନିଧିଭାବେ ଭାଇସରାଏ ରୂପେ ପରିଚିତ ହେଲେ । ଭାରତ ବ୍ରିଟିଶ ସରକାରଙ୍କ ପ୍ରତ୍ୟକ୍ଷ ଶାସନାଧୀନ ହେଲା ।

ଇଂଲଣ୍ଡର ରାଣୀ ଭିକ୍ଟୋରିଆ ଭାରତ ଶାସନ କ୍ଷମତା ହାତକୁ ନେଲେ ବୋଲି ଆଲ୍ଲାହାବାଦରେ ୧୮୫୮ ମସିହା ନଭେମ୍ବର ୧ ତାରିଖରେ ଏକ ଘୋଷଣାପତ୍ର ପାଠ କଲେ । ଏହି ଘୋଷଣାପତ୍ରରେ କେତେକ ବ୍ୟବସ୍ଥା ଉଲ୍ଲେଖ କରାଗଲା ।

(କ) କମ୍ପାନୀ ଶାସନ କାଳରେ ଦେଶୀୟ ରାଜାମାନଙ୍କ ସହିତ ହୋଇଥିବା ଚୁକ୍ତି ଅପରିବର୍ତ୍ତିତ ରହିବ ।

(ଖ) ଦେଶୀୟ ରାଜାମାନଙ୍କର କ୍ଷମତା, ପଦମର୍ଯ୍ୟାଦା ଏବଂ ସମ୍ମାନ ଅକ୍ଷୁର୍ଣ୍ଣ ରହିବ ।

(ଗ) ଭାରତୀୟମାନଙ୍କର ମୌଳିକ ଧର୍ମ ବିଶ୍ୱାସ ଉପରେ ହସ୍ତକ୍ଷେପ କରାଯିବ ନାହିଁ ।


(ଘ) ଭାରତୀୟମାନଙ୍କର ମୌଳିକ ପରମ୍ପରା, ସାମାଜିକ ରୀତିନୀତି ଉପରେ ହସ୍ତକ୍ଷେପ କରାଯିବ ନାହିଁ ।

(ଙ) ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଭାରତୀୟମାନଙ୍କୁ ଯୋଗ୍ୟତାଭିତ୍ତିକ ନିଯୁକ୍ତି ଦିଆଯିବ ।

ସୈନ୍ୟବାହିନୀ ପାଇଁ ନୂତନ ରେଜିମେଣ୍ଟ ଗଠନ କରାଗଲା । ବିଦେଶୀଶାସନ କବଳରୁ ସ୍ୱାଧୀନତା ପାଇବା ପାଇଁ ବିଦ୍ରୋହର ଆହୁରି ବ୍ୟାପକ ଆବଶ୍ୟକତା ଭାରତୀୟମାନେ ଅନୁଭବ କଲେ ।

## ୧୮୫୭ ବିଦ୍ରୋହରେ ଓଡ଼ିଶାର ଭୂମିକା

୧୮୫୭ ମସିହାରେ ଜାତୀୟ ବିଦ୍ରୋହ କାଳରେ ଭାରତର ଅନ୍ୟାନ୍ୟ ଅଞ୍ଚଳପରି ଓଡ଼ିଶାରେ ମଧ୍ୟ ଉଲ୍ଲେଖନୀୟ ଐତିହାସିକ ଘଟଣା ଘଟିଲା । ଏହି ସମୟରେ ବୀର ସୁରେନ୍ଦ୍ରସାଏଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ।


(ବୀର ସୁରେନ୍ଦ୍ର ସାଏ)

**ବୀର ସୁରେନ୍ଦ୍ରସାଏ :**

ବୀର ସୁରେନ୍ଦ୍ରସାଏ ସମ୍ବଲପୁରର ଖିଣ୍ଡା ଗ୍ରାମରେ ୧୮୦୯ ମସିହାରେ ଚୌହାନ ରାଜପୁତ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମଥିଲା ଧରମ ସିଂହ । ସେ ଚୌହାନ ରାଜବଂଶର ବଳିୟାର ସିଂହଙ୍କ ଉତ୍ତରାଧିକାରୀଥିଲେ । ୧୮୨୭ ମସିହାରେ ରାଜା ମହାରାଜା ସାଏଙ୍କର ମୃତ୍ୟୁପରେ ତାଙ୍କ ବିଧବା ପତ୍ନୀ ରାଣୀ ମୋହନ କୁମାରୀଙ୍କୁ ଇଂରେଜ ସରକାରଙ୍କର ପ୍ରଶାସନିକ ଅଫିସର ଶାସନ କ୍ଷମତା ଅର୍ପଣ କଲେ । ଏହାଦ୍ୱାରା ସୁରେନ୍ଦ୍ର ସାଏଙ୍କୁ ତାଙ୍କ ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ କରାଗଲା । ଏହାଫଳରେ ସୁରେନ୍ଦ୍ର ସାଏ କ୍ଷୁବ୍ଧହେଲେ । ଗଣ୍ଡ ଓ ବିଂଝାଲ ଆଦିବାସୀମାନେ ସୁରେନ୍ଦ୍ର ସାଏଙ୍କ ଦାବିକୁ ସମର୍ଥନ କଲେ । ବିଦ୍ରୋହ ହେଲା । ରାଣୀ ବିଦ୍ରୋହ ଦମନ କରିପାରିଲେ ନାହିଁ । ଇଂରେଜ ସରକାର ରାଣୀଙ୍କ ସ୍ଥାନରେ ୧୮୩୭ ମସିହାରେ ନାରାୟଣ ସିଂହଙ୍କୁ ବସାଇଲେ । ଏଥିରେ ସୁରେନ୍ଦ୍ର ସାଏ ଆହୁରି ଉତ୍‌କ୍ଷିପ୍ତ ହେଲେ । ସାଧାରଣ ଜନତା ସୁରେନ୍ଦ୍ର ସାଏଙ୍କ ସପକ୍ଷରେ ସମର୍ଥନ ଜଣାଇଲେ । ଇଂରେଜ ସରକାର ବିଦ୍ରୋହ ଦମନ କଲେ । ତାଙ୍କୁ ୧୮୪୦ରେ ବନ୍ଦୀ କରାଯାଇ ହଜାରିବାଗ ଜେଲକୁ ପଠାଯାଇଥିଲା । ବୀର ସୁରେନ୍ଦ୍ରସାଏ ୧୮୫୭ର ବିଦ୍ରୋହରେ ସମ୍ବଲପୁରର ନେତୃତ୍ୱ ନେଇଥିଲେ । ସେ ତାନ୍ତିଆ ତୋପେ, ଲକ୍ଷ୍ମୀବାଈ ଓ ନାନା ସାହେବଙ୍କ ସହ ସମକକ୍ଷ ଥିଲେ ।

**ତୁମପାଇଁ କାମ :**

ବୀର ସୁରେନ୍ଦ୍ର ସାଏଙ୍କୁ ଏକ ମୁଖ୍ୟ ଚରିତ୍ର ରୂପେ ନେଇ ଏକ ନାଟକ ପ୍ରସ୍ତୁତ କର ।

୧୮୫୭ ଜୁଲାଇ ୩୧ ଦିନ ବିଦ୍ରୋହୀମାନେ ହଜାରୀବାଗ ଜେଲ ଭାଙ୍ଗି ବନ୍ଦୀମାନଙ୍କୁ ମୁକ୍ତ କରିଦେଲେ । ମୁକ୍ତ ବନ୍ଦୀମାନଙ୍କ ମଧ୍ୟରେ ସୁରେନ୍ଦ୍ର ସାଏ ଓ ତାଙ୍କ ସାନଭାଇ ଉଦନ୍ତ ସାଏ ଥିଲେ । ସେମାନେ ସମ୍ବଲପୁର ଆସି ଇଂରେଜମାନଙ୍କ ବିରୁଦ୍ଧରେ ଆଦିବାସୀଙ୍କୁ ସଂଗଠିତ କଲେ ।

ଜମିଦାର, ଗୌନ୍ତିଆ ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ତାଙ୍କୁ ସ୍ୱାଗତ ଅଭ୍ୟର୍ଥନା ଜଣାଇଲେ । ସୁରେନ୍ଦ୍ର ସାଏଙ୍କର ସଶସ୍ତ୍ର ଆବିର୍ଭାବରେ ଇଂରେଜ ସେନାପତି ଲି ଭୟଭୀତ ହୋଇଥିଲେ । ତାଙ୍କ ନିବେଦନ ପତ୍ରକୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ବିଚାରପାଇଁ ପଠାଇଦେବାକୁ ସେ ପ୍ରତିଶ୍ରୁତି ଦେଲେ । ତାଙ୍କ ପରାମର୍ଶକ୍ରମେ ସେ କିଛିଦିନ ସମ୍ବଲପୁରରେ ଅପେକ୍ଷାକଲେ । କିଛିଦିନ ଅପେକ୍ଷା କରିବାପରେ କିଛି ବିଚାର ନ ମିଳିବାରୁ ସେ ନିଜକୁ ଗୃହବନ୍ଦୀ ପରି ଅନୁଭବ କଲେ । କାଳ ବିଳମ୍ବ ନକରି ପୋଲିସ ଜଗୁଆଳୀ ଆଖିରେ ଧୂଳିଦେଇ ସେ ଜନ୍ମଭୂମି ଖଣ୍ଡାକୁ ପ୍ରତ୍ୟାବର୍ତ୍ତନ କଲେ । ତାଙ୍କ ଡାକରାରେ ସମ୍ବଲପୁରର ଜମିଦାର, ଗୌନ୍ତିଆ, ଆଦିବାସୀ ଓ ସାଧାରଣ ଜନତା ବିଦ୍ରୋହରେ ସାମିଲ ହେଲେ ।

**ତୁମେ ଜାଣିଛ କି ?**

ଗ୍ରାମ୍ୟ ମୁଖ୍ୟ ହିସାବରେ ଜମିଦାରଙ୍କ ତରଫରୁ ରାଜସ୍ୱ ଆଦାୟ କରୁଥିବା ଓ ମାଲିମୋକଦ୍ଦମା ବିଚାର କରୁଥିବା ବ୍ୟକ୍ତିଙ୍କୁ ଗୌନ୍ତିଆ କୁହାଯାଏ ।

ବୀର ସୁରେନ୍ଦ୍ରସାଏ ତାଙ୍କ ସମର୍ଥକ ବିଦ୍ରୋହୀମାନଙ୍କୁ ୪ ଭାଗରେ ବିଭକ୍ତ କଲେ । ଗୋଟିଏ ଦଳ ଭାଇ ଉଦନ୍ତ ସାଏଙ୍କ ସେନାପତିତ୍ୱରେ ରହିଲା । ତାଙ୍କ ଦଳ ଝାରସୁଗୁଡ଼ା ଘାଟୀଠାରେ ଅବସ୍ଥାପିତ ହେଲେ । ଏମାନେ ହଜାରୀବାଗ ଓ ରାଞ୍ଚି ସହିତ ସମ୍ବଲପୁରର ଯୋଗାଯୋଗ କାଟିଦେଲେ । ତୃତୀୟ ଦଳ ଲୋଇସିଂହା ଜମିଦାରଙ୍କ ନେତୃତ୍ୱରେ କଟକ-ସମ୍ବଲପୁର ରାଜ ରାସ୍ତାରେ ଥିବା ବଟଘାଟୀଠାରେ ଅବସ୍ଥାପିତ ହେଲେ । ଚତୁର୍ଥଦଳ ଘେଁସ୍ ଜମିଦାର ମାଧୋ ସିଂହଙ୍କ ନେତୃତ୍ୱରେ ସମ୍ବଲପୁର-ନାଗପୁର ରାଜପଥଠାରେ ଥିବା ସିଂଗୋଡା ଘାଟୀରେ ଅବସ୍ଥାପିତ ହୋଇ ଏହି ରାସ୍ତାକୁ କରାୟତ୍ତ କଲେ । ମାଧୋସିଂହ ଯୁଦ୍ଧକରି ବନ୍ଦୀ ହେଲେ । ସେ ମୃତ୍ୟୁଦଣ୍ଡ ପାଇଲେ ।

ସୁରେନ୍ଦ୍ରସାଏ ଅଧିକ ପାଇକ ସଂଗ୍ରହ କଲେ । ବିଦ୍ରୋହୀମାନଙ୍କୁ ମୁକାବିଲା କରିବାପାଇଁ ନାଗପୁରରୁ କ୍ୟାପ୍‌ଟେନ୍ ଇ.ଜି.ଉଡ୍ କେତେକ ଅଶ୍ୱାରୋହୀ ସୈନ୍ୟସହ ସମ୍ବଲପୁରଠାରେ ପହଞ୍ଚିଲେ ଏବଂ କୁଡ଼ୋପଲ୍ଲୀଠାରେ ବିଦ୍ରୋହୀମାନଙ୍କ ଉପରେ ଆକ୍ରମଣ କଲେ । ୫୩ଜଣ ବିଦ୍ରୋହୀଙ୍କ ସହିତ ସୁରେନ୍ଦ୍ରସାଏଙ୍କ ଭାଇ ଛବିଳ ସାଏ ନିହତ ହେଲେ । ବିଦ୍ରୋହୀମାନେ କ୍ୟାପ୍‌ଟେନ୍ ଉଡ୍‌କୁ ହତ୍ୟା କଲେ ।

କର୍ଣ୍ଣେଲ ଫୋରେଷ୍ଟର ୧୮୫୮ ମସିହା ମାର୍ଚ୍ଚ ୨୯ ତାରିଖ ଦିନ ଏକ ବିରାଟ ସୈନ୍ୟବାହିନୀ ଧରି ସମ୍ବଲପୁରରେ ପହଞ୍ଚିଲେ । ସେ ବହୁତ ଅତ୍ୟାଚାର କଲେ । ବିଦ୍ରୋହୀ ଜମିଦାରମାନଙ୍କୁ ସେ ବନ୍ଦୀ କଲେ ଓ ଫାଶୀ ଦଣ୍ଡଦେଲେ । ନିଷ୍ଠୁରଭାବରେ ବିଦ୍ରୋହ ଦମନ କରିବାର ଉଦ୍ୟମ ଜାରି ରହିଲା । ୧୮୬୧ ମସିହା ସେପ୍ଟେମ୍ବର ୨୪ ତାରିଖରେ କମିଶନର ମେଜର ଇମ୍ପେ ଘୋଷଣା କଲେ ଯେ ସୁରେନ୍ଦ୍ର ସାଏ, ତାଙ୍କ ଭାଇ ଉଦନ୍ତ ସାଏ ଓ ପୁତ୍ର ମିତ୍ରଭାନୁଙ୍କ ବ୍ୟତୀତ ଅନ୍ୟ ସମସ୍ତ ବିଦ୍ରୋହୀଙ୍କୁ କ୍ଷମା ଦିଆଯିବ । ଏହାଫଳରେ ଅନେକ ବିଦ୍ରୋହୀ ଜଙ୍ଗଲରୁ ଆସି ସରକାରଙ୍କ ନିକଟରେ ଆତ୍ମ ସମର୍ପଣ କଲେ । ସୁରେନ୍ଦ୍ର ସାଏଙ୍କର ରାଜଗାଦି ପ୍ରଶ୍ନକୁ ପ୍ରତ୍ୟାଖ୍ୟାନ କରାଗଲା ।

୧୮୬୩ ମସିହାରେ ସମ୍ବଲପୁରର ଡେପୁଟି କମିଶନର କ୍ୟୁମ୍ବର ଲେଜ୍ ସୁରେନ୍ଦ୍ରସାଏ ଓ ତାଙ୍କ ସହଯୋଗୀମାନଙ୍କୁ ବନ୍ଦୀ କରିବାକୁ ଆଦେଶ ଦେଲେ । ୧୮୬୪ ମସିହା ଜାନୁୟାରୀମାସ ୨୩ ତାରିଖରେ ସୁରେନ୍ଦ୍ରସାଏ ବନ୍ଦୀହେଲେ । ସେ ଅସିରଗଡ ଦୁର୍ଗରେ ଆଜୀବନ ବନ୍ଦୀଭାବେ ରହିଲେ । ବୀର ସୁରେନ୍ଦ୍ରସାଏ ୧୮୮୪ ମସିହା ଫେବୃୟାରୀ ମାସ ୨୮ ତାରିଖ ଦିନ ପ୍ରାଣତ୍ୟାଗ କଲେ ।

●

## ଆମେ କ'ଣ ଶିଖିଲେ ?

- ଜୟୀ ରାଜଗୁରୁ ଓ ବକ୍ସି ଜଗବନ୍ଧୁଙ୍କ ପରି ମହାନ୍ ଯୋଦ୍ଧାମାନଙ୍କର କର୍ମ ନିଷ୍ଠା, ତ୍ୟାଗ ଓ ଦେଶପ୍ରୀତି ସଂପର୍କୀୟ ଜ୍ଞାନ
- ସ୍ୱାଧୀନତା ସଂଗ୍ରାମରେ ଖୋର୍ଦ୍ଧାର ପାଇକ ବିଦ୍ରୋହ, ଘୁମୁସରର କନ୍ଧ ବିଦ୍ରୋହ, କେନ୍ଦୁଝରର ଭୂୟାଁ ବିଦ୍ରୋହ ଓ ମୟୂରଭଞ୍ଜର କୋହ୍ଲ ଓ ସାନ୍ତାଳମାନଙ୍କ ଆନ୍ଦୋଳନର ପ୍ରଭାବ
- ୧୮୫୭ ସିପାହୀ ବିଦ୍ରୋହର ବିଭିନ୍ନ କାରଣ ଓ ଫଳାଫଳ
- ମଙ୍ଗଳ ପାଣ୍ଡେ, ନାନା ସାହେବ, ତାନ୍ତିଆ ଟୋପେ, ଝାନ୍‌ସୀରାଣୀ ଲକ୍ଷ୍ମୀବାଈ, ବୀର ସୁରେନ୍ଦ୍ର ସାଏଙ୍କ ପରି ସଂଗ୍ରାମୀମାନଙ୍କର ଅବଦାନ ।

## ପ୍ରଶ୍ନାବଳୀ

୧ । **ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୭୫ଟି ଶବ୍ଦରେ ଦିଅ ।**

(କ) ରାଜା ଦ୍ୱିତୀୟ ମୁକୁନ୍ଦଦେବଙ୍କ ରାଜତ୍ୱର ପ୍ରାରମ୍ଭିକ ଅବସ୍ଥାରେ କି କି ସମସ୍ୟା ଦେଖାଗଲା ?

(ଖ) ଇଂରେଜମାନଙ୍କର ଖୋର୍ଦ୍ଧାରାଜାଙ୍କ ସହିତ କାହିଁକି ଯୁଦ୍ଧ ହେଲା ?

(ଗ) ବିପ୍ଳବୀ ଜୟୀ ରାଜଗୁରୁଙ୍କୁ କାହିଁକି ଫାଶୀ ଦିଆଗଲା ?

(ଘ) ପାଇକ ବିଦ୍ରୋହର ମୁଖ୍ୟ କାରଣଗୁଡ଼ିକ କ'ଣ ?

(ଙ) କନ୍ଧ ବିଦ୍ରୋହରେ ଦୋରା ଓ ଚକରା ବିଶୋଇଙ୍କ ଭୂମିକାର ଏକ ବିବରଣୀ ପ୍ରଦାନ କର ।

(ଚ) ଭୂୟାଁମାନେ ଇଂରେଜମାନଙ୍କ ବିରୁଦ୍ଧରେ କାହିଁକି ବିଦ୍ରୋହ କଲେ ?

(ଛ) 'ଧରଣୀ ମେଳି' କ'ଣ ? ଏହା କାହିଁକି ସୃଷ୍ଟିହେଲା ?

(ଜ) କୋହ୍ଲମାନେ କାହିଁକି ବିଦ୍ରୋହ କଲେ ?

(ଝ) ସାନ୍ତାଳ ବିଦ୍ରୋହ କିପରି ଅଗ୍ରଗତି କଲା ?

(ଞ) ସିପାହୀ ବିଦ୍ରୋହର ମୁଖ୍ୟ କାରଣଗୁଡ଼ିକ କ'ଣ ?

(ଟ) ସିପାହୀ ବିଦ୍ରୋହର ଫଳାଫଳ କ'ଣ ହେଲା ?

(ଠ) ସୁରେନ୍ଦ୍ରସାଏ କାହିଁକି ବିଦ୍ରୋହ କଲେ ?

୨ । **ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୨୦ଟି ଶବ୍ଦରେ ଲେଖ ।**

(କ) ଶହୀଦ ରାଜଗୁରୁ କେବେ ଓ କେଉଁଠାରେ ଜନ୍ମ ଗ୍ରହଣ କରିଥିଲେ ?

(ଖ) ରାଜା ମୁକୁନ୍ଦଦେବଙ୍କୁ କେଉଁଠାରେ ବନ୍ଦୀ କରାଗଲା ଓ ମୁକ୍ତ କରାଯାଇ କେଉଁଠାରେ ରଖାଗଲା ?

(ଗ) ଜଗବନ୍ଧୁଙ୍କର ପୁରା ନାମ କ'ଣ ? ସେ କ'ଣ ଥିଲେ ?

(ଘ) ପାଇକ ବିଦ୍ରୋହ କେଉଁ କେଉଁ ଅଞ୍ଚଳରେ ବ୍ୟାପିଥିଲା ?

(ଙ) କିଏ କିଏ କନ୍ଧ ବିଦ୍ରୋହର ନେତୃତ୍ୱ ନେଇଥିଲେ ?

(ଚ) ଭୂୟାଁ ବିଦ୍ରୋହ କେବେ ସଂଗଠିତ ହେଲା ଓ କିଏ ଏହାର ନେତୃତ୍ୱ ନେଇଥିଲେ ?

(ଛ) କିଏ କିଏ ସାନ୍ତାଳ ବିଦ୍ରୋହର ନେତୃତ୍ୱ ନେଇଥିଲେ ?

(ଜ) କିଏ ରାଜସ୍ୱତ୍ୱଲୋପନୀତି ପ୍ରବର୍ତ୍ତନ କରିଥିଲେ ?

(ଝ) ଏନ୍‌ଫିଲଡ୍ ବନ୍ଧୁକର ବ୍ୟବହାରକୁ ଉଭୟ ହିନ୍ଦୁ ଓ ମୁସଲମାନମାନେ କାହିଁକି ବିରୋଧ କରିଥିଲେ ?

(ଞ) ମଙ୍ଗଳପାଣ୍ଡେଙ୍କୁ କାହିଁକି ମୃତ୍ୟୁ ଦଣ୍ଡ ଦିଆଗଲା ?

(ଟ) ରାଣୀ ଭିକ୍ଟୋରିଆ କେଉଁଠାରେ ଘୋଷଣା ପତ୍ର ପାଠ କରିଥିଲେ ?

(ଠ) ସୁରେନ୍ଦ୍ର ସାଏ **ଲି** ଙ୍କୁ କେବେ ଦେଖା କରିଥିଲେ ?

୩ । **ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତର ବାଛି ଶୂନ୍ୟସ୍ଥାନ ପୂରଣ କର ।**

(କ) ଜୟୀ ରାଜଗୁରୁ ______ ରେ ଶାସନ ନିୟନ୍ତ୍ରଣ କ୍ଷମତା ହାତକୁ ନେଲେ ।
(୧୮୫୭, ୧୮୦୪, ୧୭୯୮, ୧୮୦୩)

(ଖ) ବିଦ୍ରୋହୀମାନେ ହଜାରୀବାଗ ଜେଲଭାଙ୍ଗି ଦେବା ଫଳରେ ______ ମୁକ୍ତ ହୋଇଗଲେ ।
(ଚକରା ବିଶୋଇ, ବକ୍ସି ଜଗବନ୍ଧୁ, ଜୟୀ ରାଜଗୁରୁ, ସୁରେନ୍ଦ୍ରସାଏ)

(ଗ) ୧୮୧୭ରେ ______ ବିଦ୍ରୋହ ସଂଗଠିତ ହୋଇଥିଲା ।
(ପାଇକ, ସାନ୍ତାଳ, ସିପାହୀ, କୋହ୍ଲ)

(ଘ) ଚକରା ବିଶୋଇକୁ ଧରାଇଦେଲେ ତିନିହଜାର ଟଙ୍କାର ପୁରସ୍କାର ______ ଘୋଷଣା କରିଥିଲେ ।
(କ୍ୟାନିଂ, ଡ଼େଲହାଉସୀ, ୱେଲେସ୍‌ଲି, କର୍ଣ୍ଣୱାଲିସ)

୪ । **ରେଖାଙ୍କିତ ଅଂଶ ପରିବର୍ତ୍ତନ ନ କରି ଭ୍ରମ ସଂଶୋଧନ କର ।**

(କ) <u>ରାଜା ୨ୟ ମୁକୁନ୍ଦଦେବଙ୍କୁ</u> ପୁରୀରାଜା ରୂପେ ଘୋଷଣା କରାଗଲା ।

(ଖ) <u>୧୮୯୮ରେ ଭୂୟାଁ ସମ୍ପ୍ରଦାୟର</u> ରତନା ଏକ ମେଳିର ନେତୃତ୍ୱ ନେଲେ ।

(ଗ) <u>ସାନ୍ତାଳ ବିଦ୍ରୋହ</u> ୧୮୧୭ରେ ହୋଇଥିଲା ।

(ଘ) କନୱାର ସିଂ <u>ନାନା ସାହେବଙ୍କ ମନ୍ତ୍ରୀଥିଲେ</u> ।

୫ । **ନିମ୍ନଲିଖିତ 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭକୁ ପ୍ରାସଙ୍ଗିକ ମେଳ ଅନୁଯାୟୀ ସଂଯୋଗ କର ।**

| 'କ' | 'ଖ' |
|---|---|
| ୧୮୦୪ | କୃଷିକାର୍ଯ୍ୟ ଓ ଯୁଦ୍ଧ |
| ପାଇକ | ଏନ୍‌ଫିଲଡ୍ ବନ୍ଧୁକ |
| ଘୁମୁସର | ଖୋର୍ଦ୍ଧା ଅଧିକୃତ |
| କଙ୍କାମାଝୀ | ଧନଞ୍ଜୟ ଭଞ୍ଜ |
| ମଙ୍ଗଳପାଣ୍ଡେ | କାଳିଆ ମହାନ୍ତ |

●

**ତୁମପାଇଁ କାମ :**

ଶିକ୍ଷକଙ୍କ ସହାୟତାରେ ଊନବିଂଶ ଶତାବ୍ଦୀରେ ଓଡ଼ିଶାରେ ବିଭିନ୍ନ ବିପ୍ଳବରେ ନିମ୍ନଲିଖିତ ବିପ୍ଳବୀମାନଙ୍କର ଜୀବନୀ ସହିତ ତାଙ୍କର ଅବଦାନ ସଂକ୍ଷେପରେ ଲେଖ ।

ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ଦୋରା ବିଶୋୟୀ, ଚକ୍ରା ବିଶୋୟୀ, ସୁରେନ୍ଦ୍ର ସାଏ, ରତ୍ନା ନାୟକ

ଚତୁର୍ଥ ଅଧ୍ୟାୟ

# ବ୍ରିଟିଶ ଆର୍ଥିକ ନୀତି ଓ ଭାରତରେ ଏହାର ପ୍ରଭାବ

MIK9FR

## କୃଷି ଓ ଶିଳ୍ପ ଉପରେ ପ୍ରଭାବ :

ଭାରତର ରାଜନୀତି ଓ ସାମାଜିକ ଜୀବନ ସହିତ ଆର୍ଥିକ ଅବସ୍ଥା ମଧ୍ୟ ଇଂରେଜ ଶାସନ ଦ୍ୱାରା ବହୁ ମାତ୍ରାରେ ପ୍ରଭାବିତ ହୋଇଥିଲା । ପାରମ୍ପରିକ ଆର୍ଥିକ ବ୍ୟବସ୍ଥାରେ ଗ୍ରାମଗୁଡ଼ିକ ପ୍ରାୟତଃ ସ୍ୱାବଲମ୍ବୀ ଥିଲେ । ନିଜର ଚାହିଦା ମତେ ଲୋକ ଖାଦ୍ୟ ତଥା ଅନ୍ୟାନ୍ୟ ସାମଗ୍ରୀ ଉତ୍ପାଦନ କରୁଥିଲେ । ବଜାର ଉପରେ ସେମାନେ ବିଶେଷ ନିର୍ଭରଶୀଳ ନଥିଲେ । ଗ୍ରାମବାସୀଙ୍କର ଏହି ଆର୍ଥିକ ସ୍ୱାବଲମ୍ବନଶୀଳତା ଯୋଗୁଁ ଦେଶକୁ ମଧ୍ୟ ଏକ ପ୍ରକାରର ଆର୍ଥିକ ସ୍ୱାଧୀନତା ମିଳିଥିଲା । ଇଷ୍ଟଇଣ୍ଡିଆ କମ୍ପାନୀ ପରି ଏକ ବାଣିଜ୍ୟ ସଂସ୍ଥାଦ୍ୱାରା ପରିଚାଳିତ ଇଂରେଜ ସରକାର ଭାରତର ଆର୍ଥିକ ଆତ୍ମନିର୍ଭରଶୀଳତାକୁ ନଷ୍ଟ କରିଦେଲା । ଫଳରେ ଭାରତ ସାମ୍ରାଜ୍ୟବାଦୀ ତଥା ଔପନିବେଶିକ ଆର୍ଥିକ ବ୍ୟବସ୍ଥାଦ୍ୱାରା କବଳିତ ହେଲା ଏବଂ ଏଥିପାଇଁ ଲୋକମାନଙ୍କର ସ୍ୱାର୍ଥ ବଳିପଡ଼ିଲା ।

ଭାରତରେ ପୂର୍ବରୁ ଶାସନ କରୁଥିବା ତୁର୍କ ଓ ମୋଗଲମାନଙ୍କଠାରୁ ଇଂରେଜମାନେ ସମ୍ପୂର୍ଣ୍ଣ ଭିନ୍ନ ଥିଲେ । ସେମାନେ କେବେହେଲେ ଭାରତକୁ ନିଜ ସ୍ଥାୟୀ ବାସସ୍ଥଳୀ ରୂପେ ଗ୍ରହଣ କରିନଥିଲେ । ଭାରତରୁ ନିରନ୍ତର ଧନ ଶୋଷଣ କରି ସେମାନେ ସର୍ବଦା ନିଜ ଦେଶ ଇଂଲଣ୍ଡର ଔପନିବେଶିକ ଅର୍ଥ ବ୍ୟବସ୍ଥାର ଉନ୍ନତି କଥା ଚିନ୍ତା କରୁଥିଲେ । ସେମାନଙ୍କୁ ମିଳୁଥିବା ଉଚ୍ଚବେତନ ବିଦେଶକୁ ଚାଲିଯାଉଥିଲା । ଖଜଣା ଆକାରରେ ମଧ୍ୟ ଧନ ଭାରତରୁ ଚାଲିଯାଉଥିଲା । ସାମ୍ରାଜ୍ୟ ବିସ୍ତାର ତଥା ସୁରକ୍ଷା ପାଇଁ ସେମାନଙ୍କୁ ଭାରତରେ ଏକ ବିଶାଳ ସୈନ୍ୟବାହିନୀ ରଖିବାକୁ ପଡୁଥିଲା, ଯାହାର ମୋଟ ବ୍ୟୟଭାର ଥିଲା ଭାରତ ଉପରେ । ଏହାଛଡା ଶିଳ୍ପ ବିପ୍ଳବ ଆରମ୍ଭ ହେଲା ପରେ ଶସ୍ତାରେ ଭାରତରୁ କଞ୍ଚାମାଲ ଓ ଖାଦ୍ୟଶସ୍ୟ ଆମଦାନି କରାଗଲା ଓ ଅଧିକ ଲାଭରେ ଭାରତରେ ବିଦେଶୀ ସାମଗ୍ରୀ ବିକ୍ରୀ ହେଲା । ଏହି ସବୁ ଆବଶ୍ୟକତାକୁ ପୂରଣ କରିବା ଲାଗି ଭାରତର ସ୍ୱାବଲମ୍ବୀ ପାରମ୍ପରିକ ଆର୍ଥିକ ବ୍ୟବସ୍ଥା ସମର୍ଥ ନ ଥିଲା । ଫଳରେ ଆର୍ଥିକ ବ୍ୟବସ୍ଥାରେ ଆମୂଳ ଚୂଳ ପରିବର୍ତ୍ତନ ଜରୁରୀ ହୋଇପଡ଼ିଲା ।

## କୃଷି ବ୍ୟବସ୍ଥାରେ ପରିବର୍ତ୍ତନ :

ଇଂରେଜ ଅମଳରେ ସରକାରୀ ଖର୍ଚ୍ଚ ବୃଦ୍ଧିପାଇଲା । ତାକୁ ଭରଣା କରିବା ସକାଶେ ଜମିରୁ ଆଦାୟ ଖଜଣାକୁ ଅନୁରୂପ ମାତ୍ରାରେ ବୃଦ୍ଧି କରିବା ଆବଶ୍ୟକ ହେଲା, ଦ୍ୱିତୀୟତଃ, ଧାର୍ଯ୍ୟ ମୁତାବକ ଖଜଣା ନିର୍ଦ୍ଦିଷ୍ଟ ସମୟରେ ଆଦାୟ ହେବା ଜରୁରୀ ହେଲା । ଅନ୍ୟଥା ଯୋଜନାମତେ ଆଗତୁରା ବ୍ୟୟ ଅଟକଳ କରିବା ସମ୍ଭବ ନଥିଲା । ଏହି ଔପନିବେଶିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାର ନୂତନ ଜମି ବନ୍ଦୋବସ୍ତମାନ ଆରମ୍ଭ କଲେ । ଫଳରେ କୃଷକ ଓ କୃଷି ଜମି ମଧ୍ୟରେ ସମ୍ବନ୍ଧ ବଦଳିଲା ।

## ଚିରସ୍ଥାୟୀ ବନ୍ଦୋବସ୍ତ ବା ଜମିଦାରୀ ପ୍ରଥା :

୧୭୯୩ ମସିହାରେ ଭାରତର ଗଭର୍ଣ୍ଣର ଜେନେରାଲ୍ ଲର୍ଡ କର୍ଣ୍ଣୱାଲିସ୍ ବଙ୍ଗରେ ଚିରସ୍ଥାୟୀ ବନ୍ଦୋବସ୍ତ ଲାଗୁ କଲେ । ଏହି ବନ୍ଦୋବସ୍ତ ଅନୁଯାୟୀ ଜମି ଉପରେ ଖଜଣା ସ୍ଥାୟୀ ରୂପରେ ଧାର୍ଯ୍ୟ ହେଲା ଏବଂ ତାକୁ ସରକାରଙ୍କ ପକ୍ଷରୁ ଜମିଦାର ଆଦାୟ କରିବେ ବୋଲି ସ୍ଥିର ହେଲା । ଧାର୍ଯ୍ୟ ମତେ ଏକ ନିର୍ଦ୍ଦିଷ୍ଟ ତିଥିରେ ବା ତା ପୂର୍ବରୁ ଯଦି ଜମିଦାର ଖଜଣାକୁ ସରକାରୀ ତହବିଲରେ ଜମା ନ କରିବେ, ସୂର୍ଯ୍ୟାସ୍ତ ଆଇନ ବଳରେ ତାଙ୍କ ଜମିଦାରୀ ଉଚ୍ଛେଦ ହେବ ବୋଲି ନିୟମ ହେଲା ।

ନିୟମ କଡାକଡିଭାବେ ପାଳିତ ହେବାରୁ ଅନେକ ଜମିଦାରୀ ଉଚ୍ଛେଦ ହେଲା ଏବଂ ସେମାନଙ୍କ ସ୍ଥାନରେ ନୂଆ ଜମିଦାରମାନ ନିଯୁକ୍ତ ହେଲେ । ପୁଣି ଅନେକ ଜମିଦାର ଉଚ୍ଛେଦ ଭୟରେ ସମୟ ପୂରିବା ଆଗରୁ ପ୍ରଜାମାନଙ୍କ ପାଖରୁ ଖଜଣା ଅସୁଲ କଲେ । ଖଜଣା ଦେବା ପାଇଁ ପ୍ରଜା ହୁଏତ ଅଧିକ ସୁଧରେ ଗାଁ ମହାଜନଠାରୁ ଋଣ ନେଲେ, ଅଥବା ଖଜଣା ଦେଇ ନ ପାରି ଜମିହୀନ ହେଲେ । ପୁଣି ଅନେକ ସମୟରେ ଋଣ ଓ ସୁଧ ପରିମାଣ ଅତ୍ୟଧିକ ହେବାରୁ ତା'ର ଜମି ବାଜ୍ୟାପ୍ତ ହେଲା । ଅର୍ଥାତ୍ ଏଣିକି ଜମି କ୍ରୟ ବିକ୍ରୟ ହେଲା ଏବଂ ପ୍ରକୃତ ପ୍ରଜା ଜମିହୀନ ହେବାକୁ ବାଧ୍ୟ ହେଲେ ।

**ରୟତ୍‌ୱାରୀ ବା ଅସ୍ଥାୟୀ ବନ୍ଦୋବସ୍ତ :**

ମାଡ୍ରାସ ଓ ବମ୍ବେରେ ସରକାର ସାର୍ ଟମାସ୍ ମୁନ୍‌ରୋଙ୍କ ଦ୍ୱାରା ପ୍ରସ୍ତୁତ ରୟତ୍‌ୱାରୀ ବନ୍ଦୋବସ୍ତ ଆରମ୍ଭ କଲେ । ଏଥିରେ ରୟତ୍ ବା ପ୍ରଜା ପ୍ରତ୍ୟକ୍ଷଭାବରେ ସରକାରୀ ତହବିଲ୍‌ରେ ଖଜଣା ଜମା କଲା । ଏହି ବନ୍ଦୋବସ୍ତରେ ପ୍ରତି ୨୦ ବା ୩୦ ବର୍ଷରେ ଖଜଣା ସ୍ଥିର ହେବ ବୋଲି ନିୟମ ରହିଲା । ଜମିଦାର ନ ଥିଲେ ସୁଦ୍ଧା ନିଜେ ସରକାର ଜମିଦାର ପରି କଡ଼ାକଡ଼ି ଭାବେ ନିର୍ଦ୍ଦିଷ୍ଟ ଦିନ ପୂର୍ବରୁ ଖଜଣା ଅସୁଲ କଲେ । ତେଣୁ ବଙ୍ଗପରି ଏଠାରେ ମଧ୍ୟ ପ୍ରଜା ଅଧିକ ସୁଧରେ ଋଣ କରି ଖଜଣା ଜମା କରିବାକୁ ବାଧ୍ୟ ହେଉଥିଲେ ଏବଂ ସେହି ପ୍ରକ୍ରିୟାରେ ମହାଜନର ଋଣ ଜାଲରେ ପଡୁଥିଲେ । ଏପରିକି ସେମାନଙ୍କୁ ଜମି ହରାଇବାକୁ ମଧ୍ୟ ପଡୁଥିଲା ।

**ତୁମେ ଜାଣିଛ କି ?**

ସାର ଟମାସ୍ ମୁନରୋ ରୟତ୍‌ୱାରୀ ଜମିଜମା ବନ୍ଦୋବସ୍ତର ପ୍ରବର୍ତ୍ତକ ଥିଲେ । ୧୮୨୦ ରେ ସେ ମାଡ୍ରାସ୍ ପ୍ରେସିଡ଼େନ୍ସିର ଗଭର୍ଣ୍ଣର ଥିଲେ । ତାଙ୍କର ମତ ଥିଲା ଯେ ସରକାର ଯଦି ପ୍ରଜା ସାଙ୍ଗରେ ଜମିଜମା ବନ୍ଦୋବସ୍ତ କରନ୍ତି, ତେବେ ସରକାର ଅଧିକ ଖଜଣା ବା ଜମିକର ଅସୁଲ କରିପାରିବେ ।

**ମାହାଲ୍‌ୱାରୀ ବନ୍ଦୋବସ୍ତ :**

ପଞ୍ଜାବ ଓ ପଶ୍ଚିମ ଉତ୍ତର ପ୍ରଦେଶର କେତେକ ଅଞ୍ଚଳରେ ପ୍ରଜାମାନଙ୍କୁ ନିଜ ନିଜ ମାହାଲ୍ ବା ଗ୍ରାମ ଜରିଆରେ ଖଜଣା ଜମା କରିବାକୁ ପଡୁଥିଲା । ମାହାଲ୍ ସହିତ ସରକାରଙ୍କ ଜମିଜମା ବନ୍ଦୋବସ୍ତ ଚୁକ୍ତି ହେଉଥିବାରୁ ଏହାକୁ ମାହାଲ୍‌ୱାରୀ ବନ୍ଦୋବସ୍ତ କୁହାଯାଉଥିଲା । ଏହା ଥିଲା ଏକ ଅସ୍ଥାୟୀ ବନ୍ଦୋବସ୍ତ । ଖଜଣା ଆଦାୟ କରିବାକୁ ପ୍ରଜା ଉପରେ ଗ୍ରାମ ସମାଜ ଖୁବ୍ ଚାପ ପ୍ରୟୋଗ କରୁଥିଲା । ଫଳରେ ଖଜଣା ଜମା କରିବାକୁ ପ୍ରଜାଙ୍କୁ ଋଣ ଆଣିବାକୁ ପଡୁଥିଲା ।

ମୋଟ କଥା ହେଲା ଯେ ଏହି ନୂତନ ଜମିଜମା ବନ୍ଦୋବସ୍ତ ଯୋଗୁ ଜମି ଏଣିକି ଏକ ବିକ୍ରୀଲବ୍ଧ ସାମଗ୍ରୀ ହେଲା । ଖଜଣା ଦେଇ ନ ପାରି ଅଥବା ଖଜଣା ଦେବା ସକାଶେ କରିଥିବା ଋଣ ଓ ସୁଧ ପରିଶୋଧ କରି ନପାରି ପ୍ରଜାମାନେ ଜମିହୀନ ହେଲେ । ଅନ୍ୟ ପକ୍ଷରେ ସାହୁକାର ଓ ମହାଜନମାନେ ଜମିର ମାଲିକାନା ନିଜ ନିଜ ନାଁରେ କରି ନେଲେ । ଏହି ନୂଆ ଜମିମାଲିକମାନେ ପ୍ରତ୍ୟକ୍ଷଭାବେ କୃଷି କରୁ ନଥିଲେ । ଅନ୍ୟ ପକ୍ଷରେ ଭାଗଚାଷ କରୁଥିବା ଜମିହୀନ ପ୍ରଜା ଦାରିଦ୍ର୍ୟ ଯୋଗୁ କୃଷିର ଉନ୍ନତି କରିପାରିଲେ ନାହିଁ । ଏହିପରି ଭାବରେ କୃଷି ଓ କୃଷକର ଆର୍ଥିକ ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାକୁ ଲାଗିଲା ।

**କୁଟୀର ଶିଳ୍ପର ଅବନତି :**

ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ହସ୍ତଶିଳ୍ପ ଓ କାରିଗରୀ ପାଇଁ ଭାରତର ବିଶ୍ୱରେ ପ୍ରସିଦ୍ଧି ରହିଥିଲା । ହସ୍ତଶିଳ୍ପରୁ ପ୍ରସ୍ତୁତ ଗହଣା, ଟସର ଲୁଗା, ପଶମ ବସ୍ତ୍ର ଆଦି ସୌଖିନ ଓ ବିଳାସ ସାମଗ୍ରୀ ବିଦେଶକୁ ମଧ୍ୟ ରପ୍ତାନି ହେଉଥିଲା । ଲକ୍ଷ ଲକ୍ଷ କାରିଗର ଏଥିରେ ନିଯୁକ୍ତି ପାଉଥିଲେ । ଏହି କାରିଗରମାନେ ମଧ୍ୟ କ୍ଷୁଦ୍ର ଚାଷୀ ଥିଲେ । କୃଷି ଓ କାରିଗରୀ ଉପରେ ଭରସା କରି ସେମାନେ ଆତ୍ମନିର୍ଭରଶୀଳ ଥିଲେ । ଗୋଆ, ସୁରଟ, ଢ଼ାକା, ବାରାଣାସୀ, ଚିତ୍ତାଗଂଜ ଓ ଲାହୋର ଆଦି ସହର ହସ୍ତଶିଳ୍ପର ମୁଖ୍ୟ କେନ୍ଦ୍ର ଥିଲା ।

ଊନବିଂଶ ଶତାବ୍ଦୀରେ ଇଂଲଣ୍ଡରେ **ଶିଳ୍ପ ବିପ୍ଳବ** ଆରମ୍ଭହେଲା ପରେ ଭାରତକୁ କଳ ତିଆରି ଲୁଗା ଓ ଅନ୍ୟାନ୍ୟ ମେସିନ ପ୍ରସ୍ତୁତ ବିଦେଶୀ ସାମଗ୍ରୀ ଶସ୍ତାରେ କିଣିବାକୁ ମିଳିଲା । ନିଜ ଶିଳ୍ପର ବିକାଶ ପାଇଁ ଇଂରେଜ ସରକାର ମଧ୍ୟ ବିଦେଶୀ ସାମଗ୍ରୀର ଆମଦାନୀ ଉପରେ ବାଣିଜ୍ୟ ଶୁଳ୍କ ଛାଡ଼ କଲେ । ପୁଣି ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବରେ ଲୋକ ପାରିବାରିକ ହସ୍ତଶିଳ୍ପ ପ୍ରସ୍ତୁତ ସ୍ୱଦେଶୀ ବସ୍ତୁକୁ ନାପସନ୍ଦ କଲେ । ହସ୍ତଶିଳ୍ପର ଅଧୋପତନ ଯୋଗୁ କାରିଗରମାନେ କୃଷି ଉପରେ ନିର୍ଭର କଲେ ଯଦିଓ କୃଷି ଖୁବ୍ ଅନୁନ୍ନତ ଅବସ୍ଥାରେ ରହିଥିଲା । ଅନେକ କାରିଗର ପୁଣି ଦିନ ମଜୁରିଆ ଭାବରେ ଦିନ କାଟିଲେ । ଏହି କାରଣରୁ ଦେଶରେ ଦାରିଦ୍ର୍ୟ ବୃଦ୍ଧି ପାଇଲା ଓ ଆର୍ଥିକ ସ୍ଥିତି ଶୋଚନୀୟ ହେଲା । ଦୁର୍ଭିକ୍ଷରେ ଲକ୍ଷ ଲକ୍ଷ ସଂଖ୍ୟାରେ ଲୋକ ପୋକମାଛି ଭଳି ଅନାହାରରେ ମଲେ । ଏହା ପଛରେ ବଡ଼ କାରଣ ଥିଲା ଦାରିଦ୍ର୍ୟ । ୧୮୬୬ ମସିହାର



**(ନଅଙ୍କ ଦୁର୍ଭିକ୍ଷ)**

ନଅଙ୍କ ଦୁର୍ଭିକ୍ଷରେ ଓଡ଼ିଶାରେ ଦଶଲକ୍ଷରୁ ଅଧିକ ଲୋକ ମରିବାର ଅନୁମାନ କରାଯାଏ ।

> **ତୁମେ ଜାଣିଛ କି ?**
>
> ପୁରୀରାଜା ଦିବ୍ୟସିଂହ ଦେବଙ୍କ ରାଜତ୍ୱର ନବମ ଅଙ୍କରେ ଦେଖାଦେଇ ଥିବାରୁ ୧୮୬୬ ମସିହାର ଓଡ଼ିଶାର ଦୁର୍ଭିକ୍ଷକୁ 'ନଅଙ୍କ ଦୁର୍ଭିକ୍ଷ' କୁହାଯାଉଥିଲା ।

### ବିଂଶ ଶତାବ୍ଦୀରେ ଆଧୁନିକ ଶିଳ୍ପର ବିକାଶ :

ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ଯେତେବେଳେ ଇଂଲଣ୍ଡରେ ଶିଳ୍ପ ବିପ୍ଳବ ଆରମ୍ଭ ହେଲା ସେତେବେଳେ ଭାରତକୁ କେବଳ ଏକ କଂଚାମାଲ୍‌ର ଉତ୍ସ ଓ ଶିଳ୍ପଜାତ ସାମଗ୍ରୀର ବଜାର ରୂପେ ଇଂରେଜମାନେ ଦେଖୁଥିଲେ। ମାତ୍ର ୧୮୫୦ ମସିହା ପରେ ଭାରତରେ ମଧ୍ୟ କପା, ଝୋଟ ଓ ପଥର କୋଇଲା କ୍ଷେତ୍ରରେ ଆଧୁନିକ ଶିଳ୍ପାୟନ ଆରମ୍ଭ ହେଲା । ଏହି କଳକାରଖାନାରେ ହଜାର ହଜାର ଶ୍ରମିକ ନିଯୁକ୍ତ ହେଲେ, ଯଦିଓ ଦାରିଦ୍ର୍ୟ କଷଣ ଭୋଗୁଥିବା ମୋଟ ବେକାରୀଙ୍କ ସଂଖ୍ୟା ଥିଲା ଢ଼େର ଅଧିକ ।

ଭାରତରେ ପ୍ରଥମେ ଲୁଗାକଳ ୧୮୫୩ ମସିହାରେ ବମ୍ବେଠାରେ ସ୍ଥାପିତ ହେଲା । ଦୁଇବର୍ଷ ପରେ ୧୮୫୫ ମସିହାରେ ବଙ୍ଗର ରିଶ୍ରାଠାରେ ପ୍ରଥମ ଝୋଟକଳ ସ୍ଥାପିତ ହେଲା । ଉଭୟ ଲୁଗା ଓ ଝୋଟକଳ ସଂଖ୍ୟା ଦିନକୁ ଦିନ ବୃଦ୍ଧିପାଇଲା । ଝୋଟକଳ ମୁଖ୍ୟତଃ ବଙ୍ଗରେ ଏବଂ ଲୁଗାକଳ ମହାରାଷ୍ଟ୍ର ଓ ଗୁଜରାଟରେ ରହିଥିଲା । ୧୯୧୫ ମସିହା ବେଳକୁ ଦେଶରେ ସର୍ବମୋଟ ୨୦୬ଟି ଲୁଗାକଳ ବସିସାରିଥିଲା । ତହିଁରେ କାମ କରୁଥିବା ଶ୍ରମିକଙ୍କ ସଂଖ୍ୟା ଥିଲା ପ୍ରାୟ ଦୁଇଲକ୍ଷ । ସେହିଭଳି ୧୯୦୧ ମସିହାରେ ମୋଟ ୩୬ଟି ଝୋଟକଳରେ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରମିକ ନିଯୁକ୍ତି ପାଇଥିଲେ ।ଏହି ସମୟରେ କୋଇଲା ଖଣିରେ ମଧ୍ୟ ପ୍ରାୟ ଲକ୍ଷେ ଶ୍ରମିକ କାମ କରୁଥିଲେ । ଏହାଛଡା ଚିନି, ଚମଡା, ଲୌହ ଓ ଇସ୍ପାତ,ସିମେଣ୍ଟ ଆଦି ତିଆରି ପାଇଁ ନୂଆ କାରଖାନାମାନ ବସିଲା ।

ଭାରି ଯନ୍ତ୍ର ଆଧାରିତ କାରଖାନାକୁ ବାଦ ଦେଲେ ଏହି ସମୟରେ ଚା, କଫି ଓ ନୀଳଚାଷର ବଗିଚା ଉଦ୍ୟୋଗ ମଧ୍ୟ ଆରମ୍ଭ ହେଲା । ଚା' ବଗିଚାମାନ ମୁଖ୍ୟତଃ ଆସାମ ଓ ବଙ୍ଗର



**(ଆସାମ ଚା' ବଗିଚା)**

ଦାର୍ଜିଲିଂ ଅଞ୍ଚଳରେ ରହିଥିଲା । କଫି ବଗିଚା ଦକ୍ଷିଣ ଭାରତରେ ଏବଂ ନୀଳଚାଷ ବିହାର ଓ ବଙ୍ଗରେ ଆରମ୍ଭ ହେଲା । ଚା', କଫି ଓ ନୀଳର ୟୁରୋପ ବଜାରରେ ଖୁବ ଚାହିଦା ରହିଥିଲା । ଏହି ଉଦ୍ୟୋଗର ମାଲିକାନା ୟୁରୋପୀୟମାନଙ୍କ ହାତରେ ରହିଥିଲା । ନୀଳଚାଷୀଙ୍କ ଉପରେ ଖୁବ୍ ଅତ୍ୟାଚାର କରାଯାଉଥିଲା । ଚା' ଓ କଫି ବଗିଚାର କୁଲିର ପାଉଣା ଖୁବ୍ କମ୍ ଥିଲା । କାମ କରିବାକୁ ବାଧ୍ୟ କରି ସେମାନଙ୍କ ଉପରେ ଶାରୀରିକ ଅତ୍ୟାଚାର ମଧ୍ୟ ହେଉଥିଲା । ଇଂରେଜମାନଙ୍କ ସରକାର ଥିବାରୁ ଅତ୍ୟାଚାରୀ ବଗିଚା ମାଲିକ ବା ସାହେବମାନଙ୍କ ଉପରେ କ୍ୱଚିତ୍ କାର୍ଯ୍ୟାନୁଷ୍ଠାନ ହେଉଥିଲା ।

> **ତୁମପାଇଁ କାମ :**
>
> ତୁମ ଗ୍ରାମାଞ୍ଚଳରେ ଗରିବ ଲୋକମାନଙ୍କର ଅର୍ଥନୈତିକ ପ୍ରଗତି ପାଇଁ ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କର ।

ଦ୍ୱିତୀୟ ବିଶ୍ୱଯୁଦ୍ଧ (୧୯୩୯-୧୯୪୫) ସମୟରେ ଇଂଲଣ୍ଡର ଉତ୍ପାଦିତ ସାମଗ୍ରୀ ଯଥେଷ୍ଟ ନ ହେବାରୁ ଭାରତରେ ଅନେକ ନୂଆ କଳକାରଖାନା ସ୍ଥାପିତ ହେଲା । ତଥାପି ଦେଶରେ ଆବଶ୍ୟକ ମାତ୍ରାରେ ଶିଳ୍ପର ବିକାଶ ହୋଇନଥିଲା ।

ପାରମ୍ପରିକ ହସ୍ତଶିଳ୍ପର ଅଧଃପତନ ପରେ ଯେତେ ସଂଖ୍ୟକ ଲୋକ କାରିଗରୀ ବୃତ୍ତି ହରାଇଥିଲେ ତା' ତୁଳନାରେ ନିଯୁକ୍ତି ପାଇଥିବା ଶ୍ରମିକଙ୍କ ସଂଖ୍ୟା ଅତି କମ୍ ଥିଲା । ପୁଣି ଅଧିକାଂଶ କାରଖାନାର ମାଲିକାନା ୟୁରୋପୀୟମାନଙ୍କ ହାତରେ ଥିଲା । ଶ୍ରମିକକୁ ମଜୁରୀ କମ୍ ମିଳୁଥିଲା ଓ ଅଧିକ କାମ କରିବାକୁ ପଡୁଥିଲା । ତେଣୁ ଶ୍ରମିକଙ୍କ ମଧ୍ୟରେ ଏକତା ଭାବ ସୃଷ୍ଟି ହେଲା, ଯାହା ଜାତୀୟ ଆନ୍ଦୋଳନକୁ ସାହାଯ୍ୟ କଲା । ଯେଉଁ ଅଳ୍ପ ସଂଖ୍ୟକ ଭାରତୀୟ ଶିଳ୍ପପତି ସୃଷ୍ଟିହେଲେ ସେମାନେ ମଧ୍ୟ ଇଂରେଜ ଶିଳ୍ପପତିଙ୍କ ଦ୍ୱାରା ଉପେକ୍ଷିତ ହେଲେ । ଫଳରେ ଜାତୀୟ ଆନ୍ଦୋଳନକୁ ସେମାନଙ୍କର ସହଯୋଗ ରହିଲା ।

ମୋଟକଥା ହେଲା, ଇଂରେଜ ଶାସନରେ ଭାରତର ଆର୍ଥିକ ବ୍ୟବସ୍ଥାରେ ଘୋର ପରିବର୍ତ୍ତନ ପରିଲକ୍ଷିତ ହେଲା । ପାରମ୍ପରିକ ଆର୍ଥିକ ବ୍ୟବସ୍ଥା ବଦଳରେ ଏକ ନୂଆ ଆର୍ଥିକ ବ୍ୟବସ୍ଥା ଆରମ୍ଭ ହେଲା । ପାରମ୍ପରିକ ଶିଳ୍ପ ଓ କାରିଗରୀ ଶିଳ୍ପର ଅଧଃପତନ ହେଲା ଏବଂ ନୂଆ ଶିଳ୍ପ ମାନ ପ୍ରତିଷ୍ଠିତ ହେଲା । କିନ୍ତୁ ଯେଉଁ ବ୍ୟାପକ ସଂଖ୍ୟାରେ କାରିଗର ବେକାର ହେଲେ, ତା' ତୁଳନାରେ ଅତି ଅଳ୍ପ ଲୋକଙ୍କୁ ନୂଆ ଶିଳ୍ପରେ ଶ୍ରମିକ ଭାବରେ ନିଯୁକ୍ତି ମିଳିଲା । କୃଷି କ୍ଷେତ୍ରରେ ନୂଆ ଜମି ବନ୍ଦୋବସ୍ତ ଯୋଗୁଁ ଅନେକ ପ୍ରଜା ଜମିହୀନ ହେଲେ ଏବଂ ନୂଆ ଜମିମାଲିକ କୃଷିର ଉନ୍ନତି ପାଇଁ ଆବଶ୍ୟକ ପଦକ୍ଷେପ ନେଲେ ନାହିଁ । ଏହି ଦୃଷ୍ଟିରୁ ଦେଖିଲେ, ଇଂରେଜ ଶାସନ ସମୟରେ ଭାରତର ଆର୍ଥିକ ବ୍ୟବସ୍ଥା ଔପନିବେଶିକ ହୋଇ ରହିଲା । ଏହା ବିଶେଷ ଭାବରେ ଆଧୁନିକ ଓ ଉନ୍ନତ ହୋଇପାରିଲା ନାହିଁ ।

●

**ଆମେ କ'ଣ ଶିଖିଲେ ?**

- ବିଭିନ୍ନ ବନ୍ଦୋବସ୍ତର ପ୍ରଚଳନ
- ୧୮୬୬ ନଅଙ୍କ ଦୁର୍ଭିକ୍ଷର ଭୟାବହତା
- ଭାରତରେ ଆଧୁନିକ ଶିଳ୍ପର ଆରମ୍ଭ
- ହସ୍ତଶିଳ୍ପ ଓ କାରିଗରୀ ଶିଳ୍ପର ବିଲୟ ପଛର କାରଣ

## ପ୍ରଶ୍ନାବଳୀ

**୧ । ପ୍ରତ୍ୟେକ ଉତ୍ତର ପ୍ରାୟ ୭୫ଟି ଶବ୍ଦରେ ଦିଅ ।**

(କ) ନୂଆ କଳକାରଖାନା ସ୍ଥାପନ ପରେ ମଧ୍ୟ ଭାରତରେ ବେକାରୀ ସଂଖ୍ୟା ବୃଦ୍ଧି ପାଇଲା କାହିଁକି ?

(ଖ) ବଙ୍ଗରେ ଅଧିକାଂଶ ଝୋଟକଳ ସ୍ଥାପନ କରାଗଲା କାହିଁକି ?

(ଗ) ଊନବିଂଶ ଶତାବ୍ଦୀରେ ଭାରତରେ ପାରମ୍ପରିକ ହସ୍ତଶିଳ୍ପ ପତନୋନ୍ମୁଖୀ ହେଲା କାହିଁକି ?

(ଘ) ଇଂରେଜମାନେ ଭାରତରୁ କେଉଁ କେଉଁ ଉପାୟରେ ଧନ ଲୁଣ୍ଠନ କରି ନେଇଯାଉଥିଲେ ?

(ଙ) କେଉଁ ଆର୍ଥିକ କାରଣରୁ ଭାରତରେ ଜାତୀୟତା ଆନ୍ଦୋଳନ ଆରମ୍ଭ ହୋଇଥିବ ବୋଲି ତୁମେ ଅନୁମାନ କରୁଛ ?

(ଚ) ଇଂରେଜ ଶାସନରେ ଆରମ୍ଭ ହୋଇଥିବା ନୂଆ ଆର୍ଥିକ ବ୍ୟବସ୍ଥା ଗୁଡ଼ିକ କ'ଣ?

(ଛ) ବଗିଚା ଉଦ୍ୟୋଗ ଭାରତରେ କେଉଁଭଳି ଭାବେ ସ୍ଥାପିତ ହେଲା ତାହା ବ୍ୟାଖ୍ୟା କର ।

(ଜ) ଇଂରେଜ ଶାସନ ସମୟରେ ହସ୍ତଶିଳ୍ପର ସ୍ଥିତି ବର୍ଣ୍ଣନା କର ।

୨। ପ୍ରତ୍ୟେକ ଉତ୍ତର ପ୍ରାୟ ୨୦ଟି ଶବ୍ଦରେ ଦିଅ ।

(କ) ବଙ୍ଗରେ ଅଧିକ ସଂଖ୍ୟାରେ ଝୋଟକଳ ସ୍ଥାପିତ ହେବାର କାରଣ କ'ଣ ହୋଇପାରେ ?

(ଖ) ଆସାମ ଚା' ବଗିଚାର କୁଲିର ଦୁରବସ୍ଥାର କାରଣ କ'ଣ ?

(ଗ) ଭାରତର କେଉଁ ଅଞ୍ଚଳରେ ନୀଳଚାଷ ଆରମ୍ଭ ହୋଇଥିଲା ?

(ଘ) ଶ୍ରମିକ ମନରେ ଜାତୀୟତା ଭାବ ଜାଗ୍ରତ ହେବାର କାରଣ କ'ଣ ହୋଇପାରେ ?

୩। ଶୂନ୍ୟସ୍ଥାନ ପୂରଣ କର :

(କ) ବହୁଳ ପରିମାଣରେ _______ ଇଂଲଣ୍ଡରୁ ଭାରତକୁ ଆମଦାନୀ ହେଉଥିଲା ।

(ଖ) ଓଡ଼ିଶାରେ _______ ମସିହାରେ ନଅଙ୍କ ଦୁର୍ଭିକ୍ଷ ପଡ଼ିଥିଲା ।

(ଗ) ଭାରତରେ ପ୍ରଥମେ _______ ମସିହାରେ ଲୁଗା କଳ ସ୍ଥାପିତ ହୋଇଥିଲା ।

(ଘ) _______ ଠାରେ ଭାରତର ପ୍ରଥମ ଝୋଟକଳ ସ୍ଥାପିତ ହୋଇଥିଲା ।

**୪ । କ' ସ୍ତମ୍ଭର ଶବ୍ଦ ସହିତ ଖ' ସ୍ତମ୍ଭର ଶବ୍ଦ ମିଳନ କର ।**

| **'କ' ସ୍ତମ୍ଭ** | **'ଖ' ସ୍ତମ୍ଭ** |
| --- | --- |
| ୧୭୯୩ | ଇଂଲଣ୍ଡର ଶିଳ୍ପ ବିପ୍ଳବ |
| ୧୮୫୫ | ଚିରସ୍ଥାୟୀ ବନ୍ଦୋବସ୍ତର ପ୍ରଚଳନ |
| ୧୯୩୯ | ନଅଙ୍କ ଦୁର୍ଭିକ୍ଷ |
| ୧୮୬୬ | ଦ୍ୱିତୀୟ ବିଶ୍ୱଯୁଦ୍ଧର ଆରମ୍ଭ |

●

MIU5HE

# ପଞ୍ଚମ ଅଧ୍ୟାୟ

# ଭାରତରେ ଜାତୀୟତାବାଦୀ ଆନ୍ଦୋଳନ

**ଭାରତରେ ଜାତୀୟତାବାଦ ବିକାଶର କାରଣ :**

ଊନବିଂଶ ଶତାବ୍ଦୀର ଆରମ୍ଭରୁ ବିଭିନ୍ନ ସମୟରେ ଇଂରେଜ ଶାସନ ବିରୋଧୀ ସଂଗଠନଗୁଡ଼ିକର ଆବିର୍ଭାବ ହେଲା । ଆଞ୍ଚଳିକ ବିଦ୍ରୋହରୁ ଆରମ୍ଭ କରି ଜାତୀୟ ବିଦ୍ରୋହ ପର୍ଯ୍ୟନ୍ତ ଅନେକ ବିଦ୍ରୋହ ଏମାନଙ୍କ ଦ୍ୱାରା ସଂଗଠିତ ହେଲା । କୃଷକ ଓ ଆଦିବାସୀ ଆଦି ଅଧିବାସୀ ବିଭିନ୍ନ ସମୟରେ ଆଞ୍ଚଳିକ ବିଦ୍ରୋହୀଭାବେ ବିଭିନ୍ନ ସ୍ଥାନରେ ବିଦ୍ରୋହ କରିଥିଲେ। ସେମାନଙ୍କ ମଧ୍ୟରୁ ଓଡ଼ିଶାର ପାଇକ ବିଦ୍ରୋହ, ସାନ୍ତାଳ ବିଦ୍ରୋହ ଓ କୋହ୍ଲ ବିଦ୍ରୋହ ପ୍ରଭୃତି ପ୍ରଣିଧାନ ଯୋଗ୍ୟ । ୧୮୫୭ର ବିଦ୍ରୋହ ଏକ ଜାତୀୟ ବିଦ୍ରୋହର ଉଦାହରଣ । ଭାରତର ଲୋକମାନେ କୌଣସି ସମୟରେ ବିଦେଶୀ ଶାସନକୁ ସ୍ୱାଗତ କରିନାହାନ୍ତି । ସବୁ ସମୟରେ ସେମାନେ ଜାତୀୟ ଚେତନାରେ ଉଦ୍‌ବୁଦ୍ଧ ହୋଇଛନ୍ତି । ଭଲରେ ବା ମନ୍ଦରେ "ଏହା ମୋ ଦେଶ" ଭାବନାରେ ଦେଶପ୍ରେମୀ ଜନତା ବିହ୍ୱଳିତ ହୋଇଛନ୍ତି । ଭାରତରେ ଜାତୀୟତାବାଦର ବିକାଶ ପାଇଁ ନିମ୍ନଲିଖିତ କାରଣଗୁଡ଼ିକ ପ୍ରଣିଧାନ ଯୋଗ୍ୟ ।

> **ତୁମେ ଜାଣିଛ କି ?**
>
> ଐକ୍ୟଭାବର ମହାମନ୍ତ୍ରରେ ନିଜ ଦେଶ ତଥା ମାତୃଭୂମିକୁ ଭଲ ପାଇବା ଭାବକୁ 'ଜାତୀୟତାବାଦ' କୁହାଯାଏ ।

**ସାମାଜିକ ଓ ସାଂସ୍କୃତିକ ଐକ୍ୟ :**

ପୁରାତନ ଯୁଗରେ ମୁନିଋଷିମାନେ ହିମାଳୟଠାରୁ କୁମାରୀକା ପର୍ଯ୍ୟନ୍ତ ଭୂଖଣ୍ଡକୁ ଭାରତବର୍ଷ ନାମରେ ନାମିତ କରିଥିଲେ । ଏହାର ସମସ୍ତ ଅଧିବାସୀ ଭାରତୀୟ ସନ୍ତତି ଭାବରେ ପରିଚିତ ହେଉଥିଲେ । ଭାରତବର୍ଷରେ ହିମାଳୟ ପର୍ବତ ଏବଂ ଗଂଗା ଯମୁନା ଭଳି ନଦୀଗୁଡ଼ିକୁ ସମସ୍ତେ ପବିତ୍ର ମନେକରନ୍ତି। ଭାରତର ବିଭିନ୍ନ ସ୍ଥାନରେ ସମସ୍ତ ଧର୍ମର ତୀର୍ଥସ୍ଥାନ ରହିଅଛି । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ଭାରତୀୟ ପାଳନ କରୁଥିବା ଉତ୍ସବ, ରୀତି-ନୀତି ତଥା ସାମାଜିକ ପ୍ରଥା ଓ ଚଳଣିରେ ସାମଞ୍ଜସ୍ୟ ରହିଅଛି । ଖାଦ୍ୟପେୟ ଓ ପୋଷାକର ଆଞ୍ଚଳିକ ଭିନ୍ନତା ରହିଥିଲେ ମଧ୍ୟ ଦେଶର ସମସ୍ତ ସ୍ଥାନରେ ସେଗୁଡ଼ିକର ଆଦର ରହିଛି । ଏହି ସାମାଜିକ ଓ ସାଂସ୍କୃତିକ ଐକ୍ୟଭାବ ଭାରତୀୟମାନଙ୍କ ମନରେ ଜାତୀୟ ଚେତନା ଜାଗ୍ରତ କରିବାରେ ସହାୟକ ହୋଇଛି।

**ରାଜନୈତିକ ଏକତା :**

ଐତିହାସିକ ଯୁଗର ବିଭିନ୍ନ ପର୍ଯ୍ୟାୟରେ ଏକ ଶାସନାଧୀନ ରହି ଭାରତୀୟମାନଙ୍କ ମଧ୍ୟରେ ଏକ ଐକ୍ୟଭାବ ସୃଷ୍ଟି ହୋଇଥିଲା। ଇଂରେଜ ଶାସନକାଳରେ ଭାରତର ସମସ୍ତ ଅଞ୍ଚଳ ମଧ୍ୟରେ ରାଜନୈତିକ ଏକତା ଦୃଢ଼ୀଭୂତ ହେଲା । ସମଗ୍ର ଦେଶ ଇଂରେଜମାନଙ୍କର ସାମ୍ରାଜ୍ୟ ଭାବେ ପରିଚିତ ହେବା ଓ ଭାରତର ସମସ୍ତ ଦେଶୀୟ ରାଜ୍ୟ ବ୍ରିଟିଶ୍ ଶାସନାଧୀନ ହେବା ଭାରତୀୟମାନଙ୍କ ମନରେ ଜାତୀୟତାବାଦ ବୃଦ୍ଧି କରିବାରେ ପରୋକ୍ଷରେ ସାହାଯ୍ୟ କରିଥିଲା । ଇଂରେଜମାନେ ହୁଏତ ଆଶା କରିନଥିଲେ ଯେ ତାଙ୍କଦ୍ୱାରା ସୃଷ୍ଟି ହୋଇଥିବା ରାଜନୈତିକ ଏକତା ଦିନେ ଭାରତୀୟମାନଙ୍କ ମଧ୍ୟରେ ଜାତୀୟତାଭାବ ସୃଷ୍ଟି କରିବ !

**ଇଂରାଜୀ ଭାଷାର ପ୍ରଚଳନ :**

ଆଞ୍ଚଳିକତା ଭିତ୍ତିରେ ଭାରତରେ ବହୁବିଧ ଭାଷାଭାଷୀ ଅଧିବାସୀ ବାସ କରନ୍ତି । ବ୍ରିଟିଶ ଶାସନ କାଳରେ ଉଇଲିୟମ୍ ବେଣ୍ଟିଙ୍କ୍ ଭାରତରେ ଇଂରାଜୀ ଭାଷା ଓ ଶିକ୍ଷାର ପ୍ରଚଳନ କରିଥିଲେ । ଇଂରାଜୀ ଭାଷାର ପ୍ରଚଳନ ଯୋଗୁ ଭାରତର ଇଂରାଜୀ ଶିକ୍ଷିତ ବ୍ୟକ୍ତିଗଣ ପରସ୍ପର ମଧ୍ୟରେ ସେହି ଭାଷାରେ ଭାବ ବିନିମୟ କରିବାରେ ସକ୍ଷମ ହେଲେ । ଏହା ଭାରତୀୟମାନଙ୍କ ମଧ୍ୟରେ ଐକ୍ୟ ଭାବ ସୃଷ୍ଟି କରିବାରେ ସହାୟକ ହେଲା । ଏହାଫଳରେ ଜାତୀୟତାବାଦର ବିକାଶ ଘଟିଲା । ଇଂରାଜୀ ଶିକ୍ଷାଲାଭକରି ଇଂରାଜୀ-ଶିକ୍ଷିତ ବୁଦ୍ଧିଜୀବୀ

ସମ୍ପ୍ରଦାୟ ଆମେରିକାର ସ୍ୱାଧୀନତା ସଂଗ୍ରାମ, ରୁଷ୍ ବିପ୍ଳବ, ଫରାସୀ ବିପ୍ଳବ, ଇଂଲଣ୍ଡର ଗୌରବମୟ ବିପ୍ଳବ, ଇଟାଲୀ ଏକତ୍ରୀକରଣ ଓ ଜର୍ମାନୀ ଏକତ୍ରୀକରଣ ପ୍ରଭୃତି ବିଦ୍ରୋହ ସମ୍ବନ୍ଧରେ ଜ୍ଞାନ ଆହରଣ କଲେ । ରୁଷୋ, ଭଲ୍‌ଟାୟାର ଓ ମଣ୍ଟେସ୍କ୍ୟୁ ପ୍ରଭୃତି ବିଦେଶୀ ଦାର୍ଶନିକଙ୍କର ଜାତୀୟବାଦ ବାଣୀରେ ଉଦ୍‌ବୁଦ୍ଧ ହେଲେ । ଭାରତୀୟମାନେ ପାଶ୍ଚାତ୍ୟ ଗଣତନ୍ତ୍ର, ସ୍ୱାଧୀନତା, ସାହିତ୍ୟ, ଦର୍ଶନ, ରାଜନୀତି ଓ ଇତିହାସ ସମ୍ବନ୍ଧରେ ଜାଣିବାର ସୁଯୋଗ ପାଇଲେ । ସେମାନେ ଭାରତରେ ଏସବୁର ପ୍ରୟୋଗ କରିବାକୁ ଚାହିଁଲେ ଏବଂ ବିଦେଶୀ ଶାସନରୁ ମୁକ୍ତହୋଇ ସ୍ୱାଧୀନ ହେବାକୁ ପ୍ରୟାସ କଲେ ।

> **ତୁମପାଇଁ କାମ :**
> ଭାରତରେ ଇଂରାଜୀ ଶିକ୍ଷାର ସପକ୍ଷରେ ଓ ବିପକ୍ଷରେ ଏକ ତର୍କସଭାର ଆୟୋଜନ କର ।

**ନବଜାଗରଣ :**

ଭାରତରେ ବୌଦ୍ଧିକ ଓ ଆଧ୍ୟାତ୍ମିକ ଜାଗରଣ ସୃଷ୍ଟି କରିବାରେ ରାଜା ରାମମୋହନ ରାୟ, ଦୟାନନ୍ଦ ସରସ୍ୱତୀ, ରାମକୃଷ୍ଣ ପରମହଂସ, ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର, ସ୍ୱାମୀ ବିବେକାନନ୍ଦଙ୍କ ପରି ସମାଜ ସଂସ୍କାରକମାନେ ଅଗ୍ରଣୀ ଭୂମିକା ନେଇଥିଲେ । ସେମାନେ ପ୍ରଚଳିତ କୁସଂସ୍କାର ବିରୁଦ୍ଧରେ, ପାଡ଼ିତଙ୍କ ସେବା ସମ୍ପର୍କରେ ପାଶ୍ଚାତ୍ୟ ଚିନ୍ତାଧାରା ସପକ୍ଷରେ ତଥା ବେଦର ମହନୀୟତା ସମ୍ବନ୍ଧରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ । ସେମାନଙ୍କ ଉଦ୍ୟମକୁ ନବଜାଗରଣ କୁହାଯାଏ । ସେମାନେ ଭାରତରେ ପୁନର୍ଜାଗରଣ ଆଣିବା ଲାଗି ପ୍ରୟାସ କଲେ ଏବଂ ସ୍ୱାଧୀନତା ନିମନ୍ତେ ଜନସାଧାରଣଙ୍କୁ ପ୍ରେରଣା ଦେଲେ । ସାର୍ ସୟଦ୍ ଅହମଦ୍ ଖାଁ ମୁସଲମାନ୍‌ମାନଙ୍କ ମଧ୍ୟରେ ନବଜାଗରଣ ସୃଷ୍ଟି କରିଥିଲେ ।

**ବ୍ରିଟିଶ ଶାସନର ଅବଦାନ :**

ବେଣ୍ଟିଙ୍କଙ୍କ ଦ୍ୱାରା କେତେକ ସାମାଜିକ କୁପ୍ରଥା ଉଚ୍ଛେଦ ଏବଂ ଇଂରାଜୀ ଭାଷାର ପ୍ରଚଳନ ଭାରତୀୟମାନଙ୍କ ମଧ୍ୟରେ ଜାତୀୟତାଭାବ ସୃଷ୍ଟି କରିବାରେ ସାହାଯ୍ୟ କରିଥିଲା । ଭାରତରେ ବ୍ରିଟିଶ ଶାସନର ପ୍ରଚଳନ ମଧ୍ୟ ଭାରତୀୟମାନଙ୍କ ମଧ୍ୟରେ ଜାତୀୟତାବାଦ ସଞ୍ଚାର କରିଥିଲା । ଗଭର୍ଣ୍ଣର ଜେନେରାଲ ଲର୍ଡ ଡେଲହାଉସୀଙ୍କ ଦ୍ୱାରା ଭାରତରେ ରେଳ ଚଳାଚଳ ଓ ଡାକ ବ୍ୟବସ୍ଥା ପ୍ରଚଳନ ହେଲା । ଏହା ଦେଶର ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କ ମଧ୍ୟରେ ଯୋଗାଯୋଗ ରକ୍ଷାକରିବାରେ ସାହାଯ୍ୟ କଲା । ଏହାଦ୍ୱାରା ଭାରତୀୟମାନେ ଏକତା ସୂତ୍ରରେ ବାନ୍ଧିହେଲେ । ଲର୍ଡ ରିପନ୍‌ଙ୍କ ଦ୍ୱାରା ପ୍ରଚଳିତ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଭାରତୀୟମାନଙ୍କ ମଧ୍ୟରେ ରାଜନୈତିକ ଚେତନା ସୃଷ୍ଟି କରିଥିଲା ।

> **ତୁମପାଇଁ କାମ :**
> ୧. ଭାରତରେ ଇଂରେଜ ଶାସନ ଆଶୀର୍ବାଦ ନା ଅଭିଶାପ ? ଏ ସମ୍ବନ୍ଧରେ ଏକ ତର୍କସଭାର ବ୍ୟବସ୍ଥା କର ।
> ୨. "ସର୍ବଭାରତୀୟ ପ୍ରଶାସନିକ ସେବା (IAS)"ରେ ଯୋଗ ଦେବାକୁ ହେଲେ ତୁମକୁ କ'ଣ କରିବାକୁ ହେବ ତାହା ଅନ୍ୟ ମାନଙ୍କଠାରୁ ବୁଝି ଲେଖ ।

**ବ୍ରିଟିଶ୍‌ମାନଙ୍କର ତ୍ରୁଟିପୂର୍ଣ୍ଣ ଶାସନ ନୀତି :**

ଇଂରେଜ ଶାସନ କାଳରେ ଭାରତୀୟମାନଙ୍କର ଶାସନ କ୍ଷେତ୍ରରେ ଅଂଶଗ୍ରହଣ କରିବାର କୌଣସି ସୁଯୋଗ ନଥିଲା । ଭାରତରେ ଇଂରେଜ ଶାସନ ମୁଖ୍ୟ ବଡ଼ଲାଟ ବ୍ରିଟିଶ ପାର୍ଲାମେଣ୍ଟ ଦ୍ୱାରା ପ୍ରଣୀତ ଆଇନ ଅନୁଯାୟୀ ଶାସନ କରୁଥିଲେ । ବଡ଼ଲାଟ ତାଙ୍କ କାର୍ଯ୍ୟକାରୀ ପରିଷଦ ଓ ବ୍ୟବସ୍ଥାପକ ପରିଷଦଦ୍ୱାରା ଶାସନ ବ୍ୟବସ୍ଥା ପରିଚାଳନା କରୁଥିଲେ । ଏହି ପରିଷଦରେ ଅଧିକାଂଶ ସଭ୍ୟ ଇଂରେଜ ଥିଲେ । ଏଥିପାଇଁ ଭାରତୀୟମାନେ ଅସନ୍ତୁଷ୍ଟ ହେଲେ ।

ବ୍ରିଟିଶ ଶାସନ ଭାରତୀୟମାନଙ୍କୁ ଦମନ ଓ ଶୋଷଣ କରିବାକୁ ଲାଗିଲା । ଉଚ୍ଚଶିକ୍ଷିତ ଭାରତୀୟମାନଙ୍କୁ 'ପ୍ରଶାସନିକ ସେବା' ପରୀକ୍ଷା ଦେବାପାଇଁ ଖୁବ୍ ଖର୍ଚ୍ଚାନ୍ତ ହେବାକୁ ପଡୁଥିଲା, କାରଣ ତାହା ଭାରତରେ ନ ହୋଇ ଇଂଲଣ୍ଡରେ ଅନୁଷ୍ଠିତ ହେଉଥିଲା । ଏହା ଫଳରେ ଗରିବ ମେଧାବୀ ଭାରତୀୟ ଏହି ସୁଯୋଗରୁ ବଞ୍ଚିତ ହେଉଥିଲେ । ଏସବୁ ଅନ୍ୟାୟ ଆଚରଣକୁ ପ୍ରତିବାଦ କରିବାପାଇଁ ଭାରତୀୟମାନେ ଐକ୍ୟବଦ୍ଧ ହେଲେ ଓ ଜାତୀୟତାବାଦ ଚେତନାରେ ଉଦ୍‌ବୁଦ୍ଧ ହେଲେ । ବ୍ରିଟିଶ ଶାସନ କାଳରେ ଭାରତୀୟମାନେ ନିଜର ଦୁଃଖ ଦୁର୍ଦ୍ଦଶା ପ୍ରତି ବିଶେଷ ଭାବରେ ସଚେତନ ହେଲେ । ବ୍ରିଟିଶ ଶାସନ ପଦ୍ଧତି ସବୁଶ୍ରେଣୀର ଲୋକମାନଙ୍କର ସ୍ୱାର୍ଥ ବିରୋଧୀ ଥିଲା ।

**ବ୍ରିଟିଶମାନଙ୍କର ଅର୍ଥନୈତିକ ଶୋଷଣ :**

ବ୍ରିଟିଶ ଶାସନ କାଳରେ ସେମାନଙ୍କର ଶୋଷଣମୂଳକ

ଅର୍ଥନୀତି ଲୋକମାନଙ୍କର ସ୍ୱାର୍ଥ ବିରୋଧୀ ଥିଲା । କର, ରାଜସ୍ୱ ଓ ବାଣିଜ୍ୟ ମାଧ୍ୟମରେ ଭାରତରୁ ବହୁତ ଅର୍ଥ ଇଂଲଣ୍ଡକୁ ଯାଉଥିଲା । ଭାରତରେ ଉତ୍ପାଦିତ ତୁଳା ଯାଇ ଇଂଲଣ୍ଡର କଳରେ ଲୁଗାବୁଣା କାର୍ଯ୍ୟରେ ଲାଗୁଥିଲା ଓ ତାହାପୁଣି ଆସି ଭାରତ ବଜାରରେ ବିକ୍ରି ହେଉଥିଲା। ଏହାଦ୍ୱାରା ଭାରତୀୟ ଶିଳ୍ପର କ୍ଷତିହେଲା । ବ୍ରିଟିଶ ସରକାରଙ୍କର ଅର୍ଥନୀତି ଓ ଶିଳ୍ପନୀତିଯୋଗୁ ଭାରତର କୁଟୀରଶିଳ୍ପର ଅବନତି ଘଟିଲା । ଜମିଜମା ଆଇନ୍ ଚାଷୀମାନଙ୍କର ସ୍ୱାର୍ଥ ବିରୋଧୀ ହେଲା । ଜମିଦାରମାନେ ଗରିବ କୃଷକଙ୍କୁ ଶୋଷଣ କଲେ । ଏହାଫଳରେ ଗରିବ କୃଷକମାନେ ଅସନ୍ତୁଷ୍ଟ ହେଲେ । ଏହା ବିରୁଦ୍ଧରେ ଭାରତୀୟମାନେ ସଂଘବଦ୍ଧ ଭାବରେ ସ୍ୱର ଉତ୍ତୋଳନ କଲେ ।

### ବର୍ଣ୍ଣ ବୈଷମ୍ୟ ନୀତି :

ଇଂରେଜମାନେ ନିଜକୁ ଗୋରା ସମ୍ପ୍ରଦାୟ ଓ ଭାରତୀୟମାନଙ୍କୁ କୃଷ୍ଣ ସମ୍ପ୍ରଦାୟ ରୂପେ ବିବେଚନା କରୁଥିଲେ । ଏଭଳି ପାର୍ଥକ୍ୟଭାବ ପୋଷଣ କରି ସେମାନେ ଭାରତୀୟମାନଙ୍କୁ ହୀନ ଦୃଷ୍ଟିରେ ଦେଖୁଥିଲେ । ସେମାନେ ସ୍ୱତନ୍ତ୍ର ରେଳଡବା, ହୋଟେଲ, ଡାକ୍ତରଖାନା ଓ କ୍ଲବ ପ୍ରଭୃତି ବ୍ୟବହାର କରୁଥିଲେ । ଉଚ୍ଚଶିକ୍ଷିତ ସମ୍ପ୍ରଦାୟର ଭାରତୀୟମାନେ ମଧ୍ୟ ଇଂରେଜଙ୍କ ପାଇଁ ଉଦ୍ଦିଷ୍ଟ ରେଳଡବା ଇତ୍ୟାଦି ବ୍ୟବହାର କରିପାରୁନଥିଲେ । ଭାରତୀୟ ବିଚାରପତିମାନଙ୍କୁ ଇଂରେଜ ଅପରାଧୀମାନଙ୍କର ବିଚାର କରିବାର କ୍ଷମତା ପ୍ରଦାନ କରାଯାଇନଥିଲା । ଶିକ୍ଷିତ ଭାରତୀୟମାନେ ଯୋଗ୍ୟ ହେଲେବି ଉଚ୍ଚ ପଦପଦବୀରୁ ବଞ୍ଚିତ ହେଉଥିଲେ ।

> **ତୁମେ ଜାଣିଛ କି ?**
>
> ଗୋରା-କଳାର ଅବାଞ୍ଛିତ ଭେଦ ଭାବକୁ 'ବର୍ଣ୍ଣବୈଷମ୍ୟ' କୁହାଯାଏ । ଏହି ଭାବାପନ୍ନ ଗୋରା ଇଂରେଜମାନେ କୃଷ୍ଣକାୟ ବ୍ୟକ୍ତିଙ୍କୁ ଘୃଣା ଚକ୍ଷୁରେ ଦେଖୁଥିଲେ ।

ଉପରୋକ୍ତ କାରଣଗୁଡ଼ିକ ଯୋଗୁଁ ଭାରତୀୟମାନେ ଇଂରେଜ ସରକାରଙ୍କ ପ୍ରତି ଅସନ୍ତୋଷ ପ୍ରକାଶ କଲେ ଏବଂ ସେମାନଙ୍କ ମନରେ ସ୍ୱଦେଶପ୍ରୀତିଭାବ ଜାଗ୍ରତ ହେଲା । ସେମାନେ ଜାତୀୟତାବାଦରେ ଉଦ୍‌ବୁଦ୍ଧ ହୋଇ ଇଂରେଜ ବିରୋଧୀ ଅଭିଯାନରେ ଯୋଗଦେଲେ । ଏହି ଜାତୀୟତାବାଦର ବିକାଶ ସ୍ୱାଧୀନତା ସଂଗ୍ରାମକୁ ପ୍ରେରଣା ଯୋଗାଇଲା ।

### ସାହିତ୍ୟ ଓ ସମ୍ବାଦପତ୍ରର ଭୂମିକା :

ଜାତୀୟଚେତନା ସୃଷ୍ଟି କରିବାରେ ସମ୍ବାଦପତ୍ରଗୁଡ଼ିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ଇଂରାଜୀ, ହିନ୍ଦୀ, ଉର୍ଦ୍ଦୁ ଓ ଆଞ୍ଚଳିକ ଭାଷାରେ ପ୍ରକାଶିତ ବହୁ ସମ୍ବାଦପତ୍ର ଗୁଡ଼ିକରେ ଭାରତୀୟ ନେତାମାନଙ୍କର ଜାତୀୟତାଭାବ ସୂଚକ ମତାମତ, ଇଂରେଜ ଶାସନର ସମାଲୋଚନା ଏବଂ ଇଂରେଜମାନଙ୍କର ଅତ୍ୟାଚାର ସମ୍ବନ୍ଧରେ ଲେଖାମାନ ବାହାରୁଥିଲା । କେତେକ ମୁଖ୍ୟ ସମ୍ବାଦପତ୍ରଗୁଡ଼ିକ ମଧ୍ୟରେ ମରହଟ୍ଟା, କେଶରୀ, ଦି ଇଣ୍ଡିଆନ ମିରର୍, ସମ୍ବାଦ କୌମୁଦୀ, ମିରିଟ୍ ଉଲ୍ ଅଖବାର, ଅମୃତବଜାର ପତ୍ରିକା, ଦି ହିନ୍ଦୁ ମୁଖ୍ୟଭାବେ ଭାରତୀୟ ଜନମତକୁ ପ୍ରଭାବିତ କରୁଥିଲା ।

> **ତୁମେ ଜାଣିଛ କି ?**
>
> ଜାତୀୟ ଗାନ 'ବନ୍ଦେ ମାତରମ୍' ବଙ୍କିମଚନ୍ଦ୍ର ଚାଟାର୍ଜୀଙ୍କ ଦ୍ୱାରା ରଚିତ ଆନନ୍ଦମଠ ଉପନ୍ୟାସରେ ଲିଖିତ । ଏହି ଗୀତ ସ୍ୱଦେଶୀ ଆନ୍ଦୋଳନ ସମୟରେ ଲୋକମାନଙ୍କ ମଧ୍ୟରେ ଉତ୍ସାହ ଓ ଉଦ୍ଦୀପନା ସୃଷ୍ଟି କରିଥିଲା ।

ଅନେକ ଭାରତୀୟ ଲେଖକ ସାହିତ୍ୟ ମାଧ୍ୟମରେ ଜାତୀୟ ଚେତନା ଜାଗ୍ରତ କରିଥିଲେ । ସେମାନଙ୍କ ମଧ୍ୟରେ ବଙ୍କିମ୍ ଚନ୍ଦ୍ର ଚାଟାର୍ଜୀ, ଦୀନବନ୍ଧୁ ମିତ୍ର, ରବୀନ୍ଦ୍ରନାଥ ଟାଗୋର, ଲକ୍ଷ୍ମୀନାଥ ବେଜ୍‌ବରୁଆ, ସୁବ୍ରମନିୟମ ଭାରତୀ, ଭାରତେନ୍ଦୁ ହରିଶ୍ଚନ୍ଦ୍ର ଏବଂ ଅଲତାଫ୍ ହୁସେନ ଅଗ୍ରଗଣ୍ୟ ।

### ଅତୀତ ଭାରତର ଗୌରବର ପୁନରାବିଷ୍କାର :

ସାର୍ ଉଇଲିୟମ ଜୋନ୍‌ସ, ପ୍ରଫେସର ମାକ୍ସମୁଲର, ମୋନିୟର ଉଇଲିୟମ୍‌ସ୍, ରାଜେନ୍ଦ୍ରଲାଲ୍ ମିତ୍ର, ରାମକୃଷ୍ଣ ଗୋପାଲ୍ ଭଣ୍ଡାରକର ଏବଂ ହରପ୍ରସାଦ ଶାସ୍ତ୍ରୀ ଆଦି ମନୀଷିଗଣ ଭାରତର ଇତିହାସର ଗବେଷଣା ଓ ଲିଖନ ମାଧ୍ୟମରେ ଭାରତର ଅତୀତ ଗୌରବକୁ ଉପସ୍ଥାପନ କରିଥିଲେ ଏବଂ ବେଦ ଓ ଉପନିଷଦର ଉତ୍କର୍ଷ ପ୍ରତିପାଦନ କରିଥିଲେ । ଏହା ଭାରତୀୟମାନଙ୍କ ମଧ୍ୟରେ ଜାତୀୟତାଭାବ ସଂଚାର କରିଥିଲା ।

### ଭାରତୀୟ ଜାତୀୟ କଂଗ୍ରେସ :

ଜାତୀୟତାବାଦୀ ମହା ଚିନ୍ତାଧାରାରେ ଉଦ୍‌ବେଳିତ ହୋଇ ଭାରତୀୟ ରାଜନୀତି ଆକାଶରେ କେତେକ ମହାମନୀଷିଙ୍କର ଆବିର୍ଭାବ ହେଲା । ସେମାନଙ୍କର ଜାତୀୟ



(ଆଲାନ୍ ଅକ୍ଟାଭିଆନ ହ୍ୟୁମ୍)

ସ୍ତରୀୟ ବୌଦ୍ଧିକ ସମାବେଶକୁ "ଜାତୀୟ କଂଗ୍ରେସ" କୁହାଗଲା । ଇଂରେଜ ଶାସକ ଆମର ଜାତୀୟ ସ୍ୱାର୍ଥ ବିରୋଧୀ ଥିଲେ ହେଁ ସମୟେ ସମୟେ ସେମାନଙ୍କ ମଧ୍ୟରୁ କେତେକ ଉଦାର ମହାମହିମ ବ୍ୟକ୍ତିତ୍ୱ ଆମ ଭାରତୀୟ ସଂଗଠନକୁ ସମର୍ଥନ ଓ ସହାୟତା କରୁଥିଲେ । ସେମାନଙ୍କ ମଧ୍ୟରୁ ଆଲାନ ଅକ୍ଟାଭିଆନ ହ୍ୟୁମ୍ ଅନ୍ୟତମ । ସେ ଜଣେ ଅବସରପ୍ରାପ୍ତ ଇଂରେଜ ପ୍ରଶାସନିକ ଅଧିକାରୀ ଥିଲେ । ସେ ଭାରତୀୟମାନଙ୍କର ସାଂଗଠନିକ ସମାବେଶକୁ ଦିଗ୍‌ଦର୍ଶନ ଦେଉଥିଲେ ।

**ଜାତୀୟ କଂଗ୍ରେସର ଜନ୍ମ :**

୧୮୮୫ ମସିହାରେ ଆଲାନ୍ ଅକ୍ଟାଭିଆନ ହ୍ୟୁମ ସିମ୍‌ଲାଠାରେ ବଡ଼ଲାଟ ଡଫ୍‌ରିନ୍‌ଙ୍କୁ ସାକ୍ଷାତ କଲେ। ଭାରତୀୟମାନଙ୍କ ପାଇଁ ଏକ ସଂଗଠନର ଆବଶ୍ୟକତା ଅଛି ବୋଲି ଡ଼ଫରିନ୍‌ଙ୍କୁ ଅବଗତ କରାଇଲେ । ହ୍ୟୁମ୍‌ଙ୍କ ପରାମର୍ଶ ଅନୁଯାୟୀ ଏହି ସଂଗଠନ ସରକାରଙ୍କୁ ଦେଶବାସୀଙ୍କ ଅଭାବ, ଅସୁବିଧା ଓ ଅଭିଯୋଗ ଜଣାଇବ ବୋଲି ସୂଚନା ଦେଲେ । ହ୍ୟୁମ୍‌ଙ୍କର ପ୍ରାଥମିକ ଉଦ୍ଦେଶ୍ୟଥିଲା ଏହି ସଂଘ ଭାରତୀୟମାନଙ୍କୁ ଅବଶ୍ୟମ୍ଭାବୀ ବିଦ୍ରୋହରୁ ନିବୃତ୍ତ କରିବ । ବଡ଼ଲାଟ ଡଫରିନ୍ ମଧ୍ୟ ଅନୁଭବ କଲେ ଯେ ଇଂଲଣ୍ଡ ସରକାରଙ୍କ କାର୍ଯ୍ୟକଳାପକୁ ସମାଲୋଚନା କରି ତାଙ୍କ ଦୋଷ ତ୍ରୁଟି ଜଣାଇ ସତର୍କ କରିବାଭଳି ଏକ ବିପକ୍ଷ ଦଳ କିଛି ଭାରତରେ ନାହିଁ । ସେ ଏକଥା ହୃଦୟଙ୍ଗମ କରି ଏକ "ଜାତୀୟ କଂଗ୍ରେସ" ପ୍ରତିଷ୍ଠା କରିବାକୁ ହ୍ୟୁମ୍‌ଙ୍କୁ ଉତ୍ସାହିତ କଲେ । ଏହିପରିଭାବରେ ଭାରତୀୟ ଜାତୀୟ କଂଗ୍ରେସର ଆବିର୍ଭାବ ହେଲା। ଆଲାନ୍ ଅକ୍ଟାଭିଆନ ହ୍ୟୁମ୍ ଭାରତୀୟ ଜାତୀୟ କଂଗ୍ରେସର ପ୍ରତିଷ୍ଠାତା ଥିଲେ ।

**ତୁମପାଇଁ କାମ :**

୧- ଭାରତୀୟ ଜାତୀୟ କଂଗ୍ରେସ ପରି ଭାରତରେ ଥିବା ଅନ୍ୟ ସଂଗଠନଗୁଡ଼ିକ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କର ।

**ପ୍ରଥମ ଅଧିବେଶନ :**

ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ଅଧିବେଶନ ୧୮୮୫ ଡିସେମ୍ବର ୨୮ ଓ ୨୯ରେ ବମ୍ବେ (ବର୍ତ୍ତମାନର ମୁମ୍ବାଇ)ର ଗୋକୁଲ୍ ଦାସ୍ ତେଜ୍‌ପାଲ୍ ସଂସ୍କୃତ କଲେଜରେ ବସିଥିଲା । କଲିକତା (ବର୍ତ୍ତମାନର କୋଲକାତା)ର ବିଶିଷ୍ଟ ଆଇନଜୀବୀ ଉମେଶ ଚନ୍ଦ୍ର ବାନାର୍ଜୀ ଏଥିରେ ସଭାପତିତ୍ୱ କରିଥିଲେ । ଏହି ଅଧିବେଶନରେ ଦେଶର ବିଭିନ୍ନ ଅଞ୍ଚଳର ୭୨ଜଣ ପ୍ରତିନିଧି ଯୋଗ ଦେଇଥିଲେ ।

**ଜାତୀୟ କଂଗ୍ରେସର ପ୍ରାଥମିକ ଲକ୍ଷ୍ୟ :**

ଭାରତୀୟ ଜାତୀୟ କଂଗ୍ରେସ ଇଂରେଜ ସରକାରଙ୍କ ନିକଟରେ ଭାରତୀୟମାନଙ୍କ ତରଫରୁ ଲୋକମାନଙ୍କର ଅଭାବ, ଅସୁବିଧା ଓ ଅଭିଯୋଗ ଆଗତ କରି ସେଗୁଡ଼ିକର ସମାଧାନ ପାଇଁ ଉଦ୍ୟମ କରିବ ବୋଲି ପ୍ରାଥମିକ ଲକ୍ଷ୍ୟ ଧାର୍ଯ୍ୟ କରାଗଲା । ଆନ୍ଦୋଳନ ଓ ବିଦ୍ରୋହ କଂଗ୍ରେସର ମୌଳିକ ଅଭିପ୍ରାୟ ନଥିଲା । ସରକାରଙ୍କୁ ବିରୋଧ ନକରି ସମ୍ପୂର୍ଣ୍ଣ ସହଯୋଗ ପୂର୍ବକ ଯୁକ୍ତିଯୁକ୍ତ ଦାବିହାସଲ କରିବା କଂଗ୍ରେସର ଉଦ୍ଦେଶ୍ୟ ଥିଲା ।

**କଂଗ୍ରେସର କାର୍ଯ୍ୟ :**

ଜାତୀୟ କଂଗ୍ରେସର ନେତୃବର୍ଗ ଦେଶର ବିଭିନ୍ନ ସ୍ଥାନରେ ପ୍ରତିବର୍ଷ କଂଗ୍ରେସର ଅଧିବେଶନମାନ ଅନୁଷ୍ଠିତ କଲେ । ସେହି ଅଧିବେଶନରେ ଗୃହୀତ ପ୍ରସ୍ତାବଗୁଡ଼ିକୁ ସରକାରଙ୍କ ନିକଟରେ ଉପସ୍ଥାପିତ କଲେ । ସରକାରଙ୍କୁ ଦେଶର ସମସ୍ୟାମାନ ଜଣାଇବା ସଙ୍ଗେ ସଙ୍ଗେ ଇଂଲଣ୍ଡରେ ଭାରତ ସପକ୍ଷରେ ଜନମତ ସଂଗ୍ରହ କରିବାର ପ୍ରୟାସ କଲେ । ଏହାଛଡ଼ା ଉଦାରମନା ଇଂରେଜ ନେତୃବର୍ଗଙ୍କୁ ସାକ୍ଷାତ କରି ଭାରତରେ ନ୍ୟାଯ୍ୟ ଦାବି ସମ୍ବନ୍ଧରେ ହୃଦୟଙ୍ଗମ କରାଇଲେ ।

**ନରମପନ୍ଥୀ :**

ପ୍ରାଥମିକ ଭାବରେ ୧୮୮୫ରୁ ୧୯୦୫ ମଧ୍ୟରେ କଂଗ୍ରେସର ଦାବି ଅତି ସାଧାରଣ ଓ ସ୍ୱଭାବ ସୁଲଭ ଥିଲା । ସରକାରଙ୍କ ନିକଟରେ ଅନୁନୟ ଅନୁରୋଧକରି ନେତୃବର୍ଗ ଦାବି ହାସଲ କରୁଥିଲେ । ତେଣୁ ଏତାଦୃଶ ବ୍ୟକ୍ତିବିଶେଷଙ୍କୁ ନରମ ପନ୍ଥୀ ଆଖ୍ୟା ଦିଆଗଲା । ସୁରେନ୍ଦ୍ର ନାଥ ବାନାର୍ଜୀ, ଗୋପାଳ କୃଷ୍ଣ ଗୋଖଲେ ଓ ମହାଦେବ ଗୋବିନ୍ଦ ରାଣାଡ଼େ ପ୍ରଭୃତି ନରମପନ୍ଥୀମାନଙ୍କର ନେତୃତ୍ୱ ନେଉଥିଲେ।

ନେତୃତ୍ୱ ନେଇଥିବା ବ୍ୟକ୍ତିଗଣ ନିମ୍ନଲିଖିତ ଦାବିଗୁଡ଼ିକ ସରକାରଙ୍କ ନିକଟରେ ଉପସ୍ଥାପନ କଲେ ।

(୧) ପ୍ରାଦେଶିକ ଓ କେନ୍ଦ୍ରୀୟ ଆଇନ ସଭାରେ ଭାରତୀୟମାନଙ୍କ ତରଫରୁ ପ୍ରତିନିଧିତ୍ୱ କରିବାର ବ୍ୟବସ୍ଥା

(୨) ଭାରତୀୟ ପ୍ରଶାସନିକ ପରୀକ୍ଷା ଇଂଲଣ୍ଡରେ ହେବା ପରବର୍ତ୍ତେ ଭାରତରେ ମଧ୍ୟ ଆୟୋଜନ କରିବାର ବ୍ୟବସ୍ଥା

(୩) ଭାରତୀୟ ପ୍ରଶାସନିକ ପରୀକ୍ଷା ପାଇଁ ଭାରତୀୟ ପରୀକ୍ଷାର୍ଥୀମାନଙ୍କର ବୟସ ସୀମା ବଢ଼ାଇବା ।

(୪) ସାମରିକ ଖର୍ଚ୍ଚ କମାଇବା ଏବଂ ଶିକ୍ଷା, କୃଷି ଓ ଶିଳ୍ପର ଅଧିକ ବିକାଶ ପାଇଁ ଧ୍ୟାନ ଦେବା

(୫) ଅସ୍ତ୍ରଶସ୍ତ୍ର ଆଇନର ସଂସ୍କାର ଆଣିବା

**ଜାତୀୟ କଂଗ୍ରେସର ବିକାଶ :**

ସମୟାନୁକ୍ରମେ ଶିକ୍ଷିତ ଓ ମଧ୍ୟବିତ୍ତ ସମ୍ପ୍ରଦାୟର ଅନେକ ଲୋକ କଂଗ୍ରେସରେ ଯୋଗ ଦେଲେ । ବୁଦ୍ଧିଜୀବୀଙ୍କ ମଧ୍ୟରେ ଓକିଲ, ଡାକ୍ତର, ଲେଖକ ଓ ସାମ୍ବାଦିକ ଏଥିରେ ସାମିଲ ହେଲେ । ଏପରିକି ସରକାରୀ କର୍ମଚାରୀମାନେ ମଧ୍ୟ ପ୍ରମୁଖ ଭୂମିକାରେ ଅବତୀର୍ଣ୍ଣ ହେଲେ । ସେମାନେ ସରକାରଙ୍କ ବିରୋଧରେ ବିଦ୍ରୋହ କରିବାକୁ ଚାହୁଁନଥିଲେ। ପ୍ରାଥମିକ ସ୍ତରରେ ଜାତୀୟ କଂଗ୍ରେସର ନରମପନ୍ଥୀମାନଙ୍କର ଧାରଣା ଥିଲା ଯେ ଭାରତର ବିକାଶ ଇଂରେଜମାନଙ୍କଦ୍ୱାରା ହିଁ ସମ୍ଭବ।

**ଚରମ ପନ୍ଥୀ :**

୧୯୦୬ରେ ସ୍ୱାଧୀନତା ସଂଗ୍ରାମର ପରବର୍ତ୍ତୀ ପର୍ଯ୍ୟାୟରେ ଜାତୀୟ କଂଗ୍ରେସର ଆଉ ଏକ ପ୍ରକାର ସଂଗ୍ରାମୀ ଗୋଷ୍ଠୀର ଆବିର୍ଭାବ ହେଲା । ସେମାନେ ନରମପନ୍ଥୀମାନଙ୍କର ଅନୁରୋଧ, ପ୍ରାର୍ଥନା ଓ ଅନୁନୟ ପଦ୍ଧତିକୁ ତୀବ୍ର ସମାଲୋଚନା କଲେ । ସେମାନଙ୍କର ଯୁକ୍ତିହେଲା ସ୍ୱାଧୀନତା ଭାରତୀୟମାନଙ୍କର ନ୍ୟାଯ୍ୟ ଦାବି । ଏହାକୁ ଯେ କୌଣସି ମତେ ହାସଲ କରିବା ଦରକାର । ଏହା କାହାକୁ ହାତପାତି ମଗାଯିବ ନାହିଁ । ଏମାନଙ୍କୁ "ଚରମପନ୍ଥୀ" କୁହାଗଲା । ଏହି ଚରମ ପନ୍ଥାର ଉଦୀୟମାନ ବ୍ୟକ୍ତିତ୍ୱ ହେଲେ ମହାରାଷ୍ଟ୍ରର ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଲକ୍, ପଞ୍ଜାବର ଲାଲା ଲଜପତ୍ ରାୟ, ପଶ୍ଚିମବଙ୍ଗର ବିପିନ୍ ଚନ୍ଦ୍ର ପାଲ୍ ଓ ଅରବିନ୍ଦ ଘୋଷ। ସେମାନେ ଲୋକମାନଙ୍କ ମଧ୍ୟରେ ଦେଶାତ୍ମବୋଧ ଭାବ ସଞ୍ଚାର କରିଥିଲେ । ଲାଲା ଲଜପତ୍ ରାୟ, ବାଲ୍ ଗଙ୍ଗାଧର ତିଲକ୍ ଓ ବିପିନ ଚନ୍ଦ୍ର ପାଲ୍ "ଲାଲ୍-ବାଲ୍-ପାଲ୍" ନାମରେ ପରିଚିତ


(ଲାଲା ଲଜପତ୍ ରାୟ)


(ବାଲ୍ ଗଙ୍ଗାଧର ତିଲକ୍)


(ବିପନ ଚନ୍ଦ୍ର ପାଲ୍)

ହେଲେ। ବଙ୍କିମ ଚନ୍ଦ୍ର ଚାଟାର୍ଜୀ "ବନ୍ଦେ ମାତରମ୍" କବିତା ଲେଖି ଭାରତୀୟମାନଙ୍କୁ ଦେଶ ପ୍ରାଣ ମନୋଭାବରେ ଉଦ୍‌ବୁଦ୍ଧ କରିଥିଲେ । ବାଲ୍ ଗଙ୍ଗାଧର କହିଥିଲେ "ସ୍ୱରାଜ ମୋର ଜନ୍ମଗତ ଅଧିକାର ।"

**ତୁମପାଇଁ କାମ :**

୧- ନରମପନ୍ଥୀମାନେ ଦାବି ହାସଲ ପାଇଁ ଯେଉଁ ପନ୍ଥାମାନ ଅବଲମ୍ବନ କରୁଥିଲେ ବୋଲି ତୁମେ ଭାବୁଛ ତାହା ଲେଖ ।

**ଜାତୀୟ କଂଗ୍ରେସର ପ୍ରାରମ୍ଭକାଳୀନ ଅନ୍ୟାନ୍ୟ ଅଧିବେଶନ :**

ଜାତୀୟ କଂଗ୍ରେସର ଦ୍ୱିତୀୟ ଅଧିବେଶନ କଲିକତା ମହାନଗରୀରେ ୧୮୮୬ ଡିସେମ୍ବର ୨୮ ତାରିଖ ଦିନ ଅନୁଷ୍ଠିତ ହୋଇଥିଲା। ଏଥିରେ ୪୩୬ ଜଣ ପ୍ରତିନିଧି ଯୋଗଦେଇଥିଲେ । ଏଥିରେ ଦାଦାଭାଇ ନାରୋଜୀ ସଭାପତିତ୍ୱ କରିଥିଲେ ।

୧୮୮୭ ଡିସେମ୍ବରରେ ଜାତୀୟ କଂଗ୍ରେସର ତୃତୀୟ ଅଧିବେଶନ ମାନ୍ଦ୍ରାଜ (ବର୍ତ୍ତମାନର ଚେନ୍ନାଇ)ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ୬୦୭ ଜଣ ପ୍ରତିନିଧି ଯୋଗ ଦେଇଥିଲେ । ବଦରୁଦ୍ଦିନତ୍ୟାବ୍‌ଜୀ ଏହି ଅଧିବେଶନରେ ସଭାପତିତ୍ୱ କରିଥିଲେ ।

କଂଗ୍ରେସର ଚତୁର୍ଥ ଅଧିବେଶନ ୧୮୮୮ ଡିସେମ୍ବର ମାସରେ ଆଲ୍ଲାହାବାଦଠାରେ ବସିଥିଲା । ଜର୍ଜୟୁଲଙ୍କ ସଭାପତିତ୍ୱରେ ଏହି ଅଧିବେଶନ ପରିଚାଳିତ ହୋଇଥିଲା। ଏଥିରେ ୧୪୨୮ ଜଣ ପ୍ରତିନିଧି ଯୋଗ ଦେଇଥିଲେ ।

୧୮୮୯ ଡିସେମ୍ବର ମାସରେ ୧୮୮୯ ଜଣ ପ୍ରତିନିଧିଙ୍କ ସହିତ କଂଗ୍ରେସର ପଞ୍ଚମ ଅଧିବେଶନ ବମ୍ବେଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଉଇଲିୟମ୍ ଭଏଡେର କର୍ଣ୍ଣ ସଭାପତିତ୍ୱ କରିଥିଲେ ।

କଂଗ୍ରେସର ଷଷ୍ଠ ଅଧିବେଶନ କୋଲକାତାରେ ୧୮୯୦ରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଫିରୋଜଶାହ ମେହେଟ୍ଟା ସଭାପତିତ୍ୱ କରିଥିଲେ ।

୮୧୨ ଜଣ ପ୍ରତିନିଧିଙ୍କୁ ନେଇ ୧୮୯୧ରେ କଂଗ୍ରେସର ୭ମ ଅଧିବେଶନ ନାଗପୁରଠାରେ ଆନନ୍ଦଚାରଲୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହପରି ଭାବରେ ଭାରତୀୟ ଜାତୀୟ କଂଗ୍ରେସର ବିଭିନ୍ନ ଅଧିବେଶନ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଥିଲା ।

**ବଙ୍ଗ ବିଭାଜନ :**

ଲର୍ଡ ନାଥାନିଏଲ କର୍ଜନ ୧୮୯୯ ମସିହାରେ ଭାରତର ବଡ଼ଲାଟ ହୋଇ ଆସିଲେ । ସେ ଜାତୀୟ କଂଗ୍ରେସର ଘୋର ବିରୋଧୀ ଥିଲେ । ଏହାକୁ ସମ୍ପୂର୍ଣ୍ଣଭାବେ ଶେଷ କରିଦେବା ତାଙ୍କର ଇଚ୍ଛାଥିଲା ।

ବଙ୍ଗ, ବିହାର ଓ ଓଡ଼ିଶାକୁ ନେଇ ଏକ ବିରାଟ ପ୍ରଦେଶ ଥିଲା ବଙ୍ଗଳା । ଏତେବଡ ପ୍ରଦେଶର ପ୍ରଶାସନିକ ଅସୁବିଧା ଅନୁଭବ କରି ସେ ବିଭାଜନ କଥା ଚିନ୍ତାକଲେ । ବଙ୍ଗର ପୂର୍ବଭାଗକୁ ଆସାମ ସହିତ ମିଶାଇ ଦିଆଗଲା । **ଢାକା**ଠାରେ ଏହାର ରାଜଧାନୀ ହେଲା । ବଙ୍ଗର ପଶ୍ଚିମଭାଗ, ବିହାର ଓ ଓଡ଼ିଶାକୁ ନେଇ ପଶ୍ଚିମବଙ୍ଗ ଗଠିତ ହେଲା । କଲିକତା ବା ବର୍ତ୍ତମାନର କୋଲକାତାଠାରେ ଏହାର ରାଜଧାନୀ ହେଲା । ଏହାଫଳରେ ବଙ୍ଗଳା ଭାଷାଭାଷୀ ଲୋକ ଦୁଇଭାଗରେ ବିଭକ୍ତ ହେଲେ। ସାଧାରଣ ଜନତା ଉତ୍‌କ୍ଷିପ୍ତ ହେଲେ । ଜାତୀୟ କଂଗ୍ରେସ ଏହାକୁ ବିରୋଧ କଲା । ବିରୋଧଭାବକୁ ଭୃକ୍ଷେପ ନକରି ଇଂରେଜ ସରକାର ୧୯୦୫ ଅକ୍ଟୋବର ୧୬ ତାରିଖ ଦିନ "ବଙ୍ଗ ବିଭାଜନ" ଘୋଷଣା କଲେ । ବଙ୍ଗ ପ୍ରଦେଶରେ ମୁଣ୍ଡ ଟେକୁଥିବା ତୀବ୍ର ଜାତୀୟତାବାଦ ପ୍ରତିହତ କରିବା ଓ ଭାରତୀୟମାନଙ୍କ ମଧ୍ୟରେ ସାମ୍ପ୍ରଦାୟିକ ତିକ୍ତତା ସୃଷ୍ଟି କରିବା ବଙ୍ଗ ବିଭାଜନର ପ୍ରକୃତ ଉଦ୍ଦେଶ୍ୟ ଥିଲା ।

**ସ୍ୱଦେଶୀ ଆନ୍ଦୋଳନ :**

ଲର୍ଡ କର୍ଜନ ବଙ୍ଗ ବିଭାଜନ ଘୋଷଣା କଲେ । ଲୋକମାନେ ଏହାକୁ ଗ୍ରହଣ କଲେ ନାହିଁ । ବିଦ୍ରୋହର ବହ୍ନି ପ୍ରଜ୍ୱଳିତ ହେଲା । ସାରା ଦେଶରେ ଆନ୍ଦୋଳନ ହେଲା । ଉଦାରପନ୍ଥୀ ତଥା ନରମପନ୍ଥୀମାନେ ପ୍ରକାଶ୍ୟ ଆନ୍ଦୋଳନ ପାଇଁ ମତ ଦେଲେ । ଚରମପନ୍ଥୀମାନେ ନ୍ୟାୟୋଚିତ ଅଧିକାର ସାବ୍ୟସ୍ତ କରିବାକୁ ବଳପୂର୍ବକ ଦାବିକଲେ । ଏହାଫଳରେ ୧୯୦୫ରେ 'ସ୍ୱଦେଶୀ ଆନ୍ଦୋଳନ' ଆରମ୍ଭ ହେଲା ।

ପୂର୍ବରୁ ଆମେରିକା, ଆୟାର୍ଲାଣ୍ଡ ଓ ଚୀନ୍‌ର ଲୋକମାନେ ଏହିନୀତି ଅବଲମ୍ବନ କରିଥିଲେ । ଭାରତୀୟ ଶିଳ୍ପର ବିକାଶପାଇଁ 'ସ୍ୱଦେଶୀ ଆନ୍ଦୋଳନ' ଥିଲା ଏକ ମହତ୍ତ୍ୱପୂର୍ଣ୍ଣ ଅର୍ଥନୈତିକ ପଦକ୍ଷେପ ।

**ଆନ୍ଦୋଳନର ଲକ୍ଷ୍ୟ :**

(୧) ବିଦେଶୀ ତଥା ବିଲାତ ଦ୍ରବ୍ୟ ବର୍ଜନ କରିବା ।
(୨) ନିଜ ଦେଶ ଅର୍ଥାତ୍ ଭାରତୀୟ ଉତ୍ପାଦିତ ଦ୍ରବ୍ୟକୁ ଆଦର କରିବା ଓ ବ୍ୟବହାର କରିବା ।
(୩) ସ୍ୱଦେଶପ୍ରୀତିଭାବ ଉଦ୍ରେକ ଓ ସଞ୍ଚାର କରିବା ।

**ଆନ୍ଦୋଳନର ପ୍ରଗତି :**

ସ୍ୱଦେଶୀ ଆନ୍ଦୋଳନରେ ଭାରତୀୟମାନେ ସ୍ୱରାଜମନ୍ତ୍ରରେ ଅଭିମନ୍ତ୍ରିତ ହେଲେ । ସେମାନଙ୍କ ମଧ୍ୟରେ ନୂତନ ଉତ୍ସାହ, ଉଦ୍ଦୀପନା ଓ ପ୍ରେରଣା ଜାଗ୍ରତହେଲା । ଚାରିଆଡେ ସଭାସମିତି ଓ ଶୋଭାଯାତ୍ରାର ଆୟୋଜନ ହେଲା । ଇଂରେଜ ସରକାରଙ୍କ ବିରୋଧରେ ଧ୍ୱନି ଦିଆଗଲା । ବିଲାତି ଲୁଗାରେ ନିଆଁ ଲଗାଇ ଦିଆଗଲା । ଆନ୍ଦୋଳନ ସୁଦୂରପ୍ରସାରୀ ହେଲା । ୧୯୦୫ ଅଗଷ୍ଟ ୭ ତାରିଖ ଦିନ କୋଲକାତାର ଟାଉନ ହଲରେ ଏକ ସଭା ବସିଲା । ଏଥିରେ ବିଦେଶୀ ଦ୍ରବ୍ୟ ବର୍ଜନ କରିବାପାଇଁ ଏକ ଜାତୀୟନୀତି ଗ୍ରହଣ କରାଗଲା । ବହୁତ ଛାତ୍ର ଉତ୍ସାହିତ ହୋଇ ଏହି ଆନ୍ଦୋଳନରେ ଅଂଶ ଗ୍ରହଣ କଲେ । ସେମାନଙ୍କ ମଧ୍ୟରୁ ଅଧିକାଂଶ ବିଦେଶୀ ଲୁଣ ଓ ଚିନି କିଣି ସେଗୁଡ଼ିକୁ ନଷ୍ଟ କରିଦେଲେ ।

**ତୁମପାଇଁ କାମ :**

୧- ସ୍ୱଦେଶୀ ଆନ୍ଦୋଳନ ସମୟରେ ଆମ ଦେଶରେ ପ୍ରସ୍ତୁତ ଦ୍ରବ୍ୟଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କର ।

**ଆନ୍ଦୋଳନର ଫଳାଫଳ :**

ଏହି ଆନ୍ଦୋଳନର ଫଳାଫଳ ସ୍ୱରୂପ ଇଂରେଜ ସରକାର ଭାରତୀୟମାନଙ୍କୁ ସନ୍ତୁଷ୍ଟ କରିବାପାଇଁ କିଛି ରାଜନୈତିକ ଅଧିକାର ଦେବା ପାଇଁ ଚିନ୍ତାକଲେ । ସ୍ୱଦେଶୀ ଆନ୍ଦୋଳନ ଭାରତୀୟମାନଙ୍କ ମଧ୍ୟରେ ଆତ୍ମନିର୍ଭରଶୀଳତା, ଆତ୍ମବିଶ୍ୱାସ ଓ ଆତ୍ମସହାୟତାଭାବ ସୃଷ୍ଟି ଓ ବିକାଶ କରିପାରିଥିଲା ।

**ଆମେ କ'ଣ ଶିଖିଲେ ?**

- ଭାରତୀୟ ଜାତୀୟତାବାଦ ବିକାଶର କାରଣ ସମ୍ବନ୍ଧରେ
- ବ୍ରିଟିଶମାନଙ୍କର ତ୍ରୁଟିପୂର୍ଣ୍ଣ ଶାସନ ପଦ୍ଧତି
- ଜାତୀୟ କଂଗ୍ରେସର ଗଠନ, କାର୍ଯ୍ୟ ଓ ଲକ୍ଷ୍ୟ
- ସ୍ୱଦେଶୀ ଆନ୍ଦୋଳନ ଓ ତାହାର ପ୍ରଭାବ

## ପ୍ରଶ୍ନାବଳୀ

**୧ । ନିମ୍ନଲିଖିତ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୭୫ଟି ଶବ୍ଦରେ ଦିଅ ।**

(କ) ଭାରତରେ ଜାତୀୟତାବାଦର ବିକାଶ ପାଇଁ ସାମାଜିକ, ସାଂସ୍କୃତିକ ଓ ରାଜନୈତିକ ଐକ୍ୟ ଭାବ କିପରି ଦାୟୀ ଥିଲା ?

(ଖ) ଭାରତରେ ଜାତୀୟତାବାଦୀ ଆନ୍ଦୋଳନ ପାଇଁ ଇଂରାଜୀ ଭାଷା ଓ ଇଂରେଜ ଶାସନ କିପରି ସହାୟକ ହେଲା ?

(ଗ) ଇଂରେଜମାନଙ୍କର ଦମନମୂଳକ ଶାସନ ପଦ୍ଧତିର ଏକ ବିବରଣୀ ପ୍ରଦାନ କର ।

(ଘ) ଭାରତରେ ଜାତୀୟ କଂଗ୍ରେସର କିପରି ଆବିର୍ଭାବ ଓ ବିକାଶ ହେଲା ?

(ଙ) ଜାତୀୟ କଂଗ୍ରେସର ନରମପନ୍ଥୀମାନେ କି କି ଦାବି ଉପସ୍ଥାପନ କରିଥିଲେ ?

(ଚ) ବଙ୍ଗ ପ୍ରଦେଶ କିପରି ବିଭାଜିତ ହେଲା ?

(ଛ) ସ୍ୱଦେଶୀ ଆନ୍ଦୋଳନ କ'ଣ ? ଏହାର ଲକ୍ଷ୍ୟ ଓ ଅଗ୍ରଗତି ସମ୍ବନ୍ଧରେ ଏକ ବିବରଣୀ ପ୍ରଦାନ କର ।

**୨ । ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଲେଖ ।**

(କ) "ଲାଲ୍-ବାଲ୍-ପାଲ୍" କହିଲେ କ'ଣ ବୁଝ ?

(ଖ) କେଉଁ ବିଦେଶୀ ଲେଖକଙ୍କଦ୍ୱାରା ଭାରତୀୟ ଜାତୀୟବାଦୀ ଆନ୍ଦୋଳନ ପ୍ରଭାବିତ ହୋଇଥିଲା ?

(ଗ) ଜାତୀୟ କଂଗ୍ରେସର କିଏ ପ୍ରଥମ ସଭାପତି ଥିଲେ ?

(ଘ) ଜାତୀୟ କଂଗ୍ରେସର ପ୍ରଥମ ଅଧିବେଶନ କେବେ ଓ କେଉଁଠି ବସିଥିଲା ?

(ଙ) ବଡ଼ଲାଟ କେଉଁ ପରିଷଦଦ୍ୱାରା ଶାସନ ପରିଚାଳନା କରୁଥିଲେ ?

**୩ । ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତର ବାଛି ଶୂନ୍ୟସ୍ଥାନ ପୂରଣ କର ।**

(କ) ଭାରତରେ ଏକ ଜାତୀୟ ସଂଗଠନର ଆବଶ୍ୟକତା ଅଛି ବୋଲି ଆଲାନ ଆକ୍ଟାଭିଆନ୍ ହ୍ୟୁମ୍ ______ଙ୍କୁ ଅବଗତ କରାଇଥିଲେ ।

(ଡଫରିନ୍, ଆନିବେଶାନ୍ତ, କ୍ୟାନିଂ, ଉଇଲିୟମ୍ ବେଣ୍ଟିଙ୍କ୍)

(ଖ) ନିମ୍ନୋକ୍ତଗୁଡ଼ିକ ମଧ୍ୟରୁ ______ ଡ଼େଲହାଉସୀଙ୍କ ସମୟରେ ଆରମ୍ଭ ହୋଇଥିଲା ।

(ସିପାହୀ ବିଦ୍ରୋହ, ଜାତୀୟ କଂଗ୍ରେସ, ରେଳ ଚଳାଚଳ, ଇଂରାଜୀ ଶିକ୍ଷା)

(ଗ) ଲର୍ଡ୍ କର୍ଜନ ______ ମସିହାରେ ଭାରତକୁ ବଡ଼ଲାଟ ହୋଇ ଆସିଥିଲେ ।

(୧୯୦୫, ୧୯୧୪, ୧୮୮୫, ୧୮୯୯)

(ଘ) ଗୋପାଳହରି ଦେଶମୁଖ _______ ଉପରେ ଗୁରୁତ୍ୱ ଦେଉଥିଲେ ।

(ଜାତୀୟ କଂଗ୍ରେସ, ସ୍ୱଦେଶୀ ଦ୍ରବ୍ୟର ଆବଶ୍ୟକତା,

ଦେଶାତ୍ମବୋଧ, ସ୍ୱାଧୀନତା ଆନ୍ଦୋଳନ)

**୪। ରେଖାଙ୍କିତ ଅଂଶ ପରିବର୍ତ୍ତନ ନ କରି ଭ୍ରମ ସଂଶୋଧନ କର ।**

(କ) କ୍ୟାନିଂଙ୍କ ସମୟରେ ଭାରତରେ ଇଂରାଜୀ ଭାଷା ଓ ଶିକ୍ଷାର ପ୍ରଚଳନ ହେଲା ।

(ଖ) ଇଂରେଜ ଶାସନ କାଳରେ ଭାରତୀୟ ସିଭିଲ ସର୍ଭିସ୍ ପରୀକ୍ଷା ଭାରତରେ ହେଉଥିଲା ।

(ଗ) ଭାରତର ଜାତୀୟ କଂଗେସ ୧୮୫୭ରେ ପ୍ରତିଷ୍ଠିତ ହୋଇଥିଲା ।

(ଘ) ସ୍ୱଦେଶୀ ଆନ୍ଦୋଳନ ୧୯୪୨ ରେ ଆରମ୍ଭ ହୋଇଥିଲା ।

**୫ । କ' ସ୍ତମ୍ଭ ସହିତ ଖ' ସ୍ତମ୍ଭର ସଂପର୍କ ସ୍ଥାପିତ କର ।**

| **'କ' ସ୍ତମ୍ଭ** | **'ଖ' ସ୍ତମ୍ଭ** |
|---|---|
| ସ୍ୱରାଜ ମୋର ଜନ୍ମଗତ ଅଧିକାର | ରେଳ ଚଳାଚଳ |
| ଲର୍ଡ୍ ଡେଲହାଉସୀ | ୧୯୦୫ |
| ଜାତୀୟ କଂଗ୍ରେସର ୨ୟ ଅଧିବେଶନ | ୧୮୮୬ |
| ଲର୍ଡ୍ କର୍ଜନ ଶାସନ | ୧୮୯୯ |
| | ବାଲ୍ ଗଙ୍ଗାଧର ତିଳକ |

●

MRTWBJ

## ଷଷ୍ଠ ଅଧ୍ୟାୟ

# ଆମେରିକା ଓ ଇଉରୋପରେ ଜାତୀୟତାବାଦୀ ଆନ୍ଦୋଳନ ଓ ବିପ୍ଳବ

### ଆମେରିକାର ସ୍ୱାଧୀନତା ସଂଗ୍ରାମ :

କଲମ୍ବସ ଆମେରିକା ଆବିଷ୍କାର କଲାପରେ ୟୁରୋପୀୟମାନେ ସେହି ନୂତନ ଭୂଖଣ୍ଡରେ ବସତିସ୍ଥାପନ କରିବାକୁ ଚେଷ୍ଟା କଲେ । ୧୬୨୦ ଖ୍ରୀଷ୍ଟାବ୍ଦରେ ଇଂଲଣ୍ଡର ରାଜା ପ୍ରଥମ ଜେମ୍ସ, ପ୍ରୋଟେଷ୍ଟାଣ୍ଟ ମତବାଦୀମାନଙ୍କୁ ଉପେକ୍ଷା କରୁଥିଲେ । ଏହାକୁ ପ୍ରତିବାଦ କରି ଦଳେ ପ୍ରୋଟେଷ୍ଟାଣ୍ଟ ମତବାଦୀ 'ମେ ଫ୍ଲାୱାର' ନାମକ ଏକ ଜାହାଜରେ ଆସି ଆମେରିକାର ମାସାଚୁସେଟ୍ସ୍ଠାରେ ଅବତରଣ କରି ବସତି ସ୍ଥାପନ କଲେ । ସେମାନଙ୍କୁ "ପିଲଗ୍ରୀମ୍ଫାଦର୍" କୁହାଯାଏ ।

> **ତୁମପାଇଁ କାମ :**
> କଲମ୍ବସଙ୍କ ଆମେରିକା ମହାଦେଶ ଆବିଷ୍କାର ପଛରେ ଥିବା କାରଣ ଜାଣିବାକୁ ଚେଷ୍ଟା କର ।

ଆମେରିକାର ଉର୍ବର ମୃତ୍ତିକା, ପ୍ରଚୁର ଖଣିଜ ପଦାର୍ଥ ଓ ଶୁଷ୍କଜଳବାୟୁ ସେମାନଙ୍କୁ ପ୍ରଲୋଭିତ କରିଥିଲା । ସେଠାରେ ଉତ୍କୃଷ୍ଟ ଧରଣର ଧୂଆଁପତ୍ର, ତୁଳା, ଝୋଟ ଚାଷକରି ସେମାନେ ନିଜର ଆର୍ଥିକ ଅବସ୍ଥାର ଉନ୍ନତି କରିଥିଲେ । ପରେ ପରେ ବହୁ ସଂଖ୍ୟକ ଇଂରେଜମାନେ ଆମେରିକାରେ ପହଞ୍ଚି, ତୁଳା, ପଶମ, ଚିନି, ଝୋଟ ଓ ତମାଖୁ ଆଦି ଲାଭଜନକ ବ୍ୟବସାୟ କଲେ। କାଳକ୍ରମେ ଇଂରେଜମାନେ ଆମେରିକାରେ ସ୍ଥାୟୀବସତି ସ୍ଥାପନ କଲେ । ଇଂରେଜମାନେ ଉତ୍ତର ଆମେରିକାର ଆଟ୍‌ଲାଣ୍ଟିକ୍ ମହାସାଗର ଉପକୂଳରେ ତେରଗୋଟି ଉପନିବେଶ ସ୍ଥାପନ କଲେ । ଏହି ଉପନିବେଶ ଗୁଡ଼ିକରେ ୟୁରୋପର ଅନ୍ୟ ଦେଶମାନଙ୍କର ଅଧିବାସୀ ରହୁଥିଲେ ମଧ୍ୟ ଇଂରେଜମାନଙ୍କ ସଂଖ୍ୟା ଅଧିକ ଥିଲା । ସେମାନେ ଉପନିବେଶଗୁଡ଼ିକ ଉପରେ କର୍ତ୍ତୃତ୍ୱ ବିସ୍ତାର କରିଥିଲେ। ଇଂଲଣ୍ଡ ସରକାରଙ୍କ ଅନୁମତି ନେଇ ଇଂରେଜମାନେ ସେଠାରେ ବସତି ସ୍ଥାପନ କରିଥିଲେ । ଇଂଲଣ୍ଡକୁ 'ମାତୃଦେଶ' ଓ ଉପନିବେଶଗୁଡ଼ିକୁ ତାର କନ୍ୟା ରୂପେ ସେମାନେ ଗ୍ରହଣ କରୁଥିଲେ । ଉପନିବେଶଗୁଡ଼ିକ ଇଂଲଣ୍ଡ ପାର୍ଲାମେଣ୍ଟର ଆଇନ ଅନୁସାରେ ପରିଚାଳିତ ହେଉଥିଲା । ଇଂଲଣ୍ଡ ଏହି ଉପନିବେଶଗୁଡ଼ିକର ସାର୍ବଭୌମ ଶାସକ ଥିଲା ।

ଇଂଲଣ୍ଡ ଓ ଆମେରିକା ମଧ୍ୟରେ ଆଟଲାଣ୍ଟିକ୍ ମହାସାଗର ଯୋଗୁ ଉଭୟ ଦେଶ ମଧ୍ୟରେ ଗମନାଗମନ ଓ ଯୋଗାଯୋଗ କଷ୍ଟକର ହେଉଥିଲା । ତେଣୁ ଇଂରେଜ ସରକାର ଉପନିବେଶଗୁଡ଼ିକର ସମସ୍ୟା ବୁଝିବାକୁ ଅସମର୍ଥ ହେଉଥିଲେ । କିନ୍ତୁ ନିଜର ଆର୍ଥିକ ସ୍ୱାର୍ଥପାଇଁ ଉପନିବେଶଗୁଡ଼ିକୁ ବିନିଯୋଗ କରୁଥିଲେ । ସେମାନେ ଉପନିବେଶଗୁଡ଼ିକର ସ୍ୱାର୍ଥପ୍ରତି ଦୃଷ୍ଟି ଦେଉନଥିଲେ । ଏହା ଫଳରେ ଉପନିବେଶବାସୀଙ୍କ ମନରେ ବିଦ୍ରୋହର ସୂତ୍ରପାତ ହେଲା । ତଥାପି ସେମାନେ ଇଂଲଣ୍ଡର ପ୍ରଭୁତ୍ୱକୁ ଗ୍ରହଣ କରୁଥିଲେ । ନିମ୍ନୋକ୍ତ କେତେ ଗୁଡ଼ିଏ କାରଣରୁ ଆମେରିକାର ସ୍ୱାଧୀନତା ସଂଗ୍ରାମ ଆରମ୍ଭ ହୋଇଥିଲା ।

### ଉପନିବେଶ ଗୁଡ଼ିକରେ ତ୍ରୁଟିପୂର୍ଣ୍ଣ ଶାସନ ପଦ୍ଧତି :

ଆମେରିକା ଉପନିବେଶଗୁଡ଼ିକରେ ଇଂରେଜମାନଙ୍କ ଦ୍ୱାରା ପ୍ରବର୍ତ୍ତିତ ଶାସନ ପଦ୍ଧତିରେ ବହୁ ଦୋଷତ୍ରୁଟି ରହିଥିଲା । ପ୍ରତ୍ୟେକ ଉପନିବେଶରେ ଜଣେ ଜଣେ ଶାସନକର୍ତ୍ତା ବା ଗଭର୍ଣ୍ଣର ଥିଲେ ଓ ଏହା ଏକ ପ୍ରତିନିଧିମୂଳକ ଶାସକ ସଂସ୍ଥାଦ୍ୱାରା ଶାସିତ ହୋଇଥିଲା । ଗଭର୍ଣ୍ଣର ଇଂଲଣ୍ଡର ରାଜାଙ୍କ ପ୍ରତିନିଧି ରୂପେ ଅବସ୍ଥାପିତ ହେଉଥିଲେ । ତାଙ୍କର ବେତନ ଉପନିବେଶର ରାଜକୋଷରୁ ଦିଆଯାଉଥିଲା । ଏହାକୁ ଉପନିବେଶର ପ୍ରତିନିଧିସଭା ମଞ୍ଜୁର କରୁଥିଲା । ପ୍ରତିନିଧି ସଭାର ସଭ୍ୟମାନେ ଉପନିବେଶର ଅଧିବାସୀମାନଙ୍କ ଦ୍ୱାରା ନିର୍ବାଚିତ ହେଉଥିଲେ । ଏହି ପ୍ରତିନିଧିସଭା କର ଆଦାୟ, ଆଇନ ପ୍ରଣୟନ ଏବଂ ବହୁ ଦାୟିତ୍ୱ ସମ୍ପାଦନ କରୁଥିଲେ ମଧ୍ୟ ଏହାର ସ୍ୱାଧୀନତା ନ ଥିଲା । ସ୍ୱାଧୀନ ଭାବରେ କୌଣସି ଆଇନ ପ୍ରଣୟନ କରି ପ୍ରୟୋଗ କରିବାର କ୍ଷମତା ନଥିଲା । ଉପନିବେଶର ଗଭର୍ଣ୍ଣର ଇଂଲଣ୍ଡର ସ୍ୱାର୍ଥ ପ୍ରତି ଦୃଷ୍ଟିରଖି ଉପନିବେଶଗୁଡ଼ିକୁ ଉପେକ୍ଷା କରୁଥିଲେ । ଫଳରେ ଗଭର୍ଣ୍ଣର ଓ ପ୍ରତିନିଧିମୂଳକ ସଂସ୍ଥା ମଧ୍ୟରେ ମତ ପାର୍ଥକ୍ୟ ହୋଇ ବିବାଦ ଦେଖାଦେଲା । ତେଣୁ ଉପନିବେଶର ଅଧିବାସୀମାନେ ଇଂଲଣ୍ଡ ବିରୋଧରେ ସଂଗ୍ରାମ କରିବାକୁ ଆଗଭର ହେଲେ ।

### ଏକଚାଟିଆ ବାଣିଜ୍ୟନୀତି :

ବ୍ରିଟିଶ ପାର୍ଲାମେଣ୍ଟ ଦ୍ୱାରା ଉପନିବେଶଗୁଡ଼ିକ ପାଇଁ ପ୍ରଚଳିତ ବାଣିଜ୍ୟନୀତି ସ୍ୱାଧୀନତା ସଂଗ୍ରାମର ମୁଖ୍ୟ କାରଣ ହୋଇଥିଲା । ଉକ୍ତ ନୀତିରେ ବ୍ୟବସ୍ଥା କରାଯାଇଥିଲା ଯେ ଇଂଲଣ୍ଡରେ ଯେଉଁ ସବୁ ପଦାର୍ଥ ଉତ୍ପାଦିତ ହେଉନଥିଲା ତାହା ଆମେରିକାରୁ ଇଂଲଣ୍ଡକୁ ନିଆଯିବ; ଇଂଲଣ୍ଡ ଜାହାଜ ବ୍ୟତୀତ ଅନ୍ୟଦେଶର ଜାହାଜରେ ମାଲପତ୍ର ନେବା ଆଣିବା ହୋଇପାରିବ ନାହିଁ; ଉପନିବେଶକାରୀମାନେ ତମାଖୁ, କପା, ଚିନି ପ୍ରଭୃତି ଦ୍ରବ୍ୟ ଇଂଲଣ୍ଡ ବ୍ୟତୀତ ଅନ୍ୟ ଦେଶକୁ ରପ୍ତାନି କରିପାରିବେ ନାହିଁ ଏବଂ ଇଂଲଣ୍ଡର ଲୌହ ଓ କାର୍ପାସ ଶିଳ୍ପ ବ୍ୟତୀତ ଅନ୍ୟ ଦେଶର ଶିଳ୍ପଗୁଡ଼ିକୁ ଉପନିବେଶରେ ସ୍ଥାପନ କରାଯାଇପାରିବନି । ଉପନିବେଶର ଆର୍ଥିକ ଉନ୍ନତି ପ୍ରତି ଦୃଷ୍ଟି ନ ଦେଇ ନିଜର ଲାଭ ବଢ଼ାଇବା ପାଇଁ ଆଇନମାନ ପ୍ରଣୟନ ହେଲା । ଫଳରେ ଉପନିବେଶର ଅର୍ଥନୀତି ଦୁର୍ବଳ ହୋଇପଡ଼ିଲା ।

### ଷ୍ଟାମ୍ପ ଆଇନ୍ ପ୍ରଣୟନ :


ଆମେରିକା ଉପନିବେଶଗୁଡ଼ିକ ଫ୍ରାନ୍ସ କବଳରୁ ରକ୍ଷା ପାଇବା ପାଇଁ ଇଂଲଣ୍ଡ ଓ ଫ୍ରାନ୍ସ ମଧ୍ୟରେ ସାତବର୍ଷଧରି ଯୁଦ୍ଧ ହୋଇଥିଲା । ଏହି ଯୁଦ୍ଧରେ ଖର୍ଚ୍ଚ ହୋଇଥିବା ଅର୍ଥର କିଛି ଅଂଶ ଭରଣା କରିବାପାଇଁ ବ୍ରିଟିଶ ପାର୍ଲାମେଣ୍ଟରେ ୧୭୬୫ ମସିହାରେ ଷ୍ଟାମ୍ପ ଆଇନ ପ୍ରଣୟନ କରାଗଲା । ଏହି ଆଇନ ଅନୁଯାୟୀ ଉପନିବେଶର ଅଧିବାସୀମାନଙ୍କୁ ଜମିକିଣାବିକା ଦଲିଲ, ଦସ୍ତାବିଜ ଓ ଦାନପତ୍ର ଆଦାନ ପ୍ରଦାନ ସମୟରେ ନିର୍ଦ୍ଧାରିତ ମୂଲ୍ୟର ଷ୍ଟାମ୍ପ ଲଗାଇବାକୁ ବାଧ୍ୟ କରାଗଲା । ସେହି ଷ୍ଟାମ୍ପ ବାବଦ ଅର୍ଥ ଇଂରେଜ ସରକାର ପାଇବେ । ଉପନିବେଶର ଅଧିବାସୀମାନେ ଏହି ଆଇନକୁ ବିରୋଧ କଲେ କାରଣ ବ୍ରିଟିଶ ପାର୍ଲାମେଣ୍ଟରେ ଏହି ଆଇନ ପ୍ରଣୟନ ସମୟରେ ଉପନିବେଶର କୌଣସି ବ୍ୟକ୍ତି ସଭ୍ୟ ରହିନଥିଲେ । ପ୍ରତିନିଧିତ୍ୱ ବିନା କରଧାର୍ଯ୍ୟ ଅନ୍ୟାୟ ବୋଲି ଯୁକ୍ତି ବାଢ଼ିଥିଲେ । ଏହି ଆଇନକୁ ବିରୋଧକରି ଆନ୍ଦୋଳନ ଆରମ୍ଭ ହୋଇଥିଲା ।

### କରଧାର୍ଯ୍ୟ :

ଇଂଲଣ୍ଡର ମନ୍ତ୍ରିମଣ୍ଡଳରେ ଷ୍ଟାମ୍ପ ଆଇନ୍ ବଦଳରେ ବିଭିନ୍ନ ଦ୍ରବ୍ୟ ଉପରେ କରଧାର୍ଯ୍ୟ କରିବାକୁ ନିଷ୍ପତ୍ତି ନିଆଗଲା । ଏହି ନିଷ୍ପତ୍ତି ଅନୁଯାୟୀ କାଚ, କାଗଜ, ରଙ୍ଗ ଓ ଚା' ପ୍ରଭୃତି ଆବଶ୍ୟକ ପଦାର୍ଥ ଉପରେ ଆମଦାନୀ କର ବସାଗଲା । ଏହାଯୋଗୁ ଉପନିବେଶରେ ପୁଣି ଅସନ୍ତୋଷ ଦେଖାଦେଲା । ଫଳରେ ଇଂରେଜ ସରକାର ଅନ୍ୟ ସବୁଜିନିଷ ଉପରୁ କର ଉଠାଇ ଦେଲେ କିନ୍ତୁ ଚା' ଉପରୁ କର ଉଠାଇଲେ ନାହିଁ । ଏହାକୁ ଭିତ୍ତିକରି ଉପନିବେଶର ଅଧିବାସୀମାନେ ଚା ବର୍ଜନ କଲେ ।

### ବୋଷ୍ଟନ ଚା' ସଂଘର୍ଷ :

ଚା' ଉପରୁ କର ପ୍ରତ୍ୟାହାର ନକରିବାରୁ ୧୭୭୩ ଖ୍ରୀଷ୍ଟାବ୍ଦରେ ଇଂଲଣ୍ଡରୁ ଆସୁଥିବା ଏକ ଚା' ବୋଝେଇ ଜାହାଜ ମାସାଚୁସେଟ୍ସ୍‌ର ବୋଷ୍ଟନ ବନ୍ଦରରେ ପହଞ୍ଚିଲାବେଳେ ଆନ୍ଦୋଳନକାରୀମାନେ ଲୋହିତ ଭାରତୀୟଙ୍କ ଛଦ୍ମବେଶ ଧରି ଜାହାଜ ମଧ୍ୟରେ ପ୍ରବେଶ କଲେ । ଶହ ଶହ ଚା' ପେଟିକୁ ସେମାନେ ସମୁଦ୍ର ମଧ୍ୟକୁ ନିକ୍ଷେପ କଲେ । ଏହି ଘଟଣାକୁ ଆମେରିକୀୟମାନେ "ବୋଷ୍ଟନ ଟି ସଂଘର୍ଷ" ନାମରେ ବର୍ଣ୍ଣନା



(ବୋଷ୍ଟନ ଟି ପାର୍ଟି)

କରିଛନ୍ତି । ଉକ୍ତ ଘଟଣାର ପ୍ରତିକାର ସ୍ୱରୂପ ଇଂଲଣ୍ଡର ପ୍ରଧାନମନ୍ତ୍ରୀ ଲର୍ଡ ନର୍ଥ ଆଇନ ପ୍ରଣୟନ କରି ବୋଷ୍ଟନ ବନ୍ଦରକୁ ବନ୍ଦ କରିଦେଲେ । ସାଧାରଣ ସଭା ଉପରେ ନିଷେଧାଜ୍ଞା ଜାରି କରାଇଲେ ।

### ବିଦ୍ରୋହ ଆରମ୍ଭ :

୧୭୭୪ ଖ୍ରୀଷ୍ଟାବ୍ଦରେ ମାସାଚୁସେଟ୍ସ୍‌ର ଅଧିନାୟକତ୍ୱରେ ୧୩ଗୋଟି ଉପନିବେଶ ମଧ୍ୟରୁ ଜର୍ଜିଆ ବ୍ୟତୀତ ଅନ୍ୟ ଉପନିବେଶର ପ୍ରତିନିଧିମାନେ ଫିଲାଡ଼େଲଫିଆ ନାମକ ସ୍ଥାନରେ ସମ୍ମିଳିତ ହେଲେ । ଉକ୍ତ ସମ୍ମିଳନୀରେ ଟମାସ୍ ଜେଫରସନ, ବେଞ୍ଜାମିନ୍ ଫ୍ରାଙ୍କଲିନ୍ ଓ ଜର୍ଜ ୱାଶିଂଟନ୍ ଆଦି ମୁଖ୍ୟ ଭୂମିକା ନେଇଥିଲେ । ସେଠାରେ ସେମାନେ ଉପନିବେଶୀୟ ଅଧିକାର ନାମରେ ଏକ ଦଲିଲ୍ ପ୍ରସ୍ତୁତ କଲେ । ୧୭୭୬ ଖ୍ରୀଷ୍ଟାବ୍ଦ ଜୁଲାଇ ୪ ତାରିଖରେ ଫିଲାଡେଲ୍‌ଫିଆ ଠାରେ ଅନ୍ୟ ଏକ ସମ୍ମିଳନୀରେ ତେରଗୋଟି ଉପନିବେଶର

ପ୍ରତିନିଧିମାନେ ସମ୍ମିଳିତ ଭାବେ ସେମାନଙ୍କ ଉପନିବେଶଗୁଡ଼ିକୁ "ମୁକ୍ତ ଓ ସ୍ୱାଧୀନ" ବୋଲି ଘୋଷଣା କଲେ । ଏହି ଘଟଣାଟି "ସ୍ୱାଧୀନତାର ଘୋଷଣା" ନାମରେ ବିଖ୍ୟାତ । ଏହା ଯୁକ୍ତରାଷ୍ଟ୍ର ଆମେରିକା ଦେଶକୁ ଜନ୍ମ ଦେଲା । ସେମାନେ ଟମାସ୍



(ଜର୍ଜୱାଶିଂଟନ୍)

ଜେଫରସନ୍‌ଙ୍କ ପ୍ରଣୀତ 'ସ୍ୱାଧୀନତାର ଘୋଷଣା ପତ୍ର'ରେ ସ୍ୱାକ୍ଷର କଲେ । ଏହି ଘୋଷଣା ପତ୍ରର ମୂଳମନ୍ତ୍ର ଥିଲା, "ସମସ୍ତ ମନୁଷ୍ୟ ସ୍ୱାଧୀନ ଭାବରେ ସୁଖୀ ଜୀବନ ଯାପନକରିବା ସେମାନଙ୍କର ଜନ୍ମଗତ ଅଧିକାର । ଏହି ଅଧିକାରରୁ ମନୁଷ୍ୟକୁ କୌଣସି କାରଣରୁ ବଞ୍ଚିତ କରାଯାଇପାରିବ ନାହିଁ ।" ଶାସିତମାନଙ୍କ ସମ୍ମତିରୁ ହିଁ ଶାସକ କ୍ଷମତା ପ୍ରାପ୍ତ ହୁଏ ଏବଂ ଏକଛତ୍ରବାଦ ବିରୁଦ୍ଧରେ ବିଦ୍ରୋହ କରିବା ପ୍ରତ୍ୟେକଙ୍କ ଅଧିକାର ବୋଲି ଏହି ଘୋଷଣା ପତ୍ରରେ ଉଲ୍ଲେଖ ଥିଲା । ସେହିଠାରେ ଇଂଲଣ୍ଡ ବିରୋଧରେ ଯୁଦ୍ଧ ଘୋଷଣା କରାଯାଇଥିଲା । ସେତେବେଳେ ଇଂଲଣ୍ଡର ରାଜାଥିଲେ ତୃତୀୟ ଜର୍ଜ । ତାଙ୍କ ଆଦେଶରେ ଇଂଲଣ୍ଡର ନୌବାହିନୀ ଆମେରିକାକୁ ପଠାଗଲା । ଏହାର ନେତୃତ୍ୱ ନେଇଥିଲେ ଲର୍ଡ କର୍ଣ୍ଣୱାଲିସ୍ ଓ ବରଗୋୟେନ ।

> **ତୁମେ ଜାଣିଛ କି ?**
>
> ୧୭୭୬ ଜୁଲାଇ ୪ ତାରିଖରେ ଅମେରିକୀୟ ଉପନିବେଶବାସୀମାନେ ସ୍ୱାଧୀନତା ଘୋଷଣା କରିଥିବାରୁ ପ୍ରତିବର୍ଷ ଏହି ଦିବସକୁ ଯୁକ୍ତରାଷ୍ଟ୍ର ଆମେରିକାର ଅଧିବାସୀମାନେ ନିଜ ଦେଶର ସ୍ୱାଧୀନତା ଦିବସ ରୂପେ ପାଳନ କରନ୍ତି ।
>
> ଟମାସ୍ ଜେଫରସନ୍‌ଙ୍କ "ସ୍ୱାଧୀନତା ଘୋଷଣାପତ୍ର" ଆଧୁନିକ ଗଣତନ୍ତ୍ରର ବିକାଶରେ ଏକ ମାଇଲ୍‌ଖୁଣ୍ଟ ରୂପେ ପରିଗଣିତ ।

ଉପନିବେଶବାସୀଙ୍କ ସେନାପତିଥିଲେ ଜର୍ଜ ୱାଶିଂଟନ । ୧୭୭୭ ଖ୍ରୀଷ୍ଟାବ୍ଦରେ ଇଂଲଣ୍ଡର ସେନାଧକ୍ଷ ବରଗୋୟେନ ଆମେରିକୀୟମାନଙ୍କ ଦ୍ୱାରା ପରାଜିତ ହେଲେ । ପରିଶେଷରେ ୧୭୮୧ ଖ୍ରୀଷ୍ଟାବ୍ଦରେ ଇଂରେଜ ସେନାଧକ୍ଷ ଲର୍ଡ କର୍ଣ୍ଣୱାଲିସ୍ ଭର୍ଜିନିଆର ୟର୍କ ଟାଉନଠାରେ ପରାଜିତ ହୋଇ ଆମେରିକୀୟଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ । ୧୭୮୩ ଖ୍ରୀଷ୍ଟାବ୍ଦରେ ପ୍ୟାରିସ୍‌ଠାରେ ଏକ ଶାନ୍ତିଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଇଂଲଣ୍ଡ ୧୩ଗୋଟି ଆମେରିକୀୟ ଉପନିବେଶଗୁଡ଼ିକର ସ୍ୱାଧୀନତାକୁ ସ୍ୱୀକୃତି ଦେଲା ।

**ସ୍ୱାଧୀନତା ସଂଗ୍ରାମର ଫଳାଫଳ :**

ସ୍ୱାଧୀନତା ଲାଭ ପରେ ତେର ଗୋଟି ଉପନିବେଶର ପ୍ରତିନିଧିମାନେ ଫିଲାଡ଼େଲଫିଆଠାରେ ଏକ ସମ୍ମିଳନୀରେ ମିଳିତ ହୋଇ ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ର ଗଠନ କଲେ । ଏହା ଆଧୁନିକ ପୃଥିବୀର ସର୍ବପ୍ରଥମ ସାଧାରଣତନ୍ତ୍ର ରାଷ୍ଟ୍ର ରୂପେ ପରିଚିତ ହେଲା । ଏହାର ଏକ ଲିଖିତ ସମ୍ବିଧାନ ପ୍ରସ୍ତୁତ କରାଗଲା । ଏହା ଗଣତନ୍ତ୍ର ଶାସନର ରୂପରେଖ ଥିଲା । ଜର୍ଜ ୱାଶିଂଟନ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରଥମ ରାଷ୍ଟ୍ରପତି ରୂପେ ନିର୍ବାଚିତ ହେଲେ । ପ୍ରତ୍ୟେକ ନାଗରିକ ସ୍ୱାଧୀନତା ଓ ନ୍ୟାୟ ପାଇବା ଅଧିକାରକୁ ସମ୍ବିଧାନରେ ସ୍ୱୀକୃତି ଦିଆଗଲା । ଏହି ସ୍ୱାଧୀନତା ସଂଗ୍ରାମ ଉପନିବେଶବାଦର ବିଲୋପ କରିବାରେ ସହାୟ ହୋଇଥିଲା ଏବଂ ଅନ୍ୟ ଦେଶକୁ ସ୍ୱାଧୀନତା ପାଇଁ ଉତ୍ସାହିତ କରିଥିଲା । ଏହା ଫରାସୀ ସାମନ୍ତଗୋଷ୍ଠୀ ଓ ସ୍ୱେଚ୍ଛାଚାରୀ ଶାସକ ବିରୁଦ୍ଧରେ ବିଦ୍ରୋହ କରିବାପାଇଁ ପ୍ରେରଣା ଯୋଗାଇଥିଲା ।

> **ତୁମପାଇଁ କାମ :**
>
> ଇଂଲଣ୍ଡର ଶକ୍ତିଶାଳୀ ସେନାବାହିନୀ କାହିଁକି ଆମେରିକା ସ୍ୱାଧୀନତା ସଂଗ୍ରାମରେ ପରାଜୟ ବରଣ କରିଥିଲେ, ଅନୁଶୀଳନ କର ।

## ଫରାସୀ ରାଷ୍ଟ୍ର ବିପ୍ଳବ (୧୭୮୯)

୧୭୮୯ ଖ୍ରୀଷ୍ଟାବ୍ଦରେ ଫ୍ରାନ୍ସର ରାଜନୈତିକ କ୍ଷେତ୍ରରେ ଏକ ଯୁଗାନ୍ତକାରୀ ଘଟଣା ଘଟିଥିଲା; ଯାହାକି ବିଶ୍ୱବାସୀଙ୍କୁ ଚକିତ କରିଦେଲା । ଫରାସୀମାନେ ସ୍ୱେଚ୍ଛାଚାରୀ ରାଜତନ୍ତ୍ର ବିରୁଦ୍ଧରେ ପ୍ରତ୍ୟକ୍ଷ ପଦକ୍ଷେପ ନେଇ ଫ୍ରାନ୍ସ ଇତିହାସକୁ ବଦଳାଇ ଦେଇଥିଲେ । ଦୀର୍ଘଦିନର ଅସନ୍ତୋଷର ପରିସମାପ୍ତି ଘଟିଲା । ଏହା ମୁଖ୍ୟତଃ ନିମ୍ନଲିଖିତ କାରଣଗୁଡ଼ିକ ଯୋଗୁ ଘଟିଥିଲା ।

**ସ୍ୱେଚ୍ଛାଚାରୀ ରାଜତନ୍ତ୍ର ଶାସନ :**

ସପ୍ତଦଶ ଶତାବ୍ଦୀରୁ ଅଷ୍ଟାଦଶ ଶତାବ୍ଦୀର ଶେଷଦଶକ ପର୍ଯ୍ୟନ୍ତ ଫ୍ରାନ୍ସରେ ବୋର୍ବୋଁ ବଂଶୀୟ ଶାସକମାନେ ରାଜତ୍ୱ କରୁଥିଲେ । ସେମାନେ ସ୍ୱେଚ୍ଛାଚାରୀ ଶାସକ ଥିଲେ । ୧୬୪୩ ଖ୍ରୀଷ୍ଟାବ୍ଦରୁ ୧୭୧୫ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ବୋର୍ବୋଁ ବଂଶର ଚତୁର୍ଦ୍ଦଶ

ଲୁଇ ରାଜାଥିଲେ । ସେ କହୁଥିଲେ "ମୁଁ ହେଉଛି ରାଷ୍ଟ୍ର" । ଦେଶରେ ଆଇନ ବୋଲି କିଛି ନଥିଲା । ସେ ଯାହା କହୁଥିଲେ ତାହା ଥିଲା ଆଇନ । ସେ ବିଳାସପୂର୍ଣ୍ଣ ଜୀବନଯାପନ କରୁଥିଲେ । ତାଙ୍କପରେ ପଞ୍ଚଦଶ ଲୁଇ ମଧ୍ୟ ଭୋଗବିଳାସରେ ବୁଡ଼ିରହି ରାଜ୍ୟ ଶାସନ ପ୍ରତି ଦୃଷ୍ଟି ଦେଇନଥିଲେ । ବ୍ୟୟବହୁଳ ଯୁଦ୍ଧକରି ଫ୍ରାନ୍ସର ଆର୍ଥିକ ଦୂରବସ୍ଥା ପାଇଁ ଦାୟୀରହିଥିଲେ। ତାଙ୍କପରେ ଷୋଡ଼ଶ ଲୁଇ ଜିଦ୍‌ଖୋର ଓ ରାଜ୍ୟ ଶାସନ ପାଇଁ ସମ୍ପୂର୍ଣ୍ଣ ଉଦାସୀନ ଥିଲେ । ରାଜା ଓ ତାଙ୍କ ରାଣୀ ମେରି ଏଣ୍ଟୋଇନେଟ ଭୋଗ ବିଳାସରେ ବୁଡ଼ି ରହୁଥିଲେ । ରାଜପ୍ରାସାଦରେ ଥିବା କର୍ମଚାରୀମାନେ ରାଜସ୍ୱ ଆଦାୟର ନଅଭାଗ ବ୍ୟୟ କରୁଥିଲେ । ପ୍ରଜାମାନଙ୍କ ପାଇଁ କୌଣସି ଉନ୍ନତି ମୂଳକ କାର୍ଯ୍ୟ କରାଯାଉନଥିଲା ।


(ଷୋଡ଼ଶ ଲୁଇ)

**ତୁମେ ଜାଣିଛ କି ?**

ଫ୍ରାନସର ରାଜା ଚତୁର୍ଦ୍ଦଶ ଲୁଇ ସ୍ୱେଚ୍ଛାଚାରୀ ଶାସକର ପରିଚୟ ଦେଇ କହିଥିଲେ ''ମୋର ବାଣୀ ହେଉଛି ଶାସନର ନିୟମାବଳୀ। ମୁଁ ଓ ଈଶ୍ୱର ମଧ୍ୟରେ କୌଣସି ପ୍ରଭେଦ ନାହିଁ । ତେଣୁ ମୁଁ ହେଉଛି ପ୍ରଭୁ ଓ ପ୍ରଜାମାନେ ମୋର ସେବକ''।

## ସାମାଜିକ ବିଭାଜନ :

ଫ୍ରାନ୍ସର ସାମାଜିକ ଶ୍ରେଣୀ ଜନ୍ମ, ପଦପଦବୀ ଓ ଧନ ଉପରେ ଭିତ୍ତିକରି ସୃଷ୍ଟିହୋଇଥିଲା । ସମାଜ ଦୁଇଟି ଶ୍ରେଣୀରେ ବିଭକ୍ତ ହୋଇଥିଲା । ଗୋଟିଏ ଥିଲା ସୁବିଧା ସୁଯୋଗ ଉପଭୋଗ କରୁଥିବା ଉଚ୍ଚ ଶ୍ରେଣୀ ଓ ଅନ୍ୟଟି ଥିଲା ଏଥିରୁ ବଞ୍ଚିତ ଅବହେଳିତ, ଶୋଷିତ ଓ ନିର୍ଯ୍ୟାତିତ ନିମ୍ନଶ୍ରେଣୀ। ଧର୍ମଯାଜକ ଓ ସମ୍ଭ୍ରାନ୍ତ ବଂଶୀୟ ଲୋକମାନେ ସୁବିଧାଭୋଗୀ ଶ୍ରେଣୀର ଥିଲେ । ଏମାନଙ୍କ ସଂଖ୍ୟା ସମୁଦାୟ ଲୋକ ସଂଖ୍ୟାର ଶତକଡା ୫ ଭାଗ ଥିଲା । ଏମାନେ ଭୂ-ସମ୍ପତ୍ତିର ମାଲିକ ଥିଲେ । ଯୋଗ୍ୟତା ନଥାଇ ମଧ୍ୟ ସେମାନେ ଉଚ୍ଚ ସରକାରୀ ପଦପଦବୀରେ ନିଯୁକ୍ତ ହେଉଥିଲେ । ଧର୍ମଯାଜକମାନେ ସାଧାରଣ ଲୋକଙ୍କୁ ଶୋଷଣ କରି ଧର୍ମକର ଆଦାୟ କରୁଥିଲେ ତାହାକୁ ନିଜର ଭୋଗ ବିଳାସ ପାଇଁ ବ୍ୟୟ କରୁଥିଲେ। ସୁବିଧାରୁ ବଞ୍ଚିତ ଶ୍ରେଣୀରେ କୃଷକ, କାରିଗର ଓ ସାଧାରଣ ନାଗରିକ ଅନ୍ତର୍ଭୁକ୍ତ ଥିଲେ। ଏମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ ଭାଗଚାଷୀ ଓ ମୂଲିଆ । ସେମାନେ ସାମନ୍ତମାନଙ୍କ କ୍ଷେତରେ ବିନା ପାରିଶ୍ରମିକରେ ଖଟୁଥିଲେ । ସାଧାରଣ କୃଷକମାନେ ଉତ୍ପାଦିତ ଶସ୍ୟର ଚାରିଭାଗରୁ ତିନିଭାଗ କର ଆକାରରେ ଦେଉଥିଲେ । ଜଙ୍ଗଲରୁ ଜାଳେଣୀ ସଂଗ୍ରହ କିମ୍ବା ଅନାବାଦି ଜମିରେ ପଶୁ ଚରାଇବା ଅଧିକାର ସେମାନଙ୍କର ନଥିଲା ।

ସମାଜରେ ଓକିଲ, ଡାକ୍ତର, ଲେଖକ, ଶିକ୍ଷକ ବ୍ୟବସାୟୀ ଓ ଶିଳ୍ପପତିମାନେ ମଧ୍ୟ ସୁବିଧା ବଞ୍ଚିତ ଶ୍ରେଣୀର ଅନ୍ତର୍ଭୁକ୍ତ ଥିଲେ । ସବୁପ୍ରକାର ଯୋଗ୍ୟତା ଥିଲେ ମଧ୍ୟ ସେମାନେ ସରକାରୀ ଚାକିରୀରୁ ବଞ୍ଚିତ ହେଉଥିଲେ । ବ୍ୟବସାୟୀ ଓ ଶିଳ୍ପପତିମାନେ ବ୍ୟବସାୟ କରିବା ଓ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଅନୁମତି ପାଉନଥିଲେ । ଏଥିପାଇଁ ସେମାନେ ସଂଗ୍ରାମ କରିବାକୁ ଆଗଭର ହେଲେ ।

## ଅର୍ଥନୈତିକ ବୈଷମ୍ୟ :

ଶାସକଙ୍କ ବିଳାସପୂର୍ଣ୍ଣ ଜୀବନଯାପନ ସାଙ୍ଗକୁ ଫ୍ରାନ୍ସ ଓ ଇଂଲଣ୍ଡ ମଧ୍ୟରେ ସପ୍ତବର୍ଷବ୍ୟାପୀ ଯୁଦ୍ଧର ଖର୍ଚ୍ଚ ଯୋଗୁ ଫ୍ରାନ୍ସର ରାଜକୋଷ ଶୂନ୍ୟ ହୋଇପଡ଼ିଥିଲା । ବୋର୍ବୋଁ ଶାସକମାନେ ମଧ୍ୟ ଅନ୍ୟ ଦେଶରୁ ଋଣ ସଂଗ୍ରହ କରିଥିଲେ । ଏହି ଅର୍ଥକୁ ପୂରଣକରିବା ପାଇଁ କୃଷକମାନଙ୍କଠାରୁ କର ଆଦାୟ କରାଯାଉଥିଲା । ଲବଣକର, ପଥକର ଓ ଜଳକର ଦେବାକୁ ବାଧ୍ୟ କରାଯାଉଥିଲା । ଫଳରେ କୃଷକ, କାରିଗର ଓ ଅନ୍ୟାନ୍ୟ ସୁବିଧା ବଞ୍ଚିତ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଲା ।

**ତୁମେ ଜାଣିଛ କି ?**

ଆମେରିକା ଉପନିବେଶଗୁଡ଼ିକ ଫ୍ରାନ୍ସ କବଳରୁ ରକ୍ଷା ପାଇବା ପାଇଁ ଇଂଲଣ୍ଡ ଓ ଫ୍ରାନ୍ସ ମଧ୍ୟରେ ଖ୍ରୀ. ୧୭୫୬ରୁ ଖ୍ରୀ. ୧୭୬୩ ପର୍ଯ୍ୟନ୍ତ ଦୀର୍ଘ ସାତବର୍ଷ ଧରି ଯୁଦ୍ଧ ହୋଇଥିଲା । ଏହାକୁ 'ସପ୍ତବର୍ଷ ବ୍ୟାପୀ ଯୁଦ୍ଧ' କହନ୍ତି ।


(ଭଲଟାୟାର)

## ଦାର୍ଶନିକମାନଙ୍କ ଭୂମିକା :

ସେହି ସମୟରେ ପ୍ରସିଦ୍ଧ ଦାର୍ଶନିକ ଭଲଟାୟାର, ମଣ୍ଟେସ୍କ୍ୟୁ ଓ ରୁଷୋ ପ୍ରଚଳିତ ସାମାଜିକ ବ୍ୟବସ୍ଥାର ତ୍ରୁଟି ବିରୁଦ୍ଧରେ ଲୋକମାନଙ୍କ ମନରେ ବିଦ୍ରୋହ ଭାବ ଜନ୍ମାଇଲେ । ମଣ୍ଟେସ୍କ୍ୟୁ ଫ୍ରାନ୍ସର ସ୍ୱେଚ୍ଛାଚାରୀ ରାଜତନ୍ତ୍ର ଶାସନ ଓ ସାମାଜିକ ବୈଷମ୍ୟକୁ ସମାଲୋଚନା କରି "ସ୍ପିରିଟ୍ ଅଫ ଦି ଲ"

ବା "ଆଇନର ତାତ୍ପର୍ଯ୍ୟ" ନାମକ ପୁସ୍ତକ ଲେଖିଥିଲେ । ଭଲ୍‌ଟାୟାର ଫ୍ରାନ୍ସର ଧର୍ମଯାଜକମାନଙ୍କ ଦ୍ୱାରା ଗୀର୍ଜାଗୁଡ଼ିକରେ ହେଉଥିବା ଦୁର୍ନୀତି ଓ ଅନୈତିକ କାର୍ଯ୍ୟପ୍ରତି ଲୋକମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେ ବହୁ ପ୍ରଚାରପତ୍ର



(ମଣ୍ଟେସ୍କୁ)




(ରୁଷୋ)

ମାଧ୍ୟମରେ ସରକାର ଓ ସୁବିଧାଭୋଗୀ ଶ୍ରେଣୀର ଲୋକଙ୍କୁ ସମାଲୋଚନା କରିଥିଲେ । ରୁଷୋ ୧୭୬୧ ଖ୍ରୀଷ୍ଟାବ୍ଦରେ "ସୋସିଆଲ କଣ୍ଟ୍ରାକ୍ଟ" ନାମକ ପୁସ୍ତକ ମାଧ୍ୟମରେ ବିପ୍ଳବର ଇନ୍ଧନ ଯୋଗାଇଥିଲେ । ସେ କହୁଥିଲେ "ମନୁଷ୍ୟ ମୁକ୍ତ ହୋଇ ଜନ୍ମ ଗ୍ରହଣ କରିଛି, ମାତ୍ର ସେ ସବୁକ୍ଷେତ୍ରରେ ଶୃଙ୍ଖଳ ଦ୍ୱାରା ଆବଦ୍ଧ । ରୁଷୋ ତାଙ୍କ ଲେଖା ମାଧ୍ୟମରେ ମୁକ୍ତି, ସାମ୍ୟ, ଭ୍ରାତୃତ୍ୱ ଓ ସାର୍ବଭୌମତ୍ୱ ଉପରେ ଗୁରୁତ୍ୱାରୋପ କରି ବିପ୍ଳବ ପାଇଁ ଇନ୍ଧନ ଯୋଗାଇଥିଲେ । ଏହି ଦାର୍ଶନିକମାନଙ୍କ ବ୍ୟତୀତ ଫ୍ରାନ୍ସର ପ୍ରଭାବଶାଳୀ ଚିନ୍ତାନାୟକମାନେ ସେମାନଙ୍କ ଲେଖା ମାଧ୍ୟମରେ ବିଦ୍ରୋହଭାବ ସୃଷ୍ଟିକରିଥିଲେ ।

**ବିପ୍ଳବର ଘଟଣାବଳୀ :**

ଫ୍ରାନ୍ସର ସାମାଜିକ, ଆର୍ଥିକ ପରିସ୍ଥିତି ଅଣାୟତ୍ତ ହେବାରୁ ଷୋଡ଼ଶ ଲୁଇ ୧୭୮୯ ଖ୍ରୀଷ୍ଟାବ୍ଦ ମେ ମାସ ପାଞ୍ଚ ତାରିଖରେ ଫ୍ରାନ୍ସର ପ୍ରତିନିଧିସଭାର ଏକ ବୈଠକ ଡକାଇଥିଲେ । ସାମନ୍ତ, ପୁରୋହିତ ଓ ସାଧାରଣ ଲୋକଙ୍କୁ ଏକତ୍ର ନ ବସାଇ ସେମାନଙ୍କୁ ଭିନ୍ନ ଭିନ୍ନ ପ୍ରକୋଷ୍ଠରେ ବସାଇବାରୁ, ସାଧାରଣ ଲୋକ ଅପମାନିତ ହୋଇ ନିକଟବର୍ତ୍ତୀ ଟେନିସ୍ ପଡ଼ିଆରେ ମିଳିତହୋଇ ଫ୍ରାନ୍ସ ଦେଶପାଇଁ ସଂବିଧାନ ପ୍ରଚଳିତ ନ ହେବା ପର୍ଯ୍ୟନ୍ତ ସେମାନେ ଏକତ୍ରିତ ରହିବେ ବୋଲି ଶପଥ ନେଲେ । ଏହାକୁ "ଟେନିସ୍ ପଡ଼ିଆ ଶପଥ" କହନ୍ତି । ବିପ୍ଳବପାଇଁ ଆହ୍ୱାନ ଦେଇ ଅତ୍ୟାଚାରର ପ୍ରତୀକ ବାସ୍ତିଲ ଦୁର୍ଗ ଉପରେ ନଜର ପକାଇଥିଲେ । ୧୭୮୯ ଖ୍ରୀଷ୍ଟାବ୍ଦ ଜୁଲାଇ ୧୪ ତାରିଖ ଦିନ ବିପ୍ଳବୀମାନେ ବାସ୍ତିଲ ଦୁର୍ଗ ଆକ୍ରମଣ କରି କାରାଗାର ଭାଙ୍ଗି ଦେଲେ ଏବଂ ବନ୍ଦୀମାନଙ୍କୁ ମୁକ୍ତ କରିଦେଲେ । ବାସ୍ତିଲ ଦୁର୍ଗର ଗଭର୍ଣ୍ଣର ଓ ଦୁର୍ଗରକ୍ଷୀମାନଙ୍କୁ ହତ୍ୟାକଲେ । ବାସ୍ତିଲର ପତନ ପରେ ଷୋଡ଼ଶ ଲୁଇ ନାମକୁ ମାତ୍ର ଶାସକ ହୋଇ ରହିଲେ । ବିଦ୍ରୋହୀମାନେ ପ୍ରତିନିଧି ସଭା ସ୍ଥାନରେ ଜାତୀୟ ସଭା ନାମକ



(ବାସ୍ତିଲ ଦୁର୍ଗ)

ଗୋଟିଏ ପରିଷଦ ଗଠନ କଲେ । ଏହି ସଭାକୁ ପୁଣି ଜାତୀୟ ସଂବିଧାନ ସଭା ନାମରେ ନାମିତ କରି ଦେଶର ଏକ ସଂବିଧାନ ପ୍ରଣୟନ କରାଗଲା । ନୂତନ ସଂବିଧାନରେ ସମସ୍ତଙ୍କୁ ସମାନ ଅଧିକାର ଏବଂ ସ୍ୱାଧୀନତା ଦିଆଗଲା । ଯୋଗ୍ୟତା ଅନୁସାରେ ସରକାରୀ ପଦବୀ ମିଳିବାର ବ୍ୟବସ୍ଥା କରାଗଲା । ସବୁଶ୍ରେଣୀର ଲୋକମାନଙ୍କ ଉପରେ କର ଭାର ସମାନ ହେଲା । ବିନା ବିଚାରରେ ନାଗରିକଙ୍କୁ ବନ୍ଦୀ କରିବାର ଅଧିକାର ବେଆଇନ ବୋଲି ଘୋଷଣା କରାଗଲା ।

ଏହିଘଟଣା ପରେ ଫ୍ରାନ୍ସର ବହୁ ସାମନ୍ତ ଓ ଧର୍ମଯାଜକମାନେ ଦେଶଛାଡି ଅନ୍ୟ ଦେଶକୁ ପଳାଇ ଯାଇ ସେହି ଦେଶରେ ସରକାରଙ୍କୁ ଫରାସୀ ବିପ୍ଳବ ବିରୋଧରେ ପ୍ରବର୍ତ୍ତାଇଲେ । ଇଂଲଣ୍ଡ , ଅଷ୍ଟ୍ରିଆ ଓ ପ୍ରୁସିଆ ଆଦି ଦେଶ ବୋର୍ବୋଁ ଶାସକଙ୍କୁ ସମର୍ଥନ ଜଣାଇଲେ । ଅନ୍ୟପକ୍ଷରେ ଫରାସୀବାସୀ ବିପ୍ଳବ ବିରୋଧୀ ବ୍ୟକ୍ତିମାନଙ୍କୁ ହତ୍ୟାକଲେ ଏବଂ ବିରୋଧୀ ଦେଶମାନଙ୍କ ସହିତ ଯୁଦ୍ଧକଲେ । ନେପୋଲିୟନ ବୋନାପାର୍ଟ ନାମକ ଜଣେ ସେନାପତି ଫରାସୀ ସେନାବାହିନୀର ନେତୃତ୍ୱ ନେଇ ବିଭିନ୍ନ ରଣକ୍ଷେତ୍ରରେ ଶତ୍ରୁମାନଙ୍କୁ ପରାସ୍ତ କଲେ । ୧୭୯୨ ସେପ୍ଟେମ୍ବର ୨୦ ତାରିଖରେ ଶତ୍ରୁ ସୈନ୍ୟମାନେ ପରାଜିତ ହେବା ପରେ ବିପ୍ଳବୀମାନେ ଉକ୍ତ ଦିନ ଏକ ଜାତୀୟ କନ୍‌ଭେନ୍‌ସନ୍ ଆହ୍ୱାନ କଲେ । ଏହି କନ୍‌ଭେନ୍‌ସନ୍ ଦିନଠାରୁ ରାଜତନ୍ତ୍ର ଲୋପପାଇ ଫ୍ରାନ୍ସ ଏକ ସାଧାରଣତନ୍ତ୍ର ରାଷ୍ଟ୍ରରେ ପରିଣତ ହେଲା ବୋଲି ଘୋଷଣା

କରାଗଲା ଏବଂ ପୁରାତନ ସମ୍ବିଧାନ ବଦଳରେ ସାଧାରଣତନ୍ତ୍ର ଭିତ୍ତିକ ନୂତନ ସମ୍ବିଧାନ ପ୍ରଣୟନ କରାଗଲା । ଫ୍ରାନ୍ସର ରାଜାରାଣୀ ବିପ୍ଳବୀଙ୍କ ଭୟରେ ଗଭୀର ରାତ୍ରିରେ ଛଦ୍ମବେଶରେ ପଳାଇ ଯାଉଥିବା ବେଳେ ବିପ୍ଳବୀମାନଙ୍କ ହାତରେ ଧରା ପଡିଥିଲେ । ବିପ୍ଳବୀମାନେ ୧୭୯୩ ଖ୍ରୀଷ୍ଟାବ୍ଦରେ "ଗିଲୋଟିନ୍" ନାମକ ଯନ୍ତ୍ର ସାହାଯ୍ୟରେ ରାଜା ଷୋଡ଼ଶ ଲୁଇ ଓ ରାଣୀଙ୍କ ମୁଣ୍ଡକାଟ କରିଥିଲେ ।



**(ଗିଲୋଟିନ୍ ଯନ୍ତ୍ର)**

**ଫରାସୀ ବିପ୍ଳବର ପ୍ରଭାବ :**

ଫରାସୀ ରାଷ୍ଟ୍ର ବିପ୍ଳବ ସମଗ୍ର ପୃଥିବୀକୁ ପ୍ରଭାବିତ କରିଥିଲା । ଏହା ରାଜତନ୍ତ୍ର ଶାସନକୁ ଧ୍ୱଂସକରି ପ୍ରଜାତନ୍ତ୍ର ଶାସନ ପ୍ରତିଷ୍ଠା କରିଥିଲା । ଏହା ସାମନ୍ତବାଦ ଲୋପ କରିବାରେ ସହାୟ ହୋଇଥିଲା । ଗୀର୍ଜାଗୁଡ଼ିକ ଅଧୀନରେ ଥିବା ସଂପତ୍ତିକୁ ବାଜ୍ୟାପ୍ତ କରାଯାଇ ମଧ୍ୟବିତ୍ତ ଓ କୃଷକମାନଙ୍କ ମଧ୍ୟରେ ବାଣ୍ଟି ଦିଆଯାଇଥିଲା । ଧର୍ମଗତ ସ୍ୱାଧୀନତା ପ୍ରଦାନ କରାଯାଇଥିଲା । ଆଧୁନିକ ଯୁଗରେ ଗଣଆନ୍ଦୋଳନ ପରମ୍ପରା ସୃଷ୍ଟି ହେଲା । ଏହା ସ୍ୱେଚ୍ଛାଚାରୀ ରାଜତନ୍ତ୍ର ବିରୋଧରେ ବିପ୍ଳବ କରିବାକୁ ପ୍ରେରଣା ଦେଇଥିଲା ।


## ଜର୍ମାନୀ ଏକତ୍ରୀକରଣ

ସପ୍ତଦଶ ଶତାବ୍ଦୀର ଶେଷ ଭାଗରେ ଜର୍ମାନୀରେ ଖ୍ରୀଷ୍ଟଧର୍ମ ବିଭେଦକୁ ନେଇ ଗୃହଯୁଦ୍ଧ ଆରମ୍ଭ ହୋଇଥିଲା । ଫଳରେ ଜର୍ମାନୀ ରାଷ୍ଟ୍ର କେତେଗୁଡ଼ିଏ ଛୋଟ ଛୋଟ ରାଜ୍ୟରେ ପରିଣତ ହୋଇଥିଲା । ନେପୋଲିୟନ୍ ଏହି ରାଜ୍ୟଗୁଡ଼ିକ ଅଧିକାର କରି "ରାଇନ ରାଜ୍ୟଗୋଷ୍ଠୀ" ଗଠନ କଲେ । ଏହି ରାଇନ ରାଜ୍ୟଗୋଷ୍ଠୀ ଭବିଷ୍ୟତରେ ଜର୍ମାନୀ ଏକତ୍ରୀକରଣ ପାଇଁ ସହାୟ ହେଲା । ନେପୋଲିୟନଙ୍କ ପତନ ପରେ ଅଷ୍ଟ୍ରିଆର ଭିଏନା କଂଗ୍ରେସର ମୁଖ୍ୟ ମେଟରନିକ୍ ଜର୍ମାନୀମାନଙ୍କ ଜାତୀୟତାବାଦକୁ ବିଲୋପକରି ଜର୍ମାନୀକୁ ପୂର୍ବପରି ବିଭାଜିତ କରିଥିଲେ । ଜର୍ମାନ ରାଷ୍ଟ୍ର ଗଠନ ପାଇଁ ପ୍ରୁସିଆ ଓ ଅଷ୍ଟ୍ରିଆ ମଧ୍ୟରେ ପ୍ରତିଦ୍ୱନ୍ଦିତା ଆରମ୍ଭ ହୋଇଥିଲା । ପ୍ରୁସିଆର ଲୋକମାନେ ଜାତିରେ ଜର୍ମାନ ଓ ସମ ଭାଷାଭାଷୀଥିଲେ । ଅଷ୍ଟ୍ରିଆରେ ବିଭିନ୍ନ ଭାଷାଭାଷୀ ଲୋକ ବାସ କରୁଥିଲେ ମଧ୍ୟ ଏହା ଶକ୍ତିଶାଳୀ ସାମ୍ରାଜ୍ୟ ହୋଇଥିବାରୁ ଜର୍ମାନୀ ଉପରେ କର୍ତ୍ତୃତ୍ୱ ଜାରି କରିଥିଲା ।

୧୮୬୧ ଖ୍ରୀଷ୍ଟାବ୍ଦରେ ପ୍ରୁସିଆର ରାଜା ପ୍ରଥମ ଉଇଲିୟମ୍ ସିଂହାସନରେ ଅଧିଷ୍ଠିତ ହୋଇଥିଲେ । ସେ ଜଣେ ସାହସୀ ଓ ବାସ୍ତବବାଦୀ ଶାସକ ଥିଲେ । କାହାକୁ କେଉଁ ପଦବୀରେ ରଖି କାର୍ଯ୍ୟ ହାସଲ କରାଯାଇପାରେ ତାହା ସ୍ଥିର କରିବାରେ ସେ ସିଦ୍ଧହସ୍ତ ଥିଲେ । ସେ ପ୍ରୁସିଆକୁ ଶକ୍ତିଶାଳୀ କରିବାପାଇଁ ସାମରିକ ନୀତିକୁ ପରିବର୍ତ୍ତନ କରାଇ କେତେକ ସଂସ୍କାର ଆଣିବାକୁ ଚାହୁଁଥିଲେ । ତାଙ୍କର ଏହି ନୀତିକୁ ପ୍ରୁସିଆର ପ୍ରତିନିଧିସଭା ବା 'ଡାଏଟ' ବିରୋଧ କରିବାରୁ ସାମ୍ବିଧାନିକ ସଙ୍କଟ ଦେଖାଦେଲା । ଏହିପରି ଘଡିସନ୍ଧି ମୁହୂର୍ତ୍ତରେ ପ୍ରୁସିଆର ରାଜା ପ୍ରଥମ ଉଇଲିୟମ ଜଣେ ଚତୁର ବିଚକ୍ଷଣ କୂଟନୀତିଜ୍ଞ ଅଟୋଭନ୍ ବିସ୍ମାର୍କ ନାମକ ବ୍ୟକ୍ତିଙ୍କୁ ତାଙ୍କର ପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତି ଦେଲେ । ବିସ୍ମାର୍କ୍ ବୁଝିଥିଲେ ଯେ ପ୍ରୁସିଆର ନେତୃତ୍ୱରେ ଜର୍ମାନରାଷ୍ଟ୍ର ଗଠନ ଉଦ୍ୟମକୁ ଅଷ୍ଟ୍ରିଆ ବିରୋଧ କରିବ । ସେହିପରି ଫ୍ରାନ୍ସ, ଡେନମାର୍କ ମଧ୍ୟ ଜର୍ମାନ ଏକତ୍ରୀକରଣକୁ ପ୍ରତିରୋଧ କରିବେ । ତେଣୁ ଯୁଦ୍ଧବିନା ଜର୍ମାନ ଏକତ୍ରୀକରଣ ସମ୍ଭବ ନୁହେଁ । ଏହି ପରିସ୍ଥିତିରେ ବିସ୍ମାର୍କ୍ ପ୍ରଥମ ଉଇଲିୟମ୍‌ଙ୍କ ସାମରିକ ସଂସ୍କାର ପ୍ରସ୍ତାବକୁ ଦୃଢ଼ ସମର୍ଥନ କରିଥିଲେ । ତାଙ୍କ ମତରେ ସମସ୍ୟା ସମାଧାନ କେବଳ ଭାଷଣ କିମ୍ବା ପ୍ରସ୍ତାବ ମାଧ୍ୟମରେ ସମ୍ଭବ ନୁହେଁ । ସେଥିପାଇଁ ପ୍ରୁସିଆରେ ଏକ ଶକ୍ତିଶାଳୀ ସାମରିକ ବାହିନୀ ଆବଶ୍ୟକ ହେଲା । ପ୍ରୁସିଆରେ ସାମରିକ ତାଲିମ ସହ ସାମରିକ ସେବାରେ ଅନ୍ୟୂନ ତିନିବର୍ଷ କାର୍ଯ୍ୟକରିବା ବାଧ୍ୟତାମୂଳକ ହେଲା । ବିସ୍ମାର୍କ୍ ସାମରିକ ତାଲିମ ସହ ଏକ ଶକ୍ତିଶାଳୀ ସେନାବାହିନୀ ଗଠନ କଲେ ।



**(ପ୍ରଥମ ଉଇଲିୟମ୍)**



**(ଅଟୋଭନ୍ ବିସ୍ମାର୍କ୍)**

**ତୁମପାଇଁ କାମ :**

ଆମ ଦେଶର ସାମରିକ ବାହିନୀରେ ପ୍ରବେଶ କରିବାପାଇଁ କି ପ୍ରକାର ଯୋଗ୍ୟତା ଆବଶ୍ୟକ ତାହା ଜାଣ ।

ଡେନମାର୍କ ଶାସନାଧୀନ ଥିବା ସ୍ଲେଜ୍‌ଉଇଗ୍ ଓ ହୋଲ୍‌ଷ୍ଟେନ୍ ନାମକ ଦୁଇଟି ଅଞ୍ଚଳରେ ଜର୍ମାନ୍‌ମାନେ ବସବାସ କରୁଥିଲେ । ଏହି ଦୁଇଟି ଅଞ୍ଚଳ ପାଇବାପାଇଁ ବିସ୍‌ମାର୍କ୍ ଅଷ୍ଟ୍ରିଆର ସାହାଯ୍ୟ ଲୋଡ଼ିଲେ । ଅଷ୍ଟ୍ରିଆ ଓ ପ୍ରୁସିଆର ମିଳିତ ସେନାବାହିନୀ ୧୮୬୪ ମସିହାରେ ଡେନ୍‌ମାର୍କ ଆକ୍ରମଣ କଲେ । ଡ଼େନ୍‌ମାର୍କ ପରାସ୍ତ ହେବାରୁ ସ୍ଲେଜ୍‌ଉଇଗ୍, ପ୍ରୁସିଆ ଅଧିକାରରେ ଓ ହୋଲଷ୍ଟେନ୍ ଅଷ୍ଟ୍ରିଆ ଅଧିକାରରେ ରହିଲା । ପ୍ରୁସିଆ ସହିତ ଗୋଟିଏ ଅଞ୍ଚଳ ମିଶିଯିବାପରେ ପ୍ରୁସିଆ ଅଧୀନରେ ଜର୍ମାନୀ ଏକତ୍ରୀକରଣ ହେବାର ଆଶା ସଂଚାର ହେଲା । ଏହାପରେ ବିସ୍‌ମାର୍କ୍ ଅଷ୍ଟ୍ରିଆ ଆକ୍ରମଣ କରିବା ଲକ୍ଷ୍ୟରେ ୟୁରୋପୀୟ ରାଷ୍ଟ୍ରମାନଙ୍କ ସହିତ ସୁସମ୍ପର୍କ ସ୍ଥାପନକଲେ । ଅଧିକାଂଶ ୟୁରୋପୀୟ ରାଷ୍ଟ୍ର ପ୍ରୁସିଆକୁ ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେଲେ । ବିସ୍‌ମାର୍କଙ୍କ ଚେଷ୍ଟାରେ ରୁଷିଆ ଓ ଫ୍ରାନ୍ସ ଯୁଦ୍ଧ ସମୟରେ ନିରପେକ୍ଷ ରହିବାକୁ ରାଜି ହୋଇଥିଲେ । ୧୮୬୬ ମସିହା ଜୁନ୍ ମାସରେ ପ୍ରୁସିଆ, ଅଷ୍ଟ୍ରିଆ ବିରୋଧରେ ଯୁଦ୍ଧ ଘୋଷଣା କଲା । ପ୍ରୁସିଆର ଶକ୍ତିଶାଳୀ ସୈନ୍ୟବାହିନୀକୁ ଅଷ୍ଟ୍ରିଆ ପ୍ରତିରୋଧ କରିପାରିଲାନାହିଁ । ଜର୍ମାନ ରାଜ୍ୟଗୁଡ଼ିକୁ ଗୋଟିଏ ପରେ ଗୋଟିଏ ପ୍ରୁସିଆ ଅଧିକାର କରିନେଲା । ୧୮୬୬ ମସିହା ଜୁଲାଇ ମାସରେ ସାଡୋଓ୍ୱା ଯୁଦ୍ଧରେ ଅଷ୍ଟ୍ରିଆ ପରାଜିତ ହେଲା । ପ୍ରୁସିଆର ସୈନ୍ୟବାହିନୀ ଅଷ୍ଟ୍ରିଆର ରାଜଧାନୀ ଭିଏନା ପର୍ଯ୍ୟନ୍ତ ମାଡ଼ିଗଲେ ।

**ତୁମପାଇଁ କାମ :**

ୟୁରୋପର ମାନଚିତ୍ର ଦେଖି ଜର୍ମାନୀକୁ ଲାଗି ରହିଥିବା ଅନ୍ୟ ଦେଶଗୁଡ଼ିକର ନାମ ତାଲିକା କର ।

ଅଷ୍ଟ୍ରିଆ ପରେ ବିସ୍‌ମାର୍କ୍ ଫ୍ରାନ୍ସ ସହିତ ଯୁଦ୍ଧକରିବାର ଲକ୍ଷ୍ୟ ରଖିଥିଲେ । ଜର୍ମାନ ଅଞ୍ଚଳ ଆଲସେସ୍ ଏବଂ ଲୋରେନ୍ ଫ୍ରାନ୍ସର ଅଧୀନରେ ଥିଲା । ନେପୋଲିୟନ ବୋନାପାର୍ଟଙ୍କ ଆକ୍ରମଣ ସମୟଠାରୁ ଫ୍ରାନ୍ସ ସହିତ ଜର୍ମାନୀର ସମ୍ପର୍କ ତିକ୍ତ ହୋଇଯାଇଥିଲା । ଫ୍ରାନ୍ସ ଦେଶରେ ପ୍ରୁସିଆ ବିରୁଦ୍ଧରେ ପ୍ରତିଶୋଧ ନେବା ନିମନ୍ତେ ଜନମତ ପ୍ରକାଶ ପାଇଥିଲା । ୧୮୭୦ ମସିହା ଜୁଲାଇ ୧୫ ତାରିଖରେ ଫ୍ରାନ୍ସର ସମ୍ରାଟ ତୃତୀୟ ନେପୋଲିୟନ ପ୍ରୁସିଆ ବିରୁଦ୍ଧରେ ଯୁଦ୍ଧଘୋଷଣା କଲେ । ଫ୍ରାନ୍ସ ଆକ୍ରମଣ କରିବା ପୂର୍ବରୁ ପ୍ରୁସିଆ ନିଜର ସୁସଂଗଠିତ ବିଶାଳ ସେନାବାହିନୀ ଦ୍ୱାରା ଫ୍ରାନ୍ସ ଆକ୍ରମଣ କଲା । ୧୮୭୦ ମସିହାରେ ଫ୍ରାନ୍ସର ସେନାବାହିନୀ ଓ ପ୍ରୁସିଆର ସେନାବାହିନୀ ସେଦାନ ନାମକ ସ୍ଥାନରେ ସମ୍ମୁଖୀନ ହେଲେ । ଏହାକୁ ସେଦାନ ଯୁଦ୍ଧ କହନ୍ତି । ଏହି ଯୁଦ୍ଧରେ ଫ୍ରାନ୍ସ ପରାସ୍ତ ହେଲା । ପ୍ରୁସିଆର ସୈନ୍ୟବାହିନୀ ଫ୍ରାନ୍ସର ରାଜଧାନୀ ପ୍ୟାରିସ୍ ଅବରୋଧ କଲେ । ଫ୍ରାନ୍ସ ଓ ପ୍ରୁସିଆ ମଧ୍ୟରେ ଏକ ସନ୍ଧି ସ୍ୱାକ୍ଷରିତ ହେଲା । ଏହାର ସର୍ତ୍ତ ଅନୁଯାୟୀ ଫ୍ରାନ୍ସ ଅଧିକୃତ ଆଲସେସ୍ ଓ ଲୋରେନ୍ ଅଞ୍ଚଳ ପ୍ରୁସିଆକୁ ହସ୍ତାନ୍ତର କରାଗଲା । ଏହିପରିଭାବେ ପ୍ରୁସିଆର ନେତୃତ୍ୱରେ ବିସ୍‌ମାର୍କ୍ ଜର୍ମାନ୍ ରାଜ୍ୟଗୁଡ଼ିକୁ ଏକତ୍ରକରିବାରେ ସକ୍ଷମ ହୋଇଥିଲେ । ଜର୍ମାନ୍ ଏକତ୍ରୀକରଣ ପରେ ବିସ୍‌ମାର୍କ୍ ଜର୍ମାନ୍ ସାମ୍ରାଜ୍ୟର ଚାନ୍‌ସେଲର୍ ହେଲେ । ବର୍ଲିନ ଏହାର ରାଜଧାନୀ ହେଲା ।

## ଇଟାଲୀ ଏକତ୍ରୀକରଣ

ୟୁରୋପ ମହାଦେଶର ଦକ୍ଷିଣଭାଗରେ ଅବସ୍ଥିତ ଇଟାଲୀ ଏକ ଉପଦ୍ୱୀପ । ଏହାର ଉତ୍ତରରେ ଆଲ୍‌ପ୍‌ସ୍ ପର୍ବତମାଳା ରହିଅଛି । ଅଷ୍ଟାଦଶ ଶତାବ୍ଦୀର ଶେଷଭାଗକୁ ଇଟାଲୀ ତାର ରାଜନୈତିକ ଏକତା ହରାଇ ଛୋଟ ଛୋଟ ରାଜ୍ୟରେ ବିଭକ୍ତ ହୋଇଥିଲା । ଏହି ରାଜ୍ୟଗୁଡ଼ିକ ସବୁବେଳେ ପରସ୍ପର ମଧ୍ୟରେ ଯୁଦ୍ଧରେ ବ୍ୟସ୍ତ ରହୁଥିଲେ । ଅଷ୍ଟ୍ରିଆ ଓ ସ୍ପେନ୍ ଇଟାଲୀ ଉପରେ ସେମାନଙ୍କର ପ୍ରାଧାନ୍ୟ ବିସ୍ତାର କରିଥିଲେ । ଏକଦା ନେପୋଲିୟନବୋନାପାର୍ଟ ସମଗ୍ର ଇଟାଲୀକୁ ଅଧିକାର କରି ଅଷ୍ଟ୍ରିଆ ଓ ସ୍ପେନ୍‌ର ପ୍ରାଧାନ୍ୟରୁ ମୁକ୍ତ କରିଥିଲେ । ସେ ଇଟାଲୀକୁ ଫ୍ରାନ୍ସର ଶାସନାଧୀନ କରି ଦୃଢ଼ଶାସନ ଦେବା ସଙ୍ଗେ ସଙ୍ଗେ ଇଟାଲୀର ଜାତୀୟ ଐକ୍ୟ ପ୍ରତିଷ୍ଠା କରିଥିଲେ । ନେପୋଲିୟନ୍ ବୋନାପାର୍ଟଙ୍କ ପତନ ପରେ ଭିଏନା କଂଗ୍ରେସଦ୍ୱାରା ଇଟାଲୀ ପୂର୍ବଭଳି ବିଭାଜିତ ହୋଇଥିଲା । ଅଷ୍ଟ୍ରିଆ ଅଧୀନରେ ଉତ୍ତର ଇଟାଲୀର ଲୋମ୍ବାର୍ଡି ଓ ଭେନିସିଆ ଏବଂ କେନ୍ଦ୍ରୀୟ ଇଟାଲୀର ଟସ୍କାନି, ପାର୍ମା ଓ ମଡେନା ରାଜ୍ୟଗୁଡ଼ିକ ରହିଲା । ଦକ୍ଷିଣ ଇଟାଲୀର ମଧ୍ୟଭାଗରେ ଥିବା ରୋମ୍ ଓ ତାର ନିକଟବର୍ତ୍ତୀ ଅଞ୍ଚଳ ପୋପ୍‌ଙ୍କ ଶାସନାଧୀନ ରହିଥିଲା । କେବଳ ପିଡ଼ମଣ୍ଟ-ସାର୍ଡିନିଆ ଇଟାଲୀ ରାଜବଂଶର

ଶାସକଙ୍କ ଅଧୀନରେ ରହିଥିଲା । ଏହି ରାଜବଂଶର ରାଜା ପ୍ରଥମ ଭିକ୍ଟର ଇମାନୁଏଲ ଇଟାଲୀର ଶାସକ ଥିଲେ ।

ଇଟାଲୀର ଏକତ୍ରୀକରଣ ପାଇଁ ପୋପ୍ ଚାହୁଁନଥିବାବେଳେ ଅଷ୍ଟ୍ରିଆ ମଧ୍ୟ ଇଟାଲୀୟମାନଙ୍କ ମଧ୍ୟରେ ଏକତା ଓ ଜାତୀୟତାଭାବ ସୃଷ୍ଟି କରିବାରେ ପ୍ରତିବନ୍ଧକ ସୃଷ୍ଟି କରିଥିଲା । ଏହି ସମୟରେ ଇଟାଲୀର କେତେକ ଉଦାରବାଦୀ ଲେଖକ ନିଜର ଲେଖା ମାଧ୍ୟମରେ ଇଟାଲୀୟମାନଙ୍କ ମନରେ ମୁକ୍ତି ଓ ଏକତା ଭାବ ସୃଷ୍ଟି କରିଥିଲେ । ଇଟାଲୀରେ ଏକତା ଓ ଜାତୀୟତାଭାବ ସୃଷ୍ଟି କରିବାପାଇଁ "କାର୍ବୋନାରୀ" ନାମକ ଏକ ବିପ୍ଳବୀ ସଂଗଠନ ସୃଷ୍ଟି ହୋଇଥିଲା । ଏମାନେ ଇଟାଲୀର ଏକତ୍ରୀକରଣ ପାଇଁ ବିଦ୍ରୋହ କରିଥିଲେ । ଇଟାଲୀୟମାନଙ୍କ ମନରେ ଦେଶପ୍ରେମଭାବ ଜାଗ୍ରତ କରିଥିଲେ । କିନ୍ତୁ ଅଷ୍ଟ୍ରିଆ ଏହି ବିଦ୍ରୋହକୁ ଦମନ କରିଥିଲା । ୧୮୩୦ ମସିହାରେ ପାର୍ମା ଓ ମଡେନା ଆଦି କେନ୍ଦ୍ରୀୟ ଇଟାଲୀ ରାଜ୍ୟମାନଙ୍କରେ ବିଦ୍ରୋହ ଆରମ୍ଭ ହୋଇଥିଲା । ଅଷ୍ଟ୍ରିଆ ପୁନର୍ବାର ଦୃଢ଼ହସ୍ତରେ ବିଦ୍ରୋହକୁ ଦମନ କରିଥିଲା ।

ଅଷ୍ଟ୍ରିଆର ପ୍ରଭୁତ୍ୱ ଲୋପକରି ଓ ଇଟାଲୀ ଭାଷାଭାଷୀ ରାଜ୍ୟମାନଙ୍କୁ ଏକତ୍ରକରି ଏକ କେନ୍ଦ୍ରୀୟଶାସନ ପ୍ରତିଷ୍ଠା କରିବାପାଇଁ ଇଟାଲୀୟ ଜାତୀୟତାବାଦୀ ଦେଶପ୍ରେମୀମାନଙ୍କ ନେତୃତ୍ୱରେ ଉଦ୍ୟମ ଆରମ୍ଭ ହେଲା । ଇଟାଲୀ ଏକତ୍ରୀକରଣ ସ୍ୱପ୍ନକୁ ସାକାର କରିବାପାଇଁ ଆଗେଇ ଆସିଥିଲେ ତିନିଜଣ ଦେଶପ୍ରେମୀ ନେତା ଯଥା– ମାଜ୍ଜିନୀ, କାଭୁର ଓ ଗାରିବାଲଡି ।


(ଯୋଶେଫ୍ ମାଜ୍ଜିନୀ)

ଯୋଶେଫ୍ ମାଜ୍ଜିନୀ ଇଟାଲୀର ଜେନୋଆଠାରେ ୧୮୦୫ ମସିହାରେ ଜନ୍ମଗ୍ରହଣ କରିଥିଲେ । ପ୍ରଥମେ ସେ କାର୍ବୋନାରୀ ସଂଗଠନରେ ଯୋଗ ଦେଇଥିଲେ । ମାତ୍ର ଏହାର ହିଂସାତ୍ମକ କାର୍ଯ୍ୟକଳାପରେ ସନ୍ତୁଷ୍ଟ ନହୋଇ ସେ ଏକ ସ୍ୱତନ୍ତ୍ର ସଂଗଠନ ପ୍ରତିଷ୍ଠା କଲେ । ୧୮୩୧ ମସିହାରେ 'ତରୁଣ ଇଟାଲୀ' ନାମକ ଏକ ସଂଗଠନ ଗଢ଼ି ତା'ରି ମାଧ୍ୟମରେ ଯୁବକମାନଙ୍କୁ ଇଟାଲୀୟମାନଙ୍କ ମନରେ ମୁକ୍ତି ଓ ଏକତା ଭାବ ସୃଷ୍ଟିକରିବାପାଇଁ ନିର୍ଦ୍ଦେଶ ଦେଲେ । ଏହି ତରୁଣ ଇଟାଲୀ ଦଳର ପତାକାରେ ଲେଖାଥିଲା "ଏକତା ଓ ମୁକ୍ତି" । ଏହି ଯୁବକମାନଙ୍କ ଦ୍ୱାରା ଗଣବିପ୍ଳବ ମାଧ୍ୟମରେ ଏକତା ପ୍ରତିଷ୍ଠା କରିବା ତାଙ୍କର ଲକ୍ଷ୍ୟଥିଲା ।

**ତୁମେ ଜାଣିଛ କି ?**

କାର୍ବୋନାରୀ ସଂଗଠନର ସଦସ୍ୟମାନେ ଅଙ୍ଗାର ଜଳାଇ ତାର ଚାରିପଟେ ବସି ଆଲୋଚନା କରି ବିଭିନ୍ନ ପଦକ୍ଷେପମାନ ନେଉଥିଲେ । ସେମାନଙ୍କ ଦଳର ପ୍ରତୀକ ଥିଲା ଜ୍ୱଳନ୍ତ ଅଙ୍ଗାର ।

ମାଜ୍ଜିନୀଙ୍କ ନେତୃତ୍ୱରେ ବିପ୍ଳବୀମାନେ ରୋମରେ ପୋପ୍ ଶାସନର ଅବସାନ ଘଟାଇ ସେଠାରେ ସାଧାରଣତନ୍ତ୍ର ପ୍ରତିଷ୍ଠା କରାଇଥିଲେ । ତାଙ୍କର ତରୁଣ ଇଟାଲୀ ସଂଗଠନ ସିସିଲିରେ ବିଦ୍ରୋହ କରିଥିଲା କିନ୍ତୁ ସେହି ବିଦ୍ରୋହକୁ ଦମନ କରାଯାଇଥିଲା । ମାଜ୍ଜିନୀଙ୍କ ଏହି ଜାତୀୟତାବାଦୀ କାର୍ଯ୍ୟ ଯୋଗୁଁ ତାଙ୍କୁ ଇଟାଲୀରୁ ନିର୍ବାସିତ କରାଯାଇଥିଲା । ଇଟାଲୀ ଏକତ୍ରୀକରଣରେ ବିଶେଷ ସଫଳତା ପାଇନଥିଲେ ମଧ୍ୟ ଇଟାଲୀବାସୀଙ୍କ ମନରେ ଐକ୍ୟ ଭାବ ସୃଷ୍ଟି କରିବାରେ ସେ ସକ୍ଷମ ହୋଇଥିଲେ ।

ଜାତୀୟତାବାଦୀ ଆନ୍ଦୋଳନ ଦ୍ୱାରା ପ୍ରଭାବିତହୋଇ ୟୁରୋପରେ ଗଣବିପ୍ଳବ ଦେଖା ଦେଇଥିଲା । ଏହାର ପ୍ରଭାବ ଇଟାଲୀ ଉପରେ ପଡିଥିଲା । ଇଟାଲୀର ଅନେକ ରାଜ୍ୟରେ ବିଦ୍ରୋହ ଦେଖା ଦେଇଥିଲା । ସାର୍ଡ଼ିନିଆର ରାଜା ଚାର୍ଲସ ଆଲବର୍ଟ ଅଷ୍ଟ୍ରିଆ ବିରୋଧରେ ବାରମ୍ବାର ଯୁଦ୍ଧକରି ପରାସ୍ତ ହେବାରୁ ସିଂହାସନ ତ୍ୟାଗ କରିଥିଲେ । ତାଙ୍କପୁତ୍ର ଦ୍ୱିତୀୟ ଭିକ୍ଟର ଇମାନୁଏଲ ସାର୍ଡ଼ିନିଆର ରାଜାହେଲେ । ବିଚକ୍ଷଣ ରାଜନୀତିଜ୍ଞ କାଉଣ୍ଟ କାଭୁରଙ୍କୁ ସେ ତାଙ୍କର ପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତି ଦେଇଥିଲେ । ପ୍ରଧାନମନ୍ତ୍ରୀ କାଭୁର ଜଣେ ମହାନ ଦେଶଭକ୍ତ, ଉଦାରପନ୍ଥୀ ନେତା ତଥା ଦକ୍ଷ ପ୍ରଶାସକ ଥିଲେ । କୌଣସି ଶକ୍ତିଶାଳୀ ବିଦେଶୀ ରାଷ୍ଟ୍ର ସାହାଯ୍ୟ ବିନା ଇଟାଲୀ ଏକତ୍ରୀକରଣ ସମ୍ଭବ ନୁହେଁ ବୋଲି ସେ ବୁଝିଥିଲେ ।


(କାଉଣ୍ଟକାଭୁର)

ପିଡମଣ୍ଟ ସାର୍ଡ଼ିନିଆ ନେତୃତ୍ୱରେ ଏହା ସମ୍ଭବ ହେବବୋଲି ସେ ବିଶ୍ୱାସ ରଖିଥିଲେ । ଇତିମଧ୍ୟରେ ୧୮୫୪ ମସିହାରେ ରୁଷିଆ ବିରୁଦ୍ଧରେ ଫ୍ରାନ୍ସ ଯୁଦ୍ଧଘୋଷଣା କଲା । ଏହାକୁ କ୍ରିମିଆ ଯୁଦ୍ଧ କୁହାଯାଏ । ଏହି ଯୁଦ୍ଧରେ ପିଡମଣ୍ଟ ସାର୍ଡିନିଆ ଫ୍ରାନ୍ସ ଓ ଇଂଲଣ୍ଡ ସପକ୍ଷରେ ଯୋଗ ଦେଲା । କ୍ରିମିଆ ଯୁଦ୍ଧରେ ଫ୍ରାନ୍ସ ଓ ଇଂଲଣ୍ଡ ବିଜୟୀ ହେଲେ । କ୍ରିମିଆ ଯୁଦ୍ଧ ପରେ ଏକ ଶାନ୍ତି ଚୁକ୍ତି ପ୍ୟାରିସଠାରେ ସ୍ୱାକ୍ଷରିତ ହୋଇଥିଲା । ଏହି ଚୁକ୍ତିରେ କାଭୁର ଯୋଗଦେଇ ସମଗ୍ର ୟୁରୋପକୁ ଇଟାଲୀ ଏକତ୍ରୀକରଣ ସମ୍ବନ୍ଧରେ ଅବଗତ କରାଇଥିଲେ । ଅଷ୍ଟ୍ରିଆ ବିରୋଧରେ ନିଜର ମତ ଉପସ୍ଥାପନ କରି ସେ ୟୁରୋପୀୟ ରାଷ୍ଟ୍ରମାନଙ୍କ ସମର୍ଥନ ପାଇ ପାରିଥିଲେ । କ୍ରିମିଆ ଯୁଦ୍ଧରେ ସାର୍ଡ଼ିନିଆ ଫ୍ରାନ୍ସକୁ ସହଯୋଗ କରିଥିବାରୁ ଇଟାଲୀ ଏକତ୍ରୀକରଣ ଦିଗରେ ସାର୍ଡ଼ିନିଆକୁ ସାହାଯ୍ୟ କରିବାପାଇଁ ଫ୍ରାନ୍ସ ଆଗେଇ ଆସିଥିଲା । ୧୮୫୯ ମସିହାରେ ଅଷ୍ଟ୍ରିଆ ପୁଣି ପିଡ୍‌ମଣ୍ଟ ସାର୍ଡିନିଆ ବିରୋଧରେ ଯୁଦ୍ଧଘୋଷଣା କଲା । ଏହି ଯୁଦ୍ଧରେ ଫ୍ରାନ୍ସର ସହଯୋଗରେ ପିଡ୍‌ମଣ୍ଟ-ସାର୍ଡ଼ିନିଆ, ଅଷ୍ଟ୍ରିଆର ସେନାବାହିନୀକୁ ଶୋଚନୀୟଭାବେ ପରାସ୍ତ କଲା । ଲୋମ୍ବାର୍ଡି, ପାର୍ମା, ମଡେନା, ଟୁସ୍କାନୀ ଓ କେନ୍ଦ୍ରୀୟ ଇଟାଲୀର ରାଜ୍ୟଗୁଡ଼ିକୁ ସାର୍ଡିନିଆ ଗୋଟିକ ପରେ ଗୋଟିଏ ଅଧିକାର କରି ନିଜ ରାଜ୍ୟ ସହିତ ମିଶାଇଦେଲା ।



(ଗାରିବାଲ୍ଡି)

ଦକ୍ଷିଣ ଇଟାଲୀର ନେପ୍‌ଲସ୍ ଓ ସିସିଲିରେ ଇଟାଲୀଏକତ୍ରୀକରଣ ଓ ମୁକ୍ତି ପାଇଁ ଜନଜାଗରଣ ଓ ବିଦ୍ରୋହ ଦେଖାଦେଲା । ମହାନ ସଂଗ୍ରାମୀ ଗାରିବାଲ୍ଡି ଏହାର ନେତୃତ୍ୱ ନେଇଥିଲେ । ମାଜିନୀଙ୍କ ଶିଷ୍ୟ ଗାରିବାଲ୍ଡି "ଲାଲ କୁର୍ତ୍ତା ବାହିନୀ" ନାମକ ମୁକ୍ତିବାହିନୀ ଗଠନ କରି ସିସିଲି ଆକ୍ରମଣ କଲେ । ଏକ ସହସ୍ର ଲାଲକୁର୍ତ୍ତା ବାହିନୀ ଦ୍ୱାରା ଗାରିବାଲ୍ଡି ସିସିଲି ଅଧିକାର କଲେ । ତାପରେ ନେପ୍‌ଲସ୍‌ରେ ପହଞ୍ଚିଲେ । ମୁକ୍ତିବାହିନୀର ଆକ୍ରମଣରେ ନେପ୍‌ଲସ୍ ରାଜା ରାଜ୍ୟଛାଡି ପଳାୟନ କଲେ । ଅନାୟାସରେ ସମଗ୍ର ନେପ୍‌ଲସ୍ ଅଧିକାର କରିବାକୁ ଗାରିବାଲ୍ଡି ସକ୍ଷମ ହୋଇଥିଲେ । ସିସିଲି ଓ ନେପ୍‌ଲସ୍ ଅଧିକାର କରିବାପରେ ଗାରିବାଲ୍ଡି ରୋମ ଆକ୍ରମଣ କରିବାପାଇଁ ଯୋଜନା କରୁଥିବା ସମୟରେ ଭିକ୍ଟର ଇମାନୁଏଲଙ୍କ ସହ ତାଙ୍କର ସାକ୍ଷାତ ହେଲା । ଗାରିବାଲ୍ଡି ଅଭୂତପୂର୍ବ ତ୍ୟାଗ ଓ ଦେଶଭକ୍ତିର ପରିଚୟ ଦେଇ ସିସିଲି ଓ ନେପ୍‌ଲସର ଶାସନ ଭାର ଭିକ୍ଟର ଇମାନୁଏଲଙ୍କୁ ଅର୍ପଣ କରିଦେଲେ । ସେ ଉଚ୍ଚପଦବୀ ଓ ପୁରସ୍କାରକୁ ପ୍ରତ୍ୟାଖ୍ୟାନ କରି ନିଜ ଗ୍ରାମକୁ ଫେରିଗଲେ । ତେଣୁ ଇଟାଲୀ ଇତିହାସ ଗାରିବାଲ୍ଡିଙ୍କୁ "ତ୍ୟାଗୀପୁତ୍ର" ଆଖ୍ୟା ଦେଇଅଛି ।

**ତୁମେ ଜାଣିଛ କି ?**

ଗାରିବାଲ୍ଡି ଦ୍ୱିତୀୟ ଭିକ୍ଟର ଇମାନୁଏଲଙ୍କୁ ସାକ୍ଷାତକରି କହିଥିଲେ "ମୁଁ ଇଟାଲୀର ଯୋଗ୍ୟତମ ରାଜାଙ୍କୁ ଅଭିବାଦନ ଜଣାଉଅଛି" । ଏହାପରେ ଗାରିବାଲଡି ସିସିଲି ଓ ନେପଲସର ଶାସନଭାର ଅର୍ପଣ କରି କେବଳ ଗୋଟିଏ ଶସ୍ୟମଞ୍ଜି ଥଳି ସହ ନିଜର କୃଷିକ୍ଷେତ୍ର କାପ୍‌ରେରା ଦ୍ୱୀପକୁ ଫେରିଯାଇଥିଲେ ।

୧୮୬୬ ମସିହାରେ ଅଷ୍ଟ୍ରିଆ ଓ ପ୍ରୁସିଆ ଯୁଦ୍ଧରେ ଭିକ୍ଟର ଇମାନୁଏଲ ପ୍ରୁସିଆକୁ ସମର୍ଥନ କରିଥିଲେ । ଏହି ଯୁଦ୍ଧ ସେଡୱା ନାମକ ସ୍ଥାନରେ ସଂଘଟିତ ହୋଇଥିଲା । ଏଥିରେ ଅଷ୍ଟ୍ରିଆ ପରାଜିତ ହୋଇଥିଲା ଏବଂ ଏକ ଚୁକ୍ତି ସ୍ୱାକ୍ଷର କରିଥିଲା । ଏହି ଚୁକ୍ତି ଅନୁଯାୟୀ ଅଷ୍ଟ୍ରିଆ ଇଟାଲୀକୁ ଭେନିସିଆ ପ୍ରଦାନ କରିଥିଲା । ୧୯୭୦ ମସିହାରେ ପୁଣିଥରେ ଅଷ୍ଟ୍ରିଆ ଓ ପ୍ରୁସିଆ ମଧ୍ୟରେ ଯୁଦ୍ଧ ହୋଇଥିଲା । ଏହି ଯୁଦ୍ଧରେ ଇମାନୁଏଲ୍ ନିରପେକ୍ଷ ରହିବାପାଇଁ ପ୍ରୁସିଆକୁ ପ୍ରତିଶ୍ରୁତି ଦେଇଥିଲେ । ଯୁଦ୍ଧରେ ଫ୍ରାନ୍ସ ପରାସ୍ତ ହେଲା । ରୋମରେ ଥିବା ଫରାସୀ ସୈନ୍ୟମାନଙ୍କୁ ଅପସାରିତ କରିବାକୁ ଫ୍ରାନ୍ସକୁ ବାଧ୍ୟ କରାଗଲା । ଏହି ସୁଯୋଗରେ ଭିକ୍ଟର ଇମାନୁଏଲ୍ ରୋମ ଅଧିକାର କରିନେଲେ । ରୋମ୍ ଇଟାଲୀର ରାଜଧାନୀ ହେଲା । ଏହିପରିଭାବେ ଇଟାଲୀ ଏକତ୍ରୀକରଣର ଉଦ୍ୟମ ସଫଳ ହୋଇଥିଲା ।

**ତୁମପାଇଁ କାମ :**

ଇଉରୋପ ମାନଚିତ୍ର ଦେଖି ଇଟାଲୀର ଚାରି ଦିଗରେ କଣ ରହିଛି, ତାହା ଲେଖ ।

**ଆମେ କ'ଣ ଶିଖିଲେ ?**

- ଆମେରିକା ସ୍ୱାଧୀନତା ସଂଗ୍ରାମ ଓ ତାହାର ପ୍ରଭାବ
- ଫରାସୀ ରାଷ୍ଟ୍ର ବିପ୍ଳବ ଓ ତା'ର ଫଳାଫଳ
- ଇଟାଲୀ ଓ ଜର୍ମାନୀର ଏକତ୍ରୀକରଣ
- ରୁଷୋ, ଭଲଟାୟାର, ମଣ୍ଟେସ୍କୁ ଆଦି ଦାର୍ଶନିକମାନଙ୍କର ଆଦର୍ଶ ଚିନ୍ତାଧାରା

## ପ୍ରଶ୍ନାବଳୀ

**୧ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୭୫ଗୋଟି ଶବ୍ଦରେ ଲେଖ ।**

(କ) ଆମେରିକା ଉପନିବେଶଗୁଡ଼ିକର ଶାସନ ପ୍ରଣାଳୀ କିପରି ଥିଲା ?

(ଖ) ଷ୍ଟାମ୍ପ ଆଇନ୍ କହିଲେ କ'ଣ ବୁଝ ? ଏହି ଆଇନକୁ ଉପନିବେଶବାସୀମାନେ ବିରୋଧ କରିବାରୁ ଏହାର ବିକଳ୍ପ ବ୍ୟବସ୍ଥା କ'ଣ ହୋଇଥିଲା ?

(ଗ) ଫ୍ରାନ୍ସର ସାମାଜିକ ବିଭାଜନ ଉପରେ ଧାରଣା ଦିଅ ।

(ଘ) ଫରାସୀ ରାଷ୍ଟ୍ରବିପ୍ଳବ କିପରି ସମଗ୍ର ପୃଥିବୀକୁ ପ୍ରଭାବିତ କରିଥିଲା ?

(ଙ) ଜର୍ମାନୀ ଏକତ୍ରୀକରଣ ପାଇଁ ବିସ୍‌ମାର୍କ୍‌ଙ୍କ ଭୂମିକା କ'ଣ ଥିଲା ?

(ଚ) ଇଟାଲୀ ଏକତ୍ରୀକରଣ ପାଇଁ କାଉଣ୍ଟକାଭୁର୍‌ଙ୍କ ଉଦ୍ୟମ ବର୍ଣ୍ଣନା କର ।

(ଛ) ଗାରିବାଲ୍‌ଡିଙ୍କୁ ଇଟାଲୀର ତ୍ୟାଗୀପୁତ୍ର କାହିଁକି କୁହାଗଲା ?

(ଜ) ମାଜ୍ଜିନୀ କିଏ ? ସେ ଇଟାଲୀ ଏକତ୍ରୀକରଣ ପାଇଁ କିପରି ଉଦ୍ୟମ କରିଥିଲେ ?

**୨ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୨୦ଟି ଶବ୍ଦ ମଧ୍ୟରେ ଲେଖ**

(କ) କେଉଁଥି ପାଇଁ ଇଂଲଣ୍ଡର ପିଲ୍‌ଗ୍ରୀମ୍ ଫାଦରସ୍‌ମାନେ ଆମେରିକା ପ୍ରତି ପ୍ରଲୋଭିତ ହେଲେ ?

(ଖ) କେଉଁ ଉଦ୍ଦେଶ୍ୟ ରଖି ବ୍ରିଟିଶ ପାର୍ଲାମେଣ୍ଟ୍ ଷ୍ଟାମ୍ପ ଆଇନ୍ ପ୍ରଣୟନ କରିଥିଲେ ?

(ଗ) ଫରାସୀ ସମାଜରେ କେଉଁମାନଙ୍କୁ ସୁବିଧା ବଞ୍ଚିତ ଶ୍ରେଣୀ କୁହାଯାଉଥିଲା ? ସେମାନେ କେଉଁସବୁ ସୁବିଧାରୁ ବଞ୍ଚିତ ହେଉଥିଲେ ?

(ଘ) "ସ୍ପିରିଟ୍ ଅଫ ଦି ଲଜ୍" ପୁସ୍ତକ କିଏ ଲେଖିଥିଲେ ? ଏହି ପୁସ୍ତକରେ କେଉଁ ବିଷୟ ଉଲ୍ଲେଖ ରହିଛି ?

(ଙ) ଫ୍ରାନ୍ସର ବିପ୍ଳବୀମାନେ କେବେ ବାଷ୍ଟିଲ୍ ଦୁର୍ଗ ଆକ୍ରମଣ କରିଥିଲେ ?

(ଚ) ପ୍ରୁସିଆର ରାଜା ପ୍ରଥମ ଉଇଲିୟମ୍‌ଙ୍କ କେଉଁ ପଦକ୍ଷେପକୁ ପ୍ରତିନିଧି ସଭା ବିରୋଧ କରିଥିଲା । ଏହାକୁ ଭିତ୍ତିକରି କେଉଁ ପରିସ୍ଥିତି ସୃଷ୍ଟି ହୋଇଥିଲା ?

(ଛ) ବିସ୍ମାର୍କ୍ କିପରିଭାବରେ ସ୍ଲେଜ୍‌ଉଇଗ୍ ଓ ହୋଲଷ୍ଟନ ଅଧିକାର କରିଥିଲେ ?

(ଜ) କେବେ ଓ କେଉଁମାନଙ୍କୁ ନେଇ 'ତରୁଣ ଇଟାଲୀ' ଦଳ ଗଠନ ହୋଇଥିଲା ?

(ଝ) ଚାର୍ଲସ ଆଲବର୍ଟ କେଉଁ ରାଜ୍ୟର ଶାସକ ଥିଲେ ? କେଉଁ ଘଟଣାରୁ ସେ ସିଂହାସନ ତ୍ୟାଗ କରିଥିଲେ ?

(ଞ) "ଲାଲ୍ କୁର୍ତ୍ତାବାହିନୀ" କିଏ ଗଠନ କରିଥିଲେ ? ଏହି ବାହିନୀ କେଉଁ ଅଞ୍ଚଳ ଅଧିକାର କରିଥିଲା ?

**୩ । ବନ୍ଧନୀ ମଧ୍ୟରୁ ସଠିକ୍ ଉତ୍ତର ବାଛି ଶୂନ୍ୟସ୍ଥାନ ପୂରଣ କର ।**

(କ) ଖ୍ରୀଷ୍ଟାବ୍ଦ ୧୬୨୦ରେ ଇଂଲଣ୍ଡର ରାଜା ______ ଥିଲେ ।

(ପ୍ରଥମ ଏଲିଜାବେଥ୍, ପ୍ରଥମ ଜେମ୍‌ସ, ଭିକ୍ଟୋରିଆ, ଉଇଲିୟମ୍)

(ଖ) ଆମେରିକୀୟ ଉପନିବେଶମାନଙ୍କରେ ଇଂରେଜମାନେ ______ ଦ୍ରବ୍ୟ ଉପରେ ଆମଦାନୀ କର ବସାଇଥିଲେ ।

(କପା, ତମାଖୁ, ଚା', ରଙ୍ଗ)

(ଗ) "ମୁଁ ହେଉଛି ରାଷ୍ଟ୍ର" । ଏହା ______ ଙ୍କ ଉକ୍ତି ଥିଲା ।

(ତ୍ରୟୋଦଶ ଲୁଇ, ଚତୁର୍ଦ୍ଦଶ ଲୁଇ, ପଞ୍ଚଦଶ ଲୁଇ, ଷୋଡ଼ଶ ଲୁଇ)

(ଘ) "ସୋସିଆଲ କଣ୍ଟ୍ରାକ୍ଟ" ______ ଲେଖିଥିଲେ ।

(ମଣ୍ଟେସ୍କ୍ୟୁ, ଭଲଟାୟାର, ନେପୋଲିୟନ୍, ରୁଷୋ)

(ଙ) ପ୍ରଥମ ଉଇଲିୟମ୍ ______ ର ରାଜା ଥିଲେ ।

(ଅଷ୍ଟ୍ରିଆ, ପ୍ରୁସିଆ, ମର୍ଡେନା, ହୋଲେଷ୍ଟେନ୍)

(ଚ) ୱାଟରଲୁ ଯୁଦ୍ଧରେ ______ ପରାସ୍ତ ହୋଇଥିଲେ ।

(ନେପୋଲିୟନ, ଲର୍ଡ କର୍ଣ୍ଣୱାଲିସ, ଦ୍ୱିତୀୟ ଜେମସ୍, ଷୋଡ଼ଶ ଲୁଇ)

(ଛ) କ୍ରିମିଆ ଯୁଦ୍ଧ ______ ମସିହାରେ ହୋଇଥିଲା ।

(୧୮୫୧, ୧୮୫୪, ୧୮୫୯, ୧୮୨୩)

(ଜ) 'ତରୁଣ ଇଟାଲୀ' ସଂଗଠନ ______ ଗଠନ କରିଥିଲେ ।

(ମାଜିନୀ, କାଭୁର, ଗାରିବାଲଡି, ଇମାନୁଏଲ)

**୪। ରେଖାଙ୍କିତ ଶବ୍ଦଗୁଡ଼ିକୁ ପରିବର୍ତ୍ତନ ନକରି ଭ୍ରମ ସଂଶୋଧନ କର ।**

(କ) ଷ୍ଟାମ୍ପଆଇନ୍ ଆମେରିକା ପାର୍ଲାମେଣ୍ଟରେ ପ୍ରଣୟନ କରାଯାଇଥିଲା ।

(ଖ) ୧୮୬୫ ମସିହାରେ ସାଡ଼ୋୱାଯୁଦ୍ଧ ପ୍ରୁସିଆ ଓ ଅଷ୍ଟ୍ରିଆ ମଧ୍ୟରେ ହୋଇଥିଲା ।

(ଗ) 'କାର୍ବୋନାରୀ' ନାମକ ସଂଗଠନ ଇଟାଲୀର ବିଚ୍ଛିନ୍ନତା ଆଣିଥିଲା ।

(ଘ) ଦ୍ୱିତୀୟ ଭିକ୍ଟର ଇମାନୁଏଲଙ୍କ ପ୍ରଧାନମନ୍ତ୍ରୀ ମାଜ୍ଜିନୀ ଥିଲେ ।

(ଙ) ୧୮୬୧ ମସିହାରେ ପ୍ରୁସିଆର ରାଜା ରୂପେ ବିସ୍‌ମାର୍କ୍ ଅଧିଷ୍ଠିତ ହୋଇଥିଲେ।

**୫। 'କ'ସ୍ତମ୍ଭର ଶବ୍ଦ ସହିତ 'ଖ'ସ୍ତମ୍ଭର ସଂପୃକ୍ତ ଶବ୍ଦ ମିଳନ କର ।**

| 'କ' | 'ଖ' |
|---|---|
| ଧୂଆଁପତ୍ର | ଦଲିଲ କିଣାବିକା |
| ଷ୍ଟାମ୍ପ ଆଇନ | ସ୍ୱେଚ୍ଛାଚାରୀ ରାଜତନ୍ତ୍ର ଓ ସାମାଜିକ ବୈଷମ୍ୟ ବିରୋଧ |
| ଉଚ୍ଚଶ୍ରେଣୀ ଲୋକ | ଫ୍ରାନ୍‌ସ୍‌ର ପରାଜୟ |
| ସ୍ପିରିଟ୍ ଅଫ୍ ଦି ଲଜ୍ | ଆମେରିକାର ଉର୍ବର ମୃତ୍ତିକା |
| ସେଡ଼ାନ୍ ଯୁଦ୍ଧ | ଧର୍ମଯାଜକ ଓ ସମ୍ଭ୍ରାନ୍ତ । |

●

# ରାଜନୀତି ବିଜ୍ଞାନ


N
ଆମ ଭାରତ
ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ
ଆଫଗାନିସ୍ତାନ
ପାକିସ୍ତାନ୍
ଶ୍ରୀନଗର
ଜାମ୍ମୁକାଶ୍ମୀର
ଜାମ୍ମୁ
ହିମାଚଳ ପ୍ରଦେଶ
ସିମଳା
ଚଣ୍ଡିଗଡ଼
ପଞ୍ଜାବ
ଡେରାଡୁନ
ଉତ୍ତରାଖଣ୍ଡ
ହରିୟାଣା
ଦିଲ୍ଲୀ
ଚୀନ୍
(ତିବ୍ବତ)
ଜୟପୁର
ରାଜସ୍ଥାନ
ଉତ୍ତର ପ୍ରଦେଶ
ଲକ୍ଷ୍ନୌ
ନେପାଳ
ସିକିମ
ଗ୍ୟାଙ୍ଗଟକ୍
ଭୁଟାନ୍
ଅରୁଣାଚଳ ପ୍ରଦେଶ
ଇଟାନଗର
ଆସାମ
ନାଗାଲ୍ୟାଣ୍ଡ
କୋହିମା
ଦିସପୁର
ମେଘାଳୟ
ଶିଲଂ
ଇମ୍ଫାଲ
ମଣିପୁର
ବିହାର
ପାଟନା
ବାଂଲାଦେଶ
ଅଗରତାଲା
ତ୍ରିପୁରା
ଆଇଜଲ
ମିଜୋରାମ
ଝାଡ଼ଖଣ୍ଡ
ରାଞ୍ଚି
ପଶ୍ଚିମ ବଙ୍ଗ
କୋଲକାତା
ମିଆଁମାର
ଗାନ୍ଧୀନଗର
ଗୁଜରାଟ
ଭୋପାଳ
ମଧ୍ୟ ପ୍ରଦେଶ
ଛତିଶଗଡ଼
ରାୟପୁର
ଓଡ଼ିଶା
ଭୁବନେଶ୍ୱର
ଡିଉ
ଦାମନ
ଦାଦ୍ରା ଓ ନଗର ହାବେଲି
ସିଲଭାସା
ମୁମ୍ବଇ
ମହାରାଷ୍ଟ୍ର
ତେଲେଙ୍ଗାନା
ହାଇଦ୍ରାବାଦ
ବଙ୍ଗୋପ ସାଗର
ଆରବ ସାଗର
ୟାନମ୍
(ପୁଦୁଚେରୀ)
ପାନାଜୀ
ଗୋଆ
ଆନ୍ଧ୍ର ପ୍ରଦେଶ
କର୍ଣ୍ଣାଟକ
ସଙ୍କେତ
ଆନ୍ତର୍ଜାତିକ ସୀମାରେଖା
ରାଜ୍ୟ ସୀମାରେଖା
ରାଜଧାନୀ (ଦେଶର)
ରାଜ୍ୟ ରାଜଧାନୀ
ବେଙ୍ଗାଲୁରୁ
ଚେନ୍ନାଇ
ମାହେ
(ପୁଦୁଚେରୀ)
ପୁଦୁଚେରୀ
ଲାକ୍ଷାଦ୍ୱୀପ
କାଭାରତୀ
କେରଳ
ତାମିଲନାଡୁ
କରାଇକାଲ
(ପୁଦୁଚେରୀ)
ପୋର୍ଟ ବ୍ଲେୟାର
ଆଣ୍ଡାମାନ ଓ ନିକୋବର
ଥିରୁଅନନ୍ତପୁରମ୍
ଭାରତ
ଶ୍ରୀଲଙ୍କା
ମହାସାଗର

## ପ୍ରଥମ ଅଧ୍ୟାୟ

# କେନ୍ଦ୍ର ସରକାର

# କେନ୍ଦ୍ର କାର୍ଯ୍ୟପାଳିକା

MS3SD7

ଭାରତ ଏକ ସଂଘୀୟ ରାଷ୍ଟ୍ର, କିନ୍ତୁ ସଂବିଧାନରେ ଭାରତ ଏକ 'ରାଜ୍ୟମାନଙ୍କର ସମଷ୍ଟି' (Union of States) ଭାବରେ ବର୍ଣ୍ଣିତ ହୋଇଛି । ଏଠାରେ ଦ୍ୱୈତ ଶାସନ ବ୍ୟବସ୍ଥା ପ୍ରଚଳିତ । ଭାରତରେ ୨୯ ଗୋଟି ରାଜ୍ୟ ଓ ସାତଗୋଟି କେନ୍ଦ୍ରଶାସିତ ଅଞ୍ଚଳ ରହିଛି । ଏଥିରେ ଉଭୟ କେନ୍ଦ୍ର ଓ ରାଜ୍ୟ ସ୍ତରରେ ଗୋଟିଏ ଲେଖାଏଁ ସରକାର ରହିଛି । ପ୍ରତ୍ୟେକ ସରକାରର ତିନିଗୋଟି ଲେଖାଏଁ ଅଂଗ ରହିଛି; ଯଥା : କାର୍ଯ୍ୟପାଳିକା, ବ୍ୟବସ୍ଥାପିକା ଏବଂ ନ୍ୟାୟପାଳିକା । କେନ୍ଦ୍ରସ୍ତରୀୟ କାର୍ଯ୍ୟପାଳିକା ଭାରତର ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ମନ୍ତ୍ରିପରିଷଦକୁ ନେଇ ଗଠିତ । ରାଷ୍ଟ୍ରପତି ହେଉଛନ୍ତି କେନ୍ଦ୍ରସ୍ତରୀୟ କାର୍ଯ୍ୟପାଳିକାର ନାମମାତ୍ର ମୁଖ୍ୟ । ସେ ହେଉଛନ୍ତି ସମଗ୍ର ଦେଶର ଐକ୍ୟର ପ୍ରତୀକ ।

> **ତୁମେ ଜାଣିଛ କି ?**
> ଭାରତୀୟ ସଂଘୀୟ ବ୍ୟବସ୍ଥାରେ ତେଲେଙ୍ଗାନା ହେଉଛି ୨୯ତମ ରାଜ୍ୟ ।

**ରାଷ୍ଟ୍ରପତି :** ରାଷ୍ଟ୍ରପତି ପରୋକ୍ଷ ଭାବେ ନିର୍ବାଚିତ ଦେଶର ସର୍ବୋଚ୍ଚ ସାଂବିଧାନିକ ରାଷ୍ଟ୍ରମୁଖ୍ୟ ଓ "ସମ୍ମାନାସ୍ପଦ ପ୍ରଥମ ନାଗରିକ" । ସେ ଦିଲ୍ଲୀ ସ୍ଥିତ ରାଷ୍ଟ୍ରପତି ଭବନରେ



**(ରାଷ୍ଟ୍ରପତି ଭବନ)**


> **ତୁମେ ଜାଣିଛ କି ?**
> ଭାରତୀୟ ସଂଘୀୟ ବ୍ୟବସ୍ଥାରେ ତେଲେଙ୍ଗାନା ହେଉଛି ୨୯ତମ ରାଜ୍ୟ ।


ଅବସ୍ଥାନ କରନ୍ତି । ସମ୍ବିଧାନ ଅନୁଯାୟୀ କେନ୍ଦ୍ର ସରକାରର ସମସ୍ତ କାର୍ଯ୍ୟପାଳିକା କ୍ଷମତା ରାଷ୍ଟ୍ରପତିଙ୍କ ହାତରେ ନ୍ୟସ୍ତ । କିନ୍ତୁ ରାଷ୍ଟ୍ରପତି ସ୍ୱଇଚ୍ଛାରେ କୌଣସି କ୍ଷମତା ବ୍ୟବହାର କରି ନଥାନ୍ତି । ପ୍ରଧାନମନ୍ତ୍ରୀ ଓ ମନ୍ତ୍ରିମଣ୍ଡଳର ପରାମର୍ଶ ଅନୁସାରେ ସେ ସମସ୍ତ କାର୍ଯ୍ୟ ସଂପାଦନ କରି ଥାଆନ୍ତି । ରାଷ୍ଟ୍ରପତି ହେଉଛନ୍ତି 'ନାମକୁମାତ୍ର କାର୍ଯ୍ୟପାଳିକା' ଓ ପ୍ରଧାନମନ୍ତ୍ରୀ ଏବଂ ମନ୍ତ୍ରିମଣ୍ଡଳ ବା ମନ୍ତ୍ରିପରିଷଦ ହେଉଛନ୍ତି 'ବାସ୍ତବ କାର୍ଯ୍ୟପାଳିକା' ।

**ରାଷ୍ଟ୍ରପତି ନିର୍ବାଚନ :** ଭାରତର ରାଷ୍ଟ୍ରପତି ଲୋକମାନଙ୍କ ଦ୍ୱାରା ପରୋକ୍ଷ ଭାବରେ ନିର୍ବାଚିତ ହୁଅନ୍ତି । ସଂସଦର ଉଭୟ ସଦନ ଏବଂ ଦିଲ୍ଲୀ ଓ ପଣ୍ଡିଚେରୀ ସମେତ ସମସ୍ତ ରାଜ୍ୟ ବିଧାନସଭା ଗୁଡ଼ିକର ନିର୍ବାଚିତ ସଦସ୍ୟମାନଙ୍କୁ ନେଇ ଗଠିତ "ନିର୍ବାଚକ ମଣ୍ଡଳୀ" ରାଷ୍ଟ୍ରପତିଙ୍କୁ ନିର୍ବାଚିତ କରିଥାଆନ୍ତି । "ଆନୁପାତିକ ପ୍ରତିନିଧିତ୍ୱ ଓ ଏକକ ହସ୍ତାନ୍ତରୀୟ ଗୋପନୀୟ ପସନ୍ଦ ଭିତ୍ତିକ ମତଦାନ" ପ୍ରଣାଳୀରେ ରାଷ୍ଟ୍ରପତି ନିର୍ବାଚିତ ହୁଅନ୍ତି । ରାଷ୍ଟ୍ରପତି ନିର୍ବାଚନରେ ଜୟଲାଭ କରିବା ପାଇଁ ପ୍ରାର୍ଥୀ ନିର୍ଦ୍ଦିଷ୍ଟ ସଂଖ୍ୟକ ଭୋଟ (କୋଟା) ବା ନିର୍ବାଚନରେ ପ୍ରାପ୍ତ ହୋଇଥିବା ସମସ୍ତ 'ସିଦ୍ଧମତ' (Valid Vote)ର ଅନ୍ୟୁନ୫୦ ପ୍ରତିଶତରୁ ଏକ ଅଧିକ (୫୦%+୧) ସମର୍ଥନ ପାଇବା ବାଞ୍ଛନୀୟ ।

ପ୍ରତି ପାଞ୍ଚବର୍ଷରେ ଥରେ ବା ଆବଶ୍ୟକ ସ୍ଥଳେ ପାଞ୍ଚବର୍ଷ ସମୟ ପୂରଣ ହେବା ପୂର୍ବରୁ ମଧ୍ୟ ନୂତନ ରାଷ୍ଟ୍ରପତି ନିର୍ବାଚିତ ହୋଇଥା'ନ୍ତି ।

**ରାଷ୍ଟ୍ରପତି ପଦ ପାଇଁ ନିର୍ବାଚନରେ ପ୍ରାର୍ଥୀ ହେବା ପାଇଁ ଯୋଗ୍ୟତା :**

୧ - ସେ ଜଣେ ଭାରତୀୟ ନାଗରିକ ହୋଇଥିବେ ।

୨ - ତାଙ୍କୁ ଅନ୍ୟୁନ ୩୫ ବର୍ଷ ବୟସ ହୋଇଥିବ ।

୩ - ସେ ଲୋକସଭାର ସଭ୍ୟ ଭାବେ ନିର୍ବାଚିତ ହେବା ପାଇଁ ଯୋଗ୍ୟ ହୋଇଥିବେ ।

୪ - ଜଣେ ବ୍ୟକ୍ତି ରାଷ୍ଟ୍ରପତି ନିର୍ବାଚନରେ ପ୍ରାର୍ଥୀ ହୋଇପାରିବେ ନାହିଁ ଯଦି ସେ କେନ୍ଦ୍ର ବା ରାଜ୍ୟ ସରକାର ଅଧିନସ୍ଥ କୌଣସି ସଂସ୍ଥାରେ ବା ଅନୁଷ୍ଠାନରେ ଲାଭଜନକ ପଦବୀରେ ଅଧିଷ୍ଠିତ ହୋଇଥିବେ ।

### ରାଷ୍ଟ୍ରପତିଙ୍କ କାର୍ଯ୍ୟକାଳ :

ରାଷ୍ଟ୍ରପତିଙ୍କର କାର୍ଯ୍ୟକାଳ ହେଉଛି ପାଞ୍ଚବର୍ଷ । ଜଣେ ରାଷ୍ଟ୍ରପତି ଇଚ୍ଛାକଲେ ସେହି ପଦବୀ ପାଇଁ ପୁନଃ ପ୍ରତିଦ୍ୱନ୍ଦ୍ୱିତା କରି ପାରନ୍ତି । ମାତ୍ର, ଆମର ପ୍ରଥମ ରାଷ୍ଟ୍ରପତି ଡ଼କ୍ଟର ରାଜେନ୍ଦ୍ର ପ୍ରସାଦଙ୍କ ବ୍ୟତୀତ ବର୍ତ୍ତମାନ ପର୍ଯ୍ୟନ୍ତ ଅନ୍ୟ କୌଣସି ରାଷ୍ଟ୍ରପତି ପୁନଃ ନିର୍ବାଚିତ ହୋଇନାହାନ୍ତି । ରାଷ୍ଟ୍ରପତି ଇଚ୍ଛାକଲେ ପାଞ୍ଚବର୍ଷ କାର୍ଯ୍ୟକାଳ ପୂରଣ ହେବା ପୂର୍ବରୁ ସେ ଉପରାଷ୍ଟ୍ରପତିଙ୍କୁ ସଂବୋଧନ କରି ନିଜଦ୍ୱାରା ଲିଖିତ ଇସ୍ତଫା ପତ୍ର ଜରିଆରେ ନିଜ ପଦବୀରୁ ଅବ୍ୟାହତି ନେଇ ପାରନ୍ତି ।

ରାଷ୍ଟ୍ରପତିଙ୍କର ନିର୍ଦ୍ଧାରିତ କାର୍ଯ୍ୟକାଳ ସଂପୂର୍ଣ୍ଣ ହେବା ପୂର୍ବରୁ ସେ ଯଦି ଇସ୍ତଫା ପ୍ରଦାନ କରି ପଦତ୍ୟାଗ କରନ୍ତି ବା ଯଦି ତାଙ୍କର ମୃତ୍ୟୁ ହୁଏ ବା ସେ ଯଦି 'ମହାଭିଯୋଗ' ଦ୍ୱାରା ପଦଚ୍ୟୁତ ହୁଅନ୍ତି, ତାହା ହେଲେ ରାଷ୍ଟ୍ରପତି ପଦ ଶୂନ୍ୟ ପଡେ ଓ ଉପରାଷ୍ଟ୍ରପତି ସର୍ବାଧିକ ୬ ମାସ ପାଇଁ ଅସ୍ଥାୟୀ ରାଷ୍ଟ୍ରପତି ଭାବେ କାର୍ଯ୍ୟ ନିର୍ବାହ କରିଥାଆନ୍ତି ଏବଂ ଏହି ୬ ମାସ ସମୟ ମଧ୍ୟରେ ନୂତନ ରାଷ୍ଟ୍ରପତି ନିର୍ବାଚିତ ହୋଇଥାଆନ୍ତି । ସେହି ସମୟରେ ସେ (ଉପରାଷ୍ଟ୍ରପତି) ରାଷ୍ଟ୍ରପତି ପଦବୀର ବେତନ, ଭତ୍ତା, ସମସ୍ତ ସୁବିଧା ଓ ସୁଯୋଗ ଉପଭୋଗ କରନ୍ତି ।

### ରାଷ୍ଟ୍ରପତିଙ୍କ ପଦଚ୍ୟୁତି ବା ମହାଭିଯୋଗ ବ୍ୟବସ୍ଥା :

ରାଷ୍ଟ୍ରପତି କେବଳ ସମ୍ବିଧାନ ଭଙ୍ଗ ଅଭିଯୋଗରେ ଅଭିଯୁକ୍ତ ହୋଇ ମହାଭିଯୋଗ ପ୍ରସ୍ତାବ ଦ୍ୱାରା ପଦଚ୍ୟୁତ ହୋଇଥାଆନ୍ତି । ଏହା ବ୍ୟତୀତ ଅନ୍ୟ କୌଣସି କାରଣ ପାଇଁ ବା ଅନ୍ୟ କୌଣସି ଉପାୟରେ ତାଙ୍କୁ ପଦଚ୍ୟୁତ କରାଯାଇ ପାରିବ ନାହିଁ । "ମହାଭିଯୋଗ" ଏକ ଅର୍ଦ୍ଧ-ନ୍ୟାୟିକ ଜଟିଳ ପ୍ରକ୍ରିୟା । ପ୍ରଥମେ ସଂସଦର ଯେ କୌଣସି ଗୃହର ସର୍ବମୋଟ ସଭ୍ୟ-ସଂଖ୍ୟାର ଏକ-ଚତୁର୍ଥାଂଶ ସଭ୍ୟ ୧୪ ଦିନ ପୂର୍ବରୁ ଲିଖିତ ନୋଟିସ୍ ଦେଇ ସେହି ସଦନରେ ମହାଭିଯୋଗ ପ୍ରସ୍ତାବ ଆଗତ କରି ଥାଆନ୍ତି । ଏହାପରେ ପ୍ରସ୍ତାବଟି ସେହି ସଦନର ସର୍ବମୋଟ ସଭ୍ୟ-ସଂଖ୍ୟାର ଅନ୍ୟୁନ ଦୁଇ-ତୃତୀୟାଂଶ ସଭ୍ୟଙ୍କ ଦ୍ୱାରା ଅନୁମୋଦିତ ହେବାପରେ ତାହା ଅନ୍ୟ ଗୃହକୁ ଅଭିଯୋଗର ଅନୁସନ୍ଧାନ (investigation) ପାଇଁ ପଠାଯାଏ । ଉକ୍ତସଦନ ମହାଭିଯୋଗ ପ୍ରସ୍ତାବ ଉପରେ ଅନୁସନ୍ଧାନ ଚଳାବେଳେ ରାଷ୍ଟ୍ରପତି ଚାହିଁଲେ, ସେ ନିଜେ ବା ତାଙ୍କର ପ୍ରତିନିଧି ସେଠାରେ ଉପସ୍ଥିତ ରହି ନିଜର ପକ୍ଷ ଉପସ୍ଥାପନ କରିପାରିବେ । ଅନୁସନ୍ଧାନ ପରେ, ଏହି ସଦନ ଯଦି ସର୍ବମୋଟ ସଭ୍ୟ-ସଂଖ୍ୟାର ଅନ୍ୟୁନ ଦୁଇ-ତୃତୀୟାଂଶ ସଭ୍ୟଙ୍କ ସମର୍ଥନରେ ପ୍ରେରିତ ମହାଭିଯୋଗ ପ୍ରସ୍ତାବକୁ ଅନୁମୋଦନ କରନ୍ତି, ତାହା ହେଲେ ସେହିଦିନଠାରୁ ରାଷ୍ଟ୍ରପତି ପଦଚ୍ୟୁତ ହୁଅନ୍ତି । ଆଜି ପର୍ଯ୍ୟନ୍ତ ଭାରତର କୌଣସି ରାଷ୍ଟ୍ରପତିଙ୍କ ବିରୁଦ୍ଧରେ ମହାଭିଯୋଗ ପ୍ରସ୍ତାବ ଆଗତ କରାଯାଇନାହିଁ ।

### ରାଷ୍ଟ୍ରପତିଙ୍କ ଶପଥ ପାଠ :

ନିର୍ବାଚିତ ରାଷ୍ଟ୍ରପତି ସାଂବିଧାନିକ ବ୍ୟବସ୍ଥାନୁସାରେ ସଂବିଧାନକୁ ମାନି ଚଳିବାକୁ ଓ ସଂବିଧାନର ସୁରକ୍ଷା ପାଇଁ ଈଶ୍ୱରଙ୍କ ନାମରେ ବା ଦୃଢ଼ ସଂକଳ୍ପ କରି ଭାରତର ପ୍ରଧାନ ବିଚାରପତିଙ୍କ ଉପସ୍ଥିତିରେ ଶପଥପାଠ କରି ନିଜର ନୂତନ ଦାୟିତ୍ୱ ଗ୍ରହଣ କରିଥାଆନ୍ତି ।

### ରାଷ୍ଟ୍ରପତିଙ୍କ କ୍ଷମତା :

ଆମ ସମ୍ବିଧାନ କେନ୍ଦ୍ର ସରକାରଙ୍କର ସମସ୍ତ କାର୍ଯ୍ୟପାଳିକା କ୍ଷମତା ରାଷ୍ଟ୍ରପତିଙ୍କ ହାତରେ ନ୍ୟସ୍ତ କରିଅଛି । ରାଷ୍ଟ୍ରପତି ହେଉଛନ୍ତି କେନ୍ଦ୍ରର 'ମୁଖ୍ୟ କାର୍ଯ୍ୟପାଳିକା' । ମାତ୍ର ସେ ବାସ୍ତବରେ 'ଶାସନ ମୁଖ୍ୟ' ନୁହନ୍ତି; ସେ କେବଳ ସାମ୍ବିଧାନିକ ରାଷ୍ଟ୍ର ମୁଖ୍ୟ ।

ରାଷ୍ଟ୍ରପତି ତାଙ୍କର ସମସ୍ତ କ୍ଷମତା କେବଳ ପ୍ରଧାନମନ୍ତ୍ରୀ ଓ ମନ୍ତ୍ରିମଣ୍ଡଳର ପରାମର୍ଶ କ୍ରମେ ଜାହିର କରିଥାଆନ୍ତି । ରାଷ୍ଟ୍ରପତିଙ୍କର ରାଜ୍ୟପାଳଙ୍କ ପରି ସ୍ୱେଚ୍ଛାଧୀନ କ୍ଷମତା ନାହିଁ ।

ରାଷ୍ଟ୍ରପତିଙ୍କର କାର୍ଯ୍ୟପାଳିକା କ୍ଷମତା କେବଳ ନୀତି ନିର୍ଦ୍ଧାରଣ ଓ ବ୍ୟବସ୍ଥାପିକା ଦ୍ୱାରା ଆଇନ୍‌ର ସଫଳ ରୂପାୟନରେ ସୀମିତ ନୁହେଁ । ଏହା ଅତି ବ୍ୟାପକ । ବ୍ୟବସ୍ଥାପିକା ଓ ନ୍ୟାୟପାଳିକା ଠାରେ ନ୍ୟସ୍ତ କ୍ଷମତା ବ୍ୟତୀତ ଅନ୍ୟ ସମସ୍ତ ପ୍ରଶାସନିକ କ୍ଷମତା ରାଷ୍ଟ୍ରପତିଙ୍କର କାର୍ଯ୍ୟପାଳିକା କ୍ଷମତାର ଅନ୍ତର୍ଭୁକ୍ତ ।

ରାଷ୍ଟ୍ରପତିଙ୍କର ସମ୍ବିଧାନ ସ୍ୱୀକୃତ ବିଭିନ୍ନ କ୍ଷମତାଗୁଡ଼ିକ ନିମ୍ନୋକ୍ତ ପ୍ରକାରେ ଶ୍ରେଣୀଭୁକ୍ତ କରାଯାଇଅଛି ।

୧. **ପ୍ରଶାସନିକ କ୍ଷମତା :** ଭାରତର ରାଷ୍ଟ୍ରପତି କେନ୍ଦ୍ର କାର୍ଯ୍ୟପାଳିକାର ବାସ୍ତବ-ମୁଖ୍ୟ ହୋଇ ନଥିବାରୁ ସେ ନିଜେ ପ୍ରତ୍ୟକ୍ଷ ଭାବରେ କୌଣସି ପ୍ରଶାସନିକ କ୍ଷମତା ପ୍ରୟୋଗ କରନ୍ତି ନାହିଁ । ମନ୍ତ୍ରୀମାନେ ବିଭିନ୍ନ ପ୍ରଶାସନିକ ବିଭାଗର ମୁଖ୍ୟ ଭାବରେ ଦାୟିତ୍ୱ ବହନ କରନ୍ତି ଓ ପ୍ରଶାସନିକ କାର୍ଯ୍ୟ ତଦାରଖ କରନ୍ତି । କିନ୍ତୁ କେନ୍ଦ୍ରସରକାରଙ୍କର ସମସ୍ତ ପ୍ରଶାସନିକ କାର୍ଯ୍ୟ ରାଷ୍ଟ୍ରପତିଙ୍କ ନାମରେ ସମ୍ପାଦିତ ହୁଏ । କେନ୍ଦ୍ର

ସରକାରଙ୍କର ସମସ୍ତ ପ୍ରଶାସନିକ ଅଧିକାରୀ ବସ୍ତୁତଃ ରାଷ୍ଟ୍ରପତିଙ୍କର ଅଧସ୍ତନ ପଦାଧିକାରୀ ଭାବେ କାର୍ଯ୍ୟ କରିଥାଆନ୍ତି ।

ରାଷ୍ଟ୍ରର ବହୁ ପଦସ୍ଥ ଅଧିକାରୀ ଏବଂ ସାମ୍ବିଧାନିକ ପଦାଧିକାରୀମାନଙ୍କର ନିଯୁକ୍ତି ଏବଂ ବହିଷ୍କାର ରାଷ୍ଟ୍ରପତିଙ୍କର ପ୍ରଶାସନିକ କ୍ଷମତାର ଅନ୍ତର୍ଭୁକ୍ତ । ରାଷ୍ଟ୍ରପତି ନିମ୍ନୋକ୍ତ ସାଂବିଧାନିକ ପଦାଧିକାରୀମାନଙ୍କୁ ନିଯୁକ୍ତି ଦେଇଥାଆନ୍ତି ।

ସେମାନେ ହେଲେ : (୧) ପ୍ରଧାନମନ୍ତ୍ରୀ, (୨) ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟବୃନ୍ଦ, (୩) ମହାଧିବକ୍ତା (Attorney General), (୪) ମୁଖ୍ୟ ଆୟବ୍ୟୟ ହିସାବ ରକ୍ଷକ ଓ ମହାସମୀକ୍ଷକ (Comptroller and Auditor General of India), (୫) ସର୍ବୋଚ୍ଚ ନ୍ୟାୟାଳୟର ମୁଖ୍ୟ ନ୍ୟାୟାଧୀଶ ଓ ଅନ୍ୟ ନ୍ୟାୟାଧୀଶ ବୃନ୍ଦ, (୬) ରାଜ୍ୟ ଉଚ୍ଚନ୍ୟାୟାଳୟ ମାନଙ୍କର ମୁଖ୍ୟ ନ୍ୟାୟାଧୀଶ ଓ ଅନ୍ୟ ନ୍ୟାୟାଧୀଶ ବୃନ୍ଦ, (୭) ରାଜ୍ୟପାଳ, (୮) କେନ୍ଦ୍ର ଲୋକସେବା ଆୟୋଗର ଅଧକ୍ଷ ଓ ସଦସ୍ୟବୃନ୍ଦ, (୯) ଅର୍ଥ ଆୟୋଗର ଅଧକ୍ଷ ଓ ସଦସ୍ୟବୃନ୍ଦ, (୧୦) ନିର୍ବାଚନ ଆୟୋଗର ମୁଖ୍ୟ ଆୟୁକ୍ତ ଓ ଅନ୍ୟ ଆୟୁକ୍ତ ଦ୍ୱୟ, (୧୧) ସରକାରୀ ଭାଷା (Official Language) ଆୟୋଗର ଅଧକ୍ଷ ଓ ସଦସ୍ୟବୃନ୍ଦ, (୧୨) ଅନୁସୂଚୀତ ଜାତି, ଜନଜାତି, ପଛୁଆ ବର୍ଗ ଓ ସଂଖ୍ୟାଲଘୁ ଆୟୋଗର ଅଧକ୍ଷ ଓ ସଦସ୍ୟବୃନ୍ଦ । ଏହି ନିଯୁକ୍ତି ଗୁଡ଼ିକ ମଧ୍ୟରୁ କେତେକ କ୍ଷେତ୍ରରେ ରାଷ୍ଟ୍ରପତି କେନ୍ଦ୍ର ମନ୍ତ୍ରିମଣ୍ଡଳ ବ୍ୟତୀତ ଅନ୍ୟମାନଙ୍କର ପରାମର୍ଶ ଗ୍ରହଣ କରିଥାଆନ୍ତି । ଯଥା : ସର୍ବୋଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶ ମାନଙ୍କର ନିଯୁକ୍ତି କ୍ଷେତ୍ରରେ ରାଷ୍ଟ୍ରପତି ଉକ୍ତ ନ୍ୟାୟାଳୟର ମୁଖ୍ୟ ବିଚାରପତି ଓ ଅନ୍ୟ ବିଚାରପତିମାନଙ୍କର ପରାମର୍ଶ ଲୋଡ଼ି ଥାଆନ୍ତି ।

**ପ୍ରଧାନମନ୍ତ୍ରୀ ଓ ମନ୍ତ୍ରିପରିଷଦର ଅନ୍ୟ ମନ୍ତ୍ରୀମାନଙ୍କ ନିଯୁକ୍ତି :**

ପ୍ରଧାନମନ୍ତ୍ରୀଙ୍କର ନିଯୁକ୍ତି କ୍ଷେତ୍ରରେ ରାଷ୍ଟ୍ରପତି ଆବଶ୍ୟକ ସ୍ଥଳେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଥାଆନ୍ତି । ନିର୍ବାଚନ ପରେ ଲୋକସଭାରେ ଯେ କୌଣସି ରାଜନୈତିକ ଦଳ ବା କେତେକ ଦଳ ମିଳିତ ଭାବରେ ସଂଖ୍ୟାଗରିଷ୍ଠ ଆସନ ଲାଭ କଲେ, ରାଷ୍ଟ୍ରପତି ସେହି ଦଳର ବା ସେହି 'ମେଣ୍ଟଦଳ'ର ନେତାଙ୍କୁ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ଦିଅନ୍ତି । କିନ୍ତୁ ଯେତେବେଳେ 'ଝୁଲା ସଂସଦ' ହୁଏ ଅର୍ଥାତ୍ କୌଣସି ଗୋଟିଏ ରାଜନୈତିକ ଦଳ ଆବଶ୍ୟକୀୟ ସଂଖ୍ୟାଗରିଷ୍ଠତା ହାସଲ କରିପାରେ ନାହିଁ, ସେତେବେଳେ କେତେଗୁଡ଼ିଏ ଦଳମିଶି ସରକାର ଗଠନ କରିବାକୁ ପ୍ରୟାସ କରନ୍ତି ଓ ଭିନ୍ନ ଭିନ୍ନ ବ୍ୟକ୍ତି ନିଜ ସପକ୍ଷରେ ସଂଖ୍ୟା ଗରିଷ୍ଠତା ଦାବି କରି ରାଷ୍ଟ୍ରପତିଙ୍କ ନିକଟରେ ପ୍ରଧାନମନ୍ତ୍ରୀ ରୂପେ ନିଜର ଦାବି ଉପସ୍ଥାପନ କରନ୍ତି । ଏପରି ଏକ ଅସ୍ୱାଭାବିକ ପରିସ୍ଥିତିରେ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀ ଚୟନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଆନ୍ତି । ଏପରି କ୍ଷେତ୍ରରେ ରାଷ୍ଟ୍ରପତି ତାଙ୍କର ବୁଦ୍ଧି, ବିବେକ, ନିରପେକ୍ଷ ବିଚାରଶକ୍ତି ଏବଂ ରାଜନୈତିକ ନୈପୁଣ୍ୟ, ଅଭିଜ୍ଞତା ଓ ଦୂରଦୃଷ୍ଟି ପ୍ରୟୋଗ କରି ଯେଉଁ ବ୍ୟକ୍ତି ଏକ ସୁଦୃଢ଼ ଏବଂ ସ୍ଥାୟୀ ସରକାର ଗଠନ କରି ପାରିବେ ବୋଲି ତାଙ୍କର ବିଶ୍ୱାସ ହୁଏ, ତାଙ୍କୁ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ଦେଇ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଲୋକସଭାରେ ନିଜ ସରକାର ସପକ୍ଷରେ ସଂଖ୍ୟା ଗରିଷ୍ଠତା ପ୍ରମାଣ କରିବାକୁ ନିର୍ଦ୍ଦେଶ ଦେଇଥାଆନ୍ତି । ବାସ୍ତବ କ୍ଷେତ୍ରରେ ଲୋକସଭାର 'ମର୍ଜି' ଅନୁସାରେ ମନ୍ତ୍ରିପରିଷଦ ଶାସନ ଦାୟିତ୍ୱରେ ରହନ୍ତି । ପ୍ରଧାନମନ୍ତ୍ରୀଙ୍କ ନିଯୁକ୍ତି ପରେ ତାଙ୍କ ପରାମର୍ଶରେ ରାଷ୍ଟ୍ରପତି ମନ୍ତ୍ରିପରିଷଦର ଅନ୍ୟ ମନ୍ତ୍ରୀମାନଙ୍କୁ ନିଯୁକ୍ତି ପ୍ରଦାନ କରନ୍ତି ଓ ସମସ୍ତଙ୍କୁ ପଦ ଓ ଗୋପନୀୟତାର ଶପଥ ଦିଅନ୍ତି । ସଂସଦରେ ପ୍ରଧାନମନ୍ତ୍ରୀ ସଂଖ୍ୟା ଗରିଷ୍ଠତା ହରାଇଲେ ସେ ଇସ୍ତଫା ପ୍ରଦାନ କରିବାକୁ ବାଧ୍ୟ । ଯଦି ପ୍ରଧାନମନ୍ତ୍ରୀ ସ୍ୱତଃ ଇସ୍ତଫା ନ ଦିଅନ୍ତି, ତେବେ ରାଷ୍ଟ୍ରପତି ତାଙ୍କୁ ବରଖାସ୍ତ କରିପାରିବେ ।

ସାମ୍ବିଧାନିକ ପଦ୍ଧତି ଅବଲମ୍ବନ ପୂର୍ବକ ରାଷ୍ଟ୍ରପତି ନିମ୍ନୋକ୍ତ ପଦାଧିକାରୀଙ୍କୁ ବହିଷ୍କାର କରିଥାଆନ୍ତି । ଯଥା : (କ) ମହାଧିବକ୍ତା (ଖ) ରାଜ୍ୟପାଳ (ଗ) କେନ୍ଦ୍ର ଲୋକସେବା ଆୟୋଗର ଅଧକ୍ଷ ଓ ଅନ୍ୟ ସଦସ୍ୟ । (ଘ) ସର୍ବୋଚ୍ଚ ନ୍ୟାୟାଳୟ ଓ ରାଜ୍ୟ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଓ ଅନ୍ୟ ବିଚାରପତି ବୃନ୍ଦ (ଙ) ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ କ୍ରମେ କେନ୍ଦ୍ର ମନ୍ତ୍ରିମଣ୍ଡଳର ଯେ କୌଣସି ମନ୍ତ୍ରୀ ।

୨. **ସାମରିକ କ୍ଷମତା** – ଆମ ସମ୍ବିଧାନ ଅନୁସାରେ ରାଷ୍ଟ୍ରପତି ହେଉଛନ୍ତି ଦେଶର ପ୍ରତିରକ୍ଷା ବାହିନୀର ସର୍ବୋଚ୍ଚ ସେନାଧକ୍ଷ (Supreme Commander) । ସେ ଜଳ, ସ୍ଥଳ ଏବଂ ଆକାଶ ବାହିନୀର ମୁଖ୍ୟ ସେନାଧକ୍ଷମାନଙ୍କୁ ନିଯୁକ୍ତି ଦେଇଥାଆନ୍ତି । ତାଙ୍କ ନାମରେ ଯୁଦ୍ଧ ଘୋଷଣା ଓ ଶାନ୍ତି ଚୁକ୍ତି ସଂପାଦିତ ହୁଏ । ମାତ୍ର ରାଷ୍ଟ୍ରପତିଙ୍କର ଏହି ସଂପର୍କିତ ସମସ୍ତ କ୍ଷମତା ସଂସଦର ଆଇନ୍ ଦ୍ୱାରା ନିୟନ୍ତ୍ରିତ ।

**୩. କୂଟନୈତିକ କ୍ଷମତା** – ରାଷ୍ଟ୍ରପତିଙ୍କର କୂଟନୈତିକ କ୍ଷମତା ରାଷ୍ଟ୍ରର ବୈଦେଶିକ ବ୍ୟାପାର ସହିତ ସଂଶ୍ଳିଷ୍ଟ । ବିଦେଶରେ ଆମଦେଶ ଏବଂ ଆମ ଦେଶର ନାଗରିକ ମାନଙ୍କର ସ୍ୱାର୍ଥ ସୁରକ୍ଷିତ ରହିବା ପାଇଁ ବିଭିନ୍ନ କୂଟନୈତିକ ପ୍ରତିନିଧି, ଯଥା; ରାଷ୍ଟ୍ରଦୂତ ଏବଂ ଉଚ୍ଚ ଆୟୁକ୍ତ ବା ହାଇକମିଶନର୍‌ମାନଙ୍କୁ ସେ ବିଭିନ୍ନ ଦେଶରେ ନିଯୁକ୍ତି ଦେଇଥାଆନ୍ତି । ଅନ୍ୟ ଦେଶମାନଙ୍କର କୂଟନୈତିକ ପ୍ରତିନିଧିମାନେ ମଧ୍ୟ ପ୍ରଥମେ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରି ସେମାନଙ୍କର ପରିଚୟ ପତ୍ର ପ୍ରଦାନ କରିଥାଆନ୍ତି ।

ରାଷ୍ଟ୍ରପତି ଅନେକ ସମୟରେ ବିଦେଶୀ ରାଷ୍ଟ୍ର ଗସ୍ତକରି ବିଭିନ୍ନ ଦେଶମାନଙ୍କ ସହିତ ଉତ୍ତମ କୂଟନୈତିକ ସଂପର୍କ ସ୍ଥାପନ କରି ଥାଆନ୍ତି ଓ ବୈଦେଶିକ ସମ୍ପର୍କ ରକ୍ଷା କ୍ଷେତ୍ରରେ ଭାରତର ଆଭିମୁଖ୍ୟ କ'ଣ, ତାହାର ସୂଚନା ଦିଅନ୍ତି ।

**୪. ବ୍ୟବସ୍ଥାପିକା କ୍ଷମତା** – ରାଷ୍ଟ୍ରପତି ହେଉଛନ୍ତି କେନ୍ଦ୍ର ସଂସଦର ଏକ ଅବିଚ୍ଛେଦ୍ୟ ଅଙ୍ଗ । ରାଷ୍ଟ୍ରପତି, ରାଜ୍ୟସଭା ଏବଂ ଲୋକସଭାକୁ ନେଇ କେନ୍ଦ୍ର ସଂସଦ ଗଠିତ । ରାଷ୍ଟ୍ରପତି ସଂସଦର ଉଭୟ ଗୃହର ଅଧିବେଶନ ଡ଼କାଇ ଥାଆନ୍ତି ଏବଂ ଉଭୟ ଗୃହର ଅଧିବେଶନକୁ ଆଗାମୀ ଅଧିବେଶନ ଆହ୍ୱାନ କରାଯିବା ପର୍ଯ୍ୟନ୍ତ 'ପ୍ରୋରୋଗ' ରଖିପାରନ୍ତି । ସେ ଲୋକସଭାକୁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ କ୍ରମେ ଭାଙ୍ଗି ଦେଇପାରନ୍ତି । କୌଣସି ସାଧାରଣ ଚିଠା ଆଇନ୍ (ବିଲ୍) ଉପରେ ଉଭୟ ଗୃହ ମଧ୍ୟରେ ମତ ପାର୍ଥକ୍ୟ ଉପୁଜିଲେ, ରାଷ୍ଟ୍ରପତି ସଂସଦର 'ମିଳିତ ଅଧିବେଶନ' ଆହ୍ୱାନ କରି ସମାଧାନ କରିଥାଆନ୍ତି । ପ୍ରତ୍ୟେକ ସାଧାରଣ ନିର୍ବାଚନ ପରେ ଏବଂ ପ୍ରତ୍ୟେକ ବର୍ଷର ପ୍ରାରମ୍ଭରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ରାଷ୍ଟ୍ରପତି ସଂସଦର ଉଭୟ ଗୃହକୁ ଅଭିଭାଷଣ ପ୍ରଦାନ କରି ଥାଆନ୍ତି ଓ ସଂସଦର ଅଧିବେଶନ ଆହ୍ୱାନ ହେବାର କାରଣ ଜଣାଇ ଥାଆନ୍ତି । ରାଷ୍ଟ୍ରପତି ତାଙ୍କର ଏହି 'ଅଭିଭାଷଣ'ରେ ସରକାରଙ୍କର ବିଭିନ୍ନ ନୀତି ଏବଂ ଆଗାମୀ ଦିନରେ ସରକାରଙ୍କର ବିଶେଷ କାର୍ଯ୍ୟକ୍ରମ ବିଷୟରେ ଉଲ୍ଲେଖ କରିଥାଆନ୍ତି । ଏହାବ୍ୟତୀତ ରାଷ୍ଟ୍ରପତି ସଂସଦର ଉଭୟ ଗୃହକୁ ଜାତୀୟ, ସାମ୍ବିଧାନିକ ବା ସର୍ବସାଧାରଣଙ୍କର ସ୍ୱାର୍ଥ ସମ୍ବଳିତ ଗୁରୁତ୍ୱପୂର୍ଣ୍ଣ ବିଷୟରେ "ବାର୍ତ୍ତା" (Message) ପଠାଇ ଥାଆନ୍ତି ।

**ତୁମପାଇଁ କାମ :**

ରାଷ୍ଟ୍ରପତିଙ୍କ ଅଭିଭାଷଣ ଦୂରଦର୍ଶନରୁ ଦେଖି କିମ୍ବା ଖବରକାଗଜରୁ ପଢ଼ି ତା'ର ସାରାଂଶ ଲେଖି ରଖ ।

ରାଷ୍ଟ୍ରପତିଙ୍କ 'ସମ୍ମତି' ବିନା କୌଣସି ଚିଠାଆଇନ୍ (ବିଲ୍) ଏକ ପୂର୍ଣ୍ଣାଙ୍ଗ ଆଇନ (Act)ରେ ପରିଣତ ହୋଇପାରେ ନାହିଁ । ସଂସଦର ଉଭୟ ଗୃହରେ ଯଥାରୀତି ଗୃହୀତ ହେବା ପରେ ଗୋଟିଏ ଚିଠା ଆଇନ୍ (ବିଲ୍) ରାଷ୍ଟ୍ରପତିଙ୍କର 'ସମ୍ମତି' (assent) ପାଇଁ ତାଙ୍କ ନିକଟକୁ ପ୍ରେରିତ ହୁଏ । ସେତେବେଳେ ରାଷ୍ଟ୍ରପତି ନିମ୍ନୋକ୍ତ ବିକଳ୍ପ ମଧ୍ୟରୁ ଯେକୌଣସି ଗୋଟିଏ ବିକଳ୍ପ ଅବଲମ୍ବନ କରି ଥାଆନ୍ତି ।

(୧) ସେ ଚିଠାଆଇନ୍ (ବିଲ୍)ଟିକୁ 'ସମ୍ମତି' ପ୍ରଦାନ କରିପାରନ୍ତି । ତାଙ୍କର 'ସମ୍ମତି' ମିଳିବା ପରେ 'ଚିଠା ଆଇନ'ଟି ଏକ 'ପୂର୍ଣ୍ଣାଙ୍ଗ ଆଇନ' (Act)ର ମାନ୍ୟତା ପାଏ ।

(୨) ଅର୍ଥ ସମ୍ବନ୍ଧୀୟ ଚିଠା ଆଇନ୍ ବା 'ଅର୍ଥବିଲ୍' ବ୍ୟତୀତ ଅନ୍ୟ 'ସାଧାରଣ ଚିଠା ଆଇନ୍' କ୍ଷେତ୍ରରେ ସେ ଉକ୍ତ ଚିଠାଆଇନ୍ (ବିଲ୍)ଟିକୁ (ନିଜର ବାର୍ତ୍ତା ସହିତ) ସଂସଦର ଉଭୟ ଗୃହର ପୁନର୍ବିଚାର ପାଇଁ ପଠାଇ ଦେଇଥାଆନ୍ତି ।

(୩) ଏହି ପରିସ୍ଥିତିରେ ଯଦି ଚିଠା ଆଇନଟି ସଂସଦର ଉଭୟ ଗୃହରେ କୌଣସି ସଂଶୋଧନ ସହିତ ବା ବିନା ସଂଶୋଧନରେ ପୁନର୍ବାର ଗୃହୀତ ହୋଇ ରାଷ୍ଟ୍ରପତିଙ୍କର ସମ୍ମତି ପାଇଁ ତାଙ୍କ ପାଖକୁ ପଠାଯାଏ, ତେବେ ସେ ଏହାକୁ ସମ୍ମତି ଦେବାକୁ ବାଧ୍ୟ ହୋଇଥାଆନ୍ତି ।

କୌଣସି ଅର୍ଥ ବିଲ୍‌କୁ ରାଷ୍ଟ୍ରପତି ପୁନର୍ବିଚାର ପାଇଁ ପ୍ରେରଣ କରନ୍ତି ନାହିଁ, କାରଣ ଅର୍ଥ ବିଲ୍ ଲୋକ ସଭାରେ ଆଗତ ହେବା ପୂର୍ବରୁ ରାଷ୍ଟ୍ରପତିଙ୍କର 'ପ୍ରାକ୍-ଅନୁମତି' ଲୋଡ଼ା ଯାଇଥାଏ । ତେଣୁ ରାଷ୍ଟ୍ରପତି 'ଅର୍ଥ-ଚିଠାଆଇନ୍'କୁ ସମ୍ମତି ଦେବାକୁ ବାଧ୍ୟ । ସେହିପରି କେତେକ ପ୍ରକାରର ଚିଠାଆଇନ୍ (ବିଲ୍), ଯଥା – କୌଣସି ନୂତନ ରାଜ୍ୟ ପ୍ରତିଷ୍ଠା ବା ରାଜ୍ୟର ପରିସୀମା ପରିବର୍ତ୍ତନ, କୌଣସି ରାଜ୍ୟର ନାମ

ପରିବର୍ତ୍ତନ ବା ମୌଳିକ ଅଧିକାର ସଂପର୍କିତ ଚିଠା ଆଇନ୍ (ବିଲ୍) ସଂସଦରେ ଆଗତ ହେବା ପୂର୍ବରୁ ରାଷ୍ଟ୍ରପତିଙ୍କର ଅନୁମତି ଆବଶ୍ୟକ ହୋଇଥାଏ । ସଂବିଧାନ ସଂଶୋଧନ ସଂପର୍କିତ ଚିଠା ଆଇନକୁ ରାଷ୍ଟ୍ରପତି 'ସମ୍ମତି' ଦେବାକୁ ବାଧ୍ୟ ।

ସଂସଦର ଅଧିବେଶନ ଚାଲୁନଥିବା ସମୟରେ ଯଦି କୌଣସି ଜରୁରୀ ପରିସ୍ଥିତିର ମୁକାବିଲା କରିବା ପାଇଁ ହଠାତ୍ ଆଇନ ପ୍ରଣୟନ କରିବାର ଆବଶ୍ୟକତା ପଡ଼େ, ତାହା ହେଲେ ମନ୍ତ୍ରିମଣ୍ଡଳର ପରାମର୍ଶ କ୍ରମେ ରାଷ୍ଟ୍ରପତି **ଅଧ୍ୟାଦେଶ (ଅର୍ଡ଼ିନାନ୍ସ)** ଜାରି କରିଥାଆନ୍ତି । ଏହା ଏକ ଅସ୍ଥାୟୀ ଆଇନ । ଏହାକୁ ମଧ୍ୟ ଜରୁରୀ କାଳୀନ ଆଇନ ବା କାର୍ଯ୍ୟପାଳିକା ଆଇନ ବୋଲି କୁହାଯାଏ । ମାତ୍ର ସଂସଦ ପରବର୍ତ୍ତୀ ଅଧିବେଶନରେ ମିଳିତ ହେବାର ୬ ସପ୍ତାହ ମଧ୍ୟରେ ଅଧ୍ୟାଦେଶଟି ସଂସଦରେ ଗୃହୀତ ନ ହେଲେ, ଏହି ଅଧ୍ୟାଦେଶଟି ସ୍ୱତଃ ଅକାମୀ ହୋଇଥାଏ । ୬ ସପ୍ତାହ ସମୟ ଶେଷ ହେବା ପୂର୍ବରୁ ରାଷ୍ଟ୍ରପତି ଚାହିଁଲେ ଅଧ୍ୟାଦେଶକୁ ପ୍ରତ୍ୟାହାର କରିନେଇ ପାରନ୍ତି ବା ପୁନଃ ଜାରୀ କରିପାରନ୍ତି । ଛଅ ସପ୍ତାହ ମଧ୍ୟରେ ଅଧ୍ୟାଦେଶଟି ସଂସଦର ଅନୁମୋଦନ ଲାଭକଲେ, ଏହା ଏକ ପୂର୍ଣ୍ଣାଙ୍ଗ ବା ସ୍ଥାୟୀ ଆଇନର ମାନ୍ୟତା ପାଏ ।

କେନ୍ଦ୍ର ସଂସଦର ଗଠନରେ ରାଷ୍ଟ୍ରପତି ସକ୍ରିୟ ଅଂଶ ଗ୍ରହଣ କରି ଥାଆନ୍ତି । ତାଙ୍କର ଯଦି ହୃଦ୍‌ବୋଧ ହୁଏ ଯେ, ଲୋକସଭାରେ ଆଂଗ୍ଲୋ-ଭାରତୀୟ (Anglo-Indian) ସଂପ୍ରଦାୟର ଉଚିତ ପ୍ରତିନିଧିତ୍ୱ ହୋଇନାହିଁ, ତେବେ ସେ ସେହି ସଂପ୍ରଦାୟର ଦୁଇ ଜଣ ବ୍ୟକ୍ତିଙ୍କୁ ଲୋକସଭାକୁ ସାଂସଦ ଭାବରେ ମନୋନୀତ କରିପାରନ୍ତି । ସେହିପରି କଳା, ବିଜ୍ଞାନ ସାହିତ୍ୟ ଓ ସମାଜ ସେବା ଆଦି କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୧୨ ଜଣ ବ୍ୟକ୍ତିଙ୍କୁ ରାଷ୍ଟ୍ରପତି ରାଜ୍ୟସଭାକୁ ମଧ୍ୟ ମନୋନୀତ କରିଥାଆନ୍ତି ।

ରାଷ୍ଟ୍ରପତିଙ୍କର ବ୍ୟବସ୍ଥାପିକା କ୍ଷମତା ରାଜ୍ୟ ବିଧାନ ମଣ୍ଡଳ ଦ୍ୱାରା ଗୃହୀତ ଚିଠା ଆଇନ୍ ପ୍ରତି ମଧ୍ୟ ଲାଗୁ ହୋଇଥାଏ । ରାଜ୍ୟପାଳ ରାଜ୍ୟବିଧାନମଣ୍ଡଳ ଦ୍ୱାରା ଗୃହୀତ କେତେକ ଚିଠାଆଇନ୍‌କୁ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ସଂରକ୍ଷିତ ରଖିଥାଆନ୍ତି ।

**୫. ଅର୍ଥ ସଂପର୍କିତ କ୍ଷମତା** – ସମ୍ବିଧାନ ବ୍ୟବସ୍ଥା ଅନୁସାରେ ପ୍ରତ୍ୟେକ ଆର୍ଥିକ ବର୍ଷର ପ୍ରାରମ୍ଭରେ ରାଷ୍ଟ୍ରପତି କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଦ୍ୱାରା ଦେଶର ବାର୍ଷିକ 'ଆୟବ୍ୟୟର ଅଟକଳ' ବା 'ବଜେଟ୍'କୁ ସଂସଦରେ ଆଗତ କରାଇଥାଆନ୍ତି । କୌଣସି ଅର୍ଥବିଲ୍ ବା ଅର୍ଥ ଚିଠା ଆଇନ୍ ରାଷ୍ଟ୍ରପତିଙ୍କର ପ୍ରାକ୍ ଅନୁମତି ବିନା ଲୋକସଭାରେ ଆଗତ ହୋଇପାରିବ ନାହିଁ । ରାଷ୍ଟ୍ରପତି ଭାରତର ମୁଖ୍ୟ ହିସାବ ରକ୍ଷକ ଓ ମହାସମୀକ୍ଷକ (Comptroller and Auditor General)ଙ୍କର ରିପୋର୍ଟ ସଂସଦରେ ଉପସ୍ଥାପିତ କରାଇଥାଆନ୍ତି । ସେ 'ଅର୍ଥ-ଆୟୋଗ' ନିଯୁକ୍ତ କରନ୍ତି ଏବଂ ଏହାର ରିପୋର୍ଟକୁ ସଂସଦରେ ଉପସ୍ଥାପିତ କରାଇଥାଆନ୍ତି । ଏହାବ୍ୟତୀତ ଦେଶର ଆର୍ଥିକ ଦୁର୍ଦ୍ଦିନରେ ରାଷ୍ଟ୍ରପତି 'ଆର୍ଥିକ ଜରୁରୀ ପରିସ୍ଥିତି' (Financial Emergency) ଘୋଷଣା କରିଥାଆନ୍ତି ।

**୬. ନ୍ୟାୟିକ କ୍ଷମତା :** ରାଷ୍ଟ୍ରପତି ହେଉଛନ୍ତି ନ୍ୟାୟ ଓ ଦୟାର ଆଧାର । ମୃତ୍ୟୁ ଦଣ୍ଡାଦେଶ ପାଇଥିବା ଅଭିଯୁକ୍ତ ବ୍ୟକ୍ତିଙ୍କୁ ସେ କ୍ଷମା କରିପାରନ୍ତି । ଏତଦ୍‌ବ୍ୟତୀତ ଅନ୍ୟ ଅପରାଧୀମାନଙ୍କର ଦଣ୍ଡାଦେଶର ପରିମାଣ ରାଷ୍ଟ୍ରପତି କୋହଳ କରିପାରନ୍ତି, ସ୍ଥଗିତ ରଖିପାରନ୍ତି ଓ ହ୍ରାସ କରିପାରନ୍ତି । ଆବଶ୍ୟକ ସ୍ଥଳେ ଜନସ୍ୱାର୍ଥ ସମ୍ବଳିତ ଗୁରୁତ୍ୱପୂର୍ଣ୍ଣ ଆଇନଗତ ପ୍ରଶ୍ନ ଓ ସାମ୍ବିଧାନିକ ତର୍ଜମା ବିଷୟରେ ରାଷ୍ଟ୍ରପତି ସର୍ବୋଚ୍ଚ ନ୍ୟାୟାଳୟର 'ପରାମର୍ଶ' (Advice) ଲୋଡ଼ିପାରନ୍ତି । ମାତ୍ର ସର୍ବୋଚ୍ଚ ନ୍ୟାୟାଳୟର ପରାମର୍ଶ ଗ୍ରହଣ କରିବାକୁ ରାଷ୍ଟ୍ରପତି ବାଧ୍ୟ ନୁହନ୍ତି । ରାଷ୍ଟ୍ରପତି ସର୍ବୋଚ୍ଚ ନ୍ୟାୟାଳୟ ଓ ଉଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତିଙ୍କ ସମେତ ଅନ୍ୟ ବିଚାରପତିମାନଙ୍କୁ ନିଯୁକ୍ତ କରନ୍ତି । ସେ ମଧ୍ୟ ଉଚ୍ଚନ୍ୟାୟାଳୟର ବିଚାରପତିମାନଙ୍କର ବଦଳି ଆଦେଶ ଦେଇଥାନ୍ତି । ସଂସଦର ଅନୁମୋଦନ ପରେ ସର୍ବୋଚ୍ଚ ନ୍ୟାୟାଳୟ ଓ ରାଜ୍ୟ ଉଚ୍ଚ ନ୍ୟାୟାଳୟର ବିଚାରପତିମାନେ ରାଷ୍ଟ୍ରପତିଙ୍କ ଆଦେଶ କ୍ରମେ ପଦଚ୍ୟୁତ ହୁଅନ୍ତି ।

**୭. ବିବିଧ କ୍ଷମତା :** କେନ୍ଦ୍ର କାର୍ଯ୍ୟପାଳିକାର ମୁଖ୍ୟ ଭାବରେ ରାଷ୍ଟ୍ରପତିଙ୍କୁ ବିବିଧ ପ୍ରକାରର କ୍ଷମତା ପ୍ରଦାନ କରାଯାଇଅଛି । ଏହାକୁ ଏକ ପ୍ରକାରର 'ଅବଶିଷ୍ଟ କ୍ଷମତା' (Residuary Power) କହିଲେ ଅତ୍ୟୁକ୍ତି ହେବ ନାହିଁ ।

(କ) କେନ୍ଦ୍ର ଲୋକସେବା ଆୟୋଗର ସଭ୍ୟ ସଂଖ୍ୟା ନିର୍ଦ୍ଧାରଣ, ରାଜ୍ୟପାଳଙ୍କ କାର୍ଯ୍ୟାବଳୀ, ସର୍ବୋଚ୍ଚ ନ୍ୟାୟାଳୟର ଆଦେଶ କାର୍ଯ୍ୟକାରୀ କରାଯିବା ପଦ୍ଧତି, ଅନୁସୂଚୀତ ଜାତି ଓ ଜନଜାତି ନିର୍ଦ୍ଧାରଣ ପ୍ରଣାଳୀ, ଇତ୍ୟାଦି ବିଭିନ୍ନ ବିଷୟରେ ରାଷ୍ଟ୍ରପତି ଆବଶ୍ୟକୀୟ ନୀତି ନିର୍ଦ୍ଧାରଣ କରିଥାଆନ୍ତି ।

(ଖ) ରାଷ୍ଟ୍ରପତି ଅର୍ଥ ଆୟୋଗ, ସରକାରୀ ଭାଷା ଆୟୋଗ, ଅନୁସୂଚୀତ ଅଞ୍ଚଳର ବିକାଶର ଅନୁଧ୍ୟାନ ପାଇଁ ନିଯୁକ୍ତ ଆୟୋଗ, ଆନ୍ତଃରାଜ୍ୟ ପରିଷଦ ଇତ୍ୟାଦି ଗଠନ କରିଥାଆନ୍ତି ।

(ଗ) କେନ୍ଦ୍ରଶାସିତ ଅଞ୍ଚଳମାନଙ୍କ ପାଇଁ ରାଷ୍ଟ୍ରପତିଙ୍କର କେତେକ ସ୍ୱତନ୍ତ୍ର କ୍ଷମତା ଓ ଦାୟିତ୍ୱ ରହିଅଛି ।

(ଘ) ଅନୁସୂଚୀତ ଜାତି ଓ ଜନଜାତି ଏବଂ ଅନୁସୂଚୀତ ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ସାଧନ ପାଇଁ ରାଷ୍ଟ୍ରପତି ବିଭିନ୍ନ ଦାୟିତ୍ୱ ନିର୍ବାହ କରିଥାଆନ୍ତି ।

(ଙ) ଦେଶର ଆଳଂକାରିକ ମୁଖ୍ୟ ହିସାବରେ ରାଷ୍ଟ୍ରପତି ପ୍ରତିବର୍ଷ ଜାନୁୟାରୀ ମାସର ୨୬ ତାରିଖରେ 'ସାଧାରଣତନ୍ତ୍ର ଦିବସ' ଉପଲକ୍ଷେ ଦିଲ୍ଲୀଠାରେ ଜାତୀୟ ପତାକା ଉତ୍ତୋଳନ କରି ସାମରିକ ଓ ବେସାମରିକ ବାହିନୀର ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିଥାଆନ୍ତି ।

୮. **ଜରୁରୀକାଳୀନ କ୍ଷମତା ବା ଆପତ୍‌କାଳୀନ କ୍ଷମତା :** ଉପରୋକ୍ତ କ୍ଷମତାଗୁଡ଼ିକ ବ୍ୟତୀତ ଆପତ୍‌କାଳୀନ ବା ଜରୁରୀ ପରିସ୍ଥିତିର ମୁକାବିଲା କରିବା ପାଇଁ ରାଷ୍ଟ୍ରପତିଙ୍କୁ ସ୍ୱତନ୍ତ୍ରଭାବେ ତିନିଗୋଟି କ୍ଷମତା ସଂବିଧାନ ଦ୍ୱାରା ପ୍ରଦାନ କରାଯାଇଅଛି । ଆମ ସଂବିଧାନରେ ଯେଉଁ ତିନି ପ୍ରକାରର ଜରୁରୀକାଳୀନ ପରିସ୍ଥିତିର ଉଲ୍ଲେଖ ରହିଛି; ସେଗୁଡ଼ିକ ହେଲା :

**(କ) ଜାତୀୟ ଜରୁରୀ ପରିସ୍ଥିତି :** ଯେତେବେଳେ ରାଷ୍ଟ୍ରପତିଙ୍କ ହୃଦ୍‌ବୋଧ ହୁଏ ଯେ ସମଗ୍ର ଭାରତବର୍ଷ ବା ଏହାର କୌଣସି ଅଞ୍ଚଳର ନିରାପତ୍ତା ଯୁଦ୍ଧ, ବାହ୍ୟଶତ୍ରୁ ଆକ୍ରମଣ ବା ଦେଶ ମଧ୍ୟରେ ସଂଗଠିତ ସଶସ୍ତ୍ର ବିଦ୍ରୋହ ଦ୍ୱାରା ବିପନ୍ନ ହେଉଅଛି ବା ହେବାର ଆଶଙ୍କା ଅଛି, ସେତେବେଳେ ସେ ସମଗ୍ର ଦେଶରେ ବା ଦେଶର କେତେକ ଅଞ୍ଚଳରେ ଜାତୀୟ ଜରୁରୀ ପରିସ୍ଥିତି ଘୋଷଣା କରିପାରିବେ । କେନ୍ଦ୍ର ମନ୍ତ୍ରିମଣ୍ଡଳର ଲିଖିତ ସୁପାରିଶ୍ କ୍ରମେ ହିଁ କେବଳ ରାଷ୍ଟ୍ରପତି ସମ୍ବିଧାନର ୩୫୨ ଧାରା ଅନୁସାରେ ଜାତୀୟ ଜରୁରୀ ପରିସ୍ଥିତି ଘୋଷଣା କରିପାରିବେ । ଏହି ଘୋଷଣାନାମାଟି ଘୋଷଣା ହେବାର ୧ ମାସ ମଧ୍ୟରେ ସଂସଦରେ ଅନୁମୋଦିତ ହେବା ଆବଶ୍ୟକ । ସଂସଦର ଉଭୟ ଗୃହ ଦ୍ୱାରା ଅନ୍ୟୂନ ୨/୩ ଅଂଶ ସଂଖ୍ୟାଗରିଷ୍ଠ ଭୋଟ ସମର୍ଥନରେ ଥରେ ଅନୁମୋଦିତ ହେଲେ, ଜାତୀୟ ଜରୁରୀ ପରିସ୍ଥିତି ଘୋଷଣାନାମା ୬ମାସ ପର୍ଯ୍ୟନ୍ତ ବଳବତ୍ତର ରହେ । ଏହିପରି ଭାବରେ ଥରକୁ ଥର ପ୍ରତି ୬ ମାସରେ ଅନୁମୋଦିତ ହେଲେ, ଜାତୀୟ ଜରୁରୀ ଅବସ୍ଥା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବଳବତ୍ତର ରହିପାରିବ ।

ଜରୁରୀ ପରିସ୍ଥିତିର ପ୍ରଭାବ ସାଧାରଣତଃ ଦୁଇଟି କ୍ଷେତ୍ରରେ ବିଶେଷ ଭାବରେ ଅନୁଭୂତ ହୋଇଥାଏ ।

(୧) ଜାତୀୟ ଜରୁରୀ ପରିସ୍ଥିତି ଘୋଷଣା ହେଲେ ଭାରତରେ ପ୍ରଚଳିତ ସଂଘୀୟ ବ୍ୟବସ୍ଥା କ୍ଷୁଣ୍ଣ ହୋଇଥାଏ । କେନ୍ଦ୍ର ସରକାରଙ୍କର କ୍ଷମତା ସର୍ବବ୍ୟାପୀ ହୋଇଥାଏ; ଯଥା :-

(କ) ରାଜ୍ୟ ତାଲିକାଭୁକ୍ତ ବିଷୟରେ ରାଜ୍ୟମାନଙ୍କ ପାଇଁ ସଂସଦ ଆଇନ ପ୍ରଣୟନ କରିପାରିବ ।

(ଖ) ରାଷ୍ଟ୍ରପତି ରାଜ୍ୟ ସରକାରମାନଙ୍କୁ ସେମାନଙ୍କର ପ୍ରଶାସନିକ କ୍ଷମତା ବ୍ୟବହାର କରିବା ସଂପର୍କରେ ଆବଶ୍ୟକୀୟ ନିର୍ଦ୍ଦେଶ ଦେଇପାରିବେ ।

(ଗ) ରାଷ୍ଟ୍ରପତି କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଆର୍ଥିକ ସଂପର୍କରେ ପରିବର୍ତ୍ତନ ଆଣି ପାରିବେ ।

(୨) ଜାତୀୟ ଜରୁରୀ ପରିସ୍ଥିତି ଘୋଷଣା ହେବା ସଙ୍ଗେ ସଙ୍ଗେ ନାଗରିକମାନଙ୍କର ସମ୍ବିଧାନର ୧୯ ଧାରାରେ ପ୍ରଦତ୍ତ 'ସ୍ୱାଧୀନତା ଅଧିକାର' ଆପେ ଆପେ ନିଲମ୍ବିତ ହୁଏ । ଏହାବ୍ୟତୀତ ରାଷ୍ଟ୍ରପତି ଏକ ସ୍ୱତନ୍ତ୍ର ଘୋଷଣାନାମା ଦ୍ୱାରା ସମ୍ବିଧାନର ୩୨ ଧାରାରେ ପ୍ରଦତ୍ତ "ସାମ୍ବିଧାନିକ ପ୍ରତିକାର ଅଧିକାର" ବା 'ମୌଳିକ ଅଧିକାରର ସୁରକ୍ଷା ଅଧିକାର' ବାତିଲ କରିଦେଇ ପାରନ୍ତି । ଫଳରେ ନାଗରିକମାନେ ସେମାନଙ୍କର ମୌଳିକ ଅଧିକାର ଗୁଡ଼ିକର ସୁରକ୍ଷା ଲାଗି ନ୍ୟାୟାଳୟର ଦ୍ୱାରସ୍ଥ ହୋଇପାରନ୍ତି ନାହିଁ ।

**(ଖ) କୌଣସି ରାଜ୍ୟରେ ସାମ୍ବିଧାନିକ ଶାସନ ବ୍ୟବସ୍ଥାର ବିଫଳତା ବା ଅଚଳାବସ୍ଥା ସଂପର୍କିତ ଜରୁରୀ ପରିସ୍ଥିତି (ରାଷ୍ଟ୍ରପତି ଶାସନ ବ୍ୟବସ୍ଥା) :** ଆମ ସଂବିଧାନ କେନ୍ଦ୍ର ଓ ରାଜ୍ୟମାନଙ୍କରେ ସଂସଦୀୟ ଶାସନ ବ୍ୟବସ୍ଥା ପ୍ରତିଷ୍ଠା କରିଅଛି । ଯଦି କୌଣସି ସମୟରେ ରାଜ୍ୟର ରାଜ୍ୟପାଳଙ୍କ ରିପୋର୍ଟ ବା ଅନ୍ୟ କୌଣସି ସୂତ୍ରରୁ ଜାଣିବା ପରେ ରାଷ୍ଟ୍ରପତିଙ୍କର ଏହା ହୃଦ୍‌ବୋଧ ହୁଏ ଯେ, ରାଜ୍ୟର ଶାସନ ବ୍ୟବସ୍ଥା ସମ୍ବିଧାନ ସ୍ୱୀକୃତ ପନ୍ଥାରେ ପରିଚାଳିତ ହୋଇପାରୁ ନାହିଁ ଓ ସେଠାରେ ସାଂବିଧାନିକ ଶାସନ ବ୍ୟବସ୍ଥା

ବିପର୍ଯ୍ୟସ୍ତ ହୋଇଛି, ତାହା ହେଲେ ରାଷ୍ଟ୍ରପତି ସମ୍ବିଧାନର ୩୫୬ ଧାରା ଅନୁଯାୟୀ ଉକ୍ତ ରାଜ୍ୟରେ ଜରୁରୀ ପରିସ୍ଥିତି ଘୋଷଣା କରିପାରିବେ । ଏହି ପ୍ରକାର ଜରୁରୀ ପରିସ୍ଥିତିକୁ 'ରାଜ୍ୟ ଜରୁରୀ ପରିସ୍ଥିତି' (State Emergency) ବା ରାଷ୍ଟ୍ରପତି ଶାସନ (President's Rule) ମଧ୍ୟ କୁହାଯାଏ । ଯେଉଁ ରାଜ୍ୟରେ ଏ ପ୍ରକାର ଜରୁରୀ ପରିସ୍ଥିତି ଘୋଷଣା କରାଯାଏ, ସେହି ରାଜ୍ୟର ଶାସନ ବ୍ୟବସ୍ଥା କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ହୁଏ । ଏହା ଫଳରେ :

(୧) ସେହି ରାଜ୍ୟର ବିଧାନ ସଭାକୁ ଭାଙ୍ଗି ଦିଆଯାଏ ବା ନିଲମ୍ବିତ କରି ଦିଆଯାଏ । ଉକ୍ତ ରାଜ୍ୟ ପାଇଁ ସଂସଦ ଆଇନ ପ୍ରଣୟନ କରେ । ଏପରିକି ଉକ୍ତ ରାଜ୍ୟର ବଜେଟ୍ ବା ଆୟବ୍ୟୟ ଅଟକଳ ସଂସଦ ଦ୍ୱାରା ଗୃହୀତ ହୋଇଥାଏ ।

(୨) ରାଜ୍ୟର ମନ୍ତ୍ରିମଣ୍ଡଳକୁ ବରଖାସ୍ତ କରିଦିଆଯାଏ । ରାଜ୍ୟର କାର୍ଯ୍ୟପାଳିକା କ୍ଷମତା ରାଷ୍ଟ୍ରପତି ନିଜ ହାତକୁ ନେଇଥାଆନ୍ତି । ରାଷ୍ଟ୍ରପତିଙ୍କ ପ୍ରତିନିଧି ଭାବରେ ରାଜ୍ୟର ରାଜ୍ୟପାଳ କାର୍ଯ୍ୟପାଳିକାର ବାସ୍ତବ ମୁଖ୍ୟ ଭାବେ କାର୍ଯ୍ୟ କରନ୍ତି । ଆବଶ୍ୟକ ସ୍ଥଳେ କେନ୍ଦ୍ର ସରକାର ରାଜ୍ୟପାଳଙ୍କୁ ପ୍ରଶାସନିକ ସହାୟତା ଦେବା ପାଇଁ 'ପରାମର୍ଶ ଦାତା' ନିଯୁକ୍ତ କରନ୍ତି ।

ଏହି ପ୍ରକାର ଜରୁରୀ ପରିସ୍ଥିତି ଘୋଷଣାନାମା ସଂସଦର ଉଭୟ ଗୃହରେ ୨ ମାସ ମଧ୍ୟରେ ଅନୁମୋଦିତ ହେବା ଆବଶ୍ୟକ । ଥରେ ଅନୁମୋଦିତ ହେଲେ ଏହା ୬ ମାସ ପର୍ଯ୍ୟନ୍ତ ବଳବତ୍ତର ରହେ ଏବଂ ଏହିପରି ଭାବରେ ସଂସଦରେ ପୁନଃ ଅନୁମୋଦିତ ହୋଇ ସର୍ବାଧିକ ୩ ବର୍ଷ ପର୍ଯ୍ୟନ୍ତ ଏହି ଜରୁରୀ ପରିସ୍ଥିତି ବଳବତ୍ତର ରହିପାରିବ । ଏଠାରେ ସୂଚୀତ କରାଯାଇପାରେ ଯେ, ରାଷ୍ଟ୍ରପତି ଏହି କ୍ଷମତା ସାବଧାନତାର ସହିତ ଅତ୍ୟାବଶ୍ୟକ କ୍ଷେତ୍ରରେ ପ୍ରୟୋଗ କରିବେ । ନ୍ୟାୟାଳୟ ଏହି ଘୋଷଣାନାମାକୁ ଯଦି ଅସିଦ୍ଧ ଘୋଷଣା କରନ୍ତି, ତେବେ ପୂର୍ବର ପ୍ରଶାସନିକ ସ୍ଥିତାବସ୍ଥା ବଜାୟ ରହେ ।

**(ଗ) ଆର୍ଥିକ ଜରୁରୀ ପରିସ୍ଥିତି :-** ଯେତେବେଳେ ରାଷ୍ଟ୍ରପତି ହୃଦୟଙ୍ଗମ କରନ୍ତି ଯେ, ଭାରତର ଆର୍ଥିକ ସ୍ଥିରତା ବିପନ୍ନ ଏବଂ ଆର୍ଥିକ ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଅଛି, ସେତେବେଳେ ସେ ସମ୍ବିଧାନର ୩୬୦ ଧାରା ବଳରେ ଆର୍ଥିକ ଜରୁରୀ ପରିସ୍ଥିତି ଘୋଷଣା କରି ଥାଆନ୍ତି । ଏହି ସମୟରେ –

(୧) କେନ୍ଦ୍ର ସରକାର, ରାଜ୍ୟ ସରକାରମାନଙ୍କୁ ବିଭିନ୍ନ ଅର୍ଥନୈତିକ ଶୃଙ୍ଖଳା ପାଳନ କରିବା ପାଇଁ ନିର୍ଦ୍ଦେଶ ଦେଇ ଥାଆନ୍ତି ।

(୨) ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ କର୍ମଚାରୀଙ୍କ ଦରମା ହ୍ରାସ କରିବାପାଇଁ ରାଷ୍ଟ୍ରପତି ନିର୍ଦ୍ଦେଶ ଦେଇଥାଆନ୍ତି ।

(୩) ରାଜ୍ୟ ସରକାରଙ୍କର ସମସ୍ତ ଅର୍ଥ ବିଧେୟକ ରାଷ୍ଟ୍ରପତିଙ୍କର ଅନୁମୋଦନ ପାଇଁ ସଂରକ୍ଷିତ କରାଯାଇଥାଏ ।

(୪) ସର୍ବୋଚ୍ଚ ନ୍ୟାୟାଳୟ ଏବଂ ଉଚ୍ଚନ୍ୟାୟାଳୟର ବିଚାରପତିମାନଙ୍କ ସମେତ କେନ୍ଦ୍ର ସରକାରଙ୍କର ସମସ୍ତ କର୍ମଚାରୀଙ୍କର ଦରମା ହ୍ରାସ କରିବା ପାଇଁ ରାଷ୍ଟ୍ରପତି ନିର୍ଦ୍ଦେଶ ଦେଇଥାଆନ୍ତି ।

ଆର୍ଥିକ ଜରୁରୀ ପରିସ୍ଥିତି ଘୋଷଣାନାମା ୨ ମାସ ମଧ୍ୟରେ ସଂସଦ ଦ୍ୱାରା ଅନୁମୋଦିତ ହେବା ଆବଶ୍ୟକ । ଏ ପର୍ଯ୍ୟନ୍ତ ଆମ ଦେଶରେ ଏହି ପ୍ରକାର ଜରୁରୀ ପରିସ୍ଥିତି ଘୋଷଣା କରାଯାଇ ନାହିଁ ।

**ତୁମପାଇଁ କାମ :**

ସଂବିଧାନ କାର୍ଯ୍ୟକାରୀ ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିଥିବା ବ୍ୟକ୍ତିମାନଙ୍କର ନାମ ତାଲିକା ପ୍ରସ୍ତୁତ କର ।

## ରାଷ୍ଟ୍ରପତିଙ୍କର ଭୂମିକା ଓ ପଦ ମର୍ଯ୍ୟାଦା :

ଆମ ଦେଶରେ ସଂସଦୀୟ ଶାସନ ବ୍ୟବସ୍ଥା ପ୍ରଚଳିତ । ଆମର ପ୍ରଧାନମନ୍ତ୍ରୀ ଓ ମନ୍ତ୍ରିମଣ୍ଡଳ ହେଉଛନ୍ତି ବାସ୍ତବ କାର୍ଯ୍ୟପାଳିକା ଏବଂ ରାଷ୍ଟ୍ରପତି ହେଉଛନ୍ତି କେବଳ ନାମକୁ ମାତ୍ର କାର୍ଯ୍ୟପାଳିକା ଓ ସାଂବିଧାନିକ ଶାସନମୁଖ୍ୟ । ସମ୍ବିଧାନ ତାଙ୍କ ଉପରେ କେନ୍ଦ୍ର ସରକାରଙ୍କର ସମସ୍ତ କାର୍ଯ୍ୟପାଳିକା କ୍ଷମତା ନ୍ୟସ୍ତ କରିଅଛି ସତ; ମାତ୍ର ପ୍ରଧାନମନ୍ତ୍ରୀ ଓ ମନ୍ତ୍ରିମଣ୍ଡଳର ପରାମର୍ଶ ବିନା ରାଷ୍ଟ୍ରପତି କୌଣସି କ୍ଷମତା ପ୍ରୟୋଗ କରିପାରିବେ ନାହିଁ । ସେ ଲୋକମାନଙ୍କ ଦ୍ୱାରା ପରୋକ୍ଷରେ ନିର୍ବାଚିତ ହୁଅନ୍ତି ଓ ତାଙ୍କର କାର୍ଯ୍ୟକାଳ ମଧ୍ୟ ନିର୍ଦ୍ଦିଷ୍ଟ । ସେ କେବଳ ମହାଭିଯୋଗ ଦ୍ୱାରା ପଦଚ୍ୟୁତ ହୋଇପାରିବେ । କିନ୍ତୁ ଆମ ସମ୍ବିଧାନ ସ୍ଥାୟିତ୍ୱ ଅପେକ୍ଷା ଉତ୍ତରଦାୟିତ୍ୱ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରିଛି । ତେଣୁ ସଂସଦ ମାଧ୍ୟମରେ ଲୋକମାନଙ୍କ ନିକଟରେ ପ୍ରତ୍ୟେକ କ୍ଷେତ୍ରରେ ଉତ୍ତରଦାୟୀ ରହୁଥିବା ପ୍ରଧାନମନ୍ତ୍ରୀଙ୍କ ସମେତ କେନ୍ଦ୍ର ମନ୍ତ୍ରିମଣ୍ଡଳ ରାଷ୍ଟ୍ରପତିଙ୍କ

ଅପେକ୍ଷା ଅଧିକ ପ୍ରଭାବଶାଳୀ ଓ କ୍ଷମତାଶାଳୀ । ଅପରପକ୍ଷରେ ଭାରତର ରାଷ୍ଟ୍ରପତି ଇଂଲଣ୍ଡର ରାଣୀଙ୍କ ଭଳି କେବଳ ଆଳଙ୍କାରିକ ରାଷ୍ଟ୍ରମୁଖ୍ୟ ନୁହନ୍ତି । ଆମ ଦେଶରେ ବହୁଦଳୀୟ ବ୍ୟବସ୍ଥା ପ୍ରଚଳିତ ଥିବାରୁ ସଂପ୍ରତି ଅଧିକାଂଶ ସମୟରେ 'ଝୁଲା ସଂସଦ' ଓ 'ମିଳିତ ମନ୍ତ୍ରିମଣ୍ଡଳ' ବ୍ୟବସ୍ଥା ଦେଖାଯାଉଛି । ଏପରି ଅସ୍ୱାଭାବିକ ପରିସ୍ଥିତିରେ ରାଷ୍ଟ୍ରପତିଙ୍କୁ ଅତି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇବାକୁ ପଡ଼େ । ସ୍ୱାଭାବିକ ପରିସ୍ଥିତିରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ମନ୍ତ୍ରିମଣ୍ଡଳର "ବନ୍ଧୁ, ପ୍ରୋତ୍ସାହକ ଏବଂ ମାର୍ଗଦର୍ଶକ" ଭାବରେ କାର୍ଯ୍ୟ କରନ୍ତି । ସେ ଦେଶର ଐକ୍ୟ ଓ ସଂହତିର ପ୍ରତୀକ । ସେ ଭାରତର ନୀତି ଓ ଆଦର୍ଶର ବାର୍ତ୍ତାବହ । ଦେଶର ନିରାପତ୍ତା, ପ୍ରଶାସନିକ ସ୍ଥିରତା ଓ ସ୍ୱଚ୍ଛତା ଏବଂ ସଂବିଧାନର ସୁରକ୍ଷା ଇତ୍ୟାଦି ଗୁରୁଦାୟିତ୍ୱ ରାଷ୍ଟ୍ରପତିଙ୍କ ଉପରେ ନ୍ୟସ୍ତ । ସେ ପରୋକ୍ଷରେ ଦେଶବାସୀଙ୍କ ନିକଟରେ ଉତ୍ତରଦାୟୀ, ଏଥିରେ ଦ୍ୱିମତ ନାହିଁ ।

**ଉପରାଷ୍ଟ୍ରପତି :**

ଆମ ସମ୍ବିଧାନ ଦ୍ୱାରା ଉପରାଷ୍ଟ୍ରପତି ପଦ ସୃଷ୍ଟ ଓ ସ୍ୱୀକୃତ ।

**ଯୋଗ୍ୟତା :**

ଉପରାଷ୍ଟ୍ରପତି ପଦ ପାଇଁ ପ୍ରାର୍ଥୀଙ୍କର ନିମ୍ନୋକ୍ତ ଯୋଗ୍ୟତା ଥିବା ଆବଶ୍ୟକ ।

(୧) ସେ ଜଣେ ଭାରତୀୟ ନାଗରିକ ହୋଇଥିବେ ।

(୨) ତାଙ୍କୁ ଅତିକମ୍‌ରେ ୩୫ ବର୍ଷ ବୟସ ହୋଇଥିବ ।

(୩) ରାଜ୍ୟସଭାର ସଦସ୍ୟ ହେବା ପାଇଁ ତାଙ୍କର ସମସ୍ତ ଯୋଗ୍ୟତା ଥିବ ।

(୪) ସେ କେନ୍ଦ୍ର ବା ରାଜ୍ୟ ସରକାରଙ୍କ ଅଧୀନରେ କୌଣସି ଲାଭଜନକ ପଦବୀରେ ନଥିବେ ।

(୫) ସେ ସଂସଦ ବା ରାଜ୍ୟ ବିଧାନ ମଣ୍ଡଳର ସଦସ୍ୟ ନଥିବେ । ଯଦି ବା ଥିବେ, ତେବେ ଉପରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିବା ପୂର୍ବରୁ ସେହି ପଦରୁ ଇସ୍ତଫା ପ୍ରଦାନ କରିବେ ।

**ନିର୍ବାଚନ :**

ଉପରାଷ୍ଟ୍ରପତି ସଂସଦର ଉଭୟ ଗୃହର ସମସ୍ତ ସଭ୍ୟଙ୍କୁ ନେଇ ଗଠିତ ନିର୍ବାଚକ ମଣ୍ଡଳୀ ଦ୍ୱାରା ଆନୁପାତିକ ପ୍ରତିନିଧିତ୍ୱ ଓ ଏକକ ହସ୍ତାନ୍ତରୀୟ ଗୋପନୀୟ ଭୋଟଦାନ ପ୍ରଣାଳୀରେ ନିର୍ବାଚିତ ହୁଅନ୍ତି ।

**କାର୍ଯ୍ୟକାଳ :**

ଉପରାଷ୍ଟ୍ରପତି ୫ ବର୍ଷ ପାଇଁ ନିର୍ବାଚିତ ହୋଇଥାଆନ୍ତି । କାର୍ଯ୍ୟକାଳ ସମାପ୍ତି ହେବା ପୂର୍ବରୁ ସେ ଇସ୍ତଫା ପ୍ରଦାନ କରିପାରନ୍ତି ବା ତାଙ୍କୁ ପଦଚ୍ୟୁତ କରାଯାଇପାରେ । ଯେତେବେଳେ ରାଜ୍ୟସଭାର ସଂଖ୍ୟାଗରିଷ୍ଠ ସଭ୍ୟ ଉପରାଷ୍ଟ୍ରପତିଙ୍କୁ ବହିଷ୍କାର କରିବା ପାଇଁ ପ୍ରସ୍ତାବ ଗ୍ରହଣ କରିବେ ଏବଂ ଉକ୍ତ ପ୍ରସ୍ତାବ ଲୋକସଭାର ସମ୍ମତି ଲାଭ କରିବ, ସେତେବେଳେ ଉପରାଷ୍ଟ୍ରପତି ପଦଚ୍ୟୁତ ହେବେ ।

**କାର୍ଯ୍ୟାବଳୀ :**

ଉପରାଷ୍ଟ୍ରପତି ହେଉଛନ୍ତି ଜଣେ ସାମ୍ବିଧାନିକ ପଦାଧିକାରୀ; ମାତ୍ର ସମ୍ବିଧାନ ତାଙ୍କ ହାତରେ କୌଣସି ଗୁରୁତ୍ୱପୂର୍ଣ୍ଣ କ୍ଷମତା ବା ଦାୟିତ୍ୱ ନ୍ୟସ୍ତ କରିନାହିଁ । ସେ କେବଳ ମାତ୍ର ୨ଟି ସାମ୍ବିଧାନିକ କର୍ତ୍ତବ୍ୟ ସଂପାଦନ କରନ୍ତି ।

(୧) ଯେତେବେଳେ ମୃତ୍ୟୁ, ପଦତ୍ୟାଗ, ପଦଚ୍ୟୁତି ବା ଅନ୍ୟକୌଣସି, ଯଥା, ନିର୍ବାଚନ ଅସିଦ୍ଧ କାରଣରୁ ରାଷ୍ଟ୍ରପତିଙ୍କ ପଦବୀ ଶୂନ୍ୟ ପଡ଼େ, ସେତେବେଳେ ଉପରାଷ୍ଟ୍ରପତି ସର୍ବାଧିକ ୬ ମାସ ପର୍ଯ୍ୟନ୍ତ ବା ସେହି ସମୟ ମଧ୍ୟରେ ନୂତନ ରାଷ୍ଟ୍ରପତି ନିର୍ବାଚିତ ହେବା ପର୍ଯ୍ୟନ୍ତ ଅସ୍ଥାୟୀ ରାଷ୍ଟ୍ରପତି ଭାବେ କାର୍ଯ୍ୟ କରନ୍ତି । ଏହି ସମୟରେ ସେ ରାଷ୍ଟ୍ରପତିଙ୍କର ପଦବୀ ସଂପୃକ୍ତ ସମସ୍ତ ସୁବିଧା ସୁଯୋଗ ଉପଭୋଗ କରନ୍ତି ।

ପୁନଶ୍ଚ ରାଷ୍ଟ୍ରପତି ଯଦି ଅସୁସ୍ଥତା ବଶତଃ ବା ଅନୁପସ୍ଥିତ ରହିବା ହେତୁ ବା ଅନ୍ୟକୌଣସି କାରଣରୁ ତାଙ୍କର କାର୍ଯ୍ୟ ସଂପାଦନ କରିବାରେ ଅସମର୍ଥ ହୁଅନ୍ତି, ତାହା ହେଲେ ଉପରାଷ୍ଟ୍ରପତି, ରାଷ୍ଟ୍ରପତିଙ୍କର କାର୍ଯ୍ୟ ସେହି ସମୟରେ ସଂପାଦନ କରିଥାଆନ୍ତି ।

(୨) ଉପରାଷ୍ଟ୍ରପତି ସାଧାରଣତଃ ନିଜ ପଦାଧିକାର ବଳରେ ରାଜ୍ୟସଭାର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରନ୍ତି । ଲୋକସଭାର ବାଚସ୍ପତିଙ୍କ ପରି ସେ ରାଜ୍ୟସଭାର ଅଧିବେଶନ କାର୍ଯ୍ୟ ପରିଚାଳନା କରନ୍ତି ।

ରାଷ୍ଟ୍ରପତିଙ୍କ ପରି ଉପରାଷ୍ଟ୍ରପତି କେତେକ ଆଳଂକାରିକ କାର୍ଯ୍ୟ ସଂପାଦନ କରିଥାଆନ୍ତି । ସେ ବିଦେଶ ଗସ୍ତ କରି ସରକାରଙ୍କର ନୀତି ଓ ଆଦର୍ଶକୁ ଉପସ୍ଥାପିତ କରିଥାଆନ୍ତି । ଅନେକ ସମୟରେ ବିଭିନ୍ନ ସାମାଜିକ ତଥା ସାଂସ୍କୃତିକ ଉତ୍ସବରେ ସେ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରନ୍ତି ।

> **ତୁମପାଇଁ କାମ :**
>
> ଅଦ୍ୟାବଧି ଉପରାଷ୍ଟ୍ରପତି ଭାବରେ ଦାୟିତ୍ୱ ତୁଲାଇଥିବା ବ୍ୟକ୍ତିମାନଙ୍କର ନାମ ତାଲିକା ପ୍ରସ୍ତୁତ କର ।

**କେନ୍ଦ୍ର ମନ୍ତ୍ରିପରିଷଦ (Union Council of Ministers) :**

ଆମ ଦେଶରେ 'ସଂସଦୀୟ ସରକାର' ବା 'ମନ୍ତ୍ରିମଣ୍ଡଳୀୟ ସରକାର' (Cabinet Government) ପ୍ରଚଳିତ । କେନ୍ଦ୍ର ସରକାରଙ୍କର ସମସ୍ତ କାର୍ଯ୍ୟପାଳିକା କ୍ଷମତା ସମ୍ବିଧାନ ଦ୍ୱାରା ରାଷ୍ଟ୍ରପତିଙ୍କଠାରେ ନ୍ୟସ୍ତ ହେଲେ ମଧ୍ୟ ବାସ୍ତବରେ ମନ୍ତ୍ରିମଣ୍ଡଳ ବା ମନ୍ତ୍ରିପରିଷଦ (Council of Ministers) ଏହି ସମସ୍ତ କ୍ଷମତା ପ୍ରୟୋଗ କରିଥାଆନ୍ତି । ସମ୍ବିଧାନର ୭୪ (୧) ଧାରାରେ ଉଲ୍ଲେଖ ରହିଛି ଯେ ରାଷ୍ଟ୍ରପତିଙ୍କ କାର୍ଯ୍ୟ ସଂପାଦନାରେ ସହାୟତା କରିବା ପାଇଁ ଏବଂ ତାଙ୍କୁ ପରାମର୍ଶ ପ୍ରଦାନ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ମନ୍ତ୍ରିପରିଷଦ ରହିବ ।

**ମନ୍ତ୍ରିପରିଷଦ ଗଠନ :**

ପ୍ରଧାନମନ୍ତ୍ରୀ ହେଉଛନ୍ତି କେନ୍ଦ୍ର ମନ୍ତ୍ରିପରିଷଦର ମୁଖ୍ୟ । ପ୍ରତ୍ୟେକ ସାଧାରଣ ନିର୍ବାଚନ ପରେ ଲୋକସଭାରେ ସଂଖ୍ୟା ଗରିଷ୍ଠ ଆସନ ଲାଭ କରିଥିବା ଗୋଟିଏ ରାଜନୈତିକ ଦଳ ବା ଏକାଧିକ ଦଳର ମେଣ୍ଟର ନେତାଙ୍କୁ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀ ଭାବରେ ନିଯୁକ୍ତି ଦିଅନ୍ତି । ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ କ୍ରମେ ରାଷ୍ଟ୍ରପତି ଅନ୍ୟ ମନ୍ତ୍ରୀମାନଙ୍କୁ ନିଯୁକ୍ତି ପ୍ରଦାନ କରନ୍ତି । ମନ୍ତ୍ରୀପରିଷଦର ସଦସ୍ୟମାନେ ସଂସଦର ଯେକୌଣସି ଗୃହର ସଦସ୍ୟ ହୋଇଥାଇ ପାରନ୍ତି । ଯଦି କୌଣସି ବ୍ୟକ୍ତି ସଂସଦର ସଭ୍ୟ ନ ଥାଇ ମନ୍ତ୍ରୀ ଭାବେ ନିଯୁକ୍ତ ହୁଅନ୍ତି, ତାହା ହେଲେ ତାଙ୍କୁ ୬ ମାସ ମଧ୍ୟରେ ସଂସଦର ଯେ କୌଣସି ଗୃହର ସଭ୍ୟଭାବେ ନିର୍ବାଚିତ ହେବାକୁ ପଡ଼ିବ । ନଚେତ୍ ସେ ମନ୍ତ୍ରୀପଦ ହରାଇବେ । ପ୍ରଧାନମନ୍ତ୍ରୀ, ମନ୍ତ୍ରୀମାନଙ୍କ ମଧ୍ୟରେ ବିଭାଗ ବଣ୍ଟନ ଏବଂ ଆବଶ୍ୟକ ସମୟରେ ବିଭାଗ ଅଦଳ ବଦଳ ମଧ୍ୟ କରିଥାଆନ୍ତି । ମନ୍ତ୍ରୀମାନଙ୍କର ସଂଖ୍ୟା ଓ ମନ୍ତ୍ରିପରିଷଦର ଆକାର ଓ ସ୍ୱରୂପ ପ୍ରଧାନମନ୍ତ୍ରୀ ସ୍ଥିର କରନ୍ତି । ତେବେ ସାଂପ୍ରତିକ ବ୍ୟବସ୍ଥା ଅନୁସାରେ କେନ୍ଦ୍ର ମନ୍ତ୍ରିପରିଷଦର ସଭ୍ୟ ସଂଖ୍ୟା ଲୋକସଭାର ସଭ୍ୟ ସଂଖ୍ୟାର ୧୫ ପ୍ରତିଶତରୁ ଅଧିକ ହେବ ନାହିଁ । ମନ୍ତ୍ରିପରିଷଦର ଗଠନ ବେଳେ ପ୍ରଧାନମନ୍ତ୍ରୀ ଦେଶର ବିଭିନ୍ନ ରାଜ୍ୟ, ଅନୁସୂଚୀତ ଜାତି ଓ ଜନଜାତି ତଥା ମହିଳାମାନଙ୍କୁ ଉପଯୁକ୍ତ ପ୍ରତିନିଧିତ୍ୱ ଦେଇଥାଆନ୍ତି । ସେହିପରି ମିଳିତ ମନ୍ତ୍ରିମଣ୍ଡଳ ଗଠନରେ ମେଣ୍ଟ ଦଳର ସଭ୍ୟସଂଖ୍ୟା ତଥା ମନ୍ତ୍ରୀପଦର ଗୁରୁତ୍ୱ ଓ ପୂର୍ବ ଅଭିଜ୍ଞତାକୁ ବିଚାରକୁ ନିଆଯାଇଥାଏ ।

> **ତୁମପାଇଁ କାମ :**
>
> କେନ୍ଦ୍ର ମନ୍ତ୍ରିପରିଷଦର ମନ୍ତ୍ରୀମାନଙ୍କର ନାମ ତାଲିକା ପ୍ରସ୍ତୁତ କର ଏବଂ ମନ୍ତ୍ରୀମାନଙ୍କର ବିଭାଗ ଲେଖ ।

**ମନ୍ତ୍ରିପରିଷଦର ଶ୍ରେଣୀ ବିଭାଗ :**

ମନ୍ତ୍ରିପରିଷଦରେ ସାଧାରଣତଃ ଚାରି ପ୍ରକାରର ମନ୍ତ୍ରୀ ଥାଆନ୍ତି, ଯଥା : **(କ) କ୍ୟାବିନେଟ୍ ପାହ୍ୟାମନ୍ତ୍ରୀ, (ଖ) ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ), (ଗ) ରାଷ୍ଟ୍ରମନ୍ତ୍ରୀ (ଘ) ଉପମନ୍ତ୍ରୀ ।**

କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟାରେ ସାଧାରଣତଃ ବୟସ୍କ, ବରିଷ୍ଠ, ଅଭିଜ୍ଞ ତଥା ପ୍ରଶାସନିକ, ରାଜନୈତିକ ଅନୁଭୂତି ସଂପନ୍ନ ବ୍ୟକ୍ତିମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ବିଭାଗମାନଙ୍କର ଦାୟିତ୍ୱ ଦିଆଯାଇଥାଏ । ସେମାନଙ୍କୁ ନେଇ 'କ୍ୟାବିନେଟ୍' (Cabinet) ଗଠିତ ହୋଇଥାଏ । ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟ ପରିଚାଳନା ପାଇଁ ଅଧିକାଂଶ ସମୟରେ ଏହି କ୍ୟାବିନେଟ ବୈଠକରେ ସମସ୍ତ ନୀତି ନିର୍ଦ୍ଧାରଣ କରାଯାଏ । କ୍ୟାବିନେଟ୍ ବୈଠକରେ କେବଳ କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀମାନେ ଯୋଗ ଦିଅନ୍ତି ଏବଂ ସ୍ୱାଧୀନ ଭାବେ କାର୍ଯ୍ୟ କରୁଥିବା ରାଷ୍ଟ୍ରମନ୍ତ୍ରୀମାନେ ସ୍ୱତନ୍ତ୍ର ଭାବେ ନିମନ୍ତ୍ରିତ ହୋଇ ଯୋଗ ଦିଅନ୍ତି ।

ରାଷ୍ଟ୍ରମନ୍ତ୍ରୀ ହେଉଛନ୍ତି ଦୁଇ ଶ୍ରେଣୀର । କେତେକ ରାଷ୍ଟ୍ରମନ୍ତ୍ରୀ ସ୍ୱାଧୀନ ଭାବେ ଏକ ବା ଏକାଧିକ ବିଭାଗର ଦାୟିତ୍ୱରେ ରହନ୍ତି । ଅନ୍ୟ କେତେକ ରାଷ୍ଟ୍ରମନ୍ତ୍ରୀ ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡ଼ିକରେ କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀମାନଙ୍କୁ ସାହାଯ୍ୟ ଓ ସହାୟତା ପ୍ରଦାନ କରନ୍ତି ।

ଉପମନ୍ତ୍ରୀମାନେ କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀ ଏବଂ ରାଷ୍ଟ୍ରମନ୍ତ୍ରୀମାନଙ୍କୁ ସହାୟତା କରିବା ପାଇଁ ନିଯୁକ୍ତି ପାଇଥାଆନ୍ତି ।

ଏହି ତିନି ଶ୍ରେଣୀର ମନ୍ତ୍ରୀମାନଙ୍କ ବ୍ୟତୀତ 'ସଂସଦୀୟ ସଚିବ' (Parliamentary Secretary) ମାନେ ମଧ୍ୟ ଆବଶ୍ୟକ ସ୍ଥଳେ ନିଯୁକ୍ତ ହୁଅନ୍ତି । ଏହି 'ସଂସଦୀୟ ସଚିବ'ମାନେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ନିଯୁକ୍ତ ହୋଇଥାଆନ୍ତି ।

**ମନ୍ତ୍ରିପରିଷଦର କାର୍ଯ୍ୟକାଳ ଓ ଉତ୍ତର ଦାୟିତ୍ୱ :**

ଆମ ସମ୍ବିଧାନ ଅନୁସାରେ କେନ୍ଦ୍ର ମନ୍ତ୍ରିପରିଷଦ ସଂସଦର ନିମ୍ନ ସଦନ ବା ଲୋକସଭା ନିକଟରେ ବ୍ୟକ୍ତିଗତ ଓ ସାମୂହିକ ଭାବରେ ଉତ୍ତରଦାୟୀ ।

'ସାମୂହିକ ଉତ୍ତରଦାୟିତ୍ୱ'ର ଅର୍ଥ ହେଉଛି ଯେକୌଣସି ମନ୍ତ୍ରୀଙ୍କର ଦୋଷ, ତ୍ରୁଟି ପାଇଁ ସମଗ୍ର ମନ୍ତ୍ରିପରିଷଦ ଉତ୍ତର ଦାୟୀ । ତେଣୁ ମନ୍ତ୍ରିପରିଷଦର ସ୍ଥିତି ଓ ବିଲୟ ସଦା ସର୍ବଦା ସାମଗ୍ରିକ ବା ସାମୂହିକ ଭାବରେ ହୋଇଥାଏ । ମନ୍ତ୍ରିପରିଷଦର ସମସ୍ତ ମନ୍ତ୍ରୀ ସହମତ ହୋଇ କାର୍ଯ୍ୟ କରିବେ । ଯଦି କୌଣସି ମନ୍ତ୍ରୀ ମନ୍ତ୍ରିପରିଷଦର ନିଷ୍ପତ୍ତି ସହିତ ଏକମତ ହୋଇ ନ ପାରନ୍ତି, ତେବେ ସେ ଇସ୍ତଫା ଦେଇଥାଆନ୍ତି ।

ମନ୍ତ୍ରିପରିଷଦ ଯେ ପର୍ଯ୍ୟନ୍ତ ଲୋକସଭାରେ ସଂଖ୍ୟା ଗରିଷ୍ଠ ସଭ୍ୟମାନଙ୍କର ଆସ୍ଥାଭାଜନ ହୋଇଥିବ, ସେ ପର୍ଯ୍ୟନ୍ତ କ୍ଷମତାରେ ରହିଥିବ ।

ଲୋକସଭା 'ଅନାସ୍ଥା ପ୍ରସ୍ତାବ' ଅନୁମୋଦନ କରି କିମ୍ବା ଅର୍ଥ ବିଧେୟକକୁ ଅନୁମୋଦନ ନଦେଇ ମନ୍ତ୍ରିପରିଷଦ ବିରୁଦ୍ଧରେ ନିଜର ଅନାସ୍ଥା ଭାବ ପ୍ରକଟ କରିଥାଏ ।

ସଂସଦ ନିକଟରେ ସାମୂହିକ ଭାବରେ ଉତ୍ତରଦାୟୀ ହେବା ସହିତ ମନ୍ତ୍ରିପରିଷଦର ସଦସ୍ୟମାନେ ବ୍ୟକ୍ତିଗତ ଭାବରେ ମଧ୍ୟ ଉତ୍ତରଦାୟୀ । ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ରାଷ୍ଟ୍ରପତିଙ୍କର ମର୍ଜି ଉପରେ (During the pleasure of the President) ମନ୍ତ୍ରୀମାନେ ନିଜ ନିଜ ପଦବୀରେ ଥାଆନ୍ତି ସତ; ମାତ୍ର ଯେକୌଣସି ସମୟରେ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ କ୍ରମେ ରାଷ୍ଟ୍ରପତି ଯେକୌଣସି ମନ୍ତ୍ରୀଙ୍କୁ ନିଜ ପଦବୀରୁ ବରଖାସ୍ତ କରିଥାଆନ୍ତି ।

**ମନ୍ତ୍ରିପରିଷଦର କାର୍ଯ୍ୟାବଳୀ :**

ମନ୍ତ୍ରିପରିଷଦର ମୁଖ୍ୟ କାର୍ଯ୍ୟଗୁଡ଼ିକ ନିମ୍ନପ୍ରକାରର :

୧. **ନୀତି ନିର୍ଦ୍ଧାରଣ :** ମନ୍ତ୍ରିମଣ୍ଡଳ ଦେଶର ଶାସନ ତଥା ବୈଦେଶିକ ବ୍ୟାପାର ସଂପର୍କରେ ବିଭିନ୍ନ ନୀତି ନିର୍ଦ୍ଧାରଣ କରନ୍ତି ।

୨. **ନିର୍ଦ୍ଧାରିତ ନୀତିର ପ୍ରୟୋଗ :** ମନ୍ତ୍ରିମଣ୍ଡଳ କେବଳ ନୀତି ନିର୍ଦ୍ଧାରଣ କରି ନ ଥାଆନ୍ତି, ବିଭିନ୍ନ ନୀତିଗୁଡ଼ିକ କିପରି ଠିକ୍ ଭାବେ ଏବଂ ଉପଯୁକ୍ତ ସମୟରେ କାର୍ଯ୍ୟକାରୀ ହୋଇପାରିବ; ସେ ସଂପର୍କରେ ମଧ୍ୟ ନିଷ୍ପତ୍ତି ଗ୍ରହଣ କରିଥା'ନ୍ତି ।

୩. **ଆଇନ ପ୍ରଣୟନ :** ଆଇନ ପ୍ରଣୟନ ସଂସଦର କାର୍ଯ୍ୟ ହୋଇଥିଲେ ସୁଦ୍ଧା, ବିଭିନ୍ନ ଆଇନର ରୂପ ରେଖ ଓ ବିଷୟ ବସ୍ତୁ ନିର୍ଦ୍ଧାରଣ ପ୍ରକୃତରେ ମନ୍ତ୍ରିମଣ୍ଡଳ ସ୍ଥିର କରନ୍ତି ।

୪. **ଅର୍ଥ ସମ୍ବନ୍ଧୀୟ :** ଦେଶର ଆୟବ୍ୟୟର ବିଭିନ୍ନ ସୂତ୍ର ନିର୍ଦ୍ଧାରଣ ଓ ବଜେଟ୍ (ଆୟ ବ୍ୟୟ ଅଟକଳ) ପ୍ରସ୍ତୁତି ଇତ୍ୟାଦି କାର୍ଯ୍ୟ ମନ୍ତ୍ରିମଣ୍ଡଳ ଦ୍ୱାରା ଅନୁମୋଦିତ ହୁଏ ।

୫. **ରାଷ୍ଟ୍ରପତିଙ୍କୁ ପରାମର୍ଶ ପ୍ରଦାନ :** ଦେଶ ଶାସନ ଏବଂ ରାଷ୍ଟ୍ରପତିଙ୍କ କାର୍ଯ୍ୟ ସଂପାଦନ କ୍ଷେତ୍ରରେ ତାଙ୍କୁ ସମୁଚିତ ପରାମର୍ଶ ପ୍ରଦାନ କରିବା ହେଉଛି ମନ୍ତ୍ରିପରିଷଦର ପ୍ରଧାନ କାର୍ଯ୍ୟ ।

୬. **ଆନ୍ତର୍ବିଭାଗୀୟ ସମନ୍ୱୟ :** ସରକାରଙ୍କର ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା କରିବା ଏବଂ ସାମୂହିକ ଭାବରେ ସରକାରଙ୍କର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ କରିବା ମନ୍ତ୍ରିପରିଷଦର ମୁଖ୍ୟ କର୍ତ୍ତବ୍ୟ ।

**ଭୂମିକା :** ସଂସଦୀୟ ସରକାରରେ ମନ୍ତ୍ରିପରିଷଦର ଭୂମିକା ବିଶେଷ ଭାବରେ ଗୁରୁତ୍ୱପୂର୍ଣ୍ଣ । ମାତ୍ର ପରିବର୍ତ୍ତିତ ପରିସ୍ଥିତିରେ କାଳକ୍ରମେ ସଂସଦ ଏବଂ ମନ୍ତ୍ରିପରିଷଦର କ୍ଷମତା ଓ ପଦମର୍ଯ୍ୟାଦା ସଂକୁଚିତ ହେଉଅଛି ।

ଅପରପକ୍ଷେ ମିଳିତ ସରକାର ବା ମେଣ୍ଟ ସରକାରରେ ଭାଗୀଦାର ଥିବା ବିଭିନ୍ନ ରାଜନୈତିକ ଦଳଗୁଡ଼ିକର ପରସ୍ପର ବିରୋଧି କାର୍ଯ୍ୟ କଳାପ ହେତୁ ମନ୍ତ୍ରିପରିଷଦ ଏକ ସୁଦୃଢ଼ ତଥା ସମନ୍ୱିତ ଦଳ (Team) ଭାବରେ କାର୍ଯ୍ୟ କରିପାରୁ ନାହିଁ । ଫଳରେ ମେଣ୍ଟ ସରକାରରେ ସ୍ଥିରତା ରହିପାରୁ ନାହିଁ ।

**ପ୍ରଧାନମନ୍ତ୍ରୀ :**

ସଂସଦୀୟ ସରକାରରେ ପ୍ରଧାନମନ୍ତ୍ରୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କେନ୍ଦ୍ର ମନ୍ତ୍ରିପରିଷଦର ଅଧକ୍ଷ ଭାବରେ ପ୍ରଧାନମନ୍ତ୍ରୀ ବାସ୍ତବରେ କେନ୍ଦ୍ର କାର୍ଯ୍ୟପାଳିକାର ମୁଖ୍ୟ ଅଟନ୍ତି । ସମ୍ବିଧାନ ଅନୁଯାୟୀ କେନ୍ଦ୍ରର ସମସ୍ତ କାର୍ଯ୍ୟପାଳିକା କ୍ଷମତା ରାଷ୍ଟ୍ରପତିଙ୍କ ଠାରେ ନ୍ୟସ୍ତ ହୋଇଥିଲେ ମଧ୍ୟ, ବାସ୍ତବରେ ପ୍ରଧାନମନ୍ତ୍ରୀଙ୍କ ବିନା ପରାମର୍ଶରେ କୌଣସି କ୍ଷମତା ରାଷ୍ଟ୍ରପତି ବ୍ୟବହାର କରନ୍ତି ନାହିଁ । ତେଣୁ ଆମ ଦେଶର ରାଜନୈତିକ ତଥା ପ୍ରଶାସନିକ ବ୍ୟବସ୍ଥାରେ ପ୍ରଧାନମନ୍ତ୍ରୀ ସବୁଠାରୁ ଅଧିକ କ୍ଷମତାଶାଳୀ ।

**କାର୍ଯ୍ୟାବଳୀ :**

ଭାରତୀୟ ସାଂବିଧାନିକ, ପ୍ରଶାସନିକ ତଥା ରାଜନୈତିକ ବ୍ୟବସ୍ଥାରେ ପ୍ରଧାନମନ୍ତ୍ରୀ ବହୁବିଧ ଭୂମିକାରେ କାର୍ଯ୍ୟ ସଂପାଦନ କରନ୍ତି ।

**(୧) ପ୍ରଧାନମନ୍ତ୍ରୀ ହେଉଛନ୍ତି କେନ୍ଦ୍ରମନ୍ତ୍ରିମଣ୍ଡଳର ମୁଖ୍ୟ :-** ପ୍ରତ୍ୟେକ ସାଧାରଣ ନିର୍ବାଚନ ପରେ ଲୋକସଭାରେ ସଂଖ୍ୟା ଗରିଷ୍ଠ ଆସନ ପାଇଥିବା ଦଳର ବା ସଂଖ୍ୟା ଗରିଷ୍ଠ ଆସନ

ପାଇଥିବା ମେଣ୍ଟ ଦଳମାନଙ୍କର ନିର୍ବାଚିତ ନେତାଙ୍କୁ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀ ଭାବେ ସରକାର ଗଠନ କରିବା ପାଇଁ ଆମନ୍ତ୍ରଣ କରନ୍ତି । ଏହାପରେ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶରେ ଅନ୍ୟମନ୍ତ୍ରୀମାନେ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ହୁଅନ୍ତି । ପ୍ରଧାନମନ୍ତ୍ରୀ ମନ୍ତ୍ରୀମାନଙ୍କର ପାହ୍ୟା ନିର୍ଦ୍ଧାରଣ କରନ୍ତି ଏବଂ ସେମାନଙ୍କ ମଧ୍ୟରେ ବିଭାଗ ବଣ୍ଟନ କରିଥାଆନ୍ତି । ସେ ମନ୍ତ୍ରିମଣ୍ଡଳର ବୈଠକ ଆହ୍ୱାନ କରନ୍ତି; ଏହାର କାର୍ଯ୍ୟସୂଚୀ ସ୍ଥିର କରନ୍ତି ଏବଂ ବୈଠକରେ ଅଧ୍ୟକ୍ଷତା କରନ୍ତି । ସେ ମନ୍ତ୍ରୀମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରନ୍ତି ଓ ସେମାନଙ୍କ ମଧ୍ୟରେ ସାମୂହିକ ଦାୟିତ୍ୱ ବୋଧ ବଜାୟ ରଖନ୍ତି । ପ୍ରତ୍ୟେକ ମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କର ନେତୃତ୍ୱ ମାନିବାକୁ ବାଧ୍ୟ । ନଚେତ୍ ମନ୍ତ୍ରିପରିଷଦରୁ ବାହାରିଯିବା ବ୍ୟତୀତ ତାଙ୍କର ଅନ୍ୟ କୌଣସି ପନ୍ଥା ନାହିଁ । ସେ ମନ୍ତ୍ରିପରିଷଦର ସୃଷ୍ଟି, ସ୍ଥିତି ଓ ବିଲୟର କେନ୍ଦ୍ର ବିନ୍ଦୁ । ସେ ଚାହିଁଲେ ଯେ କୌଣସି ମନ୍ତ୍ରୀଙ୍କର ବିଭାଗ ପରିବର୍ତ୍ତନ କରିପାରନ୍ତି ବା ମନ୍ତ୍ରୀଙ୍କୁ ବହିଷ୍କାର କରିପାରନ୍ତି । ତାଙ୍କ ମୃତ୍ୟୁ ବା ପଦତ୍ୟାଗ ଫଳରେ କେନ୍ଦ୍ର ମନ୍ତ୍ରିମଣ୍ଡଳର ପତନ ଘଟିଥାଏ । ଅନାସ୍ଥା ପ୍ରସ୍ତାବ ଲୋକସଭାରେ ଗୃହୀତ ହେଲେ ପ୍ରଧାନମନ୍ତ୍ରୀ ଓ ତାଙ୍କର ମନ୍ତ୍ରିପରିଷଦ ପଦଚ୍ୟୁତ ହୁଅନ୍ତି ।

(୨) **ରାଷ୍ଟ୍ରପତି ଏବଂ ମନ୍ତ୍ରିମଣ୍ଡଳ ମଧ୍ୟରେ ପ୍ରଧାନମନ୍ତ୍ରୀ ହେଉଛନ୍ତି ଯୋଗସୂତ୍ର ରକ୍ଷାକାରୀ :-** ପ୍ରଧାନମନ୍ତ୍ରୀ ହେଉଛନ୍ତି ରାଷ୍ଟ୍ରପତିଙ୍କର ପ୍ରଧାନ ପରାମର୍ଶଦାତା । ସେ ରାଷ୍ଟ୍ରପତିଙ୍କୁ ମନ୍ତ୍ରିମଣ୍ଡଳର ସମସ୍ତ ନିଷ୍ପତ୍ତି ଜଣାଇଥାଆନ୍ତି । ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରେରିତ ବାର୍ତ୍ତାକୁ ସେ ମନ୍ତ୍ରିମଣ୍ଡଳ ବୈଠକରେ ଆଲୋଚନା ପାଇଁ ଉପସ୍ଥାପନ କରନ୍ତି । ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତିଙ୍କୁ ସଂସଦ ତଥା ଦେଶଶାସନ ଓ ବୈଦେଶିକ ବ୍ୟାପାର ସଂପର୍କରେ ବିଶେଷ ଭାବେ ଅବଗତ କରାନ୍ତି । ବିଦେଶଗସ୍ତରୁ ପ୍ରତ୍ୟାବର୍ତ୍ତନ କରିବା ପରେ ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ସବିଶେଷ ଆଲୋଚନା କରନ୍ତି ।

(୩) **ମନ୍ତ୍ରିମଣ୍ଡଳ ଓ ସଂସଦ ମଧ୍ୟରେ ପ୍ରଧାନମନ୍ତ୍ରୀ ହେଉଛନ୍ତି ଯୋଗସୂତ୍ର ରକ୍ଷାକାରୀ :-** ପ୍ରଧାନମନ୍ତ୍ରୀ ସଂସଦ ଓ ମନ୍ତ୍ରିମଣ୍ଡଳ ମଧ୍ୟରେ ସମନ୍ୱୟ ରକ୍ଷା କରି ଥାଆନ୍ତି । ସଂସଦରେ ଆଗତ ହେବାକୁ ଥିବା ବିଭିନ୍ନ ଚିଠା ଆଇନ୍ ବା 'ବିଲ୍' ବିଷୟରେ ସେ ମନ୍ତ୍ରିମଣ୍ଡଳର ବୈଠକରେ ଆଲୋଚନା କରନ୍ତି ଏବଂ ସଂସଦରେ ସଭ୍ୟମାନଙ୍କର ପ୍ରଶ୍ନର ଉତ୍ତର ପ୍ରଦାନ କରନ୍ତି । ମନ୍ତ୍ରିମଣ୍ଡଳ ଦ୍ୱାରା ଗୃହୀତ ସରକାରଙ୍କର ନୀତିଗୁଡ଼ିକ ସଂସଦରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉପସ୍ଥାପିତ ହୁଏ । ମନ୍ତ୍ରିମଣ୍ଡଳର ବୈଠକରେ ପ୍ରଧାନମନ୍ତ୍ରୀ ଅଧ୍ୟକ୍ଷତା କରନ୍ତି ।

(୪) **ପ୍ରଧାନମନ୍ତ୍ରୀ ହେଉଛନ୍ତି ରାଷ୍ଟ୍ରର ନେତା :-** ପ୍ରଧାନମନ୍ତ୍ରୀ ହେଉଛନ୍ତି ସଂସଦର ନେତା ଏବଂ ସମଗ୍ର ଦେଶର ନେତା । ସେ ଭାରତର ଆଭ୍ୟନ୍ତରୀଣ ଶାସନ ତଥା ଆନ୍ତର୍ଜାତୀୟ ସଂପର୍କ ବିଷୟରେ ବିଭିନ୍ନ ନୀତି ନିର୍ଦ୍ଧାରଣ କରିଥାଆନ୍ତି ଓ ନୀତିଗୁଡ଼ିକୁ ସଂସଦରେ ଗୃହୀତ କରାଇଥାଆନ୍ତି । ପ୍ରଧାନମନ୍ତ୍ରୀ ବିଦେଶ ଗସ୍ତ କରି ଆନ୍ତର୍ଜାତିକ କ୍ଷେତ୍ରରେ ଭାରତର ବୈଦେଶିକ ନୀତି ଓ ଆଭିମୁଖ୍ୟକୁ ବିଭିନ୍ନ ଦେଶରେ ଉପସ୍ଥାପନ କରନ୍ତି ।

(୫) **ପ୍ରଧାନମନ୍ତ୍ରୀ ହେଉଛନ୍ତି ଦଳର ନେତା :-** ପ୍ରଧାନମନ୍ତ୍ରୀ ଶାସକ ଦଳର ସର୍ବୋଚ୍ଚ ନେତା । ତେଣୁ ସେ ଶାସକ ଦଳର ନୀତି ଓ କାର୍ଯ୍ୟକ୍ରମ ନିର୍ଦ୍ଧାରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଆନ୍ତି । ମେଣ୍ଟ ସରକାରରେ ପ୍ରଧାନମନ୍ତ୍ରୀ ମଧ୍ୟ ମେଣ୍ଟଦଳର ନେତୃତ୍ୱ ନିଅନ୍ତି ।

(୬) **ପ୍ରଧାନମନ୍ତ୍ରୀ ହେଉଛନ୍ତି ଦେଶର ଲୋକମାନଙ୍କର ନେତା:-** ପ୍ରଧାନମନ୍ତ୍ରୀ ହେଉଛନ୍ତି ନିଜ ଦେଶର **ଜନନାୟକ** । ଭାରତର ପ୍ରତ୍ୟେକ ନାଗରିକ ପ୍ରଧାନମନ୍ତ୍ରୀଙ୍କଠାରୁ ବଳିଷ୍ଠ ନେତୃତ୍ୱ, ପ୍ରଶାସନିକ ଦକ୍ଷତା, କର୍ତ୍ତବ୍ୟ ନିଷ୍ଠା ତଥା ଦେଶର ସର୍ବାଙ୍ଗୀନ ଉନ୍ନତି ପାଇଁ ଦୃଢ଼ ସଂକଳ୍ପ ଆଶା କରିଥାନ୍ତି ।

(୭) **ପ୍ରଧାନମନ୍ତ୍ରୀଙ୍କ ବହୁବିଧ ଭୂମିକା :-** ପ୍ରଧାନମନ୍ତ୍ରୀ ତାଙ୍କର ପଦମର୍ଯ୍ୟାଦା ବଳରେ **'ନୀତି ଆୟୋଗ'**ର ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରନ୍ତି । ଏହାବ୍ୟତୀତ ସେ ଅନେକ ସଂସ୍ଥା, କମିଟି, ଆୟୋଗ ଓ ବିଶ୍ୱବିଦ୍ୟାଳୟ ସହିତ ସଂପୃକ୍ତ । ସ୍ୱାଧୀନତା ଦିବସରେ ପ୍ରଧାନମନ୍ତ୍ରୀ ଲାଲ୍‌କିଲ୍ଲାରେ 'ଜାତୀୟ ପତାକା' ଉତ୍ତୋଳନ କରି ଦେଶବାସୀଙ୍କ ଉଦ୍ଦେଶ୍ୟରେ ଅଭିଭାଷଣ ପ୍ରଦାନ କରନ୍ତି ।

**ପ୍ରଧାନମନ୍ତ୍ରୀଙ୍କ ଭୂମିକା :**

ସଂବିଧାନର ୭୮ ଧାରାରେ ପ୍ରଧାନମନ୍ତ୍ରୀଙ୍କର ମୁଖ୍ୟ କାର୍ଯ୍ୟାବଳୀ ସୂଚୀତ ହୋଇଅଛି । ପ୍ରଧାନମନ୍ତ୍ରୀ ହେଉଛନ୍ତି ସରକାରଙ୍କର ପ୍ରଶାସନିକ ମୁଖ୍ୟ । ତାଙ୍କର କ୍ଷମତା ସୁଦୂର ପ୍ରସାରୀ । ସେ ମନ୍ତ୍ରିମଣ୍ଡଳର ପ୍ରାଣକେନ୍ଦ୍ର ଓ ଦେଶ ଶାସନର ଦିଗ୍‌ଦର୍ଶକ । ସେ ମଧ୍ୟ ରାଷ୍ଟ୍ରର 'ନୀତି-ନିର୍ଦ୍ଧାରକ' । ଆନ୍ତର୍ଜାତିକ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ଦେଶର ମାର୍ଗଦର୍ଶକ ।

ପ୍ରଧାନମନ୍ତ୍ରୀଙ୍କର ବ୍ୟକ୍ତିତ୍ୱ, ବୁଦ୍ଧିମତ୍ତା, କୂଟନୈତିକ ବିଚକ୍ଷଣତା, ରାଜନୈତିକ ପରିପକ୍ୱତା ଓ ସର୍ବୋପରି ଦଳୀୟ ସମର୍ଥନ ତାଙ୍କର ସଫଳ ନେତୃତ୍ୱକୁ ଅନନ୍ୟ କରିଥାଏ ।

ଦେଶର ରାଜନୈତିକ ପରିବେଶ, ସାଂବିଧାନିକ ପଦମର୍ଯ୍ୟାଦା, ରାଜନୈତିକ ସମୀକରଣ, ରାଷ୍ଟ୍ରପତିଙ୍କ ସହିତ ପ୍ରଧାନମନ୍ତ୍ରୀଙ୍କର ସୁ-ସଂପର୍କ ଓ ଭାବର ଆଦାନ ପ୍ରଦାନ ପ୍ରଧାନମନ୍ତ୍ରୀ ପଦବୀକୁ ଅଧିକ ପରିପୁଷ୍ଟ କରିଥାଏ । ମିଳିତ ବା ମେଣ୍ଟ ସରକାରର ସଫଳତା କ୍ଷେତ୍ରରେ ପ୍ରଧାନମନ୍ତ୍ରୀଙ୍କ ବଳିଷ୍ଠ ନେତୃତ୍ୱ ମଧ୍ୟ ପ୍ରଶଂସନୀୟ । ଆନ୍ତର୍ଜାତିକ ସ୍ତରରେ ଆମର ପ୍ରଧାନମନ୍ତ୍ରୀ ଭାରତର ନେତୃତ୍ୱ ନେଇଥା'ନ୍ତି ।

**କେନ୍ଦ୍ର ବ୍ୟବସ୍ଥାପିକା :**

କେନ୍ଦ୍ର ବ୍ୟବସ୍ଥାପିକା ସଭାକୁ 'ସଂସଦ' ବା 'ପାର୍ଲାମେଣ୍ଟ' କୁହାଯାଏ । ରାଷ୍ଟ୍ରପତି, ଲୋକସଭା ଏବଂ ରାଜ୍ୟସଭାକୁ ନେଇ ସଂସଦ ଗଠିତ । ଏହି ଦ୍ୱି-ସଦନୀୟ ସଂସଦର ନିମ୍ନ ସଦନକୁ 'ଲୋକସଭା' ଓ ଉଚ୍ଚସଦନକୁ 'ରାଜ୍ୟସଭା' କୁହାଯାଏ । ଲୋକସଭା ହେଉଛି ଲୋକମାନଙ୍କର ସଭା । ଏହା ଜନସାଧାରଣଙ୍କ ଦ୍ୱାରା ପ୍ରତ୍ୟକ୍ଷ ଭାବରେ ନିର୍ବାଚିତ ଲୋକ ପ୍ରତିନିଧିମାନଙ୍କୁ ନେଇ ଗଠିତ । ରାଜ୍ୟସଭା ସଂଘୀୟ ନୀତି ଉପରେ ଆଧାରିତ । ରାଜ୍ୟସଭା ରାଜ୍ୟମାନଙ୍କୁ ପ୍ରତିନିଧିତ୍ୱ କରେ । ଏହା ରାଜ୍ୟର ବିଧାନମଣ୍ଡଳର ନିର୍ବାଚିତ ସଦସ୍ୟମାନଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନଙ୍କୁ ନେଇ ଗଠିତ । ଲୋକସଭା ଓ ରାଜ୍ୟସଭାର ଗଠନ ଓ କାର୍ଯ୍ୟାବଳୀ ନିମ୍ନରେ ଆଲୋଚିତ ହୋଇଅଛି ।

**ଲୋକସଭା :**

**ଗଠନ :**

ଲୋକସଭା ଦେଶର ନାଗରିକମାନଙ୍କ ଦ୍ୱାରା ସାର୍ବଜନୀନ ସାବାଳକ ଭୋଟ ପ୍ରଥା ମାଧ୍ୟମରେ ପ୍ରତ୍ୟକ୍ଷ ଭାବେ ନିର୍ବାଚିତ ପ୍ରତିନିଧିମାନଙ୍କୁ ନେଇ ଗଠିତ । ମନ୍ତ୍ରିମଣ୍ଡଳ ନିଜର ସମସ୍ତ କାର୍ଯ୍ୟ ପାଇଁ ଲୋକସଭା ନିକଟରେ ଉତ୍ତରଦାୟୀ । ଏହା ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜନସାଧାରଣଙ୍କର ସାର୍ବଭୌମ କ୍ଷମତାର ପ୍ରତୀକ ।

ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଲୋକସଭାର ସର୍ବମୋଟ ସଭ୍ୟସଂଖ୍ୟା ସର୍ବାଧିକ ୫୫୨ ହୋଇପାରିବ । ଏଥିରୁ ୫୩୦ ଜଣ ବିଭିନ୍ନ ରାଜ୍ୟରୁ ଓ ସର୍ବାଧିକ ୨୦ ଜଣ କେନ୍ଦ୍ରଶାସିତ ଅଞ୍ଚଳରୁ ନିର୍ବାଚିତ ହେବେ ଏବଂ ୨ ଜଣ ଆଙ୍ଗ୍ଲୋଭାରତୀୟଙ୍କୁ ରାଷ୍ଟ୍ରପତି ମନୋନୀତ କରିପାରିବେ । ବର୍ତ୍ତମାନ ଲୋକସଭାର ସଭ୍ୟ ସଂଖ୍ୟା ୫୪୫ । ସେଥିରୁ ୫୩୦ ଜଣ ରାଜ୍ୟମାନଙ୍କରୁ, ୧୩ ଜଣ କେନ୍ଦ୍ରଶାସିତ



**ଭାରତର ପାର୍ଲାମେଣ୍ଟ ଭବନ ବା ସଂସଦ**

ଅଞ୍ଚଳରୁ ସାବାଳକ ଭୋଟଦାନ ମାଧ୍ୟମରେ ନିର୍ବାଚିତ ହୋଇଛନ୍ତି ଏବଂ ୨ ଜଣ ଆଙ୍ଗ୍ଲୋଭାରତୀୟଙ୍କୁ ରାଷ୍ଟ୍ରପତି ମନୋନୀତ କରିଛନ୍ତି । ଲୋକସଭା ଜନସାଧାରଣଙ୍କୁ ପ୍ରତିନିଧିତ୍ୱ କରୁଥିବାରୁ ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଲୋକସଂଖ୍ୟାର ଅନୁପାତ ଅନୁସାରେ ସଭ୍ୟସଂଖ୍ୟା ନିର୍ଦ୍ଧାରିତ କରାଯାଇଛି । ଓଡ଼ିଶାରୁ ଲୋକସଭାରେ ୨୧ ଜଣ ସଭ୍ୟ ଅଛନ୍ତି । ଅନୁସୂଚୀତ ଜାତି ଓ ଜନଜାତିଙ୍କ ପାଇଁ ଲୋକସଭାରେ ସ୍ଥାନ ସଂରକ୍ଷିତ ରହିଛି ।

**ଯୋଗ୍ୟତା :**

ଲୋକସଭାର ସଭ୍ୟପଦ ପାଇଁ ଜଣେ ପ୍ରାର୍ଥୀଙ୍କର ନିମ୍ନଲିଖିତ ଯୋଗ୍ୟତା ଥିବା ଆବଶ୍ୟକ ।

(୧) ସେ ଜଣେ ଭାରତୀୟ ନାଗରିକ ହୋଇଥିବେ ।
(୨) ତାଙ୍କର ବୟସ ଅନ୍ୟୂନ ୨୫ ବର୍ଷ ହୋଇଥିବ ।
(୩) ସେ ଜଣେ ଦେବାଳିଆ ବା ମସ୍ତିଷ୍କ ବିକୃତ ବ୍ୟକ୍ତି ହୋଇ ନ ଥିବେ ।
(୪) ସେ କେନ୍ଦ୍ର ବା ରାଜ୍ୟ ସରକାରଙ୍କ ଅଧୀନରେ କୌଣସି ଲାଭଜନକ ପଦବୀରେ ରହି ନଥିବେ ।
(୫) ସଂସଦ ଦ୍ୱାରା ପ୍ରଣୀତ ଆଇନ ଦ୍ୱାରା ନିର୍ଦ୍ଦେଶିତ ଅନ୍ୟାନ୍ୟ ଯୋଗ୍ୟତା ତାଙ୍କର ଥିବ ।

ଭାରତର ପ୍ରତ୍ୟେକ ୧୮ ବର୍ଷରୁ ଅଧିକ ବୟସ୍କ ନାଗରିକ ନିର୍ବାଚନରେ ଭୋଟଦାନ ଅଧିକାର ସାବ୍ୟସ୍ତ କରି ଲୋକସଭାକୁ ପ୍ରାର୍ଥୀ ନିର୍ବାଚିତ କରନ୍ତି ।

**କାର୍ଯ୍ୟକାଳ :**

ଲୋକସଭାର କାର୍ଯ୍ୟକାଳ ୫ ବର୍ଷ । ୫ ବର୍ଷ କାର୍ଯ୍ୟକାଳ ଶେଷ ହେଲେ ଲୋକସଭାକୁ ଆନୁଷ୍ଠାନିକ ଭାବେ ଭଙ୍ଗ କରାଯାଏ । ମାତ୍ର ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ କ୍ରମେ ରାଷ୍ଟ୍ରପତି ଲୋକସଭାକୁ ୫ ବର୍ଷର ସମୟସୀମା ଶେଷ ହେବା

ପୂର୍ବରୁ ଭଙ୍ଗ କରିଦେଇ ପାରନ୍ତି । ଜାତୀୟ ଜରୁରୀ ପରିସ୍ଥିତିରେ ଆଇନ ପ୍ରଣୟନ କରି ଲୋକସଭା ନିଜର କାର୍ଯ୍ୟକାଳ ଥରକରେ ସର୍ବାଧିକ ୧ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିଥାଏ । ମାତ୍ର, ଜରୁରୀକାଳୀନ ପରିସ୍ଥିତି ପ୍ରତ୍ୟାହୃତ ହେଲେ, ପ୍ରତ୍ୟାହୃତ ଦିନ ଠାରୁ ଗୃହର ବର୍ଦ୍ଧିତ ସମୟସୀମା ୬ (ଛଅ) ମାସରୁ ଅଧିକ ହେବନାହିଁ । ଲୋକସଭାର ପ୍ରଥମ ଅଧିବେଶନ ବସିବା ଦିନଠାରୁ ଏହି ୫ ବର୍ଷର ସମୟ ସୀମା ଗଣାଯାଏ ।

**ଲୋକସଭାର ଅଧିବେଶନ :**

ରାଷ୍ଟ୍ରପତି ଲୋକସଭାର ଅଧିବେଶନ ଆହ୍ୱାନ କରନ୍ତି । ଏହାକୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ 'ପ୍ରୋରୋଗ୍' ରଖିପାରନ୍ତି ଏବଂ ଏହାକୁ ମଧ୍ୟ 'ଭଙ୍ଗ' କରିପାରନ୍ତି । ରାଷ୍ଟ୍ରପତିଙ୍କର ସାମ୍ବିଧାନିକ କର୍ତ୍ତବ୍ୟ ହେଉଛି ଯେ ସେ ଏପରି ଭାବେ ଲୋକସଭାର ଅଧିବେଶନ ଆହ୍ୱାନ କରିବେ, ଯାହା ଫଳରେ ଗୋଟିଏ ଅଧିବେଶନର ଶେଷଦିନ ଏବଂ ପରବର୍ତ୍ତୀ ଅଧିବେଶନର ପ୍ରଥମ ଦିନ ମଧ୍ୟରେ ୬ ମାସରୁ ଅଧିକ ବ୍ୟବଧାନ ରହିବ ନାହିଁ । ଲୋକସଭାର ଅଧିବେଶନ ଅନ୍ୟୁନ ବର୍ଷକୁ ଦୁଇଥର ବସେ । ସାଧାରଣତଃ ପ୍ରତି ବର୍ଷ ଲୋକସଭା ୩ ଗୋଟି ଅଧିବେଶନରେ ମିଳିତ ହୁଏ ; ଯଥା - ବଜେଟ୍ ଅଧିବେଶନ, ବର୍ଷାକାଳୀନ ଅଧିବେଶନ, ଏବଂ ଶୀତ କାଳୀନ ଅଧିବେଶନ ।

**କୋରମ :**

ଯେଉଁ ନ୍ୟୁନତମ ସଂଖ୍ୟକ ସଭ୍ୟଙ୍କର ଉପସ୍ଥିତି ସଭାକାର୍ଯ୍ୟ ଆରମ୍ଭ କରିବା ପାଇଁ ନିହାତି ଜରୁରୀ, ତାହାକୁ 'କୋରମ' କୁହାଯାଏ । ଲୋକସଭାର 'କୋରମ' ସଂଖ୍ୟା ହେଉଛି ଗୃହର ସର୍ବମୋଟ ସଭ୍ୟସଂଖ୍ୟାର ଏକ-ଦଶମାଂଶ ଅର୍ଥାତ୍ ୫୫ । 'କୋରମ୍' ଅଭାବରେ ସଭାକାର୍ଯ୍ୟ ବନ୍ଦ ରହେ । କୌଣସି ସଭ୍ୟ ଗୃହର ବିନାନୁମତିରେ ଗୃହର ଅଧିବେଶନରୁ ୬୦ ଦିନ ପର୍ଯ୍ୟନ୍ତ ଲଗାତାର ଅନୁପସ୍ଥିତ ରହିଲେ, ସେ ତାଙ୍କର ସଭ୍ୟପଦ ହରାଇବେ ।

**ଦରମା ଓ ଭତ୍ତା :**

ଲୋକସଭାର ସଭ୍ୟମାନେ ନିର୍ଦ୍ଧାରିତ ମାସିକ ବେତନ ସମେତ ଅନ୍ୟାନ୍ୟ ଭତ୍ତା ପାଇଥାଆନ୍ତି ।

**ବାଚସ୍ପତି :**

ବାଚସ୍ପତି ହେଉଛନ୍ତି ଲୋକସଭାର ଅଧ୍ୟକ୍ଷ । ଲୋକସଭାର ପ୍ରଥମ ବୈଠକରେ ଲୋକସଭାର ସଭ୍ୟମାନେ ନିଜ ମଧ୍ୟରୁ ଜଣକୁ ବାଚସ୍ପତି ଭାବେ ନିର୍ବାଚିତ କରିଥାଆନ୍ତି । ସାଧାରଣତଃ ବାଚସ୍ପତି ଶାସକଦଳର ଜଣେ ସଭ୍ୟ ହୋଇଥାନ୍ତି । ମାତ୍ର ବାଚସ୍ପତି ଭାବେ ନିର୍ବାଚିତ ହେବାପରେ ସେ ଦଳୀୟ ଆନୁଗତ୍ୟରୁ ଅଲଗାରହି ନିରପେକ୍ଷତା ଅବଲମ୍ବନ କରିଥାଆନ୍ତି ।

ବାଚସ୍ପତି ଗୃହର ଅଧ୍ୟକ୍ଷ ଭାବେ ଲୋକସଭାର ଅଧିବେଶନ କାର୍ଯ୍ୟ ପରିଚାଳନା କରନ୍ତି । ସେ ଗୃହରେ ଶାନ୍ତି ଶୃଙ୍ଖଳା ରକ୍ଷା କରନ୍ତି । ସେ ଗୃହର ନୀତି ନିୟମାବଳୀର ବ୍ୟାଖ୍ୟା କରନ୍ତି । ସଭ୍ୟମାନଙ୍କର ଅଧିକାର ଓ ସୁବିଧା ସୁଯୋଗକୁ ସେ ସୁରକ୍ଷା ପ୍ରଦାନ କରନ୍ତି । ବିଶୃଙ୍ଖଳିତ ଆଚରଣ ପାଇଁ ସେ ସଦସ୍ୟମାନଙ୍କୁ ଗୃହରୁ ବହିଷ୍କାର ବା ନିଲମ୍ବିତ କରିପାରନ୍ତି । ଗୋଟିଏ ଚିଠା ଆଇନ (ବିଲ୍), ଏକ 'ଅର୍ଥ-ସମ୍ବନ୍ଧୀୟ ବିଲ୍' କି ନୁହେଁ, ତାହା ବାଚସ୍ପତି ନିର୍ଦ୍ଧାରଣ କରିଥାଆନ୍ତି । ବାଚସ୍ପତି ସାଧାରଣତଃ କୌଣସି ଚିଠାଆଇନ୍ (ବିଲ୍) ସପକ୍ଷରେ ବା ବିପକ୍ଷରେ ମତଦାନ କରି ନଥାନ୍ତି । ମାତ୍ର ଯେତେବେଳେ ଗୋଟିଏ ଚିଠାଆଇନର (ବିଲ୍) ସପକ୍ଷରେ ଓ ବିପକ୍ଷରେ ସମାନ ସଂଖ୍ୟକ ଭୋଟ ମିଳେ, ସେତେବେଳେ ବାଚସ୍ପତି ତାଙ୍କର **'ନିର୍ଣ୍ଣାୟକ ଭୋଟ'** (Casting Vote) ପ୍ରଦାନ କରି ଚିଠାଆଇନ୍ (ବିଲ୍)ର ଭାଗ୍ୟ ନିର୍ଦ୍ଧାରଣ କରିଥାଆନ୍ତି । ଗୃହକାର୍ଯ୍ୟ ସମାପନରେ ବିଶୃଙ୍ଖଳା ସୃଷ୍ଟି ହେଲେ, ସେ ସଭାକାର୍ଯ୍ୟ ମୁଲତବୀ ରଖନ୍ତି ।

ଲୋକସଭାର ସଭ୍ୟମାନଙ୍କ ଦ୍ୱାରା ଜଣେ ଉପବାଚସ୍ପତି ମଧ୍ୟ ନିର୍ବାଚିତ ହୋଇ ଥାଆନ୍ତି । ବାଚସ୍ପତିଙ୍କ ଅନୁପସ୍ଥିତିରେ ସେ ଗୃହକାର୍ଯ୍ୟ ପରିଚାଳନା କରନ୍ତି । ପରମ୍ପରା ଅନୁସାରେ ଜଣେ ବିରୋଧୀ ଦଳର ସଭ୍ୟ ଉପବାଚସ୍ପତି ଭାବେ ନିର୍ବାଚିତ ହୋଇଥାଆନ୍ତି ।

**ରାଜ୍ୟସଭା ଓ ଏହାର ଗଠନ :**

ରାଜ୍ୟସଭା ହେଉଛି ସଂସଦର ଉଚ୍ଚସଦନ ବା ଦ୍ୱିତୀୟ ସଦନ । ଏହା ରାଜ୍ୟମାନଙ୍କର ପ୍ରତିନିଧିତ୍ୱ କରେ । କିନ୍ତୁ ଏହି ଗୃହରେ ସମସ୍ତ ରାଜ୍ୟର ସମାନ ସଂଖ୍ୟକ ପ୍ରତିନିଧି ନାହାନ୍ତି । ଲୋକସଭା ପରି ରାଜ୍ୟସଭାରେ ମଧ୍ୟ ବିଭିନ୍ନ ରାଜ୍ୟର ଜନସଂଖ୍ୟା ଅନୁପାତରେ ପ୍ରତିନିଧିତ୍ୱ ବ୍ୟବସ୍ଥା ରହିଅଛି । ଆମ ଓଡ଼ିଶାର ୧୦ ଜଣ ସଦସ୍ୟ ରାଜ୍ୟସଭାରେ ଅଛନ୍ତି । ରାଜ୍ୟସଭାର ସର୍ବାଧିକ ସଭ୍ୟସଂଖ୍ୟା ୨୫୦ । ଏଥିରୁ ସର୍ବାଧିକ ୨୩୮ ଜଣ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ପରୋକ୍ଷ ଭାବେ ନିର୍ବାଚିତ ହୁଅନ୍ତି ଏବଂ ୧୨ ଜଣ ରାଷ୍ଟ୍ରପତିଙ୍କ ଦ୍ୱାରା ମନୋନୀତ ହୁଅନ୍ତି, ଯେଉଁମାନେ କଳା, ବିଜ୍ଞାନ, ସାହିତ୍ୟ ଓ ସମାଜସେବାରେ

ପାରଦର୍ଶିତା ପ୍ରଦର୍ଶନ କରିଥିବେ । (ବର୍ତ୍ତମାନ ରାଜ୍ୟସଭାର ସର୍ବମୋଟ ସଭ୍ୟ ସଂଖ୍ୟା ୨୪୫ ।)

ରାଜ୍ୟସଭାର ସଭ୍ୟମାନେ ପ୍ରତ୍ୟେକ ରାଜ୍ୟର ବିଧାନସଭାର ନିର୍ବାଚିତ ପ୍ରତିନିଧିମାନଙ୍କ ଦ୍ୱାରା ସମାନୁପାତିକ ପ୍ରତିନିଧିତ୍ୱ ଏବଂ ଏକକ ହସ୍ତାନ୍ତରୀୟ ଭୋଟ ପ୍ରଥା ମାଧ୍ୟମରେ ନିର୍ବାଚିତ ହୋଇଥାଆନ୍ତି ।

**ଯୋଗ୍ୟତା :**

ରାଜ୍ୟସଭାର ସଭ୍ୟପଦ ପାଇଁ ଜଣେ ବ୍ୟକ୍ତିଙ୍କର ନିମ୍ନଲିଖିତ ଯୋଗ୍ୟତା ଥିବା ଆବଶ୍ୟକ ।

(୧) ସେ ଜଣେ ଭାରତୀୟ ନାଗରିକ ହୋଇଥିବେ ।

(୨) ତାଙ୍କର ବୟସ ଅତିକମ୍‌ରେ ୩୦ ବର୍ଷ ହୋଇଥିବ ।

(୩) ସେ କେନ୍ଦ୍ର ବା ରାଜ୍ୟ ସରକାରଙ୍କ ଅଧୀନରେ କୌଣସି ଲାଭଜନକ ପଦବୀରେ ନଥିବେ ।

(୪) ସେ ଦେବାଳିଆ ବା ବିକୃତ ମସ୍ତିଷ୍କ ହୋଇ ନ ଥିବେ ।

(୫) ସଂସଦ ଦ୍ୱାରା ଆଇନ ମାଧ୍ୟମରେ ନିର୍ଦ୍ଧାରିତ ଅନ୍ୟାନ୍ୟ ଯୋଗ୍ୟତା ତାଙ୍କର ଥିବ ।

**କାର୍ଯ୍ୟକାଳ :**

ରାଜ୍ୟସଭା ଏକ ସ୍ଥାୟୀସଭା । ଏହାର ବିଲୟ ଘଟେ ନାହିଁ । ମାତ୍ର ରାଜ୍ୟସଭାର ସଭ୍ୟମାନେ ୬ ବର୍ଷ ପାଇଁ ନିର୍ବାଚିତ ବା ମନୋନୀତ ହୋଇଥାଆନ୍ତି । ରାଜ୍ୟସଭାର ଏକ-ତୃତୀୟାଂଶ ସଭ୍ୟ ପ୍ରତି ୨ ବର୍ଷରେ ଅବସର ଗ୍ରହଣ କରିଥାଆନ୍ତି । ତେଣୁ ପ୍ରତି ୨ ବର୍ଷରେ ଥରେ ରାଜ୍ୟସଭା ପାଇଁ ନିର୍ବାଚନ କରାଯାଇ ଏକ-ତୃତୀୟାଂଶ ସଭ୍ୟ ପଦ ପୂରଣ କରାଯାଇଥାଏ ।

ରାଜ୍ୟସଭା ଓ ଲୋକସଭାର ଅଧିବେଶନ ରାଷ୍ଟ୍ରପତି ଆହ୍ୱାନ କରନ୍ତି । ଉଭୟ ଗୃହର ଅଧିବେଶନ ଏକ ସମୟରେ ବା ଭିନ୍ନ ସମୟରେ ଆହୂତ ହୋଇଥାଏ । ଆବଶ୍ୟକ ସ୍ଥଳେ ଉଭୟ ଗୃହର ମିଳିତ ଅଧିବେଶନ ଆହ୍ୱାନ କରାଯାଏ ।

**ଅଧ୍ୟକ୍ଷ :**

ଭାରତର ଉପରାଷ୍ଟ୍ରପତି ନିଜ ପଦାଧିକାର ବଳରେ ରାଜ୍ୟସଭାର ଅଧ୍ୟକ୍ଷ ପଦବୀ ଅଳଂକୃତ କରିଥାଆନ୍ତି । ସେ ଲୋକସଭାର ବାଚସ୍ପତିଙ୍କ ପରି ରାଜ୍ୟସଭାରେ ଶାନ୍ତି ଶୃଙ୍ଖଳା ରକ୍ଷାକରିବା ସହିତ ଗୃହର ସଭାକାର୍ଯ୍ୟ ସଂପାଦନ କରିଥାଆନ୍ତି । ସେ ଗୃହର ନୀତି ନିୟମଗୁଡ଼ିକ ବ୍ୟାଖ୍ୟା କରନ୍ତି । ସଭ୍ୟମାନଙ୍କର ଅଧିକାର ଓ ସୁବିଧା ସୁଯୋଗର ସୁରକ୍ଷା କରନ୍ତି । ଲୋକସଭାର ବାଚସ୍ପତିଙ୍କ ପରି ସେ ବିଭିନ୍ନ କାର୍ଯ୍ୟ ମଧ୍ୟ ସଂପାଦନ କରିଥାଆନ୍ତି ।

ଲୋକସଭାର ଉପବାଚସ୍ପତିଙ୍କ ପରି ରାଜ୍ୟସଭାରେ ଜଣେ ନିର୍ବାଚିତ ଉପାଧ୍ୟକ୍ଷ ଅଛନ୍ତି । ସେ ରାଜ୍ୟସଭାର ସଭ୍ୟମାନଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି । ଅଧ୍ୟକ୍ଷଙ୍କର ଅନୁପସ୍ଥିତିରେ ଉପାଧ୍ୟକ୍ଷ ଗୃହକାର୍ଯ୍ୟ କରିଚାଳନା କରନ୍ତି ।

**ସଂସଦର କ୍ଷମତା ଓ କାର୍ଯ୍ୟାବଳୀ :**

**(୧) ଆଇନ ପ୍ରଣୟନ କ୍ଷମତା :** ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ କେନ୍ଦ୍ର ତାଲିକା ଏବଂ ଯୁଗ୍ମ ତାଲିକାଭୁକ୍ତ ସମସ୍ତ ବିଷୟରେ ସଂସଦ ଆଇନ୍ ପ୍ରଣୟନ କରେ । ଏହାବ୍ୟତୀତ କୌଣସି ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି ହେଲେ, ସେହି ରାଜ୍ୟ ପାଇଁ ସଂସଦ ମଧ୍ୟ ଆବଶ୍ୟକୀୟ ଆଇନ୍ ପ୍ରଣୟନ କରିଥାଏ । ସାଧାରଣ ବିଲ୍ ଓ ଅର୍ଥ ସମ୍ବନ୍ଧୀୟ ବିଲ୍ ସଂସଦର ଉଭୟ ଗୃହରେ ନିର୍ଦ୍ଦିଷ୍ଟ ପଦ୍ଧତିରେ ଗୃହୀତ ହୋଇ ରାଷ୍ଟ୍ରପତିଙ୍କର 'ସମ୍ମତି' ପ୍ରାପ୍ତ ହେଲା ପରେ ଆଇନ୍‌ରେ ପରିଣତ ହୋଇଥାଏ । ସାଧାରଣ ବିଲ୍ କ୍ଷେତ୍ରରେ ସଂସଦର ଉଭୟ ଗୃହର କ୍ଷମତା ସମାନ । କେବଳ ଅର୍ଥବିଲ୍ କ୍ଷେତ୍ରରେ ଲୋକସଭାର କ୍ଷମତା ରାଜ୍ୟସଭାଠାରୁ ଅଧିକ । କୌଣସି ସାଧାରଣ ବିଲ୍ କ୍ଷେତ୍ରରେ ସଂସଦର ଉଭୟଗୃହ ମଧ୍ୟରେ ମତପାର୍ଥକ୍ୟ ଦେଖାଦେଲେ ରାଷ୍ଟ୍ରପତି ଉଭୟ ସଦନର ମିଳିତ ଅଧିବେଶନ ଆହ୍ୱାନ କରି ଉକ୍ତ ସମସ୍ୟାର ସମାଧାନ କରିଥାଆନ୍ତି । ମିଳିତ ଅଧିବେଶନରେ ବାଚସ୍ପତି ଅଧ୍ୟକ୍ଷତା କରିଥାନ୍ତି । ରାଷ୍ଟ୍ରପତିଙ୍କ ଦ୍ୱାରା ଜାରି ହୋଇଥିବା ଅଧ୍ୟାଦେଶ ଏବଂ ଜରୁରୀକାଳୀନ ଘୋଷଣାନାମା ମଧ୍ୟ ସଂସଦରେ ଅନୁମୋଦିତ ହୋଇଥାଏ ।

**(୨) କାର୍ଯ୍ୟପାଳିକା ନିୟନ୍ତ୍ରଣ କ୍ଷମତା :** ଆମ ସଂସଦୀୟ ଶାସନ ବ୍ୟବସ୍ଥାରେ କେନ୍ଦ୍ର ମନ୍ତ୍ରିପରିଷଦ ଲୋକସଭା ନିକଟରେ ସର୍ବଦା ସାମୂହିକ ଭାବରେ ଉତ୍ତରଦାୟୀ । ସରକାରଙ୍କର ବିଭିନ୍ନ କାର୍ଯ୍ୟକଳାପ ଓ ନୀତିଗୁଡ଼ିକ ସଂପର୍କରେ ସଂସଦରେ ଆଲୋଚନା କରାଯାଏ ଏବଂ ସାଂସଦମାନେ 'ପ୍ରଶ୍ନୋତ୍ତର' କାର୍ଯ୍ୟକ୍ରମରେ ମନ୍ତ୍ରୀମାନଙ୍କୁ ବିଭିନ୍ନ ବିଷୟରେ ପ୍ରଶ୍ନ ପଚାରି ଉତ୍ତର ପାଇ ଥାଆନ୍ତି । ମନ୍ତ୍ରୀମାନେ ସମସ୍ତ ପ୍ରଶ୍ନର ଉତ୍ତର ଦେବାକୁ ବାଧ୍ୟ । ଏହାବ୍ୟତୀତ ମୁଲତବୀ ପ୍ରସ୍ତାବ, ଧ୍ୟାନ ଆକର୍ଷଣ କାରୀ ପ୍ରସ୍ତାବ ଏବଂ ବଜେଟ୍ ଆଲୋଚନା ମାଧ୍ୟମରେ ସାଂସଦମାନେ ମନ୍ତ୍ରିପରିଷଦ ଉପରେ ନିୟନ୍ତ୍ରଣ ଜାହିର କରିଥାଆନ୍ତି । ଲୋକସଭାରେ ବିରୋଧୀଦଳ ମାନେ ମନ୍ତ୍ରିମଣ୍ଡଳ ବିରୁଦ୍ଧରେ 'ଅନାସ୍ଥା ପ୍ରସ୍ତାବ' ଆଗତ କରିପାରନ୍ତି । ଏହି ଅନାସ୍ଥା ପ୍ରସ୍ତାବ

ସଂଖ୍ୟାଧିକ ସଭ୍ୟଙ୍କ ସମର୍ଥନରେ ଗୃହୀତ ହେଲେ ମନ୍ତ୍ରିପରିଷଦ ଇସ୍ତଫା ଦେବାକୁ ବାଧ ହୋଇଥାଆନ୍ତି ।

> **ତୁମେ ଜାଣିଛ କି ?**
>
> ରାଜ୍ୟ ସଭାରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇ ନ ଥାଏ ।

**(୩) ଅର୍ଥ ସମ୍ବନ୍ଧୀୟ ନିୟନ୍ତ୍ରଣ କ୍ଷମତା :** ସଂସଦର ବିନା ଅନୁମୋଦନରେ ସରକାର ଗୋଟିଏ ପଇସା ଖର୍ଚ୍ଚ କରିପାରିବେ ନାହିଁ ବା ଟିକସ ଆଦାୟ କରିପାରିବେ ନାହିଁ । ତେଣୁ ମନ୍ତ୍ରିମଣ୍ଡଳ ବାର୍ଷିକ ବଜେଟ୍ ଏବଂ ଅତିରିକ୍ତ ବଜେଟ୍ ଜରିଆରେ ବିଭିନ୍ନ କାର୍ଯ୍ୟକ୍ରମ ଯୋଜନାରେ ଅର୍ଥ ବ୍ୟୟ କରିବା ପାଇଁ ସଂସଦର ଅନୁମତି ଲୋଡ଼ି ଥାଆନ୍ତି । ଏହି ସମୟରେ ବିରୋଧୀ ଦଳର ସାଂସଦମାନେ ତିନି ପ୍ରକାରର 'କାଟ ପ୍ରସ୍ତାବ' (Cut-Motion) ଆଗତ କରି ମନ୍ତ୍ରିମଣ୍ଡଳ ଉପରେ ନିୟନ୍ତ୍ରଣ ସାବ୍ୟସ୍ତ କରନ୍ତି । ସଂସଦରେ ବଜେଟ୍ ଗୃହୀତ ହୋଇ ନ ପାରିଲେ ମନ୍ତ୍ରିମଣ୍ଡଳ ଭାଙ୍ଗିଯାଏ । ସେହିପରି 'କାଟପ୍ରସ୍ତାବ' ସଂସଦରେ ଗୃହୀତ ହୋଇଗଲେ ମନ୍ତ୍ରିମଣ୍ଡଳ ଇସ୍ତଫା ଦେଇଥାନ୍ତି ।

**(୪) ନିର୍ବାଚନ ସମ୍ବନ୍ଧୀୟ କ୍ଷମତା :** ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତିଙ୍କ ନିର୍ବାଚନରେ ସଂସଦର ଉଭୟ ଗୃହର ନିର୍ବାଚିତ ସଭ୍ୟମାନେ ଭାଗନେଇ ଥାଆନ୍ତି । ଲୋକସଭାର ସଭ୍ୟମାନେ ବାଚସ୍ପତି ଓ ଉପବାଚସ୍ପତିଙ୍କୁ ନିର୍ବାଚିତ କରନ୍ତି । ସେହିପରି ରାଜ୍ୟସଭାର ସଦସ୍ୟମାନେ ରାଜ୍ୟସଭାର ଉପାଧକ୍ଷଙ୍କୁ ନିର୍ବାଚିତ କରିଥାଆନ୍ତି ।

**(୫) ନ୍ୟାୟିକ କ୍ଷମତା :** ସଂସଦର ଉଭୟ ଗୃହର ସଭ୍ୟମାନେ ସମ୍ବିଧାନ ଭଙ୍ଗ ପାଇଁ ବା ସମ୍ବିଧାନର ବିରୋଧାଚରଣ ପାଇଁ ରାଷ୍ଟ୍ରପତିଙ୍କୁ ମହାଭିଯୋଗ ପ୍ରସ୍ତାବ ମାଧ୍ୟମରେ ପଦଚ୍ୟୁତ କରିଥାଆନ୍ତି । ଉପରାଷ୍ଟ୍ରପତିଙ୍କର ପଦଚ୍ୟୁତି ପାଇଁ ରାଜ୍ୟସଭାରେ ପ୍ରସ୍ତାବ ଆଗତ ହୋଇ ଓ ଗୃହୀତ ହୋଇ ଲୋକସଭା ଦ୍ୱାରା ଅନୁମୋଦିତ ହୋଇଥାଏ । ଏହାବ୍ୟତୀତ ସର୍ବୋଚ୍ଚ ନ୍ୟାୟାଳୟ ଏବଂ ଉଚ୍ଚନ୍ୟାୟାଳୟର ବିଚାରପତିମାନଙ୍କ ବିରୁଦ୍ଧରେ ସଂସଦରେ ବହିଷ୍କାର ପ୍ରସ୍ତାବ ଗୃହୀତ ହେଲେ ରାଷ୍ଟ୍ରପତି ସେମାନଙ୍କୁ ପଦଚ୍ୟୁତ କରିଥାଆନ୍ତି ।

**(୬) ସଂବିଧାନ ସଂଶୋଧନ କ୍ଷମତା :** ଆମ ସମ୍ବିଧାନର ୩୬୮ ଧାରା ଅନୁଯାୟୀ ସମ୍ବିଧାନର ସଂଶୋଧନ ବ୍ୟବସ୍ଥା ସଂସଦ ଦ୍ୱାରା ହୋଇପାରିବ । ଏ ସଂକ୍ରାନ୍ତୀୟ ଚିଠାଆଇନ ସଂସଦର ଯେକୌଣସି ଗୃହରେ ଆଗତ ହୋଇପାରିବ । ସଂବିଧାନ ସଂଶୋଧନ ସଂପର୍କିତ ଚିଠାଆଇନଗୁଡ଼ିକ ଆବଶ୍ୟକ ସଂଖ୍ୟକ ସଭ୍ୟଙ୍କର ସମର୍ଥନରେ ସଂସଦର ଉଭୟ ଗୃହରେ ଅଲଗା ଅଲଗା ଗୃହୀତ ହେବା ପରେ ରାଷ୍ଟ୍ରପତିଙ୍କ ସ୍ୱୀକୃତି ଲାଭ କରି କାର୍ଯ୍ୟକାରୀ ହୋଇଥାଏ ।

**(୭) ବିବିଧ କ୍ଷମତା :** ସଂସଦରେ ଦେଶର ଜାତୀୟ ଏବଂ ଆନ୍ତର୍ଜାତୀୟ ସମସ୍ୟା ଉପରେ ସାରଗର୍ଭକ ଆଲୋଚନା ହୋଇଥାଏ । ଏହି ଆଲୋଚନା ମନ୍ତ୍ରିମଣ୍ଡଳକୁ ସଚେତନ କରାଇବା ସଙ୍ଗେ ସଙ୍ଗେ ଜନମତକୁ ସଜାଗ ଓ ସକ୍ରିୟ କରିଥାଏ । ସାଧାରଣ ଆୟବ୍ୟୟ କମିଟି (Public Accounts Committee) ଅଟକଳ କମିଟି (Estimates Committee) ଏବଂ ମହାହିସାବ ନିରୀକ୍ଷକ(CAG)ଙ୍କ ରିପୋର୍ଟ ଉପରେ ବିସ୍ତୃତ ଆଲୋଚନା କରି ସାଂସଦ ମାନେ ସରକାରଙ୍କର ବିଭିନ୍ନ ବିଭାଗର ଦୋଷ ତ୍ରୁଟି ସୂଚାଇ ଦେଇଥାନ୍ତି ଏବଂ ଏହାର ନିରାକରଣର ପନ୍ଥା ସରକାର ନିର୍ଣ୍ଣୟ କରନ୍ତି ।

## ସଂସଦରେ ଆଇନ୍ ପ୍ରଣୟନ ପଦ୍ଧତି :

ସଂସଦରେ ଆଗତ ପ୍ରସ୍ତାବିତ ଆଇନ୍‌କୁ **ଚିଠା ଆଇନ୍** (ବିଲ୍) କୁହାଯାଏ । ଚିଠା ଆଇନ୍ ବା ବିଲ୍‌ଗୁଡ଼ିକ ସାଧାରଣତଃ ଦୁଇ ଭାଗରେ ବିଭକ୍ତ କରାଯାଏ; ଯଥା : (କ) ସାଧାରଣ ବିଲ୍ (Non-Money Bill) (ଖ) ଅର୍ଥ ସମ୍ବନ୍ଧୀୟ ବିଲ୍ (Money Bill) ।

## ସାଧାରଣ ଚିଠାଆଇନ୍ ବା ବିଲ୍ :

ସାଧାରଣ ଚିଠାଆଇନ୍ ବା ବିଲ୍ ଯେ କୌଣସି ଗୃହରେ ଆଗତ କରାଯାଇଥାଏ । ପ୍ରତ୍ୟେକ ବିଲ୍ ଗୃହରେ ଉପସ୍ଥାପିତ ହେବା ପରେ ତିନିଗୋଟି ପାଠ (Three Readings) ମାଧ୍ୟମରେ ଗୃହୀତ ହୋଇଥାଏ । ପ୍ରଥମ ପାଠ ସମୟରେ କେବଳ ବିଲ୍‌ର ଉଦ୍ଦେଶ୍ୟ ଏବଂ ଶିରୋନାମା (Title) ପାଠ କରାଯାଏ । ଦ୍ୱିତୀୟ ପାଠ ସମୟରେ ବିଲ୍ ଉପରେ ଗୃହରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରଯାଏ । ଆବଶ୍ୟକ ସ୍ଥଳେ ବିଲ୍‌ଟିକୁ ଯାଞ୍ଚ କମିଟି (ସିଲେକ୍ଟ କମିଟି)କୁ ପ୍ରେରିତ ହୋଇଥାଏ ବା ଜନମତ ସଂଗ୍ରହ ପାଇଁ ଜନସାଧାରଣଙ୍କ ନିକଟକୁ ପଠାଯାଏ । ତୃତୀୟ ପାଠ ସମୟରେ ବିଲ୍ ଉପରେ ମତଦାନ ବା ଭୋଟ ଗ୍ରହଣ କରାଯାଏ । ସଂଖ୍ୟାଧିକ ସମର୍ଥନରେ ବିଲ୍‌ଟି ଗୃହୀତ ହେବା ପରେ ବିଲ୍‌ଟି ଅନ୍ୟଗୃହକୁ ପ୍ରେରିତ ହୋଇଥାଏ । ସେହି ଗୃହରେ ମଧ୍ୟ ବିଲ୍‌ଟି ତିନିଗୋଟି ପାଠ ଦେଇ ଗତି କରେ । ଉଭୟ ଗୃହରେ ବିଲ୍‌ଟି ଗୃହୀତ ହେବା ପରେ ରାଷ୍ଟ୍ରପତିଙ୍କ ନିକଟକୁ ତାଙ୍କ 'ସମ୍ମତି'

ପାଇଁ ପଠାଯାଏ । ରାଷ୍ଟ୍ରପତିଙ୍କ 'ସମ୍ମତି' ପାଇବା ପରେ ବିଠା ଆଇନଟି ପୂର୍ଣ୍ଣାଙ୍ଗ ଆଇନ (Act) ରେ ପରିଣତ ହୁଏ । ସାଧାରଣ ବିଲ୍ ଅନୁମୋଦନ କ୍ଷେତ୍ରରେ ଯଦି ସଂସଦର ଉଭୟ ଗୃହ ମଧ୍ୟରେ ମତପାର୍ଥକ୍ୟ ହୁଏ, ତାହାହେଲେ ରାଷ୍ଟ୍ରପତି ସମାଧାନ ପାଇଁ ସଂସଦର ମିଳିତ ଅଧିବେଶନ ଆହ୍ୱାନ କରି ଥାଆନ୍ତି । ରାଷ୍ଟ୍ରପତିଙ୍କ ନିକଟକୁ 'ସମ୍ମତି' ପାଇଁ ପ୍ରେରିତ ହୋଇଥିବା ସାଧାରଣ ବିଲ୍‌କୁ ସେ ସଂସଦର ପୁନର୍ବିଚାର ପାଇଁ ପଠାଇ ପାରନ୍ତି । ବିଲ୍‌ଟି ସଂସଦରେ ପୁନର୍ବାର ଗୃହୀତ ହେଲେ ରାଷ୍ଟ୍ରପତି ତାଙ୍କର ସମ୍ମତି ପ୍ରଦାନ କରିବାକୁ ବାଧ୍ୟ ହୁଅନ୍ତି । ସାଧାରଣ ବିଲ୍ ଅନୁମୋଦନ କ୍ଷେତ୍ରରେ ସଂସଦର ଉଭୟ ଗୃହର କ୍ଷମତା ସମାନ ।

**ଅର୍ଥ ସମ୍ବନ୍ଧୀୟ ବିଲ୍ (Money Bill) :**

ପ୍ରତ୍ୟେକ ଅର୍ଥ ସମ୍ବନ୍ଧୀୟ ବିଲ୍ ବା ଅର୍ଥ-ବିଲ୍ କେବଳ ଲୋକସଭାରେ ପ୍ରଥମେ ଆଗତ ହୋଇଥାଏ । ଅର୍ଥ-ବିଲ୍ ଆଗତ ହେବା ପୂର୍ବରୁ ରାଷ୍ଟ୍ରପତିଙ୍କର ପ୍ରାକ୍-ଅନୁମତି ପାଇବା ଏକାନ୍ତ ଆବଶ୍ୟକ । ଗୋଟିଏ ବିଲ୍ 'ଅର୍ଥବିଲ୍' କି ନୁହେଁ, ତାହା ଲୋକସଭାର ବାଚସ୍ପତି ନିଷ୍ପତ୍ତି କରିଥାଆନ୍ତି । ଅର୍ଥବିଲ୍‌ଟି ଲୋକସଭାରେ ଗୃହୀତ ହେଲାପରେ ବାଚସ୍ପତିଙ୍କ ସାର୍ଟିଫିକେଟ ସହ ରାଜ୍ୟସଭାରେ ଗୃହୀତ ହେବାପାଇଁ ସେହି ଗୃହକୁ ପଠାଯାଏ । ରାଜ୍ୟସଭା ୧୪ ଦିନ ମଧ୍ୟରେ ଯଦି ବିଲ୍‌ଟିକୁ ଅନୁମୋଦନ କରି ଲୋକସଭାକୁ ନ ପଠାଏ, ତାହା ହେଲେ ଅର୍ଥବିଲ୍‌ଟି ରାଜ୍ୟସଭା ଦ୍ୱାରା ଗୃହୀତ ହୋଇଛି ବୋଲି ଧରି ନିଆଯାଏ । ଅର୍ଥବିଲ୍ ଉଭୟ ଗୃହରେ ଗୃହୀତ ହେବାପରେ ରାଷ୍ଟ୍ରପତିଙ୍କ 'ସମ୍ମତି' ପାଇଁ ପଠାଯାଏ । ଅର୍ଥବିଲ୍ ରାଷ୍ଟ୍ରପତିଙ୍କ ପୂର୍ବାନୁମୋଦନ ସହିତ ଗୃହରେ ଆଗତ ହୋଇଥିବାରୁ ରାଷ୍ଟ୍ରପତି ଅର୍ଥବିଲ୍‌କୁ 'ସମ୍ମତି' ଦେଇଥାଆନ୍ତି ।

ରାଜ୍ୟସଭା ଅର୍ଥବିଲ୍‌କୁ ନାମଞ୍ଜୁର କିମ୍ବା ସଂଶୋଧିତ କରିପାରିବେ ନାହିଁ ।


**ନ୍ୟାୟପାଳିକା :**

**ଭାରତର ସର୍ବୋଚ୍ଚ ନ୍ୟାୟାଳୟ (Supreme Court of India) :**

ସର୍ବୋଚ୍ଚ ନ୍ୟାୟାଳୟ ସଂଘୀୟ ରାଷ୍ଟ୍ରର ଏକ ଅତ୍ୟାବଶ୍ୟକ ଅଙ୍ଗ । କେନ୍ଦ୍ର ଓ ରାଜ୍ୟମାନଙ୍କ ମଧ୍ୟରେ ଉପୁଜିଥିବା ବିବାଦର ସମାଧାନ କରିବା ଏବଂ ସମ୍ବିଧାନର ବ୍ୟାଖ୍ୟା କରିବା ଏହି ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ କାର୍ଯ୍ୟ । ଆମ ଦେଶରେ ଥିବା ସର୍ବୋଚ୍ଚ ନ୍ୟାୟାଳୟ (ସୁପ୍ରିମକୋର୍ଟ) ରାଜଧାନୀ ଦିଲ୍ଲୀଠାରେ ଅବସ୍ଥିତ । ଭାରତର ସ୍ୱାଧୀନ ଓ ନିରପେକ୍ଷ ତଥା ତ୍ରି-ସ୍ତରୀୟ ନ୍ୟାୟପାଳିକାର ଗଠନ ଦେଖିବାକୁ ଏକ ପିରାମିଡ୍ ଭଳି । ଶୀର୍ଷରେ ରହିଛି ସର୍ବୋଚ୍ଚ ନ୍ୟାୟାଳୟ । ପ୍ରତ୍ୟେକ ରାଜ୍ୟରେ ରହିଛି ଗୋଟିଏ ଲେଖାଏଁ ଉଚ୍ଚନ୍ୟାୟାଳୟ (ହାଇକୋର୍ଟ) ଏବଂ ସର୍ବ ନିମ୍ନରେ ରହିଛି ଜିଲ୍ଲାସ୍ତରୀୟ ଓ ଉପଖଣ୍ଡ ସ୍ତରୀୟ ଅଧସ୍ତନ ନ୍ୟାୟାଳୟ ବା ନିମ୍ନ ଅଦାଲତ ।

**ଗଠନ :**

ଆମ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମ୍‌କୋର୍ଟ ଜନ୍ମ ନେଲା ୧୯୫୦ ମସିହା ଜାନୁୟାରୀ ମାସ ୨୬ ତାରିଖ ଦିନ । ଏହାପୂର୍ବରୁ ଏହି ନ୍ୟାୟାଳୟର ନାମ ଥିଲା ସଂଘୀୟ ନ୍ୟାୟାଳୟ (Federal Court) । ବର୍ତ୍ତମାନ ସର୍ବୋଚ୍ଚ ନ୍ୟାୟାଳୟରେ ପ୍ରଧାନ ବିଚାରପତିଙ୍କ ସମେତ ୩୨ ଜଣ



ଭାରତର ସର୍ବୋଚ୍ଚ ନ୍ୟାୟାଳୟ

ବିଚାରପତି ଅଛନ୍ତି । ଏହି ବିଚାରପତିମାନଙ୍କୁ ରାଷ୍ଟ୍ରପତି ନିଯୁକ୍ତି ଦିଅନ୍ତି । ଏବେ ବରିଷ୍ଠତା ଭିତ୍ତିରେ ସର୍ବୋଚ୍ଚ ନ୍ୟାୟାଳୟର ବରିଷ୍ଠତମ ବିଚାରପତି ପ୍ରଧାନବିଚାରପତି ରୂପେ ନିଯୁକ୍ତ ହେଉଛନ୍ତି ।

**ଯୋଗ୍ୟତା :**

ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ପଦରେ ନିଯୁକ୍ତି ପାଇବା ପାଇଁ ଜଣେ ବ୍ୟକ୍ତିଙ୍କର ନିମ୍ନଲିଖିତ ଯୋଗ୍ୟତା ଥିବା ଆବଶ୍ୟକ ।

(୧) ସେ ଜଣେ ଭାରତୀୟ ନାଗରିକ ହୋଇଥିବେ, ଏବଂ

(୨) ଏକ ବା ଏକାଧିକ ଉଚ୍ଚନ୍ୟାୟାଳୟରେ ଅନ୍ୟୁନ ୫ ବର୍ଷ ପାଇଁ ବିଚାରପତି ଭାବେ କାର୍ଯ୍ୟ କରିଥିବେ; କିମ୍ବା;
ଏକ ବା ଏକାଧିକ ଉଚ୍ଚନ୍ୟାୟାଳୟରେ ଏକାଦିକ୍ରମେ ୧୦ ବର୍ଷ ପାଇଁ ଆଇନ୍‌ଜୀବୀ (Advocate) ଭାବରେ କାର୍ଯ୍ୟ କରିଥିବେ; କିମ୍ବା
ରାଷ୍ଟ୍ରପତିଙ୍କ ମତରେ ସେ ଜଣେ ବିଶିଷ୍ଟ ଆଇନଜ୍ଞ (Jurist) ହୋଇଥିବେ ।

**କାର୍ଯ୍ୟକାଳ ଓ ପଦଚ୍ୟୁତି :**

ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତିମାନେ ୬୫ ବର୍ଷ ବୟସରେ ଅବସର ଗ୍ରହଣ କରନ୍ତି । ଜଣେ ବିଚାରପତି ପ୍ରମାଣିତ ଅସଦାଚରଣ କିମ୍ବା ଶାରୀରିକ ଅସାମର୍ଥ୍ୟ କାରଣରୁ ସଂସଦର ଅନୁମୋଦନ କ୍ରମେ ରାଷ୍ଟ୍ରପତିଙ୍କ ଦ୍ୱାରା ପଦଚ୍ୟୁତ ହୋଇପାରିବେ । ମାତ୍ର ବିଚାରପତିମାନଙ୍କ ପଦଚ୍ୟୁତି ପଦ୍ଧତି ଅତି ଜଟିଳ । ଯେତେବେଳେ ବିଚାରପତିଙ୍କର ପଦଚ୍ୟୁତି ପ୍ରସ୍ତାବ ସଂସଦର ଉଭୟ ଗୃହରେ ପ୍ରତ୍ୟେକ ଗୃହର ସର୍ବମୋଟ ସଦସ୍ୟଙ୍କର ଅର୍ଦ୍ଧାଧିକ ସଂଖ୍ୟା ଗରିଷ୍ଠ ସମର୍ଥନ ତଥା ଉପସ୍ଥିତ ସଭ୍ୟମାନଙ୍କର ଦୁଇ-ତୃତୀୟାଂଶ ସଂଖ୍ୟାର ସମର୍ଥନ ଦ୍ୱାରା ଗୃହୀତ ହେବ, ସେତେବେଳେ ରାଷ୍ଟ୍ରପତି ବିଚାରପତିଙ୍କୁ ପଦଚ୍ୟୁତ କରିପାରିବେ । ବିଚାରପତି ସ୍ୱହସ୍ତରେ ରାଷ୍ଟ୍ରପତିଙ୍କୁ ଇସ୍ତଫା ପତ୍ର ଲେଖି ନିଜ ପଦବୀରୁ ଅବ୍ୟାହତି ନେଇ ପାରିବେ ।

ଅବସର ପରେ ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ଦେଶର କୌଣସି ନ୍ୟାୟାଳୟରେ ଓକିଲାତି କରିପାରିବେ ନାହିଁ । ବିଚାରପତିଙ୍କର ଦରମା ଓ ଭତ୍ତା ଆଇନ ଦ୍ୱାରା ସ୍ଥିର କରାଯାଇଥାଏ ।

**କ୍ଷେତ୍ରାଧିକାର ଓ କାର୍ଯ୍ୟାବଳୀ :**

ସର୍ବୋଚ୍ଚ ନ୍ୟାୟାଳୟର କ୍ଷେତ୍ରାଧିକାରକୁ ତିନି ଭାଗରେ ବିଭକ୍ତ କରାଯାଇଅଛି, ଯଥା :

(୧) ମୌଳିକ କ୍ଷେତ୍ରାଧିକାର,

(୨) ଆବେଦନମୂଳକ କ୍ଷେତ୍ରାଧିକାର, ଏବଂ

(୩) ଉପଦେଶମୂଳକ କ୍ଷେତ୍ରାଧିକାର ।

**(୧) ମୌଳିକ କ୍ଷେତ୍ରାଧିକାର :** ସର୍ବୋଚ୍ଚ ନ୍ୟାୟାଳୟ ଏକ ସଂଘୀୟ ନ୍ୟାୟାଳୟ ହୋଇଥିବାରୁ କେନ୍ଦ୍ର ଏବଂ ରାଜ୍ୟମାନଙ୍କ ମଧ୍ୟରେ ବା ରାଜ୍ୟ-ରାଜ୍ୟମାନଙ୍କ ମଧ୍ୟରେ ବିବାଦ ଉପୁଜିଲେ, ତାହାର ନ୍ୟାୟିକ ସମାଧାନ ଏହି ସର୍ବୋଚ୍ଚ ନ୍ୟାୟାଳୟ କରିପାରିବ । ଏହି କ୍ଷମତା ମୌଳିକ କ୍ଷେତ୍ରାଧିକାର ଅନ୍ତର୍ଭୁକ୍ତ । କେନ୍ଦ୍ର ଓ ରାଜ୍ୟମାନଙ୍କ ମଧ୍ୟରେ ଉପୁଜୁଥିବା ବିବାଦ ଗୁଡ଼ିକ ନିମ୍ନପ୍ରକାରର ହୋଇଥାଏ । ଯଥା -

(କ) କେନ୍ଦ୍ର ସରକାର ବନାମ ଏକ ବା ଏକାଧିକ ରାଜ୍ୟ ସରକାରଙ୍କ ମଧ୍ୟରେ ବିବାଦ, କିମ୍ବା

(ଖ) କେନ୍ଦ୍ର ସରକାର ଓ ଏକ ବା ଏକାଧିକ ରାଜ୍ୟ ସରକାର ବନାମ ଏକ ବା ଏକାଧିକ ରାଜ୍ୟ ସରକାରଙ୍କ ମଧ୍ୟରେ ବିବାଦ, କିମ୍ବା,

(ଗ) ରାଜ୍ୟ ବନାମ ରାଜ୍ୟ ମଧ୍ୟରେ ବିବାଦ ।

ସର୍ବୋଚ୍ଚ ନ୍ୟାୟାଳୟ ନାଗରିକମାନଙ୍କର ମୌଳିକ ଅଧିକାର ଗୁଡ଼ିକୁ ସୁରକ୍ଷା ପ୍ରଦାନ କରିଥାଏ । ସମ୍ବିଧାନର ୩୨ ଧାରା ବଳରେ ନାଗରିକମାନେ ସେମାନଙ୍କର ମୌଳିକ ଅଧିକାର କ୍ଷୁଣ୍ଣ ହେଲେ ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥାଆନ୍ତି ଏବଂ ସର୍ବୋଚ୍ଚ ନ୍ୟାୟାଳୟ ପାଞ୍ଚଗୋଟି ନ୍ୟାୟିକଆଦେଶ ବା ପରମାଦେଶ (ରିଟ୍) ଜରିଆରେ ନାଗରିକମାନଙ୍କ ମୌଳିକ ଅଧିକାରଗୁଡ଼ିକୁ ସୁରକ୍ଷା ପ୍ରଦାନ କରିଥାଆନ୍ତି । ସର୍ବୋଚ୍ଚ ନ୍ୟାୟାଳୟର ଏହି 'ରିଟ୍' ପ୍ରଦାନ କ୍ଷମତା ମୌଳିକ କ୍ଷେତ୍ରାଧିକାର ଅନ୍ତର୍ଭୁକ୍ତ । ସେହି ପରମାଦେଶ ଗୁଡ଼ିକ ହେଲେ :

(କ) ହାବିୟସ କର୍ପସ୍,

(ଖ) ମାଣ୍ଡାମସ୍,

(ଗ) ପ୍ରୋହିବିସନ,

(ଘ) ସର୍ସିଓରାରୀ ଓ

(ଙ) କୋଓ୍ୱାରାଣ୍ଟୋ ।

**(୨) ଆବେଦନମୂଳକ କ୍ଷେତ୍ରାଧିକାର :** ସର୍ବୋଚ୍ଚ ନ୍ୟାୟାଳୟରେ ଉଚ୍ଚନ୍ୟାୟାଳୟ, ସାମରିକ ନ୍ୟାୟାଳୟ ତଥା କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଳୟର ରାୟ ବିରୁଦ୍ଧରେ ଆବେଦନ କରାଯାଇଥାଏ । ଏହି ଆବେଦନ କ୍ଷେତ୍ରାଧିକାର ତିନି ପ୍ରକାରର, ଯଥା - (କ) ସାମ୍ବିଧାନିକ, (ଖ) ଦେଓ୍ୱାନୀ, (ଗ) ଫୌଜଦାରୀ ।

**(କ) ସାମ୍ବିଧାନିକ ଆବେଦନ :**

ଯେତେବେଳେ କୌଣସି ମୋକଦ୍ଦମାର ବିଚାରରେ ସମ୍ବିଧାନର ବ୍ୟାଖ୍ୟା ସଂଶ୍ଳିଷ୍ଟ ବୋଲି ଉଚ୍ଚନ୍ୟାୟାଳୟ ପ୍ରମାଣ ପତ୍ର ପ୍ରଦାନ କରେ, ସେତେବେଳେ ଉଚ୍ଚ ନ୍ୟାୟାଳୟର ରାୟ ବିରୁଦ୍ଧରେ ସର୍ବୋଚ୍ଚ ନ୍ୟାୟାଳୟରେ ଆବେଦନ କରାଯାଇପାରିବ । କାରଣ, ସର୍ବୋଚ୍ଚ ନ୍ୟାୟାଳୟ ହେଉଛି ସମ୍ବିଧାନର "ସର୍ବଶେଷ ବ୍ୟାଖ୍ୟାକାରୀ" ।

**(ଖ) ଦେଓ୍ୱାନୀ ଆବେଦନ :**

କୌଣସି ଦେଓ୍ୱାନୀ ମୋକଦ୍ଦମାରେ ଯଦି ଉଚ୍ଚନ୍ୟାୟାଳୟ ଏକ ପ୍ରମାଣପତ୍ର ପ୍ରଦାନ କରନ୍ତି ଯେ ଉକ୍ତ ମୋକଦ୍ଦମାର ବିଚାରରେ ଜଡ଼ିତ ଥିବା ଗୁରୁତ୍ୱପୂର୍ଣ୍ଣ ଆଇନଗତ ପ୍ରଶ୍ନର ବ୍ୟାଖ୍ୟା ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ସମ୍ବିଧାନର ତର୍ଜମା ଆବଶ୍ୟକ; ତାହା ହେଲେ ସେହି ମୋକଦ୍ଦମାରେ ଉଚ୍ଚନ୍ୟାୟାଳୟର ରାୟ ବିରୁଦ୍ଧରେ ସର୍ବୋଚ୍ଚ ନ୍ୟାୟାଳୟରେ ଆବେଦନ କରାଯାଇପାରିବ ।

**(ଗ) ଫୌଜଦାରୀ ଆବେଦନ :**

ଫୌଜଦାରୀ ମୋକଦ୍ଦମାରେ ମଧ୍ୟ ଉଚ୍ଚନ୍ୟାୟାଳୟର ରାୟ ବିରୁଦ୍ଧରେ ସର୍ବୋଚ୍ଚ ନ୍ୟାୟାଳୟରେ ଆବେଦନ କରାଯାଇପାରିବ; ଯଦି :

(୧) ନିମ୍ନ ଅଦାଲତରେ ଜଣେ ଦୋଷମୁକ୍ତ ବ୍ୟକ୍ତି ଉଚ୍ଚନ୍ୟାୟାଳୟରେ ଦୋଷୀ ସାବ୍ୟସ୍ତ ହୋଇ ମୃତ୍ୟୁଦଣ୍ଡରେ ଦଣ୍ଡିତ ହୋଇଥାଆନ୍ତି; କିମ୍ବା;

(୨) ଉଚ୍ଚନ୍ୟାୟାଳୟ ନିମ୍ନଅଦାଲତରୁ ମୋକଦ୍ଦମାଟିକୁ ନିଜ ପାଖକୁ ସ୍ଥାନାନ୍ତରିତ କରି ବିଚାର ପରେ ଦୋଷୀକୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଥାଆନ୍ତି; କିମ୍ବା

(୩) ଉଚ୍ଚନ୍ୟାୟାଳୟ ମୋକଦ୍ଦମାଟି ସର୍ବୋଚ୍ଚ ନ୍ୟାୟାଳୟରେ ଆବେଦନ ଯୋଗ୍ୟ ବୋଲି ଏକ ପ୍ରମାଣପତ୍ର ଦିଅନ୍ତି ।

**(ଘ) ସ୍ୱତନ୍ତ୍ର ଆବେଦନ କ୍ଷମତା :**

ଏତଦ୍‌ବ୍ୟତୀତ ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ନିଜ ତରଫରୁ ସାମରିକ ଅଦାଲତ ବ୍ୟତୀତ ଅନ୍ୟ ଯେ କୌଣସି ଅଦାଲତର ରାୟ ବିରୁଦ୍ଧରେ ଆବେଦନ କରିବା ପାଇଁ ସ୍ୱତନ୍ତ୍ର ଅନୁମତି ପ୍ରଦାନ କରିଥାଆନ୍ତି, ଯେଉଁ କ୍ଷେତ୍ରରେ ଉପଯୁକ୍ତ ନ୍ୟାୟ ମିଳିନାହିଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ବିଚାର କରନ୍ତି ।

**(୩) ଉପଦେଶମୂଳକ କ୍ଷେତ୍ରାଧିକାର :** ରାଷ୍ଟ୍ରପତି କୌଣସି ଆଇନଗତ ପ୍ରଶ୍ନ ବା ଜନସ୍ୱାର୍ଥ ଜଡ଼ିତ ସମସ୍ୟା ଉପରେ ସର୍ବୋଚ୍ଚ ନ୍ୟାୟାଳୟର ମତାମତ ଲୋଡ଼ିଥାଆନ୍ତି । ବିଭିନ୍ନ ଦୃଷ୍ଟିରୁ ବିଚାର କରି ସର୍ବୋଚ୍ଚ ନ୍ୟାୟାଳୟ ରାଷ୍ଟ୍ରପତିଙ୍କୁ ନିଜର ମତାମତ ପ୍ରଦାନ କରିଥାଆନ୍ତି । ମାତ୍ର ରାଷ୍ଟ୍ରପତି ଏହି ମତାମତ ସମ୍ବଳିତ ଉପଦେଶ ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି ।

**ରାୟ ପୁନର୍ବିଚାର କ୍ଷମତା :**

ଆବଶ୍ୟକସ୍ଥଳେ ସର୍ବୋଚ୍ଚ ନ୍ୟାୟାଳୟ ନିଜ ଦ୍ୱାରା ପୂର୍ବ ପ୍ରଦତ୍ତ ରାୟର ପୁନର୍ବିଚାର କରିଥାଆନ୍ତି । ଯଦି କୌଣସି ସମୟରେ ପ୍ରଦତ୍ତ ରାୟରେ ତ୍ରୁଟି ରହିଥିବା କଥା ପରବର୍ତ୍ତୀ ସମୟରେ ଜଣାପଡ଼େ, ସେତେବେଳେ ସର୍ବୋଚ୍ଚ ନ୍ୟାୟାଳୟ ନିଜର ପ୍ରଦତ୍ତ ରାୟର ପୁନର୍ବିଚାର କରିଥାଆନ୍ତି ।

**ସର୍ବୋଚ୍ଚ ନ୍ୟାୟାଳୟର ସ୍ୱାଧୀନତା :**

ସର୍ବୋଚ୍ଚ ନ୍ୟାୟାଳୟର ସ୍ୱାଧୀନତା ନିମ୍ନମତେ ନିରୂପିତ କରାଯାଇଛି ।

(କ) ବିଚାରପତିମାନେ ରାଷ୍ଟ୍ରପତିଙ୍କ ଦ୍ୱାରା ସ୍ୱତନ୍ତ୍ର ପଦ୍ଧତିରେ ନିଯୁକ୍ତ ହୁଅନ୍ତି ।

(ଖ) ସେମାନଙ୍କର ପଦଚ୍ୟୁତି ବ୍ୟବସ୍ଥା ମଧ୍ୟ ସ୍ୱତନ୍ତ୍ର ।

(ଗ) ବିଚାରପତିମାନଙ୍କର ଦରମା ଓ ଭତ୍ତା ଆଇନ ଦ୍ୱାରା ସ୍ଥିରୀକୃତ ।

(ଘ) ବିଚାରପତିଙ୍କର ଅବସର ବୟସ ସୀମା ସଂବିଧାନ ଦ୍ୱାରା ସ୍ଥିର କରାଯାଇଛି ।

**ଅଭିଲେଖ ଅଦାଲତ :**

ପ୍ରଥମତଃ, ସର୍ବୋଚ୍ଚ ନ୍ୟାୟାଳୟ ଏକ ଅଭିଲେଖ ଅଦାଲତ (Court of Records) । ଏହି ନ୍ୟାୟାଳୟର ରାୟ ଏବଂ ଆଦେଶନାମାଗୁଡ଼ିକ ଦେଶର ଅନ୍ୟ ସମସ୍ତ ଅଦାଲତ ମାନିବାକୁ ବାଧ୍ୟ । ସର୍ବୋଚ୍ଚ ନ୍ୟାୟଳୟର ରାୟ ନିମ୍ନଅଦାଲତରେ ପ୍ରମାଣ ସ୍ୱରୂପ ଦର୍ଶାଯାଇଥାଏ ।

ଦ୍ୱିତୀୟତଃ, ସର୍ବୋଚ୍ଚ ନ୍ୟାୟାଳୟ 'ଅଦାଲତ ଅବମାନନା' ଅପରାଧ ପାଇଁ ଅଭିଯୁକ୍ତଙ୍କୁ ଦଣ୍ଡବିଧାନ କରିଥାଆନ୍ତି ।

**ନ୍ୟାୟିକ ପୁନରାବଲୋକନ : (Judicial Review)**

ସର୍ବୋଚ୍ଚ ନ୍ୟାୟାଳୟ ହେଉଛି ସଂବିଧାନର ରକ୍ଷାକର୍ତ୍ତା । ତେଣୁ ସଂସଦ ବା ରାଜ୍ୟ ବିଧାନମଣ୍ଡଳ ଦ୍ୱାରା ପ୍ରଣୀତ ଆଇନ୍ ବା କାର୍ଯ୍ୟପାଳିକାର ଆଦେଶନାମା ଯଦି ସମ୍ବିଧାନର କୌଣସି ବ୍ୟବସ୍ଥାକୁ ଉଲଂଘନ କରେ, ତାହା ହେଲେ ସର୍ବୋଚ୍ଚ ନ୍ୟାୟଳୟ ଉକ୍ତ ଆଇନ ଓ କାର୍ଯ୍ୟପାଳିକାର ଆଦେଶନାମାକୁ 'ଅଣସମ୍ବିଧାନିକ' ଘୋଷଣା କରି ଅସିଦ୍ଧ କରିଦେଇ ଥାଆନ୍ତି । ଏହାକୁ ନ୍ୟାୟିକ ପୁନରାବଲୋକନ କୁହାଯାଏ ।

**ଜନସ୍ୱାର୍ଥ ମୋକଦ୍ଦମା : (P:I:L)**

ପୂର୍ବରୁ ଯେଉଁବ୍ୟକ୍ତିର ଅଧିକାର କ୍ଷୁଣ୍ଣ ହେଉଥିଲା ସେହି ବ୍ୟକ୍ତି ହିଁ କେବଳ ନ୍ୟାୟାଳୟରେ ମୋକଦ୍ଦମା ଦାୟର କରିପାରୁଥିଲେ । ମାତ୍ର ବର୍ତ୍ତମାନ "ସାଧାରଣ ସ୍ୱାର୍ଥ" ବ୍ୟାହତ ହେଲେ, ଯେକୌଣସି ସଚେତନ ବ୍ୟକ୍ତି ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅଦାଲତର ଆଶ୍ରୟ ନେଇପାରିବେ । ଏପରିକି ସମ୍ବାଦପତ୍ର ବା ଗଣମାଧ୍ୟମରେ ପ୍ରକାଶିତ ଓ ପ୍ରସାରିତ ସମ୍ବାଦକୁ ବିଚାର ପାଇଁ ଗ୍ରହଣ କରି ସର୍ବୋଚ୍ଚ ନ୍ୟାୟାଳୟ ସରକାରଙ୍କୁ ସମୁଚିତ ନିର୍ଦ୍ଦେଶ ଦେଇ ଥାଆନ୍ତି । ଏହି ବ୍ୟବସ୍ଥା ଯୋଗୁଁ ବହୁକ୍ଷେତ୍ରରେ ପତିତ, ଦଳିତ, ନିଷ୍ପେସିତ ତଥା ଅତ୍ୟାଚାରିତଙ୍କ ସମସ୍ୟା ଏବଂ ସର୍ବସାଧାରଣ ସମସ୍ୟାଗୁଡ଼ିକର ନ୍ୟାୟିକ

ସମାଧାନ ହୋଇପାରୁଛି । ଯେଉଁ କ୍ଷେତ୍ରରେ ଯେତେବେଳେ ସଂସଦ ଓ କାର୍ଯ୍ୟପାଳିକା ନିଜ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ସୂଚାରୁରୂପେ ସଂପାଦନ କରୁନାହାନ୍ତି, ସର୍ବୋଚ୍ଚ ନ୍ୟାୟାଳୟ ସେ କ୍ଷେତ୍ରରେ ସେମାନଙ୍କୁ ଆବଶ୍ୟକୀୟ ନ୍ୟାୟିକ ନିର୍ଦ୍ଦେଶନାମା ଦେଉଛନ୍ତି । ଏହାକୁ 'ନ୍ୟାୟିକ ତତ୍ପରତା' (Judicial Activism) କୁହାଯାଏ । ଏହାଦ୍ୱାରା ସଂସଦ ଓ କାର୍ଯ୍ୟପାଳିକା ନିଜର ଦାୟିତ୍ୱ ଠିକ୍ ଭାବେ ପାଳନ କରିଥା'ନ୍ତି ।

ଆମ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସଂଘୀୟ ନ୍ୟାୟାଳୟ ଭାବରେ କେନ୍ଦ୍ର ଓ ରାଜ୍ୟମାନଙ୍କ ମଧ୍ୟରେ ଉପୁଜୁଥିବା ବିବାଦର ସମାଧାନ କରନ୍ତି । ଏହା ମଧ୍ୟ ହେଉଛି ସମ୍ବିଧାନର ରକ୍ଷାକର୍ତ୍ତା ଓ ସର୍ବଶେଷ ବ୍ୟାଖ୍ୟାକର୍ତ୍ତା ଏବଂ ନାଗରିକ ମାନଙ୍କର ମୌଳିକ ଅଧିକାର ଗୁଡ଼ିକର ରକ୍ଷକ । ସର୍ବୋପରି ସାମାଜିକ ତଥା ଅର୍ଥନୈତିକ ନ୍ୟାୟ ପ୍ରଦାନ କ୍ଷେତ୍ରରେ ସର୍ବୋଚ୍ଚ ନ୍ୟାୟାଳୟର ଭୂମିକା ବିଶେଷ ଭାବରେ ଗୁରୁତ୍ୱପୂର୍ଣ୍ଣ । ଲୋକତନ୍ତ୍ରର ସହାୟକ ଭାବରେ ନ୍ୟାୟପାଳିକା ସ୍ୱୀକୃତିଲାଭ କରିଛି । ଭାରତ ପରି ସଂଘୀୟ ରାଷ୍ଟ୍ରରେ ସର୍ବୋଚ୍ଚ ନ୍ୟାୟାଳୟର ସକ୍ରିୟ ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ।

❖ ❖ ❖

**ଆମେ କ'ଣ ଶିଖିଲେ ?**

- ମୋଗଲ ସଂସଦୀୟ ଗଣତନ୍ତ୍ର ବ୍ୟବସ୍ଥା ପ୍ରଚଳିତ ।
- ରାଷ୍ଟ୍ରପତି ଦେଶର ସର୍ବୋଚ୍ଚ ସାମ୍ବିଧାନିକ ଶାସନ ମୁଖ୍ୟ ।
- ପ୍ରଧାନମନ୍ତ୍ରୀ ଓ ମନ୍ତ୍ରିପରିଷଦର ପରାମର୍ଶକ୍ରମେ ରାଷ୍ଟ୍ରପତି ସମସ୍ତ ସାମ୍ବିଧାନିକ ଦାୟିତ୍ୱ ତୁଲାନ୍ତି ।
- ପ୍ରଧାନମନ୍ତ୍ରୀ ଓ ମନ୍ତ୍ରିପରିଷଦ ଆମ ଦେଶର ବାସ୍ତବ କାର୍ଯ୍ୟପାଳକା ।
- ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀଙ୍କୁ ନିଯୁକ୍ତ କରନ୍ତି ଓ ତାଙ୍କ ପରାମର୍ଶ କ୍ରମେ ଅନ୍ୟ ମନ୍ତ୍ରୀମାନଙ୍କୁ ନିଯୁକ୍ତ କରନ୍ତି ଓ ସେମାନଙ୍କର ବିଭାଗ ବଣ୍ଟନ କରନ୍ତି ।
- ମନ୍ତ୍ରୀ ପରିଷଦ ସଂସଦ ନିକଟରେ ସାମୂହିକ ଭାବରେ ଉତ୍ତରଦାୟୀ ।
- ସଂସଦ ଲୋକସଭା, ରାଜ୍ୟସଭା ଓ ରାଷ୍ଟ୍ରପତିଙ୍କୁ ନେଇ ଗଠିତ ।
- ଲୋକସଭାର ସର୍ବମୋଟ ସଭ୍ୟସଂଖ୍ୟା ସର୍ବାଧିକ ୫୫୨ ହୋଇ ପାରିବ ।
- ଏଥିରୁ ୫୩୦ ଜଣ ବିଭିନ୍ନ ରାଜ୍ୟରୁ,ସର୍ବାଧିକ ୨୯ ଜଣ କେନ୍ଦ୍ରଶାସିତ ଅଞ୍ଚଳରୁ ସାବାଳକ ଭୋଟପ୍ରଥା ଦ୍ୱାରା ନିର୍ବାଚିତ ହୁଅନ୍ତି । ରାଷ୍ଟ୍ରପତି ୨ ଜଣ ଆଙ୍ଗ୍ଲୋ-ଭାରତୀୟଙ୍କୁ ମନୋନୀତ କରିପାରିବେ । ସଂପ୍ରତି ଲୋକସଭାର ସଦସ୍ୟ ସଂଖ୍ୟା ୫୪୫ ।
- ରାଜ୍ୟସଭାର ସର୍ବାଧିକ ସଭ୍ୟସଂଖ୍ୟା ୨୫୦ । ଏଥିରୁ ସର୍ବାଧିକ ୨୩୮ ଜଣ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ପରୋକ୍ଷ ଭାବେ ନିର୍ବାଚିତ ହୁଅନ୍ତି ଏବଂ ୧୨ ଜଣ ସଭ୍ୟ ରାଷ୍ଟ୍ରପତିଙ୍କ ଦ୍ୱାରା ମନୋନୀତ ହୁଅନ୍ତି । ବର୍ତ୍ତମାନ ରାଜ୍ୟସଭାରେ ୨୪୫ ଜଣ ସଦସ୍ୟ ଅଛନ୍ତି ।
- ସଂସଦ କେନ୍ଦ୍ର ତାଲିକା, ଯୁଗ୍ମ ତାଲିକା ଓ କେତେକ କ୍ଷେତ୍ରରେ ରାଜ୍ୟ ତାଲିକାରେ ଅନ୍ତର୍ଭୁକ୍ତ ବିଷୟ ଉପରେ ଆଇନ ପ୍ରଣୟନ କରିଥାଏ ।
- ଭାରତରେ ସର୍ବୋଚ୍ଚ ନ୍ୟାୟାଳୟ ବା ସୁପ୍ରିମ୍ କୋର୍ଟ ଏବଂ ନିରପେକ୍ଷ ନ୍ୟାୟପାଳିକା । ଏହା ସଂଘୀୟ ସର୍ବୋଚ୍ଚ ଅଦାଲତ । ମୁଖ୍ୟ ବିଚାରପତିଙ୍କ ସମେତ ମୋଟ ୩୨ ଜଣ ବିଚାରପତିଙ୍କୁ ନେଇ ଏହା ଗଠିତ ।
- ଏହାର ତିନି ପ୍ରକାର କ୍ଷେତ୍ରାଧିକାର ରହିଛି (କ) ମୌଳିକ କ୍ଷେତ୍ରାଧିକାର, (ଖ) ଆବେଦନମୂଳକ କ୍ଷେତ୍ରାଧିକାର, (ଗ) ଉପଦେଶମୂଳକ କ୍ଷେତ୍ରାଧିକାର ।
- ସଂବିଧାନର ରକ୍ଷାକର୍ତ୍ତା ଭାବରେ ଏହା ନ୍ୟାୟିକ ପୁନରାବଲୋକନ (Judicial Review) କ୍ଷମତା ଉପଭୋଗ କରେ ।

## ଜାଣିବା କଥା

- **ଲାଭଜନକ ପଦବୀ :-** ଜଣେ ବ୍ୟକ୍ତି ଯଦି ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ରାଜ୍ୟପାଳ କିମ୍ବା କେନ୍ଦ୍ର ବା ରାଜ୍ୟରେ ମନ୍ତ୍ରୀପଦରେ ଥିବେ ତେବେ ସେ ଲାଭଜନକ ପଦବୀରେ ଅଛନ୍ତି ବୋଲି ଧରାଯିବ ନାହିଁ ।
- **ମହାଭିଯୋଗ :-** ରାଷ୍ଟ୍ରପତିଙ୍କୁ ଯେଉଁ ପଦ୍ଧତିରେ ବହିଷ୍କୃତ କରାଯାଇଥାଏ ତାହାକୁ ମହାଭିଯୋଗ କୁହାଯାଏ ।
- **ସମ୍ବିଧାନ :-** ସମ୍ବିଧାନ ହେଉଛି ଦେଶର ସର୍ବୋଚ୍ଚ ଆଇନ୍ ସଂହିତା । ଏଥିରେ ଦେଶ ଓ ସରକାର ଗଠନ, ବିଭିନ୍ନ ଅନୁଷ୍ଠାନ ଓ କର୍ମକର୍ତ୍ତା ମାନଙ୍କର ସ୍ଥିତି, ପ୍ରକୃତି, କ୍ଷମତା ଓ କାର୍ଯ୍ୟାବଳୀ ବର୍ଣ୍ଣିତ ହୋଇଥାଏ ।
- **ପ୍ରୋରୋଗ୍ –** ସଂସଦର ଅଧିବେଶନକୁ ରାଷ୍ଟ୍ରପତି ଆଗାମୀ ଅଧିବେଶନ ପର୍ଯ୍ୟନ୍ତ ମୁଲତବୀ ବା ସ୍ଥଗିତ ରଖିବାକୁ ପ୍ରୋରୋଗ୍ କୁହାଯାଏ ।
- **ମିଳିତ ଅଧିବେଶନ :-** ରାଜ୍ୟସଭା ଓ ଲୋକସଭାର ମିଳିତ ବୈଠକକୁ ସଂସଦର ମିଳିତ ଅଧିବେଶନ କୁହାଯାଏ । ଏଥିରେ ଲୋକସଭାର ବାଚସ୍ପତି ସଭାପତିତ୍ୱ କରନ୍ତି ।
- **ଜରୁରୀ ପରିସ୍ଥିତି :-** ଭାରତରେ ସଂଘୀୟ ଶାସନ ବ୍ୟବସ୍ଥା ରହିଛି । ଜରୁରୀ ପରିସ୍ଥିତି ଉପୁଜିଲେ ପ୍ରଚଳିତ ସାମ୍ବିଧାନିକ ଶାସନ ବ୍ୟବସ୍ଥାକୁ ବାତିଲ୍ କରାଯାଇ ନାଗରିକ ମାନଙ୍କର ମୌଳିକ ଅଧିକାର ତଥା ରାଜ୍ୟମାନଙ୍କର ସ୍ୱାତନ୍ତ୍ର୍ୟକୁ ସଂକୁଚିତ କରିବା ସଙ୍ଗେ ସଙ୍ଗେ କେନ୍ଦ୍ର ସରକାରଙ୍କର କ୍ଷମତା ପରିସର ବୃଦ୍ଧି କରାଯାଇଥାଏ । କେନ୍ଦ୍ର ମନ୍ତ୍ରିମଣ୍ଡଳର ପରାମର୍ଶରେ କେବଳ ରାଷ୍ଟ୍ରପତି ଆମ ଦେଶରେ ଜରୁରୀ ପରିସ୍ଥିତି ଘୋଷଣା କରିପାରିବେ । ଦେଶର ସୁରକ୍ଷା ବିପନ୍ନ ହେଲେ ବା ବିପନ୍ନ ହେବାର ଆଶଙ୍କା ଦେଖାଗଲେ ରାଷ୍ଟ୍ରପତି ଜାତୀୟ ଜରୁରୀ ଘୋଷଣା କରିପାରିବେ । ଏତଦ୍‌ବ୍ୟତୀତ ଆବଶ୍ୟକସ୍ଥଳେ ଆଉ ଦୁଇ ପ୍ରକାରର ଜରୁରୀ ପରିସ୍ଥିତି, ଯଥା : ରାଷ୍ଟ୍ରପତି ଶାସନ ଓ ଅର୍ଥ ସମ୍ବନ୍ଧୀୟ ଜରୁରୀ ପରିସ୍ଥିତି, ରାଷ୍ଟ୍ରପତି ମଧ୍ୟ ଘୋଷଣା କରିଥାଆନ୍ତି ।
- **ଝୁଲା ସଂସଦ :-** ଯେତେବେଳେ ଲୋକସଭାରେ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ହାସଲ କରିପାରେ ନାହିଁ, ସେତେବେଳେ ଏକ "ଝୁଲା ସଂସଦ"ର ପରିସ୍ଥିତି ଉପୁଜିଥାଏ ।
- **ଅନାସ୍ଥା ପ୍ରସ୍ତାବ :-** କେନ୍ଦ୍ର ମନ୍ତ୍ରିମଣ୍ଡଳ ସାମୂହିକ ଭାବରେ ଲୋକସଭା ନିକଟରେ ଉତ୍ତରଦାୟୀ । ତେଣୁ ଯେତେବେଳେ ବିରୋଧୀ ଦଳମାନେ ସରକାରଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହୁଅନ୍ତି, ସେତେବେଳେ ସେମାନେ ଲୋକସଭାରେ ଅନାସ୍ଥା ପ୍ରସ୍ତାବ ଆଗତ କରନ୍ତି । ପ୍ରସ୍ତାବଟି ବହୁମତରେ ଗୃହୀତ ହେଲେ ସରକାର ଇସ୍ତଫା ପ୍ରଦାନ କରନ୍ତି ।
- **ସାମୂହିକ ଉତ୍ତର ଦାୟିତ୍ୱ :-** ମନ୍ତ୍ରିମଣ୍ଡଳର ସମସ୍ତ କାର୍ଯ୍ୟପାଇଁ ସବୁ ମନ୍ତ୍ରୀ ଦାୟୀ । କେହି ଜଣେ ମନ୍ତ୍ରୀ ମନ୍ତ୍ରିମଣ୍ଡଳର ନିଷ୍ପତ୍ତି ବିରୁଦ୍ଧରେ ଯାଇ ମନ୍ତ୍ରିମଣ୍ଡଳରେ ରହିପାରିବେ ନାହିଁ । ସେହିପରି ପ୍ରତ୍ୟେକ ମନ୍ତ୍ରୀଙ୍କର କାର୍ଯ୍ୟକଳାପ ପାଇଁ ସମଗ୍ର ମନ୍ତ୍ରିମଣ୍ଡଳ ସାମୂହିକ ଭାବରେ ଦାୟୀ । ସଂସଦୀୟ ଗଣତନ୍ତ୍ରରେ ମନ୍ତ୍ରିମଣ୍ଡଳ ଲୋକସଭା ନିକଟରେ ସାମୂହିକ ଭାବରେ ଉତ୍ତରଦାୟୀ ।
- **ଯୋଜନା ଆୟୋଗ :-** ଆମ ଦେଶର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶିଳ୍ପ ଇତ୍ୟାଦି ସମସ୍ତ ପ୍ରକାର ଉନ୍ନତି ଲାଗି ଅନେକ ଯୋଜନା ପ୍ରସ୍ତୁତ କରିବା ପାଇଁ କେନ୍ଦ୍ରସ୍ତରରେ ଗୋଟିଏ ଆୟୋଗ ରହିଅଛି । ତାହାକୁ ଯୋଜନା ଆୟୋଗ କୁହାଯାଏ । ପ୍ରଧାନମନ୍ତ୍ରୀ ଏହାର ଅଧ୍ୟକ୍ଷ ।
- **କାଟ୍ ପ୍ରସ୍ତାବ :-** ବଜେଟ୍ ଆଲୋଚନା ବେଳେ ବିରୋଧୀ ଦଳମାନେ 'କାଟ୍ ପ୍ରସ୍ତାବ' (Cut Motion) ଆଗତ କରିଥାଆନ୍ତି । ଏହା ମାଧ୍ୟମରେ ବିଭିନ୍ନ ବିଭାଗର ଖର୍ଚ୍ଚକାଟ୍ ପାଇଁ ପ୍ରସ୍ତାବ ଆଗତ

କରାଯାଇଥାଏ । 'କାଟ୍ ପ୍ରସ୍ତାବ' ଗୃହୀତ ହୋଇଗଲେ ସରକାର ଲୋକସଭାରେ ବହୁମତ ହରାଇଛନ୍ତି ବୋଲି ପ୍ରମାଣିତ ହୁଏ ଏବଂ ସରକାର ଭାଙ୍ଗିଯାଏ । ସାଧାରଣତଃ ତିନିପ୍ରକାରର କାଟ୍ ପ୍ରସ୍ତାବ ରହିଛି ।

- **ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ** – ସଂସଦ ଅଧିବେଶନର ପ୍ରତିଦିନର ପ୍ରଥମ ଏକ ଘଣ୍ଟା (ସାଧାରଣତଃ ଦିନ ୧୧ଟାରୁ ୧୨ଟା ପର୍ଯ୍ୟନ୍ତ) ସମୟ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ (Question Hour) ଅନୁଷ୍ଠିତ ହୁଏ । ଏହି ସମୟରେ ସାଂସଦମାନେ ମନ୍ତ୍ରୀମାନଙ୍କୁ ବିଭିନ୍ନ ବିଷୟରେ ପ୍ରଶ୍ନ ଓ ଅତିରିକ୍ତ ପ୍ରଶ୍ନମାନ ପଚାରି ଥାଆନ୍ତି ଓ ମନ୍ତ୍ରୀମାନେ ତା'ର ଉତ୍ତର ଦେଇଥାଆନ୍ତି ।
- **ବଜେଟ୍** – ସରକାରଙ୍କର ବାର୍ଷିକ ଆୟ ବ୍ୟୟ ଅଟକଳକୁ 'ବଜେଟ୍' କୁହାଯାଏ । ଏହା ପ୍ରତ୍ୟେକ ଆର୍ଥିକ ବର୍ଷର ଆରମ୍ଭ ପୂର୍ବରୁ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଦ୍ୱାରା ଲୋକସଭାରେ ଆଗତ ହୋଇଥାଏ ଓ ସଂସଦରେ ଅନୁମୋଦିତ ହୋଇଥାଏ। ବଜେଟ୍‌ରେ ପ୍ରଦତ୍ତ ସରକାରଙ୍କର ବିଭିନ୍ନ ବିଭାଗର ଖର୍ଚ୍ଚଦାବୀ ସଂସଦ ଦ୍ୱାରା ଗୃହୀତ ହେବାପରେ ସରକାର ବ୍ୟୟ ବରାଦ କରିଥାଆନ୍ତି ।
- **ଶୂନ୍ୟକାଳ (Zero Hour) :-** ସଂସଦ ପରିଚାଳନା ପାଇଁ ଉଦ୍ଦିଷ୍ଟ ନିୟମାବଳୀରେ ଶୂନ୍ୟକାଳ (Zero Hour) ବିଷୟରେ କିଛି ହେଲେ ଲିଖିତ ହୋଇନାହିଁ । ଏହା ଏକ ସଂସଦୀୟ ପରମ୍ପରା । ଶୂନ୍ୟକାଳ (Zero Hour) ସାଧାରଣତଃ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପରେ ଆରମ୍ଭ ହୋଇଥାଏ । ଏହା ମଧ୍ୟାହ୍ନ ୧୨ଟା ଠାରୁ ଅପରାହ୍ନ ୧ଟା ବା ମଧ୍ୟାହ୍ନ ଭୋଜନ ବିରତି ପର୍ଯ୍ୟନ୍ତ ଚାଲୁଥିବାରୁ ଏହାକୁ ଶୂନ୍ୟକାଳ (Zero Hour) କୁହାଯାଏ । ବେଳେବେଳେ ଏହା ୧୦/୧୫ ମିନିଟ୍‌ରେ ଶେଷ ହୋଇଯାଏ । ଦ୍ୱିତୀୟତଃ ଏହି ସମୟରେ ଗୃହର ନିର୍ଦ୍ଧାରିତ କାର୍ଯ୍ୟକ୍ରମକୁ ସ୍ଥଗିତ ରଖି ସର୍ବସାଧାରଣ ସ୍ୱାର୍ଥ ଦୃଷ୍ଟିରୁ ଅତ୍ୟନ୍ତ ଜରୁରୀ ବିଷୟରେ ଯେ କୌଣସି ସଭ୍ୟ ଯେ କୌଣସି ପ୍ରଶ୍ନ ପଚାରିଥାଆନ୍ତି । ଏକାବେଳେ ଏକାଧିକ ସଦସ୍ୟ କିଛି କହୁଥିବାର ମଧ୍ୟ ଦେଖାଯାଏ । ଗୃହ ପରିଚାଳନାର ସାଧାରଣ ନୀତି ନିୟମକୁ ଏହି ସମୟରେ କେହି ପାଳନ କରନ୍ତି ନାହିଁ ।
- **ସଂଘୀୟ ରାଷ୍ଟ୍ର :-** ଯେଉଁ ରାଷ୍ଟ୍ରରେ ଗୋଟିଏ କେନ୍ଦ୍ର ସରକାର ଓ ଅନେକଗୁଡ଼ିଏ ରାଜ୍ୟସରକାର ଥାଆନ୍ତି ଏବଂ ସେମାନଙ୍କ ମଧ୍ୟରେ ଲିଖିତ ସମ୍ବିଧାନ ମାଧ୍ୟମରେ କ୍ଷମତା ବଣ୍ଟନ କରାଯାଇଥାଏ, ସେହି ରାଷ୍ଟ୍ରକୁ ସଂଘୀୟ ରାଷ୍ଟ୍ର କୁହାଯାଏ । ଆମେରିକା ହେଉଛି ବିଶ୍ୱର ପ୍ରଥମ ସଂଘୀୟ ରାଷ୍ଟ୍ର ।
- **ନାମମାତ୍ର କାର୍ଯ୍ୟପାଳିକା ଓ ବାସ୍ତବ କାର୍ଯ୍ୟପାଳିକା :-** ଯେଉଁ ରାଷ୍ଟ୍ରମୁଖ୍ୟଙ୍କ ହସ୍ତରେ ସମ୍ବିଧାନ ସମସ୍ତ କାର୍ଯ୍ୟପାଳିକା କ୍ଷମତା ନ୍ୟସ୍ତ କରିଥାଏ, ମାତ୍ର ମନ୍ତ୍ରିପରିଷଦର ପରାମର୍ଶ ବିନା ସେ ନିଜ ଇଚ୍ଛାରେ କିଛି ବି କରିପାରନ୍ତି ନାହିଁ; ତାଙ୍କୁ ନାମମାତ୍ର କାର୍ଯ୍ୟପାଳିକା କୁହାଯାଏ । ଯଥା : ଭାରତର ରାଷ୍ଟ୍ରପତି ଓ ଇଂଲଣ୍ଡର ରାଣୀ ।
- ଯେଉଁ ଶାସନ ମୁଖ୍ୟ ବାସ୍ତବରେ ସମସ୍ତ କାର୍ଯ୍ୟପାଳିକା କ୍ଷମତା ଉପଭୋଗ କରନ୍ତି ଓ ଯେଉଁମାନଙ୍କ ନିର୍ଦ୍ଦେଶରେ ସମସ୍ତ କାର୍ଯ୍ୟ ସଂପାଦିତ ହୁଏ, ତାଙ୍କୁ ବାସ୍ତବ କାର୍ଯ୍ୟପାଳିକା କୁହାଯାଏ । ଯଥା : ଭାରତର ପ୍ରଧାନମନ୍ତ୍ରୀ ଓ ମନ୍ତ୍ରିମଣ୍ଡଳ ଓ ଇଂଲଣ୍ଡର ପ୍ରଧାନମନ୍ତ୍ରୀ ଓ ମନ୍ତ୍ରିପରିଷଦ ।
- ସାଧାରଣତଃ ସଂସଦୀୟ ସରକାରରେ ଉପରୋକ୍ତ ଦୁଇ ପ୍ରକାରର କାର୍ଯ୍ୟପାଳିକା ରହିଥା'ନ୍ତି ।
- ରାଷ୍ଟ୍ରପତିଙ୍କ ସରକାରୀ ବାସଭବନର ନାମ – "ରାଷ୍ଟ୍ରପତି ଭବନ" ।

# ପ୍ରଶ୍ନମାଳା

୧ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୦୦ଗୋଟି ଶବ୍ଦରେ ଲେଖ ।

(କ) ରାଷ୍ଟ୍ରପତି କିପରି ବହିଷ୍କୃତ ହୁଅନ୍ତି ?

(ଖ) ରାଷ୍ଟ୍ରପତିଙ୍କ ପ୍ରଶାସନିକ କ୍ଷମତା ବୁଝାଇ ଲେଖ ।

(ଗ) ରାଷ୍ଟ୍ରପତିଙ୍କ ଜରୁରୀକାଳୀନ କ୍ଷମତା କ'ଣ ?

(ଘ) ଉପରାଷ୍ଟ୍ରପତିଙ୍କର କାର୍ଯ୍ୟ କ'ଣ ?

(ଙ) ପ୍ରଧାନମନ୍ତ୍ରୀଙ୍କର କାର୍ଯ୍ୟାବଳୀ ବର୍ଣ୍ଣନା କର ।

(ଚ) କେନ୍ଦ୍ର ମନ୍ତ୍ରିମଣ୍ଡଳର କାର୍ଯ୍ୟ କ'ଣ ?

(ଛ) ଲୋକସଭାର ଗଠନ ଓ କାର୍ଯ୍ୟାବଳୀ ବର୍ଣ୍ଣନା କର ।

(ଜ) ରାଜ୍ୟସଭାର ଗଠନ ଓ କାର୍ଯ୍ୟାବଳୀ ବର୍ଣ୍ଣନା କର ।

(ଝ) ସଂସଦରେ ସାଧାରଣ ବିଲ୍ କିପରି ଗୃହୀତ ହୁଏ ?

(ଞ) ଲୋକସଭା ବାଚସ୍ପତିଙ୍କର କ୍ଷମତା ଓ କାର୍ଯ୍ୟ କ'ଣ ?

(ଟ) ସର୍ବୋଚ୍ଚ ନ୍ୟାୟାଳୟର ମୌଳିକ କ୍ଷେତ୍ରାଧିକାର ବୁଝାଇ ଲେଖ ।

୨ । ନିମ୍ନଲିଖିତ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ଲେଖାଏଁ ବାକ୍ୟରେ ଲେଖ ।

(କ) ଭାରତର ସାଂବିଧାନିକ ରାଷ୍ଟ୍ରମୁଖ୍ୟ କିଏ ?

(ଖ) ରାଷ୍ଟ୍ରପତି ରାଜ୍ୟସଭାକୁ କେଉଁ ବ୍ୟକ୍ତିବିଶେଷଙ୍କୁ ମନୋନୀତ କରନ୍ତି ?

(ଗ) ଲୋକସଭାକୁ ରାଷ୍ଟ୍ରପତି କେତେ ଜଣ ସଭ୍ୟ ମନୋନୀତ କରନ୍ତି ଓ ସେମାନେ କେଉଁ ବର୍ଗର ?

(ଘ) କେଉଁ କାରଣରୁ ରାଷ୍ଟ୍ରପତିଙ୍କୁ ବହିଷ୍କାର କରାଯାଇପାରିବ ?

(ଙ) ରାଷ୍ଟ୍ରପତି ରାଜ୍ୟସଭାକୁ କେତେଜଣ ସଭ୍ୟ ମନୋନୀତ କରନ୍ତି ?

(ଚ) ଲୋକସଭାର ସର୍ବାଧିକ ସଦସ୍ୟ ସଂଖ୍ୟା କେତେ ?

(ଛ) ଲୋକସଭାରେ କିଏ ଅଧ୍ୟକ୍ଷତା କରନ୍ତି ?

(ଜ) ରାଜ୍ୟସଭାର ସଭ୍ୟହେବା ପାଇଁ ସର୍ବନିମ୍ନ ବୟସ ସୀମା କେତେ ?

(ଝ) ରାଷ୍ଟ୍ରପତିଙ୍କର କାର୍ଯ୍ୟକାଳ କେତେ ବର୍ଷ ?

(ଞ) କେନ୍ଦ୍ର ମନ୍ତ୍ରିମଣ୍ଡଳ ବୈଠକରେ କିଏ ଅଧ୍ୟକ୍ଷତା କରନ୍ତି ?

(ଟ) 'ଝୁଲା ସଂସଦ' କ'ଣ ?

(ଠ) ରାଷ୍ଟ୍ରପତି କେତେବେଳେ ଅଧ୍ୟାଦେଶ ଜାରି କରନ୍ତି ?

(ଡ) 'କୋରମ' କହିଲେ କ'ଣ ବୁଝାଏ ?

(ଢ) କେନ୍ଦ୍ର ମନ୍ତ୍ରିମଣ୍ଡଳ କିପରି ଗଠିତ ହୁଏ ?

(ଣ) ସଂସଦର ମିଳିତ ଅଧିବେଶନରେ କିଏ ଅଧ୍ୟକ୍ଷତା କରନ୍ତି ?

(ତ) ରାଜ୍ୟସଭାର ସଭ୍ୟମାନେ କେତେ ବର୍ଷ ପାଇଁ ନିର୍ବାଚିତ ହୁଅନ୍ତି ?

(ଥ) ଅର୍ଥବିଲ୍ ସଂସଦର କେଉଁ ଗୃହରେ ଆଗତ ହୁଏ ?

(ଦ) ଭାରତର ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କୁ କିଏ ନିଯୁକ୍ତି ଦିଅନ୍ତି ?

(ଧ) ଭାରତରେ ଜରୁରୀ ପରିସ୍ଥିତି କିଏ ଘୋଷଣା କରନ୍ତି ?

(ନ) ରାଷ୍ଟ୍ରପତି ଶାସନ କେଉଁ ପରିସ୍ଥିତିରେ ଘୋଷଣା କରାଯାଏ ?

(ପ) ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତିମାନଙ୍କୁ କିଏ ନିଯୁକ୍ତି ଦିଅନ୍ତି ?

(ଫ) ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତିମାନେ କେତେ ବର୍ଷ ବୟସରେ ଅବସର ଗ୍ରହଣ କରନ୍ତି ?

(ବ) କେଉଁ ପରିସ୍ଥିତିରେ ରାଷ୍ଟ୍ରପତି ପଦ ଶୂନ୍ୟ ପଡ଼େ ?

(ଭ) କେଉଁ ପରିସ୍ଥିତିରେ ଉପରାଷ୍ଟ୍ରପତି ରାଷ୍ଟ୍ରପତି ଦାୟିତ୍ୱ ସଂପାଦନ କରନ୍ତି ?

(ମ) ରାଷ୍ଟ୍ରପତି କେଉଁ ବର୍ଗର ଓ କେତେ ଜଣ ବ୍ୟକ୍ତିଙ୍କୁ ଲୋକସଭାକୁ ମନୋନୀତ କରନ୍ତି ?

(ଯ) ରାଜ୍ୟସଭାର ଅଧ୍ୟକ୍ଷ କିଏ ?

(ର) କେଉଁ ନିର୍ଦ୍ଦିଷ୍ଟ କାରଣ ପାଇଁ ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତିମାନଙ୍କୁ ପଦଚ୍ୟୁତ କରାଯାଏ ?

(ଳ) କିପରି ଓ କାହାଦ୍ୱାରା ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ପଦଚ୍ୟୁତ ହୋଇଥାଆନ୍ତି ?

(ବ) 'କାଟ ପ୍ରସ୍ତାବ' ଗୃହୀତ ହେଲେ କି ପରିସ୍ଥିତି ଉପୁଜେ ?

(ଶ) କେନ୍ଦ୍ର ସରକାରଙ୍କର ବାର୍ଷିକ ଆୟବ୍ୟୟ ଅଟକଳ (ବଜେଟ୍) କିଏ ସଂସଦରେ ଆଗତ କରନ୍ତି ?

(ଷ) ସଂବିଧାନ ସଂଶୋଧନ ଆଇନ କାହା ଦ୍ୱାରା ଗୃହୀତ ହୁଏ ?

(ସ) ଲୋକସଭାର ସଦସ୍ୟ ହେବା ପାଇଁ ବୟସଗତ ଯୋଗ୍ୟତା କ'ଣ ?

(ହ) କାହା ବିରୋଧରେ ଓ କେଉଁ ସଦନରେ ଅନାସ୍ଥା ପ୍ରସ୍ତାବ ଆଗତ କରାଯାଏ ?

(କ୍ଷ) ସଂସଦର 'ପ୍ରୋରୋଗ' ଘୋଷଣା କିଏ କରନ୍ତି ଓ କେତେବେଳେ ?

(ୟ) କେଉଁ ପରିସ୍ଥିତିରେ ସଂସଦର ମିଳିତ ଅଧିବେଶନ ଡ଼କାଯାଏ ?

(ଲ) ଯୋଜନା ଆୟୋଗର ପରିବର୍ତ୍ତିତ ନାମ କ'ଣ ?

**୧୩. ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତର ବାଛି ଶୂନ୍ୟସ୍ଥାନ ପୂରଣ କର ।**

(କ) —— ଆମ ଦେଶର ପ୍ରଥମ ରାଷ୍ଟ୍ରପତି ।

(ଜ୍ଞାନୀ ଜୈଲ ସିଂ, ଅବ୍‌ଦୁଲ କଲାମ, ସର୍ବପଲ୍ଲୀ ଡକ୍ଟର ରାଧାକ୍ରିଷ୍ଣନ୍, ଡକ୍ଟର ରାଜେନ୍ଦ୍ର ପ୍ରସାଦ)

(ଖ) କେନ୍ଦ୍ର ମନ୍ତ୍ରିମଣ୍ଡଳର ମୁଖ୍ୟଙ୍କୁ —— କୁହାଯାଏ ।

(ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି, ବାଚସ୍ପତି, ମୁଖ୍ୟମନ୍ତ୍ରୀ)

(ଗ) —— ମସିହାରେ ଆମ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଜନ୍ମ ଲାଭ କରିଥିଲା ।

(୧୯୨୬, ୧୯୫୦, ୧୯୦୩, ୧୯୦୯)

(ଘ) ଉପ ରାଷ୍ଟ୍ରପତି ——ମାସ ପାଇଁ ଅସ୍ଥାୟୀ ରାଷ୍ଟ୍ରପତି ଭାବେ କାର୍ଯ୍ୟ ନିର୍ବାହ କରନ୍ତି ।

(୩, ୪, ୫, ୬)

(ଙ) —— ଏକ ଅସ୍ଥାୟୀ ସଭା ।

(ଲୋକସଭା, ରାଜ୍ୟସଭା, ବିଧାନସଭା, ଏଥିମଧ୍ୟରୁ କେଉଁଟି ନୁହେଁ)

❖ ❖ ❖

# ଦ୍ୱିତୀୟ ଅଧ୍ୟାୟ

# ରାଜ୍ୟ ସରକାର

## କାର୍ଯ୍ୟପାଳିକା

MSCNEU

**ଉପକ୍ରମଣିକା :** ଆମ ସଂବିଧାନରେ ପ୍ରଦତ୍ତ ସଂଘୀୟ ଶାସନ ବ୍ୟବସ୍ଥା ଅନୁସାରେ କେନ୍ଦ୍ରରେ କେନ୍ଦ୍ରସରକାର ଓ ପ୍ରତି ରାଜ୍ୟରେ ଗୋଟିଏ ଲେଖାଏଁ ରାଜ୍ୟ ସରକାର ରହିଛି । ଭାରତରେ ଥିବା ସର୍ବମୋଟ ୨୯ ଗୋଟି ରାଜ୍ୟ ମଧ୍ୟରୁ କେବଳ ଜାମ୍ମୁ-କାଶ୍ମୀରକୁ ବାଦଦେଲେ ଅନ୍ୟ ସବୁ ରାଜ୍ୟରେ ସମାନ ପ୍ରକାରର ଶାସନ ବ୍ୟବସ୍ଥା ରହିଛି । କେବଳ ଜାମ୍ମୁ-କାଶ୍ମୀର ରାଜ୍ୟ ଶାସନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଆମ ସମ୍ବିଧାନର ୩୭୦ ଧାରାରେ ଏହି ବ୍ୟବସ୍ଥା ଅଛି ।

ବସ୍ତୁତଃ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କର ଶାସନ ଢାଞ୍ଚା ସମାନ । କେନ୍ଦ୍ର ସରକାର ପରି ପ୍ରତି ରାଜ୍ୟରେ ଏକ ସଂସଦୀୟ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ରହିଛି । କେନ୍ଦ୍ର ସରକାରଙ୍କ ପରି ପ୍ରତ୍ୟେକ ରାଜ୍ୟ ସରକାରରେ କାର୍ଯ୍ୟପାଳିକା, ବ୍ୟବସ୍ଥାପିକା ଓ ନ୍ୟାୟପାଳିକା ରହିଛି । ପ୍ରତ୍ୟେକ ରାଜ୍ୟର ସାଂବିଧାନିକ ଶାସନ ମୁଖ୍ୟ ହେଉଛନ୍ତି ରାଜ୍ୟପାଳ । ରାଜ୍ୟ ବିଧାନସଭା ନିକଟରେ ଉତ୍ତରଦାୟୀ ଥିବା ରାଜ୍ୟ ମନ୍ତ୍ରିପରିଷଦର ଉପଦେଶ ଓ ପରାମର୍ଶ ଅନୁସାରେ ସେ ନିଜର ଦାୟିତ୍ୱ ତୁଲାଇ ଥାଆନ୍ତି । ଅବଶ୍ୟ କେତେକ କ୍ଷେତ୍ରରେ ରାଜ୍ୟପାଳଙ୍କର 'ସ୍ୱେଚ୍ଛାଧୀନ କ୍ଷମତା' ରହିଛି, ଯାହା ସମ୍ବିଧାନ ସ୍ୱୀକୃତ । ସେହି ପରିସ୍ଥିତିରେ ରାଜ୍ୟପାଳ ମନ୍ତ୍ରିପରିଷଦର ଉପଦେଶ ଗ୍ରହଣ କରିବାକୁ ବାଧ୍ୟ ନୁହଁନ୍ତି ।

ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରିପରିଷଦକୁ ନେଇ ରାଜ୍ୟସରକାରଙ୍କ କାର୍ଯ୍ୟପାଳିକା ଗଠିତ । ରାଜ୍ୟର ଅମଲାତନ୍ତ୍ର ଏହି ରାଜ୍ୟ କାର୍ଯ୍ୟପାଳିକାର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ସେହିପରି ରାଜ୍ୟ ବ୍ୟବସ୍ଥାପିକା କହିଲେ ରାଜ୍ୟପାଳ ଓ ଏକ ବା ଦ୍ୱି-ସଦନୀୟ ରାଜ୍ୟବିଧାନ ମଣ୍ଡଳକୁ ବୁଝାଏ । ଏଠାରେ ସୂଚୀତ କରାଯାଇପାରେ ଯେ ଭାରତର ୨୯ ଗୋଟି ରାଜ୍ୟମଧ୍ୟରୁ ୭ ଗୋଟି ରାଜ୍ୟ (ଯଥା ବିହାର, ମହାରାଷ୍ଟ୍ର, କର୍ଣ୍ଣାଟକ, ଉତ୍ତରପ୍ରଦେଶ, ଜମ୍ମୁ-କାଶ୍ମୀର, ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନା)ରେ ଉଭୟ ବିଧାନସଭା ଓ ବିଧାନ ପରିଷଦ ରହିଛି । ଅବଶିଷ୍ଟ ରାଜ୍ୟରେ ଏବଂ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ, ଯଥା- ଦିଲ୍ଲୀ ଓ ପୁଦୁଚେରୀରେ କେବଳ ବିଧାନସଭା ରହିଅଛି ।

**ରାଜ୍ୟପାଳ :**

ରାଜ୍ୟପାଳ ହେଉଛନ୍ତି ରାଜ୍ୟର ସାଂବିଧାନିକ ଶାସନ ମୁଖ୍ୟ । ତାଙ୍କରି ନାମରେ ରାଜ୍ୟ ଶାସନ ପରିଚାଳିତ ହୁଏ ।

> **ତୁମେ ଜାଣିଛ କି ?**
>
> ଓଡ଼ିଶାର ଦ୍ରୌପଦୀ ମୁର୍ମୁ (ବର୍ତ୍ତମାନ ଝାଡ଼ଖଣ୍ଡ ରାଜ୍ୟପାଳ) ହେଉଛନ୍ତି ଭାରତର ପ୍ରଥମ ଆଦିବାସୀ ମହିଳା ରାଜ୍ୟପାଳ ।

**ନିଯୁକ୍ତି ଓ କାର୍ଯ୍ୟକାଳ :** ସାଂବିଧାନିକ ବ୍ୟବସ୍ଥା ଅନୁଯାୟୀ ପ୍ରତ୍ୟେକ ରାଜ୍ୟପାଇଁ ଜଣେ ରାଜ୍ୟପାଳ ନିଯୁକ୍ତ ହୋଇଛନ୍ତି । ଆବଶ୍ୟକ ସ୍ଥଳେ ଜଣେ ରାଜ୍ୟପାଳ ଏକାଧିକ ରାଜ୍ୟର ରାଜ୍ୟପାଳ ଦାୟିତ୍ୱ ନିର୍ବାହ କରିଥାଆନ୍ତି । ରାଜ୍ୟପାଳ ରାଷ୍ଟ୍ରପତିଙ୍କ ଦ୍ୱାରା ପାଞ୍ଚବର୍ଷ ପାଇଁ ନିଯୁକ୍ତ ହୁଅନ୍ତି । ସେ ନିର୍ବାଚିତ ନୁହନ୍ତି । କାର୍ଯ୍ୟକାଳ ସମାପ୍ତ ହେବା ପୂର୍ବରୁ ସେ ରାଷ୍ଟ୍ରପତିଙ୍କୁ ସମ୍ବୋଧନ କରି ଇସ୍ତଫା ପତ୍ର ଲେଖି ଇସ୍ତଫା ଦେଇପାରନ୍ତି ବା ରାଷ୍ଟ୍ରପତିଙ୍କ ଦ୍ୱାରା ପଦଚ୍ୟୁତ ହୋଇପାରନ୍ତି । ଜଣେ ବ୍ୟକ୍ତି ଏକାଧିକବାର ରାଜ୍ୟପାଳ ଭାବରେ ନିଯୁକ୍ତି ପାଇବାରେ ବାଧା ନାହିଁ । ରାଜ୍ୟପାଳଙ୍କର ପାଞ୍ଚବର୍ଷ କାର୍ଯ୍ୟକାଳ ଶେଷ ହେବା ସମୟକୁ ନୂତନ ରାଜ୍ୟପାଳ ନିଯୁକ୍ତ ହୋଇ ନ ଥିଲେ, ନବନିଯୁକ୍ତ ରାଜ୍ୟପାଳ କାର୍ଯ୍ୟରେ ଯୋଗଦାନ କରିବା ପର୍ଯ୍ୟନ୍ତ ସେ ନିଜର ଦାୟିତ୍ୱ ତୁଲାନ୍ତି । ରାଷ୍ଟ୍ରପତିଙ୍କ ମର୍ଜି ଉପରେ ରାଜ୍ୟପାଳ ନିଜ ପଦରେ ରହନ୍ତି ।

> **ତୁମେ ଜାଣିଛ କି ?**
>
> ପରଂପରା ଅନୁଯାୟୀ କୌଣସି ରାଜ୍ୟର ଅଧିବାସୀ ସେହି ରାଜ୍ୟର ରାଜ୍ୟପାଳ ପଦରେ ନିଯୁକ୍ତି ପାଇ ନ ଥାନ୍ତି ।

କୌଣସି ସମୟରେ ରାଜ୍ୟପାଳ ଛୁଟିରେ ଗଲେ କମ୍ବା ଅନ୍ୟ କୌଣସି କାରଣରୁ ରାଜ୍ୟପାଳ ପଦ ଶୂନ୍ୟ ପଡ଼ିଲେ,

ପଡ଼ୋଶୀ ରାଜ୍ୟର ରାଜ୍ୟପାଳ ବା ସେହି ରାଜ୍ୟର ଉଚ୍ଚନ୍ୟାୟାଳୟର ମୁଖ୍ୟ ବିଚାରପତି ଅସ୍ଥାୟୀଭାବରେ ରାଜ୍ୟପାଳ ଦାୟିତ୍ୱରେ ରହନ୍ତି ।

ନବନିଯୁକ୍ତ ରାଜ୍ୟପାଳଙ୍କୁ ରାଜ୍ୟର ଉଚ୍ଚନ୍ୟାୟାଳୟର ମୁଖ୍ୟ ବିଚାରପତି ଶପଥ ପାଠ କରାନ୍ତି । ଶପଥ ପାଠ ମାଧ୍ୟମରେ ରାଜ୍ୟପାଳ ସଂବିଧାନ ତଥା ଆଇନ୍‌ର ସୁରକ୍ଷା କରିବା ସହିତ ସେହି ରାଜ୍ୟର ଜନସାଧାରଣଙ୍କର ସେବା ଓ ସାମୂହିକ ମଙ୍ଗଳ ଦିଗରେ ନିଜକୁ ନିୟୋଜିତ କରିବା ପାଇଁ ପ୍ରତିଜ୍ଞାବଦ୍ଧ ରହନ୍ତି ।

**ଯୋଗ୍ୟତା :**

ରାଜ୍ୟପାଳ ପଦରେ ନିଯୁକ୍ତି ପାଇବା ପାଇଁ ସଂବିଧାନ ଦ୍ୱାରା ସ୍ଥିର କରାଯାଇଥିବା ଯୋଗ୍ୟତାଗୁଡ଼ିକ ହେଲା :-

(୧) ସେ ଭାରତୀୟ ନାଗରିକ ହୋଇଥିବେ ।

(୨) ତାଙ୍କର ବୟସ ୩୫ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିବ ।

(୩) ସେ କୌଣସି ଲାଭଜନକ ପଦବୀରେ ନଥିବେ ।

(୪) ସେ କେନ୍ଦ୍ର ସଂସଦ କିମ୍ବା କୌଣସି ରାଜ୍ୟ ବିଧାନମଣ୍ଡଳର ସଦସ୍ୟ ହୋଇ ନଥିବେ । ଯଦି କେନ୍ଦ୍ର ସଂସଦ କିମ୍ବା ରାଜ୍ୟ ବିଧାନମଣ୍ଡଳର କୌଣସି ସଭ୍ୟ ରାଜ୍ୟପାଳ ପଦରେ ନିଯୁକ୍ତ ହୋଇ ଶପଥ ନିଅନ୍ତି, ତେବେ ସଙ୍ଗେ ସଙ୍ଗେ ତାଙ୍କର ସାଂସଦ ବା ବିଧାୟକ ପଦବୀର ଅନ୍ତ ହୁଏ ।

**ରାଜ୍ୟପାଳଙ୍କ କ୍ଷମତା :**

**(୧) କାର୍ଯ୍ୟପାଳିକା କ୍ଷମତା :** ସଂବିଧାନ ରାଜ୍ୟ ସରକାରଙ୍କର ସମସ୍ତ କାର୍ଯ୍ୟପାଳିକା କ୍ଷମତା ରାଜ୍ୟପାଳଙ୍କ ଠାରେ ନ୍ୟସ୍ତ କରିଅଛି । ରାଜ୍ୟପାଳ କେବଳ ସାଂବିଧାନିକ ଶାସନ ମୁଖ୍ୟ ହୋଇଥିବାରୁ ଏହି ସମସ୍ତ କ୍ଷମତା ତାଙ୍କ ନାମରେ ମନ୍ତ୍ରିପରିଷଦ ଦ୍ୱାରା ସଂପାଦିତ ହୋଇଥାଏ ।

ରାଜ୍ୟପାଳଙ୍କ କାର୍ଯ୍ୟପାଳିକା କ୍ଷମତା ମଧ୍ୟରେ ନିଯୁକ୍ତି ପ୍ରଦାନ କ୍ଷମତା ବିଶେଷ ଗୁରୁତ୍ୱପୂର୍ଣ୍ଣ । ରାଜ୍ୟରେ ନୂତନ ବିଧାନସଭା ଗଠନ ପାଇଁ ନିର୍ବାଚନ ଶେଷ ହୋଇ ଫଳାଫଳ ଘୋଷିତ ହେବାପରେ ରାଜ୍ୟପାଳ ମୁଖ୍ୟମନ୍ତ୍ରୀ ଓ ତାଙ୍କର ପରାମର୍ଶରେ ମନ୍ତ୍ରିପରିଷଦର ଅନ୍ୟ ମନ୍ତ୍ରୀମାନଙ୍କୁ ନିଯୁକ୍ତ କରନ୍ତି । ବିଧାନ ସଭାରେ ଆବଶ୍ୟକୀୟ ସଂଖ୍ୟା ଗରିଷ୍ଠ ଆସନ ପାଇଥିବା ଦଳର ନେତାଙ୍କୁ ରାଜ୍ୟପାଳ ମୁଖ୍ୟମନ୍ତ୍ରୀ ଭାବରେ ନିଯୁକ୍ତ କରନ୍ତି । କୌଣସି ଗୋଟିଏ ରାଜନୈତିକ ଦଳ ବିଧାନସଭାରେ ଆବଶ୍ୟକୀୟ ସଂଖ୍ୟା ଗରିଷ୍ଠତା ହାସଲ କରି ନ ପାରିଲେ, ଏକାଧିକ ଦଳ ମିଶି ମିଳିତ ମନ୍ତ୍ରିମଣ୍ଡଳ ଗଠନ କରନ୍ତି ଓ ଏହି ମେଣ୍ଟ ଦଳର ସର୍ବସମ୍ମତ ନେତାଙ୍କୁ ରାଜ୍ୟପାଳ ମୁଖ୍ୟମନ୍ତ୍ରୀ ଭାବେ ନିଯୁକ୍ତ କରନ୍ତି । ଯଦି କୌଣସି ଗୋଟିଏ ରାଜନୈତିକ ଦଳ ଆବଶ୍ୟକୀୟ ସଂଖ୍ୟା ଗରିଷ୍ଠତା ହାସଲ ନ କରେ ବା ମେଣ୍ଟ ଦଳ ଦ୍ୱାରା ସମର୍ଥିତ ନେତାଙ୍କ ସପକ୍ଷରେ ବିଧାନସଭାର ଅର୍ଦ୍ଧାଧିକ ସଭ୍ୟଙ୍କର ନିଶ୍ଚିତ ସମର୍ଥନ ନ ଥାଏ, ଏବଂ ଏକାଧିକ ନେତା ନିଜ ନିଜ ସପକ୍ଷରେ ରାଜ୍ୟପାଳଙ୍କ ନିକଟରେ ବହୁମତ ଦାବି କରନ୍ତି, ତାହା ହେଲେ ରାଜ୍ୟପାଳ ନିଜର ସ୍ୱେଚ୍ଛାଧୀନ କ୍ଷମତା ପ୍ରୟୋଗ କରି ମୁଖ୍ୟମନ୍ତ୍ରୀ ନିଯୁକ୍ତ କରନ୍ତି ଏବଂ ତାଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ବିଧାନସଭାରେ ନିଜ ସପକ୍ଷରେ ସଂଖ୍ୟା ଗରିଷ୍ଠତା ପ୍ରମାଣ କରିବା ପାଇଁ ପରାମର୍ଶ ଦେଇଥାଆନ୍ତି । ତେବେ ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ ଯଦି ଗୋଟିଏ ସ୍ଥିର ସରକାର ରାଜ୍ୟରେ ପ୍ରତିଷ୍ଠା ହୋଇପାରେ ନାହିଁ, ସେତେବେଳେ ରାଜ୍ୟପାଳ ସେହି ରାଜ୍ୟରେ 'ରାଷ୍ଟ୍ରପତି ଶାସନ' ଜାରି କରିବା ପାଇଁ ରାଷ୍ଟ୍ରପତିଙ୍କୁ ପରାମର୍ଶ ପ୍ରଦାନ କରିଥାଆନ୍ତି ।

ରାଜ୍ୟ ଉଚ୍ଚନ୍ୟାୟଳୟର ବିଚାରପତିମାନଙ୍କର ନିଯୁକ୍ତି ସମୟରେ ରାଷ୍ଟ୍ରପତି ରାଜ୍ୟପାଳଙ୍କ ସହିତ ପରାମର୍ଶ କରିଥାଆନ୍ତି । ରାଜ୍ୟର ମହାଧିବକ୍ତା (Advocate General) ଏବଂ ରାଜ୍ୟ ଲୋକସେବା ଆୟୋଗର ଅଧ୍ୟକ୍ଷ ଏବଂ ସଦସ୍ୟ ବୃନ୍ଦ ରାଜ୍ୟପାଳଙ୍କ ଦ୍ୱାରା ନିଯୁକ୍ତ ହୁଅନ୍ତି । ଏହାବ୍ୟତୀତ ରାଜ୍ୟପାଳ ରାଜ୍ୟର ବିଭିନ୍ନ ଆୟୋଗର ଅଧ୍ୟକ୍ଷମାନଙ୍କୁ ନିଯୁକ୍ତି ଦିଅନ୍ତି । ନିଜ ପଦାଧିକାର ବଳରେ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟର କୁଳାଧିପତି (Chancellor) ହେଉଛନ୍ତି ରାଜ୍ୟପାଳ । କୁଳାଧିପତି ଭାବରେ ସେ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କୁ ନିଯୁକ୍ତ କରନ୍ତି । ସମସ୍ତ ନିଯୁକ୍ତି ପ୍ରଦାନ କ୍ଷେତ୍ରରେ ରାଜ୍ୟପାଳ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ କ୍ରମେ କାର୍ଯ୍ୟ କରନ୍ତି ।

ଯେଉଁ ରାଜ୍ୟରେ ଦୁଇ କକ୍ଷ ବିଶିଷ୍ଟ ବିଧାନମଣ୍ଡଳ ଥାଏ ସେ କ୍ଷେତ୍ରରେ ରାଜ୍ୟପାଳ, କଳା, ସାହିତ୍ୟ,ବିଜ୍ଞାନ, ସମାଜ ସେବା ତଥା ସମବାୟ କ୍ଷେତ୍ରରେ ବିଶେଷ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିଙ୍କ ମଧ୍ୟରୁ କେତେଜଣଙ୍କୁ ରାଜ୍ୟ ବିଧାନ ପରିଷଦର ଏକ-ଷଷ୍ଠାଂଶ ସ୍ଥାନ ପାଇଁ ମନୋନୀତ କରନ୍ତି ।

ଯଦି ରାଜ୍ୟପାଳଙ୍କର ହୃଦ୍‌ବୋଧ ହୁଏ ଯେ, ରାଜ୍ୟ ବିଧାନସଭାରେ ଆଂଗ୍ଲୋ-ଇଣ୍ଡିଆନ୍ ସଂପ୍ରଦାୟର ଯଥୋଚିତ

ପ୍ରତିନିଧିତ୍ୱ ହୋଇନାହିଁ, ତାହେଲେ ସେ ଉକ୍ତ ସଂପ୍ରଦାୟର ଜଣେ ବ୍ୟକ୍ତିଙ୍କୁ ବିଧାନସଭାକୁ ମନୋନୀତ କରନ୍ତି ।

ରାଜ୍ୟରେ ରାଷ୍ଟ୍ରପତିଶାସନ ଜାରି ହୋଇଥିବା ସମୟରେ ରାଜ୍ୟପାଳଙ୍କୁ ରାଜ୍ୟଶାସନ ପରିଚାଳନା କରିବାରେ ସହାୟତା ପ୍ରଦାନ କରିବା ପାଇଁ ସ୍ୱତନ୍ତ୍ର ପରାମର୍ଶଦାତା ନିଯୁକ୍ତ ହୁଅନ୍ତି । ରାଜ୍ୟ ପ୍ରଶାସନ ସଂପର୍କିତ ସମସ୍ତ ନିଷ୍ପତ୍ତି ଓ ତଥ୍ୟ ରାଜ୍ୟପାଳଙ୍କୁ ଅବଗତ କରାଇବା ହେଉଛି ମୁଖ୍ୟମନ୍ତ୍ରୀଙ୍କର ସାମ୍ବିଧାନିକ କର୍ତ୍ତବ୍ୟ । ମନ୍ତ୍ରି ପରିଷଦ ଦ୍ୱାରା ନିଆଯାଇଥିବା ସମସ୍ତ ନିଷ୍ପତ୍ତି ଓ ସମସ୍ତ ଆଲୋଚନା ସମ୍ପର୍କରେ ରାଜ୍ୟପାଳ ମୁଖ୍ୟମନ୍ତ୍ରୀଙ୍କୁ ପଚାରି ଜାଣିଥାଆନ୍ତି ।

**ବ୍ୟବସ୍ଥାପିକା କ୍ଷମତା :**

ରାଜ୍ୟପାଳ ରାଜ୍ୟବିଧାନ ମଣ୍ଡଳର ଏକ ଅବିଚ୍ଛେଦ୍ୟ ଅଙ୍ଗ । ରାଜ୍ୟ ବିଧାନମଣ୍ଡଳ କହିଲେ, ରାଜ୍ୟପାଳ ଏବଂ ବିଧାନସଭା ଓ ବିଧାନ ପରିଷଦକୁ ବୁଝାଏ, ମାତ୍ର ସବୁ ରାଜ୍ୟରେ ବିଧାନ ପରିଷଦ ନାହିଁ । ରାଜ୍ୟପାଳ ବିଧାନମଣ୍ଡଳର ଏକ ବା ଉଭୟ ଗୃହର ଅଧିବେଶନ ଆହ୍ୱାନ କରନ୍ତି, ଅଧିବେଶନର ପରିସମାପ୍ତି ବା 'ପ୍ରୋରୋଗ' (Prorogue) ଘୋଷଣା କରନ୍ତି ଏବଂ ଆବଶ୍ୟକ ସ୍ଥଳେ ସେ କେବଳ ବିଧାନସଭାକୁ ଭଙ୍ଗ କରିଥାଆନ୍ତି । ତେବେ ସାଧାରଣତଃ ଏ ସମସ୍ତ କ୍ଷମତା ସେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ କ୍ରମେ କରନ୍ତି । ବିଧାନ ପରିଷଦ ଏକ ସ୍ଥାୟୀ ସଦନ ଓ ଏହାର ବିଲୟ ନାହିଁ ।

ନିର୍ବାଚନ ପରବର୍ତ୍ତୀ ନବଗଠିତ ବିଧାନସଭାର ପ୍ରଥମ ଅଧିବେଶନ ଓ ପ୍ରତିବର୍ଷର ପ୍ରଥମ ଅଧିବେଶନ ପ୍ରାରମ୍ଭରେ ରାଜ୍ୟପାଳ ତାଙ୍କର 'ଲିଖିତ ଅଭିଭାଷଣ' ବିଧାନ ସଭାରେ ପାଠ କରନ୍ତି । ଏଥିରେ ସରକାରଙ୍କର ନୀତି ଓ କର୍ମ ପନ୍ଥା ସୂଚୀତ ହୋଇଥାଏ । ଆବଶ୍ୟକ ସ୍ଥଳେ ରାଜ୍ୟପାଳ ବିଧାନସଭାକୁ ପ୍ରଶାସନ-ସଂପର୍କିତ ବାର୍ତ୍ତା (Message) ପ୍ରେରଣ କରିଥାଆନ୍ତି । ପ୍ରତ୍ୟେକ ଚିଠା ଆଇନ୍ (ବିଧେୟକ) ବା 'ବିଲ୍' ବିଧାନସଭାରେ ବା ବିଧାନମଣ୍ଡଳର ଉଭୟ ଗୃହରେ ନିର୍ଦ୍ଦିଷ୍ଟ ପଦ୍ଧତିରେ ଗୃହୀତ ହେବା ପରେ ରାଜ୍ୟପାଳଙ୍କ 'ସମ୍ମତି' (assent) ପାଇଁ ତାଙ୍କ ପାଖକୁ ପଠାଯାଏ । ରାଜ୍ୟପାଳଙ୍କ 'ସମ୍ମତି' ପାଇବା ପରେ 'ଚିଠା ଆଇନ୍'ଟି ଏକ 'ପୂର୍ଣ୍ଣାଙ୍ଗ ଆଇନ୍' (Act) ରେ ପରିଣତ ହୁଏ । ପ୍ରତ୍ୟେକ ଅର୍ଥ-ଚିଠା ଆଇନ (ଅର୍ଥ ବିଲ୍)କୁ ରାଜ୍ୟପାଳ ସମ୍ମତି ଦେବାକୁ ବାଧ୍ୟ, କାରଣ ଅର୍ଥ-ଚିଠାଆଇନ (ଅର୍ଥ ବିଲ୍) ବିଧାନସଭାରେ ଆଗତ ହେବା ପୂର୍ବରୁ ରାଜ୍ୟପାଳଙ୍କର ପ୍ରାକ୍-ଅନୁମତି ଲାଭ କରିଥାଏ । ଏତଦ୍‌ବ୍ୟତୀତ ଅନ୍ୟ ସାଧାରଣ ଚିଠା ଆଇନ୍ ବା ବିଲ୍‌ଗୁଡ଼ିକ ରାଜ୍ୟପାଳଙ୍କ 'ସମ୍ମତି' ପାଇବା ପାଇଁ ତାଙ୍କ ପାଖକୁ ପଠାଗଲେ, ସେ ନିମ୍ନୋକ୍ତ ମଧ୍ୟରୁ ଯେ କୌଣସି ଗୋଟିଏ ବିକଳ୍ପ ପନ୍ଥା ଗ୍ରହଣ କରିଥାଆନ୍ତି ।

(୧) ସେ 'ସମ୍ମତି' ପ୍ରଦାନ କରନ୍ତି ଓ ଫଳରେ, ଚିଠା ଆଇନ୍‌ଟି ଗୋଟିଏ 'ପୂର୍ଣ୍ଣାଙ୍ଗ ଆଇନ୍'ରେ ପରିଣତ ହୁଏ ।

(୨) ବିଧାନମଣ୍ଡଳ ବା ବିଧାନସଭାର ପୁନଃ ବିଚାର ପାଇଁ ସେ ଚିଠାଆଇନ୍ (ବିଲ୍)ଟିକୁ ନିଜର 'ବାର୍ତ୍ତା' ସହିତ ଫେରସ୍ତ କରିପାରନ୍ତି ।

(୩) ରାଷ୍ଟ୍ରପତିଙ୍କର ବିଚାର ପାଇଁ ସେ ଚିଠାଆଇନ୍ ବା ବିଲ୍‌ଟିକୁ ସଂରକ୍ଷିତ ରଖିପାରନ୍ତି ।

ବିଧାନମଣ୍ଡଳ ବା ବିଧାନସଭାର ପୁନଃ ବିଚାର ପାଇଁ ଫେରି ଆସିଥିବା ସାଧାରଣ ଚିଠାଆଇନ ବା ବିଲ୍‌ଟି ବିଧାନମଣ୍ଡଳର ପୁନଃ ବିଚାର ପରେ ରାଜ୍ୟପାଳଙ୍କ 'ସମ୍ମତି' ପାଇଁ ପଠାଗଲେ, ସେ ତାହାକୁ 'ସମ୍ମତି' ପ୍ରଦାନ କରିବାକୁ ଅସମ୍ମତ ହୁଅନ୍ତି ନାହିଁ ।

ବିଧାନମଣ୍ଡଳ ବା ବିଧାନସଭାର ଅଧିବେଶନ ଚାଲୁ ନଥିବା ସମୟରେ ଯଦି କୌଣସି ଜରୁରୀ ପରିସ୍ଥିତିର ମୁକାବିଲା କରିବା ପାଇଁ ନୂତନ ଆଇନ୍ ପ୍ରଣୟନର ଆବଶ୍ୟକତା ପଡ଼େ, ସେତେବେଳେ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରିପରିଷଦଙ୍କ ପରାମର୍ଶ କ୍ରମେ ରାଜ୍ୟପାଳ ଅଧ୍ୟାଦେଶ (ଅର୍ଡ଼ିନାନ୍‌ସ) ଜାରି କରିଥାଆନ୍ତି । ଅଧ୍ୟାଦେଶ ହେଉଛି ଏକ କାର୍ଯ୍ୟନିର୍ବାହୀ ଆଇନ୍ (Executive Law) ବା ଅସ୍ଥାୟୀ ବା ସ୍ୱଳ୍ପକାଳୀନ ଆଇନ୍ । ବିଧାନ ମଣ୍ଡଳର ପରବର୍ତ୍ତୀ ଅଧିବେଶନ ବସିବାର ୬ ସପ୍ତାହ ମଧ୍ୟରେ ଅଧ୍ୟାଦେଶଟି ବିଧାନମଣ୍ଡଳ ଦ୍ୱାରା ଗୃହୀତ ହେବା ଆବଶ୍ୟକ, ନଚେତ୍ ଏହା ସ୍ୱତଃ ଅକାମୀ ହୋଇଯାଏ । ଏତଦ୍‌ବ୍ୟତୀତ ରାଜ୍ୟପାଳ ଇଚ୍ଛାକଲେ, ଯେକୌଣସି ସମୟରେ ଅଧ୍ୟାଦେଶଟିକୁ ପ୍ରତ୍ୟାହାର କରି ନେଇ ପାରନ୍ତି । ଅଧ୍ୟାଦେଶ ସଂପର୍କିତ

ବିଷୟବସ୍ତୁ ଉପରେ ଏକ ସ୍ଥାୟୀ ଆଇନ୍ ବିଧାନ ମଣ୍ଡଳରେ ଗୃହୀତ ହେଲେ ଅଧ୍ୟାଦେଶଟି ସ୍ୱତଃ ଅକାମୀ ହୋଇଯାଏ ।

**ଅର୍ଥ ସଂପର୍କିତ କ୍ଷମତା :**

ରାଜ୍ୟପାଳଙ୍କ ପ୍ରାକ୍ ଅନୁମତି ବିନା କୌଣସି ଅର୍ଥ-ସଂପର୍କିତ ଚିଠାଆଇନ (ଅର୍ଥବିଲ୍) ବିଧାନସଭାରେ ଆଗତ କରାଯାଏ ନାହିଁ । ପ୍ରତ୍ୟେକ 'ଆର୍ଥିକ ବର୍ଷ'ର ଆରମ୍ଭ ପୂର୍ବରୁ ରାଜ୍ୟପାଳ ଅର୍ଥମନ୍ତ୍ରୀଙ୍କ ଦ୍ୱାରା ବିଧାନ ସଭାରେ ରାଜ୍ୟର ବାର୍ଷିକ ଆୟ-ବ୍ୟୟ-ଅଟକଳ ବା 'ବଜେଟ୍' ଉପସ୍ଥାପିତ କରାନ୍ତି । ଏହାବ୍ୟତୀତ 'ଅତିରିକ୍ତ ଖର୍ଚ୍ଚଦାବି' ମଧ୍ୟ ରାଜ୍ୟପାଳ ଅର୍ଥମନ୍ତ୍ରୀଙ୍କ ଦ୍ୱାରା ବିଧାନସଭାରେ ଆଗତ କରାନ୍ତି ।

**ନ୍ୟାୟିକ କ୍ଷମତା :**

ଜିଲ୍ଲା ସ୍ତରୀୟ ନ୍ୟାୟାଳୟର ବିଚାରପତିମାନଙ୍କର ନିଯୁକ୍ତି ରାଜ୍ୟପାଳଙ୍କର ନ୍ୟାୟିକ କ୍ଷମତା ଅନ୍ତର୍ଭୁକ୍ତ । ରାଜ୍ୟର ଉଚ୍ଚ ନ୍ୟାୟାଳୟର ବିଚାରପତିମାନଙ୍କର ନିଯୁକ୍ତି ସମୟରେ ମଧ୍ୟ ରାଷ୍ଟ୍ରପତି ରାଜ୍ୟପାଳଙ୍କ ସହିତ ପରାମର୍ଶ କରନ୍ତି । ରାଜ୍ୟପାଳ ରାଜ୍ୟରେ ପ୍ରଚଳିତ ଆଇନ୍ ଦ୍ୱାରା ଦଣ୍ଡିତ ଅପରାଧୀମାନଙ୍କର ଦଣ୍ଡକୁ କୋହଳ' ବା 'ଲାଘବ' କରିପାରନ୍ତି ବା ଦଣ୍ଡାଦେଶକୁ 'ସ୍ଥଗିତ' ରଖିପାରନ୍ତି ।

**ବିବିଧ କ୍ଷମତା :**

(୧) ରାଜ୍ୟପାଳ ରାଜ୍ୟରେ କେନ୍ଦ୍ର ସରକାରଙ୍କର ପ୍ରତିନିଧି ଭାବରେ କାର୍ଯ୍ୟ ସଂପାଦନ କରନ୍ତି । ତେଣୁ ପ୍ରତି ୧୫ ଦିନରେ ଥରେ ରାଜ୍ୟଶାସନ ସଂପର୍କରେ ସେ ରାଷ୍ଟ୍ରପତିଙ୍କୁ 'ପାକ୍ଷିକ ରିପୋର୍ଟ' ପ୍ରଦାନ କରନ୍ତି ।

(୨) ସାଂବିଧାନିକ ବ୍ୟବସ୍ଥା ଅନୁସାରେ କୌଣସି ରାଜ୍ୟରେ ରାଜ୍ୟ ଶାସନ ଚାଲି ନ ପାରିଲେ, ସେହି ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି କରିବା ପାଇଁ ରାଜ୍ୟପାଳ ରାଷ୍ଟ୍ରପତିଙ୍କୁ ପରାମର୍ଶ ଦେଇଥାଆନ୍ତି ।

(୩) ରାଜ୍ୟରେ ଥିବା ବିଶ୍ୱବିଦ୍ୟାଳୟମାନଙ୍କର ସମାବର୍ତ୍ତନ ଉତ୍ସବରେ ସେ କୁଳାଧିପତି ଭାବରେ ଅଧ୍ୟକ୍ଷତା କରନ୍ତି ଓ ଦୀକ୍ଷାନ୍ତ ଅଭିଭାଷଣ ପ୍ରଦାନ କରନ୍ତି । ସେ ବିଶ୍ୱବିଦ୍ୟାଳୟର ସୁପରିଚାଳନା ପାଇଁ ଆବଶ୍ୟକୀୟ ନିର୍ଦ୍ଦେଶନାମା ଜାରି କରିଥାଆନ୍ତି ।

(୪) ରାଜ୍ୟପାଳ ହେଉଛନ୍ତି ରାଜ୍ୟ ରେଡ଼କ୍ରସ୍ ସଂସ୍ଥାର ମୁଖ୍ୟ ।

(୫) ବିଭିନ୍ନ ସଭା, ସମିତି ତଥା ସାଂସ୍କୃତିକ କାର୍ଯ୍ୟକ୍ରମରେ ସେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରନ୍ତି ।

(୬) ସାଧାରଣତନ୍ତ୍ର ଦିବସରେ ରାଜ୍ୟପାଳ ଜାତୀୟପତାକା ଉତ୍ତୋଳନ କରିବା ପରେ ରାଜ୍ୟସ୍ତରୀୟ ପ୍ୟାରେଡ଼ରେ ଅଭିବାଦନ ଗ୍ରହଣ କରନ୍ତି ।

(୭) ସେ ରାଜ୍ୟର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହିତ ବିଭିନ୍ନ ସମୟରେ ଆଲୋଚନା କରନ୍ତି ।

(୮) ସେ ରାଜ୍ୟ ଉଚ୍ଚନ୍ୟାୟାଳୟର ମୁଖ୍ୟ ବିଚାରପତିଙ୍କୁ ଶପଥ ପାଠ କରାନ୍ତି ।

(୯) ରାଷ୍ଟ୍ରପତିଙ୍କ ଦ୍ୱାରା ଆହୂତ ରାଜ୍ୟପାଳମାନଙ୍କର ବାର୍ଷିକ ଅଧିବେଶନରେ ରାଜ୍ୟପାଳ ଯୋଗଦେଇ ଆଲୋଚନାରେ ଭାଗ ନିଅନ୍ତି ।

**ସ୍ୱେଚ୍ଛାଧୀନ କ୍ଷମତା :**

ସାଂବିଧାନିକ ବ୍ୟବସ୍ଥା ଅନୁଯାୟୀ ଯେଉଁ କ୍ଷମତା ପ୍ରୟୋଗ କରିବା ସମୟରେ ରାଜ୍ୟପାଳ ମୁଖମନ୍ତ୍ରୀ ଓ ମନ୍ତ୍ରିପରିଷଦର ପରାମର୍ଶ ଦ୍ୱାରା ପରିଚାଳିତ ନହୋଇ ନିଜର ବୁଦ୍ଧି ଓ ବିବେକ ଦ୍ୱାରା ପରିଚାଳିତ ହୁଅନ୍ତି, ସେହି କ୍ଷମତାକୁ ରାଜ୍ୟପାଳଙ୍କର ସ୍ୱେଚ୍ଛାଧୀନ କ୍ଷମତା କୁହାଯାଏ । ତେବେ କେଉଁ କ୍ଷେତ୍ରରେ ରାଜ୍ୟପାଳ ଇଚ୍ଛାଧୀନ କ୍ଷମତା ପ୍ରୟୋଗ କରିବେ, ତାହା ସେ ନିଜେ ସ୍ଥିର କରିବେ । ରାଜ୍ୟପାଳଙ୍କର ଇଚ୍ଛାଧୀନ କ୍ଷମତା ବିଷୟରେ କୌଣସି ପ୍ରଶ୍ନ ନ୍ୟାୟାଳୟରେ ଉତ୍‌ଥାପିତ ହୁଏ ନାହିଁ । ଏହି କ୍ଷମତାର ପରିସର ସମ୍ପର୍କରେ ସଂବିଧାନରେ କୌଣସି ବିଶଦ୍ ଆଲୋଚନା ହୋଇନାହିଁ । ଏ ସମ୍ପର୍କରେ ରାଜ୍ୟପାଳଙ୍କର ନିଷ୍ପତ୍ତି ଚୂଡ଼ାନ୍ତ ଅଟେ ।

**ରାଜ୍ୟପାଳଙ୍କର ଭୂମିକା :**

ରାଜ୍ୟପାଳଙ୍କର ଭୂମିକା ମୁଖ୍ୟତଃ ଦୁଇ ଗୋଟି । ଏକ ପକ୍ଷରେ, ସେ ହେଉଛନ୍ତି ରାଜ୍ୟ ପ୍ରଶାସନର ସାଂବିଧାନିକ ଶାସନ ମୁଖ୍ୟ । ରାଜ୍ୟର ସାଂବିଧାନିକ ଶାସନ ମୁଖ୍ୟ ଭୂମିକାରେ ନିଜର ଦାୟିତ୍ୱ ସଂପାଦନ କରିବା ସମୟରେ ରାଜ୍ୟପାଳ ସଂସଦୀୟ ଗଣତନ୍ତ୍ରର ପରଂପରା ଅନୁଯାୟୀ ମୁଖ୍ୟମନ୍ତ୍ରୀଙ୍କର ପରାମର୍ଶ ଅନୁସାରେ କାର୍ଯ୍ୟ କରନ୍ତି ।

ଅପରପକ୍ଷରେ ରାଜ୍ୟପାଳ ହେଉଛନ୍ତି ରାଜ୍ୟରେ କେନ୍ଦ୍ର ସରକାରଙ୍କର ପ୍ରତିନିଧି । ରାଜ୍ୟପାଳ ହେଉଛନ୍ତି ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ଯୋଗସୂତ୍ର ରକ୍ଷାକାରୀ । ସେ କେନ୍ଦ୍ର ସରକାରଙ୍କୁ ରାଜ୍ୟ ପ୍ରଶାସନ ସଂପର୍କରେ ନିୟମିତ ଭାବରେ ଅବଗତ କରାଇ ଜାତୀୟ ସଂହତି ଓ ଅଖଣ୍ଡତା ବଜାୟ ରଖିବାରେ ଓ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ସୁସମ୍ପର୍କ ରକ୍ଷା କରିବାରେ ସହାୟକ ହୁଅନ୍ତି । ଏହି ଭୂମିକାରେ କାର୍ଯ୍ୟ କରିବା ସମୟରେ ରାଜ୍ୟପାଳ ଅନ୍ୟ କାହାର ପରାମର୍ଶରେ ପରିଚାଳିତ ନ ହୋଇ, ନିଜ ଇଚ୍ଛାରେ କାର୍ଯ୍ୟ କରନ୍ତି । ରାଜ୍ୟପାଳଙ୍କ ପଦବୀ ମର୍ଯ୍ୟାଦାପୂର୍ଣ୍ଣ ଓ ସଂବିଧାନ ସ୍ୱୀକୃତ । ତେବେ ନିଜର କାର୍ଯ୍ୟ ନୈପୁଣ୍ୟ, ସାଂବିଧାନିକ ଦାୟିତ୍ୱବୋଧ, ରାଜନୈତିକ ତଥା ପ୍ରଶାସନିକ ପରିପକ୍ୱତା ଓ ସର୍ବୋପରି ବଳିଷ୍ଠ ବ୍ୟକ୍ତିତ୍ୱ ରାଜ୍ୟପାଳ ପଦବୀକୁ ଅଧିକ ସମ୍ମାନାସ୍ପଦ କରିଥାଏ । ନିଜର "ଦ୍ୱୈତ ଭୂମିକା" (dual role)ରେ ରାଜ୍ୟପାଳ ନିର୍ବିବାଦୀୟ ହେବା ବାଞ୍ଛନୀୟ ।

## ମନ୍ତ୍ରିପରିଷଦ ଓ ମୁଖ୍ୟମନ୍ତ୍ରୀ

### ମନ୍ତ୍ରିପରିଷଦ :

କେନ୍ଦ୍ର ସରକାର ଭଳି ପ୍ରତ୍ୟେକ ରାଜ୍ୟରେ ଗୋଟିଏ ଲେଖାଏଁ ମନ୍ତ୍ରିପରିଷଦ ରହିଅଛି । ରାଜ୍ୟରେ ମୁଖ୍ୟମନ୍ତ୍ରୀ ହେଉଛନ୍ତି ମନ୍ତ୍ରିପରିଷଦର ମୁଖ୍ୟ । ରାଜ୍ୟ ପ୍ରଶାସନର ସମସ୍ତ କ୍ଷମତା ସଂବିଧାନ ଦ୍ୱାରା ରାଜ୍ୟପାଳଙ୍କ ହାତରେ ନ୍ୟସ୍ତ ହୋଇଥିଲେ ମଧ୍ୟ ସଂସଦୀୟ ଗଣତନ୍ତ୍ରର ପରଂପରା ଅନୁଯାୟୀ ବାସ୍ତବରେ ସେ ସମସ୍ତ କ୍ଷମତା ମନ୍ତ୍ରିପରିଷଦର ପରାମର୍ଶ କ୍ରମେ ପ୍ରୟୋଗ କରନ୍ତି ।

### ଗଠନ :

ପ୍ରତ୍ୟେକ ରାଜ୍ୟ ବିଧାନସଭା ପାଇଁ ନିର୍ବାଚନ ଶେଷ ହେବା ପରେ ବିଧାନସଭାରେ ସଂଖ୍ୟାଗରିଷ୍ଠ ଆସନ ପାଇଥିବା ଦଳର ନେତାଙ୍କୁ ରାଜ୍ୟପାଳ ମୁଖ୍ୟମନ୍ତ୍ରୀ ଭାବରେ ନିଯୁକ୍ତି ଦିଅନ୍ତି । ମୁଖ୍ୟମନ୍ତ୍ରୀଙ୍କର ପରାମର୍ଶ ଅନୁସାରେ ରାଜ୍ୟପାଳ ଅନ୍ୟ ମନ୍ତ୍ରିମାନଙ୍କୁ ନିଯୁକ୍ତି ଦିଅନ୍ତି । ବିଧାନମଣ୍ଡଳର ସଭ୍ୟ ନଥିବା ବ୍ୟକ୍ତିଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିଜର ମନ୍ତ୍ରିପରିଷଦରେ ସ୍ଥାନ ଦେଇପାରନ୍ତି । ଏପରି ସ୍ଥଳେ ଉକ୍ତ ବ୍ୟକ୍ତି ୬ ମାସ ମଧ୍ୟରେ ବିଧାନମଣ୍ଡଳର ବିଧାନ ପରିଷଦ କିମ୍ବା ବିଧାନସଭାକୁ ନିର୍ବାଚିତ ହେବାକୁ ପଡ଼ିବ । ନଚେତ୍ ସେ ତାଙ୍କର ମନ୍ତ୍ରୀପଦ ହରାଇବେ । ମନ୍ତ୍ରିପରିଷଦର ସଦସ୍ୟ ସଂଖ୍ୟା ରାଜ୍ୟ ବିଧାନସଭାର ବା ବିଧାନମଣ୍ଡଳର ସଭ୍ୟ ସଂଖ୍ୟାର ୧୫ ଶତାଂଶ ଠାରୁ ଅଧିକ ହୋଇପାରିବ ନାହିଁ । କୌଣସି ଏକ ଅସ୍ୱାଭାବିକ ପରିସ୍ଥିତିରେ ଯଦି କୌଣସି ଗୋଟିଏ ଦଳ ବା ଏକାଧିକ ଦଳମାନଙ୍କର ପ୍ରାକ୍-ନିର୍ବାଚନୀ ବା ନିର୍ବାଚନ ପରବର୍ତ୍ତୀ ମେଣ୍ଟ ବିଧାନସଭାରେ ସଂଖ୍ୟାଗରିଷ୍ଠ ଆସନ ପାଇବାରେ ସମର୍ଥ ନହୁଅନ୍ତି, ତେବେ ସେ କ୍ଷେତ୍ରରେ ରାଜ୍ୟପାଳ ଏପରି ଏକ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ନିଯୁକ୍ତ କରିବେ, ଯେ କି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ନିଜ ସପକ୍ଷରେ ବିଧାନସଭାରେ ସଂଖ୍ୟାଗରିଷ୍ଠ ସମର୍ଥନ ଥିବାର ପ୍ରମାଣ ଦେବେ ।

ରାଜ୍ୟ ମନ୍ତ୍ରିପରିଷଦରେ ସାଧାରଣତଃ ତିନି ପ୍ରକାରର ମନ୍ତ୍ରୀ ଥାଆନ୍ତି, ଯଥା - (୧) କ୍ୟାବିନେଟ୍ ମନ୍ତ୍ରୀ (୨) ରାଷ୍ଟ୍ରମନ୍ତ୍ରୀ (୩) ଉପମନ୍ତ୍ରୀ । ବରିଷ୍ଠ, ଅଭିଜ୍ଞ ଓ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କୁ କ୍ୟାବିନେଟ୍ ମନ୍ତ୍ରୀଭାବେ ନିଯୁକ୍ତି ଦିଆଯାଇଥାଏ । ସେମାନେ ସରକାରଙ୍କର ଏକ ବା ଏକାଧିକ ବିଭାଗର ଦାୟିତ୍ୱରେ ରୁହନ୍ତି । ଏହି କ୍ୟାବିନେଟ୍ ପାହ୍ୟାର ମନ୍ତ୍ରୀମାନଙ୍କୁ ନେଇ 'କ୍ୟାବିନେଟ୍' ଗଠିତ । ଏହା ସରକାରଙ୍କର ସର୍ବୋଚ୍ଚ କ୍ଷମତାଶାଳୀ ସଂସ୍ଥା । କ୍ୟାବିନେଟ୍ ହେଉଛି ମନ୍ତ୍ରିପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । କ୍ୟାବିନେଟ୍ ମନ୍ତ୍ରୀଙ୍କ ପରେ ଥାଆନ୍ତି ରାଷ୍ଟ୍ରମନ୍ତ୍ରୀ । ସେମାନେ ସାଧାରଣତଃ କ୍ୟାବିନେଟ୍ ମନ୍ତ୍ରୀମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ନିଯୁକ୍ତ ହୁଅନ୍ତି । କେତେକ କ୍ଷେତ୍ରରେ ରାଷ୍ଟ୍ରମନ୍ତ୍ରୀମାନଙ୍କୁ ଗୋଟିଏ ଗୋଟିଏ ବିଭାଗର ସ୍ୱାଧୀନ ଦାୟିତ୍ୱ ମଧ୍ୟ ଦିଆଯାଏ । ସେମାନଙ୍କ ପରେ ରହିଲେ ଉପମନ୍ତ୍ରୀ । ଉପମନ୍ତ୍ରୀମାନେ କ୍ୟାବିନେଟ୍ ମନ୍ତ୍ରୀ ଓ ରାଷ୍ଟ୍ରମନ୍ତ୍ରୀଙ୍କୁ କର୍ତ୍ତବ୍ୟ ସମ୍ପାଦନରେ ସାହାଯ୍ୟ କରନ୍ତି । କ୍ୟାବିନେଟ୍ ବୈଠକରେ କେବଳ କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀମାନେ ଯୋଗ ଦିଅନ୍ତି । ଆବଶ୍ୟକ ସ୍ଥଳେ ରାଷ୍ଟ୍ରମନ୍ତ୍ରୀମାନେ ଏହି ବୈଠକରେ ସ୍ୱତନ୍ତ୍ର ଭାବେ ନିମନ୍ତ୍ରିତ ହୋଇ ଯୋଗଦିଅନ୍ତି ।

କ୍ୟାବିନେଟ୍ ବୈଠକ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆହୂତ ହୁଏ । ମୁଖ୍ୟମନ୍ତ୍ରୀ କ୍ୟାବିନେଟ୍ ବୈଠକରେ ଅଧ୍ୟକ୍ଷତା କରନ୍ତି ଏବଂ ଏହାର କାର୍ଯ୍ୟସୂଚୀ ପ୍ରସ୍ତୁତ କରନ୍ତି । କ୍ୟାବିନେଟ୍

ବୈଠକରେ ନିଆଯାଉଥିବା ଶାସନ ସମ୍ବନ୍ଧୀୟ ସମସ୍ତ ନିଷ୍ପତ୍ତି 'ସହମତି' ଉପରେ ଆଧାରିତ । କ୍ୟାବିନେଟ୍ ବୈଠକର ତାରିଖ, ସମୟ ଓ ସ୍ଥାନ ମୁଖ୍ୟମନ୍ତ୍ରୀ ନିରୂପଣ କରନ୍ତି ।

**ତୁମପାଇଁ କାମ :**

ତୁମ ରାଜ୍ୟ ମନ୍ତ୍ରିପରିଷଦର ସବୁ ମନ୍ତ୍ରୀମାନଙ୍କର ନାମ ତାଲିକା ପ୍ରସ୍ତୁତ କର ।

ରାଜ୍ୟ ବିଧାନସଭା ନିକଟରେ ସମସ୍ତ କାର୍ଯ୍ୟ ପାଇଁ ମନ୍ତ୍ରିପରିଷଦ ବ୍ୟକ୍ତିଗତ ଭାବରେ ଓ ସମୂହ ଭାବରେ ଉତ୍ତରଦାୟୀ । ବିଧାନସଭାରେ ସଂଖ୍ୟାଗରିଷ୍ଠ ସଦସ୍ୟମାନଙ୍କର ବିଶ୍ୱାସ ବା ଆସ୍ଥା ଭାଜନ ହୋଇଥିବା ପର୍ଯ୍ୟନ୍ତ ମନ୍ତ୍ରିପରିଷଦ ତିଷ୍ଠି ରହେ । ଯେଉଁ ମୁହୂର୍ତ୍ତରେ ମନ୍ତ୍ରିପରିଷଦ ବିଧାନସଭାର ଅର୍ଦ୍ଧାଧିକ ସଭ୍ୟଙ୍କର ଆସ୍ଥା ହରାଏ, ସେହି ମୁହୂର୍ତ୍ତରେ ମନ୍ତ୍ରିପରିଷଦ ଇସ୍ତଫା ଦେଇଥାଏ ।

ମୁଖ୍ୟମନ୍ତ୍ରୀ ହେଉଛନ୍ତି ରାଜ୍ୟ ମନ୍ତ୍ରିପରିଷଦର ମୁଖ୍ୟ । ମୁଖ୍ୟମନ୍ତ୍ରୀ ଇସ୍ତଫା ଦେଲେ ରାଜ୍ୟ ମନ୍ତ୍ରିପରିଷଦର ବିଲୟ ଘଟେ । ମୁଖ୍ୟମନ୍ତ୍ରୀ ମନ୍ତ୍ରୀମାନଙ୍କ ମଧ୍ୟରେ ବିଭାଗ ବଣ୍ଟନ ଓ ବିଭାଗ ଅଦଳ ବଦଳ କରାଇ ଥାଆନ୍ତି । ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ କ୍ରମେ ମନ୍ତ୍ରୀମାନେ ଇସ୍ତଫା ପ୍ରଦାନ କରନ୍ତି । ଆବଶ୍ୟକ ସ୍ଥଳେ ମନ୍ତ୍ରୀଙ୍କୁ ବହିଷ୍କାର କରିବା ପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟପାଳଙ୍କୁ ଅନୁରୋଧ କରିଥାଆନ୍ତି । ମୁଖ୍ୟମନ୍ତ୍ରୀଙ୍କ ସୁପାରିଶ କ୍ରମେ ରାଜ୍ୟପାଳ ମନ୍ତ୍ରୀଙ୍କର ଇସ୍ତଫା ପତ୍ର ଗ୍ରହଣ କରନ୍ତି ।

**କାର୍ଯ୍ୟାବଳୀ :**

ରାଜ୍ୟ ମନ୍ତ୍ରିମଣ୍ଡଳ ବାସ୍ତବରେ ରାଜ୍ୟ ପ୍ରଶାସନର ସର୍ବୋଚ୍ଚ ନୀତି ନିର୍ଦ୍ଧାରକ । ନୀତି ନିର୍ଦ୍ଧାରଣ କରିବା ସହିତ ନୀତିଗୁଡ଼ିକ କିପରି କାର୍ଯ୍ୟକାରୀ ହୋଇପାରିବ, ସେ ସଂପର୍କିତ ସମସ୍ତ ପଦକ୍ଷେପ ମନ୍ତ୍ରିପରିଷଦ ନିଅନ୍ତି । ମନ୍ତ୍ରୀମାନେ ନିଜ ନିଜ ଦାୟିତ୍ୱରେ ଥିବା ବିଭାଗଗୁଡ଼ିକରେ କାର୍ଯ୍ୟରତ ଅଧିକାରୀମାନଙ୍କ ଦ୍ୱାରା ସରକାରୀ ନୀତି ନିୟମଗୁଡ଼ିକୁ ଜନସେବା ଉଦ୍ଦେଶ୍ୟରେ କାର୍ଯ୍ୟକାରୀ କରାନ୍ତି ।

**ତୁମପାଇଁ କାମ :**

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀଙ୍କର ନାମ ଲେଖ ।

ରାଜ୍ୟମନ୍ତ୍ରିମଣ୍ଡଳର ବୈଠକରେ ଅର୍ଥ ବିଭାଗ ଦ୍ୱାରା ପ୍ରସ୍ତୁତ 'ବଜେଟ୍' ଉପରେ ବିଶେଷ ଭାବରେ ଆଲୋଚନା କରାଯାଏ ଓ ଏହା ଅନୁମୋଦିତ ହୁଏ । ମନ୍ତ୍ରିପରିଷଦ ବୈଠକରେ ଆଲୋଚିତ ହେବାପରେ ବିଭିନ୍ନ ସମସ୍ୟାର ଚୂଡ଼ାନ୍ତ ନିଷ୍ପତ୍ତି ମୁଖ୍ୟମନ୍ତ୍ରୀ ନିଅନ୍ତି ।

ସର୍ବୋପରି ରାଜ୍ୟର ସର୍ବବିଧ ଉନ୍ନତି ନିମିତ୍ତ ବିଭିନ୍ନ ପ୍ରକାର ଯୋଜନା ପ୍ରସ୍ତୁତ କରିବା ଏବଂ ସେଗୁଡ଼ିକର ସଫଳ ରୂପାୟନ କରି ଜନସାଧାରଣଙ୍କର ମଙ୍ଗଳ ସାଧନ କରିବା ମନ୍ତିପରିଷଦର ପ୍ରଥମ ଓ ମୁଖ୍ୟ କାର୍ଯ୍ୟ । ମନ୍ତ୍ରି ପରିଷଦ ବୈଠକରେ ନିଆଯାଇଥିବା "ସାମୂହିକ ନିଷ୍ପତ୍ତି"କୁ ସମସ୍ତ ମନ୍ତ୍ରୀ ମାନିବାକୁ ବାଧ୍ୟ । ଯଦି କୌଣସି ମନ୍ତ୍ରୀ ଭିନ୍ନ ମତପୋଷଣ କରି ସାମୂହିକ ନିଷ୍ପତ୍ତିରେ ଭାଗୀଦାର ନ ହୁଅନ୍ତି, ତେବେ ସେ ମନ୍ତ୍ରିପରିଷଦରୁ ଇସ୍ତଫା ଦେଇଥାଆନ୍ତି ।

**ମୁଖ୍ୟମନ୍ତ୍ରୀ :**

ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଗଠିତ ମନ୍ତ୍ରିମଣ୍ଡଳ ରାଜ୍ୟ ସ୍ତରରେ ଶାସନ କାର୍ଯ୍ୟ ପରିଚାଳନା କରନ୍ତି । ମୁଖ୍ୟମନ୍ତ୍ରୀ ହେଉଛନ୍ତି ବିଧାନସଭାର ନେତା ଓ ସର୍ବୋପରି ରାଜ୍ୟବାସୀଙ୍କର ନେତା ।

**ନିଯୁକ୍ତି ଓ କାର୍ଯ୍ୟକାଳ :**

ସାଧାରଣ ନିର୍ବାଚନ ପରେ ବିଧାନସଭାରେ ଥିବା ସଂଖ୍ୟା ଗରିଷ୍ଠ ଦଳର ନେତାଙ୍କୁ ରାଜ୍ୟପାଳ ମୁଖ୍ୟମନ୍ତ୍ରୀ ଭାବେ ନିଯୁକ୍ତ କରନ୍ତି । ବେଳେବେଳେ ବିଧାନସଭାର ସଭ୍ୟ ନଥିବା ବ୍ୟକ୍ତି ବିଧାନ ସଭାର ସଂଖ୍ୟାଗରିଷ୍ଠ ଦଳର ନେତା ଭାବେ ନିର୍ବାଚିତ ହୋଇ ମୁଖ୍ୟମନ୍ତ୍ରୀ ଭାବେ ନିଯୁକ୍ତ ହୁଅନ୍ତି । ମାତ୍ର ସେ ୬ ମାସ ମଧ୍ୟରେ ବିଧାନସଭାକୁ ନିର୍ବାଚିତ ହୋଇ ନପାରିଲେ, ତାଙ୍କୁ ମୁଖ୍ୟମନ୍ତ୍ରୀ ପଦ ତ୍ୟାଗ କରିବାକୁ ହୁଏ ।

ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରିପରିଷଦ ବିଧାନସଭାରେ ସଂଖ୍ୟା ଗରିଷ୍ଠ ସଭ୍ୟମାନଙ୍କର ଆସ୍ଥାଭାଜନ ହୋଇଥିବା ପର୍ଯ୍ୟନ୍ତ ସେ ନିଜ ପଦବୀରେ ରହନ୍ତି । ସେ ଯେ କୌଣସି ସମୟରେ ରାଜ୍ୟପାଳଙ୍କୁ ନିଜର ଇସ୍ତଫା ପତ୍ର ପ୍ରଦାନ କରି ପଦ ତ୍ୟାଗ କରିପାରିବେ । ଏତଦ୍‌ବ୍ୟତୀତ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି ହେଲେ ମୁଖ୍ୟମନ୍ତ୍ରୀଙ୍କ ସମେତ

ମନ୍ତ୍ରିପରିଷଦକୁ ବରଖାସ୍ତ କରାଯାଏ । ମୁଖ୍ୟମନ୍ତ୍ରୀ ଇସ୍ତଫା ଦେଲେ ମନ୍ତ୍ରିପରିଷଦର ବିଲୟ ଘଟେ ।

**କାର୍ଯ୍ୟାବଳୀ :**

ମୁଖ୍ୟମନ୍ତ୍ରୀଙ୍କର କାର୍ଯ୍ୟାବଳୀ ବିବିଧ ଓ ବ୍ୟାପ୍ତ ।

**(୧) ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରିପରିଷଦ :**

ମୁଖ୍ୟମନ୍ତ୍ରୀ ହେଉଛନ୍ତି ମନ୍ତ୍ରିପରିଷଦର ସୃଷ୍ଟି, ସ୍ଥିତି ଏବଂ ବିଲୟର ଆଧାର । ମୁଖ୍ୟମନ୍ତ୍ରୀଙ୍କର ପରାମର୍ଶ କ୍ରମେ ଅନ୍ୟ ମନ୍ତ୍ରୀମାନେ ନିଯୁକ୍ତ ହୁଅନ୍ତି । ମନ୍ତ୍ରୀମାନଙ୍କର ପାହ୍ୟା ଓ ସେମାନଙ୍କ ମଧ୍ୟରେ ବିଭାଗବଣ୍ଟନ ମୁଖ୍ୟମନ୍ତ୍ରୀଙ୍କ ଇଚ୍ଛା ମୁତାବକ ହୁଏ । ମୁଖ୍ୟମନ୍ତ୍ରୀ ଇଚ୍ଛା କଲେ ଯେ କୌଣସି ମନ୍ତ୍ରୀଙ୍କର ବିଭାଗ ପରିବର୍ତ୍ତନ କରିପାରନ୍ତି । ଏପରିକି କୌଣସି ମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ ନିର୍ଦ୍ଦେଶ ଦିଅନ୍ତି ଓ ତାଙ୍କ ପରାମର୍ଶ କ୍ରମେ ରାଜ୍ୟପାଳ ଉକ୍ତ ମନ୍ତ୍ରୀଙ୍କର ଇସ୍ତଫା ଗ୍ରହଣ କରନ୍ତି । ସେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରନ୍ତି ଏବଂ ମନ୍ତ୍ରୀମାନଙ୍କ ମଧ୍ୟରେ ଉପୁଜୁଥିବା ବିବାଦର ସମାଧାନ କରି ଥାଆନ୍ତି । ମୁଖ୍ୟମନ୍ତ୍ରୀ ମନ୍ତ୍ରିପରିଷଦର ଅଧ୍ୟକ୍ଷ । ମୁଖ୍ୟମନ୍ତ୍ରୀ ମନ୍ତ୍ରିମଣ୍ଡଳର ବୈଠକ ଆହ୍ୱାନ କରନ୍ତି; କାର୍ଯ୍ୟସୂଚୀ ନିର୍ଦ୍ଧାରଣ କରନ୍ତି ଏବଂ ବୈଠକରେ ଅଧ୍ୟକ୍ଷତା କରନ୍ତି । ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଉପରେ ସେ ମନ୍ତ୍ରୀମାନଙ୍କ ସହିତ ଆଲୋଚନା କରନ୍ତି । ସେ ମନ୍ତ୍ରିମଣ୍ଡଳ ବୈଠକର ନିଷ୍ପତ୍ତି ରାଜ୍ୟପାଳଙ୍କୁ ଜଣାନ୍ତି ।

**(୨) ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳ :**

ମୁଖ୍ୟମନ୍ତ୍ରୀ ହେଉଛନ୍ତି ରାଜ୍ୟପାଳ ଏବଂ ମନ୍ତ୍ରିପରିଷଦ ମଧ୍ୟରେ ଯୋଗସୂତ୍ର ରକ୍ଷାକାରୀ । ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରିମଣ୍ଡଳର ପରାମର୍ଶ ଅନୁସାରେ ରାଜ୍ୟପାଳ ତାଙ୍କର କାର୍ଯ୍ୟ ସଂପାଦନ କରନ୍ତି । ଅପରପକ୍ଷରେ ରାଜ୍ୟପାଳ ଦେଇଥିବା ପ୍ରସ୍ତାବ ଉପରେ ମୁଖ୍ୟମନ୍ତ୍ରୀ ମନ୍ତ୍ରିମଣ୍ଡଳର ବୈଠକରେ ମନ୍ତ୍ରୀମାନଙ୍କ ସହିତ ବିଚାର ଆଲୋଚନା କରନ୍ତି । ମୁଖ୍ୟମନ୍ତ୍ରୀ ରାଜ୍ୟଶାସନ ସଂପର୍କରେ ରାଜ୍ୟପାଳଙ୍କୁ ସର୍ବଦା ଅବଗତ କରାଇଥାଆନ୍ତି ।

**(୩) ମୁଖ୍ୟମନ୍ତ୍ରୀ ଓ ବିଧାନସଭା :**

ମୁଖ୍ୟମନ୍ତ୍ରୀ ହେଉଛନ୍ତି ବିଧାନସଭାର ନେତା । ବିଧାନସଭାର ନେତା ଭାବରେ ମୁଖ୍ୟମନ୍ତ୍ରୀ ବିଧାନସଭା ସଦସ୍ୟମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ପ୍ରଦାନ କରନ୍ତି । ବିଧାନ ସଭାରେ ସେ ସରକାରଙ୍କର ନୂତନ ନୀତି ଓ ଯୋଜନାଗୁଡ଼ିକ ଘୋଷଣା କରନ୍ତି । ବିଧାନସଭାର କାର୍ଯ୍ୟସୂଚୀ ନିର୍ଦ୍ଧାରଣ ସମୟରେ ବାଚସ୍ପତି ମୁଖ୍ୟମନ୍ତ୍ରୀଙ୍କ ସହିତ ପରାମର୍ଶ କରନ୍ତି । ଦ୍ୱି-ସଦନୀୟ ବିଧାନମଣ୍ଡଳ ଥିବା ରାଜ୍ୟରେ ମୁଖ୍ୟମନ୍ତ୍ରୀ ମଧ୍ୟ ଦ୍ୱିତୀୟ ସଦନ (ବିଧାନ ପରିଷଦ) ସହିତ ଯୋଗସୂତ୍ର ରକ୍ଷା କରନ୍ତି । ମୁଖ୍ୟମନ୍ତ୍ରୀ ବିଧାନସଭାରେ ବିରୋଧୀଦଳର ନେତା ଓ ଅନ୍ୟ ଦଳର ନେତାମାନଙ୍କ ସହିତ ବିଚାର ଆଲୋଚନା କରିଥାଆନ୍ତି ।

**(୪) ମୁଖ୍ୟମନ୍ତ୍ରୀ ଓ ଶାସକ ଦଳ :**

ମୁଖ୍ୟମନ୍ତ୍ରୀ ହେଉଛନ୍ତି ନିଜ ଦଳ ତଥା ଶାସକ ଦଳର ନେତା । ବେଳେବେଳେ ମୁଖ୍ୟମନ୍ତ୍ରୀ ମଧ୍ୟ ନିଜ ଦଳର ସଭାପତି ହୋଇଥାଆନ୍ତି । ସେ ଶାସକ ଦଳର ସଦସ୍ୟମାନଙ୍କ ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ବିଚାର ଆଲୋଚନା କରିବା ସହିତ ଦଳ ମଧ୍ୟରେ ସମନ୍ୱୟ ରକ୍ଷା କରନ୍ତି ।

**(୫) ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ପ୍ରଶାସନ :**

ମୁଖ୍ୟମନ୍ତ୍ରୀଙ୍କର ବ୍ୟକ୍ତିତ୍ୱ ଓ ଅଭିଜ୍ଞତା ଦ୍ୱାରା ରାଜ୍ୟ ପ୍ରଶାସନ ବହୁଳ ଭାବରେ ଉପକୃତ ଓ ପ୍ରଭାବିତ ହୁଏ । ରାଜ୍ୟ ସରକାରର ମୁଖ୍ୟ ଶାସନକର୍ତ୍ତା ହିସାବରେ ବାସ୍ତବରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ନୀତି ନିୟମ ପ୍ରଣୟନ କରିବାରେ ନେତୃତ୍ୱ ନେବା ସହିତ ସେଗୁଡ଼ିକ କିପରି ନିଷ୍ଠାର ସହିତ କାର୍ଯ୍ୟକାରୀ ହୋଇପାରିବ, ସେଥିପ୍ରତି ସଜାଗ ରହନ୍ତି । ରାଜ୍ୟରେ ଦୈବୀ-ଦୁର୍ବିପାକ ବା ଆପତ୍‌କାଳୀନ ପରିସ୍ଥିତି ସୃଷ୍ଟି ହେଲେ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ତ୍ୱରାନ୍ୱିତ କରି ସମସ୍ୟାର ସମ୍ମୁଖୀନ ହୁଅନ୍ତି ଓ ସମସ୍ୟାର ସମାଧାନ କରାନ୍ତି । ସେ ରାଜ୍ୟର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ଜନସାଧାରଣଙ୍କର ସୁବିଧା ଓ ଅସୁବିଧା ଉପଲବ୍ଧି କରି ବିହିତ ପ୍ରତିକାର ବିଧାନ କରନ୍ତି । ଆବଶ୍ୟକ ସ୍ଥଳେ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ସରକାରଙ୍କ ସହିତ ଆଲୋଚନା କରି ରାଜ୍ୟର ବିଭିନ୍ନ ସମସ୍ୟାଗୁଡ଼ିକର ସମାଧାନ ଦିଗରେ ଚେଷ୍ଟା କରନ୍ତି ।

**(୬) ମୁଖ୍ୟମନ୍ତ୍ରୀ ଓ ରାଜ୍ୟର ଜନସାଧାରଣ :**

ରାଜ୍ୟର ସର୍ବୋଚ୍ଚ ଶାସନକର୍ତ୍ତା ଓ ରାଜ୍ୟର ଜନସାଧାରଣଙ୍କର ପ୍ରିୟ ନେତା ଭାବରେ ରାଜ୍ୟର ତଥା ଜନତାର ସ୍ୱାର୍ଥ କେନ୍ଦ୍ର ସରକାରଙ୍କ ନିକଟରେ ଉଚିତ ଭାବେ ଉପସ୍ଥାପିତ କରିବା ମୁଖ୍ୟମନ୍ତ୍ରୀଙ୍କର ପ୍ରଧାନ କାର୍ଯ୍ୟ । ରାଜ୍ୟପାଇଁ କେନ୍ଦ୍ରୀୟ ଅନୁଦାନର ବ୍ୟବସ୍ଥା ଓ ଅନ୍ୟାନ୍ୟ ଜାତୀୟ ଓ ଆନ୍ତର୍ଜାତୀୟ

ସଂଗଠନ ମାଧ୍ୟମରେ ରାଜ୍ୟର ବିକାଶମୂଳକ ଯୋଜନା ଗୁଡ଼ିକୁ କାର୍ଯ୍ୟକାରୀ କରି ଲୋକମାନଙ୍କର ସର୍ବବିଧ ଉନ୍ନତି ସାଧନ କରିବା ମୁଖ୍ୟମନ୍ତ୍ରୀଙ୍କର ଅନ୍ୟ ଏକ ମୁଖ୍ୟ କାର୍ଯ୍ୟ ।

ମୁଖ୍ୟମନ୍ତ୍ରୀ ନୀତି ଆୟୋଗ, ଆଞ୍ଚଳିକ ପରିଷଦ, ଜାତୀୟ ଉନ୍ନୟନ ପରିଷଦ ଜାତୀୟ ସଂହତି ପରିଷଦ ଓ ମୁଖ୍ୟମନ୍ତ୍ରୀମାନଙ୍କର ବୈଠକରେ ଯୋଗ ଦେଇ ରାଜ୍ୟର ସମୁହ ସ୍ୱାର୍ଥ କେନ୍ଦ୍ର ସରକାରଙ୍କ ନିକଟରେ ଉପସ୍ଥାପନ କରନ୍ତି ।

**ମୁଖ୍ୟମନ୍ତ୍ରୀଙ୍କ ଭୂମିକା :**

ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କର ଶାସନମୁଖ୍ୟ । ସେ ମନ୍ତ୍ରିପରିଷଦର ସହାୟତାରେ ରାଜ୍ୟଶାସନ ନିମିତ୍ତ ବିଭିନ୍ନ ନୀତି ପ୍ରଣୟନ କରି ବିଭାଗୀୟ ଅଧିକାରୀମାନଙ୍କର ଦ୍ୱାରା ସେଗୁଡ଼ିକ କାର୍ଯ୍ୟକାରୀ କରାନ୍ତି ଓ ବିଭାଗଗୁଡ଼ିକର କାର୍ଯ୍ୟାବଳୀ ସମୀକ୍ଷା କରନ୍ତି ।

ମୁଖ୍ୟମନ୍ତ୍ରୀ ମନ୍ତ୍ରିପରିଷଦର ମୁଖ୍ୟ, ରାଜ୍ୟପାଳଙ୍କର ପ୍ରମୁଖ ପରାମର୍ଶଦାତା, ରାଜ୍ୟ ବିଧାନସଭାର ନେତା ଏବଂ ସର୍ବୋପରି ଜଣେ ଜନନାୟକ ଭାବରେ ନିଜର ଦାୟିତ୍ୱ ସଂପାଦନ କରନ୍ତି ।

ମୁଖ୍ୟମନ୍ତ୍ରୀ ବିଭିନ୍ନ ସରକାରୀ ତଥା ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇ ଜନସାଧାରଣଙ୍କୁ ଉଦ୍‌ବୋଧନ ଦିଅନ୍ତି । ସ୍ୱାଧୀନତା ଦିବସ ପାଳନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ରାଜ୍ୟସ୍ତରୀୟ ଜାତୀୟ ପତାକା ଉତ୍ତୋଳନ ଉତ୍ସବରେ ଯୋଗଦେଇ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରନ୍ତି । ମୁଖ୍ୟମନ୍ତ୍ରୀଙ୍କର ସଫଳତା ନିର୍ଭର କରେ, ନିମ୍ନୋକ୍ତ କେତେଗୋଟି ପରିସ୍ଥିତି ଉପରେ; ଯଥା : (କ) ମୁଖ୍ୟମନ୍ତ୍ରୀଙ୍କର ବ୍ୟକ୍ତିତ୍ୱ ଓ ବଳିଷ୍ଠ ନେତୃତ୍ୱ (ଖ) ମୁଖ୍ୟମନ୍ତ୍ରୀଙ୍କ ପ୍ରତି ନିଃସର୍ତ୍ତ ଦଳୀୟ ସମର୍ଥନ (ଗ) ମୁଖ୍ୟମନ୍ତ୍ରୀଙ୍କ ନିଯୁକ୍ତି ପ୍ରକ୍ରିୟା (ଘ) କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଥିବା ରାଜନୈତିକ ସମୀକରଣ ଓ (ଙ) ଜାତୀୟ ସ୍ତରରେ ମୁଖ୍ୟମନ୍ତ୍ରୀଙ୍କର ଭୂମିକା ।

**ରାଜ୍ୟ ବିଧାନ ମଣ୍ଡଳ (State Legislature) :**

ଭାରତର ପ୍ରତ୍ୟେକ ରାଜ୍ୟରେ ଗୋଟିଏ ଲେଖାଏଁ ବିଧାନମଣ୍ଡଳ ରହିଅଛି । ଏହା ଏକ-ସଦନୀୟ ବା ଦ୍ୱି-ସଦନୀୟ ହୋଇଥାଏ । ବିଧାନମଣ୍ଡଳର ନିମ୍ନସଦନକୁ ବିଧାନସଭା ଏବଂ ଉଚ୍ଚସଦନକୁ ବିଧାନ ପରିଷଦ କୁହାଯାଏ । ରାଜ୍ୟପାଳ ହେଉଛନ୍ତି ବିଧାନମଣ୍ଡଳର ଅବିଚ୍ଛେଦ୍ୟ ଅଙ୍ଗ । ବିହାର, ମହାରାଷ୍ଟ୍ର, କର୍ଣ୍ଣାଟକ, ଉତ୍ତର ପ୍ରଦେଶ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଏବଂ ଜାମ୍ମୁ-କାଶ୍ମୀରରେ ଉଭୟ ବିଧାନସଭା ଓ ବିଧାନ ପରିଷଦ ଅଛି । ଅନ୍ୟ ସମସ୍ତ ରାଜ୍ୟରେ କେବଳ ନିମ୍ନ ସଦନ ବା ବିଧାନସଭା ଅଛି । ଆମ ଓଡ଼ିଶାରେ କେବଳ ବିଧାନ ସଭା ଅଛି । କେନ୍ଦ୍ର ଶାସିତ ଅଞ୍ଚଳ ଦିଲ୍ଲୀ ଓ ପୁଡୁଚେରୀରେ ମଧ୍ୟ ବିଧାନ ସଭା ଅଛି ।

**ବିଧାନସଭା**

**ଗଠନ ଓ କାର୍ଯ୍ୟକାଳ :**

ସମ୍ବିଧାନର ବ୍ୟବସ୍ଥା ଅନୁସାରେ ବିଧାନସଭାର ସଭ୍ୟ ସଂଖ୍ୟା ୫୦୦ ରୁ ଅଧିକ କିମ୍ବା ୬୦ରୁ କମ୍ ହୋଇପାରିବ ନାହିଁ । କିନ୍ତୁ ଜନସଂଖ୍ୟାର ସ୍ୱଳ୍ପତା ଦୃଷ୍ଟିରୁ ସିକିମ୍ ବିଧାନସଭା ୩୨ଆସନ ବିଶିଷ୍ଟ । ଗୋଆ, ଅରୁଣାଚଳ ପ୍ରଦେଶ ଏବଂ ମିଜୋରାମର ବିଧାନସଭାର ସଭ୍ୟସଂଖ୍ୟା ୪୦ ଲେଖାଏଁ ।



(ଓଡ଼ିଶାର ବିଧାନସଭା ଗୃହ)

ଓଡ଼ିଶା ବିଧାନସଭାର ମୋଟ ସଭ୍ୟସଂଖ୍ୟା ୧୪୭ । ତନ୍ମଧ୍ୟରୁ ୨୨ ଆସନ ଅନୁସୂଚୀତ ଜାତି (S.C) ଏବଂ ୩୪ଟି ଆସନ ଅନୁସୂଚୀତ ଜନଜାତି (S.T)ଙ୍କ ପାଇଁ ସଂରକ୍ଷିତ । ଅବଶିଷ୍ଟ ୯୧ଟି ଆସନ ସାଧାରଣବର୍ଗଙ୍କ ପାଇଁ ଉଦ୍ଦିଷ୍ଟ । ବିଧାନସଭାର ସଭ୍ୟମାନେ ରାଜ୍ୟର ଭୋଟଦାତାମାନଙ୍କ ଦ୍ୱାରା ପ୍ରତ୍ୟକ୍ଷ ଭାବରେ ସାବାଳକ ଭୋଟଦାନ ବ୍ୟବସ୍ଥା ମାଧ୍ୟମରେ ନିର୍ବାଚିତ ହୁଅନ୍ତି । ୧୮ ବର୍ଷରୁ ଅଧିକ ବୟସ୍କ ସମସ୍ତ ସାବାଳକ ନାଗରିକ 'ଭୋଟଦାତା' (ଭୋଟର) ହିସାବରେ ନିଜର 'ମତଦାନ

ଅଧିକାର' ସାବ୍ୟସ୍ତ କରି ନିର୍ବାଚନ ମାଧ୍ୟମରେ ନିଜ ନିଜ ନିର୍ବାଚନ ମଣ୍ଡଳୀର ଜଣେ ପ୍ରାର୍ଥୀଙ୍କୁ 'ବିଧାୟକ' (M.L.A) ଭାବରେ ନିର୍ବାଚିତ କରନ୍ତି । ସାଧାରଣତଃ ପ୍ରତି ପାଞ୍ଚ ବର୍ଷ ବ୍ୟବଧାନରେ ବିଧାନସଭା ଗଠିତ ହେବାପାଇଁ ନିର୍ବାଚନ କରାଯାଏ ।

**ତୁମପାଇଁ କାମ :**

ତୁମ ଜିଲ୍ଲାର ସମସ୍ତ ନିର୍ବାଚନ ମଣ୍ଡଳୀ ଏବଂ ସବୁ ବିଧାୟକମାନଙ୍କର ନାମ ତାଲିକା ପ୍ରସ୍ତୁତ କର ।

ବସ୍ତୁତଃ ବିଧାନସଭାର କାର୍ଯ୍ୟକାଳ ୫ ବର୍ଷ । ଜାତୀୟ ଜରୁରୀ ପରିସ୍ଥିତି ଜାରି ହେବା ସମୟରେ ଏହାର କାର୍ଯ୍ୟକାଳ ସଂସଦର ଆଇନ ଦ୍ୱାରା ଅଧିକ ୧ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରେ । ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ କ୍ରମେ ରାଜ୍ୟପାଳ ପାଞ୍ଚବର୍ଷ ପୂର୍ବରୁ ବିଧାନସଭା ଭଙ୍ଗ କରି ଥାଆନ୍ତି ।

**ବିଧାନସଭାର ସଭ୍ୟ ପଦ ପାଇଁ ଯୋଗ୍ୟତା :**

ବିଧାନସଭାର ସଭ୍ୟ ପଦ ପାଇଁ ଜଣେ ବ୍ୟକ୍ତିଙ୍କର ନିମ୍ନଲିଖିତ ଯୋଗ୍ୟତା ଥିବା ଆବଶ୍ୟକ ।

୧ – ସେ ଭାରତୀୟ ନାଗରିକ ହୋଇଥିବେ ।

୨ – ତାଙ୍କର ବୟସ ୨୫ ବର୍ଷରୁ କମ୍ ହୋଇ ନ ଥିବ ।

୩ – ସଂସଦଦ୍ୱାରା ପ୍ରଣୀତ ନିର୍ବାଚନ ଆଇନ୍ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ଅନ୍ୟ ସମସ୍ତ ଯୋଗ୍ୟତା ତାଙ୍କର ଥିବ ।

କୌଣସି ଲାଭଜନକ ପଦବୀରେ ଥିଲେ ବା ଦେବାଳିଆ ବା ମସ୍ତିଷ୍କ ବିକୃତ ହୋଇଥିଲେ, ଯେ କୌଣସି ବ୍ୟକ୍ତି ବିଧାନ ସଭାର ସଭ୍ୟ ପଦ ପାଇଁ ଅଯୋଗ୍ୟ ଘୋଷିତ ହୋଇଥାଆନ୍ତି ।

**ଅଧିବେଶନ :**

ମୁଖ୍ୟମନ୍ତ୍ରୀଙ୍କର ପରାମର୍ଶ କ୍ରମେ ରାଜ୍ୟପାଳ ବିଧାନସଭାର ଅଧିବେଶନ ଡ଼କାଇ ଥାଆନ୍ତି । ସମ୍ବିଧାନ ଅନୁଯାୟୀ ବିଧାନ ସଭାର ଦୁଇଟି ଅଧିବେଶନ ମଧ୍ୟରେ ୬ ମାସରୁ ଅଧିକ ବିରତି ରହିପାରିବ ନାହିଁ । ତେଣୁ ପ୍ରତିବର୍ଷ ବିଧାନସଭାର ଅନ୍ୟୁନ ଦୁଇଟି ଅଧିବେଶନ ହେବା ବାଧ୍ୟତାମୂଳକ । ବାସ୍ତବରେ ପ୍ରତିବର୍ଷ ବିଧାନସଭାର ତିନିଗୋଟି ଅଧିବେଶନ ଆହୂତ ହୋଇଥାଏ; ଯଥା :- ବଜେଟ୍ ଅଧିବେଶନ, ବର୍ଷାକାଳୀନ ଅଧିବେଶନ ଓ ଶୀତକାଳୀନ ଅଧିବେଶନ ।

**କୋରମ୍ :**

ବିଧାନସଭାର ପ୍ରତିଦିନର ଅଧିବେଶନ କାର୍ଯ୍ୟ ଚାଲୁ ରଖିବା ପାଇଁ ସମ୍ବିଧାନର ବ୍ୟବସ୍ଥା ଅନୁସାରେ ଅତିକମ୍‌ରେ ଗୃହର ସର୍ବମୋଟ ସଭ୍ୟସଂଖ୍ୟାର ଏକ-ଦଶମାଂଶ ସଭ୍ୟ ଗୃହରେ ଉପସ୍ଥିତ ରହିବା ଆବଶ୍ୟକ । ଏହି ସର୍ବନିମ୍ନ ସଂଖ୍ୟକ ସଦସ୍ୟଙ୍କର ଉପସ୍ଥିତିକୁ 'କୋରମ' କୁହାଯାଏ ।

**ବାଚସ୍ପତି :**

ଲୋକସଭା ପରି ବିଧାନସଭା ବୈଠକରେ ବାଚସ୍ପତି ଅଧ୍ୟକ୍ଷତା କରନ୍ତି । ବିଧାନସଭାର ପ୍ରଥମ ଅଧିବେଶନରେ ଗୃହର ସଭ୍ୟମାନେ ସେମାନଙ୍କ ମଧ୍ୟରୁ ଜଣେ ସଦସ୍ୟଙ୍କୁ ବାଚସ୍ପତି ଭାବେ ନିର୍ବାଚିତ କରନ୍ତି । ସାଧାରଣତଃ ବାଚସ୍ପତି ଶାସକ ଦଳରୁ ଓ ଉପବାଚସ୍ପତି ବିରୋଧୀଦଳରୁ ନିର୍ବାଚିତ ହୋଇଥାନ୍ତି ।

ବିଧାନସଭାକୁ ନୀତି ନିୟମ ଅନୁଯାୟୀ ପରିଚାଳିତ କରିବା ଏବଂ ବିଧାନସଭାର ଅଧିବେଶନରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହିତ ସୁଚାରୁରୂପେ ଅଧିବେଶନ କାର୍ଯ୍ୟ ଚଳାଇବା ବାଚସ୍ପତିଙ୍କର ପ୍ରଧାନ କାର୍ଯ୍ୟ । ବିଶୃଙ୍ଖଳିତ ଆଚରଣ ପାଇଁ ବାଚସ୍ପତି ସଭ୍ୟମାନଙ୍କୁ ଗୃହରୁ ବହିଷ୍କୃତ (Expulsion) ବା ନିଲମ୍ବିତ କରିଥାଆନ୍ତି । ସଭ୍ୟମାନେ ବାଚସ୍ପତିଙ୍କ ଅନୁମତି କ୍ରମେ ବିଧାନସଭାରେ ନିଜର ବକ୍ତବ୍ୟ ଉପସ୍ଥାପନ କରନ୍ତି । ବାଚସ୍ପତି ବିଧାନସଭାର କାର୍ଯ୍ୟସୂଚୀ ନିର୍ଦ୍ଧାରଣ କରନ୍ତି । ସେ ବିଧାନସଭାର କାର୍ଯ୍ୟ ପଦ୍ଧତି ସମ୍ବନ୍ଧୀୟ ନିୟମଗୁଡ଼ିକୁ ତର୍ଜମା କରିଥାଆନ୍ତି । ଏ କ୍ଷେତ୍ରରେ ତାଙ୍କର ନିଷ୍ପତ୍ତି (Ruling) ଚୂଡ଼ାନ୍ତ । ସଭ୍ୟମାନଙ୍କର ଅଧିକାର ଓ ମର୍ଯ୍ୟାଦାର ସୁରକ୍ଷା କରିବା ବାଚସ୍ପତିଙ୍କର ମୁଖ୍ୟ କର୍ତ୍ତବ୍ୟ । ବାଚସ୍ପତି ହେଉଛନ୍ତି ଗୃହର ନିର୍ବିବାଦୀୟ ଓ ନିରପେକ୍ଷ ଅଧ୍ୟକ୍ଷ । ଉଭୟ ବାଚସ୍ପତି ଓ ଉପବାଚସ୍ପତି ଅନୁପସ୍ଥିତ ରହିଲେ ଅଧିବେଶନ କାର୍ଯ୍ୟ ଚଳାଇବା ପାଇଁ ଏକ 'ଅଧ୍ୟକ୍ଷ ମଣ୍ଡଳୀ' ରହିଛି ।

ବାଚସ୍ପତି ବିଧାନସଭାରେ ଆଗତ ବିଭିନ୍ନ ପ୍ରସ୍ତାବଗୁଡ଼ିକର ବୈଧତା ଓ ସାମ୍ବିଧାନିକତା ନିର୍ଣ୍ଣୟ କରନ୍ତି ।

ବିଧାନସଭା ଅଧିବେଶନ ଚାଲୁଥିବା ସମୟରେ ବିଶୃଙ୍ଖଳା ସୃଷ୍ଟି ହେଲେ କିମ୍ବା ନିୟମାନୁସାରେ ଅଧିବେଶନ

କାର୍ଯ୍ୟ ଚାଲି ନ ପାରିଲେ ବାଚସ୍ପତି ଗୃହକୁ ମୁଲତବୀ (adjourn) ରଖନ୍ତି ।

କୌଣସି ଚିଠାଆଇନ (ବିଲ୍), ଏକ 'ଅର୍ଥ ଚିଠା ଆଇନ' ବା (ଅର୍ଥ ବିଲ) କି ନୁହେଁ, ତାହା ବାଚସ୍ପତି ନିର୍ଣ୍ଣୟ କରନ୍ତି ଏବଂ ତାଙ୍କର ଏହି ନିଷ୍ପତ୍ତି ଚୂଡ଼ାନ୍ତ ।

ବାଚସ୍ପତି ଦଳୀୟ ଆନୁଗତ୍ୟରୁ ଊର୍ଦ୍ଧ୍ୱରେ ରହି ନିରପେକ୍ଷ ଭାବରେ ବିଧାନସଭାର ଅଧିବେଶନ କାର୍ଯ୍ୟ ପରିଚାଳନା କରନ୍ତି । ସେ ସାଧାରଣତଃ କୌଣସି ଚିଠା ଆଇନ (ବିଲ୍) ସପକ୍ଷରେ ବା ବିପକ୍ଷରେ ଭୋଟ ଦିଅନ୍ତି ନାହିଁ । ମାତ୍ର ଯେତେବେଳେ ଚିଠା ଆଇନ ସପକ୍ଷରେ ଓ ବିପକ୍ଷରେ ସମାନ ସଂଖ୍ୟକ ଭୋଟ ମିଳେ; ସେତେବେଳେ ବାଚସ୍ପତି ତାଙ୍କର 'ନିର୍ଣ୍ଣାୟକ ଭୋଟ' ମାଧ୍ୟମରେ ଚିଠା ଆଇନର ଭାଗ୍ୟ ନିର୍ଦ୍ଧାରଣ କରନ୍ତି । ବାଚସ୍ପତି ଓ ଉପବାଚସ୍ପତି ବିଧାନସଭାର ସଦସ୍ୟମାନଙ୍କ ଦ୍ୱାରା ନିର୍ବାଚିତ ଓ ବହିଷ୍କୃତ ହୁଅନ୍ତି । ସେମାନେ ଲିଖିତଭାବେ ଇସ୍ତଫା ପତ୍ର ଲେଖି ନିଜ ପଦବୀରୁ ଅବ୍ୟାହତି ନେଇଥା'ନ୍ତି ।

**ବିଧାନସଭାର କାର୍ଯ୍ୟାବଳୀ :**

**୧- ଆଇନ୍ ପ୍ରଣୟନ କାର୍ଯ୍ୟ :**

ବିଧାନସଭାର ମୁଖ୍ୟ କାର୍ଯ୍ୟଟି ହେଲା ଆଇନ୍ ପ୍ରଣୟନ କରିବା । ରାଜ୍ୟ ତାଲିକା ଏବଂ ଯୁଗ୍ମ ତାଲିକାରେ ଅନ୍ତର୍ଭୁକ୍ତ ବିଷୟଗୁଡ଼ିକରେ ବିଧାନସଭା ଆଇନ୍ ପ୍ରଣୟନ କରନ୍ତି । ଯେ କୌଣସି ସାଧାରଣ ଚିଠାଆଇନ୍ (ବିଲ୍) ବିଧାନସଭାରେ ନିର୍ଦ୍ଧାରିତ ପଦ୍ଧତିରେ ଗୃହୀତ ହେବା ପରେ ରାଜ୍ୟପାଳଙ୍କ 'ସମ୍ମତି' ପାଇଁ ପଠାଯାଏ ଏବଂ ରାଜ୍ୟପାଳଙ୍କ 'ସମ୍ମତି' ପ୍ରାପ୍ତହେଲେ, ତାହା ଆଇନ୍‌ରେ ପରିଣତ ହୁଏ ।

**୨- ଅର୍ଥ ସଂପର୍କିତ ନିୟନ୍ତ୍ରଣ କ୍ଷମତା :**

ବିଧାନସଭାର ବିନା ଅନୁମୋଦନରେ ସରକାର ଗୋଟିଏ ପଇସା ଖର୍ଚ୍ଚ କରିପାରିବେ ନାହିଁ । ଅର୍ଥମନ୍ତ୍ରୀ ବାର୍ଷିକ ଆୟବ୍ୟୟ ଅଟକଳ ବା ବଜେଟ୍ ବିଧାନସଭାରେ ଉପସ୍ଥାପନ କରିଥାଆନ୍ତି । ବଜେଟ୍ ଉପରେ ଆଲୋଚନା ଶେଷହେବା ପରେ ବିଭିନ୍ନ ବିଭାଗର ମନ୍ତ୍ରୀମାନେ ବିଭାଗୀୟ ଖର୍ଚ୍ଚଦାବି ବିଧାନସଭାରେ ଉପସ୍ଥାପନ କରନ୍ତି । ବିଧାନସଭାରେ ଖର୍ଚ୍ଚଦାବି ଗୃହୀତ ହେଲାପରେ ସରକାର ଅର୍ଥ ବ୍ୟୟ କରନ୍ତି । ଏହି ପ୍ରକାର ଅର୍ଥ ସଂପର୍କିତ ନିୟନ୍ତ୍ରଣ ମାଧ୍ୟମରେ ବିଧାନସଭା ମନ୍ତ୍ରିମଣ୍ଡଳକୁ ନିୟନ୍ତ୍ରଣ କରେ । ବିଧାନସଭାର ବିନା ଅନୁମୋଦନରେ ସରକାର ଟିକସ୍ ଆଦାୟ କରିପାରିବେ ନାହିଁ । ଅର୍ଥ ସଂପର୍କିତ ଚିଠା ଆଇନ୍ କେବଳ ବିଧାନସଭାରେ ଆଗତ ହୁଏ ।

**୩ - କାର୍ଯ୍ୟପାଳିକା ଉପରେ ନିୟନ୍ତ୍ରଣ ଜାହିର କ୍ଷମତା :**

ବିଧାନସଭା ଲୋକମାନଙ୍କ ଦ୍ୱାରା ପ୍ରତ୍ୟକ୍ଷ ଭାବରେ ନିର୍ବାଚିତ ପ୍ରତିନିଧିଙ୍କୁ ନେଇ ଗଠିତ । ତେଣୁ ବିଧାନସଭାର ସଭ୍ୟମାନେ ମନ୍ତ୍ରିପରିଷଦ ଉପରେ ବିଭିନ୍ନ ପ୍ରକାରରେ ନିୟନ୍ତ୍ରଣ ଜାରି କରନ୍ତି । ମନ୍ତ୍ରିପରିଷଦ ବିଧାନସଭା ନିକଟରେ ସମୂହ ଭାବେ ଉତ୍ତରଦାୟୀ । ବିଧାନସଭାର ସଭ୍ୟମାନେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମାଧ୍ୟମରେ ଏବଂ ମୁଲତବୀ ପ୍ରସ୍ତାବ ଓ ଧ୍ୟାନ ଆକର୍ଷଣକାରୀ ପ୍ରସ୍ତାବ ମାଧ୍ୟମରେ ମନ୍ତ୍ରିମଣ୍ଡଳକୁ ନିୟନ୍ତ୍ରିତ କରିଥାଆନ୍ତି । ଏହା ବ୍ୟତୀତ ବଜେଟ ଆଲୋଚନା ସମୟରେ ବିଧାୟକମାନେ ମନ୍ତ୍ରୀମାନଙ୍କୁ ସେମାନଙ୍କ ବିଭାଗ ବିଷୟରେ ବିଭିନ୍ନ ପ୍ରଶ୍ନ ପଚାରି ଥାଆନ୍ତି । ବିଭିନ୍ନ 'କାଟ ପ୍ରସ୍ତାବ' ମାଧ୍ୟମରେ ବିଧାନସଭା ମନ୍ତ୍ରିମଣ୍ଡଳ ଉପରେ ନିୟନ୍ତ୍ରଣ ଜାହିର କରିଥାଆନ୍ତି । ଏତଦ୍ ବ୍ୟତୀତ ବଜେଟ ଆଲୋଚନା ସମୟରେ ଓ ଖର୍ଚ୍ଚଦାବି ଗୃହୀତ ହେବା ସମୟରେ ବିଧାୟକମାନେ ମନ୍ତ୍ରୀମାନଙ୍କୁ ସେମାନଙ୍କ ବିଭାଗ ପରିଚାଳନା ବିଷୟରେ ବିଭିନ୍ନ ପ୍ରଶ୍ନ ପଚାରି ଥାଆନ୍ତି । ବିଧାନସଭାରେ ଅନାସ୍ଥା ପ୍ରସ୍ତାବ ଗୃହୀତ ହେଲେ ମନ୍ତ୍ରିପରିଷଦ ଇସ୍ତଫା ପ୍ରଦାନ କରନ୍ତି ।

**୪ - ବିତର୍କ ଓ ପର୍ଯ୍ୟାଲୋଚନାମୂଳକ କ୍ଷମତା :**

ବିଧାନସଭାରେ ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶିଳ୍ପ, ବାଣିଜ୍ୟ ଆଦି ବିଭିନ୍ନ ବିଷୟରେ ସଦସ୍ୟମାନେ ଆଲୋଚନା ଓ ପର୍ଯ୍ୟାଲୋଚନା କରନ୍ତି । ଏହାଫଳରେ ସରକାରଙ୍କର ବିଭିନ୍ନ ଦୋଷତ୍ରୁଟି ଲୋକଲୋଚନକୁ ଆସେ ଓ ସରକାର ସମାଲୋଚିତ ହୁଅନ୍ତି ।

**୫ - ସମ୍ବିଧାନ ସଂଶୋଧନ ସଂପର୍କିତ କ୍ଷମତା :**

ସମ୍ବିଧାନର କେତେଗୁଡ଼ିଏ ଧାରାର ସଂଶୋଧନ ପାଇଁ ଆଗତ ବିଧେୟକଗୁଡ଼ିକ ଅର୍ଦ୍ଧାଧିକ ରାଜ୍ୟ ବିଧାନମଣ୍ଡଳର ଅନୁମୋଦନ (Ratification) ଆବଶ୍ୟକ କରିଥାଆନ୍ତି ।

## ୬ – ନିର୍ବାଚନ ସଂପର୍କିତ କ୍ଷମତା :

(କ) ବିଧାନସଭାର ସଭ୍ୟମାନେ ପ୍ରଥମ ଅଧିବେଶନରେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ବାଚସ୍ପତି ଏବଂ ଅନ୍ୟଜଣଙ୍କୁ ଉପବାଚସ୍ପତି ଭାବେ ନିର୍ବାଚିତ କରନ୍ତି ।

(ଖ) ପ୍ରତି ୨ ବର୍ଷରେ ଥରେ ରାଜ୍ୟସଭାର ଏକ-ତୃତୀୟାଂଶ ସଦସ୍ୟମାନେ ନିଜ ନିଜ ରାଜ୍ୟର ବିଧାନସଭାର ସଭ୍ୟମାନଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି ।

(ଗ) ବିଧାନସଭାର ନିର୍ବାଚିତ ସଭ୍ୟମାନେ ରାଷ୍ଟ୍ରପତି ନିର୍ବାଚନରେ ମଧ୍ୟ ଭାଗ ନିଅନ୍ତି । ବିଧାନ ପରିଷଦର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ବିଧାନ ପରିଷଦର ସଦସ୍ୟମାନଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି ।

## ୭ – ବିବିଧ କ୍ଷମତା :

ରାଜ୍ୟ ଲୋକସେବା ଆୟୋଗର ବାର୍ଷିକ ରିପୋର୍ଟଗୁଡ଼ିକ ବିଧାନ ସଭାରେ ଗୃହର ସଦସ୍ୟମାନଙ୍କ ଗୋଚରାର୍ଥେ ଉପସ୍ଥାପିତ କରାଯାଏ ।

## ବିଧାନସଭାରେ ଆଇନ ପ୍ରଣୟନ ପଦ୍ଧତି :

କୌଣସି ଆଇନ ପ୍ରଣୟନ କରିବା ପାଇଁ ପ୍ରସ୍ତାବଟି ପ୍ରଥମେ ଚିଠା-ଆଇନ ବା 'ବିଲ୍' ଆକାରରେ ସରକାରଙ୍କ ତରଫରୁ ବିଭାଗୀୟ ମନ୍ତ୍ରୀଙ୍କ ଦ୍ୱାରା ଗୃହର ଅନୁମତି ସହିତ ବିଧାନସଭାରେ ଆଗତ ହୁଏ । ଚିଠାଆଇନ ବା 'ବିଲ୍' ମୁଖ୍ୟତଃ ଦୁଇ ପ୍ରକାରର; ଯଥା : (୧) ସାଧାରଣ ଚିଠା ଆଇନ ବା ବିଲ୍, (୨) ଅର୍ଥ-ସମ୍ବନ୍ଧୀୟ ଚିଠା ଆଇନ ବା 'ଅର୍ଥବିଲ୍' । ମୁଖ୍ୟତଃ ଅର୍ଥବିଲ୍ ଅର୍ଥ-ସଂପର୍କିତ ବିଷୟରେ ଏବଂ ସାଧାରଣ ଚିଠାଆଇନ୍ ଅନ୍ୟସମସ୍ତ ବିଷୟରେ ଆଇନ ପ୍ରଣୟନ କରାଯିବା ପାଇଁ ଗୃହରେ ଆଗତ କରାଯାଏ । ପ୍ରତ୍ୟେକ ଚିଠା ଆଇନ ବିଧାନ ସଭାରେ ପ୍ରଥମ ପାଠ, ଦ୍ୱିତୀୟ ପାଠ ଓ ତୃତୀୟ ପାଠ ମାଧ୍ୟମରେ ଗତି କରେ । ତୃତୀୟ ପାଠ ସ୍ତରରେ ଚିଠାଆଇନ ଗୃହୀତ ହେବା ପାଇଁ ଗୃହର ସଭ୍ୟମାନଙ୍କର ମତାମତ ନିଆଯାଏ । ବିଲ୍‌ଟି ସଂଖ୍ୟାଧିକ ସଭ୍ୟଙ୍କର ସମର୍ଥନ ଲାଭ କଲେ ରାଜ୍ୟପାଳଙ୍କ 'ସମ୍ମତି' ପାଇଁ ତାଙ୍କ ପାଖକୁ ପଠାଯାଏ । ରାଜ୍ୟପାଳଙ୍କ 'ସମ୍ମତି' ପାଇବା ପରେ ବିଲ୍‌ଟି 'ଆଇନ'ରେ ପରିଣତ ହୋଇଥାଏ ।

# ବିଧାନ ପରିଷଦ

## ବିଧାନ ପରିଷଦ :

ବିଧାନପରିଷଦ ରାଜ୍ୟ ବିଧାନ ମଣ୍ଡଳର ଉଚ୍ଚ ସଦନ । ଏହା ଏକ ସ୍ଥାୟୀ ଗୃହ । ଏହାର ବିଲୟ ନାହିଁ । ବିଧାନ ପରିଷଦର ସଭ୍ୟମାନେ ୬ ବର୍ଷ ପାଇଁ ନିର୍ବାଚିତ ହୁଅନ୍ତି ଏବଂ ପ୍ରତି ୨ ବର୍ଷରେ ଏହାର ଏକ-ତୃତୀୟାଂଶ ସଭ୍ୟ ଅବସର ଗ୍ରହଣ କରନ୍ତି ।

ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, କର୍ଣ୍ଣାଟକ, ବିହାର, ଉତ୍ତର ପ୍ରଦେଶ, ମହାରାଷ୍ଟ୍ର ଓ ଜାମ୍ମୁ-କାଶ୍ମୀରକୁ ବାଦଦେଲେ ଅନ୍ୟ ରାଜ୍ୟମାନଙ୍କରେ ବିଧାନ ପରିଷଦ ନାହିଁ । ସେହି ରାଜ୍ୟମାନଙ୍କରେ କେବଳ ବିଧାନସଭା ରହିଛି । ଓଡ଼ିଶାରେ ବିଧାନ ପରିଷଦ ନାହିଁ, କେବଳ ବିଧାନସଭା ରହିଛି ।

## ଗଠନ :

ବିଧାନ ପରିଷଦ କେତେକ ପରୋକ୍ଷ ଭାବେ ନିର୍ବାଚିତ ସଭ୍ୟ ଓ କେତେକ ମନୋନୀତ ସଭ୍ୟଙ୍କୁ ନେଇ ଗଠିତ । କୌଣସି ବିଧାନ ପରିଷଦର ସଦସ୍ୟ ସଂଖ୍ୟା ୪୦ ରୁ କମ୍ ବା ସେହି ରାଜ୍ୟର ବିଧାନସଭାର ସଭ୍ୟସଂଖ୍ୟାର ଏକ-ତୃତୀୟାଂଶରୁ ଅଧିକ ହେବନାହିଁ ।

ନିମ୍ନମତେ ବିଧାନ ପରିଷଦର ପାଞ୍ଚ-ଷଷ୍ଠାଂଶ ସଭ୍ୟ ନିର୍ବାଚିତ ଓ ଏକ-ଷଷ୍ଠାଂଶ ସଭ୍ୟ ମନୋନୀତ ହୋଇଥାଆନ୍ତି ।

୧– ଗୃହର ଏକ-ତୃତୀୟାଂଶ ସଭ୍ୟ ମ୍ୟୁନିସିପାଲିଟି, ଜିଲ୍ଲା ବୋର୍ଡ଼ ଇତ୍ୟାଦି ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥାର ସଭ୍ୟମାନଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି ।

୨– ଗୃହର ଏକ-ଦ୍ୱାଦଶାଂଶ ସଭ୍ୟ ରାଜ୍ୟରେ ଅନ୍ୟୁନ ୩ ବର୍ଷ ଧରି ବାସ କରୁଥିବା ସ୍ନାତକ (Graduate) ମାନଙ୍କୁ ନେଇ ଗଠିତ ନିର୍ବାଚକ ମଣ୍ଡଳୀ ଦ୍ୱାରା ନିର୍ବାଚିତ ହୁଅନ୍ତି ।

୩– ଗୃହର ଏକ-ଦ୍ୱାଦଶାଂଶ ସଭ୍ୟ ମାଧ୍ୟମିକ ବିଦ୍ୟାଳୟରେ ଅନ୍ୟୁନ ୩ ବର୍ଷ ଶିକ୍ଷାଦାନ କରିଥିବା ଶିକ୍ଷକମାନଙ୍କୁ ନେଇ ଗଠିତ ନିର୍ବାଚକ ମଣ୍ଡଳୀ ଦ୍ୱାରା ନିର୍ବାଚିତ ହୁଅନ୍ତି ।

୪ – ଗୃହର ଏକ-ତୃତୀୟାଂଶ ସଭ୍ୟ ରାଜ୍ୟ ବିଧାନସଭାର ସଭ୍ୟମାନଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି ।

୫– ଗୃହର ଅବଶିଷ୍ଟ ଏକ ଷଷ୍ଠାଂଶ ସଭ୍ୟଙ୍କୁ ରାଜ୍ୟପାଳ ସାହିତ୍ୟ, ବିଜ୍ଞାନ, କଳା, ସମବାୟ ଆନ୍ଦୋଳନ ଏବଂ

ସମାଜ ସେବା କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିଙ୍କ ମଧ୍ୟରୁ ମନୋନୀତ କରନ୍ତି ।

**ଯୋଗ୍ୟତା :**

ରାଜ୍ୟ ବିଧାନ ପରିଷଦର ସଭ୍ୟ ହେବା ପାଇଁ ନିମ୍ନୋକ୍ତ ଯୋଗ୍ୟତା ଥିବା ଆବଶ୍ୟକ ।

୧- ସେ ଜଣେ ଭାରତୀୟ ନାଗରିକ ହୋଇଥିବେ ।

୨- ତାଙ୍କର ବୟସ ଅନ୍ୟୁନ ୩୦ ବର୍ଷ ହୋଇଥିବ ।

୩- ସଂସଦ ଦ୍ୱାରା ପ୍ରଣୀତ ଆଇନରେ ନିର୍ଦ୍ଧାରିତ ଅନ୍ୟ ସମସ୍ତ ଯୋଗ୍ୟତା ତାଙ୍କର ଥିବ ।

ରାଜ୍ୟବିଧାନ ପରିଷଦର ଅଧିବେଶନ କାର୍ଯ୍ୟ ପରିଚାଳନା ପାଇଁ ଜଣେ ନିର୍ବାଚିତ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ରହିଥାଆନ୍ତି । ଯଦି ବିଧାନ ମଣ୍ଡଳଟି ଦ୍ୱି-ସଦନୀୟ ହୋଇଥାଏ, ତେବେ ଉଭୟ ବିଧାନସଭା ଓ ବିଧାନ ପରିଷଦରେ ଚିଠା ଆଇନ (ବିଲ୍) ଗୃହୀତ ହେବା ପରେ ରାଜ୍ୟପାଳଙ୍କ ସମ୍ମତି ପାଇଁ ପଠାଯାଏ । ରାଜ୍ୟ ବିଧାନସଭାର କ୍ଷମତା ରାଜ୍ୟ ବିଧାନ ପରିଷଦ ଠାରୁ ଅଧିକ ।


## ରାଜ୍ୟ ନ୍ୟାୟପାଳିକା

ଦେଶର ସର୍ବୋଚ୍ଚ ନ୍ୟାୟାଳୟ, ରାଜ୍ୟର ଉଚ୍ଚ ନ୍ୟାୟାଳୟ ଓ ଜିଲ୍ଲାସ୍ତରୀୟ ଅଦାଲତକୁ ନେଇ ଏକ ତ୍ରି-ସ୍ତରୀୟ ନ୍ୟାୟପାଳିକା ସଂସ୍ଥା ଆମ ଦେଶରେ କାର୍ଯ୍ୟ କରୁଅଛି । ଉଚ୍ଚନ୍ୟାୟାଳୟ ଏବଂ ଜିଲ୍ଲାସ୍ତରୀୟ ଅଧସ୍ତନ ନ୍ୟାୟାଳୟଗୁଡ଼ିକୁ ନେଇ ରାଜ୍ୟ ନ୍ୟାୟପାଳିକା ଗଠିତ ।

**ଉଚ୍ଚ ନ୍ୟାୟାଳୟ :**

ସମ୍ବିଧାନର ୨୧୪ ଧାରା ଅନୁଯାୟୀ ପ୍ରତ୍ୟେକ ରାଜ୍ୟ ପାଇଁ ଗୋଟିଏ ଉଚ୍ଚନ୍ୟାୟାଳୟ ରହିବ । ମାତ୍ର ଦୁଇ କିମ୍ବା ତତୋଽଧିକ ରାଜ୍ୟମାନଙ୍କ ପାଇଁ ଗୋଟିଏ ଉଚ୍ଚ ନ୍ୟାୟାଳୟ ଗଠନ କରାଯିବାର କ୍ଷମତା ସଂସଦର ଅଛି ।

ଓଡ଼ିଶାର ଉଚ୍ଚନ୍ୟାୟାଳୟ କଟକଠାରେ ଅବସ୍ଥାପିତ । ଏହା ୧୯୪୮ ମସିହାରେ ସ୍ଥାପିତ ହୋଇଅଛି । ପୂର୍ବରୁ ବିହାର ଓ ଓଡ଼ିଶା ପାଇଁ ବିହାରର ପାଟନାଠାରେ ଗୋଟିଏ ଉଚ୍ଚ ନ୍ୟାୟାଳୟ ଥିଲା ।



**(ଓଡ଼ିଶା ଉଚ୍ଚ ନ୍ୟାୟାଳୟ)**

**ଗଠନ :**

ପ୍ରତି ଉଚ୍ଚନ୍ୟାୟାଳୟ ଜଣେ ମୁଖ୍ୟବିଚାରପତି ଏବଂ ଏକାଧିକ ବିଚାରପତିଙ୍କୁ ନେଇ ଗଠିତ । ସେମାନେ ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ହୁଅନ୍ତି । ରାଜ୍ୟପାଳ ନବନିଯୁକ୍ତ ବିଚାରପତିମାନଙ୍କୁ ଶପଥ ପାଠ କରାନ୍ତି ।

**ତୁମପାଇଁ କାମ :**

ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଓ ବିଚାରପତିମାନଙ୍କ ନାମ ସଂଗ୍ରହ କର ।

ବର୍ତ୍ତମାନ ଦେଶରେ କାର୍ଯ୍ୟରତ ଉଚ୍ଚନ୍ୟାୟାଳୟ ମାନଙ୍କର ତାଲିକା ପ୍ରସ୍ତୁତ କର ।

**ବିଚାରପତିଙ୍କ ଯୋଗ୍ୟତା :**

ଉଚ୍ଚନ୍ୟାୟାଳୟର ବିଚାରପତି ଭାବେ ନିଯୁକ୍ତି ହେବା ପାଇଁ ଜଣେ ବ୍ୟକ୍ତିଙ୍କର ନିମ୍ନଲିଖିତ ଯୋଗ୍ୟତା ଥିବା ଆବଶ୍ୟକ ।

୧- ସେ ଜଣେ ଭାରତୀୟ ନାଗରିକ ହୋଇଥିବେ ।

୨- କୌଣସି ଏକ ବା ଏକାଧିକ ଉଚ୍ଚନ୍ୟାୟାଳୟରେ ଅନ୍ୟୁନ ଦଶବର୍ଷ ଆଡ଼ଭୋକେଟ୍ ବା ଅଧିବକ୍ତା ଭାବେ କାର୍ଯ୍ୟ କରିବାର ଅଭିଜ୍ଞତା ତାଙ୍କର ଥିବ; କିମ୍ବା

ଭାରତବର୍ଷର ଯେକୌଣସି ସ୍ଥାନରେ ଅନ୍ୟୁନ ଦଶବର୍ଷ ପାଇଁ ବିଚାର ବିଭାଗୀୟ ପଦବୀରେ ସେ ଅଧିଷ୍ଠିତ ହୋଇଥିବେ ।

**ତୁମେ ଜାଣିଛ କି ?**

ଓଡ଼ିଶା ଉଚ୍ଚନ୍ୟାୟାଳୟରେ ପ୍ରଧାନ ବିଚାରପତିଙ୍କୁ ମିଶାଇ ସମୁଦାୟ ୨୭ ଜଣ ବିଚାରପତି ରହି ପାରିବେ ।

**କାର୍ଯ୍ୟକାଳ :**

ଥରେ ନିଯୁକ୍ତ ହେଲେ ଉଚ୍ଚ ନ୍ୟାୟାଳୟର ବିଚାରପତିମାନେ ୬୨ ବର୍ଷ ବୟସ ପର୍ଯ୍ୟନ୍ତ କାର୍ଯ୍ୟ କରନ୍ତି ଓ ୬୨ ବର୍ଷ ବୟସରେ ଅବସର ଗ୍ରହଣ କରନ୍ତି । ସ୍ୱ-ଇଚ୍ଛାରେ ବିଚାରପତିମାନେ ରାଷ୍ଟ୍ରପତିଙ୍କୁ ସମ୍ବୋଧନ କରି ଲିଖିତ ଭାବରେ ନିଜ ପଦବୀରୁ ଇସ୍ତଫା ପ୍ରଦାନ କରିପାରିବେ । ଉଚ୍ଚନ୍ୟାୟାଳୟର ବିଚାରପତିମାନେ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ବଦଳି ହୋଇଥାଆନ୍ତି । ସର୍ବୋଚ୍ଚ ନ୍ୟାୟାଳୟ ଓ ଉଚ୍ଚ ନ୍ୟାୟାଳୟର ବିଚାରପତି ମାନଙ୍କର ବହିଷ୍କାର ପ୍ରଣାଳୀ ବସ୍ତୁତଃ ସମାନ । ଆବଶ୍ୟକୀୟ ଦୁଇ-ତୃତୀୟାଂଶ ସଭ୍ୟଙ୍କର ସମର୍ଥନ ପାଇ ସଂସଦର ଉଭୟ ଗୃହରେ ବହିଷ୍କାର ପ୍ରସ୍ତାବ ଗୃହୀତ ହେଲାପରେ ରାଷ୍ଟ୍ରପତିଙ୍କ ଦ୍ୱାରା ବିଚାରପତି ପଦଚ୍ୟୁତ ହୁଅନ୍ତି ।

**ରାଜ୍ୟ ଉଚ୍ଚନ୍ୟାୟାଳୟର କ୍ଷେତ୍ରାଧିକାର :**

**୧ - ମୌଳିକ କ୍ଷେତ୍ରାଧିକାର :**

ଉଚ୍ଚ ନ୍ୟାୟାଳୟରେ ଯେଉଁ ବିଷୟଗୁଡ଼ିକ ପାଇଁ ସିଧାସଳଖ ମୋକଦ୍ଦମା ଦାୟର କରାଯାଇ ପାରିବ, ସେଗୁଡ଼ିକ ମୌଳିକ କ୍ଷେତ୍ରାଧିକାର ପରିସର ଭୁକ୍ତ । କୌଣସି ନାଗରିକଙ୍କର ମୌଳିକ ଅଧିକାର କ୍ଷୁର୍ଣ୍ଣ ହେଲେ ସେ ସିଧାସଳଖ ଉଚ୍ଚନ୍ୟାଳୟରେ "ରିଟ୍" (ପରମାଦେଶ) ଆବେଦନ କରିପାରିବେ । (ଧାରା ୨୨୬) । ସଂସଦ, ବିଧାନସଭା ଇତ୍ୟାଦି ନିର୍ବାଚନ ସଂକ୍ରାନ୍ତୀୟ ମୋକଦ୍ଦମା ଉଚ୍ଚନ୍ୟାୟାଳୟରେ ଆଗତ ହୋଇଥାଏ । ଅଦାଲତ ଅବମାନନା, ବିବାହ, ଛାଡ଼ପତ୍ର ଇତ୍ୟାଦି ମୋକଦ୍ଦମାଗୁଡ଼ିକ ମଧ୍ୟ ଉଚ୍ଚନ୍ୟାୟାଳୟର ମୌଳିକ କ୍ଷେତ୍ରାଧିକାର ଅନ୍ତର୍ଭୁକ୍ତ ।

**୨ - ଆବେଦନମୂଳକ କ୍ଷେତ୍ରାଧିକାର (Appellate Jurisdiction) :**

ଆବେଦନମୂଳକ କ୍ଷେତ୍ରାଧିକାର ଉଚ୍ଚନ୍ୟାୟାଳୟର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷମତା । ବିଭିନ୍ନ ଦେୱାନୀ ଓ ଫୌଜଦାରୀ ମାମଲାରେ ଜିଲ୍ଲାସ୍ତରୀୟ ବିଚାରପତି (ଜିଲ୍ଲା ସେସନ୍‌ସ ଜଜ୍/ଦୌରାଜଜ୍)ଙ୍କ ରାୟ ବିରୁଦ୍ଧରେ ଉଚ୍ଚନ୍ୟାୟାଳୟରେ ଆବେଦନ କରାଯାଏ, ଯଦି ଏହି ମୋକଦ୍ଦମା ଗୁଡ଼ିକରେ ଆଇନର ତର୍ଜମା କରାଯିବାର ଆବଶ୍ୟକତା ଥାଏ ।

**୩ - ପର୍ଯ୍ୟବେକ୍ଷଣ କ୍ଷେତ୍ରାଧିକାର :**

ରାଜ୍ୟର ଜିଲ୍ଲାସ୍ତରୀୟ ସମସ୍ତ ନିମ୍ନ ଅଦାଲତ ଉଚ୍ଚନ୍ୟାୟାଳୟ ଦ୍ୱାରା ନିୟନ୍ତ୍ରିତ । ଉଚ୍ଚନ୍ୟାୟାଳୟର ମୁଖ୍ୟ ବିଚାରପତି ଜିଲ୍ଲାସ୍ତରୀୟ ନିମ୍ନ ଅଦାଲତଗୁଡ଼ିକ ପରିଦର୍ଶନ କରନ୍ତି ଏବଂ ଆବଶ୍ୟକୀୟ ନିର୍ଦ୍ଦେଶ ପ୍ରଦାନ କରନ୍ତି । ଉଚ୍ଚ ନ୍ୟାୟାଳୟ ନିମ୍ନ ଅଦାଲତଗୁଡ଼ିକ କାର୍ଯ୍ୟ ନିର୍ବାହ ପଦ୍ଧତି ସ୍ଥିର କରନ୍ତି । ନିମ୍ନ ଅଦାଲତରେ ବିଚାରାଧୀନ ଯେକୌଣସି ମୋକଦ୍ଦମାକୁ ନିଜ ପାଖକୁ ପ୍ରତ୍ୟାହାର କରି ଆଣି ତାହାର ବିଚାର କରିବାର କ୍ଷମତା ଉଚ୍ଚନ୍ୟାୟାଳୟର ଅଛି । ଏତଦ୍‌ବ୍ୟତୀତ ଉଚ୍ଚନ୍ୟାୟାଳୟରେ କାର୍ଯ୍ୟରତ କର୍ମଚାରୀମାନଙ୍କ ଚାକିରୀ ସର୍ତ୍ତାବଳୀ ଉଚ୍ଚନ୍ୟାୟାଳୟ ଦ୍ୱାରା ନିର୍ଦ୍ଧାରିତ ହୁଏ । ପୁନଶ୍ଚ ଜିଲ୍ଲା ଜଜ୍‌ଙ୍କର ନିଯୁକ୍ତି ଓ ପଦୋନ୍ନତି ବେଳେ ରାଜ୍ୟପାଳ ଉଚ୍ଚନ୍ୟାୟାଳୟର ମୁଖ୍ୟବିଚାରପତିଙ୍କ ସହିତ ପରାମର୍ଶ କରନ୍ତି ।

**ନିମ୍ନ ଅଦାଲତ ବା ଅଧସ୍ତନ ଅଦାଲତ :**

ରାଜ୍ୟସ୍ତରରେ ଉଚ୍ଚନ୍ୟାୟାଳୟ ପରି ଜିଲ୍ଲା ଓ ସବ୍‌ଡ଼ିଭିଜନ୍ ବା ଉପଖଣ୍ଡ ସ୍ତରରେ ଦୁଇ ପ୍ରକାର ନ୍ୟାୟାଳୟ କାର୍ଯ୍ୟ କରୁଛନ୍ତି । ସେଗୁଡ଼ିକ ହେଲା - (କ) ଦେୱାନୀ ଅଦାଲତ ଏବଂ

(ଖ) ଫୌଜଦାରୀ ଅଦାଲତ ।

**(କ) ଦେୱାନୀ ଅଦାଲତ :**

ଜମିଜମା ସଂକ୍ରାନ୍ତୀୟ ଏବଂ ଅନ୍ୟାନ୍ୟ ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ସଂପର୍କିତ ମୋକଦ୍ଦମା ଗୁଡ଼ିକ ଯେଉଁ ଅଦାଲତରେ ବିଚାର କରାଯାଏ, ତାହାକୁ ଦେୱାନୀ ଅଦାଲତ କୁହାଯାଏ । ଜିଲ୍ଲାସ୍ତରୀୟ ଜଜ୍ ଓ ସେସନ୍‌ସ (Sessions) କୋର୍ଟ୍ ଜିଲ୍ଲାର ସର୍ବୋଚ୍ଚ ଦେୱାନୀ ଓ ଫୌଜଦାରୀ ଅଦାଲତ । ତେଣୁ ଜିଲ୍ଲା ଜଜଙ୍କୁ ମଧ୍ୟ ଜିଲ୍ଲା ଦୌରା ଜଜ୍ କୁହାଯାଏ । ଦେୱାନୀ ମୋକଦ୍ଦମା ବିଚାର କରିବା ପାଇଁ ଜିଲ୍ଲାସ୍ତରରେ ଜିଲ୍ଲା ଜଜ୍, ଅତିରିକ୍ତ ଜିଲ୍ଲା ଜଜ୍‌ଙ୍କର ଅଦାଲତ ଏବଂ ସବ୍‌ଡ଼ିଭିଜନ ବା ଉପଖଣ୍ଡ ସ୍ତରରେ ସବଜଜ୍‌ଙ୍କର ଏବଂ ମୁନ୍‌ସଫ୍‌ଙ୍କର ଅଦାଲତ ରହିଛି ।

### (ଖ) ଫୌଜଦାରୀ ଅଦାଲତ :

ଯେଉଁ ଅଦାଲତ ଗୁଡ଼ିକରେ ଚୋରୀ, ଡ଼କାୟତି, ଧର୍ଷଣ, ହତ୍ୟା ଇତ୍ୟାଦି ଅପରାଧ ଗୁଡ଼ିକର ବିଚାର କରାଯାଏ, ସେଗୁଡ଼ିକୁ ଫୌଜଦାରୀ ଅଦାଲତ କୁହାଯାଏ । ଏହି ମୋକଦ୍ଦମାଗୁଡ଼ିକର ବିଚାର ପାଇଁ ଜିଲ୍ଲାସ୍ତରରେ ଜିଲ୍ଲା ଦୌରାଜଜ୍, ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଏବଂ ସବ୍‌ଡ଼ିଭିଜନ ବା ଉପଖଣ୍ଡ ସ୍ତରରେ ସବ୍‌ଡ଼ିଭିଜନାଲ୍ ଜୁଡ଼ିସିଆଲ ମାଜିଷ୍ଟ୍ରେଟ୍ ଓ ପ୍ରଥମ ଶ୍ରେଣୀ ଓ ଦ୍ୱିତୀୟ ଶ୍ରେଣୀ କ୍ଷମତା ପ୍ରାପ୍ତ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତ ରହିଛି ।

### ଲୋକ ଅଦାଲତ :

ଅଦାଲତର ପରିସର ବାହାରେ ବିଚାରପତିମାନେ ବିଭିନ୍ନ ଅଞ୍ଚଳ ଗସ୍ତକରି ସେଠାରେ "ଲୋକ ଅଦାଲତ" ପରିଚାଳନା କରି ତାହା ମାଧ୍ୟମରେ ଆପୋଷ ସମାଧାନ ଭିତ୍ତିକ ମୋକଦ୍ଦମା ଗୁଡ଼ିକର ଫଏସଲା କରି ରାୟ ପ୍ରଦାନ କରିବା ବ୍ୟବସ୍ଥାକୁ "ଲୋକ ଅଦାଲତ" କୁହାଯାଏ । ଏହା ଫଳରେ ଗ୍ରାମାଞ୍ଚଳର ଗରିବ ଲୋକମାନଙ୍କୁ ଅଯଥାରେ ଖର୍ଚ୍ଚାନ୍ତ ହୋଇ ବାରମ୍ବାର ଅଦାଲତକୁ ଧାଇଁବାକୁ ପଡ଼େନାହିଁ ।

### କେନ୍ଦ୍ର-ରାଜ୍ୟ ସଂପର୍କ :

ଭାରତୀୟ ସଂଘୀୟ ବ୍ୟବସ୍ଥାରେ ଉଭୟ କେନ୍ଦ୍ର-ରାଜ୍ୟ ମାନଙ୍କର ସ୍ୱତନ୍ତ୍ର ସ୍ଥିତି ସଂବିଧାନ ଦ୍ୱାରା ସ୍ୱୀକୃତ ଓ ସ୍ଥିରୀକୃତ ହୋଇଅଛି । ଉଭୟ ସରକାରଙ୍କ ମଧ୍ୟରେ ସମନ୍ୱୟ ତଥା ସହଯୋଗ ପ୍ରତିଷ୍ଠା କରିବା ପାଇଁ ତଥା ସେମାନଙ୍କୁ ନିଜ ନିଜ କାର୍ଯ୍ୟ ପରିସର ମଧ୍ୟରେ ସ୍ୱତନ୍ତ୍ର ଭାବେ କାର୍ଯ୍ୟ କରିବା ପାଇଁ ସମ୍ବିଧାନରେ କେତେକ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ରହିଛି । ଭାରତରେ ପ୍ରଚଳିତ କେନ୍ଦ୍ର-ରାଜ୍ୟ ସମ୍ପର୍କ ତିନି ପ୍ରକାରର -

(୧) ବ୍ୟବସ୍ଥାପିକା ସମ୍ପର୍କ,

(୨) ପ୍ରଶାସନିକ ସମ୍ପର୍କ, ଏବଂ

(୩) ଅର୍ଥ ସମ୍ବନ୍ଧୀୟ ସମ୍ପର୍କ ।

**୧ - ବ୍ୟବସ୍ଥାପିକା ସମ୍ପର୍କ :** କେନ୍ଦ୍ର ସଂସଦ ଓ ରାଜ୍ୟ ବିଧାନମଣ୍ଡଳମାନେ କେଉଁ ବିଷୟରେ ଆଇନ୍ ପ୍ରଣୟନ କରିବେ, ତାହା ସଂବିଧାନ ଦ୍ୱାରା ସ୍ଥିର କରାଯାଇଅଛି । ସଂବିଧାନରେ ତିନି ଗୋଟି ତାଲିକା ରହିଅଛି ଯଥା : (କ) କେନ୍ଦ୍ର ତାଲିକା, (ଖ) ରାଜ୍ୟ ତାଲିକା ଏବଂ (ଗ) ଯୁଗ୍ମ ତାଲିକା ।

ସାଧାରଣତଃ କେନ୍ଦ୍ର ତାଲିକା ଅନ୍ତର୍ଭୁକ୍ତ ବିଷୟ ଗୁଡ଼ିକ, ଯଥା : - ପ୍ରତିରକ୍ଷା, ରେଳ, ଡ଼ାକ ବିଭାଗ ସମ୍ପର୍କରେ କେନ୍ଦ୍ର ସଂସଦ ଆଇନ୍ ପ୍ରଣୟନ କରିବେ । ରାଜ୍ୟ ତାଲିକାଭୁକ୍ତ ବିଷୟଗୁଡ଼ିକ (ଯଥା : କୃଷି ଓ ଜଙ୍ଗଲ) ସଂପର୍କରେ ରାଜ୍ୟ ବିଧାନମଣ୍ଡଳ ଆଇନ ପ୍ରଣୟନ କରିବେ । ଯୁଗ୍ମ ତାଲିକା ଅନ୍ତର୍ଭୁକ୍ତ ବିଷୟଗୁଡ଼ିକ (ଯଥା - ବିବାହ, ଛାଡ଼ପତ୍ର) ଉପରେ ଉଭୟ କେନ୍ଦ୍ର ସଂସଦ ଓ ରାଜ୍ୟ ବିଧାନମଣ୍ଡଳ ଆଇନ୍ ପ୍ରଣୟନ କରିବେ । ଯଦି ଯୁଗ୍ମ ତାଲିକା ଅନ୍ତର୍ଭୁକ୍ତ ବିଷୟରେ କେନ୍ଦ୍ର ସଂସଦ ଓ ରାଜ୍ୟ ବିଧାନମଣ୍ଡଳ ଦ୍ୱାରା ପ୍ରଣୀତ ଆଇନ ମଧ୍ୟରେ ବିବାଦ ଉପୁଜେ, ତାହା ହେଲେ କେନ୍ଦ୍ର ସଂସଦ ଦ୍ୱାରା ପ୍ରଣୀତ ଆଇନ୍ ବଳବତ୍ତର ରହିବ । ମାତ୍ର ରାଜ୍ୟ ବିଧାନମଣ୍ଡଳ ଦ୍ୱାରା ପ୍ରଣୀତ ଆଇନ୍‌ଟି ଯଦି ରାଷ୍ଟ୍ରପତିଙ୍କର ଅନୁମୋଦନ ପ୍ରାପ୍ତ ହୋଇଥାଏ, ତାହା ହେଲେ ରାଜ୍ୟ ବିଧାନମଣ୍ଡଳ ଦ୍ୱାରା ପ୍ରଣୀତ ଆଇନ୍‌ଟି ବଳବତ୍ତର ରହିବ ।

ନିମ୍ନୋକ୍ତ କେତେକ ସ୍ୱତନ୍ତ୍ର ପରିସ୍ଥିତିରେ ସଂସଦ ଚାହିଁଲେ ରାଜ୍ୟମାନଙ୍କ ପାଇଁ ଆଇନ୍ ପ୍ରଣୟନ କରିଥାଏ । ଯଥା :-

କ. ଯେତେବେଳେ ୩୫୨ ଧାରା ଅନୁଯାୟୀ ଦେଶରେ ଜାତୀୟ ଜରୁରୀ ପରିସ୍ଥିତି ଘୋଷଣା କରାଯାଇଥାଏ ।

ଖ. ଯେତେବେଳେ କୌଣସି ରାଜ୍ୟରେ ୩୫୬ ଧାରା ଅନୁଯାୟୀ ରାଷ୍ଟ୍ରପତି ଶାସନ ଘୋଷଣା କରାଯାଇଥାଏ ।

ଗ. ଯେତେବେଳେ ରାଜ୍ୟସଭାର ଦ୍ୱି-ତୃତୀୟାଂଶ ସଭ୍ୟଙ୍କ ସମର୍ଥନରେ ଗୃହୀତ ଏକ ପ୍ରସ୍ତାବ ଅନୁସାରେ ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ସଂସଦ ରାଜ୍ୟତାଲିକା ଭୁକ୍ତ ବିଷୟ ଉପରେ ଆଇନ୍ ପ୍ରଣୟନ କରିବା ଆବଶ୍ୟକ ମନେହୁଏ ।

ଘ. ଯେତେବେଳେ ଦୁଇ ବା ତତୋଧିକ ରାଜ୍ୟର ବିଧାନମଣ୍ଡଳ ଏକ ପ୍ରସ୍ତାବ ଗ୍ରହଣ କରନ୍ତି ଯେ ସଂସଦ ସେମାନଙ୍କ ପାଇଁ ଆଇନ୍ ପ୍ରଣୟନ କରିବାର ଆବଶ୍ୟକତା ରହିଛି ।

ଙ. ଯେତେବେଳେ କୌଣସି ଆନ୍ତର୍ଜାତିକ ଚୁକ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ତାଲିକା ବିଷୟ ଉପରେ ଆଇନ୍ ପ୍ରଣୟନ କରିବା ଆବଶ୍ୟକ ହୁଏ ।

**୨ - ପ୍ରଶାସନିକ ସମ୍ପର୍କ :** ଯେଉଁ ବିଷୟଗୁଡ଼ିକ ଉପରେ କେନ୍ଦ୍ର ଓ ରାଜ୍ୟ ସରକାର ଆଇନ୍ ପ୍ରଣୟନ କରନ୍ତି, ସେହି ବିଷୟଗୁଡ଼ିକ ଉପରେ ସେମାନଙ୍କର ଯଥୋଚିତ ପ୍ରଶାସନିକ ନିୟନ୍ତ୍ରଣ ରହିଥାଏ । ତେଣୁ କେନ୍ଦ୍ରସରକାର ଏବଂ ରାଜ୍ୟସରକାରମାନଙ୍କର ପ୍ରଶାସନିକ କ୍ଷମତା ପରିସର ଭିନ୍ନ ଏବଂ ଉଭୟ ସରକାର ନିଜ କାର୍ଯ୍ୟ ପରିସର ମଧ୍ୟରେ ପ୍ରାୟତଃ ସ୍ୱତନ୍ତ୍ର

ଓ ସ୍ୱୟଂ-ଶାସିତ । ମାତ୍ର କେତେକ ପରିସ୍ଥିତିରେ ସଂଘୀୟ ସମନ୍ୱୟ ରକ୍ଷା କରିବା ପାଇଁ କେନ୍ଦ୍ର ସରକାର, ରାଜ୍ୟ ସରକାରମାନଙ୍କ ଉପରେ ବିଭିନ୍ନ ପ୍ରଶାସନିକ ନିୟନ୍ତ୍ରଣ ଜାରି କରିଥାଏ ।

କ - କେନ୍ଦ୍ର ସରକାର ରାଜ୍ୟ ସରକାରମାନଙ୍କୁ ପ୍ରଶାସନିକ କ୍ଷେତ୍ରରେ ଆବଶ୍ୟକୀୟ ନିର୍ଦ୍ଦେଶ ଦେଇଥାନ୍ତି ଯେ

ରାଜ୍ୟ ସରକାରଙ୍କର ପ୍ରଶାସନିକ କ୍ଷମତା ପ୍ରୟୋଗ ବେଳେ କେନ୍ଦ୍ର ସରକାରଙ୍କ ଆଇନର ବିରୁଦ୍ଧାଚରଣ ନହେବା ବାଞ୍ଛନୀୟ ।

ଖ - ଜାତୀୟ ତଥା ସାମରିକ ପ୍ରାଧାନ୍ୟ ଦୃଷ୍ଟିରୁ ରାଜ୍ୟ ମଧ୍ୟରେ ଥିବା ଯାତାୟତର ବ୍ୟବସ୍ଥା ଏବଂ ରେଳ ଓ ଜଳପଥ ଯୋଗାଯୋଗର ନିର୍ମାଣ ଓ ରକ୍ଷଣାବେକ୍ଷଣ ପାଇଁ ରାଷ୍ଟ୍ରପତି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତି ।

ଗ - ରାଜ୍ୟ-ରାଜ୍ୟ ମଧ୍ୟରେ ବିବାଦର ସମାଧାନ ଏବଂ ସେମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ରାଷ୍ଟ୍ରପତିଙ୍କ ଦ୍ୱାରା ଆନ୍ତଃରାଜ୍ୟ ପରିଷଦ ଗଠିତ ହୋଇଛି ।

ଘ - ସମଗ୍ର ଦେଶରେ ପ୍ରଶାସନିକ ଏକତା ଓ ସମନ୍ୱୟ ବଜାୟ ରଖିବା ପାଇଁ କେତେଗୁଡ଼ିଏ ଆୟୋଗ ପ୍ରତିଷ୍ଠା କରାଯିବା ପାଇଁ ସାମ୍ବିଧାନିକ ବ୍ୟବସ୍ଥା ରହିଅଛି । ଯଥା - କେନ୍ଦ୍ର ଲୋକସେବା ଆୟୋଗ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଓ ଅର୍ଥ ଆୟୋଗ ଇତ୍ୟାଦି ।

ଙ - ସର୍ବଭାରତୀୟ ପ୍ରଶାସନିକ ସେବା (IAS) ଓ ସର୍ବଭାରତୀୟ ପୋଲିସ୍ ସେବା (IPS) ପରି ସର୍ବଭାରତୀୟ ସେବା ମାଧ୍ୟମରେ କେନ୍ଦ୍ର ପ୍ରଶାସନ ଓ ରାଜ୍ୟ ପ୍ରଶାସନ ଉଭୟେ ସଂପର୍କିତ ।

ଚ - ରାଜ୍ୟପାଳ ସମ୍ମିଳନୀ, ମୁଖ୍ୟମନ୍ତ୍ରୀ ସମ୍ମିଳନୀ ଓ ବାଚସ୍ପତି ସମ୍ମିଳନୀ ମାଧ୍ୟମରେ କେନ୍ଦ୍ର ସରକାର, ରାଜ୍ୟ ସରକାରମାନଙ୍କୁ ବିଭିନ୍ନ ନିର୍ଦ୍ଦେଶ ଦେଇ ସମଗ୍ର ଦେଶରେ ଏକ ସମନ୍ୱିତ ପ୍ରଶାସନିକ ବ୍ୟବସ୍ଥା ପ୍ରତିଷ୍ଠା କରିଅଛନ୍ତି ।

### ୩। ଅର୍ଥ ସମ୍ବନ୍ଧୀୟ ସମ୍ପର୍କ :

କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ମଧ୍ୟରେ ଆର୍ଥିକ ସମ୍ପର୍କ ସଂବିଧାନ ଦ୍ୱାରା ସ୍ୱୀକୃତ । ସାଧାରଣତଃ ଦକ୍ଷତା, ପ୍ରାଚୁର୍ଯ୍ୟ, ଏବଂ ଯୋଗ୍ୟତା ଭିତ୍ତିରେ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ମଧ୍ୟରେ ସମ୍ବଳର ବଣ୍ଟନ କରାଯାଏ ।

ସାଧାରଣତଃ କେନ୍ଦ୍ର ତାଲିକାଭୁକ୍ତ ବିଷୟ ଉପରେ ଆଦାୟ ହେଉଥିବା 'କର' ବା 'ଟିକସ' କେନ୍ଦ୍ର ସରକାର ପାଆନ୍ତି । ରାଜ୍ୟ ତାଲିକା ଭୁକ୍ତ ବିଷୟ ଉପରେ ଆଦାୟ ହେଉଥିବା 'କର' ରାଜ୍ୟ ସରକାର ପାଆନ୍ତି । ମାତ୍ର କେନ୍ଦ୍ର ସରକାର ନିଜର ସମ୍ବଳର କେତେକାଂଶ ରାଜ୍ୟ ସରକାରମାନଙ୍କ ମଧ୍ୟରେ ବଣ୍ଟନ କରନ୍ତି ।

କ - କେତେକ 'କର' ବା ଟିକସ କେନ୍ଦ୍ର ସରକାର ବସାନ୍ତି, ମାତ୍ର ରାଜ୍ୟ ସରକାର ଆଦାୟ କରନ୍ତି ଏବଂ ଖର୍ଚ୍ଚ କରନ୍ତି । ଯଥା - ଷ୍ଟାମ୍ପ ଡ଼ିଉଟି ବା ଷ୍ଟାମ୍ପ ଟିକସ ।

ଖ - କେତେକ 'କର' ବା 'ଟିକସ' କେନ୍ଦ୍ର ସରକାର ବସାନ୍ତି ଓ ଆଦାୟ କରନ୍ତି, ମାତ୍ର ଆଦାୟ ହେଉଥିବା ଅର୍ଥ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ମଧ୍ୟରେ ବଣ୍ଟାଯାଏ । ଯଥା - ଆୟକର ।

ଗ - କେନ୍ଦ୍ର ସରକାର ରାଜ୍ୟ ସରକାରମାନଙ୍କୁ ବାର୍ଷିକ ଅନୁଦାନ ବା 'ଗ୍ରାଣ୍ଟସ୍-ଇନ୍-ଏଡ୍' 'Grants-inAid' ଏବଂ 'ସମତୁଲ ଅନୁଦାନ' (ମ୍ୟାଚିଙ୍ଗ୍ ଗ୍ରାଣ୍ଟ) ପ୍ରଦାନ କରେ ।

ଘ - କେନ୍ଦ୍ର ସରକାର ଗରିବ ରାଜ୍ୟମାନଙ୍କୁ ସ୍ୱତନ୍ତ୍ର ଗ୍ରାଣ୍ଟ ବା ଅନୁଦାନ ଦିଅନ୍ତି ।

ଙ - ଅନୁସୂଚୀତ ଜାତି ଓ ଜନଜାତିଙ୍କର କଲ୍ୟାଣ ପାଇଁ କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ସ୍ୱତନ୍ତ୍ର ସାହାଯ୍ୟ ପ୍ରଦାନ କରନ୍ତି ।

ଚ - ରାଜ୍ୟରେ ବିଭିନ୍ନ ପ୍ରକଳ୍ପ ଓ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର ସରକାର ସ୍ୱତନ୍ତ୍ର ଅର୍ଥ ଅନୁଦାନ ଦିଅନ୍ତି ।

ଛ - ସଂବିଧାନର ୨୮୦ ଧାରା ଅନୁସାରେ ରାଷ୍ଟ୍ରପତି ପ୍ରତି ପାଞ୍ଚ ବର୍ଷରେ ଗୋଟିଏ ଲେଖାଏ 'ଅର୍ଥ ଆୟୋଗ' ନିଯୁକ୍ତ କରିଥାଆନ୍ତି । ଅର୍ଥ ଆୟୋଗ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମ୍ବଳ ବଣ୍ଟନର ନୀତି ନିର୍ଦ୍ଧାରଣ କରନ୍ତି ।

ଭାରତରେ କେନ୍ଦ୍ର ରାଜ୍ୟ ସମ୍ପର୍କକୁ ପର୍ଯ୍ୟାଲୋଚନା କଲେ ଜଣାପଡ଼େ ଯେ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ ଅପେକ୍ଷା ଅଧିକ କ୍ଷମତାଶାଳୀ । ବ୍ୟବସ୍ଥାପିକା, ପ୍ରଶାସନିକ ଏବଂ ଅର୍ଥ ସମ୍ବନ୍ଧୀୟ ସଂପର୍କ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଉପରେ କେନ୍ଦ୍ର ସରକାରଙ୍କର ଯଥେଷ୍ଟ ଆଧିପତ୍ୟ ରହିଅଛି । ତେଣୁ ଭାରତକୁ ଏକ "ଅର୍ଦ୍ଧ-ସଂଘୀୟ ରାଷ୍ଟ୍ର" ବା "କେନ୍ଦ୍ରୀଭୂତ-ସଂଘୀୟ ରାଷ୍ଟ୍ର" (Centralized Federation) କୁହାଯାଏ ।

**ଆମେ କ'ଣ ଶିଖିଲେ :**

୧. ରାଜ୍ୟର ସାମ୍ବିଧାନିକ ଶାସନ ମୁଖ୍ୟ ହେଉଛନ୍ତି ରାଜ୍ୟପାଳ ।

୨. ରାଜ୍ୟ ବିଧାନସଭା ନିକଟରେ ଉତ୍ତରଦାୟୀ ଥିବା ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରିପରିଷଦର ଉପଦେଶ ଓ ପରାମର୍ଶ ଅନୁସାରେ ସେ ନିଜର ଦାୟିତ୍ୱ ତୁଲାଇ ଥାଆନ୍ତି ।

୩. କେତେକ କ୍ଷେତ୍ରରେ ତାଙ୍କର 'ସ୍ୱେଚ୍ଛାଧୀନ କ୍ଷମତା' ରହିଛି, ଯାହା ସେ ନିଜର ଇଚ୍ଛା ଅନୁସାରେ ପ୍ରୟୋଗ କରନ୍ତି ଏବଂ ମନ୍ତ୍ରିପରିଷଦର ପରାମର୍ଶ ଗ୍ରହଣ କରିବାକୁ ସେ ବାଧ୍ୟ ନୁହନ୍ତି ।

୪. ରାଜ୍ୟପାଳ ରାଜ୍ୟପ୍ରଶାସନର ସାମ୍ବିଧାନିକ ମୁଖ୍ୟ ଏବଂ କେନ୍ଦ୍ର ସରକାରଙ୍କର ପ୍ରତିନିଧି ଭାବରେ ସେ ନିଜର ଭୂମିକା ତୁଲାଇ ଥାଆନ୍ତି ।

୫. ବିଧାନସଭାରେ ସଂଖ୍ୟାଗରିଷ୍ଠ ଆସନ ପାଇଥିବା ଦଳର ନେତାଙ୍କୁ ରାଜ୍ୟପାଳ ମୁଖ୍ୟମନ୍ତ୍ରୀ ଭାବରେ ନିଯୁକ୍ତି ଦିଅନ୍ତି ଓ ତାଙ୍କ ପରାମର୍ଶକ୍ରମେ ଅନ୍ୟ ମନ୍ତ୍ରୀମାନଙ୍କୁ ନିଯୁକ୍ତ କରନ୍ତି ଓ ସେମାନଙ୍କ ମଧ୍ୟରେ ବିଭାଗ ବଣ୍ଟନ କରନ୍ତି ।

୬. ରାଜ୍ୟ ମନ୍ତ୍ରିମଣ୍ଡଳ ବିଧାନ ସଭା ନିକଟରେ ଉତ୍ତରଦାୟୀ । ବିଧାନ ସଭାରେ ଅନାସ୍ଥା ପ୍ରସ୍ତାବ ଗୃହୀତ ହେଲେ ମନ୍ତ୍ରିମଣ୍ଡଳ ଇସ୍ତଫା ଦେଇଥାଏ ।

୭. ମୁଖ୍ୟମନ୍ତ୍ରୀଙ୍କର କାର୍ଯ୍ୟାବଳୀ ବିବିଧ ଏବଂ ବ୍ୟାପ୍ତ ।

୮. ରାଜ୍ୟ ବିଧାନ ମଣ୍ଡଳ ରାଜ୍ୟପାଳ, ବିଧାନ ସଭା ଓ ବିଧାନ ପରିଷଦକୁ ନେଇ ଗଠିତ । ଭାରତର ୭ଟି ରାଜ୍ୟରେ ବିଧାନ ପରିଷଦ ଅଛି ।

୯. ବିଧାନ ମଣ୍ଡଳ ରାଜ୍ୟ ତାଲିକାରେ ଅନ୍ତର୍ଭୁକ୍ତ ବିଷୟ ଉପରେ ଆଇନ ପ୍ରଣୟନ କରେ । ଯୁଗ୍ମ ତାଲିକାରେ ଅନ୍ତର୍ଭୁକ୍ତ ବିଷୟରେ ଉଭୟ କେନ୍ଦ୍ର ସଂସଦ ଓ ରାଜ୍ୟ ବିଧାନ ମଣ୍ଡଳ ଆଇନ ପ୍ରଣୟନ କରି ପାରିବେ ।

୧୦. ବିଧାନ ମଣ୍ଡଳର ଦୁଇଟି ସଦନ ମଧ୍ୟରୁ ନିମ୍ନ ସଦନ ବିଧାନ ସଭା ହେଉଛି ଉଚ୍ଚ ସଦନ, ବିଧାନ ପରିଷଦ ଠାରୁ ଶକ୍ତିଶାଳୀ ।

୧୧. ସଂବିଧାନର ୨୧୪ ଧାରା ଅନୁଯାୟୀ ପ୍ରତି ରାଜ୍ୟରେ ଏକ ଉଚ୍ଚ ଅଦାଲତ ରହିଥାଏ । ଆବଶ୍ୟକସ୍ଥଳେ ଏକାଧିକ ରାଜ୍ୟପାଇଁ ଗୋଟିଏ ଉଚ୍ଚ ଅଦାଲତ ରହିଥାଏ । ପ୍ରତି ଉଚ୍ଚନ୍ୟାୟାଳୟ ଜଣେ ମୁଖ୍ୟ ବିଚାରପତି ଏବଂ ଏକାଧିକ ବିଚାରପତିଙ୍କୁ ନେଇ ଗଠିତ । ବିଚାରପତିମାନେ ୬୨ ବର୍ଷ ବୟସରେ ଅବସର ଗ୍ରହଣ କରନ୍ତି ।

୧୨. ଓଡ଼ିଶାର ଉଚ୍ଚନ୍ୟାୟାଳୟ ୧୯୪୮ ମସିହାରେ ପ୍ରତିଷ୍ଠିତ । ମୁଖ୍ୟ ବିଚାରପତିଙ୍କୁ ମିଶାଇ ୨୭ ଜଣ ବିଚାରପତି ରହିବାର ବ୍ୟବସ୍ଥା ଅଛି । କଟକଠାରେ ଓଡ଼ିଶାର ଉଚ୍ଚ ନ୍ୟାୟାଳୟ ଅବସ୍ଥିତ ।

୧୩. ରାଜ୍ୟ ଉଚ୍ଚ ଅଦାଲତରେ ମୁଖ୍ୟ ବିଚାରପତି ଓ ଅନ୍ୟ ବିଚାରପତିବୃନ୍ଦ ରାଷ୍ଟ୍ରପତିଙ୍କଦ୍ୱାରା ନିଯୁକ୍ତ ହୁଅନ୍ତି ।

୧୪. ଏହା ମୌଳିକ କ୍ଷେତ୍ରାଧିକାର ଓ ଆବେଦନମୂଳକ କ୍ଷେତ୍ରାଧିକାର ଉପଭୋଗ କରେ ।

୧୫. ଏହା ନିମ୍ନ ଅଦାଲତର କାର୍ଯ୍ୟାବଳୀ ପର୍ଯ୍ୟବେକ୍ଷଣ କରିଥାଏ ।

୧୬. ଭାରତ ଏକ ସଂଘୀୟ ରାଷ୍ଟ୍ର । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱୟ ରଖିବାପାଇଁ କେନ୍ଦ୍ର ଓ ରାଜ୍ୟ ସଂପର୍କକୁ ତିନିଭାଗରେ ବିଭକ୍ତ କରାଯାଏ । ୧) ବ୍ୟବସ୍ଥାପିକା, ୨) ପ୍ରଶାସନିକ, ୩) ଆର୍ଥିକ ।

୧୭. କେନ୍ଦ୍ର ସଂସଦ କେନ୍ଦ୍ର ତାଲିକା, ଯୁଗ୍ମ ତାଲିକା ଏବଂ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ରାଜ୍ୟ ତାଲିକା ଅନ୍ତର୍ଭୁକ୍ତ ବିଷୟରେ ଆଇନ ପ୍ରଣୟନ କରିଥାଏ ।

୧୮. ରାଜ୍ୟ ବିଧାନ ମଣ୍ଡଳ ରାଜ୍ୟ ତାଲିକା ଏବଂ ଯୁଗ୍ମ ତାଲିକା ଉପରେ ଆଇନ କରିଥାଏ ।

୧୯. ପ୍ରଶାସନିକ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ରାଜ୍ୟମାନେ ମାନିବାକୁ ବାଧ୍ୟ ।

୨୦. ଆର୍ଥିକ କ୍ଷେତ୍ରରେ କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ବିଭିନ୍ନ ପ୍ରକାର ଆର୍ଥିକ ସାହାଯ୍ୟ କରିଥାନ୍ତି ଓ ଅର୍ଥ ଆୟୋଗର ସୁପାରିଶ କ୍ରମେ ସମ୍ବଳ ବଣ୍ଟନ କରିଥାନ୍ତି ।

## ଜାଣିବା କଥା

- **ରାଜ୍ୟ କାର୍ଯ୍ୟପାଳିକା :** ଭାରତର ପ୍ରତି ରାଜ୍ୟରେ ଗୋଟିଏ ରାଜ୍ୟ ସରକାର ରହିଛି । ରାଜ୍ୟପାଳ ଓ ମନ୍ତ୍ରିପରିଷଦକୁ ନେଇ ରାଜ୍ୟ କାର୍ଯ୍ୟପାଳିକା ଗଠିତ ।
- **କେନ୍ଦ୍ରଶାସିତ ଅଞ୍ଚଳ :** ବର୍ତ୍ତମାନ ଭାରତରେ ସାତଗୋଟି କେନ୍ଦ୍ରଶାସିତ ଅଞ୍ଚଳ ରହିଛି । ଏହି କେନ୍ଦ୍ରଶାସିତ ଅଞ୍ଚଳ ଉପରେ କେନ୍ଦ୍ର ସରକାରଙ୍କର ଅଧିକ ନିୟନ୍ତ୍ରଣ ରହିଥାଏ । ଦିଲ୍ଲୀ, ପୁଦୁଚେରୀ ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜକୁ ବାଦ୍ ଦେଇ ଅନ୍ୟ ୪ଟି ଅଞ୍ଚଳରେ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ଆଡ୍‌ମିନିଷ୍ଟ୍ରେଟର ହେଉଛନ୍ତି ଶାସନ ମୁଖ୍ୟ । ଦିଲ୍ଲୀ, ପୁଦୁଚେରୀ ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର ଶାସନ ମୁଖ୍ୟ ହେଉଛନ୍ତି ଜଣେ ଜଣେ ଉପରାଜ୍ୟପାଳ (ଲେଫ୍‌ଟନାଣ୍ଟ ଗଭର୍ଣ୍ଣର) ।
- **ରାଜ୍ୟପାଳଙ୍କ ସ୍ୱେଚ୍ଛାଧୀନ କ୍ଷମତା :-** ରାଜ୍ୟପାଳ ମନ୍ତ୍ରିମଣ୍ଡଳର ବିନା ପରାମର୍ଶରେ ଯେଉଁ କ୍ଷମତା ପ୍ରୟୋଗ କରିପାରିବେ, ସେଗୁଡ଼ିକୁ ତାଙ୍କର **ଇଚ୍ଛାଧୀନ କ୍ଷମତା** କୁହାଯାଏ । ଏହା ସଂବିଧାନ ସ୍ୱୀକୃତ । ଯଥା :- (୧) ବିଧାନସଭାରେ କୌଣସି ଗୋଟିଏ ଦଳ ବା ମେଣ୍ଟଦଳର ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ନଥିବା ବେଳେ ମୁଖ୍ୟମନ୍ତ୍ରୀ ଚୟନ କରିବା । (୨) ରାଷ୍ଟ୍ରପତିଙ୍କୁ ପାକ୍ଷିକ ରିପୋର୍ଟ ପ୍ରଦାନ କରିବା ।
- **ସମାବର୍ତ୍ତନ ଉତ୍ସବ :-** ପ୍ରତ୍ୟେକ ବିଶ୍ୱବିଦ୍ୟାଳୟଦ୍ୱାରା ପରିଚାଳିତ ବିଭିନ୍ନ ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ତଥା ଗବେଷକମାନଙ୍କୁ ଉପାଧି (Degree) ବା ସାର୍ଟିଫିକେଟ୍ ପ୍ରଦାନ କରିବା ପାଇଁ ପ୍ରତିବର୍ଷ ଏକ ଉତ୍ସବ ଅନୁଷ୍ଠିତ ହୋଇଥାଏ, ଏହାକୁ **ସମାବର୍ତ୍ତନ ଉତ୍ସବ (Convocation)** କୁହାଯାଏ ।
- **ମୁଲତବୀ :-** ସାମୟିକ ଭାବେ ସଭା କାର୍ଯ୍ୟକୁ ବନ୍ଦ ରଖିବାକୁ **ମୁଲତବୀ** କୁହାଯାଏ ।
- **ଅର୍ଥ ଆୟୋଗ :-** କେନ୍ଦ୍ର ଓ ରାଜ୍ୟମାନଙ୍କ ମଧ୍ୟରେ ସମ୍ବଳ ବା ଅର୍ଥ ବଣ୍ଟନ ଏବଂ ବିଭିନ୍ନ ରାଜ୍ୟମାନଙ୍କୁ ପ୍ରଦତ୍ତ ଅନୁଦାନର ପରିମାଣ ନିର୍ଦ୍ଧାରଣ କରିବା ପାଇଁ ରାଷ୍ଟ୍ରପତି ପ୍ରତି ୫ ବର୍ଷରେ ଥରେ ଏକ ଆୟୋଗ ନିଯୁକ୍ତ କରିଥାନ୍ତି । ତାହାକୁ **ଅର୍ଥ ଆୟୋଗ** କୁହାଯାଏ ।

## ପ୍ରଶ୍ନାବଳୀ

**୧ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୦୦ ଗୋଟି ଶବ୍ଦରେ ଲେଖ ।**

(କ) ରାଜ୍ୟପାଳଙ୍କ ବ୍ୟବସ୍ଥାପିକା କ୍ଷମତା କ'ଣ ?

(ଖ) ମୁଖ୍ୟମନ୍ତ୍ରୀଙ୍କର କାର୍ଯ୍ୟାବଳୀ ବୁଝାଇ ଲେଖ ।

(ଗ) ବିଧାନସଭା କିପରି ଗଠିତ ହୁଏ ?

(ଘ) ଉଚ୍ଚନ୍ୟାୟାଳୟର କ୍ଷେତ୍ରାଧିକାର ବୁଝାଇ ଲେଖ ।

(ଙ) ମନ୍ତ୍ରିପରିଷଦର ଗଠନ କିପରି ହୁଏ ?

**୨ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୪୦ଟି ଶବ୍ଦରେ ଲେଖ ।**

(କ) ରାଜ୍ୟପାଳଙ୍କ ଇଚ୍ଛାଧିନ କ୍ଷମତାଗୁଡ଼ିକ ଲେଖ ।

(ଖ) ବିଧାନସଭାର ଆଇନ ପ୍ରଣୟନ କ୍ଷମତା ବୁଝାଇ ଲେଖ ।

(ଗ) ଉଚ୍ଚ ନ୍ୟାୟାଳୟର ଆବେଦନମୂଳକ କ୍ଷେତ୍ରାଧିକାର ବୁଝାଇ ଲେଖ ।

(ଘ) ବାଚସ୍ପତି କେତେବେଳେ ନିର୍ଣ୍ଣାୟକ ଭୋଟ ଦେଇଥା'ନ୍ତି ?

(ଙ) ନିମ୍ନ ଅଦାଲତ କହିଲେ ତୁମେ କ'ଣ ବୁଝ ?

(ଚ) ଫୌଜଦାରୀ ମୋକଦ୍ଦମା କ'ଣ ?

(ଛ) ଦେଓ୍ୱାନୀ ମୋକଦ୍ଦମା କ'ଣ ?

**୩ । ନିମ୍ନଲିଖିତ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ଲେଖାଏଁ ବାକ୍ୟରେ ଦିଅ ।**

(କ) ରାଜ୍ୟପାଳଙ୍କୁ କିଏ ନିଯୁକ୍ତ କରନ୍ତି ?

(ଖ) ରାଜ୍ୟପାଳଙ୍କ କାର୍ଯ୍ୟକାଳ କେତେ ବର୍ଷ ?

(ଗ) ମୁଖ୍ୟମନ୍ତ୍ରୀଙ୍କୁ କିଏ ନିଯୁକ୍ତି ଦିଅନ୍ତି ?

(ଘ) ରାଜ୍ୟ ମନ୍ତ୍ରିମଣ୍ଡଳ ବୈଠକରେ କିଏ ଅଧ୍ୟକ୍ଷତା କରନ୍ତି ?

(ଙ) ବିଧାନସଭାରେ କିଏ ଅଧ୍ୟକ୍ଷତା କରନ୍ତି ?

(ଚ) ଓଡ଼ିଶାର ଉଚ୍ଚନ୍ୟାୟାଳୟ କେଉଁଠାରେ ଅବସ୍ଥିତ ?

(ଛ) ଉଚ୍ଚନ୍ୟାୟାଳୟ ବିଚାରପତିମାନେ କେତେବର୍ଷ ବୟସରେ ଅବସର ଗ୍ରହଣ କରନ୍ତି ?

**୪ । ନିମ୍ନରେ ଦିଆଯାଇଥିବା ସମ୍ଭାବ୍ୟ ଉତ୍ତରଗୁଡ଼ିକ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ ।**

(କ) ଜାମ୍ମୁ-କାଶ୍ମୀର ରାଜ୍ୟପାଇଁ ସମ୍ବିଧାନର କେଉଁ ଧାରା ଅନୁଯାୟୀ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ପ୍ରଦାନ କରାଯାଇଅଛି ।
(କ) ୩୭୦, (ଖ) ୩୭୪, (ଗ) ୩୭୮, (ଘ) ୩୭୨

(ଖ) ଭାରତର କେତୋଟି ରାଜ୍ୟରେ ଦ୍ୱି-ସଦନୀୟ ବିଧାନ ମଣ୍ଡଳ ଅଛି ।
(କ) ୪, (ଖ) ୫, (ଗ) ୬, (ଘ) ୮

(ଗ) ରାଜ୍ୟପାଳ କେତେ ଦିନରେ ଥରେ ରାଜ୍ୟ ଶାସନ ସଂପର୍କରେ ରାଷ୍ଟ୍ରପତିଙ୍କୁ ରିପୋର୍ଟ ପ୍ରଦାନ କରନ୍ତି ?
(କ) ୧୫ ଦିନ, (ଖ) ୨୦ ଦିନ, (ଗ) ୩୦ ଦିନ, (ଘ) ୬ ମାସ

(ଘ) ରାଜ୍ୟ ସରକାରଙ୍କ କେଉଁ ବିଭାଗ ବଜେଟ୍ ପ୍ରସ୍ତୁତ କରିଥାଏ ?
(କ) ଶିକ୍ଷାବିଭାଗ, (ଖ) ଅର୍ଥବିଭାଗ, (ଗ) ସ୍ୱାସ୍ଥ୍ୟବିଭାଗ, (ଘ) ଗୃହବିଭାଗ

(ଙ) ରାଜ୍ୟ ବିଧାନସଭାର କେତୋଟି ଆସନ ସାଧାରଣ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ?
(କ) ୯୦, (ଖ) ୯୧, (ଗ) ୯୪, (ଘ) ୯୫

❖ ❖ ❖

# ତୃତୀୟ ଅଧ୍ୟାୟ

# ଜିଲ୍ଲା ପ୍ରଶାସନ

MSLJGH

ପ୍ରଶାସନିକ ସୁବିଧା ଦୃଷ୍ଟିରୁ ପ୍ରତିଟି ରାଜ୍ୟକୁ କେତୋଟି ଜିଲ୍ଲାରେ ବିଭକ୍ତ କରାଯାଇଛି । ବର୍ତ୍ତମାନ ଓଡ଼ିଶାର ଜିଲ୍ଲା ସଂଖ୍ୟା




୩୦ । ଜିଲ୍ଲାର ପ୍ରଶାସନିକ ମୁଖ୍ୟ ହେଉଛନ୍ତି **ଜିଲ୍ଲାପାଳ** । ଭାରତରେ ଏହି ଜିଲ୍ଲାପାଳ ପଦବୀ ୱାରେନ୍ ହେଷ୍ଟିଙ୍ଗସ୍‌ଙ୍କ ଦ୍ୱାରା ୧୭୭୨ ମସିହାରେ ସୃଷ୍ଟି ହୋଇଥିଲା । ବ୍ରିଟିଶ୍ ଶାସନ ସମୟରେ ଜିଲ୍ଲାପାଳଙ୍କର ମୁଖ୍ୟତଃ ଦୁଇଟି କାର୍ଯ୍ୟଥିଲା । ଗୋଟିଏ ହେଲା, 'କଲେକ୍ଟର' ଭାବରେ ଭୂ-ରାଜସ୍ୱ ଆଦାୟ କରିବା ଓ ଅନ୍ୟଟି ହେଲା, 'ମାଜିଷ୍ଟ୍ରେଟ୍' ଭାବରେ ମୋକଦ୍ଦମା ବିଚାର କରିବା । ସ୍ୱାଧୀନତା ପରବର୍ତ୍ତୀ ସମୟରେ ଜିଲ୍ଲାପାଳଙ୍କର କ୍ଷମତାର ପରିସର ବୃଦ୍ଧି ପାଇଲା । ଭାରତ ଏକ ଜନମଙ୍ଗଳକାରୀ ରାଷ୍ଟ୍ର ହୋଇଥିବାରୁ ଦେଶର ବିକାଶ ତଥା ସାଧାରଣ ଲୋକଙ୍କର ଅଭାବ ଅସୁବିଧା ପୂରଣ ସଂପର୍କିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କର ଭୂମିକାର ଗୁରୁତ୍ୱ ତଥା କାର୍ଯ୍ୟ ପରିସର ବହୁଗୁଣିତ ହୋଇଗଲା ।

ଜିଲ୍ଲାର ଉନ୍ନୟନ ବା ବିକାଶ ସହିତ ଜିଲ୍ଲାପାଳ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ । ଜିଲ୍ଲାପାଳଙ୍କୁ ବାଦ୍ ଦେଇ ଜିଲ୍ଲାର ଉନ୍ନୟନ କଥା ଚିନ୍ତା କରାଯାଇପାରେ ନାହିଁ ।

ଜିଲ୍ଲାପାଳଙ୍କର କାର୍ଯ୍ୟାଳୟ (କଲେକ୍ଟରେଟ୍) ଜିଲ୍ଲାର ସଦର ମହକୁମାରେ ଅବସ୍ଥିତ । ଜିଲ୍ଲାପାଳ ହେଉଛନ୍ତି ଜିଲ୍ଲା ପ୍ରଶାସନର ସର୍ବୋଚ୍ଚ ଅଧିକାରୀ ।

ପ୍ରଶାସନିକ ସୁବିଧା ପାଇଁ ପ୍ରତି ଜିଲ୍ଲାକୁ କେତେଗୋଟି ଉପଖଣ୍ଡ (ସବ୍‌ଡିଭିଜନ) ଓ ପ୍ରତି ଉପଖଣ୍ଡକୁ କେତେଗୋଟି ତହସିଲ୍‌ରେ ବିଭକ୍ତ କରାଯାଇଅଛି । ପ୍ରତିଟି ତହସିଲ ଶତାଧିକ ଗ୍ରାମକୁ ନେଇ ଗଠିତ । ଜିଲ୍ଲାର ସଦର କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କୁ ପ୍ରଶାସନିକ ସହାୟତା ଦେବାପାଇଁ ଏକ ବା ଏକାଧିକ ଅତିରିକ୍ତ ଜିଲ୍ଲାପାଳ ଓ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଡେପୁଟି କଲେକ୍ଟରମାନେ କାର୍ଯ୍ୟରତ ଅଛନ୍ତି । ଜିଲ୍ଲାରେ ଥିବା ପ୍ରତି ଉପଖଣ୍ଡରେ ଜଣେ 'ଉପଖଣ୍ଡ ଅଧିକାରୀ' (ସବ୍-କଲେକ୍ଟର) ଓ ତହସିଲ ଦାୟିତ୍ୱରେ ଜଣେ 'ତହସିଲ୍‌ଦାର' କାର୍ଯ୍ୟରତ ଅଛନ୍ତି । ସବ୍‌କଲେକ୍ଟର ମୁଖ୍ୟତଃ ଭୂ-ରାଜସ୍ୱ ଓ ଜମିଜମା ସଂକ୍ରାନ୍ତୀୟ ଦାୟିତ୍ୱ ତୁଲାନ୍ତି ।

ଜିଲ୍ଲାପାଳ ପଦରେ ଜଣେ ସର୍ବଭାରତୀୟ ପ୍ରଶାସନିକ ସେବା (ଆଇ.ଏ.ଏସ୍) ଅଧିକାରୀ ନିଯୁକ୍ତ ହୁଅନ୍ତି । ଓଡ଼ିଶାର କେତେକ ଜିଲ୍ଲାରେ ରାଜ୍ୟସ୍ତରୀୟ ବରିଷ୍ଠ ପ୍ରଶାସନିକ ସେବା ଅଧିକାରୀଙ୍କୁ ମଧ୍ୟ ଜିଲ୍ଲାପାଳ ଭାବରେ ଅବସ୍ଥାପିତ କରାଯାଇଅଛି ।

**ଜିଲ୍ଲାପାଳଙ୍କ କାର୍ଯ୍ୟାବଳୀ :**

ଜିଲ୍ଲାପାଳଙ୍କର କାର୍ଯ୍ୟଗୁଡ଼ିକ ମୁଖ୍ୟତଃ **ଚାରି** ପ୍ରକାରର; ଯଥା -

**(୧) ଭୂ-ରାଜସ୍ୱ ଆଦାୟ ଓ ଜମିଜମା ସମ୍ପର୍କିତ କାର୍ଯ୍ୟ**

**(୨) ଶାନ୍ତିଶୃଙ୍ଖଳା ରକ୍ଷା ଓ ଆଇନ୍‌ର ସୁରକ୍ଷା କାର୍ଯ୍ୟ**

**(୩) ଉନ୍ନୟନ ବା ବିକାଶମୂଳକ କାର୍ଯ୍ୟ**

**(୪) ବିବିଧ କାର୍ଯ୍ୟ**

**୧) ଭୂ-ରାଜସ୍ୱ ଆଦାୟ ଓ ଜମିଜମା ସଂପର୍କିତ କାର୍ଯ୍ୟ :**

ଜିଲ୍ଲାପାଳଙ୍କର ପ୍ରଧାନ କର୍ତ୍ତବ୍ୟ ହେଲା ଭୂ-ରାଜସ୍ୱ ଆଦାୟ । ଉପଖଣ୍ଡ ଅଧିକାରୀ ଓ ତହସିଲଦାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାରେ ଭୂ-ରାଜସ୍ୱ ଆଦାୟର ପରିଚାଳନା ଦାୟିତ୍ୱ ଜିଲ୍ଲାପାଳଙ୍କର । ଏତଦ୍‌ବ୍ୟତୀତ ଜମିଜମା ସଂପର୍କିତ କାଗଜପତ୍ରର ରକ୍ଷଣାବେକ୍ଷଣ, ଭୂ-ସଂସ୍କାର କାର୍ଯ୍ୟକ୍ରମର ସୁପରିଚାଳନା, କୃଷିର ବିକାଶ ତଥା ଚାଷୀମାନଙ୍କର ସୁରକ୍ଷା, ଜମି-ଅଧିଗ୍ରହଣ (Land Acquisition) ଇତ୍ୟାଦି କାର୍ଯ୍ୟର ତଦାରଖ ଦାୟିତ୍ୱ ମଧ୍ୟ ଜିଲ୍ଲାପାଳଙ୍କର । ବନ୍ୟା, ମରୁଡ଼ି ଯୋଗୁଁ ଶସ୍ୟ ଉତ୍ପାଦନ କ୍ଷତିଗ୍ରସ୍ତ ହେଲେ, ଜିଲ୍ଲାପାଳ ବିହିତ ପଦକ୍ଷେପ ନିଅନ୍ତି । ଜମିଜମା ସଂପର୍କିତ କେତେକ ମୋକଦ୍ଦମାର ବିଚାର ମଧ୍ୟ ଜିଲ୍ଲାପାଳ କରନ୍ତି ।

**(୨) ଶାନ୍ତିଶୃଙ୍ଖଳା ରକ୍ଷା ଓ ଆଇନ୍‌ର ସୁରକ୍ଷା କାର୍ଯ୍ୟ :**

ଜିଲ୍ଲାରେ ଶାନ୍ତିଶୃଙ୍ଖଳା ରକ୍ଷା ଦାୟିତ୍ୱ ଜିଲ୍ଲାପାଳଙ୍କର । ଜିଲ୍ଲା ଆରକ୍ଷୀ ଅଧିକ୍ଷକ (ପୋଲିସ୍ ସୁପରିଟେଣ୍ଡେଣ୍ଟ) ଓ ତାଙ୍କ ଅଧୀନସ୍ଥ ପୋଲିସ୍ ବାହିନୀଙ୍କ ସହାୟତାରେ ଜିଲ୍ଲାପାଳ ଜିଲ୍ଲାରେ ଶାନ୍ତିଶୃଙ୍ଖଳା ବଜାୟ ରଖନ୍ତି । ଜିଲ୍ଲାପାଳ ନିଜେ ଜଣେ 'କାର୍ଯ୍ୟପାଳିକା ମାଜିଷ୍ଟ୍ରେଟ' (Executive Magistrate) । ଶାନ୍ତିଶୃଙ୍ଖଳା ଭଙ୍ଗର ଆଶଙ୍କା ଥିଲେ, ଜିଲ୍ଲାପାଳ ତତ୍‌କ୍ଷଣାତ୍ ସେଠାରେ ପୋଲିସ୍ ବାହିନୀକୁ ନିୟୋଜିତ କରି ଅବସ୍ଥା ସମ୍ଭାଳି ନିଅନ୍ତି । ଭାରତୀୟ ପୋଲିସ ଆଇନ୍ ଏ କ୍ଷେତ୍ରରେ ଜିଲ୍ଲାପାଳଙ୍କୁ କିଛିଟା ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରିଅଛି । ଜିଲ୍ଲାରେ ଥିବା ଜିଲ୍ଲାସ୍ତରୀୟ କାରାଗାର ଓ ଉପ-କାରାଗାରଗୁଡ଼ିକୁ ସେ ପରିଦର୍ଶନ କରନ୍ତି ଓ ସେଗୁଡ଼ିକର ପରିଚାଳନା ତଦାରଖ କରନ୍ତି । ଏତଦ୍‌ବ୍ୟତୀତ ଜିଲ୍ଲାର ମାସିକ ଅପରାଧ ସମ୍ପର୍କିତ ରିପୋର୍ଟ ବା ବିବରଣୀ ଜିଲ୍ଲାପାଳ ସରକାରଙ୍କ ନିକଟକୁ ନିୟମିତଭାବେ ପଠାନ୍ତି ।

**(୩) ବିକାଶ ବା ଉନ୍ନୟନ ମୂଳକ କାର୍ଯ୍ୟ :**

ସ୍ୱାଧୀନତା ପରବର୍ତ୍ତୀ ସମୟରେ ଜିଲ୍ଲାପାଳମାନଙ୍କର ଉନ୍ନୟନମୂଳକ କାର୍ଯ୍ୟର ପରିସର ବୃଦ୍ଧିପାଇଛି । ଜନସାଧାରଣଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ବାସଗୃହ, ରାସ୍ତାଘାଟ, ଗ୍ରାମ୍ୟ ବିଦ୍ୟୁତୀକରଣ, କର୍ମ ନିଯୁକ୍ତି ଆଦି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମଗୁଡ଼ିକ ଜିଲ୍ଲାପାଳଙ୍କର ନେତୃତ୍ୱରେ ସଂପାଦିତ ହୁଏ । ଏସବୁ କାର୍ଯ୍ୟକ୍ରମର ପ୍ରଶାସନିକ ନିୟନ୍ତ୍ରଣ ଜିଲ୍ଲାପାଳଙ୍କ ହାତରେ ନ୍ୟସ୍ତ । ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମକୁ ଆଗେଇ ନେବାପାଇଁ କାର୍ଯ୍ୟରତ ଜିଲ୍ଲାସ୍ତରୀୟ ଅଧସ୍ତନ କର୍ମଚାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦିଅନ୍ତି ।

ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡି:ଆର:ଡି:ଏ)ର "ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ" ଭାବରେ ଜିଲ୍ଲାପାଳ ସମଗ୍ର ଜିଲ୍ଲାରେ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରନ୍ତି । ମଣ୍ଡଳ ଉନ୍ନୟନ ଅଧିକାରୀ (ବି.ଡି.ଓ)ମାନେ ବିଭିନ୍ନ ପ୍ରକାର ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶମତେ ବ୍ଲକ୍ ବା ପଞ୍ଚାୟତ ସମିତି ସ୍ତରରେ କାର୍ଯ୍ୟକାରୀ କରାନ୍ତି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ସମସ୍ତ ବିକାଶମୂଳକ ଯୋଜନାଗୁଡ଼ିକର ଜିଲ୍ଲା ସ୍ତରରେ ସଫଳ ରୂପାୟନ ଦାୟିତ୍ୱ ଜିଲ୍ଲାପାଳଙ୍କର ।

**(୪) ବିବିଧ କାର୍ଯ୍ୟ :**

ଜିଲ୍ଲାପାଳଙ୍କର ଅନ୍ୟାନ୍ୟ କାର୍ଯ୍ୟାବଳୀ ନିମ୍ନରେ ଆଲୋଚିତ ହେଉଛି ।

(କ) ନିଜ ଜିଲ୍ଲା ଅନ୍ତର୍ଭୁକ୍ତ ଲୋକସଭା ଓ ରାଜ୍ୟ ବିଧାନସଭାର ନିର୍ବାଚନମଣ୍ଡଳୀ ପାଇଁ ଜିଲ୍ଲାପାଳ ରିଟର୍ଣ୍ଣିଂ ଅଫିସର୍ ଭାବରେ କାର୍ଯ୍ୟ କରନ୍ତି ଓ ନିର୍ବାଚନ କାର୍ଯ୍ୟ ତଦାରଖ କରନ୍ତି । ଜିଲ୍ଲାର ନିର୍ବାଚନ ଅଧିକାରୀ ଏହି କାର୍ଯ୍ୟରେ ତାଙ୍କୁ ସହାୟତା ପ୍ରଦାନ କରନ୍ତି ।

(ଖ) ଜିଲ୍ଲାପାଳ ହେଉଛନ୍ତି ଜିଲ୍ଲାସ୍ତରୀୟ ମୁଖ୍ୟ ଜନଗଣନା ଅଧିକାରୀ ।

(ଗ) ଜିଲ୍ଲାପାଳ ହେଉଛନ୍ତି ଜିଲ୍ଲାସ୍ତରୀୟ ମୁଖ୍ୟ ପ୍ରୋଟୋକଲ୍ ଅଧିକାରୀ ।

(ଘ) ଜିଲ୍ଲାପାଳ ଜିଲ୍ଲାର ପୌରାଞ୍ଚଳ ଓ ଗ୍ରାମାଞ୍ଚଳରେ ଥିବା ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକର ପ୍ରଶାସନିକ ବ୍ୟବସ୍ଥା ତଦାରଖ କରନ୍ତି ଓ ଆବଶ୍ୟକ ସ୍ଥଳେ ରାଜ୍ୟ ସରକାରଙ୍କୁ ରିପୋର୍ଟ ମାଧ୍ୟମରେ ସମସ୍ତ ବିଷୟ ଅବଗତ କରାନ୍ତି । ପୌର ପରିଷଦ ଭଙ୍ଗ କରାଗଲେ ଜିଲ୍ଲାପାଳ ପୌର ପରିଷଦର ପରିଚାଳନା ଦାୟିତ୍ୱରେ ରହନ୍ତି ।

(ଙ) ଜିଲ୍ଲାପାଳ ଜନସାଧାରଣ ଓ ସରକାରଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷା କରନ୍ତି ।

(ଚ) ଲୋକସମ୍ପର୍କ ତଥା ସମ୍ବାଦ ସରବରାହ ଓ ପରିବେକ୍ଷଣ କ୍ଷେତ୍ରରେ ଜିଲ୍ଲାପାଳଙ୍କର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ।

(ଛ) ଦୈବୀ-ଦୁର୍ବିପାକ ତଥା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜିଲ୍ଲାପାଳଙ୍କର ଦାୟିତ୍ୱ ଅଧିକ ବୃଦ୍ଧିପାଏ ।

ସେତେବେଳେ ଆପତ୍‌କାଳୀନ ସାହାଯ୍ୟ (ରିଲିଫ୍) ବଣ୍ଟନ କାର୍ଯ୍ୟ ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଂପାଦିତ ହୁଏ ।

(ଜ) ଆବଶ୍ୟକ ସ୍ଥଳେ ଜିଲ୍ଲାପାଳ ବିଭିନ୍ନ ସଭାସମିତି, ସାଂସ୍କୃତିକ କାର୍ଯ୍ୟକ୍ରମ, ମେଳା ଓ ମହୋତ୍ସବରେ ଉପସ୍ଥିତ ରହିଥାଆନ୍ତି ।

(ଝ) ଜିଲ୍ଲାରେ ଅତ୍ୟାବଶ୍ୟକ ସାମଗ୍ରୀର 'ଯୋଗାଣ' ତଥା 'ଜନସାଧାରଣଙ୍କ ମଧ୍ୟରେ ଏହାର ସୁକ୍ଷମ ବଣ୍ଟନ' ଦାୟିତ୍ୱ ମଧ୍ୟ ଜିଲ୍ଲାପାଳଙ୍କର ।

(ଞ) ବେସାମରିକ ପ୍ରତିରକ୍ଷା (Civil Defence) କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କର କର୍ତ୍ତୃତ୍ୱାଧୀନ ।

(ଟ) ଜିଲ୍ଲାରେ ବିଭିନ୍ନ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠିତ ହେବା ଯୋଗୁଁ ଉପୁଜୁଥିବା ପରିବେଶ ତଥା ବିସ୍ଥାପନ ଓ ଥଇଥାନ ସଂପର୍କିତ ସମସ୍ୟାଗୁଡ଼ିକର ଆଶୁ ସମାଧାନ ଦାୟିତ୍ୱ ମୁଖ୍ୟତଃ ଜିଲ୍ଲାପାଳଙ୍କର ।

(ଠ) ସର୍ବଶିକ୍ଷା ଅଭିଯାନ, ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ, ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ସ୍ୱ-ରୋଜଗାର ଯୋଜନା, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା, ଭାରତ ନିର୍ମାଣ ଯୋଜନା, ବିଜୁ କେ.ବି.କେ ଯୋଜନା, ଗୋପବନ୍ଧୁ ଗ୍ରାମୀଣ ଯୋଜନା, ମଧୁବାବୁ ପେନ୍‌ସନ୍ ଯୋଜନା ଆଦି କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ସମସ୍ତ ଜନହିତକର ଯୋଜନାଗୁଡ଼ିକର ସଫଳ ରୂପାୟନ ଦାୟିତ୍ୱ ଜିଲ୍ଲାପାଳଙ୍କ ହାତରେ ନ୍ୟସ୍ତ ।

**ଜିଲ୍ଲାପାଳଙ୍କର ଭୂମିକା :**

ଜିଲ୍ଲାପାଳଙ୍କର ବିଭିନ୍ନ କ୍ଷମତା ଓ କାର୍ଯ୍ୟାବଳୀର ଆଲୋଚନାରୁ ଏହା ପ୍ରତୀୟମାନ ହୁଏ ଯେ, ଜିଲ୍ଲାପାଳ ରାଜ୍ୟ ସରକାରଙ୍କର "ଚକ୍ଷୁ, କର୍ଣ୍ଣ ଓ ନାସା" ସଦୃଶ । ସେ କେବଳ ରାଜ୍ୟ ସରକାରଙ୍କର ଜିଲ୍ଲାସ୍ତରୀୟ ପ୍ରତିନିଧି ନୁହନ୍ତି; ସେ ମଧ୍ୟ ଜନସାଧାରଣଙ୍କର ଜଣେ 'ବିଶ୍ୱସ୍ତ ସେବା-ପ୍ରଦାନକାରୀ ପଦାଧିକାରୀ (Service Provider)' । ଜିଲ୍ଲାପାଳ ବସ୍ତୁତଃ ଜଣେ କାର୍ଯ୍ୟବ୍ୟସ୍ତ ପଦାଧିକାରୀ । ନିଜର ବ୍ୟକ୍ତିତ୍ୱ, ସମୟାନୁବର୍ତ୍ତିତା, କର୍ମ ତତ୍ପରତା, କାର୍ଯ୍ୟଦକ୍ଷତା, ଅଧ୍ୟବସାୟ, ଜନ-ସଂପୃକ୍ତି ତଥା ଜନ ସହଯୋଗ ଓ ନିଜର ସେବା-ମନୋଭାବ ଯୋଗୁଁ ଜିଲ୍ଲାପାଳମାନେ ସଫଳତାର ଶୀର୍ଷ ସ୍ଥାନରେ ପହଞ୍ଚିପାରିବେ, ଏଥିରେ ସନ୍ଦେହ ନାହିଁ ।

**ତୁମପାଇଁ କାମ :**

୧ । ତୁମ ଅଞ୍ଚଳରେ ଏକ ସପ୍ତାହ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ କରିବାକୁ ଚାହୁଁଅଛ । ସେଥିପାଇଁ ଜିଲ୍ଲାପାଳଙ୍କୁ ତାଙ୍କର ଅନୁମତି ପାଇବା ପାଇଁ ଏକ ଦରଖାସ୍ତ ଲେଖ ।

୨ । ନିଜ ଜିଲ୍ଲାର ଜିଲ୍ଲାପାଳଙ୍କର ନାମ ଲେଖ ।

**ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା :**

**(District Rural Development Agency) (DRDA)**

ଆତ୍ମନିଯୁକ୍ତି ଓ କର୍ମନିଯୁକ୍ତି ମାଧ୍ୟମରେ ଦାରିଦ୍ର୍ୟ ଦୂରୀକରଣ ହେଉଛି ଗ୍ରାମୀଣ ଉନ୍ନୟନ ବ୍ୟବସ୍ଥାର ମୂଳମନ୍ତ୍ର । ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନା ସମ୍ବଳିତ କାର୍ଯ୍ୟକ୍ରମର ପର୍ଯ୍ୟବେକ୍ଷଣ କରିବା ପାଇଁ ପ୍ରତି ଜିଲ୍ଲାସ୍ତରରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସୃଷ୍ଟି । ୧୯୮୦ ମସିହା ଅପ୍ରେଲ ମାସ ୧ ତାରିଖ ଠାରୁ ପ୍ରତି ଜିଲ୍ଲାରେ ଗୋଟିଏ ଲେଖାଏଁ ଗ୍ରାମ୍ୟ ଉନ୍ନୟନ ସଂସ୍ଥା କାର୍ଯ୍ୟ କରି ଆସୁଅଛି ।

ବର୍ତ୍ତମାନର ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଏକ ସ୍ୱୟଂଚାଳିତ ସଂସ୍ଥା । ଏହାର ନିଜର ପରିଚାଳନା ସମିତି ଅଛି । ଭାରତୀୟ ସମିତି ପଞ୍ଜିକରଣ ଆଇନ୍, ୧୯୬୦ (Indian Societies Registration Act, 1960) ଅନୁସାରେ ଏହି ସଂସ୍ଥାଗୁଡ଼ିକ ପଞ୍ଜିକୃତ । ପୂର୍ବରୁ ଜିଲ୍ଲାର ଜିଲ୍ଲାପାଳ ଏହି ସଂସ୍ଥାର ଅଧ୍ୟକ୍ଷ ରୂପେ କାର୍ଯ୍ୟ କରୁଥିଲେ । ମାତ୍ର ୧୯୯୩ ମସିହାର ୭୩ତମ ସମ୍ବିଧାନ ସଂଶୋଧନ ଆଇନ୍‌ର ବ୍ୟବସ୍ଥା ଅନୁସାରେ ଜିଲ୍ଲା ପରିଷଦର ଅଧ୍ୟକ୍ଷ (ଚେୟାରମ୍ୟାନ) ଏହି ସଂସ୍ଥାର ପରିଚାଳନା ସମିତି (Governing Body)ର ଅଧ୍ୟକ୍ଷ ରହିଛନ୍ତି ଓ ଜିଲ୍ଲାପାଳ ଏହାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (Chief Executive Officer) ଭାବରେ କାର୍ଯ୍ୟ କରୁଛନ୍ତି ।

**ଗଠନ :-**

ଜିଲ୍ଲା ପରିଷଦର ଅଧ୍ୟକ୍ଷ ଏହି ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅଧ୍ୟକ୍ଷ । ଏହି ସଂସ୍ଥାର ପରିଚାଳନା ସମିତିର ଅନ୍ୟ ସଭ୍ୟମାନେ ହେଲେ :-

(କ) ସେହି ଜିଲ୍ଲାର ସମସ୍ତ ସାଂସଦ ଓ ବିଧାୟକ ।

(ଖ) ଜିଲ୍ଲାରେ ଥିବା ସମସ୍ତ ପଞ୍ଚାୟତ ସମିତିର ଏକ-ତୃତୀୟାଂଶ ଅଧ୍ୟକ୍ଷ, ଯେଉଁମାନଙ୍କର କାର୍ଯ୍ୟକାଳ ପ୍ରତିବର୍ଷ ନିଜ ନାମର ବର୍ଣ୍ଣମାଳା ଅନୁସାରେ ପରିବର୍ତ୍ତିତ ହେବ । ତନ୍ମଧ୍ୟରୁ ଜଣେ ଲେଖାଏଁ ମହିଳା, ହରିଜନ ଓ ଆଦିବାସୀ ସଭ୍ୟ ରହିବେ ।

(ଗ) ଅନ୍ୟ ସଭ୍ୟଙ୍କ ମଧ୍ୟରେ ରହିବେ, ଜିଲ୍ଲାପାଳ, ସମବାୟ କେନ୍ଦ୍ର ବ୍ୟାଙ୍କର ମୁଖ୍ୟ ଅଧିକାରୀ, ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କର ଅଧ୍ୟକ୍ଷ, ରିଜର୍ଭ ବ୍ୟାଙ୍କର ଜିଲ୍ଲା ସ୍ତରୀୟ ପ୍ରତିନିଧି, ଜିଲ୍ଲାର ହରିଜନ ଓ ଆଦିବାସୀ ଉନ୍ନୟନ ଅଧିକାରୀ, ଗ୍ରାମୀଣ ମହିଳାମାନଙ୍କର ଜଣେ ପ୍ରତିନିଧି, ଜିଲ୍ଲାସ୍ତରୀୟ ମହିଳା ଓ ଶିଶୁ ମଙ୍ଗଳ ଅଧିକାରୀ, ବେସରକାରୀ ସଂସ୍ଥା (N.G.O)ମାନଙ୍କର ଦୁଇଜଣ ପ୍ରତିନିଧି, ଖଦୀ ଓ ଗ୍ରାମୋଦ୍ୟୋଗ ସଂସ୍ଥାର ଜଣେ ପ୍ରତିନିଧି ।

ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ-ନିର୍ଦ୍ଦେଶକ (ପ୍ରୋଜେକ୍ଟ-ଡାଇରେକ୍ଟର) ଏହି ପରିଚାଳନା ସମିତିର ସଦସ୍ୟ-ସଚିବ (Member-Secretary) ଭାବେ କାର୍ଯ୍ୟ କରିବେ ।

**ଏହି ସଂସ୍ଥାର ମୁଖ୍ୟ ଲକ୍ଷ୍ୟ ତଥା ଉଦ୍ଦେଶ୍ୟଗୁଡ଼ିକ ହେଲା :-**

୧) ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ ଦ୍ୱାରା ନିର୍ଦ୍ଧାରିତ ଗ୍ରାମୀଣ ବିକାଶ ଯୋଜନାଗୁଡ଼ିକୁ ମଣ୍ଡଳ ଉନ୍ନୟନ ଅଧିକାରୀ (ବି.ଡି.ଓ)ଙ୍କ ସହାୟତାରେ ନିର୍ଦ୍ଦେଶିତ ନିୟମାନୁସାରେ କାର୍ଯ୍ୟକାରୀ କରାଇବା ।

୨) ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା, ପଞ୍ଚାୟତିରାଜ ଅନୁଷ୍ଠାନ, ସମବାୟ ବ୍ୟାଙ୍କ ତଥା ଜାତୀୟକରଣ ବ୍ୟାଙ୍କ, ବିଭିନ୍ନ ନିଗମମାନଙ୍କ ସହିତ ସମନ୍ୱୟ ତଥା ସହଯୋଗ ରକ୍ଷାକରି ବିଭିନ୍ନ ବର୍ଗର ଲୋକମାନଙ୍କୁ ପ୍ରତ୍ୟକ୍ଷ ବା ପରୋକ୍ଷଭାବରେ ଉପକୃତ କରିବା ପାଇଁ ଉଦ୍ଦିଷ୍ଟ ଯୋଜନାଗୁଡ଼ିକର ସଫଳ ରୂପାୟନ କରାଇବା ।

୩) ଜିଲ୍ଲାସ୍ତରରେ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମଗୁଡ଼ିକୁ ସଫଳତାର ସହିତ କାର୍ଯ୍ୟକାରୀ କରାଇବା ଓ ସେଥିପାଇଁ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥାଗୁଡ଼ିକ ସହିତ ସମନ୍ୱୟ ରକ୍ଷା କରିବା ଲାଗି ମଧ୍ୟସ୍ଥତା (Liasioning) କରିବା ।

୪) ସରକାରୀ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଗ୍ରାମର ଦରିଦ୍ର ଶ୍ରେଣୀର ଲୋକଙ୍କୁ ଭାଗୀଦାର କରିବାରେ ସହାୟକ ହେବା ।

୫) ନିର୍ଦ୍ଦିଷ୍ଟ ଗୋଷ୍ଠୀ ଓ ବର୍ଗର ବ୍ୟକ୍ତିଙ୍କର ମଙ୍ଗଳ ଓ ବିକାଶ ପାଇଁ ଉଦ୍ଦିଷ୍ଟ ଗ୍ରାମୀଣ ବିକାଶ ଯୋଜନାଗୁଡ଼ିକର ସଫଳ ରୂପାୟନ କାର୍ଯ୍ୟ ତଦାରଖ କରିବା ।

୬) ବିଭିନ୍ନ ଗ୍ରାମୀଣ ବିକାଶ ଯୋଜନାଗୁଡ଼ିକର ନୀତି ନିର୍ଦ୍ଧାରଣ, ପ୍ରସ୍ତୁତି ତଥା କାର୍ଯ୍ୟକାରିତା କ୍ଷେତ୍ରରେ ଆର୍ଥିକ ସ୍ୱଚ୍ଛତା ଅବଲମ୍ବନ କରିବା ସହିତ ସଂପୃକ୍ତ କର୍ମଚାରୀମାନଙ୍କର କାର୍ଯ୍ୟ ତତ୍ପରତାର ସମୀକ୍ଷା କରିବା ।

୭) ଜିଲ୍ଲା ସ୍ତରରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ଗ୍ରାମୀଣ ବିକାଶ ଯୋଜନାଗୁଡ଼ିକର ଅଗ୍ରଗତି (Progress)କୁ ସମୀକ୍ଷା କରିବା ଓ ଉଦ୍ଦିଷ୍ଟ ବର୍ଗର ଲୋକମାନେ କିପରି ଉପକୃତ ହେଉଛନ୍ତି, ତାହା ପୁନଃ ନିରୀକ୍ଷା କରିବା ।

**ସଂସ୍ଥାର କାର୍ଯ୍ୟାଳୟ ପରିଚାଳନା ବ୍ୟବସ୍ଥା :**

**(Office Management)**

ପ୍ରତି ଜିଲ୍ଲାସ୍ତରୀୟ ଗ୍ରାମୀଣ ଉନ୍ନୟନ ସଂସ୍ଥାରେ ନିମ୍ନଲିଖିତ ସାତଗୋଟି ଶାଖା ବା ଅନୁବିଭାଗ (Sections) ରହିଛି, ଯଥା :-

(୧) ଆତ୍ମନିଯୁକ୍ତି ଶାଖା (Self-Employment Section)

(୨) କର୍ମନିଯୁକ୍ତି ଶାଖା (Wage Employmet Section)

(୩) ମହିଳା ଶାଖା (Women Section)

(୪) ଇଂଜିନିୟରିଂ ଶାଖା (Engineering Section)

(୫) ହିସାବ ରକ୍ଷକ ଶାଖା (Accounts Section)

(୬) ନିୟନ୍ତ୍ରଣ ଓ ମୂଲ୍ୟାୟନ ଶାଖା (Monitoring & Evaluation Section)

(୭) ସାଧାରଣ ପ୍ରଶାସନ ଶାଖା (General Administration Section)

ଉପରୋକ୍ତ ପ୍ରତିଟି ଶାଖା ବା ଅନୁବିଭାଗର ଦାୟିତ୍ୱରେ ଜଣେ ଜଣେ 'ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ' (Assistant Project Director/Officer) ଅଛନ୍ତି । ସେମାନେ ପ୍ରକଳ୍ପ ନିର୍ଦ୍ଦେଶକ (Project Director) ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟ କରନ୍ତି ଓ ବିଭିନ୍ନ ଉନ୍ନୟନମୂଳକ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରାନ୍ତି । ସେମାନେ ସଂସ୍ଥାର ପରିଚାଳନା ସମିତି ନିକଟରେ ଉତ୍ତରଦାୟୀ ।

**ତୁମପାଇଁ କାମ :**

ତୁମ ଅଞ୍ଚଳର ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଆନୁକୂଲ୍ୟରେ କେଉଁ ଯୋଜନା କାର୍ଯ୍ୟକାରୀ ହେଉଅଛି ଲେଖ ।

## ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଭୂମିକା :-

ଏହି ସଂସ୍ଥା ଏକ କାର୍ଯ୍ୟନିର୍ବାହୀ ସଂସ୍ଥା ନୁହେଁ । ଏହି ସଂସ୍ଥା ନିଜେ କୌଣସି ଦାରିଦ୍ର୍ୟ ଦୂରୀକରଣ ଯୋଜନାକୁ କାର୍ଯ୍ୟକାରୀ କରାଏ ନାହିଁ । ଅପର ପକ୍ଷରେ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନାଗୁଡ଼ିକ କିପରି ସୁଚାରୁ ରୂପେ କାର୍ଯ୍ୟକାରୀ ହୋଇପାରିବ, ସେଗୁଡ଼ିକ ମଧ୍ୟରେ କିପରି ସୁ-ସଂପର୍କ ଓ ସମନ୍ୱୟ ପ୍ରତିଷ୍ଠା ହୋଇପାରିବ, ଯୋଜନାଗୁଡ଼ିକ କାର୍ଯ୍ୟକାରୀ ହେବାପାଇଁ ମିଳିଥିବା ଉଦ୍ଦିଷ୍ଟ ଅର୍ଥ ଓ ଅନୁଦାନର କିପରି ସତ୍-ଉପଯୋଗ ହେବ ଏବଂ ସେଥିରେ କିପରି ଶୃଙ୍ଖଳା ଓ ସ୍ୱଚ୍ଛତା ରକ୍ଷା କରାଯାଇପାରିବ, ସର୍ବୋପରି ଲୋକମାନଙ୍କ ମଧ୍ୟରେ ବିଭିନ୍ନ ବିକାଶମୂଳକ ଯୋଜନା ସଂପର୍କରେ ଅଧିକ ସଚେତନତା କିପରି ସୃଷ୍ଟି କରିହେବ, ଇତ୍ୟାଦି ସମସ୍ତ ଦାୟିତ୍ୱ ଜିଲ୍ଲା ଗ୍ରାମୀଣ ଉନ୍ନୟନ ସଂସ୍ଥାର ।

ସର୍ବଶେଷରେ, ଏତିକି କୁହାଯାଇପାରେ ଯେ, ଗ୍ରାମୀଣ ଉନ୍ନୟନ ଯୋଜନା ଗୁଡ଼ିକର ସଫଳ ରୂପାୟନ ପାଇଁ ସର୍ବଦା ଏକ ଦକ୍ଷ କାର୍ଯ୍ୟ ନିର୍ବାହୀ ସଂସ୍ଥାର ଆବଶ୍ୟକତା ରହିଛି । ସଠିକ୍ ଉଦ୍ଦେଶ୍ୟ ଓ କର୍ମ-ପ୍ରତିବଦ୍ଧତା ବିନା କୌଣସି ଦାରିଦ୍ର୍ୟ ଦୂରୀକରଣ ଯୋଜନା ସଫଳତା ପାଏନାହିଁ । ତେଣୁ ବିଭିନ୍ନ ଗ୍ରାମୀଣ ବିକାଶ ମୂଳକ ତଥା ଦାରିଦ୍ର୍ୟ ଦୂରୀକରଣ ଯୋଜନା ଗୁଡ଼ିକର ସଫଳତା ଦିଗରେ ଜିଲ୍ଲା ଗ୍ରାମୀଣ ଉନ୍ନୟନ ସଂସ୍ଥାର ଭୂମିକା ବିଶେଷଭାବରେ ଗୁରୁତ୍ୱପୂର୍ଣ୍ଣ ।

**ଆମେ କ'ଣ ଶିଖିଲେ :**

୧. ଜିଲ୍ଲାପାଳ ଜିଲ୍ଲାର ସର୍ବୋଚ୍ଚ ଶାସନକର୍ତ୍ତା ।

୨. ସେ ରାଜ୍ୟ ସରକାରଙ୍କର ଚକ୍ଷୁ ଓ କର୍ଣ୍ଣ ଭାବରେ କାର୍ଯ୍ୟ କରନ୍ତି ।

୩. ଜିଲ୍ଲାପାଳ ଭୂରାଜସ୍ୱ ଆଦାୟ, ଜମିଜମା କାର୍ଯ୍ୟ, ଶାନ୍ତିଶୃଙ୍ଖଳା ରକ୍ଷା, ଆଇନର ସୁରକ୍ଷା, ଉନ୍ନୟନ ବା ବିକାଶ ମୂଳକ କାର୍ଯ୍ୟ ପ୍ରଭୃତି କରିଥାନ୍ତି ।

୪. ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ମୁଖ୍ୟ କାର୍ଯ୍ୟ ହେଉଛି ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନା ସମ୍ବନ୍ଧିତ କାର୍ଯ୍ୟକ୍ରମର ପର୍ଯ୍ୟବେକ୍ଷଣ କରିବା ।

### ଜାଣିବା କଥା

**ପୋଲିସ୍ କମିଶନରେଟ୍ :**

ଯେଉଁ ଜିଲ୍ଲାରେ ପୋଲିସ୍ କମିଶନରେଟ୍ ବ୍ୟବସ୍ଥା ଚାଲୁ ରହିଛି, ସେଠାରେ ଜିଲ୍ଲାପାଳ ପୋଲିସ କମିଶନରଙ୍କ ସାହାଯ୍ୟରେ ଶାନ୍ତିଶୃଙ୍ଖଳା ରକ୍ଷା କରନ୍ତି ।

**୧ । ଉପଖଣ୍ଡ :-** ଗୋଟିଏ ଜିଲ୍ଲାକୁ ପ୍ରଶାସନିକ ସୁବିଧା ଦୃଷ୍ଟିରୁ କେତେଗୋଟି ଭାଗରେ ବିଭକ୍ତ କରାଯାଇଥାଏ । ଏହାକୁ **ଉପଖଣ୍ଡ** (Sub-Division) କୁହାଯାଏ ।

**୨ । ସର୍ବଭାରତୀୟ ପ୍ରଶାସନିକ ସେବା :-** ଆଇ.ଏ.ଏସ୍ ଓ ଆଇ.ପି.ଏସ୍.କୁ **ସର୍ବଭାରତୀୟ ପ୍ରଶାସନିକ ସେବା** କୁହାଯାଏ । ଏହି ସେବାଗୁଡ଼ିକ ଲାଗି ସାରା ଭାରତ ପାଇଁ ଗୋଟିଏ ସଂସ୍ଥା ଯଥା : କେନ୍ଦ୍ର ଲୋକସେବା ଆୟୋଗ (U.P.S.C) ଦ୍ୱାରା ଚୟନ କାର୍ଯ୍ୟ କରାଯାଏ ।

**୩ । ଆରକ୍ଷୀ ଅଧିକ୍ଷକ :-** ଜିଲ୍ଲାର ସର୍ବୋଚ୍ଚ ପୋଲିସ ଅଧିକାରୀଙ୍କୁ **ଆରକ୍ଷୀ ଅଧିକ୍ଷକ** (Superintendent of Police) କୁହାଯାଏ ।

## ପ୍ରଶ୍ନାବଳୀ

**୧- ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୧୦୦ଟି ଶବ୍ଦରେ ଲେଖ ।**

(କ) ଜିଲ୍ଲାପାଳଙ୍କ କାର୍ଯ୍ୟାବଳୀ ବର୍ଣ୍ଣନା କର ।

(ଖ) ଜିଲ୍ଲାପାଳଙ୍କ ଭୂମିକା ବୁଝାଇ ଲେଖ ।

(ଗ) ଆଇନ୍ ଶୃଙ୍ଖଳା ରକ୍ଷା କ୍ଷେତ୍ରରେ ଜିଲ୍ଲାପାଳଙ୍କ ଭୂମିକା କ'ଣ ? ସଂକ୍ଷେପରେ ଲେଖ ।

(ଘ) ଦୈବୀ-ଦୁର୍ବିପାକ ସମୟରେ ଜିଲ୍ଲାପାଳ ଲୋକମାନଙ୍କୁ କିପରି ସାହାଯ୍ୟ କରନ୍ତି ?

(ଙ) ଜିଲ୍ଲାପାଳଙ୍କର ଉନ୍ନୟନ କାର୍ଯ୍ୟଗୁଡ଼ିକ କ'ଣ ?

**୨ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) ଜିଲ୍ଲାର ପ୍ରଶାସନିକ ମୁଖ୍ୟ କିଏ ?

(ଖ) ଜିଲ୍ଲାପାଳଙ୍କୁ ରାଜ୍ୟ ସରକାରଙ୍କର "ଚକ୍ଷୁ, କର୍ଣ୍ଣ ଓ ନାସା" ବୋଲି କହନ୍ତି କାହିଁକି ?

(ଗ) ଜିଲ୍ଲାପାଳ କାହା ସାହାଯ୍ୟରେ ଜିଲ୍ଲାରେ ଶାନ୍ତିଶୃଙ୍ଖଳା ରକ୍ଷା କରନ୍ତି ?

(ଘ) ଜିଲ୍ଲାପାଳଙ୍କୁ କାହିଁକି 'କଲେକ୍ଟର' କୁହାଯାଏ ?

(ଙ) 'କଲେକ୍ଟର' (ଜିଲ୍ଲାପାଳ) ପଦବୀ କେବେ ସୃଷ୍ଟି ହୋଇଥିଲା ?

**୩ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୭୫ଟି ଶବ୍ଦରେ ଲେଖ ।**

(କ) ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର କାର୍ଯ୍ୟ କ'ଣ ?

(ଖ) ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଗଠନ କିପରି ହୁଏ ?

(ଗ) ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା କାହିଁକି ଗଠିତ ହେଲା ?

(ଘ) ଗ୍ରାମୀଣ ଦାରିଦ୍ର୍ୟ ଦୂରୀକରଣରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଭୂମିକା କ'ଣ ?

(ଙ) ଜିଲ୍ଲା ପରିଷଦ ଓ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ମଧ୍ୟରେ ସମ୍ପର୍କ କ'ଣ ?

(ଚ) ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କିଏ ?

(ଛ) ପ୍ରତି ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାରେ କେତେଗୋଟି ଅନୁବିଭାଗ ରହିଛି ? ସେଗୁଡ଼ିକର ନାମ ଲେଖ ।

(ଜ) ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସଦସ୍ୟ-ସଚିବ କିଏ ?

**୪ । କ' ସ୍ତମ୍ଭ ସହିତ ଖ' ସ୍ତମ୍ଭର ଯଥାର୍ଥ ଉତ୍ତର ମେଳାଅ ।**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଜିଲ୍ଲାପାଳ ପଦବୀ | ଜନହିତକର କାର୍ଯ୍ୟ |
| ଗ୍ରାମ୍ୟ ଉନ୍ନୟନ ସଂସ୍ଥା | ଆରକ୍ଷୀ ଅଧୀକ୍ଷକ |
| ରିଲିଫ୍ ବଣ୍ଟନ | ୱାରେନ୍ ହେଷ୍ଟିଙ୍ଗ୍ସ |
| ଜିଲ୍ଲାର ସର୍ବୋଚ୍ଚ ପୋଲିସ୍ ଅଧିକାରୀ | ଦାରିଦ୍ର୍ୟ ଦୂରୀକରଣ |

❖ ❖ ❖

**ଚତୁର୍ଥ ଅଧ୍ୟାୟ**

# ଭାରତରେ ରାଜନୈତିକ ଦଳ ଓ ଚାପଦାୟୀ ଗୋଷ୍ଠୀ

MSVFI5

ରାଜନୈତିକ ଦଳଗୁଡ଼ିକ ଗଣତାନ୍ତ୍ରିକ ବ୍ୟବସ୍ଥାର ଅବିଚ୍ଛେଦ୍ୟ ଅଙ୍ଗ । ରାଜନୈତିକ ଦଳ ବିନା ଗଣତାନ୍ତ୍ରିକ ସରକାର ଗଠିତ ହୋଇପାରେ ନାହିଁ । ଜନସାଧାରଣଙ୍କର ରାଜନୈତିକ ମତାମତର ପରିପ୍ରକାଶ ପାଇଁ ରାଜନୈତିକ ଦଳଗୁଡ଼ିକ ହିଁ ପ୍ରକୃଷ୍ଟ ମାଧ୍ୟମ ।

**ରାଜନୈତିକ ଦଳର ବୈଶିଷ୍ଟ୍ୟ ହେଲା :-**

୧। କେତେକ ବ୍ୟକ୍ତି ସଂଗଠିତ ହୋଇ ଦଳ ଗଠନ କରନ୍ତି ।

୨। ସେମାନେ କେତେକ ନିର୍ଦ୍ଦିଷ୍ଟ ନୀତି ଉପରେ ସହମତି ପ୍ରକାଶ କରନ୍ତି ।

୩। ସେମାନେ ଜାତୀୟ ସ୍ୱାର୍ଥ ସାଧନାରେ ବ୍ରତୀ ହୋଇଥା'ନ୍ତି ।

୪। ନିର୍ବାଚନ ମାଧ୍ୟମରେ ସେମାନେ କ୍ଷମତା ହାସଲ କରିବା ଏବଂ କ୍ଷମତା ଜାହିର କରିବା ପାଇଁ ଉଦ୍ୟମ କରନ୍ତି ।

୫। ପ୍ରତି ରାଜନୈତିକ ଦଳର ସଂଗଠନ, ନିୟମାବଳୀ, ପତାକା ଓ ସଂକେତ ଆଦି ରହିଛି ।

୬। ଭାରତର ନିର୍ବାଚନ ଆୟୋଗ ରାଜନୈତିକ ଦଳଗୁଡ଼ିକୁ ସ୍ୱୀକୃତି ପ୍ରଦାନ କରନ୍ତି ଏବଂ ଆବଶ୍ୟକସ୍ଥଳେ ସ୍ୱୀକୃତି ପ୍ରତ୍ୟାହାର କରନ୍ତି ।

**ରାଜନୈତିକ ଦଳର କାର୍ଯ୍ୟାବଳୀ :-**

୧। ଦେଶର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ସମସ୍ୟାଗୁଡ଼ିକୁ ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନ କରି ଜନମତ ଓ ରାଜନୈତିକ ସଚେତନତା ସୃଷ୍ଟି କରିବା ଓ ରାଜନୈତିକ ପ୍ରକ୍ରିୟାରେ ସକ୍ରିୟ ଅଂଶଗ୍ରହଣ ଦିଗରେ ଲୋକମାନଙ୍କୁ ଉତ୍ସାହିତ କରିବା ରାଜନୈତିକ ଦଳମାନଙ୍କର ମୁଖ୍ୟ କାର୍ଯ୍ୟ ।

୨ । ରାଜନୈତିକ ଦଳଗୁଡ଼ିକ ଲୋକମାନଙ୍କର ନ୍ୟାର୍ଯ୍ୟ ଦାବିଗୁଡ଼ିକୁ ଏକତ୍ରିତ କରି ସଠିକ୍ ଭାବରେ ଉପଯୁକ୍ତ ସମୟରେ ସରକାରଙ୍କ ପାଖରେ ଉପସ୍ଥାପନ କରନ୍ତି ।

୩ । ରାଜନୈତିକ ଦଳଗୁଡ଼ିକ ଜନସାଧାରଣଙ୍କ ମଧ୍ୟରୁ ସେମାନଙ୍କର ସଭ୍ୟ ଚୟନ କରନ୍ତି ଓ ସଭ୍ୟମାନଙ୍କୁ ଦଳର ନୀତି ଓ ଆଦର୍ଶ ସଂପର୍କରେ ପ୍ରଶିକ୍ଷଣ ଦେବା ସହିତ ଆଗାମୀ ପୀଢ଼ିର ରାଜନେତା ସୃଷ୍ଟି କରିବାରେ ସାହାଯ୍ୟ କରନ୍ତି ।

୪ । ରାଜନୈତିକ ଦଳଗୁଡ଼ିକ କ୍ଷମତା ହାସଲ ପାଇଁ ନିର୍ବାଚନ ଲଢ଼ନ୍ତି । ସେମାନେ ନିର୍ବାଚନ ସମୟରେ ସଭାସମିତି ଓ ପ୍ରଚାର ପତ୍ର ମାଧ୍ୟମରେ ଜନସାଧାରଣଙ୍କ ସମ୍ମୁଖରେ ବିଭିନ୍ନ ରାଜନୈତିକ ବିକଳ୍ପ ଉପସ୍ଥାପନ କରନ୍ତି ।

୫ । ନିର୍ବାଚନରେ ରାଜନୈତିକ ଦଳଗୁଡ଼ିକ ବହୁମତ ହାସଲ କଲେ ସରକାର ଗଠନ କରନ୍ତି ଓ ଦେଶ ଶାସନ କରନ୍ତି । ସଂଖ୍ୟାଗରିଷ୍ଠତା ହାସଲ କରି ନ ପାରିଲେ, ବିରୋଧୀଦଳ ଭାବରେ ସରକାରଙ୍କ ଦୋଷତ୍ରୁଟି ଦର୍ଶାଇ ସରକାରଙ୍କୁ ସମାଲୋଚନା ତଥା ନିୟନ୍ତ୍ରଣ ମଧ୍ୟ କରନ୍ତି ।

୬ । ରାଜନୈତିକ ଦଳଗୁଡ଼ିକର ସଭ୍ୟମାନେ ବନ୍ୟା, ବାତ୍ୟା, ମରୁଡ଼ି ଇତ୍ୟାଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରପୀଡ଼ିତ ମାନଙ୍କୁ ସାହାଯ୍ୟ ଯୋଗାଇଥାଆନ୍ତି ।

**ଦଳୀୟ ବ୍ୟବସ୍ଥା :**

ସାଧାରଣତଃ ତିନି ପ୍ରକାରର ଦଳୀୟ ବ୍ୟବସ୍ଥା ଦେଖାଯାଏ; ଯଥା : (କ) ଏକ-ଦଳୀୟ ବ୍ୟବସ୍ଥା (ଖ) ଦ୍ୱି-ଦଳୀୟ ବ୍ୟବସ୍ଥା ଏବଂ (ଗ) ବହୁ-ଦଳୀୟ ବ୍ୟବସ୍ଥା ।

● ଯେଉଁ ଦେଶରେ କେବଳ ଗୋଟିଏ ମାତ୍ର ରାଜନୈତିକ ଦଳ ଥାଏ, ତାକୁ ଏକ-ଦଳୀୟ ବ୍ୟବସ୍ଥା କୁହାଯାଏ । ଯଥା - ଚୀନ୍, ରୁଷିଆ ।

● ଯେଉଁ ଦେଶମାନଙ୍କରେ ଦୁଇଟି ପ୍ରମୁଖ ଦଳ ଥାଏ, ତାକୁ ଦ୍ୱି-ଦଳୀୟ ବ୍ୟବସ୍ଥା କୁହାଯାଏ । ଯଥା - ଇଂଲଣ୍ଡ, ଆମେରିକା ।

● ଯେଉଁ ଦେଶରେ ଦୁଇରୁ ଅଧିକ ରାଜନୈତିକ ଦଳ ଦେଖାଯା'ନ୍ତି, ତାକୁ ବହୁ-ଦଳୀୟ ବ୍ୟବସ୍ଥା କୁହାଯାଏ । ଯଥା - ଭାରତ, ଫ୍ରାନ୍ସ୍ । ଭାରତରେ ଅନେକଗୁଡ଼ିଏ ରାଜନୈତିକ ଦଳ ଅଛନ୍ତି; ଯଥା :- କଂଗ୍ରେସ, ଭାରତୀୟ ଜନତା ପାର୍ଟି, ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ), ସମାଜବାଦୀ ଦଳ, ରାଷ୍ଟ୍ରୀୟ ଜନତା ଦଳ, ଆନ୍ନା ଡି.ଏମ୍.କେ., ଡି.ଏମ୍.କେ., ଅକାଳୀଦଳ, ଶିବସେନା ଇତ୍ୟାଦି ।

**ଜାତୀୟ ଦଳ ଓ ଆଞ୍ଚଳିକ ଦଳ :**

ଆମ ଦେଶର ରାଜନୈତିକ ଦଳଗୁଡ଼ିକୁ ସାଧାରଣତଃ ଦୁଇଭାଗରେ ବିଭକ୍ତ କରାଯାଇଅଛି; ଯଥା : (୧) ଜାତୀୟ ଦଳ, (୨) ଆଞ୍ଚଳିକ ଦଳ ।

ଗୋଟିଏ ରାଜନୈତିକ ଦଳକୁ ସ୍ୱୀକୃତି ପ୍ରଦାନ କରିବା ପାଇଁ ନିର୍ବାଚନ ଆୟୋଗ ଦଳକୁ ମିଳିଥିବା ଭୋଟ୍‌ର ଅନୁପାତ ଓ ଆସନର ସଂଖ୍ୟା ବିଚାରକୁ ନେଇ ବିଶଦ ନିୟମାବଳୀ ସ୍ଥିର କରିଅଛନ୍ତି ।

**ଆଞ୍ଚଳିକ ଦଳ :**

(କ) ଯେଉଁ ରାଜନୈତିକ ଦଳ ଏକ ରାଜ୍ୟର ଠିକ୍ ପୂର୍ବବର୍ତ୍ତୀ ବିଧାନସଭା ନିର୍ବାଚନରେ ସମୁଦାୟ ସିଦ୍ଧମତ (Valid Vote)ର ଅନ୍ୟୁନ ଛ' ପ୍ରତିଶତ ଭୋଟ୍ ପାଇଥିବ ଏବଂ ବିଧାନସଭାରେ ଅନ୍ୟୁନ ଦୁଇଟି ଆସନରେ ବିଜୟୀ ହୋଇଥିବ ତାହା ଏକ ଆଞ୍ଚଳିକ ଦଳଭାବରେ ସ୍ୱୀକୃତି ପାଇଥାଏ, କିମ୍ବା

(ଖ) ଯେଉଁ ରାଜନୈତିକ ଦଳ ରାଜ୍ୟ ବିଧାନସଭା ପାଇଁ ହୋଇଥିବା ପୂର୍ବବର୍ତ୍ତୀ ସାଧାରଣ ନିର୍ବାଚନରେ ବିଧାନ ସଭାର ସର୍ବମୋଟ ଆସନ ସଂଖ୍ୟାର ଅନ୍ୟୁନ ତିନି ପ୍ରତିଶତ କିମ୍ବା ଅନ୍ୟୁନ ତିନିଗୋଟି (ଏହି ଦୁଇଟି ମଧ୍ୟରୁ ଯେଉଁଟି ଅଧିକ) ଆସନରେ ବିଜୟ ଲାଭ କରିଥିବ, ତାକୁ ମଧ୍ୟ ଗୋଟିଏ ଆଞ୍ଚଳିକ ଦଳର ସ୍ୱୀକୃତି ମିଳିଥାଏ। ବି.ଜେ.ଡ଼ି., ଡି.ଏମ୍.କେ., ତେଲୁଗୁଦେଶମ୍ ଇତ୍ୟାଦି ଗୋଟିଏ ଗୋଟିଏ ଆଞ୍ଚଳିକ ଦଳ ।

**ଜାତୀୟ ଦଳ :**

(କ) ଯେଉଁ ରାଜନୈତିକ ଦଳ ଠିକ୍ ପୂର୍ବବର୍ତ୍ତୀ ଲୋକସଭା ନିର୍ବାଚନ ବା ଯେ କୌଣସି ଚାରିଗୋଟି ରାଜ୍ୟର ବିଧାନସଭା ନିର୍ବାଚନରେ ପ୍ରତ୍ୟେକ ରାଜ୍ୟରେ ସମୁଦାୟ ସିଦ୍ଧମତ (Valid Vote)ର ଛ'ଶତାଂଶ ଭୋଟ୍ ପାଇଥିବ ଏବଂ ଲୋକସଭାରେ ଅନ୍ୟୁନ ଚାରିଗୋଟି ଆସନ ଲାଭ କରିଥିବ ତାହା ଏକ ଜାତୀୟ ରାଜନୈତିକ ଦଳଭାବରେ ସ୍ୱୀକୃତି ଲାଭ କରିଥାଏ,

(ଖ) କିମ୍ବା: ଯେଉଁ ରାଜନୈତିକ ଦଳର ପ୍ରାର୍ଥୀମାନେ ଲୋକସଭା ପାଇଁ ହୋଇଥିବା ପୂର୍ବବର୍ତ୍ତୀ ସାଧାରଣ ନିର୍ବାଚନରେ ସମଗ୍ର ଭାରତର ସଂସଦୀୟ ନିର୍ବାଚନ ମଣ୍ଡଳୀ ଗୁଡ଼ିକର ଅନ୍ୟୁନ ଦୁଇ ପ୍ରତିଶତ ସ୍ଥାନରେ ବିଜୟଲାଭ କରିଥିବେ ଏବଂ ସେହି ପ୍ରାର୍ଥୀମାନେ ଲୋକସଭାକୁ ଅନ୍ୟୁନ ତିନିଗୋଟି ରାଜ୍ୟରୁ ନିର୍ବାଚିତ ହୋଇଥିବେ, ସେହି ଦଳ ମଧ୍ୟ ଜାତୀୟ ଦଳ ଭାବରେ ସ୍ୱୀକୃତି ପାଇଥାଏ। ଭାରତୀୟ ଜାତୀୟ କଂଗ୍ରେସ, ଭାରତୀୟ ଜନତା ପାର୍ଟି (ଭାଜପା) ଇତ୍ୟାଦି ଜାତୀୟ ରାଜନୈତିକ ଦଳ ଅଟନ୍ତି ।

ଜାତୀୟ ଦଳଗୁଡ଼ିକ ମୁଖ୍ୟତଃ ସର୍ବଭାରତୀୟ ସମସ୍ୟା, ଜାତୀୟ ସ୍ୱାର୍ଥ ଉପରେ ବିଶେଷ ଗୁରୁତ୍ୱ ଦିଅନ୍ତି । ସେମାନଙ୍କର କାର୍ଯ୍ୟକ୍ରମ ବସ୍ତୁତଃ ଜାତୀୟ ସ୍ତରର । ଜାତୀୟଦଳ ଗୁଡ଼ିକର ସଂଗଠନ ଭାରତର ପ୍ରତ୍ୟେକ ରାଜ୍ୟରେ ରହିଛି । ସର୍ବଭାରତୀୟ ସଂଗଠନ ରାଜ୍ୟ ସଂଗଠନକୁ ନିୟନ୍ତ୍ରିତ କରେ ଏବଂ ରାଜ୍ୟସ୍ତରୀୟ ସଂଗଠନ, ଜିଲ୍ଲା, ଉପଖଣ୍ଡ ଏବଂ ମଣ୍ଡଳ (ବ୍ଲକ) ସ୍ତରୀୟ ସଂଗଠନ ଗୁଡ଼ିକୁ ନିୟନ୍ତ୍ରିତ କରନ୍ତି । ସର୍ବଭାରତୀୟ ଦଳଗୁଡ଼ିକ ପ୍ରାୟ ପ୍ରତ୍ୟେକ ରାଜ୍ୟରେ ନିର୍ବାଚନ ଲଢ଼ନ୍ତି । ଭାରତୀୟ ଜାତୀୟ କଂଗ୍ରେସ, ଭାରତୀୟ ଜନତା ପାର୍ଟି, ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଇତ୍ୟାଦି ଜାତୀୟ ରାଜନୈତିକ ଦଳ ଅଟନ୍ତି ।

ଆଞ୍ଚଳିକ ଦଳଗୁଡ଼ିକ ସାଧାରଣତଃ ଗୋଟିଏ ଗୋଟିଏ ରାଜ୍ୟ ମଧ୍ୟରେ ସୀମିତ । ସେଗୁଡ଼ିକ ମୁଖ୍ୟତଃ ରାଜ୍ୟସ୍ତରୀୟ ସମସ୍ୟା ସମାଧାନ କରିବାପାଇଁ ଉଦ୍ଦିଷ୍ଟ । ବି.ଜେ.ଡ଼ି., ଡି.ଏମ୍.କେ., ଏ.ଆଇ.ଡ଼ି.ଏମ୍.କେ., ତେଲୁଗୁଦେଶମ୍ ଇତ୍ୟାଦି ଗୋଟିଏ ଗୋଟିଏ ଆଞ୍ଚଳିକ ଦଳ ।

ଆଞ୍ଚଳିକ ଦଳଗୁଡ଼ିକ ନିଜ ନିଜ ରାଜ୍ୟରେ ନିର୍ବାଚନ ଲଢ଼ନ୍ତି । ଏବେକାର ମିଳିତ ସରକାର ବ୍ୟବସ୍ଥାରେ ଆଞ୍ଚଳିକ ଦଳଗୁଡ଼ିକ ବେଳେ ବେଳେ କେନ୍ଦ୍ର ସରକାରରେ ସାମିଲ୍ ହୁଅନ୍ତି । କେନ୍ଦ୍ର ସରକାରଙ୍କ ନିକଟରେ ନିଜର

ଦାବି ଉପସ୍ଥାପନ କରିବା ସଙ୍ଗେ ସଙ୍ଗେ ସେହି ଦଳଗୁଡ଼ିକ ଅଧିକରୁ ଅଧିକ ରାଜ୍ୟ-ସ୍ୱତନ୍ତ୍ରତା ଲୋଡ଼ନ୍ତି ।

**ଚାପଦାୟୀ ଗୋଷ୍ଠୀ ବା ଚାପଦାନକାରୀ ଗୋଷ୍ଠୀ :-**

**(Pressure Group)**

ଚାପଦାୟୀ ବା ଚାପଦାନକାରୀ ଗୋଷ୍ଠୀଗୁଡ଼ିକ ଦେଶର ରାଜନୈତିକ ପ୍ରକ୍ରିୟା ତଥା ପ୍ରଶାସନରେ ଏକ ପ୍ରଧାନ ଭୂମିକା ଗ୍ରହଣ କରନ୍ତି । ଏହି ଗୋଷ୍ଠୀଗୁଡ଼ିକ ପ୍ରତ୍ୟକ୍ଷ ରାଜନୀତି ବା ନିର୍ବାଚନୀ ରାଜନୀତିରେ ଜଡ଼ିତ ନ ହୋଇ ନିଜ ଗୋଷ୍ଠୀର ସ୍ୱାର୍ଥ ହାସଲ ପାଇଁ ସରକାରଙ୍କର ନୀତି ନିର୍ଦ୍ଧାରଣ ତଥା ପ୍ରଶାସନିକ ବ୍ୟବସ୍ଥାକୁ ବିଶେଷ ଭାବେ ପ୍ରଭାବିତ କରନ୍ତି । ତେଣୁ ଚାପଦାନକାରୀ ଗୋଷ୍ଠୀକୁ ମଧ୍ୟ ସ୍ୱାର୍ଥାନ୍ୱେଷୀ ଗୋଷ୍ଠୀ (Interest Group) କୁହାଯାଏ ।

**ସଂଜ୍ଞା :** ହାରିସ୍‌ଙ୍କ ମତରେ ଯେଉଁ ସ୍ୱାର୍ଥାନ୍ୱେଷୀ ଗୋଷ୍ଠୀଗୁଡ଼ିକ ନିଜର ସୁବିଧା, ସୁଯୋଗ ହାସଲ କରିବା ପାଇଁ ସରକାରୀ ନୀତି ନିର୍ଦ୍ଧାରକମାନଙ୍କ ଉପରେ ବିଭିନ୍ନ ଚାପ ପ୍ରୟୋଗ କରିଥାଆନ୍ତି, ସେଗୁଡ଼ିକୁ ଚାପଦାୟୀ ଗୋଷ୍ଠୀ ବା ଚାପଦାନକାରୀ ଗୋଷ୍ଠୀ କୁହାଯାଏ ।

ଟର୍ଣ୍ଣରଙ୍କ କହିବା ଅନୁସାରେ ଯେଉଁ ଅଣ-ରାଜନୈତିକ ସଂଗଠନ ଗୁଡ଼ିକ ସରକାରୀ ନୀତିକୁ ପ୍ରଭାବିତ କରିଥାଆନ୍ତି, ସେଗୁଡ଼ିକୁ ଚାପଦାୟୀ ଗୋଷ୍ଠୀ କୁହାଯାଏ ।

ଏକଷ୍ଟିନ୍ ଚାପଗୋଷ୍ଠୀର ଏକ ସୁନ୍ଦର ସଂଜ୍ଞା ପ୍ରଦାନ କରିଛନ୍ତି । ତାଙ୍କ ମତରେ ଏକ ପ୍ରକାର ମନୋଭାବାପନ୍ନ, ଏକ ପ୍ରକାର ମୂଲ୍ୟବୋଧ ଏବଂ ସ୍ୱାର୍ଥରେ ବିଶ୍ୱାସୀ, ଏକ ସୁସଂଗଠିତ ସାମାଜିକ ଗୋଷ୍ଠୀ, ପ୍ରତ୍ୟକ୍ଷ ସରକାରୀ ପଦବୀ ଗ୍ରହଣ ନ କରି ନିଜ ସ୍ୱାର୍ଥସାଧନ ପାଇଁ ସରକାରୀ ନୀତିକୁ ପ୍ରଭାବିତ କଲେ, ତାହାକୁ ଚାପଦାୟୀ ଗୋଷ୍ଠୀ ବା ଚାପଦାନକାରୀ ଗୋଷ୍ଠୀ କୁହାଯାଏ ।

**ଚାପଦାନକାରୀ ଗୋଷ୍ଠୀର ଲକ୍ଷଣଗୁଡ଼ିକ ନିମ୍ନରେ ପ୍ରଦତ୍ତ ହେଲା ।**

୧) ଏହା ସମ ମନୋଭାବାପନ୍ନ ତଥା ସମସ୍ୱାର୍ଥୀ ବ୍ୟକ୍ତିମାନଙ୍କର ଏକ ଗୋଷ୍ଠୀ ।

୨) ଏହା କୌଣସି ରାଜନୈତିକ ଦଳ ସହିତ ପ୍ରତ୍ୟକ୍ଷ ଭାବରେ ସଂପୃକ୍ତ ନୁହେଁ ।

୩) ସ୍ୱାର୍ଥସାଧନ ଲକ୍ଷ୍ୟରେ ଏହା ଏକ ଅସ୍ଥାୟୀ ବା ସ୍ଥାୟୀ ଗୋଷ୍ଠୀ ହୋଇଥାଏ ।

୪) ଏହି ଚାପଦାନକାରୀ ଗୋଷ୍ଠୀଗୁଡ଼ିକ ପ୍ରତ୍ୟକ୍ଷ ରାଜନୀତି କ୍ଷେତ୍ରକୁ ନ ଆସି ପର୍ଦ୍ଦା ଆଢୁଆଳରେ ରହି କାର୍ଯ୍ୟ କରନ୍ତି ।

**ଚାପଦାନକାରୀ ଗୋଷ୍ଠୀର ଶ୍ରେଣୀ ବିଭାଗ :-**

ଚାପଦାନକାରୀ ଗୋଷ୍ଠୀଗୁଡ଼ିକୁ ସାଂଗଠନିକ ଏବଂ କାର୍ଯ୍ୟଶୈଳୀ ଦୃଷ୍ଟିରୁ ଚାରିଭାଗରେ ବିଭକ୍ତ କରାଯାଇଛି । ଯଥା :-

**୧) ସଂଘୀୟ ଗୋଷ୍ଠୀ (Associational Groups)**

ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟରେ ନିୟୋଜିତ ବ୍ୟକ୍ତିମାନେ ସଂଘବଦ୍ଧ ହୋଇ ସେମାନଙ୍କର ସ୍ୱାର୍ଥ ସାଧନ ନିମିତ୍ତ ସରକାରଙ୍କ ଉପରେ ଚାପ ପ୍ରୟୋଗ କରିଥାଆନ୍ତି । ସେମାନଙ୍କୁ ସଂଘୀୟ ଗୋଷ୍ଠୀ କୁହାଯାଏ । ସଂଘୀୟ ଗୋଷ୍ଠୀର ସଭ୍ୟମାନେ ଏକ ନିର୍ଦ୍ଦିଷ୍ଟ ବୃତ୍ତିର ସଦସ୍ୟ ହୋଇଥିବାରୁ ଏହାକୁ ମଧ୍ୟ ବୃତ୍ତିଗତ ସଂଘ କୁହାଯାଏ । ଯଥା : ବଣିକ ସଂଘ, ଶ୍ରମିକ ମହାସଂଘ ।

**୨) ଅଣ-ସଂଘୀୟ ଗୋଷ୍ଠୀ (Non-Associational Groups) :**

ଏହି ଗୋଷ୍ଠୀଗୁଡ଼ିକ ରକ୍ତ ସମ୍ପର୍କ, ଧର୍ମୀୟ ସଂପର୍କ ଓ କୌଳିକ ବୃତ୍ତି ସଂପର୍କ ମାଧ୍ୟମରେ ଏକତ୍ରିତ ହୋଇ ସେମାନଙ୍କର କାର୍ଯ୍ୟ ବା ସ୍ୱାର୍ଥ ସାଧନ ପାଇଁ ସରକାରୀ ନୀତିଗୁଡ଼ିକୁ ପ୍ରଭାବିତ କରନ୍ତି । ଯଥା : ବୌଦ୍ଧଭିକ୍ଷୁ ଗୋଷ୍ଠୀ, ଯାଦବ ମହାସଭା, ସ୍ୱର୍ଣ୍ଣକାର ଗୋଷ୍ଠୀ ।

**୩) ଆନୁଷ୍ଠାନିକ ଗୋଷ୍ଠୀ : (Institutional Groups)**

ଏହି ସଂଘଗୁଡ଼ିକ ବିଭିନ୍ନ ଅନୁଷ୍ଠାନରେ କାର୍ଯ୍ୟରତ ବ୍ୟକ୍ତିମାନଙ୍କୁ ନେଇ ଗଠିତ । ସେମାନେ ଆନୁଷ୍ଠାନିକ ସ୍ୱାର୍ଥ ମାଧ୍ୟମରେ ନିଜ ନିଜର ସ୍ୱାର୍ଥ ସାଧନ କରିବା ପାଇଁ ସରକାରଙ୍କ ଉପରେ ଚାପ ପକାନ୍ତି । ଯଥା : ଅମଲାତନ୍ତ୍ର ।

**୪) ସମାଜିକ ମୂଲ୍ୟବୋଧ ବିରୋଧୀ ଚାପଗୋଷ୍ଠୀ : (Anomic Groups)**

ଏହି ଗୋଷ୍ଠୀ କୌଣସି ନିର୍ଦ୍ଦିଷ୍ଟ ସାମାଜିକ ମୂଲ୍ୟବୋଧରେ ବିଶ୍ୱାସ ନ କରି ହିଂସାତ୍ମକ ପନ୍ଥାରେ ସେମାନଙ୍କର ସ୍ୱାର୍ଥ ସାଧନ ପାଇଁ କାର୍ଯ୍ୟ କରନ୍ତି । ଯଥା : ଉଲ୍‌ଫା (Ulfa), ଜାମ୍ମୁ-କାଶ୍ମୀର ଲିବରେସନ୍ ଫ୍ରଣ୍ଟ (JKLF) ।

ସେହିପରି ଚାପଗୋଷ୍ଠୀଗୁଡ଼ିକୁ ସେମାନଙ୍କର ଉଦ୍ଦେଶ୍ୟ ଅନୁସାରେ ମଧ୍ୟ ଦୁଇଭାଗରେ ବିଭକ୍ତ କରାଯାଇଅଛି । ଯଥା :-

**୧) ସ୍ୱାର୍ଥୀ ଗୋଷ୍ଠୀ ଏବଂ ୨) ଜନମଙ୍ଗଳକାରୀ ଗୋଷ୍ଠୀ ।**

ଯେଉଁ ଗୋଷ୍ଠୀଗୁଡ଼ିକ ଜନସାଧାରଣଙ୍କର ସ୍ୱାର୍ଥପ୍ରତି ଭ୍ରୂକ୍ଷେପ ନ କରି ନିଜର ସ୍ୱାର୍ଥ ଯେ କୌଣସି ପ୍ରକାରେ ହାସଲ କରିବା ପାଇଁ ଉଦ୍ୟମ କରନ୍ତି, ସେମାନଙ୍କୁ ସ୍ୱାର୍ଥୀଗୋଷ୍ଠୀ କୁହାଯାଏ ।

ଯେଉଁ ଗୋଷ୍ଠୀଗୁଡ଼ିକ ସର୍ବସାଧାରଣଙ୍କର ସ୍ୱାର୍ଥ ସାଧନ ପାଇଁ ପ୍ରୟାସ କରିଥାଆନ୍ତି, ସେଗୁଡ଼ିକୁ ଜନମଙ୍ଗଳକାରୀ ଗୋଷ୍ଠୀ କୁହାଯାଏ । ଉଦାହରଣ ଯଥା : ବସ୍ତିବାସିନ୍ଦା ଉନ୍ନୟନ ସଂଘ ।

ସେମାନଙ୍କର କାର୍ଯ୍ୟକାଳ ଅନୁସାରେ ଚାପଦାନକାରୀ ଗୋଷ୍ଠୀଗୁଡ଼ିକୁ ମଧ୍ୟ ଦୁଇ ଭାଗରେ ବିଭକ୍ତ କରାଯାଇଛି ; ଯଥା :-**ଦୀର୍ଘସ୍ଥାୟୀ ଗୋଷ୍ଠୀ ଓ କ୍ଷଣସ୍ଥାୟୀ ଗୋଷ୍ଠୀ ।** ଯେଉଁ ଗୋଷ୍ଠୀଗୁଡ଼ିକ ସେମାନଙ୍କର ଚିରସ୍ଥାୟୀ ସ୍ୱାର୍ଥ ସାଧନ ନିମିତ୍ତ ସଂଗଠିତ ହୋଇ କାର୍ଯ୍ୟ କରନ୍ତି, ସେଗୁଡ଼ିକୁ ଦୀର୍ଘସ୍ଥାୟୀ ଗୋଷ୍ଠୀ କୁହାଯାଏ । ଯଥା : ସର୍ବ ଭାରତୀୟ ଶିକ୍ଷକ ମହାସଂଘ ।

ଯେଉଁ ଚାପଦାନକାରୀ ଗୋଷ୍ଠୀଗୁଡ଼ିକ କ୍ଷଣିକ ସ୍ୱାର୍ଥ ହାସଲ ପାଇଁ ସଂଗଠିତ ହୋଇଥାଆନ୍ତି ଏବଂ ନିର୍ଦ୍ଦିଷ୍ଟ ସ୍ୱାର୍ଥ ସାଧିତ ହୋଇଗଲାପରେ ସେହି ଗୋଷ୍ଠୀଗୁଡ଼ିକର ବିଲୟ ଘଟେ, ସେଗୁଡ଼ିକୁ କ୍ଷଣସ୍ଥାୟୀ ଗୋଷ୍ଠୀ କୁହାଯାଏ । ଯଥା : "ମହାନଦୀ ବଞ୍ଚାଅ ସମିତି, "ନର୍ମଦା ବଞ୍ଚାଅ ସମିତି" ।

**ରାଜନୈତିକ ଦଳ ଓ ଚାପଦାନକାରୀ ଗୋଷ୍ଠୀ ମଧ୍ୟରେ ସମାନତା ଓ ବିଭିନ୍ନତା :**

ଉଭୟ ଚାପଦାନକାରୀ ଗୋଷ୍ଠୀ ଓ ରାଜନୈତିକ ଦଳ ଉଭୟ ନିଜ ନିଜ ସଦସ୍ୟମାନଙ୍କର ସ୍ୱାର୍ଥ ହାସଲ ପାଇଁ କାର୍ଯ୍ୟ କରିଥାଆନ୍ତି । ରାଜନୈତିକ ଦଳଗୁଡ଼ିକ ରାଜନୈତିକ ସ୍ୱାର୍ଥ ବା କ୍ଷମତା ହାସଲ କରିବା ପାଇଁ ଚେଷ୍ଟିତ ହେଉଥିବା ବେଳେ ଚାପଦାନକାରୀ ଗୋଷ୍ଠୀଗୁଡ଼ିକ ନିଜର ଅଣ-ରାଜନୈତିକ ସ୍ୱାର୍ଥ ହାସଲ କରିବା ପାଇଁ ଚେଷ୍ଟା କରନ୍ତି ।

୧) ରାଜନୈତିକ ଦଳଗୁଡ଼ିକ ଆକାରରେ ଚାପଦାନକାରୀ ଗୋଷ୍ଠୀଠାରୁ ବହୁତ ବଡ଼ । ରାଜନୈତିକ ଦଳଗୁଡ଼ିକର ସଭ୍ୟସଂଖ୍ୟା ମଧ୍ୟ ବହୁତ ବେଶୀ । ରାଜନୈତିକ ଦଳଗୁଡ଼ିକ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଗ୍ରହଣ କରିଥିବା ବେଳେ ଚାପଦାୟୀ ଗୋଷ୍ଠୀ କେବଳ ନିଜର ସ୍ୱାର୍ଥ ହାସଲ ପାଇଁ ସୀମିତ କାର୍ଯ୍ୟକ୍ରମ ଗ୍ରହଣ କରନ୍ତି ।

୨) ରାଜନୈତିକ ଦଳଗୁଡ଼ିକର ନିର୍ଦ୍ଦିଷ୍ଟ 'ଇସ୍ତାହାର' ଥାଏ । ଏହାର ସଭ୍ୟମାନଙ୍କୁ ବିଧିବଦ୍ଧ ଭାବରେ ପଞ୍ଜିକୃତ କରାଯାଇ ସେମାନଙ୍କୁ ନିର୍ଦ୍ଦିଷ୍ଟ ନିୟମମାନି ଚଳିବାକୁ କୁହାଯାଏ ଏବଂ ଯେଉଁ ସଭ୍ୟମାନେ ଏହାର ବ୍ୟତିକ୍ରମ କରନ୍ତି, ସେମାନଙ୍କୁ ଦଳରୁ ବହିଷ୍କାର କରାଯାଇଥାଏ । ରାଜନୈତିକ ଦଳଗୁଡ଼ିକର ନିର୍ଦ୍ଦିଷ୍ଟ ଦଳୀୟ ପତାକା, ଦଳୀୟ ସଂବିଧାନ ଓ ଦଳୀୟ ସଂକେତ ଥାଏ । ଅପର ପକ୍ଷରେ ଚାପଦାନକାରୀ ଗୋଷ୍ଠୀଗୁଡ଼ିକର ସଭ୍ୟସଂଖ୍ୟା ସୀମିତ । ସେମାନଙ୍କର ନିର୍ଦ୍ଦିଷ୍ଟ ପତାକା ବା ଚୟନ ପଦ୍ଧତି ନଥାଏ । ଚାପଦାନକାରୀ ଗୋଷ୍ଠୀଗୁଡ଼ିକ ବହୁ ସମୟରେ ପର୍ଦ୍ଦା ଅନ୍ତରାଳରେ ରହି କାର୍ଯ୍ୟ କରନ୍ତି ।

୩) ରାଜନୈତିକ ଦଳଗୁଡ଼ିକ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି କ୍ଷମତା ହାସଲ କରିବାପାଇଁ ସଦାବେଳେ ଚେଷ୍ଟା କରନ୍ତି । ସରକାର ଗଠନ ବା ସରକାରରେ ଅଂଶଗ୍ରହଣ କରିବା ସେମାନଙ୍କର ପ୍ରଧାନ ଉଦ୍ଦେଶ୍ୟ । ରାଜନୈତିକ ଦଳଗୁଡ଼ିକ ପଞ୍ଜିକୃତ ନ ହେଲେ, ନିର୍ବାଚନ ଲଢ଼ିପାରିବେ ନାହିଁ ।

ମାତ୍ର ଚାପଦାନକାରୀ ଗୋଷ୍ଠୀଗୁଡ଼ିକ ପ୍ରତ୍ୟକ୍ଷ ରାଜନୀତି ଠାରୁ ଦୂରେଇ ରହନ୍ତି । ସେମାନେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରନ୍ତି ନାହିଁ । କ୍ଷମତା ବଳୟରୁ ବାହାରେ ରହି ସରକାରୀ ନୀତିକୁ ପ୍ରଭାବିତ କରିବା ସେମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ।

୪) ଜଣେ ବ୍ୟକ୍ତି ଏକ ସମୟରେ କେବଳ ଗୋଟିଏ ରାଜନୈତିକ ଦଳରେ ସଭ୍ୟ ହୋଇଥାଏ । କିନ୍ତୁ ଜଣେ ବ୍ୟକ୍ତିର ବିଭିନ୍ନ ପ୍ରକାର ସ୍ୱାର୍ଥ ଥିବାରୁ ସେ ଏକ ସମୟରେ ଏକାଧିକ ଚାପଦାନକାରୀ ଗୋଷ୍ଠୀର ସଭ୍ୟ ହୋଇଥାଏ ।

ଭାରତରେ କାର୍ଯ୍ୟରତ କେତେକ ପ୍ରମୁଖ ଚାପଦାନକାରୀ ଗୋଷ୍ଠୀଗୁଡ଼ିକ ହେଲା;

ସର୍ବଭାରତୀୟ ଶ୍ରମିକ ସଂଘ, ସର୍ବଭାରତୀୟ ଶିକ୍ଷକ ମହାସଂଘ, ଓଡ଼ିଶା ଡାକ୍ତରୀ ସେବା ସଂଘ, ସରକାରୀ କଲେଜ ଶିକ୍ଷକ ସଂଘ ଓ ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ଇତ୍ୟାଦି ।

ସର୍ବଶେଷରେ ଚାପଦାନକାରୀ ଗୋଷ୍ଠୀଙ୍କର ଭୂମିକା ବିଶେଷଭାବେ ଗୁରୁତ୍ୱପୂର୍ଣ୍ଣ । ଚାପଦାନକାରୀ ଗୋଷ୍ଠୀଗୁଡ଼ିକ ବିଭିନ୍ନ ପ୍ରକାରର ପ୍ରତିବାଦମୂଳକ ମାଧ୍ୟମ, ଯଥା - ଧର୍ମଘଟ, ବନ୍ଦପାଳନ, ରାସ୍ତାରୋକୋ ଇତ୍ୟାଦି ଜରିଆରେ ସରକାରଙ୍କୁ ନିଜ ଦାୟିତ୍ୱ ସଂପାଦନ କରିବାକୁ ସଚେତନ କରାନ୍ତି ।

**ଆମେ କ'ଣ ଶିଖିଲେ :**

୧. ରାଜନୈତିକ ଦଳ ଗଣତାନ୍ତ୍ରିକ ବ୍ୟବସ୍ଥାର ଏକ ଅପରିହାର୍ଯ୍ୟ ଅଙ୍ଗ ।

୨. କେତେ ସମଭାବାପନ୍ନ ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ ଜାତୀୟ ସ୍ୱାର୍ଥ ସମ୍ପୃକ୍ତ ନୀତିର ରୂପାୟନ ପାଇଁ ସଂଗଠିତ ହୋଇ ନିର୍ବାଚନ ମାଧ୍ୟମରେ କ୍ଷମତା ହାସଲ କରିବା ପାଇଁ ଉଦ୍ୟମ କଲେ ଏହା ଏକ ରାଜନୈତିକ ଦଳର ରୂପ ନେଇଥାଏ ।

୩. ପ୍ରତି ରାଜନୈତିକ ଦଳର ସଂଗଠନ, ନିୟମାବଳୀ, ପତାକା ଓ ସଂକେତ ଆଦି ରହିଛି ।

୪. ରାଜନୈତିକ ଦଳ ଦୁଇ ପ୍ରକାର : ଜାତୀୟ ଓ ଆଞ୍ଚଳିକ ।

୫. ନିର୍ବାଚନ ଆୟୋଗ ରାଜନୈତିକ ଦଳମାନଙ୍କୁ ସ୍ୱୀକୃତି ପ୍ରଦାନ କରନ୍ତି ।

୬. ଚାପଗୋଷ୍ଠୀ ଏକ ଦଳଗତ ଗୋଷ୍ଠୀ ମାତ୍ର ଏମାନେ ନିଜର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ବା ସ୍ୱାର୍ଥ ସାଧନ ପାଇଁ ସରକାରଙ୍କ ଉପରେ ଚାପ ପକାଇ ଥାଆନ୍ତି ଏବଂ ଆନ୍ଦୋଳନାତ୍ମକ ଆଭିମୁଖ୍ୟ ଗ୍ରହଣ କରିଥାନ୍ତି ।

**ଜାଣିବା କଥା**

୧ । ଚାପଦାନକାରୀ ଗୋଷ୍ଠୀ ନିର୍ବାଚନରେ ଅଂଶଗ୍ରହଣ କରନ୍ତି ନାହିଁ ।

୨ । ଭାରତରେ ନିମ୍ନୋକ୍ତ ଚାପଦାନକାରୀ ଗୋଷ୍ଠୀ କାର୍ଯ୍ୟରତ ।

କ) ସର୍ବଭାରତୀୟ ଶ୍ରମିକ ସଂଘ

ଖ) ସର୍ବଭାରତୀୟ ଶିକ୍ଷକ ମହାସଂଘ

ଗ) ଓଡ଼ିଶା ଡାକ୍ତରୀ ସେବା ସଂଘ

ଘ) ସରକାରୀ କଲେଜ ଶିକ୍ଷକ ସଂଘ

ଙ) ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷକ ସଂଘ

## ପ୍ରଶ୍ନାବଳୀ

**୧) ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୬୦ଟି ଶବ୍ଦରେ ଲେଖ ।**

କ) ରାଜନୈତିକ ଦଳର ଲକ୍ଷଣଗୁଡ଼ିକ ବର୍ଣ୍ଣନା କର ।

ଖ) ଗଣତାନ୍ତ୍ରିକ ବ୍ୟବସ୍ଥାରେ ରାଜନୈତିକ ଦଳର ଭୂମିକା ଆଲୋଚନା କର ।

ଗ) ଚାପ ଦାନକାରୀ ଗୋଷ୍ଠୀର ଲକ୍ଷଣଗୁଡ଼ିକ ବୁଝାଇ ଲେଖ ।

ଘ) ଚାପ ଦାନକାରୀ ଗୋଷ୍ଠୀ କେତେ ପ୍ରକାରର, ତାହା ସଂକ୍ଷେପରେ ଲେଖ ।

**୨) ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୩୦ଟି ଶବ୍ଦରେ ଲେଖ ।**

କ) ରାଜନୈତିକ ଦଳ କାହାକୁ କୁହାଯାଏ ?

ଖ) ଜାତୀୟ ରାଜନୈତିକ ଦଳ କହିଲେ କ'ଣ ବୁଝ ? ଏହାର କେତୋଟି ଉଦାହରଣ ଦିଅ ।

ଗ) ଆଞ୍ଚଳିକ ରାଜନୈତିକ ଦଳ କହିଲେ କ'ଣ ବୁଝ ? ଏହାର କେତୋଟି ଉଦାହରଣ ଦିଅ ।

ଘ) ଚାପଦାୟୀ ଗୋଷ୍ଠୀ ମୁଖ୍ୟତଃ କେତେ ପ୍ରକାରର ?

**୩) ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ଲେଖାଏଁ ବାକ୍ୟରେ ଦିଅ ।**

କ) ଦୁଇଟି ଜାତୀୟ ରାଜନୈତିକ ଦଳର ନାମ ଲେଖ ।

ଖ) ଚାପଦାନକାରୀ ଗୋଷ୍ଠୀ ମୁଖ୍ୟତଃ କେଉଁ ପ୍ରକାର ମାଧ୍ୟମ ଅବଲମ୍ବନ କରି ସରକାରଙ୍କ ଉପରେ ଚାପ ପକାନ୍ତି ?

ଗ) ଭାରତରେ ରାଜନୈତିକ ଦଳଗୁଡ଼ିକୁ କେଉଁ ଅନୁଷ୍ଠାନ ସ୍ୱୀକୃତି ପ୍ରଦାନ କରେ ?

**୪) ରେଖାଙ୍କିତ ଅଂଶକୁ ପରିବର୍ତ୍ତନ ନ କରି ଭ୍ରମ ସଂଶୋଧନ କର ।**

କ) ଚାପଦାନକାରୀ ଗୋଷ୍ଠୀଙ୍କର ଗୋଟିଏ ଲେଖାଏଁ ପତାକା ଅଛି ।

ଖ) ଚାପଦାନକାରୀ ଗୋଷ୍ଠୀମାନେ ନିର୍ବାଚନରେ ଅଂଶ ଗ୍ରହଣ କରନ୍ତି ।

ଗ) ଭାରତରେ ଦ୍ୱି-ଦଳୀୟ ବ୍ୟବସ୍ଥା ଅଛି ।

ଘ) ସର୍ବଭାରତୀୟ ଶ୍ରମିକ ସଂଘ ଏକ ଆଞ୍ଚଳିକ ରାଜନୈତିକ ଦଳ ।

**୫ । ନିମ୍ନରେ ପ୍ରଦତ୍ତ ବିକଳ୍ପ ଗୁଡ଼ିକ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ ।**

(କ) ଇଂଲଣ୍ଡର କେଉଁ ଦଳୀୟ ବ୍ୟବସ୍ଥା ପ୍ରଚଳିତ ?
ଏକଦଳୀୟ, ଦ୍ୱିଦଳୀୟ, ବହୁଦଳୀୟ, ସର୍ବଦଳୀୟ

(ଖ) ଆମଦେଶରେ ନିମ୍ନୋକ୍ତ କେଉଁଟି ଏକ ଜାତୀୟ ଦଳ ?
ଭାରତୀୟ ଜାତୀୟ କଂଗ୍ରେସ, ବିଜେଡ଼ି, ତୃଣମୂଳ କଂଗ୍ରେସ, ବିଜେପି

(ଗ) ଏକଦଳୀୟ ବ୍ୟବସ୍ଥା ନିମ୍ନୋକ୍ତ କେଉଁ ଦେଶରେ ପ୍ରଚଳିତ ?
ପାକିସ୍ଥାନ, ଚୀନ୍, ଆମେରିକା, ଇଂଲଣ୍ଡ

❖ ❖ ❖

## ଅଧିକ ଜାଣିବା କଥା

| | | | |
|---|---|---|---|
| (୧) | ଭାରତର ପ୍ରଥମ ରାଷ୍ଟ୍ରପତି | – | ଡ. ରାଜେନ୍ଦ୍ର ପ୍ରସାଦ |
| (୨) | ଭାରତର ପ୍ରଥମ ଉପ-ରାଷ୍ଟ୍ରପତି | – | ଡ. ସର୍ବପଲ୍ଲୀ ରାଧାକୃଷ୍ଣନ୍ |
| (୩) | ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ | – | ପଣ୍ଡିତ ଜବାହାରଲାଲ ନେହେରୁ |
| (୪) | ଭାରତର ପ୍ରଥମ ମହିଳା ରାଷ୍ଟ୍ରପତି | – | ଶ୍ରୀମତୀ ପ୍ରତିଭା ଦେବୀସିଂହ ପାଟିଲ |
| (୫) | ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ | - | ଶ୍ରୀମତୀ ଇନ୍ଦିରା ଗାନ୍ଧୀ |
| (୬) | ଭାରତୀୟ ରାଜ୍ୟର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ | - | ଶ୍ରୀମତୀ ସୁଚେତା କ୍ରିପାଳିନୀ |
| (୭) | ଭାରତ ପ୍ରଦେଶର ପ୍ରଥମ ମହିଳା ରାଜ୍ୟପାଳ | - | ଶ୍ରୀମତୀ ସରୋଜିନୀ ନାଇଡୁ |
| (୮) | ସୁପ୍ରିମ୍‌କୋର୍ଟର ପ୍ରଥମ ପ୍ରଧାନ ବିଚାରପତି | - | ମାନ୍ୟବର ବିଚାରପତି ଶ୍ରୀ ଏଚ୍.ଏଲ୍. କାନିଆ |
| (୯) | ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ | - | ଶ୍ରୀମତୀ ନନ୍ଦିନୀ ଶତପଥି |
| (୧୦) | ଓଡ଼ିଶାର ପ୍ରଥମ ରାଜ୍ୟପାଳ | – | ସାର୍ ଜନ୍ ଅଷ୍ଟିନ୍ ହବାକ୍ |
| (୧୧) | ଲୋକସଭାର ପ୍ରଥମ ବାଚସ୍ପତି | – | ଶ୍ରୀଯୁକ୍ତ ଗଣେଶ ବାସୁଦେବ ମାଭଲଙ୍କର |
| (୧୨) | ଦେଶର ପ୍ରଥମ ସାଧାରଣ ନିର୍ବାଚନ(ଲୋକସଭା) | – | ୧୯୫୧-୫୨ |
| (୧୩) | ପ୍ରଥମ ଲୋକସଭାର ପ୍ରଥମ ଅଧିବେଶନ ତାରିଖ | - | ୧୩.୫.୧୯୫୨ |
| (୧୪) | ପ୍ରଥମ ରାଜ୍ୟସଭା ଗଠନ | - | ୪.୪.୧୯୫୨ |
| (୧୫) | ରାଜ୍ୟସଭାର ପ୍ରଥମ ବୈଠକ | - | ୧୩.୫.୧୯୫୨ |
| (୧୬) | ବର୍ତ୍ତମାନ ଲୋକସଭାରେ ଓଡ଼ିଶାର ସଭ୍ୟ ସଂଖ୍ୟା | - | ୨୧ |
| (୧୭) | ବର୍ତ୍ତମାନ ରାଜ୍ୟସଭାରେ ଓଡ଼ିଶାର ସଭ୍ୟ ସଂଖ୍ୟା | - | ୧୦ |

(୧୮) କେବଳ ଦିଲ୍ଲୀ (କେନ୍ଦ୍ରଶାସିତ ଅଞ୍ଚଳ) ପାଇଁ ଏକ ଉଚ୍ଚ ନ୍ୟାୟାଳୟ ଅଛି ।

(୧୯) ଗୋଆ, ମଣିପୁର, ମେଘାଳୟ, ନାଗାଲାଣ୍ଡ, ତ୍ରିପୁରା, ମିଜୋରାମ, ହରିୟାଣା, ଅରୁଣାଚଳ ପ୍ରଦେଶ ପାଇଁ ସ୍ୱତନ୍ତ୍ର ଉଚ୍ଚ ନ୍ୟାୟାଳୟ ନାହିଁ ।

(୨୦) ଲୋକସଭାର ଅଧକ୍ଷମଣ୍ଡଳୀ ବାଚସ୍ପତିଙ୍କ ଦ୍ୱାରା ମନୋନୀତ ହୋଇଥାନ୍ତି ।

(୨୧) କୌଣସି ସାଂସଦ ଏକ ସମୟରେ ଉଭୟ ଲୋକସଭା ଓ ରାଜ୍ୟସଭା ଏବଂ ରାଜ୍ୟ ବିଧାନମଣ୍ଡଳର ସଦସ୍ୟ ରହିପାରିବେ ନାହିଁ ।

(୨୨) ସଂସଦର ଦୈନିକ ଅଧିବେଶନର ୧ମ ଘଣ୍ଟାକୁ 'ପ୍ରଶ୍ନକାଳ' କୁହାଯାଏ । ଏହି ସମୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୁଏ ।

(୨୩) କେବଳ ୨ଟି କେନ୍ଦ୍ରଶାସିତ ଅଞ୍ଚଳ- ଦିଲ୍ଲୀ ଓ ପୁଡୁଚେରୀ ପାଇଁ ଉପ-ରାଜ୍ୟପାଳ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ହୋଇଥାନ୍ତି ।

(୨୪) ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ – ୧ ଅପ୍ରେଲ ୧୯୩୬

(୨୫) ୨୦୦୦ ମସିହାରେ ଝାଡ଼ଖଣ୍ଡ, ଉତ୍ତରାଖଣ୍ଡ ଓ ଛତିଶଗଡ଼ ପାଇଁ ନୂତନ ହାଇକୋର୍ଟ ପ୍ରତିଷ୍ଠା ହେବାଯୋଗୁଁ ହାଇକୋର୍ଟର ସଂଖ୍ୟା ୧୮ରୁ ୨୧କୁ ବୃଦ୍ଧିପାଇଛି ।

❖ ❖ ❖